# ଓଡ଼ିଆ ଭାଷା ଓ ସାହିତ୍ୟ

ନୀଳକଣ୍ଠ ଦାସ

Digitized by srujanika@gmail.com

# ଓଡ଼ିଆ ଭାଷା ଓ ସାହିତ୍ୟ

ଲେଖକ—

ନୀଳକଣ୍ଠ ଦାସ

ଦ୍ୱିତୀୟ ସଂସ୍କରଣ

୧୯୫୮

ପ୍ରକାଶକ—

ନ୍ୟୁ ଷ୍ଟୁଡେଣ୍ଟସ୍ ଷ୍ଟୋର୍ ପ୍ରାଃ ଲିଃ

ବ୍ରହ୍ମପୁର (ଗଞ୍ଜାମ) : ବିନୋଦବିହାରୀ, କଟକ-୨

ମୂଲ୍ୟ—ପାଞ୍ଚ ଟଙ୍କା

Digitized by srujanika@gmail.com

# ସୂଚୀ


| ବିଷୟ | ପୃଷ୍ଠାଙ୍କ |
|---|---|
| ଦ୍ୱିତୀୟ ସଂସ୍କରଣର ଭୂମିକା | (୧) |
| ପ୍ରଥମ ସଂସ୍କରଣର ଗ୍ରନ୍ଥ ପ୍ରବେଶ | (୬) |
| ୧ । ଓଡ଼ିଆ ବର୍ଣ୍ଣ ବିସ୍ତୃତିର ସଂକ୍ଷିପ୍ତ ସୂଚନା | ୧ |
| ୨ । ଭାଷାତତ୍ତ୍ୱ-ପ୍ରବେଶ | ୧୪ |
| ୩ । ଓଡ଼ିଆ ଛନ୍ଦର ଇତିହାସ | ୪୨ |
| ୪ । ଓଡ଼ିଆ କବିତା ତଥା ଛନ୍ଦର ପ୍ରଗତି | ୬୩ |
| ୫ । ଓଡ଼ିଆ ଛନ୍ଦ ଓ ଉପାନ୍ତ୍ୟ ମିଳନ | ୭୦ |
| ୬ । ଗଦ୍ୟ-କବିତା | ୭୫ |
| ୭ । କବିତାର ରୂପ ରସ | ୮୪ |
| ୮ । ଓଡ଼ିଆ ବର୍ଣ୍ଣ ଓ ଲିପି | ୯୧ |
| ୯ । ଓଡ଼ିଆ ଭାଷା ଓ ବ୍ୟାକରଣ | ୯୬ |
| ୧୦ । ଓଡ଼ିଆ ବ୍ୟାକରଣରେ କେତୋଟି ସମସ୍ୟା | ୧୦୦ |
| ୧୧ । ସାରଳା ଦାସ | ୧୦୬ |
| ୧୨ । ଲାବଣ୍ୟବତୀ | ୧୧୫ |
| ୧୩ । ଫକୀରମୋହନ ଓ ଓଡ଼ିଆ ଉପନ୍ୟାସ | ୧୫୦ |
| ୧୪ । ଫକୀରମୋହନଙ୍କ ଆଦର୍ଶବାଦ | ୧୮୧ |
| ୧୫ । ଫକୀରମୋହନ ଓ ଓଡ଼ିଆ ସାହିତ୍ୟ | ୧୮୬ |
| ୧୬ । ଓଡ଼ିଆ ସାହିତ୍ୟରେ ମଧୁସୂଦନ | ୨୦୮ |
| ୧୭ । ରାଧାନାଥ ଓ ଉତ୍କଳ ସାହିତ୍ୟ | ୨୩୩ |
| ୧୮ । ନନ୍ଦକିଶୋରଙ୍କ ମୌଳିକତା | ୨୬୬ |


Digitized by srujanika@gmail.com

# ଦ୍ୱିତୀୟ ସଂସ୍କରଣର ଭୂମିକା

ଏ ପୁସ୍ତକର ଦ୍ୱିତୀୟ ସଂସ୍କରଣ ବାହାରିବାର କାଳ ହୋଇଗଲା ବୋଲି ଶୁଣି ମତେ ବଡ଼ ସୁଖ ଲାଗିଲା । କିନ୍ତୁ ସାହିତ୍ୟର ଯେଉଁ ସାଧନାକୁ ସମ୍ମୁଖରେ ରଖି ମୁଁ ଏ ପୁସ୍ତକର ପ୍ରଥମ ସଂସ୍କରଣର ମୁଖବନ୍ଧ ଲେଖିଥିଲି, ସେ ଅବସ୍ଥା କେତେ ଦିନ ହେଲା ମୋର ନାହିଁ । ମୁଁ ଏବେ ଅନ୍ୟ ସାଧନାରେ ଲାଗିଛି । ତଥାପି, ସାହିତ୍ୟ ହେଉଛି ମୋର ନିତ୍ୟ ବସ୍ତୁରର ବସ୍ତୁ ।

ପୁସ୍ତକଟି ଭାଷା ଓ ସାହିତ୍ୟ । ବାକ୍ୟ, ପଦ, ଶବ୍ଦ, ବର୍ଣ୍ଣ ସମେତ ବ୍ୟାକରଣର ଆଲୋଚନା ହେଉଛି, ଭାଷାର ପ୍ରାଣ । ସେ ବିଷୟର ଆଲୋଚନା ସମ୍ବନ୍ଧରେ ପ୍ରଥମ ସଂସ୍କରଣ ଭୂମିକାରେ ମୁଁ କେତେକ କଥା କହିଛି । ମାତ୍ର ମୋର ଯେତେଦୂର ମନେ ହୁଏ, ଓଡ଼ିଆ ବ୍ୟାକରଣର ପାଠକ୍ରମରେ ଯଥାର୍ଥ ପୁରୋଦୃଷ୍ଟିପର ପ୍ରଗତି ଏବେ ବି ବିଶେଷ ହୋଇନାହିଁ । ବୈଜ୍ଞାନିକ ଭାବରେ ଓଡ଼ିଆ ବ୍ୟାକରଣର ଆଲୋଚନା ଶିକ୍ଷକ ଓ ଛାତ୍ରମାନଙ୍କ ଭିତରେ ଆରମ୍ଭ ହୋଇଥିବାର ଏବେ ବି କୌଣସି ସ୍ପଷ୍ଟ ଲକ୍ଷଣ ଦେଖାଯାଉ ନାହିଁ । ମୋ 'ଓଡ଼ିଆ ବ୍ୟାକରଣ' ପୁସ୍ତକ ଲେଖାର କେତେକାଳ ପରେ ଏ ମଧ୍ୟରେ ଦେଖିଥିଲି, ପଣ୍ଡିତ ବିନାୟକ ମିଶ୍ର ନୂତନ ବୈଜ୍ଞାନିକ ପଦ୍ଧତିରେ ପିଲାମାନଙ୍କ ପାଇଁ ଖଣ୍ଡିଏ ବ୍ୟାକରଣ ଲେଖିଥିଲେ । ସେଉଟି ମଧ୍ୟ ମନେ ହେଉଛି, ଅନାଦର ଓ ଅବହେଳାରେ ପଡ଼ିଯାଇଛି । ସେ ବିଷୟରେ ଶୀଘ୍ର ସୁଚିନ୍ତିତ ବିଜ୍ଞାନସମ୍ମତ ସ୍ପଷ୍ଟ ପ୍ରଚେଷ୍ଟା ଫୁଟିବା ଦରକାର ।

ତା'ପରେ ସାହିତ୍ୟ କଥା । ଏ ଦିଗରେ ଗୁରୁଆଡ଼େ 'ଦେଖାପଡ଼ିବା ଭଳି ପ୍ରଚେଷ୍ଟାର ଲକ୍ଷଣମାନ ପ୍ରକାଶ ପାଉଛି ବୋଲି ମନେହେଉଛି । ଏ ସ୍ୱାଧୀନତାର ଯୁଗରେ ସେଥିପାଇଁ ପୁଷ୍କଳ ଉଦ୍ୟମ ମଧ୍ୟ ହେଉଛି । ରଚନାମୂଳକ ସାହିତ୍ୟ ବୋଲି ଗୀତ, ଗଳ୍ପ, ଉପନ୍ୟାସ ପ୍ରଭୃତି ଆଡ଼କୁ କଳ୍ପନା ଓ ଉଦ୍ୟମ ହୁଏତ ଖୁବ୍ ଗୁରୁତ୍ୱ । ମାତ୍ର ବୁଝିବାର ଅଛି ଏପରି ରଚନାତ୍ମକ

Digitized by srujanika@gmail.com

ସାହିତ୍ୟ ଗୋଟିଏ ସାମାନ୍ୟ ଜିନିଷ ନୁହେ । ଏହା ବରଂ ଅସାମାନ୍ୟ । ଏଥିରେ ଯଥାର୍ଥତଃ କବିତ୍ୱର ଦିବ୍ୟ ଦୃଷ୍ଟି (Vision) ଦରକାର । ପୁଣି ସାହିତ୍ୟ ଆଜି ସଭ୍ୟ ମାନବର ନୂଆ ଜିନିଷ ନୁହେ । ଏହାର ପ୍ରତ୍ୟେକ ରଚନାତ୍ମକତାରେ ଇତିହାସର ଆଲୋଚନା ଓ ବିଷୟର ଗବେଷଣା, ମୂଳଦୁଆ ରୂପେ ନ ରହିଲେ ଏ ରଚନାର ସୌଧ ହଠାତ୍ ଉଠିବା ଏଡ଼େ ସହଜ ନୁହେଁ; ପୁଣି ଏହା ସଙ୍ଗତ ବି ନୁହେ । ଏଇ ମୂଳଦୁଆ ନ ଥିଲେ ହୁଏତ ଏ ସବୁ ରଚନାତ୍ମକତା, ଆହରଣ ପରିବର୍ତ୍ତରେ କେବଳ ଅନୁକରଣରେ ପର୍ଯ୍ୟବସିତ ହୁଏ । ପୁଣି ଏଥିରେ ମୌଳିକତାର ଆକାଂକ୍ଷା ଓ ଅପେକ୍ଷାରେ ମଧ୍ୟ ନାନା ଅଯଥା, ଅହଂଭାବ, ଦୁର୍ଭାବନା ତଥା ଆବିଲତା ପଶିଯାଏ; ନାନାପ୍ରକାର ଇଂଦ୍ରିୟ ସମ୍ଭୋଗର ସ୍ୱାଦ୍ୟତା, ଏଥିରେ ସଙ୍କେତ ତଥା ବର୍ଣ୍ଣନାରେ ଫୁଟାଇ ଅଯଥା ଲୋକରୁଚିକୁ ଆକର୍ଷଣ କରିବାର ଉଦ୍ୟମ ମଧ୍ୟ କରାଯାଏ । ଏ ସବୁ ବନ୍ଦ କରିବା ପାଇଁ ସାହିତ୍ୟରେ ମୁଖ୍ୟ ଗଠନମୂଳକ କର୍ମ ହେଉଚି, ଇତିହାସ ଓ ଅଂତର୍ଦୃଷ୍ଟିରେ ସାହିତ୍ୟର ଆଲୋଚନା ଓ ସମାଲୋଚନା ।

ଭାରତ ସ୍ୱାଧୀନତା ପରେ ଭାରତୀୟ ସାହିତ୍ୟ ସଙ୍ଗେ ସଙ୍ଗେ ଆଂଚଳିକ ସାହିତ୍ୟମାନଂକର ଉନ୍ନତି ଓ ପ୍ରଗତି ପାଇଁ ନାନା ଉଦ୍ୟମ ଚାଲିଚି । ଓଡ଼ିଆ ସାହିତ୍ୟରେ ମଧ୍ୟ ଏଇ ଉଦ୍ୟମର ଆଭାସ ଦେଖା ନ ଯାଉଚି, ନୁହେ । କିଂତୁ ମୁଁ ଯେଉଁ ସମାଲୋଚନା ସାହିତ୍ୟର କଥା କହୁଚି, ତାହାର ପ୍ରକାର ଓ ପ୍ରକୃତିରେ ସଫଳ ପ୍ରଯତ୍ନର ଧାରା ଫୁଟିବା ଦରକାର ।

ପୁଣି କେବଳ ଗୁଡ଼ାଏ ହେଲେ ପ୍ରଗତି ବା ଶ୍ରୀବୃଦ୍ଧି ହେଲା ବୋଲି କହିହେବ ନାଇ । ପରିସର ସଙ୍ଗେ ଗଭୀରତା ପ୍ରତି ଦୃଷ୍ଟି ଦେବାକୁ ହେବ । ପରିସର ଖୁବ୍ ନ ବଢ଼ିପାରେ, ଅର୍ଥାତ୍ ଗୁଡ଼ାଏ ଲେଖା ନ ହୋଇପାରେ; କିଂତୁ ଲେଖାରେ ଆଲୋଚନାର ଯଥାର୍ଥତା ଓ ସେଇ ଆଲୋଚନା ଫଳରେ ଭିନ୍ନ ଭିନ୍ନ ଦୃଷ୍ଟିଭଂଗୀର ନିୟମିତତା ଓ ସମୀଚୀନତା ଫୁଟିବା ଦରକାର ।

ପ୍ରସଙ୍ଗତଃ ମୋର ସାହିତ୍ୟ ସମାଲୋଚନା କଥା ମଧ୍ୟ ଏଠାରେ ଏଇ ଦ୍ୱିତୀୟ ସଂସ୍କରଣ ବେଳେ, ଆଉ କିଛିଏ କହିଦିଏ । ଏ ମଧ୍ୟରେ ସାରଳାଦାସ

Digitized by srujanika@gmail.com

ତଥା ଉପେନ୍ଦ୍ରଭଞ୍ଜ—ଏ ଦୁହିଁଙ୍କ ବିଷୟରେ ମୁଁ ଖୁବ୍ ଲେଖିଛି । ସେ ଦୁଇଟି ବିଭାବ, ଏ ପୁସ୍ତକରେ ଥିବା ମୋ ସାହିତ୍ୟ ଆଲୋଚନାରେ ପ୍ରକାଶିତ ହୋଇନାହିଁ ।

ଆଗ ସାରଳା ଦାସଙ୍କ କଥା କହେ । ସାରଳା ଦାସଙ୍କ ଲେଖାର ପ୍ରକୃତି, ଦେଖି ବାଛି ବାହାର କରିବା ଆଜି ଦୁଃସାଧ୍ୟ କାହିଁକି, ଅସାଧ୍ୟ ବୋଲି କହିଲେ ହୁଏ । ଥରେ ସଭାରେ ପ୍ରବୀଣ ସାହିତ୍ୟିକ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କୁ ପଚାରିଥିଲି, "ଆପଣ ସାରଳା ମହାଭାରତର ଯେଉଁ ପ୍ରାଚୀନତମ ତାଳପତ୍ର ପୋଥି ପାଇଛନ୍ତି, ତାହା କେଉଁ କାଳର ?" ସେ କହିଲେ, "ଅଢ଼େଇ ଶହ ବର୍ଷର" । ମୁଁ କହିଥିଲି, "ଏହା ଯଥେଷ୍ଟ ନୁହେ" । ସାରଳା ଦାସଙ୍କ ସମୟ ଯେତେ ବିବାଦର ବସ୍ତୁ ହେଉ ନା କାହିଁ, ସେ ଆଜକୁ ପାଞ୍ଚଶହ ବର୍ଷରୁ କମ୍ ର ନୁହନ୍ତି ।

ଆମ ଦେଶରେ ଯେଉଁ ଖେଦାରୁ ଖେଦା ଉତାରିବା ଓ ଖେଦା ବିକିବା ଏହି ଶତାବ୍ଦୀର ପ୍ରଥମ ପାଦ ପର୍ଯ୍ୟନ୍ତ ଚଳି ଆସୁଥିଲା, ତହିଁରେ ବରାବର ଲେଖା ହେଉଥିଲା :—

> "ଶୁଦ୍ଧ ଅଶୁଦ୍ଧ ପୁରାଇ ଗାଇବ,
> ଲେଖକ କାରର ଦୋଷ ନ ଧରିବ ।"

ଯଥାର୍ଥରେ ଲେଖକକାରଙ୍କ ନାନାପ୍ରକାର ଦୋଷ ସେଥିରେ ପୂରି ରହିଥିଲା । ଏପରିକି ମୋ 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ପୁସ୍ତକରେ ଥିବା 'ସାରଳା ମହାଭାରତ'ର ଯେଉଁ 'ଝଲ୍ଲକାର-ଚରିତ' ଓ 'ସିନ୍ଧିକାଠି' ପ୍ରଭୃତିର ବର୍ଣ୍ଣନା ମୁଁ ଦେଇଛି, ତାହା ପାଠକମାନେ ଦେଖି ପାରନ୍ତି । ସେଥିରେ ଝଲ୍ଲକାରର ଜନ୍ମ ପ୍ରସଙ୍ଗରେ 'କୃଷ୍ଣଙ୍କ ଦୂତୀ ହରଣ' ତଥା ତହିଁସଙ୍ଗେ ଯେପରି ସହଜିଆ ବୈଷ୍ଣବଙ୍କ ପରକୀୟା ରତିର ବିକଟ ବର୍ଣ୍ଣନା ଦିଆ ହୋଇଛି, ତାହା କଦାପି ସାରଳା ଦାସଙ୍କର ହୋଇ ନ ପାରେ । ପୁଣି ଭୀଷ୍ମ, ମହିଷାସୁର ତଥା ସହସ୍ରାର୍ଜୁନର ମୃତ୍ୟୁ ବର୍ଣ୍ଣନାରେ, ସାରଳା ଦାସ, ସ୍ୱାଦ୍ୟ ପ୍ରଜନନ କ୍ରିୟାରେ ନାରୀର ଯେ ଅଦ୍ଭୁତ କରଣୀ ଓ ମହତ୍ତ୍ୱ ଦେଖାଇଛନ୍ତି, ତାହାର ଏକା ଭରତ

Digitized by srujanika@gmail.com

ସାହିତ୍ୟରେ କାହିଁକି, ବିଶ୍ୱ ସାହିତ୍ୟରେ ମଧ୍ୟ ପଟାନ୍ତର ନାହିଁ । ଏଇପରି ସୂକ୍ଷ୍ମାତିସୂକ୍ଷ୍ମ ବିଚାର କରି ନ ଦେଖିଲେ, ଯେତେ ପୁରୁଣା ହେଉ ପଛକେ, ତାଳପତ୍ର ପୋଥି ପଢ଼ି ଆଜି ସାରଳା ଦାସଙ୍କୁ ବାରହେବ ନାହିଁ । ମୁଁ ତାହା 'ଓଡ଼ିଆ ସାହିତ୍ୟର କ୍ରମପରିଣାମ—୧ମ ଭାଗ' ତଥା ମୋର ଅନ୍ୟାନ୍ୟ ସାରଳାଦାସସମ୍ବଳିତ ପ୍ରବନ୍ଧମାନଙ୍କରେ କେତେକ ଦେଖାଇବାକୁ ଚେଷ୍ଟା କରିଛି । ଆଶା କରାଯାଏ ପଣ୍ଡିତମାନେ ଏହିବାଟ ଧରି କ୍ରମେ କୃତକାର୍ଯ୍ୟ ହେବେ ।

ସେ ଯାହାହେଉ, ସାରଳାଦାସରେ ଏଇ ସବୁ ଯେଉଁ ପ୍ରାଚୀନ ଓଡ଼ିଆତ୍ୱର ସଙ୍କେତ ରହିଛି, ସେ ହେଉଛି, ସାରଳାଦାସଙ୍କ କାଳର ଏକ ଉଦ୍‌ବୋଧର ପ୍ରକାଶ । ହେଲେହେଁ, ପ୍ରାଚୀନ ଓ ଯଥାର୍ଥ ଓଡ଼ିଆ ପ୍ରାଣ ଓ ଓଡ଼ିଆ ସାହିତ୍ୟ ସେଇଠାରେ, ଶାକ୍ୟମୁନି ବୁଦ୍ଧଙ୍କ ଆବିର୍ଭାବରେ ଜୈନଧର୍ମର ରଞ୍ଜନ ସାଧନ ସଂସ୍କାର, ଉଦ୍‌ବୋଧରେ ସରିଗଲା ପରି, ସରିଯାଇଛି ।

ସେଇ ସଭାରେ ପୁଣି ମୁଁ କହିଥିଲି, ଅନେକ କହନ୍ତି ସାରଳା ଦାସ ଅପଠିତ ଥିଲେ । କାହିଁକିନା, ତାଙ୍କର ଭାଷା ଅସଂସ୍କୃତ ଓ ଭାବ ମଧ୍ୟ ବିଶୃଙ୍ଖଳ । ମୁଁ କହିଥିଲି, ଏ ସବୁ ଏ କାଳ ତପମାରେ ସେ କାଳ ଦେଖିବା କଥା । ସେ କାଳର ଭାଷା, ସେଇ ଓଡ଼ିଆରୁ ବାହାରି ଆସୁଥିଲା, ଯେଉଁ ଓଡ଼ିଆ ବା ଉଡ୍‌ଡ଼ୀୟାନର ଭାଷାକୁ ପୂର୍ବବିହାର, ବଙ୍ଗ, ନେପାଳ ପ୍ରଭୃତିର ବଜ୍ରଯାନୀ ଓ ସହଜଯାନୀମାନେ ଧର୍ମଭାଷା ବୋଲି ଅନୁକରଣ କରୁଥିଲେ । ବଙ୍ଗଳାର ସ୍ୱର୍ଗତ ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀଙ୍କ ପ୍ରକାଶିତ ନେପାଳରୁ ପ୍ରାପ୍ତ 'ବୌଦ୍ଧ ଗାନ ଓ ଦୋହାଁ'ର ଭାଷା ହେଉଛି, ସେଇ ଉଡ୍‌ଡ଼ୀୟାନ ଭାଷାର ଅନୁକୃତି । ସେତେବେଳେ ସେ କାଳର ଉଡ୍‌ଡ଼ୀୟାନ ଭାଷା (ବା ଓଡ୍ରମାନଙ୍କ ଅଧ୍ୟୁଷିତ ଓଡ଼ିଶାଭୂମିର ଭାଷା) ପୂର୍ବଭାରତରେ ବୌଦ୍ଧମାନଙ୍କ ଆଶ୍ରିତ ଭାଷା ଥିଲା । ଏଇପରି ପ୍ରାଚୀନ କାଳରେ କୌଣସି କୌଣସି ନିର୍ଦ୍ଦିଷ୍ଟ ଭାଷାକୁ ଧରି ଗୋଟିଏ ଗୋଟିଏ ଧର୍ମ ଫୁଟୁଥିଲା ।

ଏଇ ବଜ୍ରଯାନ ଓ ସହଜଯାନରୁ ବାହାରିଥିଲା, ସହଜିଆ ବା ଏବ କାଳର ଗୌଡ଼ୀୟ ବୈଷ୍ଣବ ଧର୍ମ । ଅ ବୈଷ୍ଣବଙ୍କ ଉପାସିତ ଉଡ୍‌ଡ଼ୀୟାନ ଭାଷା

Digitized by srujanika@gmail.com

ଗ୍ରାଡ଼ ସହଜିଆ ବା ବୈଷ୍ଣବଙ୍କ ଭାଷା ହୋଇଥିଲା 'ବ୍ରଜବୋଲି' ବା ବୃନ୍ଦାବନର ଭାଷା । ତା' ପରେ ଚୈତନ୍ୟଙ୍କ ଠାରୁ ତାଙ୍କ ଶିଷ୍ୟମାନେ ନବଦ୍ୱୀପର ଭାଷାକୁ ଗୌଡ଼ୀୟ ବୈଷ୍ଣବଙ୍କ ଧର୍ମଭାଷା କରି ସବୁଆଡ଼େ ପ୍ରଚାର କରିଥିଲେ, ଯେପରିକି ଏ କାଳର ବ୍ରାହ୍ମ ତଥା ରାମକୃଷ୍ଣୀୟମାନେ କଲିକତା ଭାଷାକୁ ନିଜ ଧର୍ମଭାଷା ରୂପେ ପ୍ରଚାର କରୁଛନ୍ତି । ତେଣୁ କହେ, ସାରଳା ଦାସଙ୍କ ଆଲୋଚନା ବେଳେ, ଏବ ଭାଷା ସଙ୍ଗେ ସାରଳା ଦାସଙ୍କ ଭାଷାକୁ କଚ୍ଛରେ ମାପି ଦେଖି ବସିଲେ ବହୁତ ଭ୍ରାନ୍ତିର କାରଣ ଅଛି । ବସ୍ତୁତଃ ସାରଳା ଦାସ ଥିଲେ, ମହାମନୀଷୀ । ଭାଷାରେ ତାଙ୍କର ଦଖଲ ଥିଲା, ଅସାଧାରଣ । ବିଚକ୍ଷଣତା ଓ ପାଣ୍ଡିତ୍ୟରେ ତାଙ୍କ ଭଳି ଲୋକ, ଲିଖିତ ଓଡ଼ିଆସାହିତ୍ୟ ଦେଖିଲେ ବୁଝାଯାଏ, ଆଉ ନାହାନ୍ତି ।

ତା' ପରେ ଉପେନ୍ଦ୍ର ଭଞ୍ଜଙ୍କ କଥା । ବୈଷ୍ଣବଧର୍ମ ଯେତେବେଳେ ସେ କାଳ ତାମିଲ ଗୌଡ଼ଗୌଡ଼ୁଣୀଙ୍କ ନାଚରୁ ବାହାରିଥିବା ସେ କାଳ ରାସକ୍ରୀଡ଼ାରେ ପ୍ରଭାବିତ ନିମ୍ବାର୍କଙ୍କ ଆଦ୍ୟ-ମାଧ୍ୟମରେ ବୃନ୍ଦାବନରୁ ରାଧାକୃଷ୍ଣଙ୍କ ଲୀଳା ରୂପରେ ଜୀଭତ୍ସ ପ୍ରାକୃତ ଯୌନକ୍ରିୟା ଓ ଯୌନବିଳାସକୁ ପୂର୍ବଭାରତରେ କୃଷ୍ଣଙ୍କ ଧର୍ମ ବୋଲି ପ୍ରଚାର କଲା, ସେତିକିବେଳେ ଭାରତର ପଶ୍ଚିମଭାଗରେ, ଅର୍ଥାତ୍, ଉତ୍ତରପ୍ରଦେଶ ସମେତ ମହାରାଷ୍ଟ୍ର ପ୍ରଭୃତିରେ ଉଠିଥିଲା, ସୀତା ରାମଙ୍କ ଯୌନ-ସଂଯମ-ସଂବଳିତ ଅନ୍ୟପ୍ରକାର ସେଇ ବୈଷ୍ଣବ ଧର୍ମ । ଭାରତ ଇତିହାସରେ ଏଇ ଦୁଇଟି ବୈଷ୍ଣବ ଧର୍ମର ସାଂସ୍କୃତିକ ବିରୋଧ କ୍ରମେ ବଡ଼ ପ୍ରକଟିତ ହୋଇ ପଡ଼ିଥିଲା । ଆମର ଓଡ଼ିଶା ମଧ୍ୟ ସେଥିରେ ଦୁଇଭାଗ ।· ଏକଦିଗରେ ନବଦ୍ୱୀପ ତଥା ବଙ୍ଗରୁ ସିଧାସଳଖ ଉପକୂଳ ଭୂମିବାଟେ ପଶିଥିଲା, ଗୌଡ଼ୀୟ ବୈଷ୍ଣବ ଧର୍ମ ଓ ତହିଁ ସଂଗେ ବାବାଜିମାତାଙ୍କ ସ୍ୱଚ୍ଛନ୍ଦ ବିହାର ଓ ତଥାକଥିତ 'ଅପ୍ରାକୃତ' ପ୍ରେମଲୀଳା; ଅନ୍ୟ ଦିଗରେ ପୁରୀ ତଥା ଗଡ଼ଜାତକୁ ଧରି ଉଠିଥିଲା, ସୀତାରାମଙ୍କ ଧର୍ମ । ଉପେନ୍ଦ୍ରଭଞ୍ଜ ସେଇ ବିରୋଧର ତଥା ସେଇ ସୀତାରାମ ବୈଷ୍ଣବ ଧର୍ମର ପ୍ରତୀକ । ଏବେ ମଧ୍ୟ ପୁରୀ, ଘୁମୁସର ପ୍ରଭୃତି ଗଡ଼ଜାତ ଅଂଚଳରେ ମୁର୍ଦ୍ଦାରକୁ ଶ୍ମଶାନକୁ ନେଲାବେଳେ ଲୋକେ କହନ୍ତି, 'ରାମ

Digitized by srujanika@gmail.com

ନାମ ସତ୍ୟ ହେ'—ଅଥଚ ଯାଜପୁର ଠାରୁ ଉତ୍ତରକୁ କହନ୍ତି, 'ହରି ବୋଲ, ବୋଲ ହରି' । ଉପେନ୍ଦ୍ର ଭଞ୍ଜଙ୍କୁ ଏଇ ଦିବ୍ୟ ଦୃଷ୍ଟିରେ ଦେଖିବାକୁ ହେବ । ଏହାର ଆରମ୍ଭ 'ଓଡ଼ିଆ ସାହିତ୍ୟର କ୍ରମପରିଣାମ—ଦ୍ୱିତୀୟ ସ୍ତର'ରେ ତଥା ଅନ୍ୟତ୍ର କରିଛି । ଏଠି ତାହାର ଅବକାଶ ନାଇଁ ।

ତା' ପରେ ଫକୀରମୋହନ ଓ ତାଙ୍କ ପରବର୍ତ୍ତୀ ନନ୍ଦକିଶୋରଙ୍କ ଠାକୁ ଆସିବାକୁ ହେଲେ, ରାଧାନାଥ ଓ ମଧୁସୂଦନ । ତାଙ୍କ କଥା ପ୍ରସଙ୍ଗକ୍ରମେ ଅନେକ ସ୍ଥଳରେ ବହୁତ କହିଛି । ମୋର ସ୍ପଷ୍ଟ ମତ, ସେ ଦୁହେଁ ଯେପରି ଭାବରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ବ୍ୟବହାର କରୁଥିଲେ, ସେପରି ନକରି ଥିଲେ, ଓଡ଼ିଆସାହିତ୍ୟ ଆଜି ଅନ୍ୟରୂପରେ, ମୋର ମନେହୁଏ, ସ୍ୱାଧୀନ ରୂପରେ, ଆତ୍ମବିକାଶରେ ପ୍ରକାଶିତ ହୋଇ ଥାନ୍ତା । ଏଠାରେ ଆଉ ବିଶେଷ କହିବା ଦରକାର ନାଇଁ । ଏଥର ନୂଆ ହୋଇ ଦିଆ ଯାଇଥିବା ଫକୀରମୋହନ ଓ ନନ୍ଦକିଶୋରଙ୍କ ସମ୍ବନ୍ଧୀୟ ଶେଷ ପ୍ରବନ୍ଧ ଦୁଇଟିରେ ମଧ୍ୟ ଏହାର ସଙ୍କେତ ସ୍ପଷ୍ଟ ଅଛି ।

'ଓଡ଼ିଆ ସାହିତ୍ୟରେ ଫକୀରମୋହନ' ଶୀର୍ଷକ ପ୍ରବନ୍ଧରେ ଏହାର କେତେକ ସ୍ପଷ୍ଟ ସୂଚନା ମୁଁ ଦେଇଛି ଓ ସେଇ ସୂତ୍ରରେ ତାଙ୍କର ମୌଳିକତା ଓ ମନୀଷା ପ୍ରତି ଲକ୍ଷ୍ୟ କରିଛି ।

ଅନ୍ୟତର ମୌଳିକ କବି ହେଉଚନ୍ତି, ନନ୍ଦକିଶୋର । ଆଉ ଏ ବିଷୟ ବିଶେଷ ବୁଝାଇ କହିବା ଦରକାର ନାଇଁ । ପାଠକମାତ୍ରେ ଏସବୁର ସମୀକ୍ଷକ ଓ ସାକ୍ଷୀ ।

ନଉ କାପିଟାଲ୍,
ଭୁବନେଶ୍ୱର
୧୭-୯-୫୮

ଶୁଭମସ୍ତୁ
ନୀଳକଣ୍ଠ ଦାସ

Digitized by srujanika@gmail.com

# ପ୍ରଥମ ସଂସ୍କରଣର ଗ୍ରଂଥ-ପ୍ରବେଶ

## ଏ ପୁସ୍ତକର ବିଷୟ—

ଏ ପୁସ୍ତକରେ ଭିନ୍ନ ଭିନ୍ନ ସମୟରେ ପ୍ରକାଶିତ ହୋଇଥିବା କେତେ-ଗୁଡ଼ିଏ ପ୍ରବଂଧ ସଂଗୃହୀତ ହୋଇଅଛି । ସେଥିରୁ ପ୍ରଥମ ଦଶୋଟି ପ୍ରବଂଧ ହେଉଚି, ଓଡ଼ିଆ ବର୍ଣ୍ଣ, ଭାଷା, ଲିପି ଓ ଛଂଦ ବିଷୟରେ—ବାକି ଶେଷ ଛଅଟି ହେଉଚି, ସାରଳା ଦାସ, ଉପେଂଦ୍ରଭଂଜ, ରାଧାନାଥ, ମଧୁସୂଦନ ଓ ଫକୀରମୋହନଂକ ଲିଖିତ ସାହିତ୍ୟ ଘେନି ।

## ଭାଷା ବିଚାର—

ଭାଷା, ଛଂଦ, ବର୍ଣ୍ଣ ଓ ଲିପି ବିଷୟରେ ଏଠାରେ ଅଧିକ କହିହେବ ନାଇ—କହିବା ମଧ୍ୟ ଦରକାର ମନେ କରୁ ନାଇ । ସେସବୁର ବିଚାର ଓଡ଼ିଆରେ ପ୍ରାପ୍ତ ହୋଇନାଇ । ଭାରତର ଅନ୍ୟାନ୍ୟ ଦେଶୀ ଭାଷାରେ ମଧ୍ୟ ଏବେ ବିଶେଷ ହୋଇଚି କି ନା ସଂଦେହ । ପାଣିନି ବ୍ୟାକରଣକୁ ଧରି ଇଉରୋପୀୟ-ମାନେ ଗତ ଶତାବ୍ଦୀରେ ଏ ବିଷୟରେ ଯେଉଁ ସ୍ୱରପରିଣାମ ସଂବଳିତ ଆଲୋଚନା ଆରଂଭ କରିଥିଲେ; ପୁଣି ତାହିଁ ସାଂଗକୁ ବରରୁଚିଂକଠାରୁ ମାର୍କଂଡ଼େୟକବୀଂଦ୍ରଂକ ପର୍ଯ୍ୟଂତ ବୈୟାକରଣମାନେ ପ୍ରାକୃତର ବର୍ଣ୍ଣପରିଣାମ ଘେନି ଯେଉଁ ଧାତ୍ୱାଦେଶର ପରଂପରା ବିଚାର କରୁଥିଲେ, ସେ ସବୁର ଭୂୟୋ ବିକାଶ ବିଶେଷ ହୋଇ ନାଇ । ତେଣୁ ଏଠାରେ ସୂଚନାରେ ତାହାସବୁ ବୁଝାଇ କହିଦେବା ଦୁଷ୍କର ହେବ ।

## ଏବର ଓଡ଼ିଆ ବ୍ୟାକରଣ—

ଓଡ଼ିଆ ବ୍ୟାକରଣରେ ପୁଣି ପାଦ୍ରୀମାନେ ଗତ ଶତାବ୍ଦୀ ଶେଷ ଆଡ଼କୁ ଇଂରେଜି ବ୍ୟାକରଣ ଢାଞ୍ଚରେ ଦେଶୀ ଭାଷାମାନଂକରେ—ତଥା ଓଡ଼ିଆରେ—ଯେଉଁ ବ୍ୟାକରଣ ଲେଖା ଓ ଚର୍ଚ୍ଚା ଆରଂଭ କରିଥିଲେ ତାହା

Digitized by srujanika@gmail.com

ଓଡ଼ିଆରେ ନମାଇବଲ୍ଲଭ ଭଟ୍ଟାଚାର୍ଯ୍ୟଙ୍କ 'ସର୍ବସାର ବ୍ୟାକରଣ'ଠାରୁ ରାଧାନାଥ ରାୟଙ୍କ 'ବ୍ୟାକରଣ ପ୍ରବେଶ' ବାଟେ ଆଜିର ସ୍କୁଲପାଠ୍ୟ ବ୍ୟାକରଣମାନଙ୍କ ପର୍ଯ୍ୟନ୍ତ ପ୍ରାୟଶଃ ଅବିକଳ ରହିଅଛି । ବରଂ ମାର୍ଶମାନ୍ (Marshman) ଓ କେରିଂ (Carey)ଙ୍କ ପରି ଇଉରୋପୀୟ ମିଶନାରୀମାନେ ନିଜ ବ୍ୟାକରଣରେ ଟିକିଏ ଯାହା ଓଡ଼ିଆତ୍ୱ ଦେଇଥିଲେ ତାହା ଲୋପ ପାଇ ପୂରାପୂରି ସଂସ୍କୃତ ପଦଶବ୍ଦାଦିର ବିଭକ୍ତି ଓ ପ୍ରତ୍ୟୟ ଯୋଗ ପ୍ରଭୃତିର ଅନୁକରଣରେ ଆମ ବ୍ୟାକରଣ ଏବେ ପ୍ରାୟଶଃ ଦୃଢ଼ଶୃଙ୍ଖଳାବଦ୍ଧ ଓ ଗତାନୁଗତିକ ହୋଇ ପଡ଼ିଛି ।

## ମୋ କଳ୍ପିତ ଓ ଲିଖିତ ବ୍ୟାକରଣ—

ମୁଁ ନିଜେ ଏ ଶୃଙ୍ଖଳା ଛିଣ୍ଡାଇ ସଂସ୍କୃତରୁ ଯଥାସମ୍ଭବ ମୁକ୍ତ ଓଡ଼ିଆ ବ୍ୟାକରଣର ଆଲୋଚନା ୧୯୨୧ ଶେଷକୁ ସତ୍ୟବାଦୀ ଜାତୀୟ ବିଦ୍ୟାଳୟ (କଲେଜ) ର ଅଧ୍ୟାପକ ଥିବା ଅବସ୍ଥାରେ ଆରମ୍ଭ କରିଥିଲି । ତାହାର କଳ୍ପନା ଥିଲି ଛଅଟି ଭାଗରେ ସମସ୍ତ ଓଡ଼ିଆ ବ୍ୟାକରଣର ବିସ୍ତାର । ଜଣାଇ ଦେଇଥିଲି, ସେହି କଳ୍ପିତ ଛଅଟି ଭାଗ ହେଉଛି, ଓଡ଼ିଆ ବ୍ୟାକରଣରେ—୧—ବାକ୍ୟବିସ୍ତାର; ୨—ପଦବିସ୍ତାର; ୩—ଶବ୍ଦବିସ୍ତାର; ୪—ବର୍ଣ୍ଣବିସ୍ତାର; ୫—ଛନ୍ଦବିସ୍ତାର; ୬—ତତ୍ତ୍ୱବିସ୍ତାର । ଏଥିରୁ 'ବାକ୍ୟବିସ୍ତାର' ଓ 'ପଦବିସ୍ତାର' ଏଇ ଦୁଇଟିର ପ୍ରାଥମିକ ଆଲୋଚନା-ସୂଚନାମାନ ପୁସ୍ତକାକାରରେ ପ୍ରକାଶିତ ହୋଇଯାଇଛି । 'ଶବ୍ଦବିସ୍ତାର'ରୁ ଅନେକ କଥା ତୃତୀୟ ଭାଗରେ ଲେଖି ସାରିଥିଲି । 'ବର୍ଣ୍ଣବିସ୍ତାର'ଟି ମଧ୍ୟ ପ୍ରାୟ ସୂଚନାରେ ଲେଖା ହୋଇଥିଲା । କିନ୍ତୁ ଦୁଃଖର କଥା, ବହୁ ଚେଷ୍ଟା କରି ମଧ୍ୟ ଆମ ଶିକ୍ଷାବିଭାଗରେ ମୁଁ ଏହା ପୂରାଇବାକୁ ଅକ୍ଷମ ହୋଇଥିଲି । ସେତେବେଳର ଡିରେକ୍ଟର ସାହେବ କହିଲେ, ସେ ନିଜେ, ଓଡ଼ିଆ ବା ତହିଁର ବ୍ୟାକରଣ ପ୍ରଭୃତି କିଛି ଜାଣନ୍ତି ନାହିଁ । ତଥାପି ମୁଁ ତାଙ୍କ ଅଧୀନସ୍ଥ ଯୋଗ୍ୟତରମାନଙ୍କୁ ବାଛି ବାଛି ଡକାଇ ତାଙ୍କ ସଙ୍ଗେ ବିସ୍ତାର କଲି । ସେମାନେ ଏହାର କୌଣସି ମୂଲ୍ୟ ମର୍ଯ୍ୟାଦା ବୁଝିଲେ ନାହିଁ । ଦୃଷ୍ଟାନ୍ତ ସ୍ୱରୂପ,

Digitized by srujanika@gmail.com

ମୁଁ ସେତେବେଳେ କହିଲି, "ଓଡ଼ିଆ ଭାଷାରେ ବହୁ ସ୍ଥଳରେ ପ୍ରୟୋଗରେ ଦ୍ରାବିଡ଼ଭାବ ଅବିକଳ ରହିଛି; ତାହାର ଉଦାହରଣ ହେଉଛି, 'ଆମେ' ଏଇ ସର୍ବନାମର କ୍ରିୟା; ଯଥା:—'ଆମେ ଯିବା'—'ଆମେ ଯିବୁ', ଏଥିରୁ ଗୋଟିକରେ 'ଆମେ' ଭିତରେ ଯାହାକୁ କୁହାଯାଉଛି, ସେ ଅଂତର୍ଭୁକ୍ତ ରହିଛି ଓ ଅନ୍ୟଟିରେ ସେ ବହିର୍ଭୂତ ଅଛି—ଏହା ଦ୍ରାବିଡ଼ଭାବ । ସଂସ୍କୃତରେ ବା ବଂଗଳା ଓ ହିଂଦୀରେ ଏହା ନାହିଁ ।" ଏସବୁ କଥା ବିଚାରକୁ ଆଣିବା ଦୂରେ ଥାଉ, ଶୁଣିବାକୁ ମଧ୍ୟ ଅନେକଂକର, କେବଳ ଅନିଚ୍ଛା ନୁହେଁ, ଅନାସ୍ଥା ଦେଖିଲି ।

## ମୋର ବ୍ୟାକରଣ ଶିଖାଇବାର ଉଦ୍ୟମ—

ପରେ ଡିରେକ୍ଟରଂକୁ କହି ସେ କାଳର ଟ୍ରେନିଂ ସ୍କୁଲରେ ବ୍ୟାକରଣ ବିଷୟରେ କେତୋଟି ପାଠ ଦେବାକୁ ଗଲି । ପ୍ରଥମ ଦିନ ପାଠରେ ମୁଁ ବୁଝାଇ ବସିଲି, "ଓଡ଼ିଆରେ କାଳଭଂଗୀ (ସଂସ୍କୃତ 'ଲ୍'କାର) ହେଉଛି ମାତ୍ର ପାଂଚୋଟି—ବର୍ତ୍ତମାନ, ଅତୀତ, ଭବିଷ୍ୟତ, ଅନୁଜ୍ଞା, ସମ୍ଭାବନା; ଯଥା— ମୁଁ କରେ, ମୁଁ କଲି, ମୁଁ କରିବି, ମୁଁ କରେଁ, ମୁଁ କରଂତି; ଓ ଏଇ ପାଂଚୋଟି କାଳଭଂଗୀରେ ପ୍ରତ୍ୟେକର ଭବିଷ୍ୟତ୍-ସାମୀପ୍ୟ ଓ ଅତୀତ-ସାମୀପ୍ୟ ଏଇପରି ଦୁଇ ଦୁଇଟି ଉପଭଂଗୀ ମିଶି ମୋଟରେ କାଳଭଂଗୀ ଓଡ଼ିଆରେ ପଂଦରଟି, ଯଥା—୧, ମୁଁ କରେ,—ମୁଁ କରୁଥାଏ, ମୁଁ କରିଥାଏ; ୨, ମୁଁ କଲି—ମୁଁ କରୁଥିଲି, ମୁଁ କରିଥିଲି ଇତ୍ୟାଦି । ବାକି ପ୍ରକାରମାନ ଏଇ ମୂଳରେ ଦ୍ୟୋତକ ବା ସାହାଯ୍ୟକାରୀ କ୍ରିୟା ଯୋଗେ (Auxiliary Verb) ପ୍ରକାଶିତ ହୁଅଂତି ।" ଯେଉଁ ଇଂରେଜି ବ୍ୟାକରଣ ଭାବ କେରି ସାହେବଂକ କାଳରୁ ଆରଂଭ ହୋଇଥିଲା, ଏହା ଓଡ଼ିଆ ପ୍ରାକୃତରେ ସେହି ଭାବର ପ୍ରସାର ଓ ପ୍ରକାଶ (ଏ କାଳଭଂଗୀ ଓ ଦ୍ୟୋତକ କ୍ରିୟା ବିଷୟରେ ବିଶେଷ କରି ମୋ ପ୍ରକାଶିତ ଓଡ଼ିଆ ବ୍ୟାକରଣ 'ପଦବିଚାର' ପ୍ରକରଣରେ ଲେଖିଛି ।) କିଂତୁ ଝାଳ ଦୁଃଖର କଥା ନୁହେଁ, ଦୁର୍ଭାଗ୍ୟର କଥା, ସେତେବେଳର ଟ୍ରେନିଂ ସ୍କୁଲର ଛାତ୍ର ବା ଶିକ୍ଷକ କେହି ମୁଁ ଯେତେ

Digitized by srujanika@gmail.com

ବୁଝାଇଲେ ମଧ୍ୟ, ଏସବୁ ବୁଝିଲେ ନାଇ । 'ବ୍ୟାକରଣ ପ୍ରବେଶ' ପ୍ରଭୃତିରେ ଥିବା ଅଦ୍ୟତନ, ଅନଦ୍ୟତନ, ସମ୍ଭବ୍ୟ, ନିତ୍ୟପ୍ରବୃତ୍ତ ପ୍ରଭୃତି ଅତି ବିଶୃଂଖଳ ଓ ଅବୈଜ୍ଞାନିକ କାଳଭଂଗୀର ବିଭାଗସବୁ ଛାତ୍ର, ଶିକ୍ଷକ ସମସ୍ତଙ୍କୁ ଘାରୁଥାଏ । ସେମାନେ ଶେଷକୁ ନ୍ୟାୟଶାସ୍ତ୍ର ଧରି ଯୁକ୍ତି ଆରଂଭ କରିଦେଲେ, 'ମୁଁ କରିଅଛୁ' ପ୍ରୟୋଗଟିରେ କ୍ରିୟାଟି ଅତୀତ ହୋଇଯାଇଚି । ଅତଏବ ଅଦ୍ୟତନ ଭୂତ କହିବା ସମୀଚୀନ । ସେ ପୁଣି ଅତୀତ-ସାମୀପ୍ୟ ବର୍ତ୍ତମାନ ହେବ କିପରି ? ପୁଣି ଯୁକ୍ତି କଲେ, ସମ୍ଭାବନା ପୁଣି କାଳ ହେବ କିପରି ? ଏ ତର୍କଶାସ୍ତ୍ର ଯୁକ୍ତିରେ ମୁଁ କି ଉତ୍ତର ବା ଦିଅଂତି ? ବୁଝାଇ ବସିଲି, ବ୍ୟାକରଣର 'ଲ'କାର, ଘଟଣାରେ କାଳର ମାପ ନୁହେଁ । କିଂତୁ ଦେଖିଲି, ଏସବୁ ବୁଝିବାର ପରିସ୍ଥିତି ସେଠି ନ ଥିଲା ।

## ଲିପି ଓ ବର୍ଣ୍ଣ—

ଏ ଗଲା ବ୍ୟାକରଣ କଥା । ତା' ପରେ 'ଲିପି' ଓ 'ବର୍ଣ୍ଣ' । 'ଲିପି' ଓ 'ବର୍ଣ୍ଣ'ର ପ୍ରଭେଦ ବୁଝାଇବା ପାଇଁ ମୁଁ ବହୁ ସ୍ଥଳରେ ବହୁ ଚେଷ୍ଟା କରିଚି । ବୈଦିକ ସଂସ୍କୃତ, ଏପରି କି ବହୁକାଳ ଯାଏ, ପାଣିନିଙ୍କ ସଂସ୍କୃତ ମଧ୍ୟ, ଲିପିବଦ୍ଧ ନ ଥିଲା । ଏହାର ବିସ୍ତାର ଥିଲା ବର୍ଣ୍ଣରେ । ବରଂ ବୈୟାକରଣମାନେ, ବର୍ଣ୍ଣବିଜ୍ଞାନ ବିସ୍ତାରରେ ଉଚ୍ଚାରଣର ପରିଣାମ ଆଲୋଚନା କରୁଥିବାରୁ 'ବଣିକ' ବା 'ପଣି'ମାନଙ୍କ ବ୍ୟବହୃତ ଲିପିକୁ ଅସଂସ୍କୃତ ବୋଲି ଅନାଦର କରୁଥିଲେ । (ଏ ସବୁ ମୋ 'ସଂସ୍କୃତ ଓ ସଂସ୍କୃତି' ଗ୍ରନ୍ଥର 'ବର୍ଣ୍ଣ ଓ ଲିପି' ସମ୍ବନ୍ଧୀୟ ଆଲୋଚନାରେ କେତେକ କହିଚି ।) ମାତ୍ର ଏ ସବୁ ମଧ୍ୟ ବୁଝାଇ ସାଧାରଣ ଜ୍ଞାତବ୍ୟରେ ପରିଣତ କରିବା ଏବେ ବି ସହଜ ବୋଲି ମନେ ହେଉ ନାଇ । ଓଡ଼ିଆ ବର୍ଣ୍ଣ ପରିଣାମ ପ୍ରଭୃତି ଆଲୋଚନା କରିବାରେ ପୁଣି ଏହାର ଉପଯୋଗିତା ଅଛି ବୋଲି ବୁଝାଇବା ଦୁଷ୍କର ।

## ଏ ପୁସ୍ତକର 'ଭାଷା' ଆଲୋଚନା—

ଏ ପରିସ୍ଥିତିରେ ଏ ପୁସ୍ତକର ପ୍ରଥମ ଦଶୋଟି ପ୍ରବଂଧ ଯେଉଁ ଆଲୋଚନା ଉପରେ ନିର୍ଭର କରି ଲେଖାହୋଇଛି, ସେ ବିଷୟରେ

Digitized by srujanika@gmail.com

ଏଠାରେ ବିଶେଷ ମୁଖବଂଧ ଦେବା ଆବଶ୍ୟକ ମନେ ହେଉ ନାଇ । ସେ ସବଂଧରେ ଯାହା ଲେଖାହୋଇଚି, ସେଥିରୁ ଅଧିକାଂଶ ହୁଏତ ପୁରୁଣା ହୋଇନାଇ—ବରଂ ସେ ସଂବଂଧରେ ବିଶେଷ ଆଲୋଚନାର ଭୂମିକା ଦେବା ନିମଂତେ ଆଉ ଗୋଟିଏ ସ୍ୱତଂତ୍ର ପ୍ରବଂଧ ଲେଖା ଯାଇ ପାରେ । ତାହା ଲେଖିବାର କଳ୍ପନା ମୋର ମଧ୍ୟ ଅଛି ।

## ଏଥି ପ୍ରକାଶିତ ପ୍ରବଂଧ ଲେଖାର କାଳ ଓ ପରିସ୍ଥିତି—

ତା' ପରେ ସାହିତ୍ୟ ଆଲୋଚନାର ପ୍ରବଂଧମାନଂକ ସଂବଧରେ କେବଳ ଏତିକି କହିପାରେ ଯେ ସତ୍ୟବାଦୀ ବିଦ୍ୟାଳୟ ଯେଉଁ ଉଦ୍‌ବୋଧ ଉପରେ ପ୍ରକାଶିତ ହୋଇଥିଲା, ଏହା ସେଇ ଉଦ୍‌ବୋଧର ବହିଃପ୍ରକାଶ ମାତ୍ର । ଏଇ ଉଦ୍‌ବୋଧର ମୂଳରେ ଥିଲା, ସ୍ୱାଧୀନତା ସଂଗ୍ରାମର ଦ୍ୟୋତକ ସ୍ପଷ୍ଟ ମହାଭାରତୀୟ ଜାଗରଣ । ସାକ୍ଷାତ୍ ବଂଗ ଦେଶରୁ ଏହା ଆସିଥିଲେ ମଧ୍ୟ, ଏହା ପ୍ରାଦେଶିକତାରୁ ବାହାର ନ ଥିଲା । ଅନ୍ୟଥା ଏହା ପ୍ରାଣ-ପ୍ରାଚୁର୍ଯ୍ୟ ଉପରେ ପ୍ରତିଷ୍ଠିତ ଥିଲେ ମଧ୍ୟ, ଆମର ସବୁ ଥିଲା, ଓ ଆମ କବି, ଆମ ଲେଖକ ବିଜ୍ଞ, ଇଂରେଜମାନେ ନଷ୍ଟ କରି ଦେଇଥିବା ଆମ ଶିଳ୍ପର ଆଉ କାହାରି ନ ଥିଲା ପ୍ରଭୃତି ଭାବ ଯେ ଏଥିରେ ପୂରି ରହିଥିଲା, ଏହା ନ କହିଲେ ମଧ୍ୟ ବୁଝାଯାଉଚି । ସେଇ ଭାବର ଗ୍ରୁପ୍ସା ନ୍ୟୁନାଧିକ ପରିମାଣରେ ମୋର ଏଇ ସବୁ ସେ ଯୁଗର ଆଲୋଚନା ଭିତରେ ଦେଖା ପଡ଼ିବ ।

## ଆଜିର ନୂତନ ଦୃଷ୍ଟି—

ଆଜ ହୁଏତ, ଦେଶର ବାୟୁମଂଡ଼ଳ ବଦଳି ଯାଇଚି । ତେଣୁ ସେ ସବୁର ଆଲୋଚନା ଏବେ ହୁଏତ ନୂତନ ରୂପରେ ଦେଖା-ଦେଇପାରେ । ବିଶେଷତଃ ସେ ଯୁଗର ରାଧାନାଥଂକ 'ଜୟ୍ସ ଭିକ୍ଟୋରିଆ ରାଜରାଜେଶ୍ୱରୀ' ଓ ରାଓଂକ 'ମହାରାଣୀ ଭିକ୍‌ଟୋରିଆ' ପରି କବିତାମାନ ଆଜି କି ଦୃଷ୍ଟିରେ ଦେଖିବାକୁ ହେବ, ତାହା ଅନୁମାନଗମ୍ୟ । ଆମେ ଯେଉଁ କବି-ମାନଂକୁ ସମାଲୋଚନା କରିଚୁ, ତାଂକଠାରେ କାଳୋଚିତ ଜାତୀୟ ଭାବର

Digitized by srujanika@gmail.com

କୌଣସି ପ୍ରକାଶ ବାଣ ଦେଖିବା ସହଜ ନୁହେ । 'ନଜ ସୈନ୍ୟ ପ୍ରତି ଶିବଙ୍କ' ବୋଲି ଯେଉଁ ଅନୁକୃତ କବିତାଟି ଅଛି, ତାହା ନିସ୍ନମକୁ ନିପାତନ ପ୍ରମାଣ କଲି ପରି ବରଂ ସେ କାଳର ସାହିତ୍ୟଧାରାର, ସତ୍ୟ ପ୍ରକାଶ କରୁଚ । 'ଲାବଣ୍ୟବତୀ'ର ଆଲୋଚନା ଏଥିରେ କରା ହୋଇଚ ସତ, ମାତ୍ର ଆମର ଐତିହାସିକ ସାହିତ୍ୟ ବିକାଶରେ ଭଂଜସାହିତ୍ୟର ସ୍ଥାନ ନିର୍ଦ୍ଦେଶ କରି ସେ ଆଲୋଚନା ପୂର୍ଣ୍ଣ କରା ହୋଇ ନାଇ । ତା' ଛଡ଼ା, ଏବେ ଲେଖା ହୋଇଥିବା, 'ସାରଳା ଦାସ' ଓ 'ଫକୀରମୋହନଂକ ଆଦର୍ଶବାଦ', ଏଇ ପ୍ରବଂଧ ଦୁଓଟି ସ୍ୱତଂତ୍ର ପରିସ୍ଥିତିରେ ଲେଖାହୋଇଚ । ଏଇ ପରିସ୍ଥିତିରେ ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧର ସାହିତ୍ୟ ବିଗ୍ଭର କରିବା ବା ପୁନର୍ବିଗ୍ଭର କରିବାର କାଳ ଆସିଚ । ମାତ୍ର ସେ ସବୁ ବିଗ୍ଭରର ଅବକାଶ ଏଠି ନାଇ ।

ଏତିକ ମାତ୍ର ସୂଚନାରେ କହି ମୁଁ ନିଜର ଏ ସାହିତ୍ୟକ ପ୍ରବଂଧ-ଗୁଡ଼ିକ ପାଠକମାନଂକ ଆଗେ ଥୋଇ ଦେଉଚ । ପରେ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ'ର ତୃତୀୟ ଭାଗରେ ଏ ସମସ୍ତ ସାହିତ୍ୟର ଛବି ସିଂହାବ-ଲୋକନର ପରିପ୍ରେକ୍ଷିତରେ ଦେଖି ଆଜିର ନୂତନ ଦୃଷ୍ଟିଭଂଗୀରେ ଆଲୋଚନା କରିବାର ବାସନା ରହିଲି ।

ନବଭାରତ ଅଫିସ
କଟକ—୨
ତା ୭-୧୧-୫୪

ନୀଳକଣ୍ଠ ଦାସ

Digitized by srujanika@gmail.com

## ଓଡ଼ିଆ ବର୍ଣ୍ଣ ବର୍ଗରର ସଂକ୍ଷିପ୍ତ ସୂଚନା *

ବର୍ଣ୍ଣ କହିଲେ ଲିଖିତ ଅକ୍ଷର ଓ ଅକ୍ଷରର ଉଚ୍ଚାରଣ ଉଭୟ ବୁଝାଯାଏ । ମାତ୍ର ଭଲ କରି ବୁଝିଲେ ଦେଖାଯିବ ମୁଖର ଉଚ୍ଚାରଣହିଁ ବର୍ଣ୍ଣ । ଲିଖିତ ଅକ୍ଷର ସଙ୍ଗେ ତାହାର କୌଣସି ଦୃଷ୍ଟି ବା ସାକ୍ଷାତ୍ ସମ୍ବନ୍ଧ ନାହିଁ । ଲିଖିତ ଅକ୍ଷର ବର୍ଣ୍ଣର ଗୋଟିଏ ସଙ୍କେତ ବା ଚିହ୍ନ । ଲିଖିତ ଅକ୍ଷରରେ ଉଚ୍ଚାରଣ ନ ଥାଏ । ଉଚ୍ଚାରଣ ଲୋକମୁଖରେ । ସେହି ଲୋକମୁଖର ଉଚ୍ଚାରଣ ସବୁ ବ୍ୟକ୍ତିଙ୍କ ମୁଖରେ ସମାନ କରିବା ପାଇଁ ବର୍ଣ୍ଣର ସଙ୍କେତ ସ୍ୱରୂପ ଲିଖିତ ଅକ୍ଷରର ସୃଷ୍ଟି । ଗୋଟିଏ ଗୋଟିଏ ଅକ୍ଷରକୁ ଗୋଟିଏ ଗୋଟିଏ ବିଶିଷ୍ଟ ଉଚ୍ଚାରଣରେ ନାମିତ କରି ସମସ୍ତେ ସେହି ଲିଖିତ ଚିହ୍ନ ଦେଖିଲେ, ସେହି ଉଚ୍ଚାରଣ ପ୍ରକାଶ କରିବେ ବୋଲି ଧରି ନିଆଯାଏ । ଏଥିରେ ଭାଷାର ସାର୍ବଜନୀନତା ଓ ସ୍ଥାୟିତ୍ୱ ଦୃଢ଼ ହୁଏ । ଗୋଟିଏ ଗୋଟିଏ ଅକ୍ଷର ଗୋଟିଏ ଗୋଟିଏ ଉଚ୍ଚାରଣ ନିର୍ଦ୍ଦେଶ କରେ । ଉଚ୍ଚାରଣହିଁ ସେ ଅକ୍ଷରର ପ୍ରାଣ । ଉଚ୍ଚାରଣରେ ବ୍ୟତିକ୍ରମ ଘଟିଲେ, ଏକ ଅକ୍ଷର ବିଭିନ୍ନ ମୁଖରେ ବିଭିନ୍ନ ଉଚ୍ଚାରଣ ପାଇଲେ, ଭାଷାର ବ୍ୟାପକତା ବିଶୃଙ୍ଖଳ ଓ ସ୍ଥିତି ସନ୍ଦେହାପନ୍ନ ହୁଏ । ସେଥିପାଇଁ କାଳକ୍ରମେ ପଣ୍ଡିତମାନେ ଉଚ୍ଚାରିତ ବର୍ଣ୍ଣ ଓ ଲିଖିତ ଅକ୍ଷର ମଧ୍ୟରେ କୌଣସି ପ୍ରଭେଦ ରଖିପାରି ନାହାନ୍ତି । ମୁଖର ଉଚ୍ଚାରଣ ଓ ଲେଖନର ବିକାଶ ଅନେକଙ୍କୁ ଏକ ବୋଲି ବୋଧ ହେଉଅଛି । ପାଣିନି ପ୍ରଭୃତି ବ୍ୟାକରଣର ସୂତ୍ରକାରମାନେ ଲିଖିତ ଅକ୍ଷର ଧରି ବ୍ୟାକରଣ ଲେଖି ନ ଥିଲେ । ମୁଖର ଉଚ୍ଚାରଣହିଁ ତାଂକ ବ୍ୟାକରଣର ସର୍ବସ୍ୱ । ମାତ୍ର ପରବର୍ତ୍ତୀ କାଳର ବୈୟାକରଣ ବ୍ୟାକରଣ ଟୀକାରେ ହେଲାରେ ରଖିଗଲେ—

"ଜଳତୁମ୍ବିକା ନ୍ୟାୟେନ ରେଫସ୍ୟୋର୍ଦ୍ଧ୍ୱ ଗମନଂ"
"ଏକବିନ୍ଦୁରନୁସ୍ୱାରଃ" । ଇତ୍ୟାଦି ।

---

*'ସତ୍ୟବାଦୀ' ମାସିକର ୧୩୨୪ ସାଲ ମିଥୁନ ଓ କର୍କଡ଼ା ସଂଖ୍ୟାରେ (୧୯୧୭ ମସିହାରେ) ପ୍ରକାଶିତ ପ୍ରବନ୍ଧ ।

Digitized by srujanika@gmail.com

ମାତ୍ର ଏ ସବୁ ପ୍ରମାଦ ନିମନ୍ତେ ମୂଳର ସୂତ୍ରକାର, ବୃତ୍ତିକାର, ଏମନ୍ତ କି ଭାଷ୍ୟକାର, କାହାର ଲେଖାରେ ଲେଶମାତ୍ର ଅବକାଶ ନାହିଁ । "ରେଫ" ଅର୍ଥାତ୍ 'ର' ମନୁଷ୍ୟର ସ୍ୱରଯନ୍ତ୍ରରୁ ବାହାରିବ । ଜଳରୂମ୍ଭିକାପରି ତାହା ସ୍ୱରଯନ୍ତ୍ରରେ ବା ଉଠିଯିବ କିପରି ? ଅନୁସ୍ୱାର ଗୋଟିଏ ଅନୁନାସିକ ଉଚ୍ଚାରଣ । ତାହା ସ୍ୱରଯନ୍ତ୍ରରେ ଗୋଟିଏ ବିନ୍ଦୁ ନୁହେ । ପୁଣି ଦେବନାଗର ଅକ୍ଷରରେ ତାହା ବିନ୍ଦୁ । ବଙ୍ଗଳାରେ ଆଉ ଗୋଟିଏ ଲିଙ୍ଗ ଅଛି । ତେବେ ବଙ୍ଗାଳୀଙ୍କ ଅନୁସ୍ୱାର କ'ଣ ସଂସ୍କୃତଭାଷୀଙ୍କ ଅନୁସ୍ୱାରଠାରୁ ଭିନ୍ନ ? ଏ ସବୁ ପ୍ରମାଦର ବିଶେଷ ଆଲୋଚନା ନିଷ୍ପ୍ରୟୋଜନ । କ, ମ, ଲ, ଏହି ତିନୋଟି ଅକ୍ଷର ସଙ୍ଗେ ପଦ୍ମଫୁଲର ଯେ ସମ୍ବନ୍ଧ, ଅକ୍ଷର ସଙ୍ଗେ ବର୍ଣ୍ଣର ପ୍ରାୟ ସେହିପରି ସମ୍ବନ୍ଧ । କ, ମ, ଲ, ଏହି ତିନୋଟି ଅକ୍ଷରରେ ଆମୋଦ ନାଇ । ସେଥିରେ ଗୁରୁକଣ୍ଟୁଲଙ୍କରୁଚ ବିକାଶ ପାଏ ନାହିଁ । ସେହିପରି ଲିଖିତ ଅକ୍ଷରରେ ବର୍ଣ୍ଣର ଉଚ୍ଚାରଣ ବା ଉଚ୍ଚାରଣର ପ୍ରାଣ ଥାଇ ନ ପାରେ । ଅତଏବ ବର୍ଣ୍ଣର ବିଗ୍ରହ କଲାବେଳେ ଉଚ୍ଚାରଣହିଁ ଆଦୌ ବିଗୃହ୍ୟ । ଲିଖିତ ଅକ୍ଷର ଚିହ୍ନ ମାତ୍ର । ତାହାର ସେତିକି ମର୍ଯ୍ୟାଦା ପାଇବା ଉଚିତ ।

ଭାଷାର ଆଦି ତେବେ କେଉଁଠାରେ ? ଅବଶ୍ୟ ଲେଖନରେ ନୁହେ, ଉଚ୍ଚାରଣରେ । ଲେଖନ ପଦ୍ଧତି ଲୋକମୁଖ ଉଚ୍ଚାରଣର ଅନୁସରଣ କରେ ମାତ୍ର । ଏହି କ୍ରମରେ ଭାଷାର ଅକ୍ଷର ନିୟମ ସ୍ଥିର ହେଲାପରେ ଭାଷାର ସାର୍ବଜନୀନତା ରକ୍ଷିବାପାଇଁ ଉଚ୍ଚାରଣକୁ କୌଣସି ଆଦର୍ଶରେ ନିବଦ୍ଧ କରିବାପାଇଁ ଲୋକେ ହୁଏତ ଲିଖିତ ଅକ୍ଷରରୁ ଉଚ୍ଚାରଣ ଶିଖିଥିବେ । ସଂସ୍କୃତଭାଷାରେ ଏହି ନିୟମରେ ଲୋକେ ସର୍ବଦା ବର୍ଣ୍ଣର ଲେଖନ ବିକାଶରୁ ତାହାର ନିର୍ଦ୍ଦିଷ୍ଟ ଉଚ୍ଚାରଣ ଶିଖି ଅଛନ୍ତି । କୌଣସି କଥିତ ଭାଷା ବିଦେଶୀ ଲୋକ ଶିଖିଲାବେଳେ ସେହିପରି କରିବେ । ତଥାପି କଥିତ ବା ପ୍ରାକୃତ ଭାଷାମାନଙ୍କରେ ଲୋକମୁଖର ଉଚ୍ଚାରଣରେ ବହୁ ବିଶେଷତ୍ୱ ଅଛି । ଓଡ଼ିଆ, ବଙ୍ଗଳା ପ୍ରଭୃତି ପ୍ରାକୃତ ଭାଷାର ସଂସ୍କୃତ ସଙ୍ଗେ ନିତ୍ୟ ସମ୍ବନ୍ଧ । ହେଲେହେଁ ଏହି ପ୍ରାକୃତ ଭାଷାମାନଙ୍କରେ ଲୋକମୁଖର ଉଚ୍ଚାରଣହିଁ ବର୍ଣ୍ଣ-ବିନ୍ୟାସ ବା ଅକ୍ଷର-ଗଠନର ଆଦର୍ଶ ହେବା ଉଚିତ ବୋଲି ମନେହୁଏ । ସଂସ୍କୃତ ଭାଷାର

Digitized by srujanika@gmail.com

ଦୃଢ଼ବଦ୍ଧ ପଣ୍ଡିତ ଅନେକେ ଏ କ୍ଷେତ୍ରରେ ଯଥା ଅଯଥା ଅନୁକରଣ କରନ୍ତି । ସେପରି ଅନୁକରଣ କରିବାରେ ତାଙ୍କର ପ୍ରକୃଷ୍ଟଜୀବନପ୍ରତି ପ୍ରଶଂସନୀୟ ପ୍ରୀତି ବା ଅନୁରାଗ ଥାଇପାରେ । କିନ୍ତୁ ସମୀଚୀନତା ଅଛି କି ନା, ଏହା ବିଶେଷରେ ଆଲୋଚନୀୟ ।

ଏ ଆଲୋଚନାରେ ପ୍ରବେଶ କରିବା ପୂର୍ବରୁ ସଂସ୍କୃତଭାଷା ତଥା ତାହାର ବର୍ଣ୍ଣ-ବିନ୍ୟାସ ପଦ୍ଧତିର ପ୍ରକୃତି, ସଂସ୍କୃତ ଓ ପ୍ରାକୃତର ସମ୍ପର୍କ ପ୍ରତି ପ୍ରଣିଧାନ ଦେବାକୁ ହେବ । ଆଦିମ ଅର୍ଥରେ ବୁଝିଲେ 'ସଂସ୍କୃତ'ର ଅର୍ଥ 'ସମ୍+କୃତ୍', ଅର୍ଥାତ୍, ଏକତ୍ରୀକୃତ ଏବଂ ସୂକ୍ଷ୍ମ ପ୍ରୟୋଗରେ ସଂସ୍କୃତର ଅର୍ଥ ପରିଷ୍କୃତ ବା ନିର୍ମାଳୀକୃତ । ଏହି ଶବ୍ଦାର୍ଥରୁ ପ୍ରତୀତ ହୁଏ, ସଂସ୍କୃତ କଦାପି କୁତ୍ରାପି ଆଦିମ କଥିତ ଭାଷା ନ ଥିଲା । ପ୍ରାକୃତ ଭାଷାହିଁ ସର୍ବଦା କଥିତ ଭାଷା । ପାଲି ହେଉ, ମାଗଧୀ ହେଉ, ଶୌରସେନୀ ହେଉ, ପୈଶାଚୀ ହେଉ, ଓଡ଼ିଆ ବା ବଙ୍ଗଳା ହେଉ, ସମସ୍ତେ ପ୍ରାକୃତ, ଅର୍ଥାତ୍, ପ୍ରକୃତି ବା ଲୋକ-ସାଧାରଣଙ୍କଦ୍ୱାରା ବ୍ୟବହୃତ ।

ପାଲି, ଭାରତର ପ୍ରାଚୀନତମ ପ୍ରାକୃତ ଭାଷା । ଅବଶ୍ୟ ଆଦିମ ବୈଦିକ କାଳରେ ପ୍ରାକୃତ ଭାଷା କିପରି ଥିଲା, ତାହା ଗବେଷଣାପର ତତ୍ତ୍ୱସନ୍ଧିତ୍ସୁ-ମାନଙ୍କର ଅନୁସନ୍ଧେୟ । ସମ୍ଭବତଃ ତାହା ପାଲିଠାରୁ କିଞ୍ଚିତ୍ ଭିନ୍ନ ଥିଲା । ମାତ୍ର ଭେଦ ବଡ଼ ବିଶେଷ ନ ଥିବ । ପୁଣି ଆଧୁନିକ ସଂସ୍କୃତଭାଷା ସୃଷ୍ଟିର ନିତାନ୍ତ ପୂର୍ବବର୍ତ୍ତୀ ନ ହେଉ ପଛକେ ପାଲି କଦାପି ବହୁପରିମାଣରେ ତା'ର ପରବର୍ତ୍ତୀ ଭାଷା ନୁହେ । ଆଧୁନିକ ସଂସ୍କୃତଭାଷାର ବ୍ୟବହାର ରାମାୟଣ, ମହାଭାରତ କାଳରୁ ପ୍ରାଚୀନ ନୁହେ । କିନ୍ତୁ ସମସ୍ତେ ଜାଣନ୍ତି, ବୁଦ୍ଧଦେବଙ୍କ ଜନ୍ମ ବେଳକୁ ପାଲି ଭାରତୀୟ ଆର୍ଯ୍ୟମାନଙ୍କର କଥିତ ଭାଷା ଥିଲି । ତେବେ ପାଲି ସଂସ୍କୃତଠାରୁ ନିତାନ୍ତ ନବୀନ ହେବ କିପରି ? ସମସ୍ତ ଦର୍ଶନ, କାବ୍ୟ, ପୁରାଣ, ନାଟକାଦି ବୁଦ୍ଧ-କାଳ ପରେ ଲିଖିତ ହୋଇଥିବାର ପ୍ରମାଣ ମିଳେ । ଅତି ପ୍ରାଚୀନ ପୁରାଣମାନଙ୍କରେ ମଧ୍ୟ ମଗଧର ନନ୍ଦବଂଶର ଉଲ୍ଲେଖ ଅଛି । ବୁଦ୍ଧ-କାଳର ପ୍ରାୟ ତିନିଶହ ବର୍ଷ ପରେ ମଗଧର

Digitized by srujanika@gmail.com

ନିଦର୍ଶନ । ଏହିପରି ପାଲିଠାରୁ ସଂସ୍କୃତ ଗ୍ରନ୍ଥମାନଙ୍କର ଆଧୁନିକତା ସମ୍ବନ୍ଧରେ ବହୁ ପ୍ରମାଣ ଉଲ୍ଲେଖ କରାଯାଇପାରେ ।

ଆଉ ଗୋଟିଏ କଥା । ସଂସ୍କୃତ ନାଟକମାନଙ୍କରେ ପ୍ରାକୃତହିଁ ଲୋକସାଧାରଣର ଭାଷା ଏବଂ ସେ ପ୍ରାକୃତ, ପାଲି ନୁହେ । ପାଲି ତୁଳନାରେ ଆଧୁନିକ ମାଗଧୀ, ପୈଶାଚୀ ପ୍ରଭୃତି ବହୁବିଧ ପ୍ରାଦେଶିକ ପ୍ରାକୃତ ଭାଷାର ଉଲ୍ଲେଖ ନାଟକମାନଙ୍କରେ ଦେଖାଯାଏ । ବୋଧହୁଏ, ଯେତେବେଳେ ଭାରତରେ ଆର୍ଯ୍ୟଜାତି ମୁଷ୍ଟିମେୟ ବ୍ରହ୍ମାବର୍ତ୍ତ ତଥା ସ୍ୱଳ୍ପ-ବିସ୍ତୃତ ବ୍ରହ୍ମର୍ଷି ଦେଶର ସୀମାଲଙ୍ଘନ କରି ବହୁ ବିସ୍ତୀର୍ଣ୍ଣ ଭୂଖଣ୍ଡରେ ବ୍ୟାପ୍ତ ହେଲା ସେତେବେଳେ ଏକ ପ୍ରାକୃତ ଭାଷା ସ୍ୱଭାବତଃ ପ୍ରାଦେଶିକତା ଓ ବିଭିନ୍ନ ଜାତୀୟ ଲୋକ ସଂସ୍ରବ ହେତୁରୁ ବହୁବିଧ ଭାଷାରେ ପରିଣତ ହେବାକୁ ଲାଗିଲା ଏବଂ ଫଳରେ ଆର୍ଯ୍ୟର ସମୂହ-ଜାତୀୟତା ବିଚ୍ଛିନ୍ନ ହେବାର ଆଶଙ୍କା ହେଲା । ସେତିକବେଳେ ମନୀଷୀମାନେ ଜାତୀୟ ଭାଷା ଓ ଜାତୀୟ ସାହିତ୍ୟ ସୂତ୍ରରେ ଆର୍ଯ୍ୟଜାତୀୟତା ସଂରକ୍ଷଣ କରିବାକୁ ପ୍ରୟାସ କରି ଦୃଢ଼ ନିୟମବଦ୍ଧ ସଂସ୍କୃତ ଭାଷାର ସୃଷ୍ଟିକଲେ । ସେହି ସଂସ୍କୃତ ଭାଷାହିଁ ଏପର୍ଯ୍ୟନ୍ତ ଭାରତ ଭୂମିରେ ଆର୍ଯ୍ୟର ମହାଜାତୀୟ ଭାଷା ରୂପେ ପ୍ରତିଷ୍ଠା ପାଉଅଛି । କାହିଁ ମାଲବାରର ଶଙ୍କରାଚାର୍ଯ୍ୟ, କାହିଁ କାଶ୍ମୀରର କଲ୍ହନ, କାହିଁ ବା ଉତ୍କଳର ବିଶ୍ୱନାଥ, କାହିଁ ବା କଲ୍ୟାଣର ବିଲ୍ହଣ—ସମସ୍ତେ ଏହି ସଂସ୍କୃତ ଭାଷାକୁ ନିଜର ଜାତୀୟ ଭାଷା ମଣି ତହିଁରେ ଗ୍ରନ୍ଥମାନ ଲେଖିଯାଇ ଅଛନ୍ତି ।

ସଂସ୍କୃତଭାଷାର ଏ ପ୍ରକୃତି ବୁଝିଲେ ତାହାର ନିର୍ଦ୍ଦିଷ୍ଟ ଅପରିବର୍ତ୍ତନୀୟ ବର୍ଣ୍ଣାକ୍ଷର ନିୟମ ବୁଝିବାରେ ଆଉ କିଛି ଅସୁବିଧା ନାହିଁ । ସଂସ୍କୃତକୁ ଦେବଭାଷା କହନ୍ତି । ବାସ୍ତବିକ ଏହା ଅଲୌକିକ ଅପୌରୁଷେୟ ଦେବଭାଷା । ଲୋକମୁଖରେ ଏ ଭାଷାର ଆଦି ବିକାଶ ନୁହେ, ଏବଂ ଏହା କଦାପି ଲୋକସାଧାରଣର ଭାଷା ହୋଇ ନ ପାରେ । ନିର୍ଦ୍ଦିଷ୍ଟ ନିୟମ ଧରି ଲୋକ ସଂସ୍କୃତ ଭାଷାର ବର୍ଣ୍ଣ-ବିକାଶ ଶିଖି ଆସିଅଛି ମାତ୍ର । ପୁଣି ସଂସ୍କୃତ ଭାଷାର ବର୍ଣ୍ଣ-ନିୟମ ଓ ବିକାଶ-ପଦ୍ଧତି ଅତ୍ୟନ୍ତ ଜଟିଳ ଏବଂ ନିୟମବଦ୍ଧ । ଗୋଟିଏ ମହାଜାତିକୁ ଗୋଟିଏ ଭାଷା ସୂତ୍ରରେ ବାନ୍ଧି ରଖିବାର ଉଦ୍ୟମ

Digitized by srujanika@gmail.com

ବେଳେ ଭାଷାଟି ଏପରି ନ'ହୋଇ ଆଉ କଅଣ ହୋଇପାରେ ? ପୁଣି ଏହାର ଅନ୍ୟତର କାରଣ ମଧ୍ୟ ଅଛି ।

ଭାରତ ସର୍ବଦା ପ୍ରାଚୀନତାର ଭକ୍ତ । ପ୍ରାଚୀନତା ମଧ୍ୟରେ ରହି ପୁରାଣ ପ୍ରୀତିର ପାବନ ମହନୀୟ ଅନୁଭୂତି ମଧ୍ୟରେ ଭାରତ ସର୍ବଦା ଜୀବନର ଭୂୟୋବିକାଶ କରିଅଛି । ଯାହା ପ୍ରାଚୀନ, ଭାରତବାସୀ ପକ୍ଷରେ ତାହା ଅଲଂଘନୀୟ ପରମ ପ୍ରମାଣ । ସଂସ୍କୃତ ଭାଷା ସୃଷ୍ଟିର ବହୁ ପୂର୍ବରୁ ବେଦ, ଏବଂ ସେହି ବେଦର ଭାଷା କଳ୍ପିତ ସଂସ୍କୃତଭାଷାର ଆଦର୍ଶ ହୋଇଥିବା ସ୍ୱାଭାବିକ । ଅବଶ୍ୟ ବୈଦିକ କାଳର ପ୍ରାକୃତ ବା ଲୋକମୁଖର ଭାଷା ଆଦର୍ଶ ହୋଇଥିଲେ ସଂସ୍କୃତଭାଷାର ପ୍ରକୃତି କଅଣ ହୋଇ ଥାଆନ୍ତା ତାହା ଆଜି କହିହେବ ନାହିଁ । କିନ୍ତୁ ବୈଦିକ କାଳର କଥିତ ଭାଷା ସେତେବେଳେ ନ ଥିଲା । ଥିଲା କେବଳ ଶ୍ରୁତି-ପରମ୍ପରା-ଲବ୍ଧ ବେଦ, ବା ବୈଦିକ ସ୍ତବସବୁ । ସେ ସବୁ ସ୍ତବ, ସଙ୍ଗୀତ; ଏବଂ ସେଥିରେ ହ୍ରସ୍ୱ ଦୀର୍ଘ ବିସର୍ଗାଦିର ପ୍ରାଚୁର୍ଯ୍ୟ ସ୍ୱାଭାବିକ । ଫଳତଃ ସେହି ଅନୁକ୍ରମରେ ବର୍ଣ୍ଣ-ବୈଭବମୟ, ସ୍ୱରସଙ୍ଗୀତ-ସଙ୍କୁଳ ସଂସ୍କୃତଭାଷାର ସୃଷ୍ଟି । ଲୋକମୁଖର କଥିତ ପ୍ରାକୃତଭାଷା ସ୍ୱର-ବିନ୍ୟାସାଦିରେ ସଂସ୍କୃତ ସମାନ ହୋଇ ନ ପାରେ । ପ୍ରାଚୀନତମ ସଂସ୍କୃତର ସମସାମୟିକ ପାଲିଭାଷାରେ ମଧ୍ୟ ଏହା ନ ଥିଲା । ଯେଉଁମାନେ ପାଲିଭାଷା ଆଲୋଚନା କରନ୍ତି, ସେମାନେ ଜାଣିଥିବେ ପାଲିଭାଷାରେ ବର୍ଣ୍ଣସଂଖ୍ୟା ଏକଚାଳିଶ । ବିସର୍ଗାଦିର କଥା ଦୂରେ ଥାଉ, ଋ, ଌ, ଐ, ଔ, ଏହି ସ୍ୱରମାନଙ୍କର ମଧ୍ୟ ଭାଷାରେ ସ୍ଥାନ ନାହିଁ । ସମାସ ଓ ସନ୍ଧି ପ୍ରଭୃତି ଅତି ସରଳ ଓ ସ୍ୱାଭାବିକ । ସେ କାଳର ପ୍ରାକୃତ ପାଲିଭାଷାର 'ଐ' ପରିବର୍ତ୍ତରେ 'ଅଇ' ଓ 'ଔ' ପରିବର୍ତ୍ତରେ 'ଅଉ' ପ୍ରଭୃତିର ବ୍ୟବହାର ଦେଖିଲେ ଆଜି ଆମ୍ଭମାନଙ୍କର ପ୍ରଚଳିତ ପ୍ରାକୃତ ଓଡ଼ିଆ ଭାଷାର କଥା ସ୍ୱତଃ ମନେ ପଡ଼େ ।

ଓଡ଼ିଆଭାଷାର ବର୍ଣ୍ଣ ବସ୍ତୁର ସମ୍ବନ୍ଧରେ କିଛି କହିବାକୁ ଗଲାବେଳେ ଆଉ ଗୋଟିଏ ପ୍ରମାଦର କଥା ସ୍ପଷ୍ଟ ଉଲ୍ଲେଖ କରି ରଖିବା ଅସଙ୍ଗତ ନୁହେଁ । ଅନେକ ଗତାନୁଗତିକ-ନ୍ୟାୟରେ ବୁଝନ୍ତି, ସଂସ୍କୃତହିଁ ଆର୍ଯ୍ୟର ମୂଳଭାଷା । ପ୍ରାକୃତ ସବୁ ତାହାର ବିକୃତି । ଏହା ଆଜି ନୁହେଁ, ଅନେକ ଦିନରୁ

Digitized by srujanika@gmail.com

ଭାରତବାସୀ ବୁଝି ଆସୁଅଛନ୍ତି । ବାସ୍ତବିକ ଅନେକ ପଣ୍ଡିତଙ୍କର ଏହାହିଁ ଧାରଣା ଥିଲା, ଅପୌରୁଷେୟ ବେଦର ଭାଷାରୁ ଦେବଭାଷା ସଂସ୍କୃତର ଉତ୍ପତ୍ତି । ସେ ଭାଷାକୁ ଭିନ୍ନ କରିବାହିଁ ମାନବର କାର୍ଯ୍ୟ । ତାହାର ମୂଳ ପ୍ରକୃତି ବିଶ୍ଳେଷଣ ସମ୍ବନ୍ଧରେ ପ୍ରଶ୍ନ କରିବ କିଏ ? ପୁଣି ଭାରତର ପ୍ରାଚୀନ ଜାତୀୟ ସାହିତ୍ୟରେ ପ୍ରାକୃତ ଭାଷାର ବା ସ୍ଥାନ କାହିଁ ? ଭାରତଗୌରବ ବୁଦ୍ଧଦେବ ସେହି ଭାଷା ବ୍ୟବହାର କରିଥିବାରୁ ସମ୍ଭବତଃ ଜନ୍ମଭୂମିରେ ଅନାଦୃତ ହୋଇଅଛନ୍ତି । ଆଉମାନଙ୍କ କଥା ଦୂରେ ଥାଉ, ସ୍ୱୟଂ ପ୍ରାକୃତବ୍ୟାକରଣକାର କହି ଅଛନ୍ତି—

"ପ୍ରକୃତିଃସଂସ୍କୃତଂ ତତ୍ରଭବଂ ତତ ଆଗତଂ ବା ପ୍ରାକୃତମ୍"

ଅର୍ଥାତ୍, ପ୍ରକୃତି, ଅର୍ଥାତ୍ ଲୋକସାଧାରଣଙ୍କ ମୁଖରେ ସଂସ୍କୃତର ଯେ ବିକୃତି ହେଲା, ତାହାହିଁ ପ୍ରାକୃତଭାଷା । ଏହି ଧାରଣାର ବଶବର୍ତ୍ତୀ ହେଲେ, କଥିତଭାଷା ଯାହାହେଉ, ତାହାର ଲେଖନ ଉଚ୍ଚାରଣ ମୁଖଭଙ୍ଗୀ ପ୍ରଭୃତିରେ ସଂସ୍କୃତର ଅନୁକରଣ କରି ପଣ୍ଡିତଂମନ୍ୟତାରେ ସ୍ଫୀତ ହେବା ଲୋକପକ୍ଷରେ ସ୍ୱାଭାବିକ । ଭାରତ ସମାଜର ଅତି ନିୟମବଦ୍ଧ ଜାତିବିଭାଗ ସଙ୍ଗେ ଏ ଅନୁଭବଟି ମଧ୍ୟ ଖାପ ଖାଉଅଛି ଏବଂ ଫଳରେ କେବଳ କେତେକ ଉଚ୍ଚ ଜାତିଙ୍କ ମଧ୍ୟରେ ବିଦ୍ୟା ଓ ଶାସ୍ତ୍ର-ଚର୍ଚ୍ଚାଦି ସୀମାବଦ୍ଧ ହୋଇ ରହିଅଛି । ଆଜି ଯେଉଁମାନେ ପ୍ରାକୃତ ଭାଷାର ପ୍ରକୃତି ନ ବୁଝି ସଂସ୍କୃତର ମୂଳ ବିଶ୍ଳେଷଣ ପ୍ରତି ସମ୍ଭବତଃ ପାରମ୍ପର୍ଯ୍ୟ-ଭକ୍ତି ପ୍ରଭାବରେ ପରାଙ୍ମୁଖ ହୋଇ ସେହି ଗତାନୁଗତିକ ନ୍ୟାୟରେ ଚାଲୁଅଛନ୍ତି, ସେମାନଙ୍କ ବିଚାରରେ ମୌଳିକତାର ଏକାନ୍ତ ଅଭାବ ଦେଖି କେବଳ ବ୍ୟଥିତ ହେବାକୁ ହୁଏ ।

ଓଡ଼ିଆ, ପ୍ରାକୃତ ବା ଉତ୍କଳ ସାଧାରଣର କଥିତଭାଷା । ଅତଏବ ଏହାର ବର୍ଣ୍ଣବିନ୍ୟାସ ସର୍ବଦା ଲୋକମୁଖରୁ ଗୃହୀତ ହେବ । ଅକ୍ଷରର ଉଚ୍ଚାରଣ ମଧ୍ୟ ଲୋକମୁଖ ଉଚ୍ଚାରଣର ଅନୁରୂପ ହେବା ଉଚିତ । ତାହା ନ ହେଲେ ଭାଷାର ଜୀବ, ଶକ୍ତି ଓ ବର୍ଦ୍ଧିଷ୍ଣୁତା ପ୍ରତିବଦ୍ଧ ହେବାର ଆଶଙ୍କା ଅଛି । ସଂସ୍କୃତ ଭାଷାର ଉଚ୍ଚାରଣ ନିୟମରେ ଓଡ଼ିଆର ବର୍ଣ୍ଣବିନ୍ୟାସ କଲେ ଆମ୍ଭମାନଙ୍କର ଉଚ୍ଚାରିତ ଭାଷା ଲୋକରେ ଦୁରଧିଗମ୍ୟ ହେବ ।

Digitized by srujanika@gmail.com

ପକ୍ଷାନ୍ତରରେ ଆମ୍ଭମାନଙ୍କର ଲିଖିତ ଭାଷା ଲୋକର ଉଚ୍ଚାରଣରେ ଉଚ୍ଚାରିତ ନ ହେଲେ ତାହା ଯେ କେବଳ ଜାତୀୟ ଭାଷା ନ ହେବ ଏମନ୍ତ ନୁହେଁ, ଭାଷାର ସ୍ଥାୟିତ୍ୱ ଓ ସାର୍ବଜନୀନତା ବିନଷ୍ଟ ହେବ । କୌଣସି ବିଦେଶୀ ଆମ୍ଭ ଭାଷା ଶିଖି ପାରିବେ ନାହିଁ । ଶିଖିଲେ ମଧ୍ୟ ଉଚ୍ଚାରଣ ଦୋଷରୁ ଆମ୍ଭମାନଙ୍କ ଲୋକଙ୍କ ସଙ୍ଗେ କଥାବାର୍ତ୍ତା କହିପାରିବେ ନାହିଁ । ଆମ୍ଭମାନଙ୍କର ସୁପରିଚିତ ଇଂରେଜୀ ଭାଷାରେ ଏ ଦୁଃସହ ଦୋଷ ସ୍ପଷ୍ଟ ଦେଖାଯାଏ । ସେଥିପାଇଁ ସେମାନେ ଅଭିଧାନରେ ବନାନ ଲେଖିସାରି ପୁଣି ଗୋଟିଏ ଉଚ୍ଚାରଣ ଚହ୍ନାଇଥାନ୍ତି, ଏବଂ ଏତେ କାଳ ପ୍ରଚଳନରେ ମଧ୍ୟ ଏହି ଅସୁବିଧା ଦୂର କରିବା ପାଇଁ ଅକ୍ଷର ନିୟମକୁ ଲୋକମୁଖର ଉଚ୍ଚାରଣ ସଙ୍ଗେ ସମାନ କରିବା ପାଇଁ ଆଜି ବିଲାତରେ କେତେକ ଲୋକଙ୍କର ତନ୍ତ୍ର ଉଦ୍ୟମ । ଆମେରିକା ଏହା ଏକପ୍ରକାର କରି ସାରିଅଛି । ବାସ୍ତବିକ ତାହା ନ ହେଲେ ଗୋଟିଏ ପ୍ରଚଳିତ ଭାଷା ଜାତୀୟ ଭାଷା ହେବ କିପରି ? ଓଡ଼ିଆର ଲେଖନ ଉଚ୍ଚାରଣ ଭିନ୍ନ ହେଲେ ଲିଖିତ ସାହିତ୍ୟ ଆମ୍ଭମାନଙ୍କର ଜାତୀୟ ସାହିତ୍ୟର କାର୍ଯ୍ୟ କରିବ କିପରି ?

ଓଡ଼ିଆଭାଷାର ସଂସ୍କୃତଭାଷା ସଙ୍ଗେ ସମ୍ବନ୍ଧ ଅଛି । କିନ୍ତୁ ଓଡ଼ିଆ ବ୍ୟବହାରରେ, ପଦବିନ୍ୟାସରେ ତଥା ଉଚ୍ଚାରଣରେ—କାହିଁରେ ସଂସ୍କୃତ ନୁହେ । ଦିନ ଥିଲା ଯେତେବେଳେ ସଂସ୍କୃତଭାଷା କଳିତ, ସୁଚିନ୍ତିତ ଜାତୀୟ ଭାଷା ଥିବାରୁ ରାଜଦରବାର ଓ ପଣ୍ଡିତସଭାଠାରୁ ମୁଖ୍ୟ ବ୍ୟକ୍ତିମାନଙ୍କର କଥୋପକଥନରେ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲା । ଶିକ୍ଷା, ସଭ୍ୟତା ଓ ଶାସ୍ତ୍ରାଲୋଚନା ଯେତେବେଳେ କେତେକ ଉଚ୍ଚ ଶ୍ରେଣୀୟ ଲୋକମାନଙ୍କ ମଧ୍ୟରେ ମାତ୍ର ସୀମାବଦ୍ଧ ଥିଲା ଏବଂ ଲୋକସାଧାରଣର ଆଚାର ବ୍ୟବହାର, ପ୍ରତିଷ୍ଠା ପଦ୍ଧତି, ଶିକ୍ଷା ସଭ୍ୟତା, ଏପରିକି ସମସ୍ତ ଜାତୀୟ ଜୀବନଟା ସମାଜର ସେହି ଉଚ୍ଚ ଶ୍ରେଣୀର କେତେକ ଲୋକଙ୍କ ହସ୍ତରେ କ୍ରୀଡ଼ନକ ପରି ଥିଲା । ଲୋକେ ସର୍ବଦା ଜୀବନର କଣ୍ଠିତ ପରିଣତ ବୟସରେ ନାଟକ ପରି ସଂସ୍କୃତଭାଷାରେ କଥୋପକଥନ ଆରମ୍ଭ କଲେ ମଧ୍ୟ ସଂସ୍କୃତ ଭାଷାହିଁ ମୁଖ୍ୟଭାଷା ବୋଲି ବିବେଚିତ ହେଉଥିଲା ଏବଂ ସମାଜର ମୁଖ୍ୟ

Digitized by srujanika@gmail.com

ବ୍ୟକ୍ତିମାନେ କାଳକ୍ରମେ ପ୍ରାକୃତର ଅସ୍ତିତ୍ୱ ରହିବ ନାହିଁ ବୋଲି ବିଶ୍ୱାସ କରୁଥିଲେ । ମାତ୍ର ବିଶାଳ ପ୍ରକୃତିର ନୈସର୍ଗିକତା ପ୍ରତିରୁଦ୍ଧ ହେବାର ନୁହେ । ସହସ୍ର ସହସ୍ର ବର୍ଷବ୍ୟାପୀ କଠୋର ସାଧନାରେ ମଧ୍ୟ ପ୍ରାକୃତ ଭାଷାର ଲୋପ ହେଲା ନାହିଁ । ସଂସ୍କୃତ ତାକୁ ପ୍ରଭାବିତ କରିଅଛି । କିନ୍ତୁ ନିର୍ମୂଳ କରି ଉଠାଇ ଦେଇ ପାରି ନାହିଁ । ଭାରତର ସେ ଯୁଗରେ, ଏତେକାଳ କଠୋର ସାଧନାରେ ଯାହା ହୋଇ ନାହିଁ ଆଜି ତାହା ହେବ କି ? ତେବେ ଯେଉଁମାନେ ଉଚ୍ଚାରଣ, ବର୍ଣ୍ଣବିନ୍ୟାସ ତଥା ବାକ୍ୟଗଠନ ପ୍ରଭୃତି ପ୍ରକ୍ରିୟାରେ ସଂସ୍କୃତର ଅନୁକରଣ କରିବେ, ସେମାନଙ୍କର କେବଳ ପୂର୍ବୋଦ୍ଦିଷ୍ଟର ଅଭାବ ବୁଝିବାକୁ ହେବ । ସେମାନେ ହୁଏତ ଇତିହାସର ଯଥାଯଥ ଆଲୋଚନା କରିବାରେ ଅକ୍ଷମ, କିମ୍ବା ଅତ୍ୟନ୍ତ ରକ୍ଷଣଶୀଳତା ହେତୁରୁ ତାଙ୍କର ପୂର୍ବୋଦ୍ଦିଷ୍ଟ ଭୂୟୋଦର୍ଶନ ଉପରେ ସୁପ୍ରତିଷ୍ଠିତ ହେଉନାହିଁ । ଫଳତଃ ସେମାନଙ୍କର ବିଡ଼ମ୍ବିତ ଉଦ୍ୟମ ଚିନ୍ତାହୀନତାର ଲକ୍ଷଣ ମାତ୍ର ।

ପୁଣି ଭାରତୀୟ ଜାତୀୟତାରେ ଆଜି ଗୋଟିଏ ସ୍ୱତନ୍ତ୍ର ଭାବ ଫୁଟି ଉଠିଅଛି । ବ୍ୟାକରଣ ନିବଦ୍ଧ ସଂସ୍କୃତ ଯେତେ ଦିନ ଭାରତର ଜାତୀୟ ଭାଷା ଥିଲି, ତେତେ ଦିନ ଜାତୀୟ ଜୀବନରେ କେବଳ ନିୟମ ଓ ବିଧିବଦ୍ଧ ଅନୁଷ୍ଠାନପ୍ରବଣତାହିଁ ପରମ ଲକ୍ଷଣ ରୂପେ ପ୍ରତିଭାତ ହେଉଥିଲା । ଆଜି ଯେ କାରଣରୁ ହେଉ, ଜୀବନକ୍ରିୟାରେ ପରିବର୍ତ୍ତନ ଘଟିଅଛି । ଜାତୀୟଜୀବନର ଧାରା ନିର୍ଦ୍ଦିଷ୍ଟ ଖାତ ବା ପ୍ରଣାଳୀ ପୂର୍ଣ୍ଣ କରି ଉପକୂଳରେ ଉଚ୍ଛ୍ୱସିତ ଓ ବିସ୍ତୀର୍ଣ୍ଣ ହେଉଅଛି । ଜୀବନର ଏ ତରଳତରଙ୍ଗିତତା ତଥା ବିଶ୍ୱପ୍ରାଣସମ୍ଭବଜନିତ ଏ ଉଦାର ଭାବ ଅଯଥା ଅବରୁଦ୍ଧ ହେଲେ ମଙ୍ଗଳ ନାହିଁ । ଆଜି ଲୋକେ ସେଥିପାଇଁ କଥିତଭାଷାକୁହିଁ ଜାତୀୟ ସାହିତ୍ୟର ଏକମାତ୍ର ଆଧାର ବୋଲି ବୁଝି ଅଛନ୍ତି, ଏବଂ ତାହାକୁହିଁ ଲୋକସାଧାରଣର ଶକ୍ତି ଉଦ୍‌ବୋଧନରେ ଲଗାଉ ଅଛନ୍ତି । ତାହା ନ କଲେ ଏ ଜୀବନସଂଘର୍ଷରେ ତିଷ୍ଠିବା ଅସମ୍ଭବ ହୋଇପଡ଼ିବ । ଭାବବିକାଶରେ ଘୋର ନିୟମବଦ୍ଧତା ଆଉ ଚଳିବ କି ? ଅତଏବ କଥା ଯାହା ହେବ ଲେଖା ତାହାହିଁ ପ୍ରକାଶ କରିବା ଉଚିତ ।

Digitized by srujanika@gmail.com

ଲେଖାର ଉଚ୍ଚାରଣ ଲୋକସାଧାରଣଙ୍କ ଉଚ୍ଚାରଣରୁ ଭିନ୍ନ ହେଲେ ଲୋକେ ଭାବରେ ପ୍ରଭାବିତ ହେବେ କିପରି ? ଆଜି ଭାଷାର ଯେ ସାହିତ୍ୟ ହେବ ସେ ଆଉ ସ୍ମୃତି ନୁହେ ଯେ କେତେକ ମାତ୍ର ଲୋକ ବୁଝି ତାହାର ବ୍ୟବସ୍ଥା ଦେବେ; ସେ ଆଉ ବେଦାନ୍ତ ନୁହେ ଯେ ଅନଧିକାରୀର ତହିଁରେ ପ୍ରବେଶ ରହିବ ନାହିଁ; ଶାସ୍ତ୍ର ନୁହେ ଯେ କେବଳ କେତେକ ପଣ୍ଡିତଙ୍କର ସ୍ଥିର ସମ୍ପଦ ହୋଇ ରହିବ । ତାହା ମଧ୍ୟ ପୁରାଣ ପରି ହେବା ଉଚିତ ନୁହେ । ଓଡ଼ିଆ ଉପନ୍ୟାସକୁ ଓଡ଼ିଆଙ୍କୁ ବୁଝାଇବା ପାଇଁ ଆଉ କଥକ ନିଯୁକ୍ତ ହେବା ଉଚିତ କି ? ଜାତୀୟସାହିତ୍ୟ ଆଜି ଜାତୀୟ ଲୋକସାଧାରଣଙ୍କର ସମ୍ପଦ ଏବଂ ଜାତିର କଥିତ ଭାଷାରେ ତାହା ପ୍ରକାଶିତ ହେବା ଉଚିତ । ଲୋକ ବ୍ୟବହାର ନିମନ୍ତେ ମଧ୍ୟ ଏହାହିଁ କରଣୀୟ । କଥାରେ ସମସ୍ତେ କହିବେ 'ମୁସାଜନ୍ତା', ଲେଖା ପଢ଼ି ସଂସ୍କୃତ ଅକ୍ଷର ନିୟମରେ ଉଚ୍ଚାରଣ କରିବେ 'ମୂଷାୟନ୍ତ୍ରା' । ବଜାରରେ 'ମୁସାଜନ୍ତା' ନ ମାଗି 'ମୂଷାୟନ୍ତ୍ରା' ମାଗିଲେ ଦୋକାନୀ ଦେବ ତ ? ବର୍ତ୍ତମାନ ଲେଖା କଥାର ଏ ପ୍ରଭେଦ ଅନେକେ ଭଲ ବୁଝି ନ ପାରନ୍ତି । କିନ୍ତୁ ମନେକର, ଜଣେ ଜାପାନୀ, ପୁସ୍ତକରୁ ଓଡ଼ିଆ ପଢ଼ିଛନ୍ତି । ସେ ଲେଖାରେ 'ମୂଷାୟନ୍ତ୍ରା' ପଢ଼ି 'ମୁସାଜନ୍ତା' ଉଚ୍ଚାରଣ କରିବେ କି ? ସେ ଯଦି ବଜାରକୁ କିଣିବାକୁ ଆସନ୍ତି ତାଙ୍କର କି ଦଶା ହେବ ? ଉତ୍କଳର ମୁଖ୍ୟବ୍ୟକ୍ତିମାନଙ୍କର ବର୍ଣ୍ଣ ବିଚାର ବେଳେ ଏ କଥା ପ୍ରତି ଆଦୌ ପ୍ରଣିଧାନ ଦେବା ଉଚିତ ।

ଏ ସମସ୍ତ କଥାରୁ ଅବଶ୍ୟ ବୁଝିବା ଉଚିତ ନୁହେ ଯେ, ବର୍ଣ୍ଣ-ବିନ୍ୟାସରେ କୌଣସି ନିୟମ ବା ଆଦର୍ଶ ରହିବ ନାହିଁ । ଏପରି କେହି କେହି ବୁଝିବାର ଆଶଂକା ଅଛି । କାରଣ, ସବୁ ଶବ୍ଦ ଲୋକମୁଖର ଉଚ୍ଚାରଣରେ ସମାନ ନୁହେ । ଭିନ୍ନ ଭିନ୍ନ ସ୍ଥାନର ଓ ଭିନ୍ନ ଭିନ୍ନ ଜାତିର ଲୋକେ ଏକ ଶବ୍ଦକୁ ଭିନ୍ନ ଭିନ୍ନ ଭାବରେ ଉଚ୍ଚାରଣ କରନ୍ତି । ପୁଣି ଏକ ପଦାର୍ଥକୁ ଭିନ୍ନ ଭିନ୍ନ ନାମରେ ମଧ୍ୟ କହନ୍ତି । ଏ ସମସ୍ତ ମଧ୍ୟରେ ଗୋଟିଏ ଆଦର୍ଶ ନ ରହିଲେ ଭାଷାର କୌଣସି ସ୍ଥିରତା ରହିବ ନାହିଁ । ପ୍ରତ୍ୟେକ ବ୍ୟକ୍ତିର ଭାଷା ଓ ଲେଖା ଭିନ୍ନ ଭିନ୍ନ ହେଲେ ଭାଷାଟି ଜାତୀୟ ଭାଷା

Digitized by srujanika@gmail.com

ହେବ କିମ୍ବା କିପରି ? ସେଥିପାଇଁ ଭାଷାର ଆଦର୍ଶ ରହିବ ସତ, କିନ୍ତୁ ସେ ଆଦର୍ଶ କଦାପି ସଂସ୍କୃତଭାଷା ହେବ ନାହିଁ । ଆଦର୍ଶ ଭାଷା ମଧ୍ୟ ଓଡ଼ିଆ ହେବ । ପୃଥିବୀର ଯେ କୌଣସି ଶ୍ରୀସମ୍ପନ୍ନ ପ୍ରାକୃତ ବା ଲୋକମୁଖର ଭାଷା ଆଦର୍ଶସ୍ଥାନ ହୋଇ ରହି ନ ପାରେ । ଇଂରେଜି ଅଭିଧାନରେ ମଧ୍ୟ ବହୁ ଶବ୍ଦ ପ୍ରାଦେଶିକ ଏବଂ ନୀଚ-ଲୋକୋଚ୍ଚାରିତ ବୋଲି ଚିହ୍ନାଇ ଦିଆ ହୋଇଅଛି । ଏଥିରୁ ବୋଧ ହେଉଅଛି, କୌଣସି ସ୍ଥାନରେ ଓ କୌଣସି ଶ୍ରେଣୀ ଲୋକର ମୁଖରେ ଚଳୁଥିବା ଭାଷାକୁ ଆଦର୍ଶ ଧରି, ବାକି ସବୁକୁ ସେହି ମାପକାଠିରେ ବିଚାର କରିବାକୁ ହୁଏ । ମିଡ଼ିଲ୍‌ସେକ୍‌ସ ଓ ଲଣ୍ଡନର ଉଚ୍ଚଶ୍ରେଣୀ ଲୋକଙ୍କର ଭାଷା ଇଂରେଜି ଭାଷାର ଆଦର୍ଶ । ତେଣୁ ଚେମ୍ବର୍‌ସ୍‌ ପ୍ରକାଶିତ ଅଭିଧାନର ଉଚ୍ଚାରଣ ସର୍ବଦା ସାଧୁ ବୋଲି ଗୃହୀତ ହୁଏ । ଓ୍ୱେବ୍‌ଷ୍ଟର୍ ପ୍ରଭୃତି ବଡ଼ ବଡ଼ ଅଭିଧାନ ଥିଲେ ମଧ୍ୟ ଉଚ୍ଚାରଣରେ ସେମାନେ ଆଦର୍ଶ ନୁହନ୍ତି, ଏବଂ ଅକ୍‌ସ୍‌ଫୋର୍ଡ଼ ପରି ଶିକ୍ଷାକେନ୍ଦ୍ରର ଅଭିଧାନ ମଧ୍ୟ ଉଚ୍ଚାରଣରେ ସେହି ଲଣ୍ଡନ ଆଦର୍ଶ ଅନୁବର୍ତ୍ତନ କରିବାକୁ ଚେଷ୍ଟା କରିଅଛନ୍ତି ।

ଓଡ଼ିଆ ଭାଷାରେ ସେ ଆଦର୍ଶ ବିଚାର କରିବାରେ ଅନେକଗୁଡ଼ିଏ ସମସ୍ୟାର ସମାଧାନ ଆବଶ୍ୟକ ହେବ । ଏ ସୂଚନାରେ କେବଳ ସମସ୍ୟା-ଗୁଡ଼ିକର ଯଥାକଥଞ୍ଚିତ୍ ଇଙ୍ଗିତ ମାତ୍ର ଦିଆଯାଉଅଛି । ସେମାନଙ୍କର ସମାଧାନ ବହୁବିଚାରସାପେକ୍ଷ । ଉତ୍କଳର ସୁଧୀମଣ୍ଡଳୀ ଅଚିରେ ସେ ସବୁ ପ୍ରତି ପ୍ରଣିଧାନ ଦେବେ ବୋଲି ଆଶା କରାଯାଏ ।

ସମାଧାତବ୍ୟ ବିଷୟର ସୂଚନା—

୧—ଉତ୍କଳ ଜାତୀୟ ଜୀବନର କେନ୍ଦ୍ର କେଉଁଠାରେ ? ଅର୍ଥାତ୍ କେଉଁ ସ୍ଥାନର ରୀତି ବ୍ୟବହାରାଦି ଉତ୍କଳପ୍ରାଣକୁ ପ୍ରଭାବିତ କରିବାରେ ଅଧିକ ସମର୍ଥ ?

୨—କେଉଁ ସ୍ଥାନର ଭାଷାରେ ବିଦେଶୀ ପ୍ରଭାବ ସବୁଠାରୁ ଊଣା ?

୩—କେଉଁ ଶ୍ରେଣୀର ଲୋକେ ସମାଜରେ ସମୂହ ଭାବରେ ସମ୍ମାନିତ ?

୪—ପ୍ରାଚୀନ ଉତ୍କଳର ଗରିମାଦି କେଉଁ ସ୍ଥାନର ଲୋକଙ୍କୁ ଅଧିକ ପ୍ରଭାବିତ କରି ରଖିଅଛି ? ଐତିହାସିକ ଉତ୍କଳର ପରମ୍ପରା କେଉଁଠାରେ ଅଧିକ

Digitized by srujanika@gmail.com

ରହିଅଛି ? ଇତିହାସ ସମ୍ମାନିତ ଉତ୍କଳର ବଂଶଧର କେଉଁଠାରେ ଅଧିକ ଅଛନ୍ତି ?

୫—ପ୍ରାଚୀନ ସାହିତ୍ୟରେ କେଉଁ ସ୍ଥାନର କେଉଁ ଲୋକଙ୍କ ଭାଷା ବହୁତ ପ୍ରଚୁର ଲଭିଅଛି ?

୬—କେଉଁ ସ୍ଥାନର କେଉଁ ଲୋକଙ୍କ ଭାଷାକୁ ଅଦ୍ୟାପି ଲୋକେ ବିଶେଷ ଆଦର ଓ ସମ୍ମାନ କରନ୍ତି ?

୭—ଭୌଗୋଳିକ ଓ ରାଜନୈତିକ ଭାବରେ କେଉଁଠାରେ ବାହାରର ଶକ୍ତି ଓ ପ୍ରଭାବ ଅଧିକ ପ୍ରବେଶ କରୁନାହିଁ ?

ଇତ୍ୟାଦି ଏବଂ ଏହିଭଳି ବହୁ ବିଷୟର ଆଲୋଚନା କରି ଆଦର୍ଶ ସ୍ଥିର କରିବାକୁ ହେବ । ସାଧୁ ଓଡ଼ିଆ ଭାଷାର ଆଦର୍ଶ ସ୍ଥିର ହେଲେ ପ୍ରାଦେଶିକ ଓ ଗ୍ରାମ୍ୟ ବା ଅତିଜାନପଦ ଭାଷା ଓ ଶବ୍ଦାଦି ସ୍ଥିର ହେବ । ଆଜିକାଲି ବେଳେ ବେଳେ ପରୀକ୍ଷା ପ୍ରଶ୍ନାଦିରେ ପଡ଼େ 'ଚାଉଳ'ର ସାଧୁଶବ୍ଦ ଲେଖ । ପରୀକ୍ଷାର୍ଥୀ ଉତ୍ତରରେ ଲେଖେ 'ତଣ୍ଡୁଳ', ଏବଂ ତାହାହିଁ ପ୍ରକୃତ ଉତ୍ତର ବୋଲି ଧରାହୁଏ । କିନ୍ତୁ ସଂସ୍କୃତ ଓଡ଼ିଆର ସାଧୁଭାଷା ନୁହେ । 'ଆମେ' ନ ଲେଖି 'ଅହଂ' ଲେଖିଲେ କଦାପି ସାଧୁ ଓଡ଼ିଆ ଲେଖା ହୁଏ ନାହିଁ । ବରଂ 'ନରଦୀ' ପରିବର୍ତ୍ତରେ 'ହଳଦୀ' ଲେଖିବା ସାଧୁଭାଷା ବୋଲି କୁହାଯାଇପାରେ । ସାଧୁଭାଷାର ଆଦର୍ଶ ରହିବ, କିନ୍ତୁ ବର୍ତ୍ତମାନ କିଏ ସାଧୁ, ତାହା ଆମ୍ଭେ କହୁନାହୁଁ । ପଣ୍ଡିତମାନେ ବିବେଚନା କରି ସମସ୍ୟାର ସମାଧାନ କରନ୍ତୁ ।

ଏ ପ୍ରଶ୍ନର ସମାଧାନ ଓଡ଼ିଶାରେ ହୋଇ ନାହିଁ ସତ, କିନ୍ତୁ ହିନ୍ଦୀ, ମରହଟ୍ଟୀ ପ୍ରଭୃତି ପ୍ରାକୃତ ଭାଷାମାନେ ଲେଖନ ଓ ଉଚ୍ଚାରଣ ଏକ କରିସାରିଛନ୍ତି । ସେମାନେ ସଂସ୍କୃତକୁ ସାଧୁ ପ୍ରାକୃତ ଭାଷାର ମାନଦଣ୍ଡ ବୋଲି ଧରି ନାହାନ୍ତି । ଅକ୍ଷରବିନ୍ୟାସରେ ମଧ ସଂସ୍କୃତର ଅତିଦାସତ୍ୱ ସେମାନଙ୍କ ଭିତରେ ଆଦୌ ନାହିଁ । ହିନ୍ଦୀରେ ଲେଖାହୁଏ ଜୋ (ଯେ), ଜିସ୍ (ଯାହା), ଜାବେଗା (ଯିବ), ହୋ ସକ୍ତା (ହେବାକୁ ଶକ୍ତ) ଇତ୍ୟାଦି । ନାମ ଲେଖିଲ-

Digitized by srujanika@gmail.com

ବେଳେ ସେମାନେ ଲେଖନ୍ତି, 'ରମେସଚନ୍ଦ୍ର', 'ପୁରୁସୋତ୍ତମ' । ଏଥିରେ ସେମାନଙ୍କ ଭାଷାର ପ୍ରାକୃତତା ସୁରକ୍ଷିତ ହେଉଅଛି, ଏବଂ ଭାଷା ଜାତିର ଭାଷା ହେବା ଆଡ଼କୁ ଯାଉଅଛି ।

କେବଳ ବଙ୍ଗଳା ଭାଷାର ଏ କ୍ଷେତ୍ରରେ ବହୁଦିନୁ ପନ୍ଥା ଭିନ୍ନ ହୋଇଥିଲା । ବିଦ୍ୟାସାଗର ପ୍ରଭୃତି ସଂସ୍କୃତର ଅନୁକରଣରେ ଶବ୍ଦ ଲେଖି ଯାଇଥିଲେ । ତାହା ଏତେଦିନ ଲେଖକମାନଙ୍କୁ ପ୍ରଭାବିତ କରି ଆସିଥିଲା । ଅଳ୍ପଦିନ ହେଲା ସେ ବିଷୟରେ ପ୍ରତିବାଦ ଉଠିଅଛି । ମାତ୍ର ନୂତନ ରୀତି ସମୀଚୀନ ହେଲେହେଁ ପ୍ରାଚୀନ ପ୍ରୀତିର ବନ୍ଧ ସହଜରେ ଭାଙ୍ଗି ପାରୁନାହିଁ । ଓଡ଼ିଶାର ବହୁ ମୁଖ୍ୟଲୋକେ ନାନାଭାବରେ ବଙ୍ଗଳାଠାରେ ନିଜକୁ ଋଣୀ ମନେ କରନ୍ତି । କରିବାର ମଧ୍ୟ କାରଣ ଅଛି । କିନ୍ତୁ ସେ ଋଣର ସୀମା ଭୁଲିଯିବା ଠିକ୍ ନୁହେ । ବଙ୍ଗଳାରେ ଯେଉଁ ବିଭାଗରେ ଯାହା ହେଲା ଓଡ଼ିଶାରେ ତାହାର ଅନୁକରଣ ଚିରକାଳ ଚାଲିଥିବ—ଏ ଧାରଣା ଅନେକଙ୍କର ଥିବା ବଡ଼ ଆକ୍ଷେପର କଥା । କେତେକ ବାସ୍ତବିକ ଯୁକ୍ତି କରିବାର ଶୁଣାଯାଇଛି—'ବଙ୍ଗଳାରେ ମଧ୍ୟ ଆଜିଯାଏ ଏ କଥା ହୋଇ ପାରିନାହିଁ' । ଭାଷା ପ୍ରଭୃତି କ୍ଷେତ୍ରରେ ଏପରି କଥା ଅଯଥା ପ୍ରୟୋଗ କରିବାର ଶୁଣିଲେ ଆତ୍ମଗ୍ଲାନି ଓ ଯାତନା ହୁଏ । ବୁଝିବା ଉଚିତ, ଆଲୋଚନାରେ ଅତି-ଦାସତ୍ୱ ଅବଲମ୍ବନ କଲେ, ଜାତୀୟ ଶକ୍ତି ଜାଗେ ନାହିଁ ।

ଉପସଂହାରରେ ଆଉ ଗୋଟିଏ କଥା କହି ରଖିବା ଉଚିତ । କଅଣ ବିଧେୟ, କଅଣ କରିବା ଉଚିତ—ତାହାହିଁ ଏ ପର୍ଯ୍ୟନ୍ତ ପ୍ରାୟଶଃ କୁହା ଯାଉଅଛି । ମାତ୍ର କେବଳ କୁହାଯାଉ ଅଛି, ସଂସ୍କୃତର ବହୁ ସାଧନାରେ ମଧ୍ୟ ପ୍ରାକୃତ ଲୋପ ପାଇନାହିଁ । ଲୋକମୁଖର ଭାଷା ଓ ଉଚ୍ଚାରଣ ଲୋପ ପାଇବା ଅସମ୍ଭବ । ଆଜି ଯେଉଁମାନେ ଅକ୍ଷରବିନ୍ୟାସରେ ସଂସ୍କୃତର ଅନୁବୃତ୍ତିହିଁ ବିଧି ବୋଲି ପ୍ରଚାର କରନ୍ତି, ସେମାନଙ୍କର ଉଦ୍ୟମ କିପରି ଫଳପ୍ରଦ ହେବ, ବିଚାର କରିବା ଉଚିତ । କେତେଗୁଡ଼ିଏ ଦେଶ୍ୟ ଶବ୍ଦ ଅଛି । ତାର ସଂସ୍କୃତ ମୂଳଶବ୍ଦ ସେମାନେ ପାଆନ୍ତି ନାହିଁ । ସେଠାରେ ତ

Digitized by srujanika@gmail.com

ଜନିତସ୍ୱ ଲୋକମୁଖର ଉଚ୍ଚାରଣହିଁ ସେମାନଙ୍କର ଅକ୍ଷର ବିନ୍ୟାସରେ ସମାନ । ତେବେ ଯେଉଁ ବ୍ୟବହୃତ ଶବ୍ଦ ସଂଗେ ସଂସ୍କୃତ ଶବ୍ଦର ସାମଞ୍ଜସ୍ୟ ମିଳେ ବା ସଂପର୍କ ଅନୁମିତ ହୁଏ, ସେହିଠାରେ ସେମାନଙ୍କର ଆପତ୍ତି ହୋଇଥାଏ । ସେଠାରେ ମଧ୍ୟ ଭାଷାର ପ୍ରକୃତି ସେମାନଙ୍କର ମତି ରଖି ଦେଉନାହିଁ । ଏହା ସେମାନେ ଦେଖି ଦେଖୁ ନାହାନ୍ତି । ସେମାନେ କହନ୍ତି, ଲବଣରୁ ଲୁଣ ହୋଇଅଛି, ଏବଂ 'ଲୁଣ' ଲେଖିଲାବେଳେ ସେମାନେ ସଂସ୍କୃତର 'ଅବ' ସ୍ଥାନରେ ଓଡ଼ିଆର 'ଉ' ଲେଖିବାକୁ ଆପତ୍ତି କରନ୍ତି ନାହିଁ; କିନ୍ତୁ କହନ୍ତି 'ନୁଆ', ଲେଖନ୍ତି 'ନୂଆ'; କହନ୍ତି 'ଜନ', ଲେଖନ୍ତି 'ଯ୍ନମ'; କହନ୍ତି 'ସହେ', ଲେଖନ୍ତି 'ଶହେ' । କେବଳ କେତୋଟି ଦୀର୍ଘ ହ୍ରସ୍ୱ ଓ ସ୍ୱ, ଶ ପ୍ରଭୃତିରେ ସେମାନଙ୍କ ମତି ସୀମାବଦ୍ଧ ରହିଅଛି ମାତ୍ର । ଏହିତକ ହୁଏତ ସେମାନେ ଛାଡ଼ିବାକୁ ନାରାଜ । ଆଉ କୌଣସିଠାରେ ପ୍ରାକୃତ ପ୍ରଭାବ ତାଙ୍କ କଥା ରଖି ଦେଉନାହିଁ । ହ୍ରସ୍ୱ ଦୀର୍ଘାଦିରେ ମଧ୍ୟ ସେମାନେ ବେଳେ ବେଳେ ଶତ ଚେଷ୍ଟା କରି ନିଜର ବର୍ଣ୍ଣବିନ୍ୟାସ ରଖିବାକୁ ଅକ୍ଷମ ହେଉ ଅଛନ୍ତି । 'ପ୍ରାଣ ପୁରଉଠେ', 'ପୁରୁବ ଗଗନ', 'ଗୃହାଲୀର ଶୁନ ଏକ' ପ୍ରଭୃତି ଆଜିକାଲି ବହୁ ସ୍ଥଳରେ ପ୍ରାକୃତିକ ଉଚ୍ଚାରଣରେ ଲେଖାହେବା ଆରମ୍ଭ ହୋଇ ଯିବାର ଦେଖା ଯାଉଅଛି । ତାହା ଚେଷ୍ଟା କଲେ ମଧ୍ୟ କେହି ବାରଣ କରି ପାରୁନାହିଁ । ତେବେ ଆଉ କେବଳ ରକ୍ଷଣଶୀଳତାର କେତେଗୁଡ଼ିଏ ପରିବଦ୍ଧ ଧାରଣା ଯୋଗୁଁ ବର୍ଣ୍ଣବିନ୍ୟାସରେ ଅନୈସର୍ଗିକ ଉତ୍ପାତ ଓ ବିଭ୍ରାଟ ଘଟାଇ ଜାତୀୟ ଶକ୍ତି କ୍ଷୟ କରିବାରେ କି ଲାଭ ଅଛି ? ଯାହା ଉଚିତ ନୁହେଁ, ପୁଣି ପ୍ରକୃତି ଯାହା ରଖି ଦେଉ ନାହିଁ, ସେଥିର ଆଲୋଚନାରେ ଯେଉଁମାନେ ନିସ୍ପ୍ରୟୋଜନ ଲକ୍ଷ୍ୟ କରିବାକୁ ଅକ୍ଷମ, ସେମାନଙ୍କର ବିଚାର ନିମନ୍ତେ ଏ ଲୋକଶକ୍ତି-ଗଠନ ଯୁଗରେ ଏହି କେତେକ ବିଷୟର ଅବତାରଣା କରାଗଲା ।

---

Digitized by srujanika@gmail.com

# ଭାଷାତତ୍ତ୍ୱ-ପ୍ରବେଶ*

ଭାବ, ଚିନ୍ତା ଓ ଅନୁଭୂତି ବ୍ୟକ୍ତ କରିବା ଉପାଦାନ ମାନବର ଭାଷା । ତେଣୁ ଭାଷାର ବ୍ୟବହାରରେ ଗୋଟିଏ ଶିଳ୍ପ ଫୁଟିଉଠେ । ଶିଳ୍ପର ସାମାନ୍ୟ ବା ସାର୍ବଜନୀନ ବିଭାବ ଯେପରି ଲୋକସାଧାରଣର ପ୍ରୀତି ଓ ଆଦର ଜନ୍ମାଏ, ସ୍ୱାତନ୍ତ୍ର୍ୟ ମଧ୍ୟ ସେହିପରି ତାହାର ଗୋଟିଏ ବିଶେଷତ୍ୱ । ରଚନାରେ ବ୍ୟକ୍ତିତ୍ୱ, ଭାଷା-ବିନ୍ୟାସରେ ଭାଷାର ବିଶେଷତ୍ୱ, ଏବଂ ଭାବ ବିକାଶରେ ସେହି ଶିଳ୍ପର ସାର୍ବଜନୀନତା ପ୍ରକାଶିତ ହୁଏ । ଏହି ତିନୋଟି ଯେଉଁ ଶିଳ୍ପ ସର୍ବାଙ୍ଗସୁନ୍ଦର ହୁଏ ସତ; ମାତ୍ର କୌଣସିଟିରେ ଆଧିକ୍ୟ ବା ଯଥେଚ୍ଛାଗ୍ରହିତା ଶିଳ୍ପର ସୌନ୍ଦର୍ଯ୍ୟ ନିମନ୍ତେ ସ୍ପୃହଣୀୟ ନୁହେ । ଭାଷାରେ ଲେଖକର ବିଶେଷତ୍ୱ ଯେପରି ଗୋଟିଏ ଉପାଦାନ, ଭାଷାର ସ୍ୱାତନ୍ତ୍ର୍ୟ ଓ ସଜୀବତା ସେହିପରି ଆବଶ୍ୟକ । ବସ୍ତୁତଃ ଭାଷାର ସାର୍ବଜନୀନତା, ସ୍ୱାତନ୍ତ୍ର୍ୟରେ ନଷ୍ଟ ହେଲେ, ଭାଷାର ବିଶେଷତ୍ୱ ନାହିଁ, ଏବଂ ସମଷ୍ଟିରେ ଅସ୍ତିତ୍ୱ ମଧ୍ୟ ଅସମ୍ଭବ ହୁଏ ।

ସମସ୍ତ ଶିଳ୍ପର ସଂରକ୍ଷଣ ନିମନ୍ତେ ସଭ୍ୟତାର ବିକାଶ ସଙ୍ଗେ ବିଜ୍ଞାନ ବିକାଶ ଲଭେ । ଭାଷାରେ ସେହିପରି ବିଜ୍ଞାନ, ଅର୍ଥାତ୍, ସମାଲୋଚନା ବା ତତ୍ତ୍ୱ-ବିଚାର, ଉପରେ କୁହାଯାଇଥିବା ତିନୋଟି ବିଭାବ ପ୍ରତି ଲକ୍ଷ୍ୟ ରଖି ସର୍ବଦା ଗତି କରିବା ଉଚିତ । ସେଥି ମଧ୍ୟରୁ ରଚନାରେ ବ୍ୟକ୍ତିର ବିଶେଷତ୍ୱ-ସମୂହ ଭାଷାତତ୍ତ୍ୱ ଆଲୋଚନାର ଅଙ୍ଗୀଭୂତ ନୁହେ । ତାହା ସାହିତ୍ୟର ସମାଲୋଚନାରେ ସ୍ଥାନ ପାଏ । ବାକି ଦୁଇଟି ବିଭାବ ଭାଷାତତ୍ତ୍ୱ ବିଚାରରେ ଆଲୋଚନୀୟ । ସେ ଦୁଇଟି ଭାଷାର ସ୍ୱାତନ୍ତ୍ର୍ୟ ଓ ସାର୍ବଜନୀନତା । ଏ ଦୁଇଟିର ସ୍ୱତନ୍ତ୍ର ବିଚାର ବଡ଼ ଜଟିଳ । ଗୋଟିଏ ଅପରଟିକୁ ଗ୍ରାସ କରିବାର ଆଶଙ୍କା ଅଛି । ଭାଷାର ସ୍ୱାତନ୍ତ୍ର୍ୟ ବଢ଼ାଇବାକୁ ଯାଇ ସାର୍ବଜନୀନତା ପ୍ରତି ଦୃଷ୍ଟି ନ ଦେଲେ ଭାଷା ଗ୍ରାମ୍ୟ ହୁଏ, ଏବଂ ବିପରୀତରେ ସାର୍ବଜନୀନତା

---

*ସ୍ୱର୍ଗତ ପଣ୍ଡିତ ଗୋପୀନାଥ ନନ୍ଦଙ୍କ 'ଓଡ଼ିଆ ଭାଷାତତ୍ତ୍ୱ' ଗ୍ରନ୍ଥର ଗ୍ରନ୍ଥପ୍ରବେଶ । ଲେଖାର କାଳ—୧୯୨୭ ମସିହା ।

Digitized by srujanika@gmail.com

ଦେଖିବାରେ ଆତ୍ମବିସ୍ମୃତ ହେଲେ ଭାଷା କୃତ୍ରିମ ହୁଏ । ଭାଷାତତ୍ତ୍ୱ ବିଚାରରେ ଏକଥା ପ୍ରତି ସମ୍ୟକ୍ ଦୃଷ୍ଟି ଦେଇ ପଦେ ପଦେ ଅଗ୍ରସର ହେବାକୁ ହେବ । ସ୍ୱାତନ୍ତ୍ର୍ୟରେ ଭାଷା-ଭାଷୀ ଲୋକଙ୍କର ସାହିତ୍ୟ ଓ ସଭ୍ୟତା ଯେପରି ପୁଷ୍ଟ ହୁଏ, ସାର୍ବଜନୀନତାରେ ସେହିପରି ଭାଷାର ଶକ୍ତି ଓ ଜୀବନ ସଂରକ୍ଷିତ । ଦୁଇଟିର ବ୍ୟବହାର ଅଛି । ପଣ୍ଡିତ ଗୋପୀନାଥ ନନ୍ଦଙ୍କ ଭାଷାତତ୍ତ୍ୱ ବିଚାରରେ ଏ ଦୁଇଟି ବିଭବ ପ୍ରତି ଲକ୍ଷ୍ୟ ରଖି ତାହାର ମର୍ଯ୍ୟାଦା ବୁଝିବାକୁ ହେବ ।

ପଣ୍ଡିତ ଗୋପୀନାଥ ନନ୍ଦଙ୍କ ଭାଷାତତ୍ତ୍ୱ ଏକା ଓଡ଼ିଆରେ କାହିଁକି, ଭାରତର ସମସ୍ତ ଚଳିତ ଭାଷାରେ ଗୋଟିଏ ନୂତନ ଗ୍ରନ୍ଥ । ଜୀବନ୍ତ ଚଳିତ ଭାଷାର ଶକ୍ତି ଓ ଅଭିବୃଦ୍ଧି ଉପରେ ଶିକ୍ଷା ଓ ସଭ୍ୟତାର ପ୍ରଗତି ଓ ପ୍ରସାର ନିର୍ଭର କରେ । ଭାଷାତତ୍ତ୍ୱର ଅନୁସନ୍ଧାନ ଓ ପ୍ରଚାରରେ ଭାଷା ସାର୍ବଜନୀନ ଓ ବିଦେଶୀ ପକ୍ଷରେ ସୁଖସେବ୍ୟ ଓ ସୁଶିକ୍ଷଣୀୟ ହୁଏ । ଏହା ଏକପ୍ରକାର ଇଙ୍ଗିତରେ କୁହାଯାଇଅଛି । ମାତ୍ର ସାମାଜିକ କୃତ୍ରିମତାରୁ ହେଉ, ରାଜନୀତିକ ପରାଧୀନତାରୁ ହେଉ, ପ୍ରାଚୀନତାର ସ୍ଥିତି ସଂରକ୍ଷଣ ଉଦ୍ଦେଶ୍ୟ ବା ଉଦ୍ୟମରୁ ହେଉ, ଉପରେ କୁହାଯାଇଥିବା ନୀତି ଅବଲମ୍ବନରେ ଭାରତର ଭାଷାଚର୍ଚ୍ଚା ଅଦ୍ୟାପି କଦାଚିତ୍ ହୋଇଅଛି । ସେଥିପାଇଁ କେବଳ ଯେ ଶିଶୁର ଶିକ୍ଷା ବ୍ୟଙ୍ଗ ଓ ପ୍ରତିହତ ହୁଏ, ସେତିକି ନୁହେଁ, ଭାରତୀୟ ଚଳିତଭାଷାମାନଙ୍କର ସ୍ୱାଧୀନ ସାର୍ବଜନୀନ ସାର୍ବକାଳିକ ପ୍ରକୃତି ଫୁଟୁନାହିଁ । ଇଉରୋପରେ ଭାଷାର କୃତ୍ରିମତା ଓ ସଂକୋଚ ବହୁଶତାବ୍ଦୀ ଧରି ଇଉରୋପର ଜୀବନକୁ ବିକୃତ ଓ ଏକଦେଶଦର୍ଶୀ କରି ରଖିଥିଲା । ଗତ ଶତାବ୍ଦୀ ମଧ୍ୟରେ ତାହା ସମ୍ପୂର୍ଣ୍ଣରୂପେ ବଦଳି ଯାଇଅଛି । ଗ୍ରୀକ୍, ଲାଟିନ୍ ବନ୍ଧନରୁ ଭାଷା ସ୍ୱାଧୀନ ହୋଇ ବର୍ତ୍ତମାନ ସମସ୍ତ ଜଗତରେ ନିଜର ବୈଜ୍ଞାନିକ ସମ୍ପର୍କ ସ୍ଥାପନ କରି ଇଉରୋପୀୟ ଭାଷା ନିଜର ସ୍ୱାତନ୍ତ୍ର୍ୟ ସୂତ୍ରରେ ସାର୍ବଜନୀନତାର ଶ୍ରେଷ୍ଠ ଭିତ୍ତିଭୂମି ଅଧିକାର କରି ବସିଅଛି । ଜୀବନ୍ତ ଭାଷାର ସ୍ୱତନ୍ତ୍ର ଅଭିବୃଦ୍ଧି ସଙ୍ଗେ ସାର୍ବଜନୀନତାର ଭିତ୍ତି ବରଂ ଦୃଢ଼ରୁ ଦୃଢ଼ତର ହେଉଅଛି । ଭାରତର ଭାଷା-ବିଜ୍ଞାନର ସେ ବିଭବ ଏବେ ମଧ୍ୟ ଲୋକଦୃଷ୍ଟି ଆକର୍ଷଣ କରିଅଛି କି ନା ସନ୍ଦେହ । ମାତ୍ର ସୁଖର କଥା, ଏ କ୍ଷେତ୍ରରେ ପଣ୍ଡିତ ଗୋପୀନାଥ

Digitized by srujanika@gmail.com

ନାନ୍ଦଙ୍କର ସତ୍‌ସାହସ ଓ ଶ୍ଳାଘ୍ୟ ଉଦ୍ୟମ ଚର୍ଚ୍ଚା କଲେ ବିସ୍ମିତ ହେବାକୁ ହୁଏ ।

କେହି କେହି କହନ୍ତି, ଶିକ୍ଷାପଦ୍ଧତିରେ ଚଳିତଭାଷାର ସମ୍ୟକ୍ ଚର୍ଚ୍ଚା ବଡ଼ ବେଶି ଦରକାର ନାହିଁ । ଯେଉଁଠାରେ ଯେଉଁ ଭାଷା ଚଳେ ସେଠାରେ ସେହି ଭାଷାରେ ଶିକ୍ଷା ଦେଲେ ବ୍ୟାକରଣ ବା ଭାଷାତତ୍ତ୍ୱର ଆବଶ୍ୟକତା କଅଣ ? ଭାଷାର ସ୍ୱାତନ୍ତ୍ର୍ୟ ଦୃଷ୍ଟିରେ ଏ ମତ ପ୍ରଶଂସନୀୟ ହୋଇପାରେ । ମାତ୍ର ଏଥିରେ ଭାଷାର ସାର୍ବଜନୀନତା ଅବଚ୍ଛିନ୍ନ ଓ ଫଳରେ ବିଧ୍ୱସ୍ତ ହୁଏ । ଗ୍ରାମ୍ୟତା, ପ୍ରାଦେଶିକତା ଆଦି ଭେଦକରି ଜାତୀୟଭାଷା ସୂତ୍ରରେ ଲୋକ-ସଭ୍ୟତା ବିକାଶ ପ୍ରୟାସ ହେଲେ, ଭାଷାତତ୍ତ୍ୱର ସମ୍ୟକ୍ ଆଲୋଚନା ଓ ପ୍ରଚାର ବିନା ତାହା ସମ୍ଭବ ହେବ ନାହିଁ । ପୁଣି ଭାଷାହିଁ ସାହିତ୍ୟ ତଥା ସଭ୍ୟତାର ଆଧାର । ଭାଷାଚର୍ଚ୍ଚା ବିନା ଆଜିଠାରୁ ତିନି ଶହ ବର୍ଷ ପରେ ଲୋକେ ବର୍ତ୍ତମାନର ସାହିତ୍ୟ ବୁଝିବେ ନାହିଁ । ସଭ୍ୟତାର ଭୂୟୋବିକାଶ ପକ୍ଷରେ ଏହା ଏକ ଘୋର ଅନ୍ତରାୟ ।

ଆଉରି ଗୋଟିଏ କଥା । ପ୍ରାଣକୁ ସଂକୁଚିତ କରି ସାହିତ୍ୟ ବା ଭାଷାଚର୍ଚ୍ଚା କରିବା ଠିକ୍ ନୁହେ । ଆଜି ପଞ୍ଜାବ, ସିନ୍ଧୁ ଓ ଜାପାନ ବା କାନଡ଼ାର ଲୋକେ ଆମ ଭାଷା ଶିଖିଲେ, ଆମ ଲୋକଙ୍କ ସଙ୍ଗେ କଥାବାର୍ତ୍ତା ବ୍ୟବହାର କରିବାକୁ ସମର୍ଥ ହେବା ଉଚିତ । ସେଥିପାଇଁ କୃତ୍ରିମତାର ଛାଞ୍ଚରେ ଭାଷାକୁ ଢାଳି କେବଳ ସ୍ୱାତନ୍ତ୍ର୍ୟ ରଖିବାର ଉଦ୍ୟମ କରିବା ଠିକ୍ ନୁହେ । ମାତ୍ର ଭାରତର ଏସବୁ ନୀତି, ଉଦ୍ଦେଶ୍ୟ ଓ ଆଦର୍ଶରେ ଘୋର ଅନ୍ତରାୟ ଅଛି, ତାହା ଏଠାରେ ସ୍ପଷ୍ଟ ବୁଝିରଖିବା ଉଚିତ ।

ବହୁଶତାବ୍ଦୀ ପୂର୍ବେ ଭାରତର ଆର୍ଯ୍ୟଜାତି ନିଜର ଶିକ୍ଷା ସଭ୍ୟତାଦି ଅକ୍ଷୁଣ୍ଣ ସଂରକ୍ଷଣ କରିବା ଉଦ୍ଦେଶ୍ୟରେ ସଂସ୍କୃତଭାଷାର ସୃଷ୍ଟି କରିଥିଲେ । ସେହିଦିନଠାରୁ ସମସ୍ତ ପ୍ରାଦେଶିକ ଭାଷାର ମୂଳ ସଂସ୍କୃତ ବୋଲି ଗୋଟିଏ ଧାରଣା ଚାଲି ଆସୁଅଛି । ପ୍ରାକୃତ ବ୍ୟାକରଣକାର ସେହି ଧାରଣାର ବଶବର୍ତ୍ତୀ ହୋଇ ଲେଖି ଅଛନ୍ତି, "ପ୍ରକୃତିଃସଂସ୍କୃତଂ ତତ୍ର ଭବଂ ତତ ଆଗତଂ ବା ପ୍ରାକୃତମ୍" ଅର୍ଥାତ୍ ପ୍ରାକୃତ ବା ଚଳିତଭାଷାସବୁ ସଂସ୍କୃତ ଭାଷାର ବିକୃତି ମାତ୍ର । ଏ ଧାରଣା

Digitized by srujanika@gmail.com

ଭାରତର ସାହିତ୍ୟିକମାନଙ୍କ ମଧ୍ୟରେ ବଡ଼ ଦୃଢ଼ । ବିଶେଷତଃ କେବଳ ସଂସ୍କୃତଭାଷାରେ ଯେଉଁମାନେ ପଣ୍ଡିତ, ସେମାନଙ୍କର ଏକଦେଶଦର୍ଶିତା ଏ ଧାରଣାରୁ ସ୍ୱାଧୀନ ହେବା ଏକପ୍ରକାର ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ । ସେଭଳି ପଣ୍ଡିତମାନଙ୍କ ମତରେ ସମସ୍ତ କଥିତ ବା ପ୍ରାକୃତ ଭାଷା ଗ୍ରାମ୍ୟ । ଏପରି କି ନିତାନ୍ତ ଚଳିତଭାଷା ବ୍ୟବହାରରେ ମଧ୍ୟ ସେମାନେ 'ପାଉଚି'କୁ 'ପାବଚ୍ଛି', 'ଛଇଲ'କୁ 'ଛବିଲ', 'ଗଢ଼ଣ'କୁ 'ଗଠନ' ପ୍ରଭୃତି ନାରକ ଅପସଂସ୍କୃତରେ ପରିଣତ ନ କରି ସାଧୁ ଶବ୍ଦ ବୋଲି ଗ୍ରହଣ କରିବାକୁ କୁଣ୍ଠିତ । ପ୍ରାୟ ତିରିଶ ବର୍ଷ ତଳେ ଏହି ଧାରଣା ଓ ନୀତି ଅବଲମ୍ବନ କରି ଏ ଦେଶର କେହି କେହି ପଣ୍ଡିତ ଶିଶୁଶିକ୍ଷା ଉଦ୍ଦେଶ୍ୟରେ 'ଅପଭ୍ରଂଶବୋଧିନୀ' ବୋଲି ପୁସ୍ତିକା ପ୍ରଚାର କରିଥିଲେ, ଓ ସେହି ସୂତ୍ରରେ ଶିଶୁମାନଙ୍କୁ ସାଧୁଶବ୍ଦ ନାମରେ ସଂସ୍କୃତ ବା ଉଲ୍ଲିଖିତ ପ୍ରକାର ଅପସଂସ୍କୃତ ଶବ୍ଦମାନ ଶିକ୍ଷା ଦେବାର ବ୍ୟବସ୍ଥା ମଧ୍ୟ ହୋଇଥିଲା । ଲୋକମୁଖରେ 'କୁହାଯାଏ' ପ୍ରଭୃତି ପରି ସାଧୁ ଓଡ଼ିଆ ଶବ୍ଦକୁ 'କହାଯାଏ' ପ୍ରଭୃତିରେ ପରିଣତ କରିବା ଏବେ ମଧ୍ୟ କେତେକ ତଥାକଥିତ ସାହିତ୍ୟସେବୀଙ୍କର ନୀତି ହୋଇ ରହିଅଛି । ବ୍ୟାକରଣରେ ମଧ୍ୟ 'ମୁଁ କରିପାରେ'ର କର୍ମବାଚ୍ୟ 'ମୋ ହାତେ କରି ହୁଏ'—ଏପରି ସାଧୁ ଓଡ଼ିଆଭାଷାର ପବିତ୍ର ବୈଭବ ପରିବର୍ତ୍ତେ ଶିଶୁକୁ ଶିକ୍ଷା ଦିଆଯାଏ— 'ମୋ ଦ୍ୱାରା କରି ପାରିଯାଏ'; ଇତ୍ୟାଦି ଉଦାହରଣ ଦେଇ ବୁଝାଇବାର ଅବକାଶ ଏଠାରେ ନାହିଁ ।

ସ୍ଥୂଳତଃ ଏତିକମାତ୍ର କହିଲେ ଯଥେଷ୍ଟ ହେବ ଯେ, ପ୍ରାକୃତ ବା ପ୍ରାକୃତିକ ଚଳିତ ଓ ଜୀବନ୍ତ ଭାଷାର ବର୍ଣ୍ଣ ଶବ୍ଦ ବ୍ୟାକରଣାଦି ଜଡ଼ ସଂସ୍କୃତର କୃତ୍ରିମ ଗ୍ରନ୍ଥରେ ବ୍ୟକ୍ତ କରିବାର ପ୍ରୟାସ ସର୍ବତ୍ର ପ୍ରଭାବ ବିସ୍ତାର କରି ରହିଅଛି । ଶିକ୍ଷା ସଭ୍ୟତାଦିର ପ୍ରସାର ଏହି ହେତୁରୁ କି ପରିମାଣରେ ପ୍ରତିହତ ହେଉଅଛି, ତାହା ଲୋକେ ସାଧାରଣତଃ ବୁଝନ୍ତି ନାହାନ୍ତି । ବଙ୍ଗଦେଶର ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଅନୁକରଣରେ ଏ ଦେଶରେ ଆଧୁନିକ ସାହିତ୍ୟର ପ୍ରବର୍ତ୍ତକ ରାଧାନାଥ ରାୟ ଓ ମଧୁସୂଦନ ରାଓ ଶିକ୍ଷା ବିଭାଗର କର୍ତ୍ତାରୂପେ ପ୍ରଥମେ ଏ କୃତ୍ରିମ ପନ୍ଥା ଫିଟାଇଲେ, ଓ ତାହାହିଁ ଆଦର୍ଶରୂପେ ସାହିତ୍ୟରାଜ୍ୟ ବହୁ ପରିମାଣରେ ପ୍ରଭାବିତ କରି ଆସୁଅଛି ।

Digitized by srujanika@gmail.com

ରାଜନୀତିକ ପରାଧୀନତା ଓ ବହୁକାଳର ସାମାଜିକ ସଂକୋଚ ହେତୁରୁ ଦେଶରେ ଯେ ମାନସିକ ଭାବ ଦୃଢ଼ବଦ୍ଧ ହୋଇ ରକ୍ଷଣଶୀଳ ଭାରତବାସୀକୁ ଏକପ୍ରକାର ଅଜ୍ଞାତ ଅନୁକରଣଶୀଳ ଜଡ଼ ବସ୍ତୁରେ ପରିଣତ କରିଅଛି, ତାହାର କ୍ରିୟା ମଧ୍ୟ ଏ କ୍ଷେତ୍ରରେ କମ୍ କାର୍ଯ୍ୟ କରିନାହିଁ । ଜୀବନର ବିକାଶ ସଙ୍ଗେ ଭାବ ଓ ଭାଷା ବିକାଶର ନିତ୍ୟ ସଂବନ୍ଧ । ସ୍ୱାଧୀନ ପ୍ରାଣରେ ଆଲୋଚନାର ସ୍ୱାଧୀନ ପନ୍ଥା ଫିଟିଥାଏ । ରାଜନୀତିକ ଓ ସାମାଜିକ ପରତନ୍ତ୍ରତା, ପ୍ରାଣ ସଂକୁଚିତ କରେ । ଭୂୟୋଦର୍ଶନ ତଥା ପୂର୍ବୋଦୃଷ୍ଟି ସେଥିରେ ପ୍ରତିହତ ହୁଏ । ଶରୀର ଆତ୍ମରକ୍ଷାର ପ୍ରବୃତ୍ତି ଜାଗ୍ରତ ହୋଇ ମାନବର ବହିର୍ଦୃଷ୍ଟି ନିରୁଦ୍ଧ କରେ । ସଂସ୍କୃତ ସାହିତ୍ୟରେ ମଧ୍ୟ ବ୍ୟାସ, ବୁଦ୍ଧଘୋଷ ଓ କାଳିଦାସଙ୍କର ତରଳ ତରଙ୍ଗିତ ସ୍ୱାଧୀନତା କ୍ରମେ ସଂକୁଚିତ ହୋଇ ନୈଷଧ ଯୁଗର କୃତ୍ରିମତା ଓ ସାହିତ୍ୟର ଘୋର ଅପବ୍ୟବହାରରେ ପର୍ଯ୍ୟବସିତ ହେଲା । ଦର୍ଶନର ସୂତ୍ରସବୁ ଭାମତୀ, ପରିମଳ ପ୍ରଭୃତିର କୃତ୍ରିମ ଜଟିଳ ନ୍ୟାୟତର୍କ ବିସ୍ତାରରେ ଦେଶର ଦାର୍ଶନିକ ଭାବ ବିକୃତ କଲା । ଏବେ ମଧ୍ୟ ଇଂରେଜୀ ସାହିତ୍ୟର ପ୍ରସାର ହେଲେହେଁ ସଂସ୍କୃତଭାବ ଓ ବିନ୍ୟାସ ସଙ୍ଗେ ମିଳାଇ ରଚନା କେବଳ ଅନୁକରଣରେ ପର୍ଯ୍ୟବସିତ ହୋଇଅଛି । ରକ୍ଷଣଶୀଳତାର ବନ୍ଧନରେ ଅଜ୍ଞାତ ଭାବରେ ସ୍ୱାଧୀନତା ପ୍ରବେଶ କରି ସଭ୍ୟତା ତଥା ସାହିତ୍ୟକୁ ବହୁ ସ୍ଥଳରେ ବିକୃତ କରୁଅଛି । ଉଦାହରଣ ସ୍ୱରୂପ ଓଡ଼ିଆରେ ରାଧାନାଥଙ୍କ କବିତାରୁ ଯେଉଁ ଉପଧା ସ୍ୱର ମିଳାଇବାର ସୃଷ୍ଟି ହେଲା, ତାହା ଯେ ଓଡ଼ିଆରେ କିପରି ଅସଙ୍ଗତ ଓ ଭାଷାର ଶକ୍ତି ସୌନ୍ଦର୍ଯ୍ୟ ସଙ୍ଗେ ସମ୍ବନ୍ଧହୀନ, ତାହା ବିଗ୍ଭର କଲେ ବିସ୍ମିତ ହେବାକୁ ହୁଏ । ଏହିପରି ନାନା କ୍ଷେତ୍ରରେ କେବଳ ଅନୁକରଣର ନୂତନତା ସ୍ୱାଧୀନତା ନାମରେ ପ୍ରଗ୍ଭରିତ ହେଉଅଛି ସତ, କିନ୍ତୁ ପରାଧୀନତାର ଦୃଢ଼ ବନ୍ଧନ ଓ ରକ୍ଷଣଶୀଳତାର ଭିତ୍ତି ତୁଟାଇ ସ୍ୱାଧୀନ ଭାଷାଶିଳ୍ପ ଫୁଟାଇବାର ଶକ୍ତି ଏ ଦେଶ ଲୋକଙ୍କର ଜନ୍ମିଅଛି ବୋଲି ମନେ ହୁଏ ନାହିଁ ।

ତେଣୁ ରକ୍ଷଣଶୀଳ ଭାରତବାସୀ ପକ୍ଷେ ପରଂପରାରୁ ପ୍ରକୃତ ସ୍ୱାଧୀନତା ଅନୁଭବ କରି ଅବଲମ୍ବନ କରିବା ସହଜ ନୁହେ । ସେଥିପାଇଁ ଚଳିତଭାଷା-ମାନଙ୍କର ସ୍ୱାଧୀନ ଓ ସାଧୁ ପରିଶୀଳନ ପର୍ଯ୍ୟନ୍ତ ଭାରତବାସୀଦ୍ୱାରା କଦାଚିତ୍

Digitized by srujanika@gmail.com

ହୋଇଅଛି । ବିମ୍‌ସ୍ (Beams), କଲ୍‌ଡ୍‌ବେଲ (Caldwell), ଗ୍ରିଏରସନ୍ (Grierson) ପ୍ରଭୃତି ସାହେବମାନେ ଏ କ୍ଷେତ୍ରରେ ପନ୍ଥା ଦେଖାଇ ଅଛନ୍ତି ସତ, କିନ୍ତୁ ସେମାନଙ୍କର ଆଲୋଚନାର ଉଦ୍ଦେଶ୍ୟ ଓ କ୍ଷେତ୍ର ଭିନ୍ନ ଥିବାରୁ ସେମାନେ ଦେଶୀ ସାହିତ୍ୟସେବୀମାନଙ୍କ ଉପରେ ତାଦୃଶ ପ୍ରଭାବ ବିସ୍ତାର କରିପାରି ନାହାନ୍ତି । ସାକ୍ଷାତ୍ ଭାବରେ ନ କହିଲେ ରକ୍ଷଣଶୀଳ ଭାରତବାସୀ ଇଙ୍ଗିତର ପ୍ରଭାବ ବୁଝି କାର୍ଯ୍ୟ କରିବାରେ ଏବେ ମଧ୍ୟ ବହୁ ପରିମାଣରେ ଅସମର୍ଥ । ତେଣୁ ଅନ୍ୟର ସ୍ୱାଧୀନ ଚିନ୍ତାର ଅବାନ୍ତର ପ୍ରଭାବ ଦେଶୀ ସାହିତ୍ୟସେବୀଙ୍କ ଉପରେ କାର୍ଯ୍ୟକାରୀ ନ ହେବାରେ ବିଚିତ୍ରତା କିଛି ନାହିଁ ।

ଈଶ୍ୱରଚନ୍ଦ୍ର ପ୍ରଭାବିତ ବଙ୍ଗଳା ଓ ଓଡ଼ିଆଠାରୁ ହିନ୍ଦିଭାଷା ଓ ସାହିତ୍ୟରେ ଏ କ୍ଷେତ୍ରରେ କିଞ୍ଚିତ୍ ସ୍ୱାଧୀନତା ଥିବାର ଦେଖାଯାଏ । ମାତ୍ର ହିନ୍ଦିଭାଷା ନିଜେ କେତେକ ପରିମାଣରେ କୃତ୍ରିମ ଥିବାରୁ ତାହାର ସ୍ୱାଧୀନତା କାହାରି ମାତୃଭାଷା ଉପରେ କିଛି ପ୍ରଭାବ ପକାଇ ପାରିନାହିଁ । ନାଗରୀ ପ୍ରଚାରିଣୀ ସଭା ଏ କ୍ଷେତ୍ରରେ କେତେକ ଉଦ୍ୟମ କରୁଥିବାର ଆଭାସ ମିଳେ, କିନ୍ତୁ ହିନ୍ଦିଭାଷାର ପ୍ରାଦେଶିକତା ଭେଦ କରି ତାହାର ପ୍ରାକୃତିକ ସାର୍ବଜନୀନତା ଓ ସମୂହ-ଶକ୍ତି ଫୁଟାଇବା ବଡ଼ ସହଜ କଥା ନୁହେ । ହିନ୍ଦିଭାଷାର ମଧ୍ୟ ଅନ୍ୟତର ଉଦ୍ଦେଶ୍ୟ ଅଛି । ତାହା ବର୍ତ୍ତମାନ ଭାରତର ଜାତୀୟ ଭାଷା ହେବାର ଉଦ୍ୟମ ହେଉଅଛି । ସେଥିରେ ତାହାର ପ୍ରାକୃତିକତା ଫୁଟିବା ଯେ ବହୁ ସମୟସାପେକ୍ଷ, ତାହାର ବିଶେଷ ବିଶ୍ଳେଷଣ ଓ ଆଲୋଚନା ଏଠାରେ ନିଷ୍ପ୍ରୟୋଜନ ।

ପ୍ରାୟ ୪୦ ବର୍ଷ ପୂର୍ବେ ମରହଟ୍ଟୀ ଭାଷାରେ ରେଭରେଣ୍ଡ ନାଭଲ୍‌କର୍ ନିଜର ବ୍ୟାକରଣରେ କେତେକ ସ୍ୱାଧୀନତା ଦେଖାଇଥିଲେ ସତ, ମାତ୍ର ଯେତେଦୂର ଜଣାଯାଏ, ମରହଟ୍ଟୀ ଭାଷାରେ ଓଡ଼ିଆ, ବଙ୍ଗଳା ପରି କୃତ୍ରିମ ସଂସ୍କୃତର ପ୍ରଭାବ ସେତେ ନ ଥିଲା । ତେଣୁ ନାଭଲ୍‌କରଙ୍କ ବ୍ୟାକରଣ କୌଣସି ବିଶେଷ ସଂସ୍କାର ପ୍ରୟାସର ଚିହ୍ନ ବୋଲି ଜଣା ପଡ଼ିନାହିଁ । ପୁଣି ନାଭଲ୍‌କର୍ ନିଜେ କିରସ୍ତାନ୍ ପାଦ୍ରୀ ଥିଲେ । ରକ୍ଷଣଶୀଳ ସମାଜରେ

Digitized by srujanika@gmail.com

ତାଙ୍କ ଗ୍ରନ୍ଥର ଆଦର କେତେଦୂର ହୋଇଅଛି ତାହା ଅନୁସନ୍ଧାନର ବିଷୟ । ଇଉରୋପୀୟ ପାଦ୍ରୀମାନଙ୍କୁ ମରହଟ୍ଟୀ ଭାଷା ଶିଖାଇବା ବୋଧହୁଏ ତାଙ୍କ ବ୍ୟାକରଣର ଉଦ୍ଦେଶ୍ୟ ଥିଲା । ତେଣୁ ଇଂରେଜୀରେ ଲେଖା ହେଲେ ମଧ୍ୟ ଅନ୍ୟ ପ୍ରଦେଶକୁ ତାହାର ଇଙ୍ଗିତ ବା ପ୍ରଭାବ ପହଞ୍ଚି ନାହିଁ ।

ମରହଟ୍ଟୀ ପରି ଗୁଜୁରାଟୀ ଭାଷା ଓ ସାହିତ୍ୟରେ କେତେକ ସ୍ୱାଧୀନତା ଅଛି । ମାତ୍ର ସେ ଭାଷାର ବ୍ୟାକରଣରେ ତାହା ତାଦୃଶ ପ୍ରକାଶିତ ହୋଇନାହିଁ । ଗୁଜୁରାଟୀ ଜାତି ବଣିକ୍ । ସେମାନଙ୍କର ଭାଷା ସ୍ୱଭାବତଃ କେତେକ ସ୍ୱାତନ୍ତ୍ର୍ୟ ଓ ସାର୍ବଜନୀନତା ଦେଖାଇବା ବିଚିତ୍ର ନୁହେ । କିନ୍ତୁ ସାହିତ୍ୟଭାବରେ ଦେଶ ବିଦେଶରେ ପ୍ରଭାବ ବିସ୍ତାର କରିବା ସେ ଭାଷା ପକ୍ଷରେ ଏପର୍ଯ୍ୟନ୍ତ ସେତେ ସମ୍ଭବ ହୋଇନାହିଁ ।

ଦକ୍ଷିଣଭାରତର ଭାଷାମାନଙ୍କ ମଧ୍ୟରେ ବିଶେଷରେ ତେଲୁଗୁ ଆର୍ଯ୍ୟଭାଷା ଚଳୁଥିବା ପ୍ରଦେଶକୁ ଲାଗି ରହିଛି । ତେଣୁ ରକ୍ଷଣଶୀଳତା ଓ କୃତ୍ରିମତା ସେ ଭାଷାରେ ବଙ୍ଗଳା, ଓଡ଼ିଆଠାରୁ ଅଧିକ ଦେଖିବାକୁ ମିଳେ । ଏପରି କି ସେ ଭାଷାରେ ଲେଖକମାନେ ଏବେ ମଧ୍ୟ ନିଜ ଲେଖାରେ ସାମାନ୍ୟ ଚଳିତ ଭାଷାର ପଦ୍ଧତି ଓ ଶବ୍ଦମାନ ପ୍ରୟୋଗ କରିବା ନିମନ୍ତେ ପ୍ରାଚୀନପନ୍ଥିମାନଙ୍କ ସଙ୍ଗେ ଘୋର ସଂଗ୍ରାମ କରୁଅଛନ୍ତି । ସେ ସଂଗ୍ରାମ ମଧ୍ୟ ବଡ଼ ନୂତନ । ଆର୍ଯ୍ୟ ଓ ସଂସ୍କୃତ ଭାବ ରକ୍ଷା କରିବାର ପ୍ରବୃତ୍ତି ସେ ପ୍ରଦେଶର ଓଡ଼ିଶା ପ୍ରଭୃତି ପ୍ରଦେଶଠାରୁ ବେଶି ଭୟଙ୍କର ହେବାର କଥା । ବିଶେଷତଃ ଭାଷାରାଜ୍ୟରେ ଯେଉଁଠାରେ ଆର୍ଯ୍ୟ ଅଧିକାର ପଶିପାରି ନାହିଁ, ସେ ପ୍ରଦେଶରୁ ଭାଷାର ସ୍ୱାଧୀନତା ଓ ସାର୍ବଜନୀନତା ଶିଖିବାର ପ୍ରୟାସ ଆମ୍ଭମାନଙ୍କ ପକ୍ଷରେ ବର୍ତ୍ତମାନ ଅବସ୍ଥାରେ ଏକପ୍ରକାର ବିଡ଼ମ୍ବନା କହିଲେ ଚଳେ ।

ବଙ୍ଗଦେଶରେ ରବୀନ୍ଦ୍ରନାଥ କେତେକ ପ୍ରବନ୍ଧରେ ସ୍ୱାଧୀନ ବଙ୍ଗଭାଷା ଚର୍ଚ୍ଚାର ଗଭୀର ଇଙ୍ଗିତ ଦେଇଥିଲେ ଏବଂ ଏବେ ବିଜୟଚନ୍ଦ୍ର ମଜୁମ୍‌ଦାର ବଙ୍ଗଭାଷାର ଇତିହାସରେ ପ୍ରାକୃତିକ ଚଳିତ ଭାଷାର ମର୍ଯ୍ୟାଦା ଦେଖାଇବାର ଭୂୟିଃ ପ୍ରଯତ୍ନ କରିଅଛନ୍ତି । ମାତ୍ର ସେ ପ୍ରଦେଶରେ ମଧ୍ୟ କେହି ଏପର୍ଯ୍ୟନ୍ତ

Digitized by srujanika@gmail.com

ସ୍ୱତନ୍ତ୍ର ଓ ସମୃଦ୍ଧ ଭାବରେ ଭାଷାତତ୍ତ୍ୱ ତଥା ବ୍ୟାକରଣର ସମ୍ୟକ୍ ସ୍ୱାଧୀନ ପରିଶୀଳନ କରିବାର ଜଣାନାହିଁ ।

ଓଡ଼ିଆରେ ଏ ଉଦ୍ୟମ ପ୍ରଥମେ ପାରଳାର ସୁଲେଖକ ସୁପଣ୍ଡିତ ଶ୍ୟାମସୁନ୍ଦର ରାଜଗୁରୁ ଆରମ୍ଭ କରିଥିଲେ । ଉତ୍କଳସାହିତ୍ୟ ପତ୍ରରେ ଓଡ଼ିଆଭାଷା ଓ ଛନ୍ଦ ସମ୍ବନ୍ଧରେ କେତୋଟି ମାତ୍ର ମୌଳିକ ପ୍ରବନ୍ଧ ପ୍ରକାଶ କରି, ସେ ଅକାଳରେ ଇହଧାମ ତ୍ୟାଗକଲେ । ତାଙ୍କପରେ ପଣ୍ଡିତ ଗୋପୀନାଥ ନନ୍ଦ ଓଡ଼ିଆ ତଥା ପ୍ରାକୃତ ଭାଷାତତ୍ତ୍ୱର ସ୍ୱାଧୀନ ପରିଶୀଳନରେ ଅଦ୍ୟାପି ଅଦ୍ୱିତୀୟ କହିଲେ ଚଳେ । ବଙ୍ଗଦ୍ୱାରା ସାକ୍ଷାତ୍ ପ୍ରଭାବିତ ଉତ୍କଳ ଖଣ୍ଡରେ ଜନ୍ମ ହୋଇଥିଲେ, କିଏ କହିପାରେ ଶ୍ୟାମସୁନ୍ଦର ଓ ଗୋପୀନାଥ ପିଲାଦିନୁ ହୁଏତ ଭାଷାକୁ ଭିନ୍ନ ଭାବରେ ଦେଖି ଥାଆନ୍ତେ । କିନ୍ତୁ ଗଞ୍ଜାମରେ, ପ୍ରାକୃତିକ ଉତ୍କଳର ପ୍ରାୟ ଦକ୍ଷିଣ ସୀମାରେ ରହି ସେମାନେ ଭାଷାକୁ ପ୍ରାଣରୁ ଅଧିକ ମଣି ଆରାଧନା କରୁଥିଲେ । ତାହା ହୁଏତ ତାଙ୍କ ଭାଷାଚର୍ଚ୍ଚାର ସ୍ୱାଧୀନତାରେ ପ୍ରଧାନ ଉପାଦାନ ଥିଲା । ମାତ୍ର ଗୋଟିଏ କଥା ଏଠାରେ ମନେ ରଖିବାକୁ ହେବ, ପଣ୍ଡିତ ଗୋପୀନାଥ ନନ୍ଦ ଶ୍ୟାମସୁନ୍ଦରଙ୍କ ପରି ଇଂରେଜିଭାଷା ତଥା ପ୍ରତୀଚ୍ୟ ରୀତିରେ ଶିକ୍ଷା ଲଭି ନ ଥିଲେ । ସଂସ୍କୃତରେ ପଣ୍ଡିତ ଥାଇ, ପ୍ରାକୃତ ଓଡ଼ିଆର ଆଲୋଚନାରେ ସେ ଯେଉଁ ମୌଳିକ ସ୍ୱାଧୀନତା ଦେଖାଇ ଅଛନ୍ତି, ତାହା ଅନନ୍ୟସାଧାରଣ ପ୍ରତିଭା ଓ ସାହସର ପରିଚାୟକ । ଏ ସମ୍ପର୍କରେ ଏଠାରେ ତାଙ୍କ ଜୀବନର ସଂକ୍ଷେପତଃ ଆଭାସ ଦେଲେ, ବିଷୟଟି ସୁବୋଧ ଓ ସ୍ପଷ୍ଟ ହେବାର ଆଶା କରାଯାଏ ।

ଖ୍ରୀଷ୍ଟାବ୍ଦ ୧୮୬୯ ସାଲ ଅଗଷ୍ଟମାସ ୨୧ ତାରିଖରେ ଗୋପୀନାଥ ନନ୍ଦ ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡି ସହରରେ ଜନ୍ମ ହୋଇଥିଲେ । ନନ୍ଦେ ଉତ୍କଳ ଶ୍ରେଣୀର ବ୍ରାହ୍ମଣ । ପ୍ରାୟ ୧୫୦ ବର୍ଷ ତଳେ ପାରଳାଖେମୁଣ୍ଡି ରାଜା ନନ୍ଦଙ୍କ ପୂର୍ବପୁରୁଷଙ୍କୁ ପୁରୀ ନିକଟସ୍ଥ ବୀରବଳଭଦ୍ରପୁର ଶାସନରୁ ନେଇ ପାରଳାରେ ରଖାଇଥିଲେ । ପ୍ରାୟ ସେହି ସମୟକୁ ବା ତାହାର କିଛିଦିନ ପରେ ଗଞ୍ଜାମ ଜିଲ୍ଲା, ଉତ୍ତର ସରକାର ସଙ୍ଗେ, ଇଂରେଜ ଶାସିତ ମାନ୍ଦ୍ରାଜ ପ୍ରେସିଡ଼େନ୍ସିର ଅନ୍ତର୍ଗତ ହେଲା; ଏବଂ ବିଦେଶୀ ଇଂରେଜମାନଙ୍କ ପାଖେ

Digitized by srujanika@gmail.com

ତେଲଙ୍ଗା ଦେଶରେ ପରିଗଣିତ ହେଲା । ସ୍କୁଲ୍ କଚେରିରେ କ୍ରମେ ସ୍ପଷ୍ଟ ଓ ସାକ୍ଷାତ ଭାବରେ ତେଲଙ୍ଗାର ପ୍ରତିପତ୍ତି ବଢ଼ିଲା । ତେଲଙ୍ଗା ନ ଜାଣିଲେ କେହି ରାଜକର୍ମଚାରୀ ହୋଇପାରିଲେ ନାହିଁ । ଏପରି ଅବସ୍ଥାରେ ଅନ୍ୟ କ୍ଷୁଦ୍ର ଅପରିଣତ ଭାଷା ଆତ୍ମବିସ୍ମୃତ ହୋଇ ଲୁଚିଯିବାର କଥା; ମାତ୍ର ଓଡ଼ିଆ ଜାତିର ସଭ୍ୟତା ଥିଲା, ଭାଷା ଥିଲା, ସାହିତ୍ୟ ଥିଲା । ପ୍ରାୟ ଦୁଇ ଶତାବ୍ଦୀର ରାଜନୀତିକ ପରତନ୍ତ୍ରତା ଓ ଆନୁଷଙ୍ଗିକ ସାମାଜିକ ବିକ୍ଷୋଭରେ ଓଡ଼ିଆ ଧ୍ୱଂସ ପାଇବା ଦୂରେ ଥାଉ, ଆତ୍ମଜ୍ଞାନରେ ଜର୍ଜରିତ ହେଉଥିଲା । ଏପରି ଅବସ୍ଥାରେ ଇଂରେଜଶାସନରେ ତାହା ଲୁଚିଯିବା ଅସମ୍ଭବ । ଇଂରେଜଶାସନର ଯଥାମତ ଉଦ୍ୟମ ସତ୍ତ୍ୱେ ତାହା ଧ୍ୱଂସ ଆଡ଼କୁ ନ ଯାଇ, ବରଂ କ୍ରମେ ଆତ୍ମ-ବୃଦ୍ଧିରେ ଉଦ୍‌ବୁଦ୍ଧ ହେବାକୁ ଲାଗିଲା । ଲୋକେ ନିଜେ ନିଜେ ଓଡ଼ିଆଭାଷା ଶିଖିଲେ, ପିଲାଙ୍କୁ ଶିଖାଇଲେ, ଓଡ଼ିଆରେ ଗ୍ରନ୍ଥ ଲେଖିଲେ । ଏମନ୍ତ କି, ଗଞ୍ଜାମ ଗତ ଅଠେଇଶ' ତିରିଶ' ବର୍ଷ ମଧ୍ୟରେ ଓଡ଼ିଆଭାଷା ଓ ସାହିତ୍ୟର ଏକମାତ୍ର କେନ୍ଦ୍ରଭୂମି ହୋଇଅଛି କହିଲେ ଚଳେ । ଜାତୀୟ ଜୀବନର ଏ ସ୍ୱାତନ୍ତ୍ର୍ୟ, ଏ ବଳିଷ୍ଠତା ନଷ୍ଟ କରିବା ତେଲଙ୍ଗା ପକ୍ଷରେ ସମସ୍ତ ରାଜଶକ୍ତିର ସହାୟତା ସତ୍ତ୍ୱେ ଅସମ୍ଭବ ହୋଇଅଛି । ସେତେବେଳକୁ ମଧ୍ୟ ଓଡ଼ିଆ-ଦେଶଯାକ ଚାଟଶାଳୀମାନଙ୍କରେ ଓଡ଼ିଆ ପଢ଼ା ହେଉଥାଏ, ମାତ୍ର ରାଜ୍ୟର ବ୍ୟବହାର ନିମନ୍ତେ ଲୋକେ ବିଦେଶୀ ଭାଷା ପରି ତେଲଙ୍ଗା ମଧ୍ୟ ପଢ଼ୁଥାଆନ୍ତି ।

ଗୋପୀନାଥ ବାଲ୍ୟକାଳରେ ନିତ୍ୟାନନ୍ଦ ଶତପଥୀଙ୍କ ଚାଟଶାଳୀରେ ଦେଶୀୟ ରୀତିରେ ଶିକ୍ଷାରମ୍ଭ କରିଥିଲେ, ଏବଂ ଘରେ ଅବସର ବେଳେ ନିଜ ପିତାଙ୍କ ପାଖେ ଅମରକୋଷ ଅଭିଧାନ ପଢ଼ୁଥାଆନ୍ତି । ସେତେବେଳକୁ ଚାଟଶାଳୀମାନଙ୍କରେ ଓଡ଼ିଆ ସଙ୍ଗେ ତେଲଙ୍ଗାଭାଷା ମଧ୍ୟ ଶିକ୍ଷା ଦିଆ ଯାଉଥିଲା, ଓ ସେ ନିଜେ ବି ଓଡ଼ିଆ ସଙ୍ଗେ ତେଲଙ୍ଗା ଶିଖୁଥିଲେ । ବର୍ତ୍ତମାନ ପାରଳାଖେମୁଣ୍ଡି ରାଜାଙ୍କର ଯେଉଁ କଲେଜ ଅଛି, ତାହା ସେତେବେଳେ ମଧ୍ୟ-ଇଂରେଜୀ ବିଦ୍ୟାଳୟ ମାତ୍ର ଥିଲା । ୧୮୮୨ ଖ୍ରୀଷ୍ଟାବ୍ଦଠାରୁ ୧୮୮୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଗୋପୀନାଥ ସେହି ମଧ୍ୟ-ଇଂରେଜୀ ବିଦ୍ୟାଳୟରେ ପଢ଼ିଥିଲେ ଏବଂ ଫଳରେ ସାମାନ୍ୟ ଇଂରେଜୀ ଶିକ୍ଷା ମଧ୍ୟ ପାଇବା ତାଙ୍କ ଭାଗ୍ୟରେ ଘଟିଥିଲା ।

Digitized by srujanika@gmail.com

ବିଦେଶୀ ଭାଷାମାନଙ୍କର ନିଷ୍ପେଷଣ ମଧ୍ୟରେ ଜାତୀୟ ଆତ୍ମଜ୍ଞାନ ତାଙ୍କର ସବୁବେଳେ ଉଦ୍‌ବୁଦ୍ଧ ଥାଏ, ଏବଂ ଫଳତଃ ମାତୃଭାଷା ପ୍ରତି ଶ୍ରଦ୍ଧା ଓ ଆଦର ବଢ଼ୁଥାଏ । ସେ ସାମାଜିକ ଭାବରେ ଗୌଡ଼ୀୟ ବୈଷ୍ଣବ ଥିଲେ, ଏବଂ ଓଡ଼ିଆର ଗୌଡ଼ୀୟ ବୈଷ୍ଣବ ଭଜନ ସବୁ ତାଙ୍କୁ ଖୁବ୍ ମୁଗ୍ଧ କରୁଥିଲା । କ୍ରମେ ଧର୍ମ ପ୍ରତି ତାଙ୍କର ମନ ଅତିଶୟ ଆକୃଷ୍ଟ ହେବାରୁ, ସେ ଦିନେ ପିତାଙ୍କ ଅନୁପସ୍ଥିତି ଏବଂ ମାତା ଓ ଜ୍ୟେଷ୍ଠଭ୍ରାତାଙ୍କ ଅଜ୍ଞାତରେ ବୃନ୍ଦାବନ ଯାତ୍ରା ଉଦ୍ଦେଶ୍ୟରେ ଘରୁ ବାହାରିଗଲେ । ପିତା ଘରକୁ ଫେରିଆସି ଓ ସମ୍ବାଦ ପାଇ ପଛେ ପଛେ ଖୋଜିବାକୁ ବାହାରି କଟକଠାରୁ ଗୋପୀନାଥଙ୍କୁ ଫେରାଇନେଲେ । ଏହା ପରେ ସେ ଆଉ ମଧ୍ୟ-ଇଂରେଜୀ ବିଦ୍ୟାଳୟକୁ ପଢ଼ିବାକୁ ଯାଇନାହାନ୍ତି ।

ଗୌଡ଼ୀୟ ବୈଷ୍ଣବ ଦୀକ୍ଷା ତେଲଙ୍ଗାଙ୍କ ସାମାଜିକ ଭାବ ନୁହେ । ଓଡ଼ିଆର ଭାଷା, ସାହିତ୍ୟ ଓ ଭାବ ସେଥିରେ ସର୍ବଥା ପ୍ରଭାବିତ ଓ ଜଡ଼ିତ । ତେଣୁ ଏହି ଗୌଡ଼ୀୟ ବୈଷ୍ଣବ ଭାବର ପ୍ରଭାବ ଗୋପୀନାଥଙ୍କର ଓଡ଼ିଆ ଭାବକୁ କିପରି ଜୀବନ୍ତ ଓ ଶକ୍ତିମାନ୍ ରଖିଥିଲା, ତାହା ସମସ୍ତେ ଅନୁମାନ କରିନେବେ । ଓଡ଼ିଆର ପୁରାଣ ଓ ବୈଷ୍ଣବ ଧର୍ମଗ୍ରନ୍ଥମାନ ପାଠକରିବା ବହୁଦିନରୁ ତାଙ୍କର ଅଭ୍ୟାସ ହୋଇ ସାରିଥିଲା । ଏବେ ସେ ପ୍ରାଚୀନ ଓଡ଼ିଆ କାବ୍ୟଗ୍ରନ୍ଥମାନଙ୍କର ପରିଶୀଳନ କଲେ ।

ଓଡ଼ିଆଭାଷା ପ୍ରତି ତାଙ୍କର ସମଧିକ ଆଦର ଓ ପ୍ରୀତି, ତହିଁରେ ପୁଣି ସମ୍ପୂର୍ଣ୍ଣ ଭିନ୍ନ ପ୍ରାକୃତିକ ତେଲଙ୍ଗାଭାଷାର ନିଷ୍ପେଷଣରେ ଜୀବନ୍ତ ଆତ୍ମଜ୍ଞାନ ଉପରେ ଆଘାତ । କାରଣ ବଙ୍ଗଳା, ହିନ୍ଦୀ ପ୍ରଭୃତି ପରି ତେଲଙ୍ଗାର ପ୍ରଭାବ ଓଡ଼ିଆ ଉପରେ ପଡ଼ିବା ସମ୍ଭବ ନୁହେ । ଏତେଦିନ ପରେ ମଧ୍ୟ ସେଥିପାଇଁ ଗଞ୍ଜାମର ଘୁମୁସରରେ ବିଶୁଦ୍ଧ ଓଡ଼ିଆ ଦେଖିବାକୁ ମିଳେ । ଗୋପୀନାଥ ସେହି ବିଶୁଦ୍ଧ ଓଡ଼ିଆର ଉପାସକ ଥିଲେ । ଅନ୍ୟ ଭାଷାର ପ୍ରଭାବରେ ବିବ୍ରତ ହୋଇ ଆଲୋଚନାରେ ପଥଭ୍ରଷ୍ଟ ହେବା ତାଙ୍କ ପକ୍ଷରେ ସମ୍ଭବ ନ ଥିଲା । ସାରଳାଦାସଙ୍କ ମହାଭାରତ ଓ ବଳରାମଦାସଙ୍କ ରାମାୟଣ ପ୍ରଭୃତିରେ 'ତୁକୁ', 'ମୁକୁ', 'ପୁଯନ୍ତ', 'ଆନ୍ତେ', 'ତୋଏ', 'ହୁଅସି',

Digitized by srujanika@gmail.com

'ଜାନ୍ତେଣ' (ଯାନ୍ତେଣ) ପ୍ରଭୃତି ପ୍ରୟୋଗ ତଥା ବାକ୍ୟମାନଙ୍କରେ ସଂସ୍କୃତ ବ୍ୟାକରଣର ନିୟମ ଦୃଷ୍ଟିରେ ବେଳେ ବେଳେ ଘୋର ସ୍ୱାତନ୍ତ୍ର୍ୟମାନ ଦେଖି ଭାଷାର ଅଭ୍ୟନ୍ତର ଦେଖିବାପାଇଁ ନନ୍ଦଙ୍କର ମନ ଗଲା । ତଥାକଥିତ ସାଧାରଣ ସାହିତ୍ୟସେବୀଙ୍କପରି ନନ୍ଦେ ସେ ସବୁକୁ ଅଶୁଦ୍ଧ ନ ବିଚାରି ସେମାନଙ୍କର କିଛି ତାତ୍ତ୍ୱିକ କାରଣ ଅଛି ବୋଲି ଅନୁମାନ କଲେ, ଏବଂ ପ୍ରାକୃତ ଓ ସଂସ୍କୃତ ଭାଷାର ସମ୍ୟକ୍ ଆଲୋଚନା ବିନା ସେ ସବୁ ତତ୍ତ୍ୱର ମୀମାଂସା ହୋଇ ପାରିବ ନାହିଁ ବୋଲି ବିଚାରି, ସେହି ଦୃଷ୍ଟିରେ ସେ ଗଭୀର ମମତା, ଆଦର ଓ ଅନୁସନ୍ଧିତ୍ସାର ସହିତ ପ୍ରାକୃତ ଓ ସଂସ୍କୃତ ବ୍ୟାକରଣାଦିର ଚର୍ଚ୍ଚାରେ ମନ ଦେଲେ ।

ସଂସ୍କୃତରେ ବ୍ୟୁତ୍ପତ୍ତି ବିନା ପ୍ରାକୃତର ଆଲୋଚନା ସହଜ ନୁହେ । ସେହିହେତୁରୁ ସେ ସଂସ୍କୃତ ବ୍ୟାକରଣ ଓ କାବ୍ୟନାଟକମାନ ଭଲକରି ପଢ଼ିସାରି ପରେ ପାଳି ଓ ପ୍ରାକୃତର ବ୍ୟାକରଣ ତଥା କାବ୍ୟମାନ ଚର୍ଚ୍ଚା କଲେ; ଏବଂ ଏହି ଚର୍ଚ୍ଚା ସଙ୍ଗେ ସଙ୍ଗେ ଶବ୍ଦ ଓ ବ୍ୟାକରଣ ତତ୍ତ୍ୱର ଅନୁସନ୍ଧାନ ତାଙ୍କର ଏକପ୍ରକାର ବ୍ରତ ହୋଇ ପଡ଼ିଲା । ଓଡ଼ିଆ ଛନ୍ଦର ବିଶେଷତ୍ୱ ମଧ୍ୟ ବୋଧହୁଏ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ବହୁ ପୂର୍ବରୁ ସେ ଓଡ଼ିଆରେ କ୍ଷୁଦ୍ର କ୍ଷୁଦ୍ର କବିତାମାନ ଲେଖିଥିଲେ; ପରେ ସଂସ୍କୃତର ବହୁତ କାବ୍ୟଗ୍ରନ୍ଥ ମଧ୍ୟ ଅନୁବାଦ କରିଅଛନ୍ତି । ମାତ୍ର ଏ କ୍ଷେତ୍ରରେ ତାଙ୍କର ଆଲୋଚନାର ମୌଳିକତା ସମ୍ପୂର୍ଣ୍ଣ ଭିନ୍ନ ଦିଗରେ ଗତି କରିଥିଲା । ସେ ଦେଖିଲେ, ସଙ୍ଗୀତ କବିତାର ଗୋଟିଏ ଅଙ୍ଗ । ସ୍ୱର ନିୟମରେ ଅକ୍ଷର ବିନ୍ୟାସ ନ ହେଲେ, କବିତା ବ୍ୟଙ୍ଗ ହୁଏ । ଓଡ଼ିଆ ଭାଷାରେ ଏହି ସ୍ୱର ନିୟମର ସ୍ୱାତନ୍ତ୍ର୍ୟ ସାର୍ବଜନୀନତା ଉପରେ ପ୍ରତିଷ୍ଠିତ ନ ଥିବାର ସେ ଦେଖିଲେ । ଦେଖିଲେ, ଓଡ଼ିଆ ଛନ୍ଦ, ଗୀତ ହେବାର ନ ଶୁଣି, ନ ଶିଖି, କାହାରି ପକ୍ଷରେ ଗାଇବା ତାଦୃଶ ସମ୍ଭବ ନୁହେ । ବିଦେଶୀ ପକ୍ଷରେ ତାହା ବୁଝିବା ଏକାବେଳକେ ଅସମ୍ଭବ । ତେଣୁ ସେ କବିତାର ଛନ୍ଦକୁ ସାର୍ବଜନୀନ କରିବା ପାଇଁ ସଂସ୍କୃତ ଗୁରୁ ଲଘୁ ସମ୍ବଳିତ ଗଣ ଓ ମାତ୍ରା ନିୟମକୁ ଓଡ଼ିଆରେ ଭର୍ତ୍ତି କରିବାର ପ୍ରୟାସ କଲେ । ମାତ୍ର ଏଠାରେ ଓଡ଼ିଆ

Digitized by srujanika@gmail.com

ବର୍ଣ୍ଣର ଉଚ୍ଚାରଣ ତଥା ଛନ୍ଦ ନିୟମର ଯେଉଁ ଘୋର ଭୟଙ୍କର ସ୍ୱାତନ୍ତ୍ର୍ୟ ଥିଲି, ତାହାକୁ ସାର୍ବଜନୀନତାର ନିଷ୍ପେଷଣରେ ଏକାବେଳକେ ଏତେ ଶୀଘ୍ର ଏପରି ଭାବରେ ନଷ୍ଟ କରିବାର ପ୍ରୟାସ ଶ୍ଳାଘନୀୟ ହୋଇପାରେ, କିନ୍ତୁ ସଙ୍ଗତ ବା ସ୍ପୃହଣୀୟ ନୁହେ । ପୁଣି ଭାଷାତତ୍ତ୍ୱର ଗବେଷଣା, ମନ ଓ ଚିନ୍ତାର ବିଶ୍ଳେଷଣ କ୍ରିୟା ଉପରେ ପ୍ରତିଷ୍ଠିତ । ଲୋକମୁଖରେ ବା ସାହିତ୍ୟରେ ଯାହା ଅଛି, ତାହା ଫିଟାଇ ଦେଖାଇଦେବାହିଁ ସେ ଗବେଷଣାର ବିଶେଷ କାର୍ଯ୍ୟ । ସେପରି ମାନସିକତାରେ ସଂଶ୍ଳେଷଣ ବା ନୂଆ କିଛି ଗଢ଼ିବା ବଡ଼ ସୁଗମ ନୁହେ । ବିଶ୍ଳେଷଣ ସୂତ୍ରରେ ସାଧାରଣ ମତ ଦେଖାଇବା ପାଇଁ ବେଳେ ବେଳେ ସଂଶ୍ଳେଷଣ ଦରକାର ହେଲେ ମଧ୍ୟ, ପଣ୍ଡିତ ନନ୍ଦଙ୍କ ପକ୍ଷରେ ଏକାବେଳକେ ଗୋଟିଏ ନୂତନ ମତ ଆଦର୍ଶ କରି କାବ୍ୟଛନ୍ଦରେ ତାହାର ପ୍ରତିଷ୍ଠା ପ୍ରୟାସ କରିବା ନିଜ ଧାତୁର ଅନୁକୂଳ ନ ଥିଲି ବୋଲି ଅନୁମାନ କରିବାରେ ଅସ୍ୱାଭାବିକତା ବା ଅସଙ୍ଗତି କିଛି ନାହିଁ ।

ମାତ୍ର ଭାଷାର ବିଶ୍ଳେଷଣ ଫଳରେ ସେ ଯେପରି ଗବେଷଣାର କ୍ରିୟା ଆରମ୍ଭ କରିଥିଲେ ତାହା ଏକାବେଳକେ ବିସ୍ମୟକର । ସେ ପ୍ରଥମେ ଶବ୍ଦତତ୍ତ୍ୱର ଅନୁସନ୍ଧାନ ପ୍ରକାଶ କରିଥିଲେ । ୧୯୦୩ ଖ୍ରୀଷ୍ଟାବ୍ଦରେ ତାଙ୍କର "ଶବ୍ଦତତ୍ତ୍ୱବୋଧ" ଅଭିଧାନ ଲେଖା ସରିଥିଲି । ଉତ୍କଳ ସାହିତ୍ୟ ସମାଜ ପ୍ରଥମେ ତାହା ଅନୁମୋଦନ କରିଥିଲେ; କିନ୍ତୁ ପରେ ନନ୍ଦଙ୍କର ଆବିଷ୍କୃତ ଶବ୍ଦତତ୍ତ୍ୱ ବୁଝିବାରେ ବୋଧହୁଏ ଅକ୍ଷମ ହୋଇ ତାହା ଗ୍ରହଣ କରିବାରେ କଥଞ୍ଚିତ୍ କୁଣ୍ଠା ପ୍ରକାଶ କଲେ । ପଣ୍ଡିତ ନନ୍ଦେ ଶବ୍ଦତତ୍ତ୍ୱବୋଧରେ କୌଣସି ନୂତନ ମତ ପ୍ରଚାର କରି, ଦେଶ ଉପରେ ଲଦି ଦେବାକୁ ଯାଇନାହାନ୍ତି, ଏହା ବୋଧହୁଏ ଲୋକେ ବୁଝି ପାରିଲେ ନାହିଁ । ଖୋଜି ଖୋଜି ସଂସ୍କୃତରେ ପ୍ରତ୍ୟେକ ଶବ୍ଦର ମୂଳ ଦେଖିବାକୁ ନ ପାଇ ସେ ଅନେକ ଶବ୍ଦ ଦେଶ୍ୟ ବୋଲି ବାହାର କରିଦେଲେ; କିନ୍ତୁ ସେଥିପାଇଁ ସେ କୌଣସି ଶବ୍ଦର ମୂଳ ଦେଖିବାରେ କାହାକୁ ବାଧା ଦେବାର ପ୍ରୟାସ କରିନାହାନ୍ତି; ନିଜର କୌଣସି ମତ ବ୍ୟକ୍ତ କରି ତାହା ଦୃଢ଼ଭାବରେ ପୋଷଣ ଓ ପ୍ରଚାର କରିବାର ଉଦ୍ୟମ କରିନାହାନ୍ତି । ଶବ୍ଦସବୁ ଫିଟାଇ ଲୋକଙ୍କ ଆଗରେ ପକାଇ ଦେଇଛନ୍ତି ମାତ୍ର ।

Digitized by srujanika@gmail.com

ଶବ୍ଦତତ୍ତ୍ୱବୋଧର ଦ୍ୱିତୀୟ ବିଶେଷତ୍ୱ ଉଚ୍ଚାରଣରେ । ଶବ୍ଦର ଯେତେ ପ୍ରକାର ଉଚ୍ଚାରଣ ଲୋକମୁଖରେ ହୁଏ, ସେ ତାହା ସବୁ ଫିଟାଇ ପକାଇ ଦେଇଛନ୍ତି । କେଉଁ ଉଚ୍ଚାରଣ ଗ୍ରାମ୍ୟ, କେଉଁ ଉଚ୍ଚାରଣ ପ୍ରାଦେଶିକ, କେଉଁ ଉଚ୍ଚାରଣ ଆଦର୍ଶ, ତାହା ସେ କହିବାକୁ ଯାଇନାହାନ୍ତି । ଅନ୍ୟାନ୍ୟ ଅଭିଧାନିକମାନଙ୍କ ପରି ଉଚ୍ଚାରଣର କେତେଗୁଡ଼ିଏ କୃତ୍ରିମ ରାଜମାର୍ଗରେ ସେ ପାଠକକୁ ଟିଙ୍କିବାର ଉଦ୍ୟମ କରିନାହାନ୍ତି । କେଉଁଠାରେ ମଧ୍ୟଭାରତର ପ୍ରାଚୀନ ପ୍ରାକୃତ ପ୍ରଭାବରେ ତାଲବ୍ୟ (ଶ) ଦନ୍ତ୍ୟ (ସ) ହେବ, କେଉଁଠି ବା ମାଗଧୀ ପ୍ରଭାବରେ ଦନ୍ତ୍ୟ (ସ) ତାଲବ୍ୟ (ଶ) ହେବ, କେଉଁଠି ବା ସାହିତ୍ୟର ମାନଦଣ୍ଡ ହେବ, ତାହା ସେ ସେତେବେଳେ କହିବା ସଙ୍ଗତ ମନେ କରିନାହାନ୍ତି । ସେ ଖାଲି ଆଲୋଚନାର ସବୁ ଦ୍ୱାର ଫିଟାଇ ଦେଇଛନ୍ତି ଏବଂ ଜାତୀୟ ଭାଷାର ଆଦର୍ଶ ନିର୍ଣ୍ଣୟ କରିବା ନିମନ୍ତେ ଉପାଦାନ ସବୁ ତନ୍ନ ତନ୍ନ କରି ଅତି ପ୍ରାଞ୍ଜଳ ଭାବରେ ପାଠକ ସମକ୍ଷରେ ସଜାଡ଼ି ରଖି ଦେଇଛନ୍ତି । କିନ୍ତୁ ଦୁଃଖର କଥା, ଓଡ଼ିଶାର ସାହିତ୍ୟସେବୀମାନେ କୃତ୍ରିମ ଆଦର୍ଶର ବନ୍ଧନରେ ଚିରକାଳ ବଦ୍ଧଦୃଷ୍ଟି ଥିବାରୁ ସେତେବେଳେ ନନ୍ଦଙ୍କର ଏ ନୂତନତ୍ୱ, ଏ ଦୂରଦୃଷ୍ଟି, ଏ ସତ୍‌ସାହସ, ଏ ସାଧୁ ଉଦ୍ୟମ ବୁଝିନାହାନ୍ତି ।

ନନ୍ଦେ କିନ୍ତୁ ନିଜର ଭାଷାତତ୍ତ୍ୱ ଗବେଷଣାକୁ ଏହି ଉପାଦାନ ସଂଗ୍ରହ ମାତ୍ରରେ ପର୍ଯ୍ୟବସିତ ରଖିନାହାନ୍ତି । ଅଭିଧାନ ଶେଷ କରିବାର ଠିକ୍ ପରେ ସେ ବ୍ୟାକରଣ ସମ୍ବନ୍ଧୀୟ ଭାଷାତତ୍ତ୍ୱର ଆଲୋଚନାରେ ଲାଗିଲେ । ପ୍ରବନ୍ଧମାନ ଭିନ୍ନ ଭିନ୍ନ ମାସିକ ପତ୍ରିକାରେ ପ୍ରକାଶ କଲେ । ପ୍ରତିବାଦମାନ ହେଲା । ନନ୍ଦେ ଆଦର୍ଶ ଦୃଢ଼ କରି କର୍ମେ ମାତ୍ରପୀଠରେ ଦଣ୍ଡାୟମାନ ହୋଇ ପ୍ରତିବାଦମାନଙ୍କର ଉତ୍ତର ଦେଲେ । ଦେଶର ସାହିତ୍ୟ ସେତେବେଳେ ଯେ ଦଶାରେ ଥିଲା, ସେଥିରେ ସାହିତ୍ୟସେବୀ ବୋଲି ଯେଉଁମାନେ ପରିଚିତ ଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ନନ୍ଦଙ୍କ ଯୁକ୍ତିର ଗମ୍ଭୀରତା ଓ ମୌଳିକତା ବୁଝିବାକୁ ସମର୍ଥ ହୋଇ ନ ଥିଲେ ସତ, ମାତ୍ର କେହି କେହି ଦୂରଦୃଷ୍ଟିସମ୍ପନ୍ନ ଅନୁଶୀଳନେଚ୍ଛୁ ନନ୍ଦଙ୍କର ଏକାବେଳକେ ଭକ୍ତପରି ହୋଇପଡ଼ିଥିଲେ । ସେହି ମୁଷ୍ଟିମେୟ ଲୋକଙ୍କ ଉତ୍ସାହ ଓ ପ୍ରବର୍ତ୍ତନା

Digitized by srujanika@gmail.com

ନନ୍ଦଙ୍କର ରୁକ୍ଷ କର୍ତ୍ତବ୍ୟନିଷ୍ଠାଙ୍କୁ କି ପରିମାଣରେ ସରସ କରିଥିଲି ତାହା ଜଗତ ଜାଣିନାହିଁ; କିନ୍ତୁ ଏହା ସ୍ୱୀକାର କରିବାକୁ ହେବ, ନନ୍ଦଙ୍କର ଘୋର ବ୍ରତ କୌଣସି ଉତ୍ସାହ ପ୍ରଣୋଦନାର ତାଦୃଶ ଅପେକ୍ଷା ରଖି ନଥିଲି । କାଳକ୍ରମେ ସେ ଶୃଙ୍ଖଳାବଦ୍ଧ ଭାବରେ ଏହି ଭାଷାତତ୍ତ୍ୱ ଗ୍ରନ୍ଥ ଆରମ୍ଭ କଲେ । ଏ ଗ୍ରନ୍ଥର ଦ୍ୱିତୀୟଭାଗ ଶେଷ ହୋଇନାହିଁ, ହଠାତ୍ ୧୯୨୪ ଖ୍ରୀଷ୍ଟାବ୍ଦ ଜାନୁଆରି ୧୪ ତାରିଖରେ ୫୪ ବର୍ଷ ବୟସରେ ପଣ୍ଡିତ ନନ୍ଦେ ଇହଧାମ ଛାଡ଼ିଲେ । ଦ୍ୱିତୀୟଭାଗ ବିଷୟରେ ସେ କେତେ ଟିପ୍‌ପଣୀ ମାତ୍ର ରଖିଥିଲେ । ତାହା ଯେପରି ଲେଖା ହୋଇଥିଲା, ସେହିପରି ପ୍ରକାଶିତ ହୋଇଅଛି । ଓଡ଼ିଆ ଭାଷା ଓ ସାହିତ୍ୟର ଇତିହାସ ଲେଖିବା ତାଙ୍କର ଅନ୍ୟତମ କଳ୍ପନା ଥିଲା । ତାହା ବି ଅପୂର୍ଣ୍ଣ ରହିଗଲା ।

( ୨ )

ଭାଷାର ପ୍ରକୃତି କାହିଁରେ ? ଶବ୍ଦର ଆଦାନ ପ୍ରଦାନରେ ଭାଷାର ପ୍ରକୃତି ବଦଳିଯାଏ ନାହିଁ । ଓଡ଼ିଆ, ବଙ୍ଗଳା, ହିନ୍ଦୀ ତଥା ଉତ୍ତରକାଳର ସଂସ୍କୃତରେ ମଧ୍ୟ ଦ୍ରାବିଡ଼ ଶବ୍ଦ କମ୍ ପଶିନାହିଁ । ଏପରି କି ପରବର୍ତ୍ତୀ ବୈଦିକଯୁଗରେ 'ଅପ୍' ଅର୍ଥରେ 'ନୀର' ପରି ଦ୍ରାବିଡ଼ ଶବ୍ଦ ମଧ୍ୟ ପଶି ଯାଇଅଛି । ଓଡ଼ିଆ, ବଙ୍ଗଳାର ଶବ୍ଦସଂଗ୍ରହ ପରୀକ୍ଷା କଲେ ଦେଖାଯିବ, ଅଧିକରୁ ବେଶି ଶବ୍ଦର ମୂଳ ଦ୍ରାବିଡ଼ । ବଡ଼, ସାନ, ପିଲା, ମାଇପ, ନନା, ନାନୀ, ଅପା ପ୍ରଭୃତି ପରି ନିତ୍ୟ ବ୍ୟବହାର୍ଯ୍ୟ ଶବ୍ଦରେ ଯେ କେତେ ଦ୍ରାବିଡ଼ମୂଳକ ଶବ୍ଦ ଅଛି, ତାହା ଏବେ ମଧ୍ୟ ନିର୍ଣ୍ଣୀତ ହୋଇନାହିଁ । ମାତ୍ର ଏସବୁ ଶବ୍ଦ ଓ ତାହାର ମୂଳ ପ୍ରକୃତି ଯେଉଁ କୌଣସି ଆର୍ଯ୍ୟଭାଷା ଦ୍ରାବିଡ଼ ହେବନାହିଁ । କେବଳ ଦ୍ରାବିଡ଼ ଶବ୍ଦ କାହିଁକି, ମୁସଲମାନ ପ୍ରଭାବରେ ମୌଜା, ତଉଜି, ମଜୁରି, ନେକି, ବଦି, କିତାବ୍, କରମତ୍, ଅକ୍ତିଆର୍ ପ୍ରଭୃତି କେତେ ଆରବୀ ବା ସେମିଟିକ୍ ଶବ୍ଦ, ଏବଂ ଏବେ ମଧ୍ୟ ପାଦ୍ରୀ, ଗୀର୍ଜା ପ୍ରଭୃତି ପର୍ତ୍ତୁଗୀଜ ଶବ୍ଦ ଓ ସିଟାମ୍, କାଷ୍ଟିହାଉସ୍, ଗିଲାସ, ଟେବୁଲ ପ୍ରଭୃତି ଇଂରେଜ ଶବ୍ଦ ପଶିବାରୁ ଭାଷାର ଶବ୍ଦସମଷ୍ଟି ପରିପୁଷ୍ଟ ହେଉଅଛି । ମାତ୍ର ଭାଷାର ପ୍ରକୃତି ବଦଳାଇବାରେ ତାହାର କିଛି ନାହିଁ ।

Digitized by srujanika@gmail.com

ଯେଉଁ ସବୁ ଶବ୍ଦ ଭାଷାକୁ ଆସୁଅଛି, ତାହା କିନ୍ତୁ ଅବିକଳ ସେହିପରି ରହୁନାହିଁ; ଭାଷାର ସ୍ୱତନ୍ତ୍ର ପ୍ରକୃତିରେ ପଡ଼ି ପରିବର୍ତ୍ତିତ ହେଉଅଛି । ସେମାନଙ୍କର ସ୍ୱର ବ୍ୟଞ୍ଜନ ବିନ୍ୟାସର ଯଥେଷ୍ଟ ଆକୁଞ୍ଚନ, ପ୍ରସାରଣ ଓ ବିବର୍ତ୍ତନ ହେଉଅଛି । ଏହି ସ୍ୱର ବା ବର୍ଣ୍ଣ ନିୟମର ପରିଣତି ପ୍ରକ୍ରିୟା ଓ ପ୍ରଣାଳୀକୁ ଭାଷାର ପ୍ରାଣ ଓ ବ୍ୟାକରଣ ନିୟମକୁ ତାହାର ସ୍ଥୂଳ ଶରୀର କହିଲେ ଚଳେ । ପୁଣି ପଦମାନଙ୍କର ଅନ୍ୱୟର ଧାରା ବ୍ୟାକରଣର ପ୍ରଧାନ ଉପାଦାନ, ଏବଂ ଏହି ଅନ୍ୱୟଧାରାରେ ବିଭକ୍ତି, ବିଶିଷ୍ଟ ଆଲୋଚ୍ୟ ବସ୍ତୁ । ସେହି ବିଭକ୍ତି ଦୁଇଭାଗ—କାରକ ଓ କ୍ରିୟା ବିଭକ୍ତି । ଫଳତଃ ବାକ୍ୟଟି ଦୁଇ ପ୍ରଧାନ ଭାଗରେ ବିଭକ୍ତ । ଯଥା—କାରକ ବା ବିଷୟ ଭାଗ; ଓ କ୍ରିୟା ବା ବାଚ୍ୟଭାଗ । ଏ ଦୁଇଟି ମଧ୍ୟରେ କ୍ରିୟା ବା ବାଚ୍ୟ ଭାଗ ପ୍ରଧାନ । କାରଣ, ଏହି ଭାଗ ବାକ୍ୟରେ ଭାବ ପ୍ରକାଶର ପ୍ରଧାନ ଉପକରଣ । ପ୍ରଧାନ ଓ ସହାୟକ କ୍ରିୟା ଏବଂ ସେମାନଙ୍କ ବିଶେଷକମାନଙ୍କର ଯଥା ପ୍ରୟୋଗଦ୍ୱାରା ବିଷୟ ସଂବଂଧରେ ଯାହା କୁହାଯାଏ, ତାହାର ସମ୍ୟକ୍ ଓ ସର୍ବାଙ୍ଗୀନ ଅବବୋଧ ସ୍ପଷ୍ଟ ହୁଏ । ମାତ୍ର ଦୁଃଖର କଥା, ପଣ୍ଡିତ ଗୋପୀନାଥ ନନ୍ଦଙ୍କ ଭାଷାତତ୍ତ୍ୱ ଗ୍ରନ୍ଥର କ୍ରିୟାଭାଗ ଲେଖା ହୋଇ ପାରିନାହିଁ ଏବଂ ଏଣୁ ଗ୍ରନ୍ଥଟି ଯଥାର୍ଥରେ ଅପୂର୍ଣ୍ଣ ଅଛି ।

କେବଳ ବର୍ଣ୍ଣ, ଶବ୍ଦ, ଏବଂ ଅବ୍ୟୟ ଓ ସର୍ବନାମ ସମେତ କାରକାଦି ସଂବଂଧରେ ଏହି ଭାଷାତତ୍ତ୍ୱ ଗ୍ରନ୍ଥରେ ବିଶେଷ ଆଲୋଚନା ହୋଇଅଛି । ଗ୍ରନ୍ଥପ୍ରବେଶ ସୂତ୍ରରେ ସେହି ସବୁର କେତେକ ସମାଲୋଚନାର ଆଭାସ ଦେବା ପ୍ରୟୋଜନ । ତାହା ପୁଣି ବିଶେଷ ଭାବରେ ଦେବାର ଅବକାଶ ବା ସୁଯୋଗ ଏଠାରେ ନାହିଁ । କାହିଁକିଂ ନା, ତାହାହେଲେ 'ଗ୍ରନ୍ଥପ୍ରବେଶ'ର ଯେ କଳେବର ପ୍ରକାଶକଙ୍କ ଦ୍ୱାରା ସଂକଳିତ ହୋଇଅଛି, ତାହା ବହୁ ଅତିକ୍ରାନ୍ତ ହେବାର ଆଶଙ୍କା ହୁଏ । ତେଣୁ ଏହି ଭାଷାତତ୍ତ୍ୱ ଆଲୋଚନାରେ ଗ୍ରନ୍ଥକାର ଭାଷାର ସ୍ୱାତନ୍ତ୍ର୍ୟ ସଙ୍ଗେ ସାର୍ବଜନୀନତା ପ୍ରତିଷ୍ଠା କରିବାର ଯେ ପ୍ରଣାଳୀ ଉପରେ ଅବଲମ୍ବନ କରିଅଛନ୍ତି, ଭାଷାର ପ୍ରାଣ ଓ ପିଣ୍ଡ ଉପରେ ବିଶ୍ଳେଷଣ ନିୟମରେ ପ୍ରକଟ କରିଅଛନ୍ତି, ତାହାରହିଁ ସଂକ୍ଷେପତଃ ଉଲ୍ଲେଖ କରି ଏହି ଗ୍ରନ୍ଥପ୍ରବେଶର ଉପସଂହାର କରିବାକୁ ହେବ ।

Digitized by srujanika@gmail.com

୨ ମାତ୍ର ଆରମ୍ଭରୁ ଗୋଟିଏ କଥା କହି ରଖିବା ଉଚିତ ଯେ, ପଣ୍ଡିତ ଗୋପୀନାଥଙ୍କ ଆଲୋଚନାରେ ଗଦ୍ୟ ଓ ଛନ୍ଦରେ ଭେଦ ଧରା ହୋଇନାହିଁ । ଉଦାହରଣ ସ୍ୱରୂପ, ବର୍ଣ୍ଣ ନିୟମ ବା ସନ୍ଧି ନିୟମରେ ଯେ ଦୃଷ୍ଟାନ୍ତ ଦେଇ ଅଛନ୍ତି—ତାଙ୍କଙ୍କ + ଆଳତି = ତାଙ୍କଙ୍କାଳତି; କଳା + ଅଙ୍ଗ = କଳାଙ୍ଗ; ସେହିପରି ସ୍ତ୍ରୀଲିଙ୍ଗ ପ୍ରତ୍ୟୟରେ ବାଳୁତି, ଦୁହିତୀ ଇତ୍ୟାଦି । ଏସବୁ ବାସ୍ତବରେ ଓଡ଼ିଆ ସନ୍ଧି ବା ସ୍ତ୍ରୀ ପ୍ରତ୍ୟୟ ନିୟମର ଅନୁବର୍ତ୍ତୀ ନୁହନ୍ତି । ଛନ୍ଦର ଆବଶ୍ୟକତା ଦୃଷ୍ଟିରେ ଏସବୁ ସଂସ୍କୃତ ନିୟମ ଅନୁକରଣ ସୂତ୍ରରେ କରା ହୋଇଅଛି ମାତ୍ର । ଛନ୍ଦ-ସାହିତ୍ୟ ନାନା ଭାବରେ ଗଦ୍ୟ-ସାହିତ୍ୟରୁ ପୃଥକ୍ । ଛନ୍ଦରେ ସନ୍ଧି ଓ ସ୍ୱର ନିୟମ ପ୍ରଭୃତି ଲାଗି ବହୁ ସ୍ୱାଧୀନତା ଥାଏ । ପୁଣି ସୁଶ୍ରାବ୍ୟ ହେବାପାଇଁ ବହୁତ ପ୍ରାଚୀନ ପ୍ରୟୋଗ ମଧ୍ୟ ବ୍ୟବହୃତ ହୁଏ । 'ଦଶେ' ଠାରେ ଛନ୍ଦରେ 'ଦଶଇ' ଲେଖାହୁଏ । ଏହି 'ଦଶଇ' ପଦ ପ୍ରାଚୀନ ପ୍ରୟୋଗ ହିସାବରେ ଗଦ୍ୟରେ ସାଧୁ ହେଲେହେଁ ଲୋକମୁଖରେ ତାହା ଆଜି ଗ୍ରାମ୍ୟ ବୋଲି ଧରାହୁଏ । ଏହାଛଡ଼ା ମଧ୍ୟ ଛନ୍ଦରେ ସ୍ୱାଧୀନତା ବହୁତ । 'କାହାକୁ କହିବି' ପରିବର୍ତ୍ତେ 'କାହାରେ କହିବି' ଛନ୍ଦରେ ଚଳେ । ଏପରି ସ୍ଥଳେ ଭାଷାତତ୍ତ୍ୱ ବିଚାରରେ ନନ୍ଦଙ୍କର ଛନ୍ଦପ୍ରୟୋଗ ସ୍ୱତନ୍ତ୍ର ଚିହ୍ନାଇବା ଅନ୍ତତଃ ଉଚିତ ଥିଲା ବୋଲି ମନେ ହୁଏ । 'ପୂରିକଇ', 'ପୂରନ୍ତି' ପ୍ରଭୃତିର ବିଚାର ନନ୍ଦେ ବିଭକ୍ତି ସମ୍ପର୍କରେ କରିଛନ୍ତି ଏବଂ ସେସବୁ ବିଚାର ଫଳରେ ଆଧୁନିକ ବିଭକ୍ତିମାନଙ୍କର ମୂଳ ନିରୂପଣ କେତେକ ସୁଗମ ହୋଇଅଛି । କିନ୍ତୁ କେବଳ ଆଧୁନିକ ବିଭକ୍ତିମାନଙ୍କର ମୂଳ ନିର୍ଣ୍ଣୟ କରିବାରେ ସେସବୁର ବ୍ୟବହାର ଯେତିକ ଦରକାର, ସେତିକରେ ଆଲୋଚନା ସୀମାବଦ୍ଧ ରହିଥିଲେ ଯଥେଷ୍ଟ ହୋଇଥାଆନ୍ତା । ଖ୍ରୀଷ୍ଟ ପଞ୍ଚଦଶ ଶତାବ୍ଦୀର ପଦ୍ୟ-ସାହିତ୍ୟରୁ ବିଭକ୍ତି କାଢ଼ି ତାକୁ ଆଧୁନିକ ସାହିତ୍ୟର ବିଭକ୍ତି ସଙ୍ଗେ ସମାନ ଆସନ ଦେଇ ବିଚାର କରିବାରେ ଯଥେଷ୍ଟ ଅସୁବିଧା ହେବାର କଥା । ଏଣୁ ପାଠକମାନେ ଗ୍ରନ୍ଥ ପାଠ କଲାବେଳେ ଏ ବିଷୟ ପ୍ରତି ବିଶିଷ୍ଟ ଧ୍ୟାନ ଦେଇ ଅଗ୍ରସର ହେବେ ବୋଲି ଆଶା କରାଯାଏ ।

ଓଡ଼ିଆ ଭାଷାର ବିଳକ୍ଷଣ ସ୍ୱାତନ୍ତ୍ର୍ୟକୁ ବିଶ୍ଳେଷଣରେ ବ୍ୟକ୍ତ କରିବା ପଣ୍ଡିତ ଗୋପୀନାଥ ନନ୍ଦଙ୍କ ଭାଷାତତ୍ତ୍ୱ ଆଲୋଚନାର ପ୍ରଧାନ ଉଦ୍ଦେଶ୍ୟ

Digitized by srujanika@gmail.com

କହିଲେ ଚଳେ । ରାଜନୀତିକ ତଥା ଅନ୍ୟାନ୍ୟ ବିକ୍ଷୋଭ ଓ ଉପଦ୍ରବରୁ ଓଡ଼ିଆ ଭାଷାକୁ ରକ୍ଷାକରି ନିଜ ଆସନରେ ସ୍ଥାପନ କରିବା ତାଙ୍କ ଜୀବନର ମୌଳିକ ଭିତ୍ତିକୁ ପ୍ରଭାବିତ କରିଥିଲା । ଓଡ଼ିଆ ସାହିତ୍ୟସେବୀ ସେହି ବିକ୍ଷୋଭ ଓ ଉପଦ୍ରବରେ ଯେପରି କି ବିବ୍ରତ ହୋଇ ଯେତେବେଳେ ବିଶାଳ ବଳିଷ୍ଠ ସଂସ୍କୃତରେ ନିଜ ଭାଷାର ଭୂୟୋପ୍ରତିଷ୍ଠା ଖୋଜିବାକୁ ଯାଇ ଭାଷାର ଯଥାର୍ଥ ଶିଷ୍ଟ ପ୍ରୟୋଗମାନଙ୍କୁ ମଧ୍ୟ ସଂସ୍କୃତର କୃତ୍ରିମ ନିକଷରେ କଷି ଅଶୁଦ୍ଧ ବୋଲି କହିବାକୁ ଆରମ୍ଭ କରି ସାରିଥିଲେ, ସେତେବେଳେ ସେସବୁ ପ୍ରୟୋଗମାନଙ୍କର ତାତ୍ତ୍ୱିକ ଭିତ୍ତି ଅନୁସନ୍ଧାନ କଲେଖ ନନ୍ଦେ ଭାଷାଚର୍ଚ୍ଚା ଆରମ୍ଭ କରିଥିଲେ; ଏବଂ ଫଳରେ ଓଡ଼ିଆଭାଷାର ପ୍ରକୃତ ପରଂପରା ଓ ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିବାକୁ ଯାଇ ସେ ନିମାଇ, ବଲ୍ଲଭ, ଭଟ୍ଟାଚାର୍ଯ୍ୟ ଓ ରାଧାନାଥ ରାୟ ପ୍ରଭୃତିଙ୍କ ବ୍ୟାକରଣ ତଥା ତଦାନୁଷଙ୍ଗିକ ସାହିତ୍ୟରେ ପ୍ରବର୍ତ୍ତିତ ଭାଷା କବଳରୁ ଓଡ଼ିଆଙ୍କୁ ଏକାବେଳକେ ଦୂରକୁ ନେଇ ଆସିଚନ୍ତି । ଓଡ଼ିଆର ବର୍ଣ୍ଣ ସମାମ୍ନାୟ ବିନ୍ୟାସ ସନ୍ଧି ବା ବର୍ଣ୍ଣ ଯୋଗ, ବର୍ଣ୍ଣର ସମ୍ପ୍ରସାରଣ ବିକୁଞ୍ଚନରେ ପ୍ରସାର ପରିବର୍ତ୍ତନ ଓ କ୍ରମପରିଣତି, ଓଡ଼ିଆ ଶବ୍ଦ ସହିତର ସ୍ୱାଧୀନ ଓ ସ୍ୱତନ୍ତ୍ର ବ୍ୟବହାର ଏବଂ ପ୍ରୟୋଗ ପରିପାଟୀ, ପଦ ବିଭକ୍ତିମାନଙ୍କର ତାତ୍ତ୍ୱିକ ବିଗ୍ରହ ଓ ବ୍ୟବହାର, ସବୁଥିରେ ସେ ସ୍ୱାଧୀନ ସ୍ୱତନ୍ତ୍ର ଓ ନୂତନ ପନ୍ଥା ଫିଟାଇ ଅଛନ୍ତି । ସଂସ୍କୃତକୁ ସାଧୁଭାଷା ନ କହି ସେ ଯଥାଶକ୍ତି ଓଡ଼ିଆ ସାଧୁ ଗ୍ରାମ୍ୟ ଓ ପ୍ରାଦେଶିକ ଭାଷାର ସୀମା ପରିସର ଓ ବ୍ୟାପ୍ତି ନିର୍ଦ୍ଦେଶର ସୂଚନା କରିବା ଦ୍ୱାରା ପାଠକକୁ ଭାଷାର ଯଥାର୍ଥ ଆଲୋଚନା ଦିଗରେ ଯଥେଷ୍ଟ ଇଙ୍ଗିତ ଦେଇ ଅଛନ୍ତି ।

•

ଜନ+ଏକ ସନ୍ଧି ନିୟମରେ 'ଜନୈକ' ନ ହୋଇ 'ଜଣେକ' (ବା ଜଣକ ?), ଆର+ଏକ 'ଆରୈକ' ନ ହୋଇ 'ଆରେକ' ବା 'ଆରକ' ହେଲେ ଯେ ସାଧୁ ଓଡ଼ିଆ ହୁଏ, 'ପୁଷ୍ପବୃନ୍ତ' ବା 'ଫୁଲବେଣ୍ଟ' ନ କହି 'ଫୁଲଡେଂଫ' କହିବାହିଁ ଯେ ଓଡ଼ିଆରେ ସାଧୁ ଓ ସଙ୍ଗତ, କର୍ଣ୍ଣମୂଳ ବା କାନମୂଳ ପରିବର୍ତ୍ତରେ କାନମୁଣ୍ଡା ଯେ ସାଧୁ ଓ ବିଶୁଦ୍ଧ ଓଡ଼ିଆ, ଏସବୁ ବୋଧହୁଏ କେହି ଅଦ୍ୟାପି ଭାବିଥିବେ କି ନା ସନ୍ଦେହ । ସେହିପରି କାଶ

Digitized by srujanika@gmail.com

ନୁହେ, କାଇଁସ; ମାନ୍ୟ ନୁହେ, ମାଇନ; ପାଂଶୁ ନୁହେ, ପାଉଁସ ସାଧୁ ଓଡ଼ିଆ ଥିବାର ସେ ଦେଖାଇ ଅଛନ୍ତି । କାଣିକଉଡ଼ି, ଗେଡ଼ିପଇସା, କୁଲବେଙ୍ଗ, କୁନିପୁଅଠାରୁ ମା ପାନ, ପୁଅପିଢ଼ା, ପେଣ୍ଡାବାଲ, କଲାହାଣ୍ଡିଆମେଘ ପ୍ରଭୃତି ପର୍ଯ୍ୟନ୍ତରେ ଓଡ଼ିଆର ବିଶିଷ୍ଟ ସୁରମ୍ୟ ପ୍ରୟୋଗ ପରିପାଟୀ ନନ୍ଦେ ଯେପରି କି ସାହିତ୍ୟିକ କୃତ୍ରିମତା-ମୋହର ଯବନିକା ଫିଟାଇ ଆଖିଆଗରେ ପକାଇ ଦେଇଅଛନ୍ତି ।

'ସ' କାର ଓ 'ଯ' କାରର ଆଲୋଚନା ସୂତ୍ରରେ ଆରମ୍ଭକରି ନନ୍ଦେ ଓଡ଼ିଆ ଲେଖା ଓ ଅଭିଧାନଗତ ଶବ୍ଦମାନଙ୍କର ତାତ୍ତ୍ୱିକ ଉଚ୍ଚାରଣ ଓ ଲେଖନ ପ୍ରଣାଳୀର ଯେ ସଙ୍ଗତ ସୂଚନା ଦେଇଛନ୍ତି, ତାହାର ମୂଲ୍ୟ ନିର୍ଣ୍ଣୟ କରିବାରେ ଅଦ୍ୟାପି ଅନେକ ଓଡ଼ିଆ ସାହିତ୍ୟସେବୀ ଅକ୍ଷମ କହିଲେ ଚଳେ । ମୁହଁରେ 'ମୁସାଜନ୍ତା' କହି, ପୁସ୍ତକ ପ୍ରବନ୍ଧାଦିରେ ପୁଣି 'ମୂଷାଯନ୍ତ୍ରା' ଲେଖିବା କିପରି ସମୀଚୀନ ତାହା ବୁଝାଇବା ନିଷ୍ପ୍ରୟୋଜନ । ଆମେରିକାର କେହି ସାହେବ ଘରେ ବ୍ୟାକରଣ ଅଭିଧାନାଦି ସାହାଯ୍ୟରେ ଓଡ଼ିଆ ପଢ଼ିସାରି କଟକ ବଜାରରେ ଆସି 'ମୂଷାଯନ୍ତ୍ରା' ମାଗିଲେ, ଦୋକାନୀ ବୁଝିକରି ତାଙ୍କୁ ଜିନିଷ ଦବ କି ? ଜଣେ ପାଦ୍ରି ସାହେବ ଓଡ଼ିଆ ଭଲକରି ପଢ଼ି ମଧ୍ୟ ଯଥାର୍ଥରେ **'ବାଇଶଟି ଶିଶୁ'**—ଏ କଥାର ଅର୍ଥ ବୁଝିପାରି ନ ଥିଲେ । ପରେ ଯେତେବେଳେ ଶୁଣିଲେ **'ବାଇଶିଟି ପିଲା'**, ସେତେବେଳେ ସେ କଥାଟିର ଅର୍ଥ ବୁଝିଲେ । ଏହା ଶୁଣି ଜଣେ ଓଡ଼ିଆ ସାହିତ୍ୟସେବୀ ବାହାଦୁରି କରିଥିଲେ, ଭାରତୀୟମାନଙ୍କର ତଥା ଓଡ଼ିଆଙ୍କର ଭାଷା ଶିଖିବାରେ ଯେପରି ଦକ୍ଷତା ଅଛି, ସାହେବମାନଙ୍କର ସେପରି ନାହିଁ । କିନ୍ତୁ ବୁଝିବା ଉଚିତ, ଇଂରେଜି ବ୍ୟାକରଣ ଓ ଅଭିଧାନ କିପରି ସମସ୍ତ ଲୋକ ପ୍ରଚଳିତ ପ୍ରୟୋଗ ଓ ଉଚ୍ଚାରଣର ଆଲୋଚନାରେ ପୂର୍ଣ୍ଣ । ଇଂରେଜିରେ ଲେଖାଠାରୁ ଉଚ୍ଚାରଣ ଭିନ୍ନ ବୋଲି ପ୍ରତ୍ୟେକ ଶବ୍ଦର ଉଚ୍ଚାରଣ ଚିହ୍ନାଇ ଦିଆଯାଏ; ସେଥିରେ ବିଦେଶୀ ଶିଖିବା ଲୋକର କିଛି ଅସୁବିଧା ହୁଏ ନାହିଁ । କିନ୍ତୁ ଓଡ଼ିଆରେ ସେପରି ବୈଜ୍ଞାନିକ ଭାବରେ ପୁରୋଦୃଷ୍ଟିପୂର୍ଣ୍ଣ ଉଦାର ଆଲୋଚନା ଓ ପ୍ରଚାର କାହିଁ ? ସେଥିରେ ସାହେବଙ୍କର ଦୋଷ କଅଣ ? ବିଦେଶୀ ଯଦି ପଢ଼ି

Digitized by srujanika@gmail.com

'ବାଇଣ', 'ବାଇଣି' କହିଲେ ସେ ବୁଝିବ କାହିଁ ? 'ଶିଶୁ' କହିଲେ 'ଶିଶୁକାଠ' ନବୁଝି 'ପିଲ' ବୁଝିବା କେତେଜଣ ଓଡ଼ିଆଭାଷୀଙ୍କ ପକ୍ଷେ ସମ୍ଭବ ? ସେସବୁ ଆଗନ୍ତୁକ ଶବ୍ଦ ସଙ୍ଗେ ଲୋକଙ୍କର ପରିଚୟ କରାଇବା ପାଇଁ କି ବ୍ୟବସ୍ଥା ହୋଇଅଛି ?

ତେବେ ଆଗନ୍ତୁକ ଶବ୍ଦମାନଙ୍କ ସଙ୍ଗେ ଲୋକଙ୍କ ପରିଚୟ କରାଇବା ନନ୍ଦଙ୍କ ଭାଷାତତ୍ତ୍ୱ ଗ୍ରନ୍ଥର କାର୍ଯ୍ୟ ନୁହେଁ । ସେଥିପାଇଁ ଲୋକରେ ଯଥେଷ୍ଟ ସୁସାହିତ୍ୟ-ପ୍ରଚାର ଲୋଡ଼ା । ମାତ୍ର ଓଡ଼ିଆମାନେ ଏ ପର୍ଯ୍ୟନ୍ତ ଆଧୁନିକ ରୀତିରେ ନିଜ ସାହିତ୍ୟଚର୍ଚ୍ଚା କରିବାର ସମ୍ୟକ୍ ଉଦ୍ୟମ କରିଛନ୍ତି ବୋଲି ମନେ ହୁଏ ନାହିଁ । ତଥାକଥିତ ଶିକ୍ଷିତ ଲୋକେ ଅନୁଗ୍ରହ କଲିପରି ଓଡ଼ିଆ ପଢ଼ନ୍ତି । ଖାଇସାରି ଆରାମ ଚଉକିରେ ପଡ଼ି ଓଡ଼ିଆ ପଢ଼ିବାର ସୁବିଧା ନହେଲେ, ଅନେକଙ୍କୁ ଯୋଗାଏ ନାହିଁ । ଓଡ଼ିଆର ଆଲୋଚନା ନିମନ୍ତେ ଅଧ୍ୟବସାୟପୂର୍ଣ୍ଣ ଗ୍ରନ୍ଥପାଠ ବା ଚର୍ଚ୍ଚାର ଯେ ଆବଶ୍ୟକତା ଅଛି, ଏହା ସେମାନେ ହୁଏତ କାର୍ଯ୍ୟରେ ବୁଝି ନାହାନ୍ତି । ଗୀତ, ଗଳ୍ପ ଏବେ କେତେକ ଦେଖାଯାଉ ଅଛି, କିନ୍ତୁ ସେଥିରେ ଆଲୋଚନା ବା ଆଦର୍ଶର ପ୍ରାୟଶଃ ଅଭାବ ଦେଖାଯାଏ । ସମାଲୋଚନାମୂଳକ ଦୃଢ଼ ସାହିତ୍ୟ ପାଇଁ କେହି ବିଶେଷ ଅଣ୍ଟା ଭିଡ଼ିବାର ଦେଖା ଯାଉନାହିଁ । ପ୍ରାଚୀନ ସାହିତ୍ୟର ଆଲୋଚନାରେ ଲୋକ-ସାହିତ୍ୟର ଭିତ୍ତି ସ୍ଥାପିତ ହେବାର କଥା, କିନ୍ତୁ ପ୍ରାଚୀନ ସାହିତ୍ୟ ଅଦ୍ୟାପି କେତେକ ପରିମାଣରେ ଘୃଣିତ ଓ ଅନାଦୃତ ଭାବରେ ରହିଅଛି କହିଲେ ଚଳେ । ଲୋକରେ ମଧ୍ୟ ସାହିତ୍ୟ-ରୁଚି ପ୍ରବେଶ କରିବାର ବିଶେଷ ଲକ୍ଷଣ ଦେଖାଯାଉ ନାହିଁ । ଗତ ଶତାବ୍ଦୀ ଶେଷ ଆଡ଼କୁ ବାମଣ୍ଡାର ବାସୁଦେବ ସୁଢ଼ଳ ଦେବଙ୍କ ଆନୁକୂଲ୍ୟରେ ମଧୁ, ରାଧାନାଥ ପ୍ରଭୃତି ଯେଉଁ 'ବିଜୁଳି' ଯୁଗର ପ୍ରବର୍ତ୍ତନ କରିଥିଲେ, ତହିଁରେ ଏକପ୍ରକାର ଜାତୀୟ ଭାଷା ଓ ସାହିତ୍ୟର ବିକାଶ ନାନା କାରଣରୁ ଅବଚ୍ଛିନ୍ନ ହୋଇ ପଡ଼ିଥିଲା; ପରେ ସେହି ରୀତିରେ ରଚିତ ସାହିତ୍ୟକୁ ରାଧାନାଥ ଓ ମଧୁସୂଦନ ଲୋକରୁଚିର ବିରୋଧରେ ଶିକ୍ଷାବିଭାଗର କର୍ତ୍ତାରୂପେ ଔଷଧସେବନ ବିଧିରେ ଦେଶରେ ଭିତ୍ତ କଲେ । ତେଣୁ ପ୍ରବର୍ତ୍ତକମାନଙ୍କର ସମସ୍ତ ସାଧୁ ଉଦ୍ଦେଶ୍ୟ ସତ୍ତ୍ୱେ ଜାତୀୟ ସାହିତ୍ୟ

Digitized by srujanika@gmail.com

ତଥା ଭାଷାର ଭସ୍ୟୋଚକାଶ ହ୍ରସ୍ୱ ହେଲା । ଏବେ ମଧ୍ୟ ସେ ଆଦର୍ଶ ଦେଶରେ ଅତିକ୍ରାନ୍ତ ହୋଇନାହିଁ । ଅତଏବ ଦେଶସେବୀଙ୍କର ଏସବୁ ବିଷୟ ଆଡ଼େ ପ୍ରଣିଧାନଯୋଗ୍ୟ । ଦେଶରେ ସାହିତ୍ୟର ରୁଚି ଓ ଆଦର୍ଶ ବଦଳାଇ ସାହିତ୍ୟ ତଥା ଭାଷାର ଅନବଚ୍ଛିନ୍ନ ଧାରା ଅକ୍ଷୁଣ୍ଣ ଚଳାଇବାକୁ ହେବ । ନନ୍ଦେ ଏ କାର୍ଯ୍ୟର କ୍ଷେତ୍ର ପ୍ରସ୍ତୁତ କରିବାରେ ଯଥେଷ୍ଟ କରିଅଛନ୍ତି ବୋଲିବା ବାହୁଲ୍ୟ ମାତ୍ର ।

ପଣ୍ଡିତ ଗୋପୀନାଥ ଭାଷାତତ୍ତ୍ୱରେ **ବାଇଶି** ପ୍ରଭୃତି ଚଳିତ ସାଧୁ ଶବ୍ଦର ଜନ୍ମ ଓ ନିୟମ ସ୍ୱାଧୀନ ଭାବରେ ଆଲୋଚନା କରିଅଛନ୍ତି । ସାହେବ ଓ ଲୋକସାଧାରଣଙ୍କ କଥା ଦୂରେଥାଉ, ସଂସ୍କୃତ ଛଡ଼ା ଓଡ଼ିଆ ସାଧୁ ଶବ୍ଦର ପରିଚୟ ଅନେକ ସାହିତ୍ୟିକ ମଧ୍ୟ ଏବେ ପାଇ ନାହାନ୍ତି । ଉଦାହରଣ ସ୍ୱରୂପ, 'ଗୁଣେର' କହିଲେ ଗୁଣୀ ବା ଗୁଣବାନ୍ ଅର୍ଥ ହୁଏ । ଯଥା—ବଡ଼ **ଗୁଣେର** ପିଲା । ଷଷ୍ଠୀ ବିଭକ୍ତିର ଏ ତତ୍ତ୍ୱ ବୁଝାଇ ଦେଖାଇଦେବାଭଳି କାର୍ଯ୍ୟ କି ମୌଳିକ ଅଧ୍ୟବସାୟସାପେକ୍ଷ ତାହା ସହଜରେ ଅନୁମେୟ । ନନ୍ଦେ ଭାଷାତତ୍ତ୍ୱ ସୂତ୍ରରେ ଏହି ସବୁ ମୌଳିକ ସ୍ୱାଧୀନ ଆଲୋଚନାର ପନ୍ଥା ଫିଟାଇ ଅଛନ୍ତି ବୋଲି ତାଙ୍କର ବିଶେଷତ୍ୱ ସ୍ୱୀକାର କରିବାକୁ ଓଡ଼ିଆ ମାତ୍ରେ ବାଧ୍ୟ ।

ଏହିପରି ପଦ, କାରକ, ବିଭକ୍ତି ପ୍ରଭୃତି ସମସ୍ତର ଆଲୋଚନାରେ ନନ୍ଦେ ମୌଳିକ ଓ ସ୍ୱାଧୀନ ପନ୍ଥା ଫିଟାଇ ଭାଷାର ବଳିଷ୍ଠ ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିଅଛନ୍ତି, ଏବଂ ଏହି ସ୍ୱାତନ୍ତ୍ର୍ୟ ସଙ୍ଗେ ସାର୍ବଜନୀନତା ଦେଖିବାକୁ ଯାଇ ସେ ପ୍ରାକୃତ ବା ପ୍ରାଚୀନ ଚଳିତ ଭାଷାରେ ଯଥାସମ୍ଭବ ସମସ୍ତର ମୂଳ ଓ ଉତ୍ପତ୍ତି ଅନୁସନ୍ଧାନ କରିଅଛନ୍ତି । କୌଣସିଠାରେ ସେ ହଠାତ୍ ସଂସ୍କୃତକୁ ଯିବାପାଇଁ ଲୋଡ଼ି ନାହାନ୍ତି ସତ, ମାତ୍ର ସ୍ୱୀକାର କରିବାକୁ ହେବ, ଏହିଠାରେ ସେ କେତେକ ପରିମାଣରେ ଭିନ୍ନ ଦ୍ୱାରରେ ଗତାନୁଗତିକ ପନ୍ଥାରେ ପ୍ରବେଶ କରିଅଛନ୍ତି । ପ୍ରାକୃତକୁ ସର୍ବଦା ସଂସ୍କୃତର ବିକୃତି ବୋଲି ସ୍ଥିର କରି ସେ ପ୍ରାକୃତର ଜୀବନ୍ତ ସରସତା ଫୁଟାଇ ପାରି ନାହାନ୍ତି । ଶବ୍ଦାଦିର ପ୍ରକୃତି ନିର୍ଣ୍ଣୟ କରିବାରେ ସେ ପ୍ରାକୃତବାଟେ ଗଲେ ମଧ୍ୟ, ଏବଂ 'ଗୋଡ଼' ପ୍ରଭୃତିରେ

Digitized by srujanika@gmail.com

କେବଳ ପ୍ରାକୃତ ମୂଳ ସ୍ୱୀକାର କଲେହେଁ, ଯଥାସାଧ୍ୟ ସବୁ ସଂସ୍କୃତରୁ ତାହାର କରିବାର ପ୍ରୟାସ କରିଛନ୍ତି । ସଂସ୍କୃତ ଯେ ବେଳେ ବେଳେ ପ୍ରାକୃତର ବିକୃତି, ଏହା ସେ ସ୍ୱୀକାର କରି ନାହାନ୍ତି । ଉଦାହରଣ ସ୍ୱରୂପ, ଦ୍ରାବିଡ଼ 'ପେଦ୍ଦା'ରୁ ବଡ୍‌ଡ଼ (ବଡ଼) ହୋଇ, ପରେ ସଂସ୍କୃତ ଶବ୍ଦାନୁକୃତିରେ 'ବଡ୍ର' ହୋଇଅଛି । ଛଇଲ୍ଲ, ବଇଲ୍ଲ ପ୍ରଭୃତି ପ୍ରାକୃତ ଶବ୍ଦର ସଂସ୍କୃତ ଏ ପର୍ଯ୍ୟନ୍ତ ବ୍ୟବହାରରେ ଆସିନାହିଁ । ଏସବୁ କଥା ପ୍ରତି ନନ୍ଦଙ୍କର ତାଦୃଶ ଦୃଷ୍ଟି ଯାଇନାହିଁ । ସେଥିପାଇଁ ସେ ସଂସ୍କୃତ 'ବଲୀବର୍ଦ୍ଦ' ଶବ୍ଦରୁ ରୂପାନ୍ତରିତ ପ୍ରାକୃତ 'ବଇଲ୍ଲ' ଶବ୍ଦରୁ ଓଡ଼ିଆ 'ବଇଲ' (ବଅଳ) ହୋଇଥିବାର ସ୍ଥିର କରି ଅଛନ୍ତି; ପ୍ରାକୃତ ଓ ଓଡ଼ିଆର 'ଜଣା' ଶବ୍ଦକୁ ସଂସ୍କୃତ 'ଜନ୍ତୁ'ରୁ ବାହାର କରିଛନ୍ତି; ପ୍ରାକୃତ ପେତ୍ତିଣୀ (ସଂସ୍କୃତ-ପିଶାଚୀ) ଶବ୍ଦରୁ ଓଡ଼ିଆ ପେତାଣୁଣୀ (ପିଡ଼ାଣୁଣୀ) ବାହାର ନ କରି, 'ପ୍ରେତାଶିନୀ' ବୋଲି ସଂସ୍କୃତରେ ଏକ ଶବ୍ଦ ସୃଷ୍ଟି କରି, ସେଥିରୁ ପ୍ରାକୃତ ବାଟେ ପୁଣି ଓଡ଼ିଆ ପେତାଣୁଣୀ ଶବ୍ଦ କାଢ଼ିଅଛନ୍ତି । ଦ୍ରାବିଡ଼ 'ଚେନ୍ନ' ଶବ୍ଦରୁ ଓଡ଼ିଆ 'ସାନ' ନ କାଢ଼ି, ସେ ସଂସ୍କୃତର 'ସାମାନ୍ୟ' ଶବ୍ଦରେ ତାହାର ମୂଳ ଖୋଜି ଅଛନ୍ତି । ସେହିପରି 'ବସା'ର ମୂଳ 'ବର୍ଶ୍ମ'ରେ ଓ 'ସଅଳ' (ସକାଳ, ସଟ୍‌କାଳ)ର ମୂଳ ସଂସ୍କୃତ 'ସଦ୍ୟକାଳ'ରେ ପ୍ରଭୃତି ଖୋଜିବା କେତେ ଠିକ୍ ହୋଇଅଛି, ତାହା ଅନୁସନ୍ଧାନସାପେକ୍ଷ । ବିଭକ୍ତି ବିଶ୍ଳେଷଣରେ ମଧ୍ୟ ଚତୁର୍ଥୀ 'କୁ' ବିଭକ୍ତିର ମୂଳ ଦ୍ରାବିଡ଼ ଭାଷାରେ ନ ଖୋଜି ପାଣିନିସୂତ୍ର ଅବଲମ୍ବନ କରି ତାକୁ ସଂସ୍କୃତ 'କୃତେ'ରୁ ବାହାର କରିବାର ପ୍ରୟାସ ଏଠାରେ ଉଲ୍ଲେଖଯୋଗ୍ୟ ।

ଏମନ୍ତ କି, ଓଡ଼ିଆର ଲିଖିତ-ବର୍ଣ୍ଣ ବା ଲିପି ବିଚାର ବେଳେ ମଧ୍ୟ ନନ୍ଦେ ଓଡ଼ିଆ ଅକ୍ଷରକୁ ଅତି ଅର୍ବାଚୀନ ନାଗରାକ୍ଷରର ଅନୁକୃତି ବୋଲି ନିର୍ଦ୍ଦେଶ କରିଅଛନ୍ତି । ପ୍ରାୟ ସବୁ ସଂସ୍କୃତ ଏବେ ନାଗରାକ୍ଷରରେ ଛପା ଓ ଲେଖାହୁଏ ସତ, କିନ୍ତୁ ଖ୍ରୀଷ୍ଟପୂର୍ବ ୫ମ ଶତାବ୍ଦୀର ବ୍ରାହ୍ମୀ ଲିପିରୁ ଆରମ୍ଭ କରି ଅନୁସନ୍ଧାନ କଲେ ଦେଖାଯାଏ, ନାଗରୀ ଓ ଓଡ଼ିଆ ମଧ୍ୟରେ ବରଂ ପ୍ରାଚୀନତା ଓଡ଼ିଆ ଆଡ଼କୁ ଢଳିବ । ଅନ୍ତତଃ ନାଗରୀରୁ ଯେ ଓଡ଼ିଆ ହୋଇନାହିଁ, ଏହା ଏକପ୍ରକାର ପ୍ରମାଣିତ । ଖ୍ରୀଷ୍ଟ ଦଶମ ଓ ଏକାଦଶ

Digitized by srujanika@gmail.com

ଶତାବ୍ଦୀର ଶିଳାଲିପିମାନଙ୍କରେ ଯେଉଁ ଅକ୍ଷର ମିଳେ ସେଥିରୁ ଜଣାଯାଏ, ବଙ୍ଗଳା, ଓଡ଼ିଆ ଓ ନାଗରୀ ଏକ ମୂଳ ବୃକ୍ଷର ବିଭିନ୍ନ ଶାଖା ମାତ୍ର। କେହି ବୋଧହୁଏ କାହାର ଅନୁକୃତ ନୁହନ୍ତି।

ନନ୍ଦେ ପ୍ରାକୃତର ଭକ୍ତ, ଏଥିରେ ସନ୍ଦେହ ନାହିଁ। ଏହାହିଁ ତାଙ୍କର ଏକ ବିଶେଷ। କିନ୍ତୁ ବରରୁଚି ପ୍ରଭୃତି ପ୍ରାକୃତ ବ୍ୟାକରଣକାରମାନଙ୍କର ମାନସିକତା ଓ ଗ୍ରନ୍ଥର ଉଦ୍ଦେଶ୍ୟ ସେ ସମ୍ପୂର୍ଣ୍ଣ ହୃଦୟଙ୍ଗମ କରିଥିବାର ଅନୁମାନ ହୁଏନାହିଁ। ପ୍ରାକୃତ ବହୁ ଶତାବ୍ଦୀ ଧରି ଅନାଦୃତ ଥିଲା। କୃତ୍ରିମ ସଂସ୍କୃତ ଭାଷାରେ ଲୋକେ ଗ୍ରନ୍ଥାଦି ଲେଖୁଥିଲେ। ଏମନ୍ତ କି ମୌର୍ଯ୍ୟ ସମ୍ରାଟ୍ ଚନ୍ଦ୍ରଗୁପ୍ତଙ୍କ ବିଚାରାଳୟରେ ସଂସ୍କୃତ, ସମସ୍ତ ବିଚାରଣାର ଭାଷା ଥିବାର ପ୍ରମାଣ ମିଳେ। ହୁଏତ ବହୁକାଳଧରି ଏହା ଭାରତରେ କଥୋପକଥନ-ଭାଷା ରୂପେ ବ୍ୟବହୃତ ହେଉଥିଲା। ସମାଜର ଉଚ୍ଚ ଶ୍ରେଣୀର ଲୋକେ ଏହି ଭାଷାରେ କଥା କହୁଥିଲେ; କେବଳ ନାଟକାଦିରେ ସ୍ତ୍ରୀମାନେ ଓ ଇତର ଲୋକେ ପ୍ରାକୃତମାନ ବ୍ୟବହାର କରୁଥିଲେ; ଏବଂ ପରେ ଖ୍ରୀଷ୍ଟ ଦଶମ ଶତାବ୍ଦୀ ବେଳକୁ ରାଜଶେଖର ପ୍ରଭୃତି କେହି କେହି ପ୍ରାକୃତରେ କେତେକ ସାମାନ୍ୟ ଗ୍ରନ୍ଥ ଲେଖିଥିଲେ। ପ୍ରାଚୀନ ମାଗଧୀ ପ୍ରାକୃତରେ ଯେଉଁ ବୌଦ୍ଧ ଓ ଜୈନଗ୍ରନ୍ଥମାନ ଚଳୁଥିଲା, ହିନ୍ଦୁ ତଥା ବ୍ରାହ୍ମଣମାନେ ତାହାର ଆଦର କରୁ ନଥିଲେ। ଅଳ୍ପଦିନ ପରେ ସେହିସବୁ ଧର୍ମର ଗ୍ରନ୍ଥମାନ କ୍ରମେ ସଂସ୍କୃତରେ ଲେଖା ହେବାର ଆରମ୍ଭ ହେବାରୁ, ବୌଦ୍ଧ ଓ ଜୈନମାନଙ୍କ ମଧ୍ୟରେ ମଧ୍ୟ ପ୍ରାକୃତ ବ୍ୟବହାର ଏକପ୍ରକାର ଲୋପ ପାଇଲା। ଫଳରେ ପ୍ରାକୃତର ସ୍ଥାୟିତ୍ୱ କେହି ସ୍ୱୀକାର ବା ଆଶଂକା ସୁଦ୍ଧା କଲେ ନାହିଁ। ନାଟକାଦିରେ ଯାହା ସାମାନ୍ୟ ପ୍ରାକୃତ ଥିଲା, ଏବଂ ପରେ ନାଟକାଦି ଲେଖିବା ପାଇଁ ଯାହା ପ୍ରାକୃତ ଦରକାର ହେବାର ଆଶଙ୍କା ହେଲା, ତାକୁହିଁ ଯେନତେନ ପ୍ରକାରେ ବୁଝିବା ଓ ଚଳାଇବା ପାଇଁ ବରରୁଚି, କଚ୍ଚାୟନ ପ୍ରଭୃତି ପ୍ରାକୃତ ବ୍ୟାକରଣ ଲେଖିଥିଲେ। ଫଳତଃ ସେସବୁରେ ସଂସ୍କୃତ ଆଡ଼ୁ ପ୍ରାକୃତର ଆଲୋଚନା ହେବା ସ୍ୱାଭାବିକ। ପ୍ରକୃତରେ ପୂର୍ବେ ସଂସ୍କୃତ ଯେ ପ୍ରାକୃତରୁ ତିଆରି ହୋଇଥିଲା ଏବଂ କାଳକ୍ରମେ ପ୍ରାକୃତମାନଙ୍କ

Digitized by srujanika@gmail.com

ଉପାଦାନରେ ପୁଷ୍ଟ ହେଉଥିଲା, ତାହା ଲୋକେ ଭୁଲିବାପାଇଁ ଯତ୍ନ କରୁଥିଲେ; ଫଳତଃ ତାହାର କୌଣସି ଚିହ୍ନ ପର୍ଯ୍ୟନ୍ତ ଭାରତ ସାହିତ୍ୟରେ ନାହିଁ । ଅତଏବ ସଂସ୍କୃତ ଶବ୍ଦ, ପଦ ଓ ବିଭକ୍ତି ପ୍ରଭୃତିକୁ ପ୍ରାକୃତରେ ପ୍ରକାଶ କରିପାରିବା ଭଳି କେତେକ ବିକ୍ଷିପ୍ତ ବର୍ଣ୍ଣ ପରିବର୍ତ୍ତନ କ୍ରମହିଁ ପ୍ରାକୃତ ବ୍ୟାକରଣମାନଙ୍କର ସର୍ବସ୍ୱ କହିଲେ ଚଳେ । ସେଥିରେ ପାଣିନି ଦେଇ ଭାଷା, ଶବ୍ଦ ଓ ବର୍ଣ୍ଣତତ୍ତ୍ୱର ଆଲୋଚନା ପ୍ରାୟଶଃ ସ୍ଥାନ ପାଇନାହିଁ । ପ୍ରାକୃତ ଭାଷାମାନଙ୍କର ଯଥାର୍ଥ ଜୀବନ୍ତ ସ୍ୱାତନ୍ତ୍ର୍ୟ ଫୁଟାଇ ସେମାନଙ୍କୁ ସାର୍ବଜନୀନ ଭିତ୍ତିରେ ସ୍ଥାପନ କରିବା ଉଦ୍ଦେଶ୍ୟରେ କୌଣସି ପ୍ରାକୃତ ବ୍ୟାକରଣ ଲେଖା ହୋଇ ନ ଥିଲା ।

ପ୍ରାଚୀନ ପ୍ରାକୃତମାନଙ୍କରେ କୌଣସି ଶୃଙ୍ଖଳାବଦ୍ଧ ଭାଷାତତ୍ତ୍ୱ ଅାଲୋଚିତ ହୋଇ ନାହିଁ । ବହୁପରିମାଣରେ ସେହି ପ୍ରାକୃତ ପନ୍ଥା ଅବଲମ୍ବନ କରିଥିବାରୁ ନନ୍ଦେ ଏହି ଓଡ଼ିଆ ଭାଷାତତ୍ତ୍ୱକୁ ମଧ୍ୟ ସର୍ବତୋଭାବରେ ଗୋଟିଏ ବିଜ୍ଞାନସମ୍ମତ ଶୃଙ୍ଖଳାବଦ୍ଧ ଆଲୋଚନା କରିପାରି ନାହାନ୍ତି । ଓଡ଼ିଆ ଶବ୍ଦ ପଦାଦି ଓ ବିଶେଷରେ ଦେଶ୍ୟ ଶବ୍ଦାଦିର ପ୍ରୟୋଗ, ବ୍ୟବହାର, ବିବର୍ତ୍ତନ, ପରିଣତି ଓ ଶକ୍ତି ସମ୍ବନ୍ଧରେ ସେ ବହୁତ ବିକ୍ଷିପ୍ତ ପରିଶୀଳନ ସହିତ ସୁନ୍ଦର ଉଦାହରଣମାନ ସଂଗ୍ରହ କରିଅଛନ୍ତି, କିନ୍ତୁ ବୈଜ୍ଞାନିକ ଶୃଙ୍ଖଳାରେ ସେମାନଙ୍କର ପରିବର୍ତ୍ତନ ଓ ପ୍ରୟୋଗ ନିୟମ ଲକ୍ଷ୍ୟରେ ସେସବୁ ଉଦାହରଣାଦି ଅନୁସନ୍ଧାନ କରିବାର ସ୍ପଷ୍ଟ ଜଣା ପଡ଼ୁନାହିଁ । ସେଗୁଡ଼ିକୁ କର୍ତ୍ତବ୍ୟ ସାଙ୍ଗ କରିବାର ଭାର ନନ୍ଦେ ଯେପରି କି ଭବିଷ୍ୟତ୍ ଉପରେ ନ୍ୟସ୍ତ କରିଯାଇ ଅଛନ୍ତି । କେବେ କେବେ ବେଳେ ସ୍ପଷ୍ଟ ଆଖିରେ ପଡ଼ିବା ଭଳି ନିୟମମାନ ଉଲ୍ଲେଖ କରି ସଙ୍କେତ ଦେବାରେ ନନ୍ଦେ ପରାଙ୍ମୁଖ ନୁହନ୍ତି । କିନ୍ତୁ ସେସବୁକୁ ତାତ୍ତ୍ୱିକ ବିଗ୍ରହରେ ଆଣି ସୁସ୍ପଷ୍ଟ ସାର୍ବଜନୀନ ଭିତ୍ତିରେ ସ୍ଥାପନ କରିଯିବାର ଉଦ୍ୟମ ସେ କରିଥିଲେ ପରି ଜଣା ପଡ଼ୁନାହିଁ ।

ସାମାନ୍ୟ ଉଦାହରଣ ଦେଲେ କଥାଟି ସ୍ପଷ୍ଟତର ହେବ । 'ଗୁଡ଼ାଇବା' 'ଗୁଡ଼େଇବା'ରେ, 'କଠାଉ' 'କଠୋଉ'ରେ ଇତ୍ୟାଦି କ୍ରମେ ପରିଣତ ହୋଇଯାଉଛି ବୋଲି ନନ୍ଦେ ଉଲ୍ଲେଖ କରି, ଗୋଟିଏ ଅବାନ୍ତର ନିୟମ

Digitized by srujanika@gmail.com

ମାତ୍ରର ସଙ୍କେତ କରିଛନ୍ତି କି, ଓଡ଼ିଆ ମୁଖଯନ୍ତ୍ରରେ ପରେ 'ଇ' କିଂବା 'ଉ' ଥିଲେ, ପୂର୍ବବର୍ତ୍ତୀ 'ଆ' ଠାରେ ଯଥାକ୍ରମେ 'ଏ' କିଂବା 'ଓ' ହୁଏ। ଏହା କିନ୍ତୁ ଓଡ଼ିଆ ସନ୍ଧିର ଗୋଟିଏ ସ୍ପଷ୍ଟ ଓ ବିଶିଷ୍ଟ ନିୟମ ଏବଂ ଏହି କ୍ରମରେ ଓଡ଼ିଆର ଅନ୍ୟାନ୍ୟ ସ୍ୱର ଓ ବର୍ଣ୍ଣ ପରିବର୍ତ୍ତନର ନିୟମ ଓ ନିପାତନମାନ ବାହାର କରି ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟରେ ସାର୍ବଜନୀନ ଭାବ ଫୁଟାଇବାକୁ ହେବ। ଉଦାହରଣ ସ୍ୱରୂପ, 'କହା' ଶବ୍ଦ ଲୋକମୁଖରେ 'କୁହା' ହୁଏ। ଏହା ସେ ହୁଏତ ଉଲ୍ଲେଖ କରିଅଛନ୍ତି। କିନ୍ତୁ କୁହାଯାଏ, କୁହାଳିଆ, ପୁଆଣି, ନୁଆଣିଆ, ନୁଆଁଇବା, ବୁହାଇଲି, ସୁହାଉଛି, ପୁହାଇଲି ପ୍ରଭୃତି ଏକତ୍ର କରି ସେଥିରୁ ଓଡ଼ିଆ ମୁଖଯନ୍ତ୍ରର ସ୍ୱର ପରିବର୍ତ୍ତନର ନିୟମ, ଯଥା—'ଅ' ପରେ 'ଆ' ବା 'ହା' ଥିଲେ 'ଅ' ଠାରେ 'ଉ' ହୁଏ—ଓ ତାହାର କୌଣସି ନିପାତନ ଥିଲେ ତାହାର ଉଲ୍ଲେଖ ପ୍ରଭୃତି କରିବାର ପ୍ରୟତ୍ନ ସେ କରିନାହାନ୍ତି। ଗୋଟିକିଆ ଉଦାହରଣମାନ ସେ ବହୁତ ଯତ୍ନ ଓ ପରିଶ୍ରମରେ ସଂଗ୍ରହ କରିଛନ୍ତି; ଏବଂ ଏହିପରି ନିୟମ, ନିପାତନ ପ୍ରତି ଦୃଷ୍ଟି ବିଶେଷ ନଥିବାରୁ ଅବାନ୍ତର ଭ୍ରମ ମଧ୍ୟ ରହିଯାଇଅଛି। 'ବଖରା' ଓ 'ବଖୁରା' ଦୁଇ ରୂପକୁ ସେ ସଂସ୍କୃତ 'ପକ୍ଷାଗାର' ଶବ୍ଦଜ ବୋଲି ସନ୍ଦେହ କରି ଏକ ଶବ୍ଦର ଭିନ୍ନ ଭିନ୍ନ ରୂପ ମାତ୍ର ବୋଲି ଉଲ୍ଲେଖ କରିଛନ୍ତି; ଏବଂ ମୁକୁରରୁ ଶିଷ୍ଟ ପ୍ରୟୋଗରେ ଉଦାହରଣ ଦେଇଛନ୍ତି, "ଅଠହାତ ଲମ୍ବ **ବଖୁରିକ** ଘର ମରିନାହିଁ ତା' ମଉଡ଼" ମାତ୍ର ଏଠାରେ ଦେଖିବାକୁ ହେବ 'ବଖୁରା' ଶବ୍ଦ ସାଧୁ ନୁହେ। କ୍ଷୁଦ୍ରାର୍ଥକ 'ଇ' ଲାଗି 'ବଖରା' 'ବଖୁରି'ରେ ପରିଣତ ହୁଏ। ସେହିପରି 'ମସିଣା'—'ମସୁଣି', 'ଝପରା'—'ଝପୁରି', 'ବଗଲା'—'ବଗୁଲି', 'ଡାଁସୁଣୀ', 'ଉକୁଣି', 'ଗୁଲୁଣି', 'ବସୁଣି', 'ତେଲୁଣୀ', 'ପାଣୁ (ଲୁ) ଣୀ', 'ତମୁଣୀ', 'ପଠାଉଣୀ', 'ସଉରୁଣୀ', 'ରଇରୁଣୀ' ଇତ୍ୟାଦି; କିନ୍ତୁ 'କରଣି', 'ଘରଣୀ', 'ଝଣ୍ଟଣି', 'ସାଆଁତାଣୀ' ଇତ୍ୟାଦି। ପିଲାଙ୍କ ବ୍ୟାକରଣ ପାଇଁ 'ଣି', 'ଆଣୀ', 'ଉଣୀ' ପ୍ରଭୃତି ପ୍ରତ୍ୟୟମାନ ଲେଖାଯାଇପାରେ; କିନ୍ତୁ ଭାଷାତତ୍ତ୍ୱର ବିଚାରରେ ସେ ସବୁର ମୂଳ ଓ ପରିଣତିକ୍ରମ ଦେଖିବା ଉଚିତ।

Digitized by srujanika@gmail.com

କଦର୍ଥନା, ଫୋପଡ଼ା, ବୋବାଳି ପ୍ରଭୃତି ପରି ଯେଉଁ ଶବ୍ଦମାନଙ୍କରେ ଆଗ୍ରସ୍ୱକ୍ରମରେ ବର୍ଣ୍ଣ ଦ୍ୱିତ୍ୱ ଘଟେ; ବେମାର—ବେରାମି, ମଳିଆ—ମଇଲା ପ୍ରଭୃତି ପଦ ସନ୍ଧିରେ ବର୍ଣ୍ଣ ବିପର୍ଯ୍ୟାସ ହୁଏ; ଭେଲ, ଭେଲ ପ୍ରଭୃତି ପଦ ଯେଉଁଠାରେ ସ୍ୱର ଭେଦରେ ଅର୍ଥ ଭିନ୍ନ ବା ବିପରୀତ ହୋଇଯାଏ; ସେସବୁର ସମୂହ-ବିଚାର ଭାଷାତତ୍ତ୍ୱରେ ଯେ ଅତ୍ୟନ୍ତ ସମୀଚୀନ ତାହା କହିବା ନିଷ୍ପ୍ରୟୋଜନ । ମାତ୍ର ସେସବୁର ନିୟମାନୁଗତ ବିଚାର ସେ କରି ନଥିବାର ଦେଖାଯାଏ । ଫୋପାଡ଼ିବା, ଧନ୍ଦାଳିବା, ଦୃଙ୍କୁଲେଇବା, ବୋବାଇବା, ଗ୍ରେବାଇବା, ଛୁଞ୍ଚାଡ଼ିବା, କଚ୍ଚଡ଼ିବା, ବିଗାଡ଼ିବା, ବିଜାହିହେବା ପ୍ରଭୃତିର ସମୂହ ତାତ୍ତ୍ୱିକ ବିଚାର କ୍ରିୟା ଭାଗରେ ହୋଇଥାନ୍ତା ଏବଂ ସେତେବେଳେ ହୁଏତ ସେ ପୁଣି ବର୍ଣ୍ଣ ବିଚାରକୁ ଫେରିଥାନ୍ତେ—କାରଣ, ଓଡ଼ିଆରେ ନୂତନ ଭାଷାର ବିଜ୍ଞାନ ଆଲୋଚନାରେ ପଦ୍ଧତି ଓ ନିୟମମାନ କ୍ରମେ ବିକାଶ ପାଇବା ବେଶି ସ୍ୱାଭାବିକ । ମାତ୍ର ଏ ଅନୁମାନର ଫଳାଫଳ ଦେଖିବାର ସୁବିଧା ନାହିଁ ।

ପଦ, କାରକ, ବିଭକ୍ତି, ସର୍ବନାମ ଓ ଅବ୍ୟୟ ପ୍ରଭୃତିର ବିଚାରରେ ମଧ୍ୟ ବହୁ ପରିମାଣରେ ସେହିପରି ସଂସ୍କୃତ ଗ୍ରନ୍ଥକୁ ଆଗରେ ରଖି ପ୍ରାକୃତ ସୂତ୍ରରେ ଓଡ଼ିଆରେ କିପରି ବ୍ୟତ୍ୟୟ ବା ବିଶେଷ ପରିବର୍ତ୍ତନ ଘଟିଅଛି, ତାହାର ବ୍ୟସ୍ତ ବା ଗୋଟି ଗୋଟିକିଆ ଆଲୋଚନା ମାତ୍ର ସେ କରିଛନ୍ତି । ଓଡ଼ିଆରେ କର୍ମ, ସମ୍ପ୍ରଦାନର ବିଶେଷ ବିଧି, ତଥା ଦ୍ୱିତୀୟା, ଚତୁର୍ଥୀ ବିଭକ୍ତିର ବିଶେଷ ବ୍ୟବହାର ବ୍ୟାକରଣଗତ ବାଚ୍ୟ ବିଧିରେ ବିଭକ୍ତି ନିୟମର ସୌକର୍ଯ୍ୟ, ସର୍ବବ୍ୟାପକ ଷଷ୍ଠୀ ବିଭକ୍ତିର ତାତ୍ତ୍ୱିକ ସୌନ୍ଦର୍ଯ୍ୟ ପ୍ରଭୃତିର ଆଲୋଚନା ସମୂହ ସାଧନାର ଭିତ୍ତିରେ ପ୍ରତିଷ୍ଠିତ ହେଲାପରି ଜଣାପଡ଼େ ନାହିଁ । ବରଂ ବିଶେଷରେ କାରକ ଓ ବିଭକ୍ତିରେ ସଂସ୍କୃତର ଟିକିଏ ଦାସ୍ୟ ଭାବରେ ଅନୁବର୍ତ୍ତନ କରିବାର ଆଭାସ ମିଳେ । 'କୁ' ବିଭକ୍ତି ଓଡ଼ିଆରେ କର୍ମର ଚିହ୍ନ ହୋଇପାରେ କି ନା ? କର୍ମବାଚ୍ୟରେ ତୃତୀୟାନ୍ତ କର୍ତ୍ତାର ଉଲ୍ଲେଖ ଆବଶ୍ୟକ ଥିବାର, ଦାର୍ଶନିକ ଧାରଣାରେ କାରକ ବିଚାରର ଜଟିଳତା ବଢ଼ାଇବାର କେତେ ପ୍ରୟୋଜନ ଅଛି ? ପୁଣି ଷଷ୍ଠୀ ବିଭକ୍ତି ପରେ ଶବ୍ଦରେ ଅନ୍ୟାନ୍ୟ ବିଭକ୍ତ୍ୟନ୍ତ ପଦମାନ ପ୍ରାୟ ଲଗାଇ କିପରି ଭିନ୍ନ ଭିନ୍ନ କାରକ ଓ

Digitized by srujanika@gmail.com

ବିଭକ୍ତି ବ୍ୟକ୍ତ କରାଯାଏ ? ଏ ସବୁର ତାତ୍ତ୍ୱିକ ବ୍ୟାଖ୍ୟା ଖୁବ୍ ସ୍ୱାଧୀନଭାବରେ କରିବାକୁ ନନ୍ଦେ ଯେପରି କୁଣ୍ଠିତ ହୋଇଅଛନ୍ତି । ଠାରୁ, ଠାରେ, ଠାକୁ, ଠୁଁ, ଠି, ଠିକ ପ୍ରଭୃତି ବିଭକ୍ତିକୁ ସ୍ଥାନାର୍ଥକ 'ଥା' ବା 'ଠା'ରେ ବିଭକ୍ତି ଲଗାଇ ନନ୍ଦେ ବ୍ୟାଖ୍ୟା କରିଛନ୍ତି ସତ, କିନ୍ତୁ ତାହା ଅବାନ୍ତର ଉଲ୍ଲେଖ ପରି ବୋଧହୁଏ । ପୁଣି ଏହି ସମ୍ପର୍କରେ 'ଠାକୁ', 'ଠାରେ', 'ଠାରୁ' ପ୍ରଭୃତି ଯେ ସମ୍ପୂର୍ଣ୍ଣ ଅବ୍ୟୟତ୍ୱ ପାଇନାହିଁ ଏବଂ 'ଠା'କୁ ଆସ', 'ଠା'ରୁ ଉଠ', 'ଠା'ରେ ବସ' ପ୍ରଭୃତି ପ୍ରୟୋଗରେ ଯେ ତାହା ବିଭକ୍ତି ନୁହେ—ଏହାର ଆଲୋଚନା କରି ସାର୍ବବିଭକ୍ତିକ ଷଷ୍ଠୀକୁ ଉଠିବାଟି ନନ୍ଦଙ୍କ ବିଭକ୍ତି ଆଲୋଚନାରେ ସ୍ପଷ୍ଟ ନୁହେ । 'ରାମଠାକୁ'—ରାମର ସ୍ଥାନକୁ; 'ଘରଆଡ଼କୁ'—ଘରର ଆଡ଼ (ଦିଗ)କୁ; 'ହରିଦ୍ୱାର'—ହରିର ଦ୍ୱାର; 'ମଧୁ ପାଇଁ'—ମଧୁର ପାଇଁ (ପାଇବାକୁ) ଏବଂ ସ୍ପଷ୍ଟତଃ ସର୍ବନାମ ପ୍ରୟୋଗରେ 'ମୋଦ୍ୱାରା', 'ମୋ ପାଇଁ' ପ୍ରଭୃତିର ବିଚାରରେ ବିଭକ୍ତିରୁ ଶବ୍ଦକୁ ପୃଥକ୍ କରିବା, ଏବଂ ପ୍ରସଙ୍ଗତଃ ବିଭକ୍ତିର ଅବ୍ୟୟତ୍ୱ ପ୍ରମାଣ କରି ମୌଳିକ ଷଷ୍ଠ୍ୟନ୍ତ ବିଶେଷ୍ୟର ସର୍ବବ୍ୟାପୀ ଶକ୍ତି ଧରିବା, ବିଭକ୍ତି ଓ କାରକ-ତତ୍ତ୍ୱ-ବିଚାରର ଏକ ପ୍ରଧାନ ଅଙ୍ଗ ବୋଲିବାକୁ ହେବ ।

ପୁଣି ପ୍ରାକୃତ ମାତ୍ରରେ ଓଡ଼ିଆଭାଷାର ମୂଳ ଦେଖିବାକୁ ଯାଇ ନନ୍ଦେ 'ଶ', 'ସ', 'ଷ' ଓ 'ଯ', 'ଯ଼', 'ଜ' ସମ୍ବନ୍ଧରେ ବ୍ୟସ୍ତ ହେଲେହେଁ କେତେକ ସୁନ୍ଦର ତାତ୍ତ୍ୱିକ ଆଲୋଚନା ସାହସର ସହିତ କରିଅଛନ୍ତି । କିନ୍ତୁ ମଗଧ, ଶୂରସେନ ତଥା ମହାରାଷ୍ଟ୍ରର ପ୍ରାଚୀନ ପ୍ରାକୃତ ଏ କ୍ଷେତ୍ରରେ ଭିନ୍ନ ଭିନ୍ନ ଓ କେତେକ ପରିମାଣରେ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ପ୍ରକୃତିକ ଥିବାର ଜାଣି ମଧ୍ୟ, ସେ ଓଡ଼ିଆରେ କାହାର କିପରି କେତେ ମାତ୍ରାରେ ପ୍ରଭାବ ପଡ଼ିଛି ଓ ତହିଁରେ କି ଫଳ ଫଳିଛି, ତାହାର କୌଣସି ସମୂହ ଆଲୋଚନା ଦ୍ୱାରା ଭାଷାସୂତ୍ରରେ ଜାତି କିଂବା ସଭ୍ୟତାର ଇତିହାସ-ସନ୍ଧିତ୍ସୁଙ୍କ ପାଇଁ କୌଣସି ବିଶେଷ ସଙ୍କେତ ବା ସୂଚନା ରଖି ନାହାନ୍ତି; ଏବଂ ଏହି ସମ୍ପର୍କରେ ଓଡ଼ିଆର 'ଳ', 'ଣ' ଓ ଶବ୍ଦମାନଙ୍କର ଅକାରାନ୍ତ ଉଚ୍ଚାରଣରେ ବିଶେଷ ପ୍ରଣିଧାନ ଦେଇ, ଯଥାର୍ଥ ତାତ୍ତ୍ୱିକ ଭିତ୍ତି ଖୋଜି ଦେଖାଇବାର ଉଦ୍ୟମ ପଣ୍ଡିତ ଗୋପୀନାଥ କରି ନାହାନ୍ତି ।

Digitized by srujanika@gmail.com

ସଂସ୍କୃତ ଭିତ୍ତିରେ ଯେପରି ପ୍ରାକୃତ ପ୍ରତିଷ୍ଠିତ ବୋଲି ସେ ବୁଝିଥିଲେ, ସେହିପରି ସାକ୍ଷାତ୍ ପ୍ରାକୃତ ଭିତ୍ତିରେ ଓଡ଼ିଆର ଆଲୋଚନା ସ୍ଥିର କରି, ନନ୍ଦେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟରେ ସାର୍ବଜନୀନତା ଫୁଟାଇବାର ପ୍ରୟାସ କରିଅଛନ୍ତି; ଆଉ ଅଧିକ ଦୂରକୁ ସେ ଯାଇନାହାନ୍ତି । ପୁଣି ଓଡ଼ିଆର ସେ ଯେଉଁ ସ୍ୱାତନ୍ତ୍ର୍ୟ ଦେଖାଇଛନ୍ତି, ତାହା ଅତି ସୁସ୍ପଷ୍ଟ ଓ ସୁଗମ ହେଲେହେଁ, ସିଂହାବଲୋକନ ନ୍ୟାୟରେ ବାରଂବାର ପ୍ରାକୃତ ମାର୍ଗରେ ସଂସ୍କୃତକୁ ଫେରୁଅଛି । ତେଣୁ ସାଂସ୍କୃତିକ ଭିତ୍ତିର ବାହାରେ ଓ ଦୂରରେ ଓଡ଼ିଆ ଭାଷାର ଯେ ଗଭୀର ସ୍ୱାତନ୍ତ୍ର୍ୟମୂଳକ ସାର୍ବଜନୀନ ପରିସର ଖୋଜାଯାଇ ପାରେ, ତାହା କାର୍ଯ୍ୟରେ ଗ୍ରହଣ କରିବାକୁ ନନ୍ଦେ ସମର୍ଥ ହୋଇ ନାହାନ୍ତି । ଫଳତଃ ଓଡ଼ିଆ ସ୍ୱରଯନ୍ତ୍ରରେ ବର୍ଣ୍ଣର ସ୍ୱାଧୀନ ଓ ଐତିହାସିକ ପରିଣତି, ତଥା ତଦାନୁସଂଗିକ ଘଟଣାବଳୀର ଆଲୋଚନାରେ ପୃଥିବୀର ଆର୍ଯ୍ୟ, ଦ୍ରାବିଡ଼ାଦି ଭାଷାମାନଙ୍କର ପ୍ରଭାବ ଓ ପ୍ରକ୍ରିୟା ସମୂହଭାବରେ ଓଡ଼ିଆକୁ କି ପରିମାଣରେ, ବା କି ଅନୁପାତରେ, କେଉଁ ଘଟନା ସୂତ୍ରରେ ବା କେଉଁ ପାରିପାର୍ଶ୍ୱିକ ବେଷ୍ଟନୀ ମଧ୍ୟରେ ପ୍ରଭାବିତ କରିଅଛି, ବା ଓଡ଼ିଆରୁ ଉପାଦାନ ସଂପାଦନ କରିବାର ସମ୍ଭାବନାରେ ଅଛି, କିଂବା ଓଡ଼ିଆ ସଙ୍ଗେ ସମଭାବରେ ଗତି କରିଅଛି—ଏ ସବୁର ଇଂଗିତ କରିବାରେ ପଣ୍ଡିତ ଗୋପୀନାଥ ସଂପୂର୍ଣ୍ଣ ଅଧିକାରୀ ହୋଇପାରି ନାହାନ୍ତି ।

ଏ କ୍ଷେତ୍ରରେ ନନ୍ଦଙ୍କର ଗୋଟିଏ ସ୍ୱାଭାବିକ ଘୋର ଅନ୍ତରାୟ ଥିଲା, ଏହା ମଧ୍ୟ ଏଠାରେ ଭଲ କରି ବୁଝିରଖିବାକୁ ହେବ । ତେଲିଙ୍ଗି ଭାଷାର ପେଷଣରେ ଓଡ଼ିଆ ଭାଷାର ପ୍ରାଣ ନିପୀଡ଼ିତ ହେଉଥିବାର ଭାବ ସବୁବେଳେ ତାଙ୍କ ହୃଦୟକୁ ଆଲୋଡ଼ିତ କରୁଥିଲା । ଫଳରେ ପ୍ରତିବେଶୀ ଭାଷାମାନଙ୍କ ପ୍ରତି ସହାନୁଭୂତି, ଶ୍ରଦ୍ଧା ଓ ଆଦର ପରିବର୍ତ୍ତରେ ବରଂ ଏକ ପାରଂପରିକ ଦୁରାଗ୍ରହ ତାଙ୍କ ପ୍ରାଣକୁ ଅଭିଭୂତ କରିଥିବା ସ୍ୱାଭାବିକ । ତେଣୁ ବଂଗ ଓ ବିଶେଷରେ ଦ୍ରାବିଡ଼ ଭାଷାରୁ ଗ୍ରହଣ କରିବାର ଭାବ ପର୍ଯ୍ୟନ୍ତ ସେ ସହଜରେ ମନକୁ ଆଣିପାରୁ ନ ଥିଲେ । ପୁଣି ତାମିଲ, ତେଲୁଗୁ ଓ କାନାଡ଼ୀ ପ୍ରଭୃତି ପ୍ରାକୃତ ସୂତ୍ରରେ ସଂସ୍କୃତର ରୂପାନ୍ତର ଥିବାର ତାଙ୍କର କେତେକ ଧାରଣା ଥିଲା । 'ସ'କାରାଦିର ବିସ୍ତୃତିରେ ସେ ତାହାର ପ୍ରମାଣ ଦେଇଛନ୍ତି । ଅନ୍ତତଃ

Digitized by srujanika@gmail.com

ଶବ୍ଦମାନଙ୍କର ବର୍ଗୀକରଣ ମାତ୍ରରେ ଏ ଧାରଣା ସେ ସ୍ଥିର କରିଥିଲେ । ତେଣୁ ଭାଷାମାନଙ୍କ ମଜ୍ଜା ଦେଖି ଆର୍ଯ୍ୟ ଦ୍ରାବିଡ଼ ଭେଦ ବୁଝିବାରେ ଭାଷାମାନଙ୍କର ଗଭୀର ଓ ସମୂହ ସାର୍ବଜନୀନତା ପରିଶୀଳନ କରିବାକୁ ସେ ଯାଇ ନାହାନ୍ତି । ବିଶେଷରେ ଓଡ଼ିଆ ଉପରେ କୌଣସି ପ୍ରକାର ତେଲୁଗୁ ବା ଦ୍ରାବିଡ଼ ପ୍ରଭାବ ଆଲୋଚନାରେ ସେ ଯେପରିକି ପରାଙ୍ମୁଖ । ଯେଉଁ ଓଡ଼ିଆ ଓ ବଙ୍ଗ ଭାଷା ସମ୍ଭବତଃ ଏକହଜାର ବର୍ଷ ପୂର୍ବେ ଏକ ଉତ୍କଳ-ରାଢ଼ ଭାଷା ଥିଲା, ସେ ଦୁଇ ଭାଷାରେ ମଧ୍ୟ ସେ ଆଦାନ ପ୍ରଦାନ ଓ ପରସ୍ପରର ପ୍ରଭାବ ସ୍ପଷ୍ଟ ଦେଖିବାକୁ ଲୋଡ଼ି ନାହାନ୍ତି । ଦୁଇଟିର ଏକାନ୍ତ ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିବାର ପ୍ରୟାସରେ ସେହି ଦୁଇଟି ଭାଷାରେ ବ୍ୟବହୃତ ସମଶବ୍ଦମାନଙ୍କର ଆଲୋଚନା କରାଯାଇ ଅଛି ।

ସେ ଯାହା ହେଉ, ପଣ୍ଡିତ ଗୋପୀନାଥ ନିଜ ଆଲୋଚନାରେ ଯେ ମୌଳିକତା ଓ ସାହସ ଦେଖାଇ ଅଛନ୍ତି, ସେ ଦୃଷ୍ଟିରେ ଉପରଲିଖିତ ଅଭାବମାନ ଦେଖାଇବାର ହୁଏତ ପ୍ରୟୋଜନ ନ ଥିଲା । ମାତ୍ର ଭବିଷ୍ୟତରେ ତାଙ୍କର ସାଧୁ ମହାସ୍ଥ ଇଂଗିତ କେଉଁ ଦଗରେ କପରି ଗତି କରିବା ଉଚିତ, ଏବଂ ନନ୍ଦଙ୍କ ପ୍ରସ୍ତାବିତ ଭାଷାର ସ୍ୱାତନ୍ତ୍ର୍ୟ ଓ ସାର୍ବଜନୀନତାର ସୂଚନା କେଉଁଆଡ଼େ, କି ଆଦର୍ଶରେ ଧାବିତ ହେବ—ଏହା ସବୁ ଠିକଏ ଫେଡ଼ି ଦେଖାଇଦେବା ଉଦ୍ଦେଶ୍ୟରେ ଏ ସବୁ ଅଭାବର ସଙ୍କେତ ଦିଆଗଲା । ଏ ସବୁ ସତ୍ତ୍ୱେ ନନ୍ଦେ ଭାଷାତତ୍ତ୍ୱ ଆଲୋଚନାରେ ଯେ ମୂଳଦୁଆ ପକାଇଛନ୍ତି, ନିଜର ଆପାତତଃ ବ୍ୟସ୍ତ ଆଲୋଚନାରେ ମଧ୍ୟ ଯେ ସାମଗ୍ରୀ ସଂଗ୍ରହ କରି ରଖିଯାଇଛନ୍ତି, ତାହା ଏକା ଓଡ଼ିଆରେ କାହିଁକି, ସମସ୍ତ ଚଳିତ ଭାରତୀୟ ଭାଷାରେ ମଧ୍ୟ ଏବେ ନୂତନ ଓ ଅନନ୍ୟସାଧାରଣ ।

ନନ୍ଦଙ୍କ ସଂସ୍କୃତ ଓ ପ୍ରାକୃତମୂଳକ ସାର୍ବଜନୀନତାର ଆଲୋଚନାରେ ଏଠାରେ ଯାହା କୁହାଗଲା, ମୁଖ୍ୟତଃ ଭାରତର ତଥା ଗୌଣତଃ ପୃଥିବୀର ଭାଷାସମୂହ ମଧ୍ୟରେ ଓଡ଼ିଆର ସାର୍ବଜନୀନତା ପ୍ରତିଷ୍ଠାର ଯେ ଇଂଗିତ ଏଠାରେ ଦିଆଗଲା, ନନ୍ଦଙ୍କ ଆଲୋଚନାରେ ତାହାର ଅଭାବ ବୋଲି କହିଦେବା ପୂର୍ବରୁ ମଧ୍ୟ ଆଉ ଗୋଟିଏ କଥା ଚିନ୍ତା କରିବାର ଅଛି । ଓଡ଼ିଆର

Digitized by srujanika@gmail.com

ପ୍ରଚାର ଏ ପର୍ଯ୍ୟନ୍ତ ଓଡ଼ିଶା ମାତ୍ରରେ ସମ୍ପୂର୍ଣ୍ଣ ସ୍ଥାୟୀ ପ୍ରସାର ଲଭିଅଛି କି ନା ସନ୍ଦେହ । ପ୍ରାନ୍ତ ଓ ଉପାନ୍ତ ଭୂମିରେ ଠାଏ ଠାଏ ତାହାର ନିର୍ବାସନ ଉଦ୍ୟମ ଏବେ ମଧ୍ୟ ଲାଗିଅଛି । ଏପରି ଅବସ୍ଥାରେ 'ଓଡ଼ିଆ ଭାଷାତତ୍ତ୍ୱ' ଆଲୋଚନାରେ ଭାରତର ତଥା ପୃଥିବୀର ଭାଷାସମୂହ ମଧ୍ୟରେ ଓଡ଼ିଆର ଏକ ନିର୍ଦ୍ଦିଷ୍ଟ ସ୍ଥାନ ଆଦର୍ଶ କରି ମସ୍ତିଷ୍କ ଚଳାଇବା ଜଣେ ଓଡ଼ିଆ ପକ୍ଷରେ କେତେଦୂର ସମ୍ଭବ ଓ ସ୍ୱାଭାବିକ ତାହା ଭାବିବାକୁ ହେବ । ନନ୍ଦେ ଯେଉଁତିକି କରିଛନ୍ତି, ସେତିକି ମଧ୍ୟ ଦୃଷ୍ଟିପ୍ରସାର କରି ଦେଖିବାପାଇଁ ଓଡ଼ିଶାରେ ବୀର ପୁରୁଷର ଏକାନ୍ତ ଅଭାବ । ପୁଣି କେବଳ ନନ୍ଦଙ୍କ ସଙ୍କେତ ଲକ୍ଷ୍ୟରେ ଗଭୀରତର ଆଲୋଚନା କରିବାପାଇଁ କ୍ଷେତ୍ର ପ୍ରସ୍ତୁତ ହେଲେ, ଆଶାହୁଏ, ନନ୍ଦଙ୍କ ଭାଷାତତ୍ତ୍ୱ ଆଲୋଚନା ପନ୍ଥାରେହିଁ ଭାଷାର ଉନ୍ନତି ଓ ମହତ୍ତ୍ୱ ବହୁଦୂର ଅଗ୍ରସର ହେବ; ନନ୍ଦେ ମଧ୍ୟ ଏହି ଗ୍ରନ୍ଥ ବଳରେ ଓଡ଼ିଶା ତଥା ଭାରତରେ ଭାଷାତତ୍ତ୍ୱ ଆଲୋଚନାର ମୂଳଭିତ୍ତି ଦୃଢ଼ଭାବରେ ସ୍ଥାପନ କରିଛନ୍ତି ବୋଲି ପରିଚିତ ଓ ସମ୍ମାନିତ ହେବେ ।

## ଓଡ଼ିଆ ଛନ୍ଦର ଇତିହାସ*

କଥା ମାନବର ବିଶେଷତା । ଏହା ଚିନ୍ତାର ସଙ୍ଗୀ । ସ୍ୱର ତାନ ପ୍ରକୃତିରେ ବିକ୍ଷିପ୍ତ ଓ ବିଶୃଙ୍ଖଳ । ହେଲେହେଁ ଏହା ଅନୁଭୂତିର ପୀଠ । ଏହାର ଶୃଙ୍ଖଳିତ ସଙ୍କେତରେ ମାନବର ଅନୁଭୂତି ବିକଶିତ ହୁଏ । ପୁଣି କ୍ରିୟାର ଶୃଙ୍ଖଳିତ ଅଭିବ୍ୟକ୍ତି ଓ ବିକାଶହିଁ ଶିଳ୍ପ । ଚିନ୍ତାର ଆଦର୍ଶ ବିଜ୍ଞାନ । ଅନୁଭୂତିର ଆଦର୍ଶ ସୌନ୍ଦର୍ଯ୍ୟ । କ୍ରିୟାର ଆଦର୍ଶ ସୃଷ୍ଟି । ଏ ସମସ୍ତ ଭିତରେ ମାନବର ଚରମ ଆଦର୍ଶ ସନ୍ତୋଷ ଓ ଶାନ୍ତି । ତେଣୁ ଚିନ୍ତା, ଅନୁଭୂତି ଓ କ୍ରିୟା, ମାନବାତ୍ମାର ଭିନ୍ନ ଭିନ୍ନ ବିଭାବ ହେଲେହେଁ, କେହି କାହାଠାରୁ ବିଚ୍ଛିନ୍ନ ନୁହନ୍ତି । ମାନବର ଆଦର୍ଶ ଲାଭରେ ଏ ସମସ୍ତେ ଓତପ୍ରୋତ ଭାବରେ ଜଡ଼ିତ ।

* ୨ୟ ବର୍ଷ ୧ମ ଓ ୨ୟ ସଂଖ୍ୟା, ୧୩୪୨ ମିଥୁନ ଓ କର୍କଟ (ଜୁନ୍, ଜୁଲାଇ, ୧୯୩୫) 'ନବଭାରତ'ରେ ପ୍ରକାଶିତ ।

Digitized by srujanika@gmail.com

କଥାର ତାନ ଲୟରେ ଭାବର ଅଭିବ୍ୟକ୍ତି । ଏଇ ଭାବର ଭଙ୍ଗୀ ଦେଖାଇବା ପାଇଁ ଏକ କଥା ବା କଥାସମୂହକୁ ଭିନ୍ନ ଭିନ୍ନ ଭାବରେ ପ୍ରକାଶ କରାଯାଏ । କଥାର ଏଇ ସ୍ୱର ମାତ୍ରାର ଯଥା ସଂଶ୍ଳେଷଣରେ ଯେଉଁ ସୃଷ୍ଟି ଫୁଟେ, ତାହା କବିତା । ସ୍ୱରପୀଠରେ ଏଇ ସୃଷ୍ଟି, ସଙ୍ଗୀତ । କ୍ରିୟାପୀଠରେ ଏଇ ସୃଷ୍ଟି ହେଉଛି, ଚିତ୍ର ଓ ଗଠନ । ମାତ୍ର ଏଠାରେ ସ୍ୱରଶିଳ୍ପ ବା ସଂଗୀତ, ପୁଣି କ୍ରିୟାଶିଳ୍ପ ବା ଚିତ୍ରଗଠନ କଥା ମୁଖ୍ୟତଃ ଆଲୋଚନା କରାଯାଉ ନାହିଁ । ଏଠାରେ କେବଳ କଥାଶିଳ୍ପ ବା କବିତାର ସ୍ୱରସଂଶ୍ଳେଷଣ ବିଭାଗହିଁ ଆଲୋଚନା କରାଯିବ । ଏଇ ସ୍ୱରସଂଶ୍ଳେଷଣ ବା ସ୍ୱରସୃଷ୍ଟି ଯହିଁରେ ପ୍ରକାଶ ପାଏ, ତାର ସାଧାରଣ ନାମ ଛନ୍ଦ ।

ବୁଝି ରଖିବା ଉଚିତ, ମାନବ ସ୍ୱରଯନ୍ତ୍ରର ଉଚ୍ଚାରଣରେ ଏଇ ସ୍ୱର ବିଭିନ୍ନ ପରଂପରା ଓ ପରିସ୍ଥିତିରେ ବିଭିନ୍ନଭାବରେ ପ୍ରକାଶ ପାଏ । କଥା ଆଣସ୍ୱବଦ୍ଧ ହେଲେ ମଧ୍ୟ ଉଚ୍ଚାରଣର ଭଙ୍ଗୀରେ ତାହା ଭିନ୍ନ ଭିନ୍ନ ଭାବରେ ପ୍ରକାଶ ପାଏ । କୌଣସି କୌଣସିଠାରେ ସ୍ୱର ଉପରେ ଜୋର ପଡ଼ି ବା ପରବର୍ତ୍ତୀ ବର୍ଣ୍ଣବିରାମ ବା ସ୍ୱଳ୍ପୋଚ୍ଚାରଣରେ ଚପି ହୋଇଯିବାରୁ ସ୍ୱରଟିରେ ଜୋର ପଡ଼ି ତାହା ଗୁରୁ ହୋଇଯାଏ । ଇଂରେଜୀରେ ଏହା ସାଧାରଣତଃ ହୁଏ । ଏହି ଜୋରକୁ ଆକ୍ସେଣ୍ଟ୍ (accent) କହନ୍ତି । ବଂଗଳାରେ ବହୁପରିମାଣରେ ତାହାହିଁ ସ୍ପଷ୍ଟ । ସଂସ୍କୃତରେ ଯୁକ୍ତବର୍ଣ୍ଣ-ପୂର୍ବ ସ୍ୱର ବା ହଳନ୍ତ-ପୂର୍ବ-ସ୍ୱରର ସେହି ପ୍ରକୃତି ଅନ୍ତର୍ନିହିତ ଥିଲେ ମଧ୍ୟ ଉଚ୍ଚାରଣଶୈଳୀର ସାମଂଜସ୍ୟରେ ସେ ଜୋର୍ ଟି ସ୍ପଷ୍ଟ ନୁହେଁ । ସ୍ୱରର ଦୀର୍ଘତା ସଙ୍ଗେ ସେ ଗୁରୁତ୍ୱ ମିଶି ଏକ ହୋଇଯାଏ । ସଂସ୍କୃତର ଛନ୍ଦ ବିଚାରରେ ସ୍ୱରର ଦୀର୍ଘତା ଓ ଜୋର ହେତୁକ ଗୁରୁତ୍ୱର କୌଣସି ପ୍ରଭେଦ ନାହିଁ । ଏହି ହିସାବରେ ବଙ୍ଗଳା ଓ ସଂସ୍କୃତର ଛନ୍ଦର ସ୍ୱର ବିଚାରରେ ପ୍ରକୃତିଗତ ଘୋର ପ୍ରଭେଦ ଅଛି । ଓଡ଼ିଆର କିନ୍ତୁ ଏ କ୍ଷେତ୍ରରେ ଆହୁରି ସ୍ୱାତନ୍ତ୍ର୍ୟ ଅଛି । ଏହାର ଉଚ୍ଚାରଣଶୈଳୀ ବଂଗଳା ବା ଇଂରେଜୀ ପରି ତ ନୁହେଁ; ସଂସ୍କୃତ ପରି ମଧ୍ୟ ଏହାର ଦୀର୍ଘ ହ୍ରସ୍ୱ ନିୟମ ଏବେ ନାହିଁ । ଓଡ଼ିଆରେ ଶବ୍ଦର କୌଣସି ସ୍ୱର ଉପରେ ହୁଏତ ଜୋର ପଡ଼େ । ସଂସ୍କୃତ

Digitized by srujanika@gmail.com

ଯେଉଁ ପ୍ରାକୃତରୁ ବାହାରିଥିଲା, ସେଥିରେ ହୁଏତ ତାହା ପଢ଼ୁଥିଲା । ମାତ୍ର ସଂସ୍କୃତ କୃତ୍ରିମ ଓ କଳ୍ପିତ ସ୍ୱର ନିୟମରେ ବନ୍ଧା ଥିବାରୁ, ବନ୍ଧାଗତରେ ତାହାର ସ୍ୱର ସଙ୍କେତ ପରିବର୍ତ୍ତିତ ହୋଇ ସେଇ ସ୍ୱର ସଙ୍କେତରେ ଛନ୍ଦ-ବିଜ୍ଞାନ ଫୁଟିଥିଲା ଓ ସେଇ ବିଜ୍ଞାନ କଥାର ଆଶୟ୍ବାଦକୁ ଅନୁକରଣ ନ କରି, ବରଂ କଥାର ଆଶୟାନୁକୂଳ ଛନ୍ଦ ବା ସ୍ୱର ବ୍ୟବହାର କରି ଲୋକେ କବିତାର ଭାବ ଫୁଟାଉଥିଲେ । ଉଦାହରଣ ସ୍ୱରୂପ, ରଘୁବଂଶରେ ଅଜ କାନ୍ଦିଛନ୍ତି ଯେଉଁ ସୁନ୍ଦରୀ ବୃତ୍ତରେ, କୁମାରସମ୍ଭବରେ ରତି କାନ୍ଦିଛନ୍ତି ସେହି ସୁନ୍ଦରୀ ବୃତ୍ତରେ । ସେଇ ବୃତ୍ତ ମଧ୍ୟରେ ପୁଣି ଶବ୍ଦ ତଥା ଗୁରୁ ଲଘୁ ବର୍ଣ୍ଣମାନଙ୍କର ବିନ୍ୟାସରେ ସ୍ୱର ସଙ୍କେତ ଧରି ଭାବ ଫୁଟାଇବା କବିର ବିଶେଷ ଗୁଣ ଉପରେ ନିର୍ଭର କରେ । ତାହା ଯେଉଁ କବିତାରେ ଯେତେ ସାର୍ବଜନୀନ ହୁଏ, ସେ କବିତା ସେତେ ସ୍ଥାୟୀ । ଓଡ଼ିଆ ଛନ୍ଦ ଭିତର ବିଶେଷ ଏହି ନିୟମରେ ଗତି କରେ । କିନ୍ତୁ ସେଥିରେ ଶବ୍ଦର ସ୍ୱର ତାଦୃଶ ସ୍ଥାୟୀ ନୁହେଁ । ଭାବ ଅନୁସାରେ ଉଚ୍ଚାରଣରେ ସ୍ୱର ଫୁଟେ । ତେଣୁ ତାହା ପାଠକର ଉଚ୍ଚାରଣ ଉପରେ ବିଶେଷ ନିର୍ଭର କରେ । ଉଦାହରଣ ସ୍ୱରୂପ, ସଂସ୍କୃତର ସୁନ୍ଦରୀ ପରି ଓଡ଼ିଆର ଚିନ୍ତାଦେଶାକ୍ଷ ଛନ୍ଦ ଅନୁସନ୍ଧାନ କରାଯାଇପାରେ । ହେଲେହେଁ, ବର୍ଣ୍ଣର ଉଚ୍ଚାରଣ ନିର୍ଦ୍ଦିଷ୍ଟ ନ ଥିବାରୁ ଓଡ଼ିଆ ଛନ୍ଦ ସାର୍ବଜନୀନ ବା ସ୍ଥାୟୀ ନୁହେଁ । କେତେକ ନୂତନ କବି ବଙ୍ଗଳାର ଅନୁକରଣରେ ଓଡ଼ିଆ ଛନ୍ଦକୁ ଏହି ସ୍ଥାୟିତ୍ୱ ଦେବାକୁ ଲୋଡ଼ୁଛନ୍ତି ସତ, କିନ୍ତୁ ଓଡ଼ିଆ ଭାଷାର ପ୍ରକୃତି, ପରଂପରା ଓ ପରିସ୍ଥିତି ଉପରେ ତାକୁ ପ୍ରତିଷ୍ଠା କରିବାର ଉଦ୍ୟମ ନ ଥିବାରୁ ତାହା ଓଡ଼ିଶାରେ ସାର୍ବଜନୀନ ହୋଇପାରୁ ନାହିଁ । କାହିଁକି, ତାହା କ୍ରମେ ବିଗୃର କରାଯିବ ।

ହେଲେହେଁ, ଓଡ଼ିଆ ବଂଗଳା ଦୁହିଙ୍କର ମୂଳ, ସଂସ୍କୃତ । ସଂସ୍କୃତର ଛନ୍ଦ ଗତି ପ୍ରଥମେ ଆଲୋଚନା କଲେ ଓଡ଼ିଆ ବଂଗଳା ଦୁଇଟିର ଛନ୍ଦ ଗତିର ତୁଳନାତ୍ମକ ଆଲୋଚନା ସୁଗମ ହେବ । ଏ କଥା ସତ୍ୟ ଯେ, ଏ ଯୁଗରେ ଆଲୋଚନାର ଚତୁର ପ୍ରୟୋଗ ବିନା ମୌଳିକତା ମଧ୍ୟ ମଳିନ ଓ ହ୍ରସ୍ୱ ହେବାର କଥା । ଯେଉଁ ଢଙ୍ଗ ବିନା ଆଲୋଚନାରେ ଦୃଷ୍ଟିକୋଣ ଭେଦ

Digitized by srujanika@gmail.com

ଅପୌରୁଷେୟ ମୌଳିକ ଛନ୍ଦ ବେଦଗାନରେ ଫୁଟିଥିଲା, ସେ ସ୍ୱତନ୍ତ୍ର କଥା । ସେଇ କାଳରୁ ବିକାଶର ଧାରା ଦେଖିଲେ ନୂତନ ଗଠନ ଓ ଆହରଣର ପୀଠ ଦୃଢ଼ ହେବ । ଗୋଟିଏ ବୈଦିକ ମନ୍ତ୍ର ଗାନ ଦେଖାଯାଉ:—

ଅସତୋ ମାଂ ସଦ୍‌ଗମୟ ତମସୋ ମାଂ ଜ୍ୟୋତିର୍ଗମୟ
ଆବିରାବିର୍ମଏଧି
ରୁଦ୍ର ଯତ୍ତେ ଦକ୍ଷିଣଂ ମୁଖଂ ତେନ ମା ପାହି ନିତ୍ୟଂ ।

ଏଥିରେ ଅକ୍ଷରର କୌଣସି କଳ୍ପିତ ସାମଂଜସ୍ୟ ନାହିଁ । ପଦ-ବିନ୍ୟାସରେ କବିତାର ସ୍ୱାଧୀନତା ନାହିଁ । ଏହା ଠିକ୍ କଥା ସତ; ତଥାପି ଏହା ସୁନ୍ଦର ଗୀତ । ଭାବର ଯଥା ଅଭିବ୍ୟକ୍ତିରେ ସ୍ୱରର ଆରୋହାବରୋହ ଏଥିରେ ସଂକେତମୟ ଓ ରମଣୀୟ । ଯେଉଁ ଭାବ ଘେନି ଏହା ବାହାରିଚି, ସେଇ ଭାବ ଧରି ନ ଗାଇଲେ, ଏହା କେବଳ କଥାଗୁଡ଼ିଏ ନୁହେଁ, ବରଂ ନୀରସ ବାକ୍ୟସମଷ୍ଟି ବା ଶୁଷ୍କ ଗଦ୍ୟ ।

କଥାର ଏଇ ଆଶ୍ରୟ ଓ ସଂକେତଜନିତ ଛନ୍ଦକୁ ପରେ ମନୀଷୀ ପଣ୍ଡିତମାନେ ଆଲୋଚନା କରି ନିୟମରେ ପକାଇଲେ । କାରଣ, କଥାରେ ପ୍ରକାଶିତ ଭାବ ସଂକେତକୁ ନିୟମରେ ପକାଇ ଠିକ୍ ନ କଲେ, ଛନ୍ଦ ଏକାବେଳକେ ବ୍ୟକ୍ତିଗତ ହୋଇ ପଡ଼ିବ । ସେଥିରେ ସାର୍ବଜନୀନତା ଓ ସାର୍ବକାଳିକତା ଫୁଟିବ ନାହିଁ । ତା ନ ହେଲେ ସଭ୍ୟତାର ବିକାଶରେ ତାହାର ପରଂପରା ରହିବ ନାହିଁ । ସାହିତ୍ୟ ଓ ସଭ୍ୟତା ମଧ୍ୟ ସେ ମୁଳରେ ବିକାଶ ପାଇବ ନାହିଁ । ଏଥିପାଇଁ କବିତାର ଛନ୍ଦ ଓ କଥାର ଭଙ୍ଗୀ ସାର୍ବଜନୀନ ହେବା ଦରକାର । ଆମେ ଯାହା ଯେଉଁ ଭାବରେ ଲେଖୁ ବା କହୁ, ତା ସେଇ ଭାବରେ ଅନ୍ୟ ନ ପଢ଼ିଲେ ବା ନ ବୁଝିଲେ, ଆମ ଲେଖା ବା କୁହାର କିଛି ଅର୍ଥ ନାହିଁ । ଲେଖା ଓ କଥାର ଭଙ୍ଗୀ ବା କବିତାର ଛନ୍ଦରେ ଏଇ ପଢ଼ିବା ବା ବୁଝିବା ଯେତେ ଜନ ଓ କାଳରେ ବ୍ୟାପକ, ସେ ଲେଖା ଓ କୁହାର ମୂଲ୍ୟ ସେତିକି ବେଶି ।

ସେ ଯାହାହେଉ, ଛନ୍ଦ ନିୟମରେ ପକାଇବା ପାଇଁ ସେକାଳେ ବେଦମନ୍ତ୍ରର ବଡ଼ ଗମ୍ଭୀର ଓ ବ୍ୟାପକ ଆଲୋଚନା ହୋଇଥିଲା । ସ୍ୱର

Digitized by srujanika@gmail.com

ବ୍ୟଞ୍ଜନର ଉଚ୍ଚାରଣ ସ୍ଥାନ ଓ କାଳ ନିର୍ଦ୍ଦିଷ୍ଟ ହେଲା । ପ୍ରତ୍ୟେକ ସ୍ୱର ଛନ୍ଦୋଚ୍ଚାରଣ ଭଙ୍ଗୀରେ ହ୍ରସ୍ୱ, ଦୀର୍ଘ, ପ୍ଲୁତ, ଉଦାତ୍ତ, ଅନୁଦାତ୍ତ, ସ୍ୱରିତ, ସଂବୃତ ଓ ବିବୃତ ଭେଦରେ ୧୮ ପ୍ରକାରରେ ଠିକ୍ କଲାପରେ ପୁଣି ପ୍ରତ୍ୟେକ ପ୍ରକାର ଅନୁନାସିକ ନିରନୁନାସିକ ଭେଦରେ ଦୁଇ ପ୍ରକାର କରାହେଲା । ଏହିପରି ପ୍ରତ୍ୟେକ ସ୍ୱର ୩୬ଟି ପ୍ରକାରରେ ବିଭକ୍ତ ହେଲା । ୩୬ ପ୍ରକାର ଅ, ୩୬ ପ୍ରକାର ଇ, ୩୬ ପ୍ରକାର ଉ—ଇତ୍ୟାଦି । ବର୍ତ୍ତମାନ ମଧ୍ୟ ଏହିପରି ବଂଗଳାର କଥାଭଙ୍ଗୀର ଉଚ୍ଚାରଣ ବିଶ୍ଳେଷଣ କରି ଅଧ୍ୟାପକ ସୁନୀତିକୁମାର ଚଟ୍ଟୋପାଧ୍ୟାୟ କେବଳ ଅ-କୁ ପାଞ୍ଚ ପ୍ରକାରରେ ବିଭକ୍ତ କରିଚନ୍ତି ।

ବେଦ-ଗୀତି ଲୋକେ ପୂର୍ବେ ଶୁଣି ଶୁଣି ଗୁରୁ ଶିଷ୍ୟ ପରଂପରାରେ ଶିଖୁଥିଲେ । ସେଥିରେ ଏହି ସ୍ୱର-ଭେଦ ଲୋକେ ଅତ୍ୟନ୍ତ ଅବହିତ ଭାବରେ ଶୁଣି ଶୁଣି ଅଭ୍ୟାସରେ ଜାଣି ରଖୁଥିଲେ । ଯେ ଏହି ସ୍ୱରଭେଦ ଭଲ କରି ଶିଖି ପାରୁ ନ ଥିଲା, ତାର ବେଦପାଠ ଅଗ୍ରାହ୍ୟ ହେଉଥିଲା । ଏବେ ମଧ୍ୟ ବେଦ-ଗୀତି ପାଠରେ ସେହି ରୀତି ଚଳୁଚି । ଛାପା ପୁସ୍ତକରେ ବେଦ ପଢ଼ିବା ପାଇଁ ମଧ୍ୟ ନାନା ପ୍ରକାର ଠିଆ ( । ) ଓ ଶୁଆ (—) ରେଖା ସବୁ କାଟି ସ୍ୱର-ଭେଦର ସଂକେତ ଦେଖାଇ ଦିଆ ଯାଉଚି । କିଂତୁ ସେଥିରୁ ସବୁ ବେଦ-ଗୀତିର ଉଚ୍ଚାରଣ ଭଙ୍ଗୀ ଶିଖିବା ଦୁଃସାଧ୍ୟ । ହେଲେହେଁ, କଥାଭଙ୍ଗୀର ଏହି ବିପୁଳ ସ୍ୱର ସଂକେତହିଁ ବେଦ-ଗୀତିର ପ୍ରାଣ । ଏହି ସ୍ୱର ସଂକେତ ଭଙ୍ଗୀମାନ ଶିଖିବା ପାଇଁ 'ଶିକ୍ଷା' ବୋଲି ଗୋଟିଏ ବେଦାଙ୍ଗର ସୃଷ୍ଟି ହୋଇଥିଲା । ବେଦାଙ୍ଗ ସହିତ ନ ପଢ଼ିଲେ ବେଦପାଠ 'ସାଙ୍ଗ' ହେଉ ନ ଥିଲା । ଏହି 'ସାଙ୍ଗ' ଶବ୍ଦ ସେଥିପାଇଁ ଏବେ ଭାଷାରେ 'ସଂପୂର୍ଣ୍ଣ' ଅର୍ଥରେ ଚଳି ଯାଇଚି । ଆମେ ଏବେ କହୁ, ସେ ମାନବଲୀଳା 'ସାଙ୍ଗ' କଲେ ।

କମେ ବେଦଗୀତିର ଆଲୋଚନାରେ ଦେଖାଗଲା, ଅକ୍ଷର ଗଣନା ଧରି କେତୋଟି ଗାନଭଙ୍ଗୀର ନାମ କରାଯାଇ ପାରେ । କିଂତୁ ସେ ସବୁ ଭଙ୍ଗୀ ଅକ୍ଷର ନିୟମରେ ସ୍ଥିର ନୁହେ । 'ଅନୁଷ୍ଟୁଭ୍' ଛନ୍ଦ ଆଠ ଅକ୍ଷରର ହେଲେ ମଧ୍ୟ ସ୍ୱରମାନଙ୍କ ସଂକେତ ଭେଦରେ ଏକ ଅନୁଷ୍ଟୁଭ୍ ଠାରୁ ଅପର

Digitized by srujanika@gmail.com

ଅନୁଷ୍ଟୁଭ୍ ସଂପୂର୍ଣ୍ଣ ଭିନ୍ନ । ସେଥିପାଇଁ ଅକ୍ଷର ସଂଖ୍ୟା ଧରି ଗାନଭଙ୍ଗୀର ଯେଉଁ ନାମ ଦିଆ ହେଲା, ତାର ନାମ ହେଲା 'ଛନ୍ଦ', ଅର୍ଥାତ୍, ଯାହା ଆଚ୍ଛାଦନ କରେ ବା ଭାବକୁ ଘୋଡ଼ାଇ ରଖେ । ଏଇ ଛନ୍ଦ ଯଥାଯଥରୂପେ ଭେଦ କରି ପାରିଲେ, ଗାନର ଭାବ-ସଂକେତ ଧରାଯାଏ । ଅକ୍ଷର ଗଣି 'ଛନ୍ଦ'ର ନାମଟି କହିଦେଲେ କିଛି ଜଣାଯାଏ ନାହିଁ—'ଛନ୍ଦ' ବା ଘୋଡ଼ଣୀ ଫିଟାଇବା ଦରକାର ।

ବେଦର ତ ଛନ୍ଦ ଫିଟାଇ ଶିଖିବାକୁ ହୁଏ । ମାତ୍ର ସବୁ କବିତାରେ ତାହା କ୍ରମେ ସହଜ ହେଲା ନାହିଁ । ବୋଲିବାର ଭଙ୍ଗୀ ସ୍ଥିର ନ ରହିବାରୁ ସାହିତ୍ୟ ସାର୍ବଜନୀନ ହେଲା ନାହିଁ । କ୍ରମେ ଅତି କ୍ଷୁଦ୍ର କ୍ଷୁଦ୍ର ପ୍ରାକୃତର ବିକାଶ ହେଲା । ପରସ୍ପରର ଭାଷା ଓ କବିତା ପରସ୍ପରକୁ ଅବୋଧ ହେଲା । ସଭ୍ୟତା ବିଧ୍ୱସ୍ତ ହେବାକୁ ବସିଲା । ଦେଖାଗଲା, ଭାଷା ତଥା ଛନ୍ଦରେ ସାର୍ବଜନୀନତା ଆଣିବାକୁ ହେବ । ନ ହେଲେ ଜାତୀୟତା ରହିବ ନାହିଁ ।

ଭାଷାରେ ସମୂହଭାବରେ ଏଇ ସାର୍ବଜନୀନତା ଆଣିବା ପାଇଁ ସଂସ୍କୃତ ଭାଷାର ଉଦ୍ଭବ କରାହେଲା । ନାନା ବୈୟାକରଣଙ୍କ ପ୍ରଚେଷ୍ଟାରେ ତାହା ସ୍ଥିର ହୋଇ ଶେଷରେ ପାଣିନିଙ୍କ ସର୍ବଜ୍ଞାନ ସଂମତ ବ୍ୟାକରଣରେ ପ୍ରତିଷ୍ଠିତ ହେଲା । ମାତ୍ର ସେ କଥା ଏଠାରେ ଠିକ୍ ପ୍ରାସଂଗିକ ନୁହେ । ଛନ୍ଦର କି ପରିଣାମ ହେଲା, ତାହାହିଁ ଦେଖାଯାଉ ।

ଅକ୍ଷର ସଂଖ୍ୟାରେ ଯେଉଁ ସବୁ ଛନ୍ଦର ନାମକରଣ ହୋଇଥିଲା, ତାହାର 'ବୃତ୍ତ' ଠିକ୍ କରିବାର ଉଦ୍ୟମ ହେଲା । 'ବୃତ୍ତ' ଅର୍ଥାତ୍, ନିର୍ଦ୍ଦିଷ୍ଟ ପ୍ରକାର ବା ଯେ ଯେପରି ଅଛି ସେଇ ତାର ବୃତ୍ତି । ପ୍ରତ୍ୟେକ ଭାବ ଧରି ରଖିବା ପାଇଁ ଛନ୍ଦର ଏକ ଏକ ବୃତ୍ତ ହୋଇପାରେ । ମାତ୍ର ତାହା ନ କରି ଅକ୍ଷର-ସଂଖ୍ୟାବଦ୍ଧ ଛନ୍ଦର ସାଧାରଣ ବୃତ୍ତ ବାହାର କରି ଲୋକେ ଶ୍ଳୋକ ଲେଖିଲେ । ଏଇ ବୃତ୍ତ ପ୍ରଥମେ ଅନୁଷ୍ଟୁଭ୍ ଛନ୍ଦ ଧରି ବାହାର କରାଯାଇ ଥିବାର ଅନୁମାନ ହୁଏ । ଏଠାରେ କିନ୍ତୁ ଗୋଟିଏ ସାର୍ବଜନୀନ ବୃତ୍ତ କାଢ଼ିବାକୁ ଯାଇ ଭାବ ସଙ୍କେତ ଠିକ୍ ରଖି ହେଲା ନାହିଁ । କ୍ରମେ ଅନୁଷ୍ଟୁଭ୍‌ର ନାନା

Digitized by srujanika@gmail.com

ପ୍ରକାର ଭେଦ ବାହାର ପ୍ରତ୍ୟେକେ ଏକ ଏକ ବୃତ୍ତ ହେଲେ । ଉଦାହରଣ ସ୍ୱରୂପ, ଗୋଟିଏ ବୈଦିକ ଅନୁଷ୍ଟୁଭ୍ ଛନ୍ଦ ଏହି:—

ଆପୋହିଷ୍ଠା ମୟୋ ଭୁବଃ ତାନ ଉର୍ଜେ ଦଧାତନ
ମହେରଣାୟ ଚକ୍ଷସେ ଯୋବଃ ଶିବତମୋ ରସଃ
ତସ୍ୟ ଭା ଜୟତେହ ନ ଉଶତୀରିବ ମାତରଃ
ତସ୍ମା ଅରଙ୍ଗମାମ ବୋ ଯସ୍ୟ କ୍ଷୟାୟ ଜିନ୍ୱଥ
ଆପୋଜନୟଥାଚନଃ ।

ଏ ମନ୍ତ୍ରଟି ଆଠ ଅକ୍ଷରଆ ନଅ ଧାଡ଼ି । ଏହା ଅନୁଷ୍ଟୁଭ୍ ଛନ୍ଦ । କିଂତୁ ଏହା ସଙ୍ଗେ ତୁଳନା କର ପରବର୍ତ୍ତୀ କାଳର ଏକ ଅନୁଷ୍ଟୁଭ୍ 'ବୃତ୍ତ' ଦେଖ:—

ବାଗର୍ଥାବିବ ସମ୍ପୃକ୍ତୌ ବାଗର୍ଥ ପ୍ରତିପତ୍ତୟେ
ଜଗତଃ ପିତରୌ ବନ୍ଦେ ପାର୍ବତୀପରମେଶ୍ୱରୌ ।

ଏଇପରି କିନ୍ତୁ ସବୁ ଅନୁଷ୍ଟୁଭ୍ ବୃତ୍ତ ନୁହେ । ବହୁ ପ୍ରକାରର ଅନୁଷ୍ଟୁଭ୍ ବୃତ୍ତ କ୍ରମେ ବାହାରି ପଡ଼ିଲା । ମାତ୍ର ସାଧାରଣ ଅନୁଷ୍ଟୁଭ୍ ବୃତ୍ତ ସମ୍ବନ୍ଧରେ ନିୟମ ଏହି:—

ଶ୍ଳୋକେ ଷଷ୍ଠଂ ଗୁରୁ ଜ୍ଞେୟଂ ସର୍ବତ୍ର ଲଘୁ ପଞ୍ଚମଂ
ଦ୍ୱିଚତୁଷ୍ପାଦୟୋ ହ୍ରସ୍ୱଂ ସପ୍ତମଂ ଦୀର୍ଘମନ୍ୟୟୋଃ ।

ଅର୍ଥାତ୍, ଶ୍ଳୋକ ବା ଅନୁଷ୍ଟୁଭ୍ ବୃତ୍ତର ସବୁ ପାଦରେ ୬ଷ୍ଠ ବର୍ଣ୍ଣ ଗୁରୁ ଓ ୫ମ ବର୍ଣ୍ଣ ଲଘୁ ହେବ, ୨ୟ ଓ ୪ର୍ଥ ପାଦରେ ୭ମ ବର୍ଣ୍ଣ ଲଘୁ ଓ ଅନ୍ୟ ଦୁଇ ପାଦରେ ଗୁରୁ ହେବ । ହେଲେହେଁ, ଅନୁଷ୍ଟୁଭ୍ ବୃତ୍ତର ଏଇ ଗୋଟିଏ ନିୟମ ନୁହେ । ଏହାର ଉଦାହରଣ ସହଜରେ ଦେଖିହେବ ।

ଏହିଠାରେ କିନ୍ତୁ ଛନ୍ଦରୁ ବୃତ୍ତ କାଢ଼ିବାରେ ଗୁରୁ ଲଘୁର ସ୍ପଷ୍ଟ ବିଚାର ହେଲା । କ୍ରମେ ଏହି ଗୁରୁ ଲଘୁ ଦୁଇ ରୂପରେ ବର୍ଣ୍ଣ ବିଚାର କରି ଭିନ୍ନ ଭିନ୍ନ ଭାବ ଭଙ୍ଗୀର ପ୍ରକାଶ ପାଇଁ ଭିନ୍ନ ଭିନ୍ନ ବୃତ୍ତ ସୃଷ୍ଟି ପଡ଼ିଲା । ଗୁରୁ ବର୍ଣ୍ଣର ସ୍ୱର ଦୀର୍ଘ ଓ ଲଘୁ ବର୍ଣ୍ଣର ସ୍ୱର ହ୍ରସ୍ୱ ବୋଲି ଧରାହେଲା । ସ୍ୱରର ଅନ୍ୟ

Digitized by srujanika@gmail.com

ସବୁ ବିକାଶଭଙ୍ଗୀ ସାର୍ବଜନୀନ କବିତାରେ ଏକାବେଳକେ ଲୋପ ପାଇଲା । ଏଇମାନେ ଗୁରୁବର୍ଣ୍ଣ ।

ସାନୁସ୍ୱାରଶ୍ଚ ଦୀର୍ଘଶ୍ଚ ବିସର୍ଗୀ ଚ ଗୁରୁର୍ଭବେତ୍
ଯୁକ୍ତବର୍ଣ୍ଣସ୍ୟ ପୂର୍ବଶ୍ଚ ତଥା ପାଦାନ୍ତଗୋଽପିବା ।

ଅର୍ଥାତ୍, ଯହିଁରେ ଅନୁସ୍ୱାର ଥାଏ, ଯହିଁରେ ଦୀର୍ଘସ୍ୱର ଥାଏ ବା ନିଜେ ଦୀର୍ଘସ୍ୱର ବର୍ଣ୍ଣ, ଯହିଁରେ ବିସର୍ଗ ଥାଏ, ଯୁକ୍ତ ବର୍ଣ୍ଣର ପୂର୍ବ—ଏମାନେ ଗୁରୁ; ପୁଣି ପାଦ ଶେଷ ବର୍ଣ୍ଣ ଦରକାର ହେଲେ ଗୁରୁ ବୋଲି ଧରାଯାଏ । ଏଇ ସ୍ୱରମାନେ ବା ଏଇମାନଙ୍କର ସ୍ୱର ଗୁରୁ ବା ଦୀର୍ଘ, ବାକି ସବୁ ବର୍ଣ୍ଣ ଲଘୁ ବା ହ୍ରସ୍ୱ ବା ସେମାନଙ୍କର ସ୍ୱର ହ୍ରସ୍ୱ ।

ଏଇ ସରଳ ସର୍ବବୋଧ ନିୟମରେ କବିତାର ସ୍ୱରଭଙ୍ଗୀ ବାନ୍ଧି ଦେଇ କବିତାକୁ ଜନସାଧାରଣର ସଂପତ୍ତି କରିବାର ପ୍ରଯତ୍ନ ହେଲା । ଏଥିରେ ବୈଦିକ ଛନ୍ଦମାନ ଧରି ଧରି ସେଥିରୁ ନାନା ବୃତ୍ତ ବାହାରି କରାଗଲା । କ୍ରମେ ବୃତ୍ତର ବର୍ଣ୍ଣ ସ୍ୱାଧୀନତା ବରାବର ବନ୍ଦ ହୋଇଗଲା । ଅନୁଷ୍ଟୁଭ୍‌ରେ କେତୋଟି ମାତ୍ର ବର୍ଣ୍ଣର ଗୁରୁତ୍ୱ ବା ଲଘୁତ୍ୱ ନିର୍ଦ୍ଦିଷ୍ଟ ଥିଲା; ମାତ୍ର ସେଇ ଅନୁଷ୍ଟୁଭ୍ ଛନ୍ଦରୁ ବାହାରିଥିବା ଅନ୍ୟ ବୃତ୍ତମାନଙ୍କରେ ଆଉ ସେ ସ୍ୱାଧୀନତା ରହିଲା ନାହିଁ । ଅନ୍ୟ ଛନ୍ଦମାନଙ୍କରୁ ବାହାରିଥିବା ବୃତ୍ତମାନଙ୍କ ସଂବଧରେ ମଧ୍ୟ ନ୍ୟୂନାଧିକ ସେଇ କଥା । କେତୋଟି ମାତ୍ର ଉଦାହରଣ ଦିଆଯାଉଚି:—

୬ ଅକ୍ଷରର ଗାୟତ୍ରୀ ଛନ୍ଦରୁ ତନୁମଧ୍ୟମା ବୃତ୍ତ—

ଗୁରୁ, ଗୁରୁ, ଲଘୁ, ଲଘୁ, ଗୁରୁ, ଗୁରୁ ।
ମୂର୍ତ୍ତିର୍ମୁରଶତ୍ରୋରତ୍ୟଦ୍ଭୁତ-ରୂପା
ଆସ୍ତାଂ ମମ ଚିତ୍ତେ ନିତ୍ୟଂ ତନୁମଧ୍ୟା ।

ଶଶୀବଦନା ବୃତ୍ତ—

ଲଘୁ, ଲଘୁ, ଲଘୁ, ଲଘୁ, ଗୁରୁ, ଗୁରୁ ।
ଶଶିବଦନାନାଂ ବ୍ରଜତରୁଣୀନାଂ
ଅଧରସୁଧୋର୍ମିଂମଧୁରିପୁରୈଚ୍ଛତ୍ ।

Digitized by srujanika@gmail.com

୭ ଅକ୍ଷରର ଉଷ୍ଣିକ୍ ଛନ୍ଦରୁ ମଦଲେଖା ବୃତ୍ତ—

ଗୁରୁ, ଗୁରୁ, ଗୁରୁ, ଲଘୁ, ଲଘୁ, ଗୁରୁ, ଗୁରୁ ।
ରଂଗେ ବାହୁ ବିରୁଗ୍ଣାଦ୍ ଦନ୍ତୀନ୍ଦ୍ରାନ୍ ମଦଲେଖା
ଲଗ୍ନାଭୂନ୍ ମୁରଶତ୍ରୌ କସ୍ତୂରୀରସ ଚର୍ଚ୍ଚା ।

ମଧୁମତୀ ବୃତ୍ତ—

୬ଟି ଲଘୁ, ଏକ ଗୁରୁ ।
ରବିଦୁହିତୃତଟେ ବନକୁସୁମତତଃ
ବ୍ୟଧିତ ମଧୁମତୀ ମଧୁମଥନ ମୁଦଂ ।

୮ ଅକ୍ଷରର ଅନୁଷ୍ଟୁଭ୍ ଛନ୍ଦରୁ—

(ଅନୁଷ୍ଟୁଭ୍ ବୃତ୍ତ ବା ଶ୍ଳୋକ ଛଡ଼ା)

ଗଜଗତି—

ତିନି ଲଘୁ, ଏକ ଗୁରୁ, ତିନି ଲଘୁ, ଏକ ଗୁରୁ ।
ରବିସୁତା-ପରିସରେ ବିହରତୋ ଦୃଶି ହରେଃ
ବ୍ରଜବଧୂ ର୍ଗଜଗତି ର୍ମୁଦମଲଂ ବ୍ୟତନୁତ ।

ଏଇପରି ପ୍ରମାଣିକା, ମାଣବକ, ବିଦ୍ୟୁନ୍ମାଲା ପ୍ରଭୃତି ।

୯ ଅକ୍ଷରର ବୃହତୀ ଛନ୍ଦରୁ—

ଭୁଜଂଗସଂଗତା, ମଣିମଧ୍ୟା ପ୍ରଭୃତି ବୃତ୍ତ ।

୧୦ ଅକ୍ଷରର ପଂକ୍ତି ଛନ୍ଦରୁ—

ତ୍ୱରିତଗତି, ଦଣ୍ଡୀ ପ୍ରଭୃତି ବୃତ୍ତ ।

୧୧ ଅକ୍ଷରର ତ୍ରିଷ୍ଟୁଭ୍ ଛନ୍ଦରୁ—

ଇନ୍ଦ୍ରବଜ୍ରା, ଉପେନ୍ଦ୍ରବଜ୍ରା, ଉପଜାତି, ଭ୍ରମରବିଲସିତା,
ବାତୋର୍ମି, ଶାଳିନୀ, ସ୍ୱାଗତା ପ୍ରଭୃତି ବୃତ୍ତ ।

୧୨ ଅକ୍ଷରର ଜଗତୀ ଛନ୍ଦରୁ—

ଇନ୍ଦ୍ରବଂଶା, ଚନ୍ଦ୍ରବର୍ତ୍ମ, ତାମରସ, ଦ୍ରୁତବିଲମ୍ବିତ ପ୍ରଭୃତି ବୃତ୍ତ ।
ଇତ୍ୟାଦି ଇତ୍ୟାଦି ।

Digitized by srujanika@gmail.com

ଏଇପରି ସମବୃତ୍ତ ବା ସବୁ ପାଦରେ ସମାନ ଅକ୍ଷର ଥିବା ବୃତ୍ତ, ପୁଣି ଏଇମାନଙ୍କର ପାଦମାନ, ଏଥିରୁ ପାଦେ ସେଥିରୁ ପାଦେ ସୁବିଧା ଓ ସୁଶ୍ରାବ୍ୟତା ଅନୁସାରେ ମିଶାଇ ଅର୍ଦ୍ଧସମ ଓ ବିଷମ ବୃତ୍ତମାନ ବହୁତ ବାହାରିଲି ।

ଏ ସବୁରେ ଏକାବେଳକେ ଭାବର ବିସ୍ତୃତ ପରିସର ଯେପରି ଏକ ପ୍ରକାର କାବ୍ୟ-ଭାଷାର ଭଙ୍ଗୀ ନିବଦ୍ଧ ଓ ନିର୍ଦ୍ଦିଷ୍ଟ ହେଲି । କିନ୍ତୁ ଏଥି ସଙ୍ଗେ ସ୍ୱରଶିଳ୍ପର ଯେ ସହଯୋଗ ଥିଲି, ତାହା ଦୂରକୁ ଗୁଲିଗଲି । ସେଥିପାଇଁ ମନୀଷୀମାନେ ଏଇ ନିବଦ୍ଧ ଶୈଳୀଭିତରେ ତରଳତା ଓ ସ୍ୱରକମର ଶୃଙ୍ଖଳିତ ସ୍ୱାଧୀନତା ଲୋଡ଼ିଲେ । ସେଥିରୁ ବାହାରିଲି ମାତ୍ରାମିତା 'ଜାତି' । ଏହା କେବେ ବାହାରିଚି, କହି ହେବ ନାହିଁ । ମାତ୍ରା ଗୁରୁ ଲଘୁ ନିୟମ ଉପରେ ପ୍ରତିଷ୍ଠିତ ଥିବାରୁ ଅନୁମାନ ହୋଇପାରେ, ଏହା ବୃତ୍ତ ପରେ ବାହାରିଚି—ବୃତ୍ତ ବନ୍ଧନର ପ୍ରତିକ୍ରିୟାରେ ଫିଟି ପଡ଼ିଚି । କିନ୍ତୁ ତାହା ନ ହୋଇ ପାରେ । କାହିଁକିନା, ଏଥିରେ ସ୍ୱର ସ୍ୱାଧୀନତାର ଯଥେଷ୍ଟ ଉପାଦାନ ରହିଚି । ବୈଦିକ ଛନ୍ଦର ସ୍ୱର ସ୍ୱାଧୀନତାରୁ ଏହା ଆଗ ବାହାରି ପରେ ବୃତ୍ତ ବାହାରିଚି ବୋଲି ମଧ୍ୟ କୁହାଯାଇପାରେ । ହେଲେହେଁ, 'ଆର୍ଯ୍ୟା' ପରି ବିଶୃଙ୍ଖଳ ବିଷମ ପାଦ 'ଜାତି' ଛଡ଼ା ଅନ୍ୟ ଜାତି, ବୃତ୍ତ ପରେ କଳ୍ପିତ ହୋଇଚି ବୋଲି ମନେ ହୁଏ ।

କୁହାଯାଇଚି, ଏଇ ଜାତି, ମାତ୍ରାମିତା ବା ବର୍ଣ୍ଣ ବା ସ୍ୱରର ମାତ୍ରାରେ ଏହାର ପରିମାଣ ବା ନିୟମ ଧରା ହୋଇଚି । ମାତ୍ରା ବୋଇଲେ, ପରିମାଣ । ଦେଖାଗଲି, ସ୍ୱରକମରେ ବର୍ଣ୍ଣର ଗୁରୁତା ବା ଲଘୁତା ଗୋଟିଏ ନିର୍ଦ୍ଦିଷ୍ଟ ପରିମାଣରେ ଠିକ୍ ଥାଏ । ଲଘୁର ପରିମାଣ ଏକ ହେଲେ, ଗୁରୁର ପରିମାଣ ଦୁଇ । ସ୍ୱରଯନ୍ତ୍ରରେ ଆଉ ଇତର ବିଶେଷ ହୁଏ ନାହିଁ । ତେଣୁ ଲଘୁ ବର୍ଣ୍ଣ ବା ହ୍ରସ୍ୱସ୍ୱର ଓ ହ୍ରସ୍ୱସ୍ୱରଯୁକ୍ତ ବର୍ଣ୍ଣ ଏକମାତ୍ରିକ, ପୁଣି ଗୁରୁ ବର୍ଣ୍ଣ ଦ୍ୱିମାତ୍ରିକ । ଏଇ ନିୟମରେ ମାତ୍ରା ଧରି କବିତାରେ ଭାଷାର ଯେଉଁ ଭଙ୍ଗୀ ବିକାଶ ପାଇଲି ତାହା 'ଜାତି' । ଏଇ ଜାତିର ପାଦମାନଙ୍କରେ କେଉଁ ବର୍ଣ୍ଣ ଗୁରୁ, କେଉଁ ବର୍ଣ୍ଣ ଲଘୁ, ତାହାର ନିର୍ଦ୍ଦେଶ ନାହିଁ । ପାଦଟିମାନଙ୍କରେ ମାତ୍ରାର ପ୍ରମାଣ ଠିକ୍ ରହିଲେ ହେଲି ।

Digitized by srujanika@gmail.com

ଏତେ ନିୟମ ଥିଲେହେଁ ଏଇ ଆର୍ଯ୍ୟା ଏକ ପ୍ରକାର କଥାବୃତ୍ତ। ସାଧାରଣତଃ ଏହାର ପ୍ରଥମ ଓ ତୃତୀୟ ପାଦରେ ୧୨ ମାତ୍ରା ଲେଖାଏଁ, ପୁଣି ଦ୍ୱିତୀୟରେ ୧୮ ମାତ୍ରା ଓ ଚତୁର୍ଥ ପାଦରେ ୧୫ ମାତ୍ରା ଥାଏ, ଯଥା—

ଗୁଣିଗଣଗଣନାରଂଭେ ନ ପତତି କଠିନୀ ସସଂଭ୍ରମାତ୍ ଯସ୍ୟ
ତେନାମ୍ବା ଯଦି ସୁତିନୀ ବଦ ବନ୍ଧ୍ୟା କୀଦୃଶୀ ଭବତି ।

ମାତ୍ର ଏହା କଥାର ସ୍ୱର ସଙ୍କେତରେ ଗଢ଼ି କରିବାରୁ ଏଥିରେ ପାଦମାନଙ୍କର ଏଇ ମାତ୍ରା ନିୟମ ଠିକ୍ ରହିପାରି ନାହିଁ। ପଥ୍ୟା, ବିପୁଳା, ଚପଳା, ମୁଖଚପଳା, ଜଘନଚପଳା, ଗୀତି, ଉପଗୀତି, ଉଦ୍‌ଗୀତି, ଆର୍ଯ୍ୟାଗୀତି—ଏଇପରି ନଅ ପ୍ରକାର ଆର୍ଯ୍ୟାର ଗଣନା ସାଧାରଣତଃ ଦେଖାଯାଏ । ସେଥିରେ ପାଦମାନଙ୍କର ଉପରଲିଖିତ ମାତ୍ରା ନିୟମ ଠିକ୍ ନ ଥାଏ ।

ଉଦାହରଣ ସ୍ୱରୂପ—

ଗୀତିରେ ୪ର୍ଥ ପାଦ ମଧ୍ୟ ୧୮ ମାତ୍ରା, ଉପଗୀତିରେ ୨ୟ ଓ ୪ର୍ଥ ୧୫ ମାତ୍ରା ଲେଖାଏଁ, ଉଦ୍‌ଗୀତିରେ ୨ୟ ପାଦ ୧୮ ଓ ୪ର୍ଥ ୧୫ ମାତ୍ରା, ଆର୍ଯ୍ୟାଗୀତିରେ ୨ୟ ଓ ୪ର୍ଥ ପାଦ ୨୦ ମାତ୍ରା ଲେଖାଏଁ ।

ଏହା ଛଡ଼ା ମାତ୍ରା ସଂଗେ କେତେକ ଗୁରୁ ବା ଲଘୁ ବର୍ଣ୍ଣର ନିୟମ ସ୍ଥିର ରଖି ମିଶ୍ରଜାତିମାନ ବିକାଶ ପାଇଥିଲି । ଗୀତଗୋବିନ୍ଦ ପ୍ରଭୃତି ସଂସ୍କୃତ ଗୀତିକାରେ ମାତ୍ରାର ନିୟମ ନିରବଲଂବ । ଅର୍ଥାତ୍, ସେଥିରେ କଥା ବା ଆଣୟର ଅବଲଂବ ନାହିଁ । ସେଥିରେ ନିୟମ ନିର୍ଦ୍ଦିଷ୍ଟ । ଏହା କଥାବୃତ୍ତ ନୁହେ ।

ଏଇପରି ନାନା ବର୍ଣ୍ଣ ସ୍ୱର ଓ ଭାବ ସଙ୍କେତର ଆଲୋଚନା ମଧ୍ୟରେ ସଂସ୍କୃତର ସାର୍ବଜନୀନ କବିତାର ଛନ୍ଦ ବିକାଶ ପାଇଛି । ଏଥିରେ ପ୍ରଧାନ ଲକ୍ଷ୍ୟ, ସଂସ୍କୃତଭାଷୀ ମାତ୍ରେ କିପରି କବିତାର ଛନ୍ଦ ଆବୃତ୍ତି କରି ଭାବ ଗ୍ରହଣ କରିବେ । ପୁଣି ବୃତ୍ତ ଓ ମାତ୍ରା ନିୟମ ଛଡ଼ା ସ୍ୱରଭଙ୍ଗୀର ଆଉ ଗୋଟିଏ ନିର୍ଦ୍ଦିଷ୍ଟ ନିୟମ ପ୍ରତି ଲକ୍ଷ୍ୟ ରଖି ଆଲୋଚନାରେ ଅଗ୍ରସର ହେବା ବାଂଛନୀୟ ।

Digitized by srujanika@gmail.com

ସଂସ୍କୃତ ଭାଷାରେ ଯେତେ ବୃତ୍ତ ଓ ଜାତିର ସୃଷ୍ଟି ହୋଇଥିଲା, ସେଥିରେ ବୃତ୍ତର ଗୁରୁ ଲଘୁ ଗଣନିୟମ ଓ ଜାତିର ମାତ୍ରାନିୟମ ଯାହାହେଉ, ମୂଳ ପଦ ସର୍ବଦା ଦୁଇ, ତିନି, କିଂବା ଦୁଇ+ଦୁଇ=ଚାରି ଅକ୍ଷରରେ ଗଠିତ କରେ । ଇଂରେଜୀର ପଦ୍ୟବନ୍ଧ ମଧ୍ୟ ଏଇ ନିୟମରେ ଚାଳିତ । ହୁଏତ ଏହା ଆର୍ଯ୍ୟଭାଷାମାନଙ୍କର ମୌଳିକ ବିଧି । ହୋଇପାରେ, ଏହା ମାନବ ଭାଷାର ସ୍ୱର ସଙ୍କେତର ମୂଳପିଣ୍ଡ । ମାତ୍ର ସେ ବିଷୟରେ ମତ ଦେବାର ଅଧିକାର ଏଠାରେ ଲୋଡ଼ା ପଡ଼ୁନାହିଁ । ସଂସ୍କୃତ ଭାଷାର ସ୍ୱର ସଙ୍କେତରେ ଏଇ ନୀତି ସ୍ପଷ୍ଟ । ଉଦାହରଣ, ଯଥା—

ମାନି । ଷାଦ । ପ୍ରତି । ଷ୍ଠାଂତ୍ୱ । ମଗମଃ । ଶାଶ୍ୱତୀଃ । ସମାଃ ।
ଯତ୍କ୍ରୌଞ୍ଚ । ମିଥୁନା । ଦେକ । ମବଧୀଃ । କାମ ମୋ । ହିତଂ ।

ଅସ୍ତ୍ୟ । ଉତ୍ତରସ୍ୟାଂ । ଦିଶି ଦେ । ବତାତ୍ମା
ହିମା । ଲୟୋନା । ମ ନଗା । ଧିରାଜଃ
ପୂର୍ବା । ପରୌ ତୋ । ୟନିଧୀ । ବଗାହ୍ୟ
ସ୍ଥିତଃ । ପୃଥିବ୍ୟା । ଇବ ମା । ନଦଣ୍ଡଃ ।

ତଂଶ୍ରୀ । ଷ୍ୟବେ । ପଥୁମତି । ସରସା । ଙ୍ଗସଙ୍ଗଃ
ନକ୍ଷେ । ପଣାୟ୍ୟ । ପଦମୁ । ଦ୍ଧୃତମୁଦ୍ । ବହନ୍ତୀ
ଅହ୍ଲା । ୟ ସା । ନିୟମଜଂ । କ୍ଲମମୁତ୍ତ । ସର୍ଜ
କ୍ଲେଶଃ । ଫଲେ । ନ ହି ପୁନ । ର୍ନବତାଂ । ବିଧତ୍ତେ ।

ଅଥ ମୋ । ହପରା । ୟଣା । ସତୀ
ବିବଶା । କାମବଧୂ । ର୍ବିବୋ । ଧିତା
ବିଧିନା । ପ୍ରତିପା । ଦୟି । ଷ୍ୟତା
ନବବୈ । ଧବ୍ୟସନ । ହ୍ୟବେ । ଦନଂ ।

ଫଲପୂ । ରକୁଶୂ । ଘନନୀ । ଲକର୍ତ୍ତୃ
ନୃପତେ । ରୁବଶଂ । କରଚୂ । ଡ଼ୁବର୍ତ୍ତୃ
ନସମୈ । ତଦ୍ଭୁଣୋ । ର୍ବିନିୟଂ । ମତ୍ତିଳା
ପୁରୁଷ । ସ୍ୟ ଭଦା । ର୍ଦ୍ଧିଷଣା । ନଚଳା ।

Digitized by srujanika@gmail.com

ଗୁଣିଗଣ । ଗଣନା । ରମ୍ଭେ
ନପତତି । କଠିନୀ । ସସଭ୍ରମାତ୍ । ଯସ୍ୟ
ତେନାମ୍ବା । ଯଦିସୁ । ତିନୀ
ବଦ ବଂଧ୍ୟା । କୀଦୃଶୀ । ଭବତି ।

ମୂଢ଼ ଜ । ହୀହି ଧ । ନାଗମ । ତୃଷ୍ଣାଂ
କୁରୁତନୁ । ବୁଦ୍ଧେ । ମନସି ବି । ତୃଷ୍ଣାଂ ।
ଯଲ୍ଲଭ । ସେ ନିଜ । କର୍ମୋ । ପାତ୍ତଂ
ବିତ୍ତଂ । ତେନ ବି । ନୋଦୟ । ଚିତ୍ତଂ ।

ଧୀର । ସମୀରେ । ଯମୁନା । ତୀରେ
ବସତି ବ । ନେ ବନ । ମା । ଲୀ
ପୀନପ । ୟୋଧର । ପରିସର । ମର୍ଦ୍ଦନ
ଚଂଚଲ । କରଯୁଗ । ଶା । ଲୀ ।

ବୃତ୍ତର ଗଣ ବା ଜାତିର ମାତ୍ରା ଯେ ପରିମାଣରେ ହେଉନା କାହିଁକି, ସମସ୍ତ ପଦ୍ୟ ବା କବିତାର ସ୍ୱର ଗୁଳନାରେ ବିରାମ ଏଇପରି । ଯେପରି ବିରାମ ରଖି ରଖି ବୋଲିବାକୁ ହୁଏ, ଉଦାହରଣମାନଙ୍କରେ ସେଇପରି ବିରାମ ଚିହ୍ନ ଦିଆଯାଇଛି । ଏଥିରୁ ସ୍ପଷ୍ଟ ହେଉଛି, ସମସ୍ତ କାବ୍ୟ ଶିଳ୍ପର ମୂଳ ପାଦ ଦୁଇ (ଗୁରୁ) ବା ତିନି ବର୍ଣ୍ଣରେ ହୁଏ । ଏକ ସ୍ୱର ଥିବା ବର୍ଣ୍ଣକୁ ଏଠାରେ ଗୋଟିଏ ବର୍ଣ୍ଣ ବୋଲି ଧରିବାକୁ ହେବ । ବେଦରେ ମଧ୍ୟ ସେଇ ନିୟମ । ପ୍ରାଚୀନ ଓଡ଼ିଆ ଓ ବଂଗଳାରେ ଏଇ ନିୟମରେ ସଂସ୍କୃତ ଛନ୍ଦମାନ ଧରି ପ୍ରଥମେ କବିତା ଫୁଟିଥିଲି । ସେସବୁ ପରେ ଧାମିକ ଆଲୋଚନା କରାଯିବ ।

## ଓଡ଼ିଆ ଛନ୍ଦର ଇତିହାସ (୨)

ସଂସ୍କୃତର ଛନ୍ଦମାନ ବିଶ୍ଳେଷଣ କରି ସେମାନଙ୍କର ସୂକ୍ଷ୍ମ ଯତିପାତ ଓ ବିରାମର ସ୍ଥାନ ଆଲୋଚନା କରି ଦେଖା ଯାଇଛି, ସେଥିରେ ଗୁରୁ, ତିନି ଓ ଦୁଇ ଅକ୍ଷରରେ ସର୍ବତ୍ର ବିରାମ ଘଟେ । ପୁଣି ଆଉରି ସୂକ୍ଷ୍ମ ଭାବରେ ଦେଖିଲେ ଦେଖାଯିବ, ଗୁରୁ ଅକ୍ଷରର ଉଚ୍ଚାରଣରେ ଦୁଇ ଅକ୍ଷର ଠାରେ ଗୋଟିଏ ଅତି

Digitized by srujanika@gmail.com

କ୍ଷୀଣ ବିରାମ ହୁଏ । ପୁଣି ଚାରି ଅକ୍ଷରରେ ମଧ୍ୟ ସେହିପରି ସ୍ୱରର ଆବଶ୍ୟକତା ଅନୁସାରେ ବିଶେଷରେ ପାଦ ଶେଷରେ ତାହା ଦୁଇ ଓ ଏକ ଅକ୍ଷରରେ ଫିଟିଯାଏ । ଏପରିକି ସ୍ୱର ଅନୁରୋଧରେ ଶେଷରେ ଦୁଇ ଅକ୍ଷର ମଧ୍ୟ ଏକ ଏକ ହୋଇ ଫିଟିଯାଏ । ସେତେବେଳେ ପାଦ ଶେଷର ପୂର୍ବ ବର୍ଣ୍ଣ ଗୁରୁ ଉଚ୍ଚାରଣ ପାଏ ।

ଉଦାହରଣ, ଯଥା—

ଚାରି ଅକ୍ଷର—ତଂ ବୀକ୍ଷ୍ୟ ବେପଥୁମତୀ ସରସାଂ । ଗ ଯ । ଷ୍ଟିଃ
ନିକ୍ଷେପଣାୟ ପଦମୁଦ୍ଧୃତମୁଦ୍ । ବ ହ । ନ୍ତୀ
ଅଧ୍ୱାୟ ସା ନଯୃମଜଂ କ୍ଲମମୁତ୍ । ସସ । ର୍ଜ
କ୍ଲେଶଃ ଫଳେନ ହି ପୁନ ର୍ନବତାଂ । ବିଧ । ତ୍ତେ ।

ଦୁଇ ଅକ୍ଷର—ଦିନମପି ରଜନୀ ସାୟଂ । ପ୍ରା । ତଃ
ଶିଶିରବସନ୍ତୌ ପୁନରା । ୟା । ତଃ
କାଳଃ କ୍ରୀଡ଼ତି ଗଚ୍ଛ । ତ୍ୟା । ୟୁଃ
ତଦପି ନ ମୁଂଚତ୍ୟାଶା । ବା । ୟୁଃ ।

ପାଦର ଶେଷ ବର୍ଣ୍ଣ ବୋଲିବା ବେଳେ ଲଂବା ହୋଇଯିବାର କଥା । ସେଥିପାଇଁ ତାହା ଦରକାର ହେଲେ, ଅର୍ଥାତ୍, ତାହା ଅନ୍ୟତ୍ର ହ୍ରସ୍ୱ ହେଉ ଥିଲେ ବି ପାଦାନ୍ତରେ ଗୁରୁ ବା ଦୀର୍ଘ ହେବା ବ୍ୟବସ୍ଥାର ଅଭିପ୍ରାୟ ଏହି । ଏହି ଶେଷ ବର୍ଣ୍ଣରେ ଯତି ସ୍ପଷ୍ଟ ଓ ବିରାମ ସ୍ଥିର । ପରେ ଭାଷାରେ, ବିଶେଷତଃ ଓଡ଼ିଆରେ ଯେଉଁ ସ୍ୱାଧୀନ ଓ ସ୍ୱତନ୍ତ୍ର ଛନ୍ଦମାନ ପ୍ରକାଶ ପାଇଲା, ସେଥିରେ ଏଇ ପାଦଶେଷ ବର୍ଣ୍ଣର ବିଶେଷତା ଯଥେଷ୍ଟ ବଢ଼ି ଯାଇଚି । ତାହା ପରେ ଯଥାସ୍ଥାନରେ କୁହାଯିବ ।

ପୁଣି ସଂସ୍କୃତ ଛନ୍ଦରେ ଆଉ ଗୋଟିଏ କଥା ଏଠାରେ ଲକ୍ଷ୍ୟ କରିବାକୁ ହେବ । ସଂସ୍କୃତ କବିତାରେ ଯେଉଁଠାରେ ଗୁଡ଼ିଏ ଲଘୁ ବର୍ଣ୍ଣ ଏକାଠି ଥାଆନ୍ତି, ସେଇଠାରେହିଁ ଗୁରୁ ଅକ୍ଷରରେ ବିରାମ ହୁଏ । ପୁଣି ଚାରି ଅକ୍ଷରରେ ମୂଳରେ ବା ଶେଷରେ ଗୁରୁ ଥିଲେ ସେଇଟି ଫିଟି ଅଲଗା ହୋଇଯାଏ ।

Digitized by srujanika@gmail.com

ଫଳରେ ଗୋଟିଏ ଗୁରୁ ବା ଦୁଇଟି ଲଘୁ ମାତ୍ରାହିଁ ସମସ୍ତ ବିରାମର ମୂଳ । ପାଦାନ୍ତ ବର୍ଣ୍ଣ ଲିପିରେ ହ୍ରସ୍ୱ ବା ଦୀର୍ଘ ଯାହା ହେଉ, ଉଚ୍ଚାରଣରେ ସର୍ବଦା ଗୁରୁ ହେଉଥିବାରୁ ତାହା ସବୁବେଳେ ଅଲଗା ହୋଇ ଲମ୍ବା ହୋଇଯାଏ । ଏଇଠାରେ ତେଣୁ ଏକାକ୍ଷର ବିରାମ ସ୍ପଷ୍ଟ । ଫଳରେ ସଂସ୍କୃତରୁ ସ୍ୱତନ୍ତ୍ର ସମସ୍ତ ଓଡ଼ିଆ ଛନ୍ଦରେ ମଧ୍ୟ ଏହାର ବ୍ୟବହାର ଓ ଉପଯୋଗିତା ଯଥେଷ୍ଟ ପ୍ରକାଶ ପାଇଛି ।

'ସଂସ୍କୃତରୁ ସ୍ୱତନ୍ତ୍ର ଓଡ଼ିଆ'—ଏ କଥାଟିର ଅର୍ଥ ଏଠାରେ ଟିକିଏ ବୁଝାଇ କହିଦେବା ଦରକାର । ହିନ୍ଦୀ, ମରାଠୀ, ଗୁଜରାଟୀ, ବଙ୍ଗଳା ପରି ଓଡ଼ିଆ ଏକ ପ୍ରାକୃତ ଭାଷା । ମାତ୍ର ଛନ୍ଦ ହିସାବରେ ଓଡ଼ିଆର ସ୍ୱାତନ୍ତ୍ର୍ୟ ଅନ୍ୟ କୌଣସି ପ୍ରାକୃତର ନାହିଁ । ହିନ୍ଦୀ ପ୍ରଭୃତିର ଛନ୍ଦ ଏବେ ମଧ୍ୟ ସଂସ୍କୃତ ଗୁରୁ ଲଘୁ ନିୟମର ଅନୁବର୍ତ୍ତନ କରେ । ହିନ୍ଦୀରେ ଏବେ ସଂସ୍କୃତ ଛନ୍ଦମାନଙ୍କର ନାମ ପର୍ଯ୍ୟନ୍ତ ଦେଇ ସେଇ ଛନ୍ଦରେ ପ୍ରାୟଶଃ କବିତା ଲେଖାହେଉଛି । ଯାହା ନୂତନ ଛନ୍ଦ ହେଉଛି, ସେସବୁ ମଧ୍ୟ ସେଇ ସଂସ୍କୃତ ଛନ୍ଦମାନଙ୍କର ଭାବ ସଂଶ୍ଲେଷଣରେ ତିଆରି ହେଉଛି ମାତ୍ର ।

କେବଳ ଆଜିର ହିନ୍ଦୀ ନୁହେ, ବର୍ତ୍ତମାନ ଯେଉଁ ଅଞ୍ଚଳରେ ହିନ୍ଦୀ ଚଳେ, ସେସବୁ ଅଞ୍ଚଳରେ ପୂର୍ବେ ଅବଧୀ, ରାଜସ୍ଥାନୀ, ବ୍ରଜଭାଷା, ଛତିଶଗଡ଼ୀ ପ୍ରଭୃତି ନାନା ଭାଷା ଥିଲି । ଲୋକମୁଖରେ ସେଇ ସବୁ ଭାଷା ମଧ୍ୟ ଏବେ ସାମାନ୍ୟ ପରିବର୍ତ୍ତିତ ଆକାରରେ ଚଳେ । ପଞ୍ଚଦଶ ଶତାବ୍ଦୀରେ ଅବଧୀ ଭାଷାରେ ତୁଳସୀଦାସ 'ରାମଚରିତ ମାନସ' (ଯାହାକୁ ଏବେ ଲୋକେ 'ତୁଳସୀ ରାମାୟଣ' ବୋଲି କହନ୍ତି) ଲେଖିଥିଲେ । ସେ ଦୁଇଟି ଛନ୍ଦର ବିଶେଷ ବ୍ୟବହାର କରିଛନ୍ତି । ସେଥିରୁ ଗୋଟିଏ 'ଦୋହାଁ' ଗାନ, ଅନ୍ୟଟି ଚୌପାଇ ପଦ୍ୟ । ଏ ଦୁଇଟି ଠିକ୍ ସଂସ୍କୃତ ଛନ୍ଦ ନୁହେ । ମାତ୍ର ଦୁଇଟିଯାକ ସଂସ୍କୃତ ମାତ୍ରା ନିୟମକୁ ଧରି ଲେଖା ହୋଇଛି ଓ ବୋଲି ହୁଏ । ଦୋହାଁଟି ୪୮ ମାତ୍ରା । ପ୍ରଥମ ଓ ତୃତୀୟ ପାଦ ୧୩ ମାତ୍ରା ଲେଖାଏଁ ଏବଂ ଦ୍ୱିତୀୟ ଓ ୪ର୍ଥ ପାଦ ଦୁଇଟି ପ୍ରତ୍ୟେକେ ୧୧ ମାତ୍ରା ଲେଖାଏଁ ବୋଲି ହିନ୍ଦୀର ଛନ୍ଦର ପଣ୍ଡିତମାନେ କହନ୍ତି । ମାତ୍ର ଠିକ୍ ଏପରି ତାର ବିଚାର ନୁହେ । ଦୋହାଁର

Digitized by srujanika@gmail.com

ଆକ୍ଷରିକ ଅର୍ଥ ଦୁଇପାଦବିଶିଷ୍ଟ ଗୀତ । ତେଣୁ ଏହା ଦୁଇ ପାଦ ଓ ପ୍ରତି ପାଦରେ ୨୪ଟି ଲେଖାଏଁ ମାତ୍ରା ଥାଏ । ଏଇ ୨୪ ମାତ୍ରାରୁ ୧୩ ମାତ୍ରା ଶେଷରେ ଗୋଟିଏ ସ୍ପଷ୍ଟ ଯତି ବିରାମ ହୁଏ ।

ଏଇ ଦୋହାଁ ତୁଳସୀଦାସଙ୍କ ଉଦ୍‌ଭାବିତ ନୁହେଁ । ପ୍ରାକୃତ ଭାଷା-ମାନଙ୍କରେ ଠିକ୍ ଏହି ପ୍ରକାର ଗୀତ ଲୋକମୁଖରେ ଚଳୁଥିଲା । ଅତି ପ୍ରାଚୀନ ବଙ୍ଗଳା କବିତା ଓ ଗୀତ ବୋଲି ସ୍ୱର୍ଗତ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ନିଜେ ନେପାଳରୁ ପାଇଥିବା ଗ୍ରନ୍ଥିଟି ପୋଥି 'ବୌଦ୍ଧଗାନ ଓ ଦୋହାଁ' ନାମରେ ପ୍ରକାଶ କରିଅଛନ୍ତି । ସେ ଏ ଗାନଗୁଡ଼ିକ ଅନ୍ତତଃ ଦଶମ ଶତାବ୍ଦୀରୁ ଆଧୁନିକ ନୁହେ ବୋଲି ସ୍ଥିର କରିଥିଲେ । ପରେ ସ୍ୱର୍ଗତ ରାଖାଲ ଦାସ ବାନାର୍ଜି ଏହାକୁ ଆହୁରି ୨।୩ ଶହ ବର୍ଷ ଆଧୁନିକ ବୋଲି କହିଛନ୍ତି । ଏବେ ସ୍ପଷ୍ଟ ଜଣାପଡ଼ୁଛି, କାହ୍ନୁପାଦ ବା କୃଷ୍ଣାଚାର୍ଯ୍ୟପାଦଙ୍କର ଦୋହାଁ କୋଷ ବରଂ ପ୍ରାଚୀନ ଓଡ଼ିଆ । ଏହା ପୁଣି ନିଶ୍ଚୟ ସାରଳା ଦାସଙ୍କର ବହୁ ପୂର୍ବବର୍ତ୍ତୀ; କାରଣ, କୃଷ୍ଣାଚାର୍ଯ୍ୟ ଓଡ଼ିଶାର ଲୋକ ଥିଲେ ଓ ସେହି କାଳର ଓଡ଼ିଆ ପ୍ରାକୃତରେ ନିଜର ଦୋହାଁ କୋଷ ରଚନା କରିଥିଲେ । ଏହା ପ୍ରମାଣିତ ହୋଇଅଛି । ସାରଳା ଦାସଙ୍କ ବେଳକୁ ଓଡ଼ିଆ ଭାଷା ବିଲ୍‌କୁଲ ଆଧୁନିକ ହୋଇଯାଇଥିଲା । କିନ୍ତୁ, କୃଷ୍ଣାଚାର୍ଯ୍ୟଙ୍କର ଭାଷା ମାଗଧୀ ପ୍ରାକୃତର ଓଡ଼ିଆ ଅପଭ୍ରଂଶ ମାତ୍ର । ଯାହାହେଉ ଏହି କୃଷ୍ଣାଚାର୍ଯ୍ୟ ତୁଳସୀ ଦାସଙ୍କର ଅନ୍ତତଃ ୩ ଶହ ବର୍ଷ ପୂର୍ବର ଲୋକ । ମାତ୍ର ସେ ଯେଉଁ ଦୋହାଁ ଲେଖିଥିଲେ, ତାହା ମାତ୍ରା ଓ ଯତି ନିୟମରେ କୌଣସିମତେ ତୁଳସୀ ଦାସଙ୍କ ଦୋହାଁରୁ ଭିନ୍ନ ନୁହେ । ଉଦାହରଣ, ଯଥା—

ତୁଳସୀଦାସ—

ଦୋହାଁ

ରାମ ବାମ ଦିସି ଜାନକୀ । ଲଛନ ଦାହିନୀ ଓର
ଧ୍ୟାନ ସକଲ କଲ୍ୟାଣମୟ । ସୁରତରୁ ତୁଲସୀ ତୋର ।

କାହ୍ନୁପାଦ—

ଲୋ ଅହି ଗଇ ସମୁ ଲହଇ । ଇଉ ପରମେଥେ ପବନ
କୋଟିହି ମାହି ଏକ ଜଡ । ହୋଇ ନିରଞ୍ଜନ ଲୀଣ ।

Digitized by srujanika@gmail.com

ଏ ଦୁଇଟି ଦୋହାଁର ମାତ୍ରା ନିୟମ, ଯତିପାତ, ବିରାମରେ କୌଣସି ପ୍ରଭେଦ ନାହିଁ । ପ୍ରଭେଦ ଏତିକି ଅଛି ଯେ, ତୁଳସୀ ଦାସଙ୍କ ଦୋହାଁ ବିରବିର ସ୍ୱରନିୟମରେ ସଂସ୍କୃତ ମାତ୍ରା ନିୟମର ଅନୁବର୍ତ୍ତନ କରିଅଛି । କିନ୍ତୁ କାହ୍ନୁପାଦଙ୍କର ବର୍ଣ୍ଣ ସ୍ୱରର ଉଚ୍ଚାରଣ ସଂସ୍କୃତ ନିୟମ ଧରି ଚାଲି ନାହିଁ । ତୁଳସୀ ଦାସଙ୍କ ଦୋହାଁରେ ଦୀର୍ଘ ସ୍ୱରଯୁକ୍ତ ବର୍ଣ୍ଣ ଓ ଯୁକ୍ତ ବର୍ଣ୍ଣର ପୂର୍ବସ୍ୱର, ଯୁକ୍ତବର୍ଣ୍ଣ ବା ହସନ୍ତ ଅନୁସ୍ୱାରାଦି ଯୁକ୍ତ ସ୍ୱରଯୁକ୍ତ ବର୍ଣ୍ଣ ସର୍ବଦା ଗୁରୁ ବା ଦ୍ୱିମାତ୍ରିକ । କିନ୍ତୁ କାହ୍ନୁପାଦଙ୍କ ଗାନଟିରେ ତାହା ନୁହେ । 'ପବନ' ପଦଟି ଚାରି ମାତ୍ରା କରି ଓ ଦ୍ୱିତୀୟ ପାଦର ସ୍ୱଏତ 'ଜତ' ପଦଟି ତିନିମାତ୍ରା କରି କିଂବା କୋଟିହି ପଦଟି ପାଞ୍ଚମାତ୍ରା କରି ନ ପଢ଼ିଲେ ଦୋହାଁର ଛନ୍ଦ ଠିକ୍ ରହିବ ନାହିଁ । ହୁଏତ ପବନ ଶବ୍ଦଟି ପ୍ରାକୃତର ଅପଭ୍ରଂଶ ଥିବାରୁ ତାହା ଚାରି ମାତ୍ରାରେ ଚଳୁଥିବ । କିଂତୁ 'ଜତ' ତିନିମାତ୍ରା କିଂବା 'କୋଟି' ଚାରିମାତ୍ରା ହେବାର ସେପରି କୌଣସି କାରଣ ଦେଖାଯାଉ ନାହିଁ । ତୁଳସୀ ଦାସଙ୍କର ଅନ୍ୟ ପଦ୍ୟଟି ଚୌପାଈ ବା ଚୌପଦୀ । ଏହା ଷୋଳ ମାତ୍ରାର ଚାରୋଟି ପଦ । ଯଥା—

ଭୂପ ପ୍ରତାପ ଭାନୁ ବଲ ପାଇ । କାମଧେନୁ ଭଇ ଭୂମି ସୁହାଁଇ<br>
ସବ ଦୁଖ ବର୍ଜିତ ପ୍ରଜା ସୁଖାରୀ । ଧର୍ମଶୀଳ ସୁନ୍ଦର ନରନାରୀ ।

ସଂସ୍କୃତ ମାତ୍ରା ସମକ ଜାତି ସଙ୍ଗେ ଏହା ଏକାବେଳକେ ଏକ ଓ ଅଭିନ୍ନ । ମାତ୍ରା ସମକ ଜାତି । ଯଥା—

ଦେବି ସୁରେଶ୍ୱରି ଭଗବତି ଗଙ୍ଗେ<br>
ତ୍ରିଭୁବନତାରିଣି ତରଳତରଙ୍ଗେ<br>
ଶଙ୍କରମୌଳି-ବିହାରିଣି ବିମଳେ<br>
ମମ ମତିରାସ୍ତାଂ ତବ ପଦକମଳେ ।

ଏହା ଚୌପାଈ ବା ଚୌପଦୀ । ଓଡ଼ିଆରେ ମଧ୍ୟ ମଫସଲରେ ଚତୁର୍ଦ୍ଦଶାକ୍ଷରୀ ପଦ୍ୟକୁ ଚୌପଦୀ କହନ୍ତି । ଓଡ଼ିଆ ଓ ବଂଗଳାର ଏହି ଚତୁର୍ଦ୍ଦଶାକ୍ଷରୀ ସଂସ୍କୃତର ମାତ୍ରା ସମକରୁ ବାହାରିଅଛି । ଏହି ଚୌପଦୀକୁ ବଂଗଳାରେ ପୟାର କହନ୍ତି । ଅଧ୍ୟାପକ ସୁନୀତିକୁମାର ଚଟ୍ଟୋପାଧ୍ୟାୟ ସ୍ଥିର

Digitized by srujanika@gmail.com

କରିଛନ୍ତି, ପ୍ରାଚୀନ ମାଗଧୀ ଅପଭ୍ରଂଶ ବା ଓଡ଼ିଆ ବଙ୍ଗଳା ପ୍ରଭୃତିର ପ୍ରାଚୀନ ଭାଷାରେ ଏହାକୁ ପଦାକୁଳକ କହୁଥିଲେ । ପଦାକୁଳକ ଅର୍ଥ ପଦସମୂହ ।

ସ୍ୱର୍ଗତ ଶ୍ରୀଯୁକ୍ତ ହରପ୍ରସାଦ ଶାସ୍ତ୍ରୀଙ୍କ ପ୍ରକାଶିତ ଯେଉଁ 'ବୌଦ୍ଧଗାନ ଓ ଦୋହାଁ'ର କଥା ଉଲ୍ଲେଖ କରାଯାଇଅଛି, ସେଥିରେ 'ଚର୍ଯାଚର୍ଯବିନିଶ୍ଚୟ' ବୋଲି ଗୋଟିଏ ଗ୍ରନ୍ଥ ଅଛି । ତାହା ଏହି ପଦାକୁଳକରେ ଲିଖିତ ।

ଧାମାର୍ଥେ ଚାଟିଲ । ସାଙ୍କମ ଗଢ଼ଇ
ପାରଗାମୀ ଲୋଅ । ନିଭର ତରଇ ।

ଏହା ନିମ୍ନଲିଖିତମତେ ବୋଲିବାକୁ ହେବ (ଯେଉଁଠାରେ ଦୀର୍ଘ ବା ଦ୍ୱିମାତ୍ରିକ ସେଠାରେ ଶୁଆ ଗାର ଦିଆହୋଇଛି ।):—

ଧା ମାର୍ଥେ ଚା—ଟିଲ ସା—ଙ୍କମ ଗଢ଼ଇ—
ପାରଗାମୀ ଲୋ—ଅ—ନି—ଭର ତରଇ—

ଏହି ଆଠ ଆଠମାତ୍ରିକ ପଦାକୁଳକରୁ ବଙ୍ଗଳା ପୟାର, ଓଡ଼ିଆ ଚୌପଦୀ ବାହାରିଛି । ସେ ଯାହା ହେଉ ଏବେ ଦେଖାଗଲା, ଦୋହାଁ ଓ ଚୌପଦୀ ଏହି ଦୁଇଟି ଛନ୍ଦ ମୁଖ୍ୟତଃ ପ୍ରାକୃତ ଭାଷାମାନଙ୍କରେ ଚଳୁଥିଲା । ଦୋହାଁରୁ ବଙ୍ଗଳାର ତ୍ରିପଦୀ ଓ ଓଡ଼ିଶାର ମଙ୍ଗୁଆଣ୍ଡି ବା ବଙ୍ଗଳାଶ୍ରୀ ବାହାରିବା କଥା ମଧ୍ୟ ଏଥି ସଙ୍ଗେ କହି ରଖିବା ଉଚିତ । ପରେ ଯଥାସ୍ଥାନରେ ତାହା କିପରି ବାହାରିଲା, କି ଭାବରେ ବିକାଶ ପାଇଲା ତାହା କୁହାଯିବ ।

କୁହାଯାଇଛି, ତୁଳସୀ ଦାସ ସଂସ୍କୃତ ଗୁରୁ ଲଘୁ ନିୟମରେ କବିତା ଲେଖିଛନ୍ତି । ଉତ୍ତର ଭାରତର ଅନ୍ୟାନ୍ୟ କବି ଓ ମହାପୁରୁଷମାନଙ୍କର କାବ୍ୟ ବଚନ ମଧ୍ୟ ଇତର ବିଶେଷ ଠିକ୍ ସେହି ଭାବରେ ଥିଲା । ବର୍ତ୍ତମାନ ମଧ୍ୟ ଓଡ଼ିଆ ବଙ୍ଗଳା ଛଡ଼ା ହିନ୍ଦୀ ପ୍ରଭୃତି ଉତ୍ତର ଭାରତର ଅନ୍ୟାନ୍ୟ ପ୍ରାକୃତମାନେ ସେହି ଶୈଳୀ ଧରି ପଦ୍ୟ ଲେଖନ୍ତି । ଓଡ଼ିଆ ବଙ୍ଗଳାରେ ଏକା ଏ ଶୈଳୀ ଆଦୌ ନାହିଁ । ଏମାନେ କୌଣସି ପ୍ରଚଳିତ ଭାବବଦ୍ଧ ବିଧିରେ ବର୍ଣ୍ଣ ସଙ୍କେତ ଧରି ବର୍ଣ୍ଣର ଉଚ୍ଚାରଣ କରନ୍ତି ନାହିଁ । ସଂସ୍କୃତର ନିୟମରେ ସମସ୍ତ ବର୍ଣ୍ଣର ଉଚ୍ଚାରଣ ହେଉଥିଲା । ପରେ ସେସବୁ ମାଗଧୀ-ପ୍ରସୂତ

Digitized by srujanika@gmail.com

ପ୍ରାକୃତମାନଙ୍କରେ ଉଚ୍ଚାରଣ ହେଉଥିବାର ଅନୁମାନ କରି ପଣ୍ଡିତମାନେ ସିଦ୍ଧାନ୍ତ କରନ୍ତି, ପୂର୍ବ ପ୍ରାକୃତ ଭାଷାମାନଙ୍କରେ ବହୁ କାଳରୁ ସଂସ୍କୃତର ଉଚ୍ଚାରଣ-ନିୟମ ବଦଳି ଯାଇଥିଲା, ପୁଣି ଗୀତ ଓ ପଦ୍ୟରେ ଲୋକେ ଗାନ ଓ ପଠନର ସୁବିଧା ଅନୁସାରେ ସ୍ୱରକୁ ଯଥେଚ୍ଛା ଚପି ଲମ୍ବାଇ ଲେଖୁଥିଲେ ଓ ଉଚ୍ଚାରଣ କରୁଥିଲେ ।

କିନ୍ତୁ ତାହା ଠିକ୍ ନୁହେ । କୁହାଯାଇଛି, ଆର୍ଯ୍ୟ ଭାଷା ଯେତେବେଳେ ନାନା ପ୍ରାକୃତରେ ଭିନ୍ନ ହେଲା, ସେତେବେଳେ ସଂସ୍କୃତ ଭାଷା ତିଆରି ହୋଇଥିଲା । ବେଦର ଭାଷା ସଂସ୍କୃତ ନୁହେ । ବେଦ ମଧ୍ୟ କଥିତ ଭାଷା ବା ଗଦ୍ୟ ନୁହେ । ବେଦ ସେହି କାଳର ପ୍ରାକୃତ ଭାଷାଭାଷୀ ଲୋକଙ୍କର ଗାନ । ବେଦରେ ସନ୍ଧି ନାହିଁ । କଦାଚିତ୍ ସନ୍ଧି ଥିବାର ସନ୍ଦେହ ହେଲେ ମଧ୍ୟ ତାହା ସ୍ପଷ୍ଟ ନୁହେ, କିମ୍ବା ସ୍ପଷ୍ଟ ହୋଇଥିଲେ ମଧ୍ୟ ତାହା ପ୍ରାଚୀନ ନୁହେ । ସ୍ୱର୍ଗତ ଅଧ୍ୟାପକ ମ୍ୟାକ୍‌ଡ଼ୋନେଲ୍ ସାହେବ ନିଜର ବୈଦିକ ବ୍ୟାକରଣରେ ଅତ୍ୟନ୍ତ ଅନୁସନ୍ଧାନ ପରେ ସମସ୍ତ ଋଗ୍‌ବେଦ ସଂହିତାର ମନ୍ତ୍ରମାନଙ୍କ ମଧ୍ୟରେ ଗୋଟିଏ ମାତ୍ର ସ୍ଥାନରେ ସନ୍ଧି ଥିବାର ଆଶଙ୍କା କରିଛନ୍ତି । ଏଥିପୂର୍ବେ ପ୍ରସଙ୍ଗାନ୍ତରରେ ଯେଉଁ ମନ୍ତ୍ରଟି ଉଦ୍ଧୃତ ହୋଇଥିଲା ସେଥିରେ ଉଦାହରଣ ସ୍ୱରୂପ ଦେଖାଇ ଦିଆଯାଇପାରେ 'ତସ୍ମାଽରଙ୍ଗମାମବୋ' ନ ହୋଇ ଅନୁଷ୍ଟୁଭ୍ ଛନ୍ଦ ଠିକ୍ କରି ପଢ଼ିଲେ ପଢ଼ାଯିବ 'ତସ୍ମାଅରଙ୍ଗମାମବୋ' ।

ଏହା କହିବାର ଅଭିପ୍ରାୟ ଯେ ଜାନପଦ ଲୋକମାନଙ୍କର ସ୍ୱଭାବ-ସରଳ ଗାନ ହିଁ ବେଦ । ଆଜିକାଲି ଶଗଡ଼ିଆ ମଧ୍ୟ ବଳଦ ଓଡ଼େଇଲାବେଳେ ରାମାୟଣ ଚରିତ ଏକ ସ୍ୱରରେ ଗାନ କରେ । ପୁରୁଷାନୁକ୍ରମେ ସେହି ସ୍ୱର ସେ ସେହିପରି ଗାନ କରି ଆସୁଅଛି । ଏହିପରି ପାଣି ବୋହିବାଠାରୁ କୋଠା ବାଡ଼େଇବା ପର୍ଯ୍ୟନ୍ତ ସର୍ବତ୍ର ଛନ୍ଦ ସମନ୍ୱିତ ଗାନ ମାନବର କର୍ମକୁ ସରସ କରିବାର ଦେଖାଯାଏ । ସେସବୁ ଗାନରେ ସାଧାରଣ ଜୀବନର କ୍ରିୟା ଭାବ ଆଶା ଆଶଙ୍କାମାନ ପ୍ରତିଫଳିତ ହୁଏ । ଇଂଲଣ୍ଡରେ ଏହିପରି ଗାନ ଶୁଣି କବି ଓ୍ୱାର୍ଡ଼ସ୍‌ୱାର୍ଥ A Solitary Reaper (ଗୋଟିଏ ଏକୁଟିଆ ଗହମ କଟାଳି) ବୋଲି ପଦ୍ୟ ଲେଖିଛନ୍ତି । ସର୍ବତ୍ର ସବୁ ସମାଜରେ ଏହା ହିଁ

Digitized by srujanika@gmail.com

ସ୍ୱାଭାବିକ ରୀତି । ସେହି ରୀତିରେ ସେକାଳର ପ୍ରାକୃତରେ ବେଦଗାନ ସବୁ ବାହାର ପଡ଼ିଥିଲା । ଗୀତର ଯତି ବିରାମ ଓ ସ୍ୱରତାନ ଅନୁସାରେ ତାହାର ହ୍ରସ୍ୱ ଦୀର୍ଘାଦି ପରେ ଧରି ହୋଇ ସଂସ୍କୃତ ବ୍ୟାକରଣରେ ପରିବଦ୍ଧ ହେଲା । ଯେଉଁଠାରେ 'ଅ' ସ୍ୱରଟି କ୍ଷୀଣ ସେଠାରେ ତାହା ହେଲା ହ୍ରସ୍ୱ, ଯେଉଁଠାରେ ଦୀର୍ଘ ସେଠାରେ ଦୀର୍ଘ, ଯେଉଁଠାରେ ଦୀର୍ଘତମ ସେଠାରେ ପ୍ଳୁତ । ଏହି ରୀତିରେ ପାଣିନିଙ୍କ 'ଶିକ୍ଷା'ରେ ତାହା କ୍ରମେ ସ୍ଥାନ ପାଇଲା । ବ୍ୟଞ୍ଜନାନ୍ତ ସ୍ୱର ସ୍ପଷ୍ଟ ଉଚ୍ଚାରଣରେ ଦୀର୍ଘ ହୋଇ ଯିବାର କଥା । ସେଥିପାଇଁ ତାହା ଦୀର୍ଘ ହେଲା । ଯେଉଁଠାରେ ଦୀର୍ଘ ନ ହେଲା ସେଠାରେ ତାହା ଫିଟି ଅଲଗା ହୋଇଗଲା କିମ୍ବା ହଲନ୍ତ ବର୍ଣ୍ଣଟି ଲୋପ ପାଇଲା । ଏକ ଶବ୍ଦ ଭିନ୍ନ ଭିନ୍ନ ଓ ହ୍ରସ୍ୱଦୀର୍ଘ ଭେଦରେ ମଧ୍ୟ ଚଳିଗଲା । ଯଥା—ଶ୍ଳଥ, ଶିଥିଳ, ଭ୍ରୂସ୍ବାନ୍ତ୍ କେତେ-ବେଳେ ହେଲା ଭ୍ରୂସ୍ତ । ଧୂଷର, ଧୂଶର, ଧୂସର—ତିନି ପ୍ରକାର ସାଧୁ ହେଲା । ଶ୍ରେଣୀ, ରାଜି ପ୍ରଭୃତି ହ୍ରସ୍ୱ ଓ ଦୀର୍ଘ ଦୁଇ ପ୍ରକାରରେ ଲେଖା ହେଲା । ଏ ସବୁ ବୈଦିକ ବ୍ୟାକରଣରୁ ଆରମ୍ଭ କରି ଭାଷା ସଂସ୍କୃତରେ ବହୁତ ଦେଖାଯାଇ-ପାରେ । ବେଦରେ ଅନେକ ଶବ୍ଦ ନିଜର ସରଳତା ଛାଡ଼ି ଭାଷାରେ କ୍ରମେ ଯୁକ୍ତ ବର୍ଣ୍ଣ ଯୁକ୍ତ ଓ ଜଟିଳ ହୋଇପଡ଼ିଲେ ।

ବେଦ ଗୀତକୁ ଲକ୍ଷ୍ୟ କରି ସଂସ୍କୃତ ଭାଷା ଗଢ଼ା ହେଲା ସତ, କିନ୍ତୁ ବେଦ ଯେଉଁ ପ୍ରାକୃତ ବା ପ୍ରାକୃତମାନଙ୍କରୁ ଗାନରୂପେ ବାହାରିଥିଲା, ସେ ସବୁ ପ୍ରାକୃତର କଥାରେ ଶବ୍ଦମାନଙ୍କର ଉଚ୍ଚାରଣରେ କୌଣସିଠାରେ ·ହି ଏତି ଜୋର ପଡୁଥିଲା । ସେ ହିସାବରେ ବର୍ଣ୍ଣ ହ୍ରସ୍ୱ ଦୀର୍ଘ ହେଉଥିଲା ସତ, କିନ୍ତୁ ପରେ ନିର୍ମିତ ସଂସ୍କୃତ ପରି ସେଥିରେ ଏତେ କଟକଣା ନ ଥିଲା । କଥାରେ ଆଶୟ ପ୍ରକାଶ ଯେଉଁ କିମ୍ବା ଲୌକିମୁଖର ଉଚ୍ଚାରଣରେ ବର୍ଣ୍ଣ ଉପରେ ପଡ଼ୁଥିବା ଜୋର ଯେଉଁ ଶବ୍ଦମାନଙ୍କରେ ଗୁରୁ ଲଘୁ ସ୍ୱର ପ୍ରକାଶ ପାଏ । ସଂସ୍କୃତ ଭାଷାର କବିତାରେ ତାହା ଆଦୌ ନାହିଁ । ସଂସ୍କୃତରେ ଗୁରୁ ଲଘୁ ସ୍ୱରର ଯେଉଁ ଶୈଳୀ ନିର୍ଦ୍ଦେଶ କରି ଦିଆଗଲା, ତାକୁହିଁ ଧରି କବିମାନେ ନିଜର ଆଶୟ ବ୍ୟକ୍ତ କଲେ । ସଂସ୍କୃତର ଗଦ୍ୟ ପଦ୍ୟ ବ୍ୟବହୃତ ଶବ୍ଦ-ମାନଙ୍କରେ ଏହି ରୀତିକୁ ଅନୁକରଣ କରିବା ଛଡ଼ା ଅନ୍ୟ ଉପାୟ ନ ଥିଲା ।

Digitized by srujanika@gmail.com

କାରଣ ବୈଦିକ କାବ୍ୟ ଭାଷାର ଅନୁକରଣରେ ପ୍ରଥମେ ସଂସ୍କୃତ ବ୍ୟାକରଣ ଆଲୋଚିତ ହୋଇ ସେଥିରେ ହ୍ରସ୍ୱ ଦୀର୍ଘାଦିର ନିୟମ ଠିକ୍ କରି ଦିଆ ଯାଇଥିଲା । ଦୀପନ କଥାଟି କହିଲେ ତହିଁରେ 'ଦୀ'ଟିକୁ ଦୀର୍ଘ ଉଚ୍ଚାରଣ କରିବାକୁ ହେବ ଏବଂ ସେହିପରି ଲେଖିବାକୁ ହେବ । ବ୍ୟାକରଣ ମଧ୍ୟ ପୂର୍ବରୁ ସ୍ଥିର କରି କହି ଯାଇଛନ୍ତି, ଦୀପ୍ ଧାତୁରେ ଈ ଦୀର୍ଘ ।

ଏ ସବୁ ସଂସ୍କୃତର ରୀତି ବାହାର କରା ହୋଇଥିଲା କାହିଁକି ? ମାନବର ମୁଖ-ଯନ୍ତ୍ରକୁ ନିର୍ଦ୍ଦିଷ୍ଟ ରୀତିରେ ସଂଯତ କରି ଭାଷା ତଥା ସେହି ମୁଖରେ ସଭ୍ୟତା ପ୍ରତିଷ୍ଠିତ ରଖିବାପାଇଁ ବ୍ରହ୍ମାବର୍ତ୍ତ, ମଧ୍ୟଦେଶର ମନୁଷ୍ୟମାନେ ଏହା କରିଥିଲେ । ଏହା ଏକାବେଳକେ କପୋଳକଳ୍ପିତ ବା ଯଥେଚ୍ଛାକୃତ ନ ଥିଲା । ସାଧାରଣତଃ ସେକାଳର ଭାରତୀୟ ଆର୍ଯ୍ୟଭାଷୀମାନଙ୍କର ମୁଖଯନ୍ତ୍ରର ସ୍ୱାଭାବିକ ଉଚ୍ଚାରଣଶୈଳୀ ପୁଂଖାନୁପୁଂଖ ଅନୁଧାବନ କରାଯାଇ ସେସବୁ ଏଇ ଭାଷାରେ ନିୟମବଦ୍ଧ କରାଯାଇଥିଲା । ତେଣୁ ବହୁ ପରିମାଣରେ ତାହା ସେହି ଦେଶର ଲୋକୋଚ୍ଚାରଣରେ ସହଜ ହୋଇଥିଲା । ପୁଣି ସେହି ଦେଶର ଲୋକେ ସେହି ଉଚ୍ଚାରଣ ଜାଗ୍ରତ ରଖିବାରେ ସର୍ବଥା ପ୍ରଯତ୍ନପର ଥିଲେ । କିନ୍ତୁ ପାର୍ଶ୍ୱବର୍ତ୍ତୀ ଭୂମିମାନଙ୍କରେ ତଥା ସେହି ଦେଶର ଅତିଜାନପଦ ଜନତା ମଧ୍ୟରେ ପ୍ରାକୃତ ଶୈଳୀ ନିଜର ସ୍ୱାଭାବିକ ରୀତିରେ ଯେ ବିକାଶ ପାଉଥିଲା ଏହା ବୁଝାଇ କହିବା ଦରକାର ନାହିଁ । ସେଥିପାଇଁ ତୁଳସୀ ଦାସ ମଧ୍ୟେ ମଧ୍ୟେ ଗୁରୁ ଲଘୁ ନିୟମ ଠିକ୍ ରଖିପାରି ନାହାନ୍ତି । ଏବେ ମଧ୍ୟ ହିନ୍ଦି କବିତାରେ କଦାଚିତ୍ ତାହାର ବ୍ୟତିକ୍ରମ ଦେଖାଯାଏ । ଗୀତରେ ଗୁରୁ ଲଘୁ ବାହାରିବା ସ୍ୱାଭାବିକ । ତାହା ବାହାରେ, କିନ୍ତୁ ପାଣିନି ବା ଅନ୍ୟ କୌଣସି ବ୍ୟାକରଣର ଆଦେଶ ଘେନି ମାନବର ଭାବ ସ୍ୱରରେ ଫିଟିବା ବଡ଼ ସହଜ ନୁହେ । ଏହା ବରଂ କୃତ୍ରିମ ।

ମଗଧରେ ପ୍ରାକୃତ ଭାଷାମାନଙ୍କ ମଧ୍ୟରେ ଏ କୃତ୍ରିମତା ସ୍ଥାନ ପାଇ ନ ଥିଲା । ଜାନପଦ ଜନର ଯେଉଁ ସ୍ୱର ଧରି ବା ସଙ୍ଗୀତ ସ୍ୱରମାନଙ୍କୁ ଅନୁକରଣ କରି ସସ୍କୃତ କବି ସସ୍କୃତରେ ମାତ୍ରା-ସମକ ଲେଖିଥିଲେ ବା ତୁଳସୀ ଦାସ ପ୍ରଭୃତି ଦୋହାଁ ଲେଖିଥିଲେ, ସେହି ପ୍ରାକୃତ ସ୍ୱର ଚର୍ଯ୍ୟାଚର୍ଯ୍ୟ-

Digitized by srujanika@gmail.com

ବିନଷ୍ଟପ୍ରାୟରେ ଦୋହାଁ ରୂପେ ବାହାରିଅଛି । କିନ୍ତୁ ମଗଧ ପ୍ରଭାବିତ ଭୂମିର ଦୋହାଁରେ ସଂସ୍କୃତର ପରିବନ୍ଧ ସ୍ୱରଶୈଳୀ ନାହିଁ । ଚଉପଦୀ ସମ୍ବନ୍ଧରେ ମଧ୍ୟ ଠିକ୍ ସେହି କଥା । ଏ ସବୁର ବିକାଶ ଓ ସେଥି ସଙ୍ଗେ ଦିନ ଦୁଇ ଏକ ବର୍ଣ୍ଣରେ ବିରାମର ଉପଯୋଗିତା ପରେ ପ୍ରସଙ୍ଗକ୍ରମେ ବୁଝାଇ କୁହାଯିବ ।

---

## ଓଡ଼ିଆ କବିତା ତଥା ଛନ୍ଦର ପ୍ରଗତି *

ପ୍ରାଚୀନ ଓଡ଼ିଶା କଳାନିପୁଣ ଥିଲା । ପ୍ରାଚୀନ ସ୍ଥାପତ୍ୟ ତାର ନିଦର୍ଶନ । ଓଡ଼ିଆ ମଧ୍ୟ ବଣିକ୍ ଓ ବିଜୟୀ ଥିଲେ । ବ୍ରହ୍ମ ଓ ପୂର୍ବଭାରତୀୟ ଦ୍ୱୀପମାନଙ୍କରେ ତାର ଚିହ୍ନ ଏବେ ସୁନ୍ଦର ଅନୁସନ୍ଧାନ କରାଯାଇପାରେ । ପୁରୀର ଜଗନ୍ନାଥ ସେଇ ସାର୍ବଜନୀନ ସଂସ୍କୃତି ଓ ସଭ୍ୟତାର ଜୀବନ୍ତ ବିଗ୍ରହ କହିଲେ ଚଳେ । କବିତା କଳାରେ ଉଦ୍‌ଭାବନୀ ଲେଖନୀ ଚଳାଇଥିବାର ତାଦୃଶ ନିଦର୍ଶନ ମିଳିନାଇ । ସାହିତ୍ୟଦର୍ପଣ, ଏକାବଳୀ, ପ୍ରାକୃତସର୍ବସ୍ୱ ପ୍ରଭୃତି ମୌଳିକ ଗ୍ରନ୍ଥ ନୁହେଁ । ପୁଣି ସେସବୁ ବିଶ୍ଳେଷଣ କ୍ଷେତ୍ରରେ ସଂଶ୍ଲେଷ ପ୍ରବଣତା ଓ ସମୂହ ଗଠନଗୁରୁତ୍ୱ ଖୋଜିବାର ଅବକାଶ ନାହିଁ । ସ୍ଥାପତ୍ୟ ବିଦ୍ୟାରେ ସେ ସମୂହଗଠନ ଗୁରୁତ୍ୱ ଓଡ଼ିଆ ପକ୍ଷରେ କେତେଦୂର ମୌଳିକ, ତା ଏବେ ମଧ୍ୟ ପ୍ରମାଣ ହୋଇଛି ବୋଲି ମନେହୁଏ ନାହିଁ । ବର୍ତ୍ତମାନର କଟକଜିଲ୍ଲାସ୍ଥ ନଳିତଗିରି, ଉଦୟଗିରି ଓ ରତ୍ନଗିରିର ଭଗ୍ନ ସ୍ତୂପ ଖୋଦିତ ହେଲେ, ଏହାର ପ୍ରମାଣ ମିଳିବ ବୋଲି ପ୍ରତ୍ନତାତ୍ତ୍ୱିକମାନେ ଆଶା କରନ୍ତି । ହେଲେହେଁ, ମଗଧର ଗ୍ରୁପ୍ ଓଡ଼ିଶାର ପ୍ରାଚୀନ ମନ୍ଦିରମାନଙ୍କର ବିକାଶପୀଠ ବୋଲି ଏବେ ଅନେକଙ୍କର ମତ । ଏ ସବୁ ସତ୍ତ୍ୱେ, ଉତ୍କଳକଳାର ବର୍ଣ୍ଣନାତ୍ମକ ବା ଚିତ୍ରଣ-ବିନ୍ୟାସର ଗୁରୁତ୍ୱ ଏକପ୍ରକାର ଅତୁଳନୀୟ କହିଲେ ଚଳେ ।

ସ୍ଥାପତ୍ୟରେ ଯେପରି ଗଠନ ବିକାଶ ଓ ସେଇ ଗଠନର ସୌଷ୍ଠବ ସମ୍ପାଦନରେ ଚିତ୍ରବିନ୍ୟାସ, କବିତାରେ ସେହିପରି ବିଷୟ ବିକାଶ ଓ ବର୍ଣ୍ଣନ

---

* ପ୍ରଥମବର୍ଷ ୧୦ମ ସଂଖ୍ୟା, ୧୩୪୧ ମୀନ (୧୯୩୫ ଅପ୍ରେଲ) 'ନବଭାରତ'ର ଆଲୋଚନାରେ ପ୍ରକାଶିତ ।

Digitized by srujanika@gmail.com

ଭଙ୍ଗୀ । ଏଇ ବର୍ଣ୍ଣନ ଭଙ୍ଗୀରେ ଉତ୍କଳ କାବ୍ୟ କଳାର ଚିରନ୍ତନ ବୈଶିଷ୍ଟ୍ୟ ରହିଛି । କୋଣାର୍କର ବର୍ଣ୍ଣନ କଳାର ଅତି ପରିଣତି ଯେପରି ଉତ୍କଳ ସ୍ଥାପତ୍ୟର ବିଶ୍ୱମାନଦଣ୍ଡ ନୁହେଁ, ଉପେନ୍ଦ୍ରଭଞ୍ଜଙ୍କ ବର୍ଣ୍ଣନାର ଅତି ବିଶ୍ଳେଷଣ ଶୃଙ୍ଖଳା ସେଇପରି ଉତ୍କଳକଳା ଚିହ୍ନିବାର ପ୍ରକୃଷ୍ଟ ଉପାଦାନ ନୁହେଁ । ଏ ଦେଶର ନବ ଯୁଗର ପ୍ରଥମ କବି ରାଧାନାଥଙ୍କ କବିତା ଇଂରେଜୀ ତଥା ସେ କାଳ ବଙ୍ଗଳା ପ୍ରଭାବ, ଅନୁକୃତି ଓ ଅନୁବାଦ ପୀଠ ଉପରେ ସେଇ ଉପେନ୍ଦ୍ରଙ୍କର ଅର୍ଦ୍ଧୋନ୍ମେଷ ମାତ୍ର । ଗଙ୍ଗାଧରଙ୍କ କବିତା ଏକ ପ୍ରକାର ରୁଚି ମାର୍ଜିତ ଉପେନ୍ଦ୍ର ଭଞ୍ଜ କଳାର ପୁନର୍ବିକାଶ । ଏବର ନବୀନ ନବୀନାମାନେ ବେଳେ ବେଳେ ବର୍ଣ୍ଣନାରୁ ସୂଚନାକୁ ଉଠିବାର ଉଦ୍ୟମରେ ବିଶ୍ୱବର ଛନ୍ଦବନ୍ଧନ ଓ ବିଶୃଙ୍ଖଳ ହେବାର ଦେଖାଯାଏ । ଉଦାହରଣ ଦେବାର ଅବକାଶ ଏଠାରେ ନାହିଁ । ତଥାପି ଶୃଙ୍ଖଳାର ଶୈଳୀ ସ୍ୱାଧୀନତାକୁ ଯେ ସୁନ୍ଦର କରେ, ଏହା କେହି ଅସ୍ୱୀକାର କରିବେ ନାହିଁ । ଓଡ଼ିଆର ପ୍ରତିଷ୍ଠିତ ଓ ସୁଗଠିତ ପ୍ରାଣ ଭାବ ଓ ଭାଷାରେହିଁ ଏଇ ଶୃଙ୍ଖଳାର ଧାରା ଖୋଜିବାକୁ ହେବ । ସେଥିପାଇଁ ଏ ଯୁଗରେ ସାଧାରଣ କବିକୁ ସର୍ବଦା ସମାଲୋଚନାର ଦିଗ୍‌ଦର୍ଶନ ମଧ୍ୟ ରଖିବାକୁ ହେବ । ବିଶିଷ୍ଟ ମନୀଷାସମ୍ପନ୍ନ କବିଙ୍କ କଥା ସ୍ୱତନ୍ତ୍ର ହୋଇପାରେ, କିନ୍ତୁ ସେପରି କବି ସାଧାରଣତଃ ଦେଖାଯାନ୍ତି ନାହିଁ । ଓଡ଼ିଶାରେ ଏବେ ଦେଖାଯାଇ ନାହାନ୍ତି ।

ଭାଷାରେ ଏଇ ବର୍ଣ୍ଣନ ଓ ବିଶ୍ଳେଷଣ ଶୃଙ୍ଖଳାର ବିକାଶ ଛନ୍ଦରେ ପ୍ରତିଭାତ ହୁଏ । ବୈଦିକ ଓ ଭାଷା ସଂସ୍କୃତର ପୁଷ୍କଳ ଛନ୍ଦୋବିକାଶ 'ଶିକ୍ଷା'ର ସ୍ୱରସଙ୍କେତ ବିଧି ସଙ୍ଗେ ଆଲୋଚନା କରି ଦେଖିଲେ ବିସ୍ମିତ ହେବାକୁ ହୁଏ । ଶିକ୍ଷାର ସଙ୍କେତ ବିଧିରେ ବର୍ଣ୍ଣମାତ୍ରେ ସ୍ୱରର ଗୁରୁତ୍ୱ ନିୟମରେ ବନ୍ଧା ଥିଲେହେଁ, ସ୍ୱର ନିୟମବଦ୍ଧ ଛନ୍ଦ ସଙ୍ଗେ ସ୍ୱାଧୀନ ଗୀତିକାର ବିକାଶ ପାଇଁ ଯେଉଁ ମାତ୍ରାବଦ୍ଧ ଜାତି ବାହାରିଥିଲା, ସେଥିରେ ସ୍ୱାଧୀନତା ମଧ୍ୟରେ ଶୃଙ୍ଖଳାହିଁ କାବ୍ୟର ପ୍ରାଣରୂପେ ପ୍ରତିଷ୍ଠିତ ରହିଅଛି ।

କିନ୍ତୁ ଓଡ଼ିଆ ବର୍ଣ୍ଣମାଳା ଏକ ପ୍ରକାର ସଂସ୍କୃତର ଅପଭ୍ରଂଶ ବୋଲି ଧରିଗଲେ ମଧ୍ୟ, ତାହା ସଂସ୍କୃତର ଶିକ୍ଷା ନିୟମରେ ଆବଦ୍ଧ ନୁହେଁ । ସେଥିରେ

Digitized by srujanika@gmail.com

ପୁଣି ବ୍ୟଞ୍ଜନାନ୍ତ ସ୍ୱରର ବ୍ୟଞ୍ଜନ, ସ୍ୱରର ଗୁରୁତ୍ୱ ସମ୍ପାଦନ କରିବାର କଦାଚିତ୍ ଦେଖାଯାଏ । ଐ, ଔ ଦୁଇଟି ମଧ୍ୟ ଗୁରୁମାତ୍ରିକ ସ୍ୱର ନ ହୋଇ ଫିଟିଯାଇ 'ଅଇ', 'ଅଉ' ହୋଇଯାଏ । 'ହନୁମାନ୍' ମଧ୍ୟ 'ହନୁମାନ' ପୁଣି 'ହନୁମନ୍ତ' ହୋଇଯାଏ । 'ସାକ୍ଷାତ୍' ନ କହି ଲୋକେ କହନ୍ତି 'ସାକ୍ଷାତ' । 'କଣ୍ଟକ'କୁ 'କନ୍‌ଟକ' ନ କହି ଲୋକେ ଏପରି କହନ୍ତି ଯେ ତାହା ତିନୋଟି ମାତ୍ର ମାତ୍ରାରେ ପ୍ରକାଶ ପାଏ । ଅତଏବ ଓଡ଼ିଆରେ ଯୁକ୍ତ ଅଯୁକ୍ତ ସ୍ୱର ବ୍ୟଞ୍ଜନ ସବୁ ପ୍ରାୟ ଏକ ମାତ୍ରିକ ବର୍ଣ୍ଣ । ବରଂ ଦ୍ୱିମାତ୍ରିକ ବର୍ଣ୍ଣସବୁ ବେଳେ ବେଳେ ଫିଟି ଅଲଗା ହୋଇଯାଏ । ଯଥା—ପରିବ, ସୁନଅ, ସିନଅ, ଦରିବ, ଗରବ, ଝରଗୃ, ଚରଗୃ, ବାକହ, ସିଠାମ, ପାଦେଶ୍ୱ ଇତ୍ୟାଦି ।

ଏ ସବୁ ଓଡ଼ିଆଭାଷା ପ୍ରକାଶର ଦ୍ରାବିଡ଼ ରୀତି ଓ ପ୍ରକୃତି ବିଶେଷ ଭାବରେ ପ୍ରକାଶ କରୁଛି । ହେଲେହେଁ, ଏ ବିଷୟରେ ଆଲୋଚନାର ଏଇଠାରେ ଶେଷ ନୁହେ । ହିମାଳୟର ପାର୍ବତ୍ୟ ଭାଷା ମଧ୍ୟ ଏବେ ଏଇ ରୀତିରେ ପ୍ରକାଶିତ ହେବାର ଜଣାପଡ଼େ । ପୁଣି ସ୍ୱରାନ୍ତ ଶବ୍ଦକୁ ହଳନ୍ତ କରି କହିବା ବଂଗ ଓ ଉତ୍ତର-ପଶ୍ଚିମାଂଚଳରେ ଦେଖାଗଲେହେଁ, ଏହା ବୈଦିକ ଓ ଭାଷା ସଂସ୍କୃତର ପ୍ରକୃତି ନୁହେ । ପ୍ରାଚୀନ ବଂଗ ଓ ଉତ୍ତର-ପଶ୍ଚିମାଂଚଳର ଭାଷା ମଧ୍ୟ ଏ ପ୍ରକାରରେ ପ୍ରକାଶିତ ହେଉ ନ ଥିଲା । ତେବେ ସ୍ୱରାନ୍ତ ଶବ୍ଦର ହଳନ୍ତତ୍ୱ ଓ ଭାଷାରେ ବର୍ଣ୍ଣମାନଙ୍କର ଏକ-ମାତ୍ରିକତ୍ୱ ଏକା କଥା ନୁହେ । ଶେଷୋକ୍ତ ପ୍ରକୃତିଟି ଦ୍ରାବିଡ଼ ବୋଲି ସ୍ପଷ୍ଟ ଜଣାପଡ଼େ ।

ଓଡ଼ିଆର ଏଇ ଦ୍ରାବିଡ଼ ପ୍ରକୃତି କିଂବା ସଂସ୍କୃତ ପଣ୍ଡିତମାନଙ୍କର ବର୍ଣ୍ଣ ପ୍ରକାଶ ବିଳାସକୁ ତୃପ୍ତି ଦେଉ ନ ଥିବାର ଅନୁମାନ ମଧ୍ୟ ହୁଏ । ସେଥିପାଇଁ ବର୍ଣ୍ଣମାନଙ୍କର ମାତ୍ରା ଭାଷାରେ ପ୍ରକାଶ କରି କବିତା ଲେଖିବାର ସେମାନଙ୍କୁ ବେଳେ ବେଳେ ଦେଖାଯାଏ ।

ଯଥା—

"ପଣ୍ଡା ପିଣ୍ଡାତଳକୁ ବସିଲେ ମଣ୍ଡପେ ଶାସନାଏ
ଗୃଣ୍ଡେ ଗୃଣ୍ଡେ ବସି ବସି ଗଲେ ଚଣ୍ଡୁରେ ପାଢ଼ୀଧାଡ଼ୀ ।

Digitized by srujanika@gmail.com

ଗଣ୍ଡା ଗଣ୍ଡା ଲଡ଼ୁ ଗଡ଼ୁ ସମେ ଖଣ୍ଡ ପାକେ ସଜାଡ଼ୀ
ଭେଣ୍ଡା ଭେଣ୍ଡା ଦ୍ୱିଜ ପରଶିଲେ ପୂର୍ଣ ପତ୍ରେ ଅଜାଡ଼ୀ ।"

ମାତ୍ର କୌଣସି ସଂସ୍କୃତ ପଣ୍ଡିତ ମଧ୍ୟ ଓଡ଼ିଆ ଛନ୍ଦରେ କଦାପି ଏପରି ବର୍ଣରେ ମାତ୍ରା ବିକାଶର ଉଦ୍ୟମ କରିନାହାନ୍ତି । ଏବେ କିଂତୁ ଏ ଦେଶରେ ବଂଗଳାର ବିଶେଷ ପ୍ରଭାବ ପଡ଼ିବାରୁ କେହି କେହି ଏଇ ପ୍ରକାଶରେ ନୂତନତ୍ୱ ଦେଖି ତା ପ୍ରବର୍ତାଇବାର ଉପକ୍ରମ କରନ୍ତି । ଅନୁକରଣ ସର୍ବଦା ଗର୍ହଣୀୟ ନୁହେ । ମାତ୍ର ଖାଇ ଜୀର୍ଣ କଲେ ଦେହରେ ଲଗେ, ଦେହ ସବଳ, ସୁସ୍ଥ ଓ ପୁଷ୍ଟ ହୁଏ । ତା ନ ହେଲେ ଅଜୀର୍ଣ ଏଉଡ଼ି ଉଠେ । ସେଥିରେ ହୁଏତ ଖାଦ୍ୟର ସ୍ୱାଦଗନ୍ଧ ଥାଏ ଓ ଅଧିକ ଅଜୀର୍ଣ ହୁଏ । ହେଲେ ସେଇ ଏଉଡ଼ି ଅତ୍ୟନ୍ତ ବିସ୍ୱାଦ ଓ ଦୁର୍ଗନ୍ଧଯୁକ୍ତ, ସେଥିରେ ପ୍ରାଣୀର ଅମଂଗଳ ହୁଏ ।

ଏଇ ଅଯଥା ଅନୁକୃତ ରାଧାନାଥ ଓ ତାଙ୍କ ପରଠାରୁ ତାଙ୍କ ସମସାମୟିକ ଲେଖକମାନେ ଆରମ୍ଭ କରିଥିଲେ । ସେତେବେଳେ ବାମଣ୍ଡାର ବିଦ୍ୟୋତ୍ସାହୀ ରାଜା ଶ୍ରୀ ବାସୁଦେବ ସୁଢ଼ଳ ଦେବଙ୍କ ପଣ୍ଡିତ ସଭାରେ ଆଳଙ୍କାରିକ ଭାଷାରେ ନାମକରଣ ହୋଇଥିଲା 'ପୂର୍ଣମିତ୍ରାକ୍ଷର' । ମନେ ଅଛି ସେ କାଳେ ସ୍କୁଲ ଇନସ୍‌ପେକ୍‌ଟର ଥାଇ ରାଧାନାଥ ବାବୁ ସ୍କୁଲ ପରିଦର୍ଶନ ବେଳେ ପଚାରୁ ଥିଲେ—ଗୋଟିଏ ଦୁଷ୍ଟ ମିତ୍ରାକ୍ଷରର ଉଦାହରଣ ଦେଲ ? ଛାତ୍ର ହୁଏତ କହୁଥିଲା—

"ବାଟେ ଦେଖି ଅବଧାନ ଡରିଗଲେ ପୁଏ
ଚଟଶାଳୀ ପାଠ ଛାଟ କାହାକୁ ଯୋଗାଏ ।"

ପୁଣି ପ୍ରଶ୍ନ ହେଉଥିଲା—

ଗୋଟିଏ ଅପୂର୍ଣ ମିତ୍ରାକ୍ଷରର ଉଦାହରଣ ଦେଲ ? ଛାତ୍ର ହୁଏତ କହୁଥିଲା—

"ଦୁଇଟିଯାକ ଚୁଂଗୁଡ଼ି ନେଇଗଲା କାଉ
ପୁଅପାଇଁ ଚୁଂଗୁଡ଼ି ତ ନ ମିଳିବ ଆଉ ।"

ସ୍କୁଲର ପଣ୍ଡିତେ ବାବୁଙ୍କ ମନର ଗତି ଜାଣି ପିଲଙ୍କୁ ଏହା ବହୁତ ଯତ୍ନରେ ଶିଖାଇ ରଖୁଥିଲେ । 'ପୁଏ', 'ଗାଏ'—ଏଠାରେ 'ହୁଏ' ସଙ୍ଗେ

Digitized by srujanika@gmail.com

'ଆଏ' ପଡ଼ିଲା । ଏହା ଦୋଷଯୁକ୍ତ ବା ଦୁଷ୍ଟ ମିତ୍ରାକ୍ଷର । 'କାଉ' ସଙ୍ଗେ 'ଆଉ' ପକାଇଲେ ହେଲା ଅପୂର୍ଣ ମିତ୍ରାକ୍ଷର, କାହିଁକନା ଉପରର ଉପଧା ଆ-ଟି କ୍-ରେ ଯୋଡ଼ା ହୋଇଛି; ମାତ୍ର ତଳର ଉପଧା ଆ-ଟି କାହାରି ସଙ୍ଗେ ଯୋଡ଼ା ନୋହି ଶୂନ୍ୟରେ ଲମ୍ବିତ ।

ବର୍ଣଶିଳ୍ପର ଏ ଆଲୋଚନାରେ ବୈଜ୍ଞାନିକ ବିଶେଷତ୍ୱ ଥାଇପାରେ, ମାତ୍ର ଏହା ଓଡ଼ିଆ ନୁହେଁ। ଏହା ବଙ୍ଗଳା ଗ୍ରାସର ଆତ୍ୟନ୍ତିକ ଅଜୀର୍ଣ । ଏଥିରେ ପୁଣି ଇଂରେଜି ଖାଦ୍ୟର ଦୋଷ ବି କିଂଚିତ୍ ରହିଚି । ବଙ୍ଗଳାରେ ଅଧିକାଂଶ ଶବ୍ଦ—ପ୍ରାୟ ବିଶେଷ୍ୟ ଓ ଅବ୍ୟୟ ମାତ୍ରେ—ଉଚ୍ଚାରଣରେ ଶେଷ ସ୍ୱର ହରାନ୍ତି । ଯଥା—ବେଶ୍, ଆର୍ ଇତ୍ୟାଦି । ଇଂରାଜିରେ ମଧ୍ୟ ସେଇ କଥା ଆଉରି ବେଶି ପରିମାଣରେ ସତ୍ୟ । କିଂତୁ ଓଡ଼ିଆରେ ତା ନୁହେ ।

ମିତ୍ରାକ୍ଷର ଏକ ଶ୍ରେଣୀର ପଦ୍ୟ କବିତାର ଏକ ଅତି ଆବଶ୍ୟକୀୟ ବିଧି । ଏହା ଅଳଙ୍କାର ନୁହେ । ଶେଷ ସ୍ୱରଯୁକ୍ତ ବର୍ଣ ଇଂରାଜିରେ (Syllable) ଦୁଇଟି ଏଥିରେ ସମାନ ରହିବାର କଥା । ବଙ୍ଗଳାରେ କେଶ୍-ର ଶେଷ ସ୍ୱରଯୁକ୍ତ ବର୍ଣ 'ଶ୍' ନୁହେ । ଏହା 'ଏଶ' । ତେଣୁ ଏହା ଦେଶ୍ ବା ବେଶ୍-ର 'ଏଶ୍' ସଙ୍ଗେ ମିଳିଲେ ମିତ୍ରାକ୍ଷର ଠିକ୍ ରହିବ । ଏଇ ହେତୁରୁ ବଙ୍ଗଳାରେ ଉପଧା ବା ଅନ୍ତ୍ୟବର୍ଣର ପୂର୍ବସ୍ୱର ମିଳାଇବା ବିଧିଟି କାଳକ୍ରମେ ବିକାଶ ପାଇଚି । ଇଂରେଜିରେ ମଧ୍ୟ ସେଇ କଥା । ପୁଣି ଇଂରେଜିରେ ଶେଷରେ ସ୍ୱର ଥିଲେ ସେଇ ସ୍ୱର ସଙ୍ଗେ ମିଳି ରହିଥିବା ବ୍ୟଂଜନ ମିଳନ ଦରକାର ହୁଏ ନାଇ । ଇଂରେଜିରେ କେ—(Kay) ସଙ୍ଗେ ଡ଼େ—(Day), ରେ—(Ray) ବା ଟ୍ରେ—(Tray) ମିଳିଲେ ପୂର୍ଣ ଓ ଅଦୁଷ୍ଟ ମିତ୍ରାକ୍ଷର ହୁଏଁ ।

ମାତ୍ର ଓଡ଼ିଆ ଭାଷାର ଉଚ୍ଚାରଣରେ କୁତ୍ରାପି ଶେଷରେ ହଲନ୍ତ ଉଚ୍ଚାରଣ ନାହିଁ । ତେବେ ଉପଧାର ମିଳନ ମିତ୍ରାକ୍ଷର ପାଇଁ କି ଦରକାର ? କୌଣସି ଅଳଂକାର ପାଇଁ ତାହା ଲୋଡ଼ା ହୋଇପାରେ । ସେଥିପାଇଁ ଓଡ଼ିଆରେ ସର୍ବଯମକ ପର୍ଯ୍ୟନ୍ତର ବ୍ୟବସ୍ଥା ମଧ୍ୟ ଅଛି । ଯଥା—

Digitized by srujanika@gmail.com

"ଅହି—ମକର ଡାପନାଶେ ଶୋଭି ସାରସ ଚନ୍ଦେ
ଅହିମ—କର ଡାପନାଶେ ଶୋଭି ସାରସ ଚନ୍ଦେ ।"

—ଲାବଣ୍ୟବତୀ

ଅଳଂକାର କଥା ସ୍ୱତନ୍ତ୍ର । ତାହା ସବୁ ପଦ୍ୟରେ ଲୋଡ଼ା ନାହିଁ । ତେବେ ପୂର୍ଣ୍ଣ ମିତ୍ରାକ୍ଷର ପାଇଁ ଉପଧା ମିଳନର ଲୋଡ଼ା କେଉଁଠାରେ ? ର ସଙ୍ଗେ ର ପଡ଼ିଲେ ଓଡ଼ିଆରେ ହେଲା । ର (ର୍+ଅ) ଓଡ଼ିଆରେ ବ୍ୟଂଜନ ନୁହେ । ଏହା ସ୍ୱରାନ୍ତ ବ୍ୟଂଜନ । ଇଂରେଜୀ ଖାତରେ ମଧ୍ୟ ଓଡ଼ିଆରେ ର (ର୍+ଅ) ସଙ୍ଗେ କ (କ୍+ଅ) ପଡ଼ିଲେ ପୂର୍ଣ୍ଣ ମିତ୍ରାକ୍ଷର ହୁଅନ୍ତା । କାହିଁକନା, ଉପଧା ହେଉ ବା ଅନ୍ତ୍ୟ ହେଉ ଶେଷ ସ୍ୱରର ମିଳନହିଁ ମିତ୍ରାକ୍ଷରର ପ୍ରାଣ । ଦେଶ ସଙ୍ଗେ ହାସ ମିଳାଇଲେ ବଂଗଳାରେ ଯାହା, ର (ର୍+ଅ) ସଙ୍ଗେ କ (କ୍+ଅ) ମିଳାଇଲେ ଓଡ଼ିଆରେ ତାହାହିଁ । ବହୁକାଳ ପ୍ରଚଳିତ ବଧିରେ ପଡ଼ି ବଂଗଳାରେ ଯେପରି ହାସ୍ ସଙ୍ଗେ ବେଶ୍ ପକାଇଲେ ଦୁଷ୍ଟ ମିତ୍ରାକ୍ଷର, ଓଡ଼ିଆରେ ସେହିପରି କ ସଙ୍ଗେ ର ପକାଇଲେ ଦୁଷ୍ଟ ହୁଏ । ମାତ୍ର ଓଡ଼ିଆରେ ଉପଧା ମିଳନ ରୂଢ଼ି ଆଉ ଏକ ପ୍ରଚଳିତ ବିଧି ତିଆରି କରିବାର କିଛି ଦରକାର ନ ଥିଲା କି ନାହିଁ ।

ବଂଗଳାରେ ଦ୍ରାବିଡ଼ର ପ୍ରଭାବ ଯଥେଷ୍ଟ ଅଛି । ମଦ୍ଧମାମସ୍ତି ସେନ ରାଜବଂଶ ଦ୍ରାବିଡ଼ ଥିଲେ, ପୁଣି ଓଡ଼ିଶା ପରି ବଂଗଳାର ଲୋକେ ବହୁଶଃ ଦ୍ରାବିଡ଼ରକ୍ତସଂଭୂତ । ଭାଷାରେ ମଧ୍ୟ ଦ୍ରାବିଡ଼ ଶବ୍ଦର ସଂଖ୍ୟା ଖୁବ୍ ବେଶି । ସେଥିପାଇଁ ଓଡ଼ିଆପରି ବଂଗଳାରେ ସ୍ୱରମାନେ ପ୍ରାୟ ଦ୍ରାବିଡ଼ ଖାତରେ ଉଚ୍ଚାରିତ ହୁଅନ୍ତି । ମାତ୍ର ଏ ପ୍ରଭାବ ବଂଗଳାରେ ଓଡ଼ିଆ ପରି ବ୍ୟାପକ ନୁହେ । ବଂଗଳାରେ ଐ, ଔ ଏବେ ମଧ୍ୟ ଉଚ୍ଚାରଣରେ ଗୁରୁ । ପୁଣି ଶବ୍ଦମାନେ ହଲନ୍ତଯୁକ୍ତ ଥିବାରୁ ବର୍ଣ୍ଣର ପୂର୍ବସ୍ୱର ଗୁରୁ ଉଚ୍ଚାରଣ ପାଏ ।

ମନ କହିଲେ ମ-ର ଅ-ଟି ହ୍ରସ୍ୱ । ମାତ୍ର ମନ୍ କହିଲେ ମ-ର ଅ-ଟି ଦୀର୍ଘ ହେଲା । ହେଲେହେଁ ମନ ଯେପରି ଦୁଇଟି ମାତ୍ରା, ମନ୍ ମଧ୍ୟ ସେଇପରି ଦୁଇଟି ମାତ୍ରା । କିଂତୁ ମନ୍-ର ଅ-ଟି ଏକାବେଳକେ ଦ୍ୱିମାତ୍ରିକ । ମ୍ ଓ ନ୍ ର ବ୍ୟଞ୍ଜନା ସେଇ ଅ-ସଂଗେ ମିଶିଯାଏ । ସେଇ ଅନୁକ୍ରମେ ନନ୍ଦନ୍ କହିଲେ

Digitized by srujanika@gmail.com

ବଙ୍ଗଳାରେ ନନ୍+ଦନ୍ ହୁଏ, ଏହା ଗୁରୁ ମାତ୍ରା। ଓଡ଼ିଆରେ ନନ୍ଦନ ତିନି ମାତ୍ରା। ନ୍ଦ-ଟିରେ ନ୍—ଦ ମିଶି ତରଳ ହୋଇ ଗୋଟିଏ ମାତ୍ରାରେ ଉଚ୍ଚାରିତ ହୁଏ।

ବଙ୍ଗଳାର ଏଇ ବିଶେଷତ୍ୱଟି ରବୀନ୍ଦ୍ରନାଥ ପ୍ରଥମେ ଭଲକରି ବାହାର କରି ଦେଖାଇଦେଲେ। ହେଲେହେଁ ଭାରତଚନ୍ଦ୍ର ପ୍ରଭୃତିରେ ମଧ୍ୟ ଏହାର ଆଭାସ ସ୍ପଷ୍ଟ ମିଳେ। ସେଠାରେ ମଧ୍ୟ ଏହା ବୈଜ୍ଞାନିକ ରୀତିରେ କରା ହୋଇଛି। ଏଇ ରୀତିରେ ଐ, ଔ ହଲନ୍ତ ଆ-ଯୁକ୍ତ ବର୍ଣ୍ଣର ପୂର୍ବ ବା ସେଥି ସଂଗେ ଅନୁସ୍ୱାରଯୁକ୍ତ ଓ ବିସର୍ଗଯୁକ୍ତ ସ୍ୱର ଗୁରୁ, ଆଉ ସବୁ ହ୍ରସ୍ୱ ବା ଏକ ମାତ୍ରିକ।

ରବୀନ୍ଦ୍ରନାଥ ମଧ୍ୟ ଏଇ ରୀତିରେ ସବୁ କବିତା ଲେଖନ୍ତି ନାହିଁ। ପୁଣି ଏଇ ରୀତିର ସୌଷ୍ଠବ ରକ୍ଷିବାରେ ରବୀନ୍ଦ୍ରନାଥଙ୍କ ପରି ସିଦ୍ଧହସ୍ତ ମନୀଷୀ ବାଟ ଦେଖାଉଛନ୍ତି।

ଓଡ଼ିଆରେ କିନ୍ତୁ ଏଇ ରୀତିର ଅନୁକରଣ ମହାନଦୀ ବଢ଼ିପରି ଚାଲିଛି। ସେଥିରେ ପୁଣି ଲୋକଙ୍କ ଭିତରେ ଏ ଶୈଳୀ ପ୍ରଚାରିବାର ଉଦ୍ୟମ ଥିଲାପରି କୌଣସି ପ୍ରମାଣ ମିଳୁନାହିଁ। ଖାଲି କବିତା ଲେଖିଦେଇ କେତେ ଜଣ ବଙ୍ଗଳା ପଢ଼ାଙ୍କ ଭିତରେ ବସି ଖୁସି ହୋଇ ପରସ୍ପରର ଶ୍ଳାଘା କରିବାରେ ଓଡ଼ିଆ ଭାଷାର ପ୍ରାଣ ଫୁଟିବ ନାହିଁ। ଅନ୍ୟଠାରୁ ଭଲ ଜିନିଷଟିଏ ଆଣିବାରେ ଆପତ୍ତି ନାହିଁ, ତାହା ପୁଣି ଜାଣିଲେ ମଧ୍ୟ ଖୁବ୍ ଭଲ। ମାତ୍ର ଆଣିବାର ଜିନିଷ ବାଛିବାରେ, ତାକୁ ଚଳାଇବାର ପ୍ରଣାଳୀ ଓ ପଦ୍ଧତିରେ କିଛି ଚିନ୍ତା ତୁଳନା କରିବାର ଅଛି। ପୁଣି ଓଡ଼ିଆରେ ଏଇ ରୀତିରେ ଲିଖିତ ଅଳ୍ପମାତ୍ର କବିତାରେ ଏଇ ରୀତିର ଯଥାର୍ଥ ଆଲୋଚନାତ୍ମକ ବିଜ୍ଞାନ ଥିବାର ପ୍ରମାଣ ମିଳେ।

ଏ ସବୁକୁ ଉଦାହରଣ ଦେଇ ବୁଝାଇବାର ଏଠାରେ ଅବକାଶ ନାହିଁ। ଏହାଛଡ଼ା ସ୍ୱର ଛନ୍ଦ ବିଷୟରେ ମଧ୍ୟ କହିବାର ଅଛି, ପରେ କୁହାଯିବ। ଏ ମଧ୍ୟରେ କେହି ଏ ବିଷୟରେ ସଂଯତ ଆଲୋଚନା କଲେ ପ୍ରକାଶ କରାଯିବ।

---

Digitized by srujanika@gmail.com

# ଓଡ଼ିଆ ଛନ୍ଦ ଓ ଉପାନ୍ତ୍ୟ ମିଳନ *

ଶ୍ରୀଯୁକ୍ତ ବିନାୟକ ଦାସଙ୍କ 'ଓଡ଼ିଆ ଛନ୍ଦ ଓ ଉପାନ୍ତ୍ୟ ମିଳନ' ନାମକ ଲେଖାଟି ଅନ୍ୟତ୍ର ପ୍ରକାଶ ପାଇଲା । ଆମେ ଗତ ଥର 'ଓଡ଼ିଆ କବିତା ତଥା ଛନ୍ଦର ପ୍ରଗତି' ବିଷୟରେ ଆଲୋଚନାର ଟିକିଏ ସୂଚନା ଦେଇଥିଲୁ । ସେଥିରେ କହିଥିଲୁ, "କେହି ଏ ବିଷୟରେ ସଂଯତ ଆଲୋଚନା କଲେ ପ୍ରକାଶ କରାଯିବ" । ଶ୍ରୀଯୁକ୍ତ ବିନାୟକ ଦାସ ଲେଖିଛନ୍ତି, "ଛନ୍ଦ ସମ୍ବନ୍ଧେ ସଂଯତ ଲେଖା ପାଇଲେ ପ୍ରକାଶ କରିବ ବୋଲି 'ନବଭାରତ'ରେ ଲେଖାଯାଇଛି । ତେଣୁ ଏହି ଲେଖାଟି ପଠାଇଲି ।" ତାଙ୍କ ଲେଖାଟି ତେଣୁ ଆମ ଲେଖାର ଆଲୋଚନାତ୍ମକ ଭୂମ୍ୟୋବିକାଶ ରୂପେ ସେ କଳ୍ପନା କରିଛନ୍ତି, ଅତଏବ ନିମ୍ନଲିଖିତ କେତୋଟି କଥା ଲେଖାଯାଉଛି ।

'ଏହା କେହି ସ୍ୱପ୍ନରେ ବି ବିଶ୍ୱାସ କରିବେ ନାହିଁ ।' 'ଯେ ଚେଇଁ ଶୋଇଥିବ, ତାକୁ ଉଠାଇବା ଯେପରି ମୁସ୍କିଲ, ଯେ ନ ବୁଝିବାର ଭାଣ (ବାହାନା ?) ବା ଅଭିନୟ କରିବ, ତାକୁ ସେପରି ଯୁକ୍ତିତର୍କ ଦେଖାଇ ବୁଝାଇବା ବି ଦୁରୂହ ବ୍ୟାପାର ।'—ଏଭଳି କଥା, ସୂଚନା ଓ ବାକ୍ୟମାନ ଗମ୍ଭୀର, ସଂଯତ ସାହିତ୍ୟ ଆଲୋଚନାର ଅନୁକୂଳ ନୁହେ । ଅନୁସନ୍ଧିତ୍ସୁମାନେ ଏ ସବୁରେ ବିଭ୍ରାନ୍ତ ହୁଅନ୍ତି ନାଇ, ତେଣୁ ଏ ସବୁ ବଳରେ ଯେଉଁଠାରେ ଲେଖକ ନିଜ ଲେଖାକୁ ରସାଣିତ ବା ଟାଣୁଆ କରିବାକୁ ବସନ୍ତି, ସେଠାରେ ଚିନ୍ତାଶୀଳ ଅନୁସନ୍ଧିତ୍ସୁମାନେ ଲେଖାକୁ ହେୟ ମନେ କରନ୍ତି । 'ଏହା ନିଃସନ୍ଦେହରେ କୁହାଯାଇପାରେ'—ପ୍ରଭୃତି କହିବାରେ ଯୁକ୍ତି ଦୃଢ଼ତର ହୁଏ ନାଇ । ଅନ୍ତତଃ ସାହିତ୍ୟ ପତ୍ରର ସଂଯତ ଆଲୋଚନା ସେସବୁର ସ୍ଥାନ ନୁହେ ।

ପ୍ରଥମରୁ ଲେଖକ ସଂଗୀତ ଓ ଛନ୍ଦର ସୀମା ଠିକ୍ ରଖି ନପାରି ଆଲୋଚନାରେ ଅବିମିଶ୍ର ଧାରା ଧରି ପାରି ନାହାନ୍ତି । ସଂଗୀତ, ସ୍ୱରଶିଳ୍ପ;

---

* ପ୍ରଥମ ବର୍ଷ ୧୧ଶ ସଂଖ୍ୟା, ୧୩୪୬ ମେଷ (୧୯୩୯, ମେ) 'ନବଭାରତ'ର ଆଲୋଚନାରେ ପ୍ରକାଶିତ ।

Digitized by srujanika@gmail.com

ସେଥିରେ ଭାଷାର ଭାବ ଯେପରି ବନ୍ଧନ ନ ଥାଏ । ଛନ୍ଦ, କାବ୍ୟଶିଳ୍ପ; ସେଥିରେ ସ୍ୱର ଭାଷାର ଭାବକୁ ଅନୁସରଣ କରେ । ପ୍ରାଚୀନ ଓଡ଼ିଆ ଛନ୍ଦ ପାଇଁ ଗାଇବାଲୋକ ଦରକାର ହେଲେହେଁ, କେବଳ ସଙ୍ଗୀତଜ୍ଞର ଲୋଡ଼ା ନାହିଁ । ଛନ୍ଦର ଗତି ସଙ୍ଗେ ଚରିତ ଭାବର ଧାରା ମିଳାଇ ବୋଲିଜାଣିବା ସବୁ ଛନ୍ଦରେ ଲୋଡ଼ା—ପ୍ରାଚୀନ, ଆଧୁନିକ, ମିତ୍ରାକ୍ଷର, ଅମିତ୍ରାକ୍ଷର—ସର୍ବତ୍ର ଏହି ନିୟମ ଅନୁସନ୍ଧାନ କରାଯାଇପାରେ । ଭାଷାର ପ୍ରକୃତି ଯେପରି ମନୀଷୀମାନେ ଭିନ୍ନ ଭିନ୍ନ ବେଷ୍ଟନୀରେ ବିଭିନ୍ନ ଭାବରେ ତାକୁ ପ୍ରକାଶ କରନ୍ତି । ପରଂପରାରେ ମାନବର ସମୂହ ମନୀଷା ଏ କ୍ଷେତ୍ରରେ ବହୁ ସାହାଯ୍ୟ କରେ । ସେ ଯାହା ହେଉ, "ଗାଇ ବଜାଇ ପାରିବା ଲୋକ" ଓଡ଼ିଆ ପ୍ରାଚୀନ ଛନ୍ଦ ପାଇଁ ଲୋଡ଼ା ନାଇ । ଉଦାହରଣ ସ୍ୱରୂପ ଦେଖା ଯାଇପାରେ—

"ମଦନା ମା ମଦନା ମା (ମତେ) କିଏ ଡ଼ାକୁଛୁ ?
ବେମାରିଆ ପୁଅ ମୋର ଘରେ ପଡ଼ିଚି ।
ବୋହୂକୁ ଖୋଲ ସତରେ, ପୁଅକୁ କରିଚି ଜର
ବଇଦ ଡ଼ାକକୁ ମୁଁ ତ କାନ ପାତ୍ରିଚି ।
ମଦନା ମା ମଦନା ମା (ମତେ) କିଏ ଡ଼ାକୁଚି ?"

ଓଡ଼ିଆ ଯାତ୍ରାର ଏଇ ଛନ୍ଦଗାନଟି ସଙ୍ଗୀତର ସ୍ୱର ଲୟଠାରୁ କଥାବୃତ୍ତି ପର୍ଯ୍ୟନ୍ତ—ସବୁଥିରେ ସୁନ୍ଦର ପ୍ରକାଶ କରାଯାଇପାରେ । ଏଇ ଧାରରେ ଛନ୍ଦତତ୍ତ୍ୱ ଆଲୋଚନା କରି ନୂତନ ଓ ନବାଗତ ଛନ୍ଦମାନ ଚଳାଇବା ଉଚିତ । ସ୍ୱର୍ଗତଃ ଶ୍ୟାମସୁନ୍ଦର ରାଜଗୁରୁ ଏ ଧାରର ବୈଜ୍ଞାନିକ ଆଲୋଚନା ଆରମ୍ଭ କରିଥିଲେ ।

ଭାଷାର ପ୍ରକୃତି ଉପରେ ସୁଶୃଙ୍ଖଳ ଛନ୍ଦ ବିଭବ ଫୁଟାଇବାରେ ଓଡ଼ିଆର ବିଶେଷତ୍ୱ ଭାରତର ଦେଶୀଭାଷାମାନଙ୍କ ଭିତରେ ଅନନ୍ୟସାଧାରଣ । ଓଡ଼ିଆ ସଭ୍ୟତା ମଧ୍ୟ ଭାରତରେ ଅନନ୍ୟସାଧାରଣ । ତାହାର ସ୍ପଷ୍ଟ ନିଦର୍ଶନ ଜଗନ୍ନାଥ । ସେଇପରି ଓଡ଼ିଆର କାବ୍ୟକଳା ପ୍ରକାଶ କରିବାରେ ଛନ୍ଦ । ଓଡ଼ିଆରେ କାବ୍ୟର ନାମ ଛାନ୍ଦ, ଯଥା—ସେ ଛାନ୍ଦ ପଢ଼ୁଛୁ । ସଙ୍ଗୀତର ନାମ ଛାନ୍ଦ, ଯଥା—ଲାବଣ୍ୟବତୀରୁ ତିନି ଛାନ୍ଦ ପଢ଼ିଚି । ମଧୁବାବୁ ଲେଖିଥିଲେ ଛାନ୍ଦମାଳା, ଅର୍ଥାତ୍

Digitized by srujanika@gmail.com

କବିତାସମୂହ । ଭାରତର ଅନ୍ୟ କୌଣସି ଦେଶୀଭାଷାରେ ଏ ବିଭବ ନାହିଁ । ଏଥିରେ ସ୍ୱରଶିଳ୍ପ ଯେ ଭାବ ବିକାଶରେ ସାହାଯ୍ୟ ନ କରେ ତା ନୁହେଁ । ମାତ୍ର ଶୁଦ୍ଧ ଛନ୍ଦ ଓ ସ୍ୱରଶିଳ୍ପମୟ ସଙ୍ଗୀତ ଏକ ବସ୍ତୁ ନୁହେଁ । ଶୁଦ୍ଧ ବନ୍ଧୁ ଦରକାର ହେଲେ ସଙ୍ଗୀତ ପରି ବୋଲଯାଇପାରେ । ଅନ୍ୟାନ୍ୟ ଅନେକ କବିତା—ଏପରିକି କଥାଗୁଡ଼ିକ ମଧ୍ୟ ସେପରି ବୋଲିଯାଇପାରେ । ସାହିତ୍ୟ-ପୂର୍ଣ୍ଣ ସଙ୍ଗୀତ ରଚନା ମଧ୍ୟ ବିରଳ ନୁହେଁ । ବରଂ ଅଧିକାଂଶ ସଙ୍ଗୀତ ଲେଖକଙ୍କର ଏହାହିଁ ଆଦର୍ଶ ।

ଓଡ଼ିଆ ଛନ୍ଦ ବା ଶୁଦ୍ଧରେ "କୋଷ୍, ଅଭିଧାନ ବା ବ୍ୟାକରଣ ଅଥବା ଅନ୍ୟ ପକ୍ଷରେ ସ୍ୱରଲୟ ବା ତାଲ ସମନ୍ୱୟ" ଦରକାର ନାହିଁ । 'ଜୀବନଚିନ୍ତା', 'ନଶୀଥଚିନ୍ତା' ପରି ଦୁଇଟି ଗୋଟିଏ ପଦ୍ୟ ଛାଡ଼ିଦେଲେ ମଧୁବାବୁଙ୍କର ସବୁ ପଦ୍ୟ ଓଡ଼ିଆ ଶୁଦ୍ଧର ଛନ୍ଦରେ ଲେଖା । ରାଧାନାଥ ଓଡ଼ିଆ ଶୁଦ୍ଧର ଛନ୍ଦ ଛଡ଼ା ଅନ୍ୟ ଛନ୍ଦରେ କଦାପି ଲେଖି ନାହାନ୍ତି ।

"ଯାହାକୁ ରଖିବେ ଅନନ୍ତ । ତାକୁ କି କରେ ବଳବନ୍ତ ।।"

ଏ ନବାକ୍ଷରୀ ଭାଗବତ ବୃତ୍ତରେ କୌଣସି ଗୁରୁ ଲଘୁ ଉଚ୍ଚାରଣ କଳ୍ପନା ନାହିଁ । ଏଠାରେ ଅନନ୍ତ ଲଘୁମାତ୍ରା ଓ ବଳବନ୍ତ ଗୁରୁମାତ୍ରା । ରାଧାନାଥଙ୍କ ଲେଖାରେ କୁତ୍ରାପି ଏହି ଓଡ଼ିଆ ମାତ୍ରାଶୈଳୀର ବ୍ୟତିକ୍ରମ ନାହିଁ । ତେବେ ଯମକ ଅନୁପ୍ରାସାଦି ନିମନ୍ତେ ବେଳେ ବେଳେ ଓଡ଼ିଆରେ ବର୍ଣ୍ଣ ବ୍ୟବହାରରେ ସୁନ୍ଦର କ୍ରମ ଓ ସାମଞ୍ଜସ୍ୟ ଥାଏ । ସେଥିରେ ଉଚ୍ଚାରଣର ପରିମାଣ ଯେକି ବର୍ଣ୍ଣବିନ୍ୟାସର କ୍ରମରେ ଛନ୍ଦଗଠନର ନିୟମ ନାହିଁ । ସେଥିରେ ଯାହା ନାହିଁ ତାହା ସେଥିରୁ ଅର୍ଥ କରି ଟାଣିବା ଠିକ୍ ନୁହେଁ । 'ଭାରତବନ୍ଦନା' ଗୀତଗୋବିନ୍ଦ-ପ୍ରସିଦ୍ଧ ଭୈରବୀ ନାମକ ସଙ୍ଗୀତ ବୃତ୍ତ । ଏହା ମାତ୍ରାମିତା—ଜାତି । ମୋହମୁଦ୍ଗରାଦିରେ ଏହି 'ଜାତି' କିପରି ଗୁରୁ ସଙ୍ଗୀତମୟ ଛନ୍ଦରେ ଗଠିତ କରେ ତାହା ଦେଖିସାରି, 'ଭାରତବନ୍ଦନା'ର "ନୃପ ବୃତ୍ତରେ" ଓ "ଜାତି ପଦରେ" ଉଦ୍ଧାର କରିବାରେ ବିଶେଷତା କିଛି ନାହିଁ । ଲେଖକ ଯେଉଁ ବାଟେ ଏ ସବୁ ଆଲୋଚନା କରୁଛନ୍ତି, ସେବାଟେ ତହିଁରେ ପ୍ରବେଶ ନୁହେଁ ।

Digitized by srujanika@gmail.com

ଉପଧା ସ୍ୱର ମିଳନ ବର୍ବବର ଅସଙ୍ଗତ ଏହା କେହି କହୁନାହିଁ । ଆମେମାନେ କହିଥିଲୁ, "ଓଡ଼ିଆ ଭାଷାର ଉଚ୍ଚାରଣରେ କୁତ୍ରାପି ଶେଷରେ ହଲନ୍ତ ଉଚ୍ଚାରଣ ନାହିଁ । ତେବେ ଉପଧାର ମିଳନ ମିତ୍ରାକ୍ଷର ପାଇଁ କି ଦରକାର ? କୌଣସି ଅଳଂକାର ପାଇଁ ତାହା ଲୋଡ଼ା ହୋଇପାରେ । × × × ଅଳଂକାର କଥା ସ୍ୱତନ୍ତ୍ର । ସବୁ ପଦ୍ୟରେ ତାହା ଲୋଡ଼ା ନାହିଁ ।"

ପୁଣି ଆମେ କହୁଛୁ, "ଅନୁକରଣ ସର୍ବଦା ଗର୍ହଣୀୟ ନୁହେ ।" ମାତ୍ର ଅନୁକରଣରେ ଅନୁକୃତ ବସ୍ତୁଟିକୁ ନଜର କରି ନ ପାରିଲେ ଅନୁକରଣ ବିଡ଼ମ୍ବନା ହୁଏ । ରବୀନ୍ଦ୍ରଙ୍କ ଅନୁକରଣ କରିବାରେ ଆପତ୍ତି ନାହିଁ । ରବୀନ୍ଦ୍ର-ପ୍ରତିଭାର ଜ୍ୟୋତିଃ ଓଡ଼ିଆରେ କିଂଚିତ୍ ମାତ୍ର ପ୍ରତିଫଳିତ ହୋଇପାରିଲେ ଓଡ଼ିଆର ପ୍ରକୃତ ଉପକାର ହେବ । ମାତ୍ର ଯେଉଁମାନେ ସେ ପ୍ରତିଭାର ଜ୍ୟୋତିଃ ଓଡ଼ିଆକୁ ଆଣିବାରେ ନିଜକୁ ମାଧ୍ୟମ (medium) ବୋଲି ବିଚାରନ୍ତି, ସେମାନଙ୍କର ଏ ଦାୟିତ୍ୱ ଯଥାଯଥରୂପେ ବୁଝି କାର୍ଯ୍ୟରେ ହାତଦେବା ଉଚିତ ।

ରବୀନ୍ଦ୍ରନାଥଙ୍କ ଛନ୍ଦସୃଷ୍ଟି ଓ କାବ୍ୟକଳାରେ ଇୟୁରୋପୀୟ ରୀତିରୁ ଯଥାଯଥ ଆହରଣ ଥାଇପାରେ, କିନ୍ତୁ ତାହା ସର୍ବଥା ସର୍ବତୋଭାବରେ ବଙ୍ଗଳା ଭିତ୍ତି ଉପରେ ପ୍ରତିଷ୍ଠିତ । ଆହରଣ ଯେଉଁଠାରେ ଦେଖାପଡ଼େ ସେଠାରେ ସଂସ୍କୃତ ଓ ପ୍ରାକୃତର ରୂପ ସେଥିରେ ସ୍ପଷ୍ଟ । ସଂସ୍କୃତର ବୃତ୍ତ, ଜାତି ପ୍ରଭୃତିରୁ ରବୀନ୍ଦ୍ରଙ୍କର ସମସ୍ତ ଛନ୍ଦସୃଷ୍ଟି—ଏପରି କି କଥାଛନ୍ଦର ବଣିଷ୍ଟ ଶୈଳୀ ବାହାରିଛି, କିନ୍ତୁ ରୂପ ସବୁବେଳେ ବଂଗଳା । ଯେ କୈଶୋରରେ 'ଭାନୁସିଂହର ପଦାବଳୀ' ଭିତରେ ନିଜର ବିକାଶୋନ୍ମୁଖ ବିରାଟ ବ୍ୟକ୍ତିତ୍ୱ ପର୍ଯ୍ୟନ୍ତ ଲୁଚାଇ ପାରିଥିଲେ, ତାଙ୍କ କବିତା ଓ ଲେଖାରେ ଇୟୁରୋପୀୟ ଶୈଳୀର ଚିହ୍ନ ବାରିବା ସାଧାରଣ ସମାଲୋଚକର ଶକ୍ତିର ବହିର୍ଭୂତ । ସେ ଯହିଁରୁ ଯାହା ନିଅନ୍ତୁ, ବଙ୍ଗାଳୀ ରବୀନ୍ଦ୍ର ସବୁ ଉତ୍ତମରୂପେ ରୋଷାଇ ଖାଇ ଜୀର୍ଣ୍ଣ କରିପାରିଚନ୍ତି, ସେଥିରେ ଅଜୀର୍ଣ୍ଣ ଏଉଡ଼ି ନାହିଁ ।

ଓଡ଼ିଆର ଛନ୍ଦସୃଷ୍ଟି ଭାରତୀୟଭାଷାମାନଙ୍କ ମଧ୍ୟରେ ଅନନ୍ୟସାଧାରଣ ବୋଲି କୁହାଯାଇଚି । ଏତେ ପୁଷ୍କଳ ମୌଳିକ ଛନ୍ଦ ବିଭବ ମଧ୍ୟରେ ସେ

Digitized by srujanika@gmail.com

କାଳ ଓଡ଼ିଆ ଆହରଣପାଇଁ ଉତ୍କଣ୍ଠ ଥିଲେ । ନିଜର ମତୁଆଣୀ ଛନ୍ଦକୁ ସେମାନେ ନାମ ଦେଇଥିଲେ 'ବଂଗଳାଶ୍ରୀ'; ୧୪ ଅକ୍ଷର ମଙ୍ଗଳ ରାଗର 'ପୟାର' ଛଡ଼ା ବଙ୍ଗଳାରେ ଏହି ବିଂଶାକ୍ଷର ଦ୍ୱିପଦୀ' ବଂଗଳାର ବିଶେଷତ୍ୱ । ଏହି ଦ୍ୱିପଦୀ ବଡ଼ ସୁନ୍ଦର । ତେଣୁ ଓଡ଼ିଆ ଏହାର ନାମ ଦେଲେ ବଙ୍ଗଳାଶ୍ରୀ ବା ବଂଗ ଛନ୍ଦର ଲକ୍ଷ୍ମୀ ।ଏହି ବଂଗଳାଶ୍ରୀ ଛନ୍ଦଟିର ବିକାଶ କରି ଓଡ଼ିଆ ଅନେକ ରଚନା କରିଛନ୍ତି । ପ୍ରାୟ କୋଡ଼ିଏଟି ଛନ୍ଦ ଏହି ବଂଗଳାଶ୍ରୀରୁ ବାହାରିଥିବାର ଆମ୍ଭେମାନେ ଗଣନା କରିପାରିଅଛୁ । ଏହି ଛନ୍ଦ ଏବଂ ଏହାର ଶାଖାମାନେ ମଧ୍ୟ ସର୍ବଦା କଥାଛନ୍ଦଠାରୁ ସଙ୍ଗୀତର ସ୍ୱର ଲୟ ପର୍ଯ୍ୟନ୍ତ ଦିବ୍ୟଥିରେ ପ୍ରକାଶିତ ହୋଇ ପାରନ୍ତି । ଶ୍ରୀଯୁକ୍ତ ବିନାୟକ ଦାସ ଯେଉଁ ନବ ଛନ୍ଦଟି ଉଦାହରଣରେ ଦେଖାଇଛନ୍ତି, ତାହା ମଧ୍ୟ ଏଇ ବଂଗଳାଶ୍ରୀର ରୂପାନ୍ତର । ବୈଦେହୀଶବିଳାସରେ ଛନ୍ଦସ୍ୱର ଯେବ ଏହି ରୂପାନ୍ତରଟିର ନାମ ଲଳିତକାମୋଦୀ । ଏହି ସବୁ ଭାବରେ ଆଲୋଚନା କରି ଦେଖିଲେ ନୂତନ କଥାଛନ୍ଦରେ ମଧ୍ୟ ଓଡ଼ିଆ ପଲ୍ଲୀବାସୀର ପ୍ରାଣ ଆକର୍ଷଣ କରାଯାଇପାରେ । ତାହା ହୋଇ ନାହିଁ । ଏହାହିଁ ଆକ୍ଷେପ ।

ଗୁରୁ ଲଘୁ ଓଡ଼ିଆ ସ୍ୱରଯନ୍ତ୍ରର ବର୍ଣ ଉଚ୍ଚାରଣରେ ନାହିଁ । ସେଥିରେ ତତ୍ସମ ମଧ୍ୟ ଉଚ୍ଚାରଣରେ ତଦ୍ଭବ ହୋଇଯାଏ । 'ଖଣ୍ଡଗିରି ଗୁମ୍ଫା ଦେଖୁଛୁ' ଏଠାରେ ଖଣ୍‌+ଡ଼ ଗିରି ଗୁମ୍‌+ଫା ଦେଖୁଛୁ, ଏପରି କେହି ତତ୍ସମ ମାତ୍ରାମିତ ଉଚ୍ଚାରଣ କରନ୍ତି ନାହିଁ । ତାହା କପରି କରିବେ କବି ଲେଖିବା ପୂର୍ବରୁ ସେ କଥାର ଯଥାଯଥ ବିଚାର କରି ଲୋକଭାଷାରେ ଅନୁପ୍ରାଣିତ ରହିବା ଦରକାର । ଇଂରାଜୀରେ ଯାହାକୁ (Syllable) କହନ୍ତି, ସଂସ୍କୃତ ବା ତଦ୍ଭବ ଭାଷାରେ ତାହା ଏକସ୍ୱର ଯୁକ୍ତବର୍ଣ, ଯଥା—ଅ, ରି, ବାନ୍ । (Quantity) ବା ଉଚ୍ଚାରଣ ପରିମାଣ ଇଂରାଜୀରେ accent ସଂସ୍କୃତର ବର୍ଣର ଗୁରୁତ୍ୱରେ ପ୍ରକାଶିତ ହୁଏ । ଓଡ଼ିଆରେ ତାହା ନାହିଁ । ତେବେ କଥା କବିତାରେ ସର୍ବତ୍ର ଗୁରୁତ୍ୱ ପ୍ରକାଶ ପାଏ । ଓଡ଼ିଆରେ ତାହାର କଳ୍ପ ମାନ ସ୍ୱତନ୍ତ୍ର । ନିମ୍ନରେ ବଂଗଳାଶ୍ରୀର ଏକ ରୂପାନ୍ତର କଥା କବିତାରୁ ଦିଆଗଲା ।

Digitized by srujanika@gmail.com

ଝୁ—କୁ ମୁସି ଝୁକେଇ ମୁସି,
ରୁ—ଆ ମୁଁ— ଯାଉଚ ରୁସି—
ଧାନ ଭରଣକ ଖାଉଥା ବସି ।

ଏ ସବୁ ଛନ୍ଦରେ ଉଚ୍ଚାରଣର ପରିମାଣ ସ୍ପଷ୍ଟ । ଏହିସବୁ ବକ୍ତାର ଆଶଯ୍ୟସଂବଳିତ ବର୍ଣର ପରିମାଣକୁ ଧରି ଓଡ଼ିଆର ଗୁରୁ ଲଘୁ ନିୟମ ସଂସ୍କୃତ, ବଙ୍ଗଳା ପ୍ରଭୃତି ଭାଷାର ସାମଞ୍ଜସ୍ୟରେ ଫୁଟାଇ ପାରିବାର ମନୀଷା, ପାଣ୍ଡିତ୍ୟ ଓ ଅଧ୍ୟବସାୟ ଦରକାର । ଓଡ଼ିଆ କବିତା, ଓଡ଼ିଆ ଲୋକଙ୍କ ପାଇଁ ଲେଖିବାକୁ ହେବ । ଏ କଥା ସବୁବେଳେ ମନେରଖିବା ଉଚିତ । 'ଭାନୁସିଂହର ପଦାବଲୀ'ରେ ପ୍ରଥମ ପଦକ୍ଷେପ ପୂର୍ବକ ଯେଉଁ ବିଶ୍ୱ ମନୀଷୀ ନୂତନ ଛନ୍ଦ ସୋପାନରେ ଆରୋହଣ କରି ଆଜି ବଙ୍ଗଭାଷା ଓ ସାହିତ୍ୟକୁ ଜୀବନ୍ତ କରିଅଛନ୍ତି ତାଙ୍କର ଜୀବନବ୍ୟାପୀ ମହାପାଣ୍ଡିତ୍ୟ ଓ ସାଧନାର ସିଦ୍ଧିକୁ ଆଜି ଅନ୍ୟଭାଷୀ ଲୋକେ ହଠାତ୍ ଚିନ୍ତା ଓ ଗଣନାହୀନ ଭାବରେ ଅନୁକରଣ କରି ବସିବାହିଁ ଦୂଷଣୀୟ—ଯଥାର୍ଥ ଓ ଯଥାଯଥ ଅନୁକୃତି ଦୂଷଣୀୟ ନୁହେ ।

---

## ଗଦ୍ୟ-କବିତା *

### ଗଦ୍ୟ ଓ ପଦ୍ୟ

'ଗଦ୍ୟ-କବିତା' କଥାଟା କେତେଦୂର ପ୍ରୟୋଗସହ, ତାହା ଏଠାରେ ବିଚାର୍ଯ ନୁହେ । ସଂସ୍କୃତ ଅଳଙ୍କାର ହିସାବରେ ଏହା ଅପ୍ରଯୁକ୍ତତା 'ଦୋଷ'ରେ ପଡ଼ିଯାଇପାରେ । ତେବେ ନୂତନତାର ବେଦନା 'ଅପ୍ରଯୁକ୍ତ'କୁ 'ପ୍ରଯୁକ୍ତ' କରିଥାଏ । ସେଥିରେ ଅଘଟଣ କିଛି ନାହିଁ । ଗଦ୍ୟ ବୋଇଲେ, ମୁହଁର କଥା । ଏହାହିଁ ତାହାର ମୌଳିକ ଅର୍ଥ । ପ୍ରୟୋଗର ପ୍ରତିଷ୍ଠାରେ, ଏହାର ଅର୍ଥ ହେଉଚି, ପଦ୍ୟରୁ ଭିନ୍ନ । ସେଇ ପ୍ରୟୋଗର ପ୍ରତିଷ୍ଠାରେ ପୁଣି ପଦ୍ୟ ସଙ୍ଗେ କବିତାର ନିତ୍ୟ ସମ୍ବନ୍ଧ ପଡ଼ି ଆସିଚି ।

---

* ୪ର୍ଥ ବର୍ଷ, ୨ୟ ସଂଖ୍ୟା, ୧୩୪୪ କର୍କଟ (୧୯୩୭, ଅଗଷ୍ଟ) 'ନବଭାରତ'ର ଆଲୋଚନାରେ ପ୍ରକାଶିତ ।

Digitized by srujanika@gmail.com

ହେଲେହେଁ, ଗଦ୍ୟର ମୌଳିକ ଅର୍ଥ ହେଉଛି, ଯାହାର ପଦରେ, ଅର୍ଥାତ୍, ପଦର ପ୍ରୟୋଗ ରୀତିରେ ଛନ୍ଦ ନାହିଁ । ଏହି ହିସାବରେ, ମିତ୍ରାକ୍ଷରତା ପ୍ରଭୃତି ବହିରଙ୍ଗ ବା ଆଭରଣ ପଦ୍ୟର ସାରସତ୍ତ୍ୱ ନୁହେଁ ।

## କାହାଁକି ଏ ଲେଖା ?

ଗତବର୍ଷ ଏକାଦଶ ସଂଖ୍ୟା 'ନବଭାରତ'ରେ କବି ସଚ୍ଚିଦାନନ୍ଦ ରାଉତରାୟ 'ବନ୍ୟା' ବୋଲି ଗୋଟିଏ 'ଗଦ୍ୟ-କବିତା' ଲେଖିଥିଲେ । ତାଙ୍କର ଆଦରକାରୀ ବନ୍ଧୁ ସୁଲେଖକ ଶ୍ରୀମାନ୍ ଗୋପୀନାଥ ମହାନ୍ତି ସେଇ 'ଗଦ୍ୟ-କବିତା'ର ସମାଲୋଚନା ଏହି ବର୍ଷର ପ୍ରଥମ ସଂଖ୍ୟାରେ ପ୍ରକାଶ କରିଚନ୍ତି । ସମାଲୋଚନାରେ ବ୍ୟକ୍ତିଗତ କ୍ଷୋଭ ମଧ୍ୟ ବିଶେଷ ରକମ ପ୍ରକାଶ ପାଇଚି । ତେଣୁ ଆଜି ଆମେ ଏହା ଲେଖୁଚୁ ।

## ଇଉରୋପରେ ଗଦ୍ୟ କବିତା

'ଗଦ୍ୟ-କବିତା' ଇଉରୋପରେ ଏବେ ଆରମ୍ଭ ହୋଇଚି । ଇଂଲଣ୍ଡରେ 'ବେକନ୍' (Bacon) ଏହାର ଆଲୋଚନା ମାତ୍ର ଆରମ୍ଭ କରିଥିଲେ । ସେ କୌଣସି କୌଣସି ଉପନ୍ୟାସ (Novel) ବା ଉପନ୍ୟାସାଂଶକୁ 'ଗଦ୍ୟ-କବିତା' କୁହାଯାଇପାରେ ବୋଲି ମତ ମାତ୍ର ଦେଇଥିଲେ । ଯଥାର୍ଥ ଗଦ୍ୟ-କବିତା ସେ ଦେଶରେ ଲେଖାହେବା ଏବର କଥା ।

## ପଦବିନ୍ୟାସ

ଏବେ ଶିଳ୍ପିବର ରବୀନ୍ଦ୍ରନାଥ ଯେଉଁ କଥା-ଛନ୍ଦ ଆରମ୍ଭ କରିଚନ୍ତି, ତାହା ଏକପ୍ରକାର ଗଦ୍ୟ-କବିତା । ତାହାର ସ୍ୱର ଓ ବର୍ଣ୍ଣ ଛନ୍ଦ, କ୍ଷୀଣ-ପୁଷ୍କଳ, ଉଚାବଚ, ଋଜୁ-ତିର୍ଯ୍ୟକ୍ ପ୍ରକାଶ ସଙ୍ଗେ ଯେପରି ଗଢ କରେ, ତାହା ବୁଝାଇ କହିବାର ଉଦ୍ୟମରୁ ବହୁଦୂରରେ । ସେ ଅନୁଭବ୍ୟ, ବର୍ଣ୍ଣନୀୟ ନୁହେ । ଶୃଙ୍ଗାରଗର୍ଭକୌରବ ରୀତିରେ ସଂସ୍କୃତ କବି କହିଅଛନ୍ତି—

"ତସ୍ୟା ବଦନତସ୍ୟା କିଂବା<br>
ତସ୍ୟା କବିତସ୍ୟା ଚ କିଂ<br>
ପଦବିନ୍ୟାସମାତ୍ରେଣ<br>
ଯସ୍ୟା ନାପହୃତଂ ମନଃ ।"

Digitized by srujanika@gmail.com

ଅର୍ଥାତ୍, ପଦବିନ୍ୟାସ ମାତ୍ରକେ ଯେ ମନକୁ ହରଣ ନ କରେ, ସେ ବନିତା ବନିତା ନୁହେ, କି ସେ କବିତା, କବିତା ନୁହେ ।

## ଧ୍ୱନି

ଏଠାରେ ଗଦ୍ୟ ପଦ୍ୟର ଭେଦରେ କବିତାର ରୂପରେଖା ସୂଚିତ ହୋଇନାହିଁ । କିଣ ସୂଚିତ ହୋଇଚି, ତା ବିଶଦ କରି ବୁଝାଇବା ମଧ୍ୟ ସହଜ ନୁହେ । ମଧ୍ୟଯୁଗର ଆଲଂକାରିକମାନେ ଏଇ କଥା ବୁଝାଇବାକୁ ବହୁ ପ୍ରଯତ୍ନ କରି କୃତକାର୍ଯ୍ୟ ହୋଇନାହାନ୍ତି । ସେମାନେ ଏଇ ସୂଚନା ବା ବ୍ୟଞ୍ଜନାକୁ କହନ୍ତି 'ଧ୍ୱନି' । ଏଇ ଧ୍ୱନିହିଁ କବିତାର ପ୍ରାଣ । କିଂତୁ ଏ ଧ୍ୱନିକୁ ବୁଝାଇବାର ଅନ୍ୟ କିଛି ଉପାୟ ନାହିଁ ।

## ରସାତ୍ମକ ବାକ୍ୟହିଁ କବିତା

ଆଲଙ୍କାରିକ ବିଶ୍ୱନାଥ କବିରାଜ ମହାପାତ୍ର ନିଜର 'ସାହିତ୍ୟଦର୍ପଣ'ରେ କାବ୍ୟ (କବିତା) କିଣ, ଏହା ବୁଝାଇବାକୁ ବହୁ ଚେଷ୍ଟାକରି, ଶେଷକୁ କହିଲେ, "ବାକ୍ୟଂ ରସାତ୍ମକଂ କାବ୍ୟଂ", ଅର୍ଥାତ୍, ରସାତ୍ମକ ବାକ୍ୟ ହେଉଚି, କବିତା । ବାକ୍ୟରେ ଭାବ ପ୍ରକାଶ ପାଏ, ବ୍ୟଞ୍ଜନାରେ ରସ ସ୍ଫୁଟ ହୁଏ । ତେବେ ଏ ରସଟି ବା କିଣ ? ଆଲଙ୍କାରିକମାନେ କେତେ ଅନର୍ଥ କରି ତାକୁ ବୁଝାଇବାକୁ ଚେଷ୍ଟା କରିଚନ୍ତି । ମାତ୍ର ଉଦ୍‌ଭଟ୍ଟ କବି ସବୁ ପଢ଼ିସାରି ବୁଝାଇପାରି କହିଚନ୍ତି—

"ଅରସିକେଷୁ ରସସ୍ୟ ନିବେଦନଂ
ଶିରସି ମାଲିଖ ମାଲିଖ ମାଲିଖ ।"

ଅର୍ଥାତ୍, ଯେ ରସ ଅନୁଭବ ନ କରିବ, ରସ କିଣ, ଏହା ତାକୁ ବୁଝାଇବା ମୋ ଭାଗ୍ୟରେ ନ ଘଟୁ । ହେ ମହାପ୍ରଭୁ, ନ ଘଟୁ, ନ ଘଟୁ ।

## ଏ ଦେଶରେ ପ୍ରାଚୀନ କବିତା ଏକା ପଦ୍ୟ ନୁହେ

ଯେ ଯାହା ହେଉ, ଏ ଦେଶର ପ୍ରାଚୀନ ସଂସ୍କୃତିରେ କବିତାରେ ଗଦ୍ୟ ପଦ୍ୟର ଭେଦ ନାହିଁ । 'ପଞ୍ଚତନ୍ତ୍ର' ମଧ୍ୟ କାବ୍ୟ । ବାଣଭଟ୍ଟ ଗଦ୍ୟ-କାବ୍ୟ

Digitized by srujanika@gmail.com

ବୋଲି 'କାଦମ୍ବରୀ' ଲେଖିଥିଲେ । ପୁଣି ଗଦ୍ୟ ପଦ୍ୟ ମିଶା କାବ୍ୟର ନାମ ହେଉଛି 'ଚମ୍ପୂ' ।

## ସ୍ତୋତ୍ରବାଦ

ଖାଲି ସରଳ ଗଦ୍ୟରେ କିପରି କାବ୍ୟ (କବିତା) ହୁଏ, ତାହା ସଂସ୍କୃତର ଅନେକ ଧ୍ୟାନ ଓ ସ୍ତୋତ୍ରରେ ସ୍ପଷ୍ଟ ଦେଖା ଯାଇପାରେ । ଗାୟତ୍ରୀ ଧ୍ୟାନରେ ଅଛି—

( ୪ ଅକ୍ଷର) ଧ୍ୟେୟଃ ସଦା (୭ ମାତ୍ରା)
(୧୦ ,, ) ସବିତୃମଣ୍ଡଳ ମଧ୍ୟବର୍ତ୍ତୀ (୧୪ ମାତ୍ରା)
( ୪ ,, ) ନାରାୟଣଃ (୭ ମାତ୍ରା)
(୧୦ ,, ) ସରସିଜାସନ ସନ୍ନିବିଷ୍ଟଃ (୧୩ ମାତ୍ରା)
( ୪ ,, ) କେୟୂରବାନ୍ (୭ ମାତ୍ରା)
( ୭ ,, ) ମକରକୁଣ୍ଡଳବାନ୍ (୯ ମାତ୍ରା)
( ୩+୨=୫ ଅକ୍ଷର) କିରୀଟୀହାରୀ (୫+୪=୯ ମାତ୍ରା)
( ୬+୬=୧୨ ଅକ୍ଷର) ହିରଣ୍ମୟବପୁର୍ଧୃତ ଶଂଖଚକ୍ରଃ
(୮+୮=୧୬ ମାତ୍ରା)

ଏଠାରେ ପ୍ରଥମ ସ୍ତର ଧାଡ଼ିରେ ବର୍ଣ୍ଣସଂଖ୍ୟାର ଯେଉଁ ଏକାନ୍ତର ସମତା ଅଛି, ପୁଣି ମଧ୍ୟେ ମଧ୍ୟେ ଯେଉଁ ମାତ୍ରାସାମ୍ୟ ବା ଦେଖାଯାଏ, କୌଣସିଟି ଏହାକୁ ଯଥାର୍ଥ ପଦ୍ୟ କରି ପାରିବ ନାହିଁ । ତଥାପି ବର୍ଣ୍ଣ ତଥା ମାତ୍ରା ବିନ୍ୟାସର ପରିପକ୍ୱତାରେ ଏହା ଏପରି ନିଖୁଣ ଯେ, ଧ୍ୟାନଟି ପଢ଼ିବାରେ ପ୍ରାଣ ଭାବରେ ମିଶି ଉପାସ୍ୟରେ ଐକାନ୍ତ ହୋଇଯାଏ । ଯେ ଗାୟତ୍ରୀ ସ୍ମରଣ କରନ୍ତି, ସେ ଏଇ ଧ୍ୟାନରେ ମନକୁ ଏକାଗ୍ର କରି ତା ପରେ ଗାୟତ୍ରୀ ଜପ କରନ୍ତି । ଏତଦ୍ଵାରା ଏହାର ବିନ୍ୟାସ ପରିପାଟୀର ଯୁକ୍ତତା ବୁଝାଯିବ । ବାକ୍ୟ ବା ପଦ ବିକାଶର ଧ୍ୱନି ଅଥବା ଭାବର ବ୍ୟଂଜନାରେ ପ୍ରାଣରେ ଅଭିପ୍ରେତ ବା ଅନୁଭୂତ ସ୍ପନ୍ଦନ ଉଠାଇବାର କବିତାର ଲକ୍ଷ୍ୟ । ଉପରେ ଯେଉଁ ଗଦ୍ୟ କବିତାଟି ଦିଆଗଲା, ତାହା ହୁଏତ ସଂସ୍କୃତରେ ଯାହାକୁ ପଦ୍ୟ କହନ୍ତି, ସେଥିରେ ଏହିପରି ଲେଖାଯାଇ ପାରନ୍ତା—

Digitized by srujanika@gmail.com

ଧ୍ୟେୟଃ ସଦା ସବିତୃମଣ୍ଡଳମଧ୍ୟବର୍ତ୍ତୀ
ନାରାୟଣଃ ସରସିଜାସନସନ୍ନିବିଷ୍ଟଃ ।
କେୟୂରବାନ୍ ମକରକୁଣ୍ଡଳବାନ୍ କିରୀଟୀ
ହାରୀ ହିରଣ୍ମୟବପୁର୍ଧୃତଶଙ୍ଖଚକ୍ରଃ ॥

ଧ୍ୟେୟଃ ସଦା ଭାସ୍କରମଣ୍ଡଳସ୍ଥଃ
ନାରାୟଣଃ କଂକଣହାରଧାରୀ
ପଦ୍ମାସନଃ କୁଣ୍ଡଳ-ଶଂଖ-ଚକ୍ର-
କିରୀଟଧାରୀ ଚ ହିରଣ୍ୟବର୍ଣ୍ଣଃ ।

ଏ ପଦ୍ୟ ହେଲା, କିନ୍ତୁ ତା ପର କବିତା ହେଲା ନାହିଁ । ପୁଣି 'ସବିତା'ଠାରେ 'ଭାସ୍କର' ପଦ ଓ 'ହିରଣ୍ମୟବପୁ'ଠାରେ ହିରଣ୍ୟବର୍ଣ୍ଣର ପ୍ରୟୋଗରେ ମଧ୍ୟ ଭାବର ସ୍ପନ୍ଦନ ହ୍ରାସ । କାରଣ, ବେଦର ପ୍ରୟୋଗ ସଙ୍ଗେ ଭାବର ଯେ ସମ୍ପର୍କ ପରଂପରାରେ ଗଢ଼ି ଆସିଥିଲା, ତା ଏଠାରେ ନାହିଁ । 'କେୟୂର'ଠାରେ 'କଂକଣ' ମଧ୍ୟ ସ୍ୱରର ଠିକଏ ବିସଦୃଶତା ଓ ଲଘୁ ବୈଷମ୍ୟରେ 'ଧ୍ୱନି'ର ନ୍ୟୂନତା ପ୍ରକାଶ କରୁଛି । 'ସରସିଜାସନ'ଠାରୁ 'ପଦ୍ମାସନ'ର ପ୍ରୟୋଗ ଗୁରୁତର ହେଲେହେଁ, ଏଠାରେ ଗଦ୍ୟ-କବିତାରେ ଦୁଇଟି ଗୁରୁବର୍ଣ୍ଣ ଅସ୍ଥାନରେ ଏକତ୍ର କରି ଉଚ୍ଚାରଣ କର୍କଶ କରିଦିଅନ୍ତି । ଏ ସବୁ କହି ମଧ୍ୟ ଏ ସବୁ ବୁଝାଇ କହିହେବ ନାହିଁ, ଏହା ମଧ୍ୟ ବୁଝିବାର ଅଛି ।

ଏତିକି ମାତ୍ର କୁହାଯାଇପାରେ, ଅତି ଅର୍ବାଚୀନ ସ୍ତୋତ୍ରରେ ମଧ୍ୟ କବିମାନେ ଏଇ ଗଦ୍ୟ-କବିତାର ଆଶ୍ରୟ ନେଇଛନ୍ତି । ଯଥା—

ଧ୍ୟାୟେ, ସୁବର୍ଣ୍ଣବର୍ଣ୍ଣାଭାଂ, ତ୍ରିନେତ୍ରାଂ
ସୁରୁହାସିନୀଂ, ସର୍ବଲକ୍ଷଣସମ୍ପନ୍ନାଂ
ଅର୍ଦ୍ଧେନ୍ଦୁକୃତଶେଖରାଂ, ଚତୁର୍ଭୁଜାଂ, ଶଂଖଚକ୍ରଧରାଂ
ବାଲାଂ, ସୁରୂପିଣୀଂ, ଉଦ୍ୟତ୍ ତ୍ରିଶୂଳ ନିର୍ଭିନ୍ନ ମହିଷାଂ,
ସିଂହବାହନାଂ, ମୁକ୍ତା-ଦାମ-ଲସତ୍କଣ୍ଠାଂ,
ମୁନିଭିଃ ସ୍ତୁତପାଠକୈଃ, ସିଦ୍ଧୈର୍ଦେବଗଣୈର୍ଯୁକ୍ତାଂ
କୁମାରୀଭିଃ ସେବିତାଂ, ସର୍ବକାମପ୍ରଦାଂ
ଦୁର୍ଗାଂ, ବରଦାଂ, ଭକ୍ତବତ୍ସଲାଂ ।

Digitized by srujanika@gmail.com

## ବେଦରେ

କେବଳ ସ୍ତୋତ୍ର ବା ଧ୍ୟାନରେ ନୁହେ, କିମ୍ବା କେବଳ ଭାଷା-ସଂସ୍କୃତରେ ନୁହେ, ବୈଦିକ ସାହିତ୍ୟରେ ମଧ୍ୟ ଋଷି ବିଶ୍ୱନିଯନ୍ତାଃ ବର୍ଣ୍ଣନ କରି କହିଛନ୍ତି—

ସ ପର୍ଯ୍ୟଗାତ୍, ଶୁକ୍ର ମକାୟ ମବ୍ରଣଂ, ଅସ୍ନାବିରଂ,
ଶୁଦ୍ଧମପାପବିଦ୍ଧଂ, କବିର୍ମନୀଷୀ, ପରିଭୂଃ ସ୍ୱୟଂଭୂଃ,
ଯଥା ତଥ୍ୟତୋଽର୍ଥାନ୍ ବ୍ୟଦଧାତ୍, ଶାଶ୍ୱତୀଭ୍ୟଃ, ସମାଭ୍ୟଃ ।

ପୁଣି

ହଂସଃ ଶୁଚିଷଦ୍, ବସୁ ରନ୍ତରୀକ୍ଷସଦ୍, ହୋତା ବେଦିସଦ୍,
ଅତିଥିର୍ଦୁରୋଣସଦ୍, ନୃଷଦ୍, ବରସଦ୍, ଋତସଦ୍,
ବ୍ୟୋମସଦ୍, ଅବ୍ଜା, ଗୋଜା, ଋତଜା,
ଅଦ୍ରିଜା, ଋତଂ, ବୃହତ୍ ।

## ମିତାକ୍ଷରର ଛନ୍ଦ

ମନେରଖିବାର ଅଛି, ସଂସ୍କୃତର ଛନ୍ଦ-ପଦ୍ୟରେ ମିତ୍ରାକ୍ଷର ନାହିଁ । ଜାତି-ପଦ୍ୟରେ ବହୁ ପରେ ତାହା ପ୍ରବେଶ କଲା । ଆର୍ଯ୍ୟପରିଜାତ ପଦ୍ୟରେ ତାହା ଜମା ନ ଥିଲା । ଶଙ୍କରାଚାର୍ଯ୍ୟଙ୍କ ମୋହମୁଦ୍‌ଗରରେ ତାହା ପ୍ରଥମେ ଦେଖାଗଲା । ତେଣୁ ଯେବେ କୌଣସି ପ୍ରକାର ମିତ୍ରାକ୍ଷରକୁ ପଦ୍ୟ-କବିତା ବୋଲି ଧରାଯାଏ, ତେବେ ବେଦ ଓ ପରବର୍ତ୍ତୀ ସଂସ୍କୃତରେ ତା' ନାହିଁ । ଇଉରୋପର ଦାନ୍ତେ, ମିଲ୍‌ଟନ୍‌ଙ୍କ ଅନୁକରଣରେ, ବଙ୍ଗର ମାଇକେଲ୍ ମଧୁସୂଦନ ଓ ତାଙ୍କଠାରୁ ଆଣି ରାଧାନାଥ ଓଡ଼ିଆରେ ତାହା ଭର୍ତ୍ତି କରିଚନ୍ତି । ତାହା ମଧ୍ୟ ଏକପ୍ରକାର ଗଦ୍ୟ-କବିତା । ହେଲେହେଁ, ସେଥିରେ ଏକ ଛନ୍ଦର ନିୟମ ସ୍ପଷ୍ଟ ଅଛି । ସେ ନିୟମ ନ ଜାଣି, ଧରି ନ ପାରି ଅନେକେ ଗଦ୍ୟକୁ ଚଉଦ ଚଉଦ ଅକ୍ଷରରେ ଗଣି ଥୋଇଦେଇ ଅମିତ୍ରାକ୍ଷର କବିତା ଲେଖିଯିବାର ଦେଖାଯାଏ । ଅନେକେ ମଧ୍ୟ କହିବାର ଶୁଣାଅଛି, ଚତୁର୍ଦ୍ଦଶାକ୍ଷରୀ ଗଦ୍ୟ-କବିତା ଲେଖିବା ମିତ୍ରାକ୍ଷର ବା ପଦ୍ୟ-କବିତା ଲେଖିବାଠାରୁ ସହଜ ।

Digitized by srujanika@gmail.com

ମାତ୍ର ଗଦ୍ୟ ହେଉ, ପଦ୍ୟ ହେଉ, ଅମିତ୍ରାକ୍ଷର ହେଉ, ମିତ୍ରାକ୍ଷର ହେଉ, କବିତା ହେଉଛି ରସାତ୍ମକ ବାକ୍ୟ । ଅନୁଭବର ଭାବ ସ୍ପନ୍ଦନରେ ଧ୍ୱନିର ଉଦ୍ରେକ କରାଇବାହିଁ ଏହି କବିତାର ପ୍ରାଣ । ଏହି ରସବ୍ୟଂଜକ ଧ୍ୱନି ସଙ୍ଗେ ସ୍ୱର ଓ ବର୍ଣ୍ଣଗତ ଧ୍ୱନିର ମଧ୍ୟ ସଂବନ୍ଧ ଅଛି, ଏହା ମନେ ରଖିବାକୁ ହେବ ।

## ସଂଗୀତ ଓ କବିତା

ସ୍ୱରଶିଳ୍ପକୁ ସଂଗୀତ କହନ୍ତି । କବିତା, ଭାଷା-ଶିଳ୍ପ । ଭାଷାରେ ସ୍ୱରରେ ଭାବ ପ୍ରକାଶ ପାଏ । ତେଣୁ ଭାଷା-ଶିଳ୍ପ ବା କବିତାରେ କୌଣସି ସ୍ୱର ସଂପର୍କରେ ଭାବର ବ୍ୟଂଜନା ବ୍ୟକ୍ତ କରାଯାଏ । ସାଧାରଣ କଥାବାର୍ତ୍ତାରେ ମଧ୍ୟ କେବଳ ସ୍ୱର ହେତୁ ଭାବ ବଦଳିଯାଏ । ଗଦ୍ୟ ବା କଥା କହିସିବାର ଭାଷାରେ କବିତା ଫୁଟାଇ ବସିଲେ, ସ୍ୱରର ଏ ବିଭାବଟି ଭୁଲିଗଲେ ଚଳିବ ନାହିଁ । 'ଦେଖ, ଭଲ କଥାଏ କହିଲ'; ଭେଲ—କଥେ କହିଲ (ଭେଲ୍-ରେ ଆକାରଟି ଲମ୍ବାଇ ଉଚ୍ଚାରଣ କରିବାକୁ ହେବ) । ଏ ଦୁଇଟି ଏକା କଥା ହେଲେ ମଧ୍ୟ ଦୁଇଟିର ବ୍ୟଂଜନା ବା ଧ୍ୱନି ଖାଲି ପୃଥକ୍ ନୁହେଁ, ବରଂ ବିପରୀତ । ସେଇପରି 'ରଂଗ ଦେଖାଉଚି', ପୁଣି 'ରଂ—ଗ ଦେଖାଉଚି'; ଏ ଦୁଇଟିର ମଧ୍ୟ ସୂଚନା ତଥା ଅର୍ଥ ପୃଥକ୍ । ପୂର୍ଣ୍ଣ ନିରାଳମ୍ବ ଗଦ୍ୟ-କବିତାରେ ଏଇପରି ପ୍ରକାଶ ପାଉଥିବା ସ୍ୱର ସଙ୍କେତକୁ ଶିଳ୍ପରେ ପ୍ରକାଶ କରିବାକୁ ହେବ । ତା ନ ହେଲେ ଗଦ୍ୟରେ କବିତା ଫୁଟିବ ନାହିଁ । ମନେ ରଖିବାର ଅଛି, କବିତା ଗୋଟିଏ ଗୁରୁକଳା ବା କୋମଳ ଶିଳ୍ପ । ଗଦ୍ୟ ବା କଥା କହିବାରେ ଏହି ଶିଳ୍ପ ଯେତେ ଫୁଟିବ, ସେ ସେତେ କାବ୍ୟତ୍ୱ ପାଇବ । ଉପନ୍ୟାସ, ବିଶେଷରେ ନାଟକରେ ପରିସ୍ଥିତି ପ୍ରକଟିତ ଥିବାରୁ ଗଦ୍ୟ ବା କଥା ସହଜରେ କବିତା ହୋଇଯାଏ । ଖାଲି ଗଦ୍ୟରେ ତାହା କରିବା କଷ୍ଟକର ଅବଶ୍ୟ; ଅସମ୍ଭବ ବା ଅସାଧ୍ୟ ନୁହେଁ ।

## ସ୍ୱର ଓ ଭାବର ସଂବନ୍ଧ

ପୁଣି ଆଉ ଗୋଟିଏ କଥା । ସ୍ୱର ସଙ୍ଗେ ବା ପଦ-ବିନ୍ୟାସ ସଙ୍ଗେ ଭାବର ପ୍ରୟୋଗତଃ ପାରଂପରିକ ସଂବନ୍ଧ ବି ଥାଏ । ସେ ସଂବନ୍ଧରେ କଥା

Digitized by srujanika@gmail.com

ପ୍ରକାଶ କଲେ ଭାଷାଶିଳ୍ପରେ ତା କାର୍ଯରେ ସହଜରେ ଲାଗିଯାଏ । ତେଣୁ ଏବେ ମଧ୍ୟ ମିତ୍ରାକ୍ଷର ପ୍ରଭୃତି ଗ୍ରନ୍ଥ ଓଡ଼ିଆରେ କବିତା ଲେଖିଲେ ବା ଗଦ୍ୟ-କବିତା ଲେଖିଲେ ସଂସ୍କୃତର ସାହାଯ୍ୟରେ ପ୍ରୟୋଗ ଶୈଳୀରେ ଭାବ ଉଠାଇବା ସହଜ ହୁଏ କିମ୍ବା ବେଳେ ବେଳେ ଆମେ ବଙ୍ଗଳା ପୁଣି ଇଂରେଜିରୁ ମଧ୍ୟ ମାଲ ଟାଣିଆଣି ଓଡ଼ିଆ କରିବାକୁ ବସୁ । ହୁଏତ ତା' ଓଡ଼ିଆ ଲୋକଙ୍କ ଭିତରେ ଭାବ ଉଠାଏ ନାହିଁ, ମାତ୍ର ଅମେ ଲେଖି, ଆମେ ପଢ଼ି ସୁଖୀ ହେଉ । କାରଣ ଆମରିଠାରେ ସେ ଭାଷାରେ ସେ ଭାବ ସ୍ଫୁଟ । ତେଣୁ ଓଡ଼ିଆର ସାଧାରଣ ଭାଷାରେ ଭାବର ଅନନ୍ତ ବ୍ୟଂଜନା ପ୍ରୟୋଗରେ ପରିବଦ୍ଧ ନ ହେବାଯାଏ, ଭାଷାଶିଳ୍ପରେ ଘୋର ନୂତନତା କପଟ କଷ୍ଟକର ତା ମଧ୍ୟ ବୁଝିବାର ଅଛି ।

## ଭାଷାର ସ୍ୱର ପ୍ରକାର

ଶେଷ କଥା ଭାଷାର ସ୍ୱର ପ୍ରକାର । ଆମେ ଇଂରେଜୀ, ବଙ୍ଗଳା ପଢ଼ୁଥିଲେକେ ଏ କଥାଟି ବରାବର ଭୁଲିଯାଉ । ବଙ୍ଗଳା ପୁଣି ଇଂରାଜୀରେ ଶବ୍ଦର ଉଚ୍ଚାରଣରେ ସ୍ୱରର ହ୍ରସ୍ୱ ଦୀର୍ଘତା ସ୍ପଷ୍ଟ । ସେ ହ୍ରସ୍ୱ ଦୀର୍ଘ, ପୁଣି ସଂସ୍କୃତର ହ୍ରସ୍ୱ ଦୀର୍ଘ ସ୍ୱରପରି ଉଚ୍ଚାରଣର କାଳ ପରିମାଣରେ କେବଳ ମପାହୁଏ ନାହିଁ । ଏହା ବ୍ୟଂଜନ ବର୍ଣ୍ଣକୁ ସଙ୍ଗେ ଧରି ସ୍ୱରର ଦୃଢ଼ତାରେ ପ୍ରକାଶ ପାଏ । ଏହା ବରଂ ସଂସ୍କୃତର ହସନ୍ତ ପୂର୍ବରେ ଥିବା ସ୍ୱରର ଦୀର୍ଘତା ପରି । ପୁଣି ବଙ୍ଗଳା ପ୍ରଭୃତିରେ ଶେଷ ସ୍ୱରରେ ଜୋର ପଡ଼ିବା ଏକପ୍ରକାର ନିପାତନ । ମାତ୍ର ଓଡ଼ିଆରେ ତାହାହିଁ ବିଧି । ସେତିକି ନୁହେ, ପୂର୍ଣ୍ଣ ଦ୍ରାବିଡ଼ ପ୍ରାକୃତିକ ଓଡ଼ିଆରେ ଉଚ୍ଚାରଣରେ ସ୍ୱରର ଇତର ବିଶେଷ ନାହିଁ କହିଲେ ଚଳେ । ବଙ୍ଗଳାରେ ଦେଶ୍ । ଏଠାରେ 'ଦେ'ର ଏକାରଟି କେବଳ ଦୀର୍ଘ ନୁହେ, ଜୋରରେ ବି ଉଚ୍ଚାରିତ ହୁଏ । କିନ୍ତୁ ଓଡ଼ିଆରେ ଦେଶ । ଏହା ଉଚ୍ଚାରଣରେ ଦୁଇଟି ହ୍ରସ୍ୱ ସ୍ୱର । ଦୁଇଟି ବର୍ଣ୍ଣର ଉଚ୍ଚାରଣ ପରିମାଣ ସମାନ । ତେଣୁ ଓଡ଼ିଆ, ତେଲୁଗୁ, ତାମିଲ୍ ପ୍ରଭୃତି ଭାଷା କବିତାଠାରୁ ସଙ୍ଗୀତ ପାଇଁ ବିଶେଷ ଉପଯୋଗୀ । ପୁଣି ବଙ୍ଗଳା ପ୍ରଭୃତି ସଙ୍ଗୀତଠାରୁ କବିତା ପାଇଁ ବିଶେଷ ଉପଯୋଗୀ । ଓଡ଼ିଆରେ ସଙ୍ଗୀତ ସାହାଯ୍ୟରେ କବିତା ଫୁଟାଇବା ବେଶି ସହଜ ଓ ସୁଗମ । ପରଂପରାରେ ତାହାହିଁ ହୋଇଅଛି ।

Digitized by srujanika@gmail.com

ଓଡ଼ିଆ 'ଛନ୍ଦ' ତାହାର ପ୍ରମାଣ । ବଂଗଳା ପ୍ରଭୃତିରେ ଏହା ହୋଇନାହିଁ । 'ତ୍ରିପଦୀ' ଓ 'ପୟାର'ରେ ବଂଗଳାର 'ଛନ୍ଦ' ଶେଷ । ଇଂରେଜୀରେ ମଧ୍ୟ ସେଇପରି । ଏବେ ଛଟପଟ ହୋଇ ଓଡ଼ିଆରେ ହଳନ୍ତ-ଶେଷ ପଦମାନ ବସାଇଦେବାର ଉଦ୍ୟମ ହେଉଛି । ମାତ୍ର କାଳର ଗତିରେ ତାକୁ ସ୍ୱାଭାବିକ ଧାରାରେ ଛାଡ଼ିଦେବା ଉଚିତ । ପୁଣି ନିଜେ ଲେଖିଲାବେଳେ ଲେଖାକୁ ଭାଷାର ପ୍ରକୃତିରେ ନ ଚଳାଇବା ଭାଷାଜ୍ଞାନରେ ଅଭାବ ପ୍ରକାଶ କରେ । ଅନ୍ୟ ଭାଷାରୁ ଗ୍ରହଣ କରିବାରେ ମନା ନାହିଁ । ମାତ୍ର ଗ୍ରହଣ କରି ଜୀର୍ଣ୍ଣ କରିବା ଉଚିତ । ନିଜ ଭାଷାର ଏଇ ପ୍ରକୃତି ବୁଝି ଶଙ୍କରାଚାର୍ଯ୍ୟ ଥରେ ସଂସ୍କୃତରେ 'ମୋହମୁଦ୍‌ଗର' ଲେଖିଥିଲେ—ଛନ୍ଦରେ ନୁହେଁ, ତାଳରେ । ଜୟଦେବ ମଧ୍ୟ ତାହାଇ କରିଥିଲେ । ସେମାନେ ଯଥାର୍ଥ ଦ୍ରାବିଡ଼ ବର୍ଣ୍ଣ ଓ ସ୍ୱର ନିୟମରେ ସଂସ୍କୃତ କବିତା ଲେଖିଚନ୍ତି । ମୋହମୁଦ୍‌ଗର ବା ଗୀତଗୋବିନ୍ଦରେ ସଂସ୍କୃତ ଛନ୍ଦ ନିୟମର ଦୀର୍ଘ ହ୍ରସ୍ୱ ସ୍ୱରର ବନ୍ଧାଗତ ନାହିଁ । 'ଧୀର ସମୀରେ' ଏଇ ପାଞ୍ଚଟି ବର୍ଣ୍ଣର ପରିମାଣ ଯେତିକି, 'ପୀନ ପୟୋଧର' ଏଇ ଛଅଟି ଅକ୍ଷରର ମଧ୍ୟ ସେତିକି । ଏସବୁ ବଂଗଳା, ହିନ୍ଦୀ ପ୍ରଭୃତିର ପ୍ରକୃତି ନୁହେଁ; ଓଡ଼ିଆ ତେଲୁଗୁର ଅନୁକୂଳ । ଓଡ଼ିଆ ଛନ୍ଦ ଓ କବିତାରେ ଏଇ ପ୍ରକୃତି ସ୍ପଷ୍ଟ ।

ଏଥିରେ ଗଦ୍ୟ-କବିତାରେ ଭାବର ବ୍ୟଂଜନା ଫୁଟାଇବା—ଅର୍ଥାତ୍, ସଗୀତର ~~ସମ୍ପର୍କ ବିନା~~ ଓଡ଼ିଆରେ କବିତା ଲେଖିବା କାଠିକର ପାଠ । ବଂଗଳାଦିରେ ଭାଷାର ଉଚ୍ଚାରଣ ଯେ ସ୍ୱରର ଉଚ୍ଚାବଚତା ଲାଗି ରହିଛି । ଓଡ଼ିଆରେ ତା କଥାର ଭଂଗୀରେ ଏକା ବକ୍ତା ତୁଣ୍ଡରେ ରହିଛି । ଏସବୁ ବିଚାର କରି ଓଡ଼ିଆ କବିତା ବୁଝିବାର ଅଛି—ସେ ଗଦ୍ୟ ହେଉ ବା ପଦ୍ୟ ହେଉ ।

Digitized by srujanika@gmail.com

# କବିତାର ରୂପ ରସ *

ରୂପ, ଅର୍ଥାତ୍, ସ୍ୱରର ନିୟମିତ ଗତି Rhythm ହେଉଛି କବିତାର ଶରୀର ଓ ରସ ବା ଅନୁଭୂତିର ସଙ୍କେତ ହେଉଛି କବିତାର ପ୍ରାଣ । ସ୍ୱରର ନିୟମିତ ଗତି ପ୍ରକାଶ, ପାଏ ବ୍ୟବହୃତ ପଦରେ; ଓ ରସ ପ୍ରକାଶ ପାଏ ଅର୍ଥରେ । ମଧ୍ୟଯୁଗର ଓଡ଼ିଆ କବିତା ଶରୀର-ଶୋଭାରେ ପୂର୍ଣ୍ଣ ଓ ପୁଷ୍କଳ । ସେ ଯୁଗର ଓଡ଼ିଆଣୀଙ୍କ ଅଳଙ୍କାର ଶୋଭାକୁ ଏହା ବଳିଚି । ତେଣୁ ରସ ଏଥିରେ ସର୍ବଦା ଅର୍ଥର ସଙ୍କେତ ମାତ୍ର ନୁହେଁ; ଏହା ଅର୍ଥର ପୂର୍ଣ୍ଣ ପ୍ରକାଶ । ଏବେ କିନ୍ତୁ ରୂପ ସରଳ ସୁନ୍ଦର ହୋଇ ଯାଉଛି, ଓ ସଙ୍କେତରେ ରସ ପ୍ରକାଶ ପାଇବାର କଥା । ତାହା ହୋଇ ଆସୁଛି । ସମାଜର ରୁଚି ସମସ୍ତ କ୍ଷେତ୍ରରେ ମଧ୍ୟ ଏଇ ବିକାଶ ଲୋଡ଼ୁଛି । ଘର, ଦୁଆର, ଖଟ, ପିଢ଼ା, ବାସନ ପ୍ରଭୃତି ସର୍ବତ୍ର ଏହା ଲକ୍ଷ୍ୟ କରାଯାଇପାରେ । ନାରୀ ପୁରୁଷର ଶରୀର ଶୋଭା ସମ୍ପାଦନ ଓ ଭାବ ପ୍ରକାଶରେ ଏହା ମଧ୍ୟ ଦେଖାଯାଏ । କବିତାରେ ସେଇପରି ।

ପଦ-ବିନ୍ୟାସ କବିତାର ଶରୀର । ଏଥିରେହିଁ ରୂପ ଦେବାର କଥା । ଓଡ଼ିଆ ସ୍ୱରର ଉଚ୍ଚାରଣ ଦ୍ରାବିଡ଼ ରୀତିରେ । ସେଥିରେ ହ୍ରସ୍ୱ ଦୀର୍ଘ, ଗୁରୁ ଲଘୁ ନାହିଁ । ସଙ୍ଗୀତ ଗତିରେ ହିଁ ଏହା ଗାୟକର ରୁଚି ଧରି ପ୍ରକାଶ ପାଏ । ଏବେ କିନ୍ତୁ ଇଂରେଜି—ବିଶେଷରେ ବଙ୍ଗଳା—ର ସ୍ୱର-ପ୍ରକାଶରେ ତାର ସୌନ୍ଦର୍ଯ୍ୟ ଦେଖି ଓଡ଼ିଆକୁ ସେଥିରେ ପ୍ରକାଶ କରିବାର ଉଦ୍ୟମ ନବୀନମାନଙ୍କ ମଧ୍ୟରେ ଦେଖା ଯାଉଛି । କିନ୍ତୁ ତାର ସୌଷ୍ଠବରେ ଯଥାର୍ଥ ନିୟମିତତାକି ଆହରଣରେ ପ୍ରକାଶ କରିବା ଦରକାର । ଅତି ଅଳ୍ପ ସଂଖ୍ୟକ ଲେଖକଙ୍କ ଛଡ଼ା, ତାହା ଆଉ କେହି ଠିକ୍‌କରି କହୁ ନାହାନ୍ତି । ତେଣୁ ଅନୁକରଣଟି ଆପଣାର ଜିନିଷ ହେବା ଆଡ଼କୁ ଯାଉନାହିଁ ।

---

* ଷଷ୍ଠବର୍ଷ ୭ମ ସଂଖ୍ୟା, ୧୩୪୭ ଧନୁ (୧୯୪୦, ଜାନୁଆରୀ) 'ନବଭାରତ'ର ଆଲୋଚନାରେ ପ୍ରକାଶିତ ।

Digitized by srujanika@gmail.com

ଏଇ ଗୁରୁ ଲଘୁ ଓ ହ୍ରସ୍ୱ ଦୀର୍ଘ ନିୟମ ସଂସ୍କୃତରେ ସ୍ପଷ୍ଟ । ସେଥିରେ ସ୍ୱରମାନଙ୍କର ହ୍ରସ୍ୱ ଦୀର୍ଘ ଅଛି । ପୁଣି ଯୁକ୍ତବର୍ଣ୍ଣର ପୂର୍ବ ବା ହଲନ୍ତଯୁକ୍ତ ଅଥବା ଅନୁସ୍ୱାର ବିସର୍ଗ ଯୁକ୍ତ ସ୍ୱର ଗୁରୁ ଉଚ୍ଚାରଣ ପାଏ । ସଂସ୍କୃତର ଉଚ୍ଚାରଣ ଠିକ୍ ସେଇ ନିୟମରେ ହୁଏ । ସେଇ ନିୟମରେ ସଂସ୍କୃତ ସ୍ୱର ବନ୍ଧା । ଗୁରୁ ଓ ଦୀର୍ଘ ଦୁହିଙ୍କୁ ମଧ୍ୟ ସଂସ୍କୃତରେ ଗୁରୁ କୁହାଯାଏ । ହିନ୍ଦିରେ ଏବେ ଏହା ଅଛି ।

ବଙ୍ଗଳାରେ କିଂବା ଉଚ୍ଚାରଣରେ ସ୍ୱରର ପ୍ରକୃତି ତା ନୁହେ । ଏଥିରେ ଅନୁସ୍ୱାର, ବିସର୍ଗ ଓ ହଲନ୍ତ ବର୍ଣ୍ଣଯୁକ୍ତ ସ୍ୱର ସର୍ବଦା ଗୁରୁ । ସ୍ୱର ମଧ୍ୟରେ ଐ (ଅଇ) ଓ ଔ (ଅଉ) ଦୀର୍ଘ ବା ଗୁରୁ । ସେଇ ଭିତରେ ବଙ୍ଗଳାରେ ଏବେ ଅନେକେ ଲେଖନ୍ତି । ଅଷ୍ଟାଦଶ ଶତାବ୍ଦୀର ବଙ୍ଗକବି ଭାରତଚନ୍ଦ୍ର ମଧ୍ୟ ଏଇ ଶୈଳୀରେ ଲେଖିବା ଆରମ୍ଭ କରିଥିଲେ । ଓଡ଼ିଆରେ କିନ୍ତୁ ଏହାର ଆମଦାନୀ କରିବାକୁ ଯାଇ ଅନେକେ ବଡ଼ ଭୁଲ କରୁଛନ୍ତି । ତେଣୁ ଲେଖକ ନିଜେ ନିଜର କବିତା ପଢ଼ି ନ ଶୁଣାଇଲେ ସ୍ୱର ନିୟମ ଧରିବାର ଉପାୟ ରହୁନାହିଁ ।

ଏହି ଆଧୁନିକ 'ଗୌଡ଼ୀୟସ୍ୱାଦ' ବା 'ବଙ୍ଗସ୍ୱାଦ'ର ସାଧୁ ଆହରଣର ଉଦାହରଣ ସ୍ୱରୂପ କାଳନ୍ଦୀଚରଣ ପାଣିଗ୍ରାହୀଙ୍କ କବିତାରୁ ଚାରି ଧାଡ଼ି ତଳେ ଦିଆଗଲା —

" 'ମଣୀଷି' 'ମଣିଷ' ଶୁଭିଲା ଦୂରରୁ ଡାକ
ଦୁନିଆର ଯେତେ ଦଳିତ ପୀଡ଼ିତ ଯାକ
ସ୍ୱପ୍ନ-ଦିନ ସେହି ପୁଲକ ପରଶ ରେଖା
ବ-ନ୍ଧୁର ପଥେ ବ-ନ୍ଧୁ ସେ ମୋର ଏକା ।"

ଏଥିରେ ସ୍ୱରର ଦ୍ୱିମାତ୍ରତା ବା ଗୁରୁତା ଦେଖାଇବା ପାଇଁ ଅକ୍ଷର ପରେ ଗାର ଦିଆ ହୋଇଛି । ଏହା ନିର୍ଦୋଷ 'ବଙ୍ଗସ୍ୱାଦ'ରେ ଲେଖା ।

ଏଇ ଆହରଣରେ ଭ୍ରାନ୍ତି ଦେଖାଇବା ପାଇଁ ଉପେନ୍ଦ୍ର ତ୍ରିପାଠୀଙ୍କ କବିତାରୁ ଦୁଇଧାଡ଼ି ତଳେ ଦିଆଗଲା ।

Digitized by srujanika@gmail.com

"ମିଳନ **ସଞ୍ଜ** କାହ୍ନିକ ଆଜ
ନୟନ **କଞ୍ଜ** ତଳେ—
କଜଳ ମିଶା ଅ-ଶ୍ରୁ କଣା
ଅଧୀର ହୋଇ ଦୋଳେ ।"

ଏଥିରେ 'ଅଶ୍ରୁ'ର 'ଅ' ଦ୍ୱିମାତ୍ରିକ ବା ଗୁରୁ ହୋଇଛି । ମାତ୍ର 'ସଞ୍ଜ' ଓ 'କୁଞ୍ଜ'ର ଆଦ୍ୟ 'ଅ' ଗୁରୁ ହେଲେ ଚଳିବ ନାହିଁ । ଏଥିରେ ଲୋକେ କବିତାଟି ପଢ଼ିବେ କିପରି ? ଏଥିରେ ପୁଣି ଭାଷାର ଲେଖା ସାର୍ବଜନୀନ ହେବ ବା କିପରି ? କବିତା ଗୋଟିଏ ଭାଷାର ଶିଳ୍ପ । ନିୟମିତ ଅନୁପାତ କଳନା ପୁଣି ଶିଳ୍ପର ଅପରିହାର୍ଯ୍ୟ ବହିରଙ୍ଗ ।

ଶବ୍ଦ ମୂଳରେ ଯୁକ୍ତାକ୍ଷର ଥିଲେ, ତାହା ଏକମାତ୍ରିକ ହେବ । ଓଡ଼ିଆରେ ଶବ୍ଦସବୁ ସ୍ୱତନ୍ତ୍ର ହେଲାପରି ଲାଗିଯାଏ ନାହିଁ । 'ଦେଶପ୍ରୀତି', ଏଠାରେ 'ପ୍ରୀ' ଯୋଗେ 'ଶ'ର 'ଅ'ସ୍ୱର ଗୁରୁ ବା ଦୀର୍ଘ ହେବ ନାହିଁ । ସେହିପରି 'ମଧୁବ୍ରତ' ଶବ୍ଦରେ ମଧ୍ୟ 'ଧୁ'ର 'ଉ'ସ୍ୱର ଓଡ଼ିଆରେ ଦୀର୍ଘ ନ ହେଲେ ହୁଏ । ଏତିକି ମାତ୍ର ଏ କ୍ଷେତ୍ରରେ ନିୟମର ନିପାତନ ପରି ।

ଓଡ଼ିଆ ଛନ୍ଦରେ ପୁଣି ସ୍ୱରମାତ୍ରା ନିୟମଗତ ମୂଳପାଦ ଦୁଇଟି । ପୂର୍ଣ୍ଣ ଦ୍ରାବିଡ଼ ରୀତିରେ ସର୍ବତ୍ର ସମମାତ୍ରିକ ସ୍ୱର ଥିବାରୁ ପୂର୍ବେ ଏହା ଜଣାପଡ଼ୁ ନ ଥିଲା । ତେଣୁ ଯତିଭଙ୍ଗ ଧରା ପଡ଼ୁ ନ ଥିଲା । ଛନ୍ଦପଣ୍ଡି ଉପେନ୍ଦ୍ରଭଞ୍ଜ ମଧ୍ୟ ଲେଖିଥିଲେ—

"ପୀରତି ହୋଇ କ— ଥାଏ ଉପୁଜଇ
ପରମ ରମ୍ୟଟି ସୁଖ
ପବି ପତନ କ— ପାଁ ଶିରେ ନ କରେ
ଜାଣିଲି ଅତି ପି—ଶୁନ"

(ଲାବଣ୍ୟବତୀ)

ମାତ୍ର ଏବେ ମଧ୍ୟ କ୍ରମେ ସ୍ୱରର ମାତ୍ରା ସ୍ପଷ୍ଟ ହେଉଛି । ସେଥିରେ କବିତାର ଉକ୍ତ ରୂପ ଠିକ୍ ହେବ ନାହିଁ । ଓଡ଼ିଆ ଛନ୍ଦର ମୂଳ ସ୍ୱର-ସହିତ

Digitized by srujanika@gmail.com

ବା ପାଦରେ 'ଦ୍ୱିମାତ୍ରିକ' ଓ 'ତ୍ରିମାତ୍ରିକ' ଥାଏ । ସବୁ ଓଡ଼ିଆ ଛନ୍ଦରେ ପ୍ରାୟ ଏଇ ଦୁଇ ପାଦର ମିଶ୍ରଣ ହୁଏ । ଏଥିରେ ପୁଣି ଏକମାତ୍ରିକ ଓ 'ଚତୁର୍ମାତ୍ରିକ' ପାଦର ପ୍ରୟୋଗ ମିଳେ । ଏ ଦୁଇଟି ପ୍ରକାର ପାଦ ମିଶ୍ରଣରୁ ବାହାରେ । ଦୁଇ ଦୁଇ ମିଶି ଚାରି ହୁଏ । ଯଥା—

। ଗିରିବର । ନନ୍ଦିନୀ । ଅମ୍ବୁ ରୁହ । ତଟିନୀ ।

ପୁଣି ଦୁଇରେ ଏକ ମିଶି ତିନି ହୁଏ । ଯଥା—

। ପତନେ । ମୋର ତ । ସୁଖୀ ନୋହେ ଯେହୁ ମନେ
ଦଳିତ ପୀଡ଼ିତ । ମୋ ତହୁଁ । ଅଧିକ କିଏ ?

ବେଳେ ବେଳେ ଯତି ଠିକ୍ ରଖିବାପାଇଁ ତିନିରେ ଏକ ମିଶାଇ ଚାରି ଅକ୍ଷର କରିଦେବାକୁ ହୁଏ । ଯଥା—

ସଖା ହୋଇ ଜଣେ । ନ ମିଳିଲା । କାହିଁକି ତ
ସୁଖ ଦେଖି ମୋର । ନ ଜଳଇ । ଯାର ଚିତ୍ତ ।

କିନ୍ତୁ—

• ଆଶ୍ଚର୍ଯ୍ୟ ନ ହେଲି          ଜାଣିଲି ଅଟେ ଏ
ସ୍ୱର୍ଗୀୟ ସ୍ନେହ ନିଦାନ

ଏଠାରେ ଭାଷାଟି ତ କବିତାର ନୁହେଁ; ଗଦ୍ୟର । ସେଥିରେ ପୁଣି ଯତି ଦୋଷ । ଆଠ ଅକ୍ଷରିଆ ଚରଣରେ ତିନି+ଦୁଇ+ତିନି ହେଲେ ଯତି ଚଳୁ ନାହିଁ । ସବୁ ଦୁଇ ଦୁଇ ହେବ ବା ତିନି+ତିନି+ଦୁଇ ହେବ ।

ଏ ସବୁ ବିଶେଷ ଭାବରେ ଆଲୋଚନା କରିବାର ସ୍ଥାନ ଏ ନୁହେ । ତଥାପି ଓଡ଼ିଆରେ ମୂଳ ଛନ୍ଦ ଦୁଇଟି ହେଉଛି—କାମୋଦୀ ଓ ମଙ୍ଗଳ । ରାମକେରୀ ପ୍ରଭୃତି କାମୋଦୀର ଅନ୍ତର୍ଗତ । ସେଥିରେ ଚରଣ ଶେଷରେ ସ୍ପଷ୍ଟ ତିନି ଅକ୍ଷର ଚଳେ । ଯଥା—

ଦେଖି ନବ । କାଳିକା । ବିକାଳିକା । ମାଳିକା ।
ଆଳି କା । ଳିକା କା । ନ୍ତ ସୁର ।
ଭାବେ ବି । ଚଳେ ଏ । କାଳିକୁ ।
କଥା ଥି । ବ କାଳ । କାଳିକୁ ।     ଇତ୍ୟାଦି ।

Digitized by srujanika@gmail.com

ଭ୍ରମକେଶ୍ୱ—

ଜଗତର ସିଂହ । ଦୁଆରେ ।
ଜ୍ଞାନ ଅର୍ଣବ ତୀରେ
ସରସୀ ଶୋଭିତ । ଅନାଇ ।
ମନ ନେତ୍ର । ଲୋଭିତ ।

'ମଙ୍ଗଳ' ଶୈଳୀରେ ତା ହୁଏ ନାହିଁ । ମଲୁଆଶ୍ରୀ ବା ବଙ୍ଗଳାଶ୍ରୀ 'ମଙ୍ଗଳ'ର ଅନ୍ତର୍ଗତ । ଏହାର ଉଦାହରଣ ଉପରେ ଆଠ ଅକ୍ଷରିଆ ଚରଣରେ ଦିଆ ଯାଇଛି ।

ଏଇ ଦୁଇ ପାଦ ଓ ଦୁଇ ଛନ୍ଦ ଶୈଳୀର ନିୟମ ଠିକ୍ ରଖି ନୂଆ ପୁରୁଣା ସବୁ ମିଶ୍ର ଛନ୍ଦ ବୁଝିବାକୁ ହେବ । ଅମିତ୍ରାକ୍ଷର ଓ କଥା ଛନ୍ଦ ମଧ୍ୟ ଏହାର ପ୍ରଭାବରୁ ବାହାରେ ନୁହନ୍ତି । ଶୃଙ୍ଖଳା ଠିକ୍ ରଖିବା ପାଇଁ ଏକାକ୍ଷରର ବ୍ୟବହାର ମଧ୍ୟ ଠିକ୍ ସ୍ଥାନରେ କରିବାକୁ ହୁଏ । ସ୍ୱାଧୀନତାରେ ମଧ୍ୟ ଶୃଙ୍ଖଳା ଥାଏ । ସେ ଶୃଙ୍ଖଳା କୃତ୍ରିମ ଓ ଭାରାକ୍ରାନ୍ତ ହେବା ଦୂଷଣୀୟ । ମାତ୍ର ସହଜ ଓ ସରଳ ଶୃଙ୍ଖଳା ଏଡ଼ିଦେଲେ ସ୍ୱାଧୀନତା, ସ୍ୱେଚ୍ଛାଚାରିତା ହୁଏ । ସେଥିରେ ବିକାଶ ଧରି ହୋଇ ରହେ ନାହିଁ କି ଫୁଟେ ନାହିଁ । ଶୃଙ୍ଖଳାହିଁ ଶିଳ୍ପର ମେରୁଦଣ୍ଡ; ଅନୁପାତ ସୌଷ୍ଠବ କଳାର ଧମନୀଧାରି ।

ରସରେ ମଧ୍ୟ ଉପଲବ୍ଧିର ସଙ୍କେତ ଧରି ଭାବ ଫୁଟାଇବାର ଅଛି । ସଙ୍କେତହିଁ କବିତାର ପ୍ରାଣ । ଏହାର ସଂସ୍କୃତ ଆଲଙ୍କାରିକ ନାମ 'ଧ୍ୱନି' । ଏଇ 'ଧ୍ୱନି' ବା ସଙ୍କେତର ଗୋଟିଏ ସ୍ପଷ୍ଟ ଉଦାହରଣ ସଂସ୍କୃତରୁ ଦିଆଗଲା:—

"ଲତାଂ ପୁଷ୍ପବତୀଂ ସ୍ପୃଷ୍ଟ୍ୱା । ସ୍ନାତ୍ୱା ନିର୍ଝର-ବାରିଷୁ
ପୁନଃ ସ୍ପର୍ଶନ ଭୀତ୍ୟା ଚ ମନ୍ଦଂ ଚଳତି ମାରୁତଃ ।"

ଏହା ଓଡ଼ିଆରେ ହେବ—

ପୁଷ୍ପବତୀ ଲତା ଛୁଇଁ ନିର୍ଝରେ ଜଳେ ଗାଧୋଇ
ପୁଣି ଛୁଇଁବା ଭୟରେ ମାରୁତ ସେ ମନ୍ଦେ ଚଳେ ।

Digitized by srujanika@gmail.com

ଅଳଂକାର କହନ୍ତି, ପବନର ବର୍ଣ୍ଣନାରେ ଗନ୍ଧମାନ୍ଦ୍ୟ ଶୈତ୍ୟର ଭାବ ଫୁଟେଇବାକୁ ହୁଏ । ତାର ଉଦାହରଣରେ ଅଳଙ୍କାର ଏଇ ଆଦିରସାଶ୍ରିତ ଉଦାହରଣଟି ଦେଇଚନ୍ତି । 'ପୁଷ୍ପବତୀ' ନାରୀକୁ ଛୁଇଁଲେ ଗାଧୋଇବାକୁ ହୁଏ । ଏହା ସାମାଜିକ ବିଧି । ଆଦିରସର ସଙ୍କେତରେ କବି ଏଇ ବିଧି ଲଂଘନ କରି ନାହାନ୍ତି । ଏହା ଦେଖିବାର ଅଛି । ପୁଣି ପୁଷ୍ପସ୍ପର୍ଶରେ ସୁବାସିତ, ଚଳନ୍ତା ଜଳ ସ୍ପର୍ଶରେ ଶୀତଳ ଓ ଧୀର ଚଳନର ସଙ୍କେତ ମଧ୍ୟ ଲୁପ୍ତୋପମାରେ ଏଠାରେ ସୁନ୍ଦର ସଙ୍କେତରେ କୁହା ଯାଇଚି ।

ଯୌନ ସଙ୍କେତରେ କବିତାର ରସ ଫୁଟାଇବା ପୃଥିବୀରେ ସର୍ବ-ସାଧାରଣ । ଏ ଦେଶରେ ଏହାକୁ ଆଦିରସ କହନ୍ତି । ଜୀବଧର୍ମର ମୂଳରେ ଏହାର ପ୍ରତିଷ୍ଠା । ଅନନ୍ତତ୍ୱ ଏହାର ଦର୍ଶନ । ଏସବୁ ସତ; ମାତ୍ର ମାନବ ସମାଜରେ ଯୌନକ୍ରିୟା ଦାଣ୍ଡ ହାଟର କାମ ନୁହେ । ଏପରି ନିତ୍ୟ ଓ ସାର୍ବଜନୀନ କ୍ରିୟାରେ ଏତେ ଗୋପ୍ୟଭାବ ସମାଜରେ ଅନ୍ୟ କୁତ୍ରାପି ପ୍ରକାଶ ପାଇନାହିଁ । ତାର କାରଣ ଅଛି । ତା ହେଉଚି, ଏ କ୍ଷେତ୍ରରେ ପ୍ରକାଶ୍ୟ କ୍ରିୟା ବା ତଦନୁରୂପ ଭାବ ସମାଜକୁ ନୀତିଭ୍ରଷ୍ଟ ଓ ବିଶୃଂଖଳ କରିବ । ତଥାପି ମାନବ ସମାଜର ଏ ନିତ୍ୟ ପୀଠ କବିତାର ମୂଳାଧାର । କବିତାର ପ୍ରାଣ ହେଉଛି ଯେଉଁ ରସ, ତା ପୁଣି ସଙ୍କେତରେ ପ୍ରକାଶ ପାଏ । ଏଇ ଯୌନ ସଂକେତ ସମାଜ ବିକାଶର ନିର୍ଦ୍ଦିଷ୍ଟ ନିସ୍ପୃହ ଓ ଧାରାର ପ୍ରକୃତି ପ୍ରକାଶ କରିଥାଏ । ଚୁମ୍ବନ, ଆଲିଂଗନ ପାଶ୍ଚାତ୍ୟ ସଭ୍ୟତାରେ ଯୌନକ୍ରିୟାର ସଂକେତ ହୋଇପାରେ, ମାତ୍ର ଏ ଦେଶରେ ସେସବୁ ଯୌନକ୍ରିୟାର ଅଙ୍ଗୀଭୂତ ଆଦିରସର ବିଭିନ୍ନ ଅଭିବ୍ୟକ୍ତି । ଗୃହସ୍ଥତା ଏ ଦେଶରେ ଆଦିରସର ଆଦର୍ଶ ଓ ସେଇ ଗୃହସ୍ଥତାର ସଂଯମରେ ସେ ରସର ନିସ୍ପୃହ ଧରିଥାଏ । ପାଶ୍ଚାତ୍ୟ ଦେଶରେ କିନ୍ତୁ ଯୌନ ମିଳନ ଏକ ନିରାଲଂବ ସଂବେଗ ସ୍ପୃହାରେ ପ୍ରତିଷ୍ଠିତ । ସୃଷ୍ଟିର ଉଦ୍ଦେଶ୍ୟ ହେଉଚି ସଂତାନ, ସେଥିରେ ପାଶ୍ଚାତ୍ୟ ଯୌନ ବେଗର ସମ୍ପର୍କ ସ୍ପଷ୍ଟ ନୁହେ । ଏହା ମଧ୍ୟ ମନେ ରଖିବାର ଅଛି । ସଂସ୍କୃତରେ ଯୌନ ସଂକେତଗତ ରସର ଗୋଟିଏ ଉଦାହରଣ ଦିଆଗଲା । ଯୁବତୀ ନାରୀ ନିଜ ଗୃହସ୍ଥ ପତିକୁ ବିଦେଶ ଗଲାବେଳେ ଶୁଭ କାମନା କରି କହୁଚନ୍ତି—

Digitized by srujanika@gmail.com

"ଯାହି ଯାହି ନ ନିବାରୟାମ୍ୟହଂ
ପ୍ରାଣନାଥ ଶୁଭମସ୍ତୁ ତେ ପଥି
ଦ୍ୱାର ଚୁତ-ନବ-ପଲ୍ଲବାଂକିତଂ
ପୂର୍ଣ୍ଣକୁଂଭମବଲୋକୟିଷ୍ୟସି ।

ଏହା ଓଡ଼ିଆରେ ହେବ—

ଯାଅ ଯାଅ ପ୍ରାଣନାଥ ନ କରେ ବାରଣ
ପଥେ ସର୍ବଶୁଭ ହେଉ ତବ
ଦ୍ୱାରେ ନବ ଚୂତପତ୍ରେ ସଜା ପୂର୍ଣ୍ଣକୁଂଭ
ଗଲାବେଳେ ଗୃହିଁଦେଇ ଯିବ ।

ଏଠାରେ ନବ ଚୁତପତ୍ର କଥାଟିରେ ବସନ୍ତାଗମର ସଙ୍କେତ ଓ ତହିଁ ସଙ୍ଗେ ଭବିଷ୍ୟତ ବିରହ ବେଦନାର ଗ୍ଭୟା; ପୁଣି 'ନ କରେ ବାରଣ'— ଏ କଥାଟିର ଯଥାର୍ଥ ସୂଚନାରେ ଏଠାରେ କବିତାର ଯଥାର୍ଥ ରସୋପଲବ୍ଧି ।

ଉପେନ୍ଦ୍ର ଭଞ୍ଜ ଯୌନ କ୍ରିୟାଦିର ବର୍ଣ୍ଣନାରେ ବୀଭତ୍ସ । ହେଲେହେଁ, ସେଇ ବୀଭତ୍ସତା ମଧ୍ୟରେ ଏଇ ସଙ୍କେତ କଳାର ପରଂପରା ସେ ଗ୍ଭଡ଼ି ନାହାନ୍ତି । ଲାବଣ୍ୟବତୀ କାବ୍ୟରେ ନାୟକ 'ଚନ୍ଦ୍ରଭାନୁ' ଥରେ ଗୋଟିଏ ମାଳତୀଫୁଲ ଦେଖାଇ ନାୟିକା 'ଲାବଣ୍ୟବତୀ'ଙ୍କୁ କହୁଚନ୍ତି—

"ଆଜିଠାରୁ ତୋର ମୋର ମାଳତୀ"

ତହୁଁ ଲାବଣ୍ୟବତୀ—

"କେଶୁଁ କୁରୁଣ୍ଟକ
ଦେଖାଇ ବୋଇଲା, ଏ ନାମେ ଡାକ"

ଚନ୍ଦ୍ରଭାନୁ କହିଲେ, "ଆମେ ଦୁହେଁ ଆଜିଠାରୁ ମାଳତୀ ବସିବା", ଅର୍ଥାତ୍, 'ମାଳତୀ' ବୋଲି ଡକାଡକି ହେବା । ଲାବଣ୍ୟବତୀ ଏଥକୁ ନିଜ ଜୁଡ଼ାରୁ ଗୋଟିଏ ଦାସକେରେଣ୍ଟା ଫୁଲ ଦେଖାଇ କହିଲେ, 'ଏଇ ନାମରେ ମତେ ଡ଼ାକ', ଅର୍ଥାତ୍, ମୁଁ ତମକୁ ପ୍ରତି ଦାସକେରେଣ୍ଟା ଫୁଲ ।

Digitized by srujanika@gmail.com

ଏଠାରେ ସଙ୍କେତ ଧରିବାର ସୂତ୍ର ହେଉଛି—ମାଳତୀ ଫୁଲର ଡେଂଫ ସରୁ ଓ ଲମ୍ବା ଥିବାରୁ ସେଥିରେ ଭ୍ରମର ବସିଲାକ୍ଷଣି ତାହା ଓଲଟିପଡ଼େ ଓ ଭ୍ରମର ଉପରମୁହାଁ ହୋଇ ତଳେ ରହି ମାଳତୀରୁ ମଧୁ ପିଏ । ମାତ୍ର କେରେଣ୍ଡାଫୁଲର ଡେଂଫ ଶ୍ରେଷ୍ଠ ଓ ଟାଣୁଆ; ସେଥିରେ ଭ୍ରମର ତଳମୁହାଁ ହୋଇ ବସି ମଧୁ ପିଏ । କେଡ଼େ ଅସଂଯତ ଯୌନକ୍ରିୟାର ସଙ୍କେତ ଏଠାରେ କି ମୃଦୁଳ ଓ ରୁଚିକର !

ସାହିତ୍ୟର ଏସବୁ କଳା ବିକାଶର ଆଦର୍ଶ ଓ ଧାରାପ୍ରତି ସାବଧାନ ନ ହୋଇ କେବଳ ଅନୁକରଣର ବନ୍ୟାରେ ପତ୍ରି ଚୁମ୍ବନ ଆଲିଙ୍ଗନ ପ୍ରଭୃତି ପ୍ରକାଶ କରିବାରେ ସାହିତ୍ୟ କିପରି ଭ୍ରଷ୍ଟ ହେଉଛି, ଲକ୍ଷ୍ୟ କରିବାର ଅଛି । ଏଇ ଦୃଷ୍ଟିରେ ମଧ ରଂଗମଂଚ ଓ ସିନେମାର ଚଳଚ୍ଚିତ୍ରାଦି ନିୟନ୍ତ୍ରିତ ହେବା ଉଚିତ । ମାତ୍ର ତା ହେଉନାହିଁ । ନବ୍ୟ କାବ୍ୟରୁଚି ନାମରେ ଯୌନକ୍ରିୟାର ଅଂଗମାନ ବର୍ଣ୍ଣନା କରାଯାଉଛି । ସେଥିର ଗୋଟିଏ କଥଂଚିତ୍ ସହନୀୟ ଉଦାହରଣ ତଳେ ଦିଆଗଲା—

“ଆଷାଢ଼ ହେଲା ଆସି,<br>
ଦୂର ଗଗନେ ବଉଦ ଖେଳେ ଆଲୋକ ଧାରା ନାଶି;<br>
ଝିପର ଝିପର ଝରଇ ବାରି ରାତି ଶେଷେ ଚେତଇ ନାରୀ<br>
ନିଅଇ ପ୍ରିୟ କୋଳକୁ ତାର ପ୍ରଣୟୁ ବକ୍ଷ ପାତି;<br>
କହଇ କାନେ—‘ତୁମେ ମୋ କେଳି ସାଥି’ ।”

---

## ଓଡ଼ିଆ ବର୍ଣ୍ଣ ଓ ଲିପି *

ଓଡ଼ିଆ ଭାଷାରେ ବର୍ଣ୍ଣର ଶୁଦ୍ଧାଶୁଦ୍ଧତ୍ୱ ବିଗୃର ତଥା ପାରିଭାଷିକ ଶବ୍ଦ ଛିଆଣି କରି ପ୍ରଗୃର କରିବା ପାଇଁ ସରକାର ଗୋଟିଏ କମିଟି ଗଢ଼ିଛନ୍ତି । ପଣ୍ଡିତ ନୀଳକଣ୍ଠ ଦାସ ସେହି କମିଟିର ସଭାପତି । ପଣ୍ଡିତ ଗୋପାଳଚନ୍ଦ୍ର

* ଷଷ୍ଠ ବର୍ଷ ୧ମ ସଂଖ୍ୟା, ୧୩୪୬ ମିଥୁନ (୧୯୩୯, ଜୁଲାଇ) ‘ନବଭାରତ’ର ଆଲୋଚନାରେ ପ୍ରକାଶିତ ।

Digitized by srujanika@gmail.com

ପ୍ରହରାଜ, ପଣ୍ଡିତ ଗୋଦାବରୀଶ ମିଶ୍ର, ଶ୍ରୀଯୁକ୍ତ ଶ୍ୟାମଚନ୍ଦ୍ର ତ୍ରିପାଠୀ, ଶ୍ରୀଯୁକ୍ତ ପ୍ରାଣକୃଷ୍ଣ ପରିଜା, ଶ୍ରୀଯୁକ୍ତ ଆର୍ତ୍ତବଲ୍ଲଭ ମହାନ୍ତି, ଶ୍ରୀଯୁକ୍ତ ଗିରିଜାଶଙ୍କର ରାୟ, ଶ୍ରୀଯୁକ୍ତ ଗୁରୁଚରଣ ମହାନ୍ତି, ଶ୍ରୀଯୁକ୍ତ ମହେଶଚନ୍ଦ୍ର ପ୍ରଧାନ, ଶ୍ରୀଯୁକ୍ତ ହରିହର ମିଶ୍ର, ମୌଲବି ରହେମତ୍ ଅଲି, ଶ୍ରୀଯୁକ୍ତ ରାମଚନ୍ଦ୍ର ମହାପାତ୍ର ପ୍ରଭୃତି ସାହିତ୍ୟିକମାନେ ଏଥିରେ ମେମ୍ବର ଅଛନ୍ତି । ସବ୍‌କମିଟିମାନ କରି ଅନ୍ୟାନ୍ୟ ବିଜ୍ଞ ସାହିତ୍ୟିକମାନଙ୍କ ସାହାଯ୍ୟ ମଧ୍ୟ ନିଆଯାଉଛି । ସେମାନେ ଏବେ କେତୋଟି କଥା ନିର୍ଦ୍ଦିଷ୍ଟ ମତ ବୋଲି ପ୍ରାରମ୍ଭିକ ଭାବରେ ପ୍ରକାଶ କରିଛନ୍ତି । ମୋଟାମୋଟି ତାହା ଏହି:—

(୧) ଓଡ଼ିଆରେ ଅର୍ଥାତ୍ ତଦ୍ଭବ ଦେଶୀ ଓ ବିଦେଶୀ ଶବ୍ଦରେ ଗୋଟିଏ 'ଇ'କାର ଓ ଗୋଟିଏ 'ଉ'କାର ରହିବ । ତାହାର ଉଚ୍ଚାରଣ ହ୍ରସ୍ୱ । ବର୍ତ୍ତମାନ ପାଇଁ ତାହାର ମାତ୍ରା ହ୍ରସ୍ୱ ଇକାର ଓ ହ୍ରସ୍ୱ ଉକାର ହେବ ।

(୨) ହାତୀ, କୁମ୍ଭୀ, ସପ୍ତଫେଣୀ ପ୍ରଭୃତି ଓଡ଼ିଆ ଇନ୍ ଭାଗାନ୍ତ ଶବ୍ଦ ତଥା ହସ୍ତୀ, ଗୁଣୀ, ଧନୀ ପ୍ରଭୃତି ଇନ୍ ଭାଗାନ୍ତ ଶବ୍ଦ ମଧ୍ୟ ଦୀର୍ଘ ଈ ମାତ୍ରାରେ ପ୍ରକାଶ କରାଯିବ । ହାତୀକୁ, ଗୁଣୀକୁ, ହାତୀମାନେ, ଗୁଣୀମାନେ, କୁମ୍ଭୀପାଣି, ସପ୍ତଫେଣୀବଣ, ଧନୀମାନି ପ୍ରଭୃତି ସକଳ ବିଭକ୍ତ୍ୟନ୍ତ ଓ ସମସ୍ତ ପଦରେ ସେହି ଦୀର୍ଘ ଈ ମାତ୍ରା ରହିବ । କିଂତୁ ଏଠାରେ କଥା ହେଲା, ଏହାର ଉଚ୍ଚାରଣ ହ୍ରସ୍ୱ ହେଲେ ମଧ୍ୟ ସଂସ୍କୃତ ନିୟମରେ ଏହାର ପ୍ରଥମା ଏକବଚନ ଏବେ ଦୀର୍ଘ ଈ ରେ ପ୍ରକାଶ କରାଯାଉଚି, ପରେ ଓଡ଼ିଆର ସମସ୍ତ ହ୍ରସ୍ୱ ଇ ଏହି ଦୀର୍ଘ ଈ ମାତ୍ରାରେ ପ୍ରକାଶ କଲେ ଲେଖା ଓ ଛାପାରେ ସୁବିଧା ହେବ । ମାତ୍ର ଏହା ଲିପି-ସଂସ୍କାରର ଅପେକ୍ଷା ରଖେ ।

(୩) ବ୍ୟଞ୍ଜନ ପୂର୍ବରୁ ବର୍ଗର ୫ମ ବର୍ଣ୍ଣ ସର୍ବତ୍ର ଅନୁସ୍ୱାରରେ ପ୍ରକାଶିତ ହେବ; କିନ୍ତୁ ଏଠାରେ ପ, ଫ, ଠ ପ୍ରଭୃତିରେ ଅନୁସ୍ୱାର ଦେବା ଏବେ ଅସୁବିଧାଜନକ । ପଙ୍କ, ଫନ୍ଦା, ଠେଙ୍ଗା ପ୍ରଭୃତିରେ ପ, ଫ ଓ ଠ ପରେ ଅନୁସ୍ୱାର ଦେବା ସୁବିଧାଜନକ ନୁହେ । ତେଣୁ ଏହି ସବୁ ଅକ୍ଷରର ସୁବିଧା-ଜନକ ଆକାର ଲିପି ସଂସ୍କାରର ଅଙ୍ଗୀଭୂତ ।

Digitized by srujanika@gmail.com

(୪) ତଦ୍‌ଭବ ଦେଶୀ ଓ ବିଦେଶୀ ଶବ୍ଦରେ ସବୁ ପ୍ରକାର ସକାର କେବଳ 'ସ'ରେ ପ୍ରକାଶିତ ହେବ । ସେହିପରି ଯାହା, ଯେତେ, ଯଥା, ଯମୁନା ପ୍ରଭୃତିର ଯ 'ଜ'ରେ ପ୍ରକାଶିତ ହେବ । କ୍ଷ ଲେଖାଯିବ ଖ୍ୟ । ସେହିପରି 'ଜ୍ଞ' ଗ୍ୟଁ ।

(୫) ସମସ୍ତ ତତ୍ସମ ବା ସଂସ୍କୃତରୁ ଆସୁଥିବା ଶବ୍ଦ ବର୍ତ୍ତମାନ ପାଇଁ ସ କାର ଓ ହ୍ରସ୍ୱ ଦୀର୍ଘ ସ୍ୱର ସମ୍ପର୍କରେ ଠିକ୍ ସଂସ୍କୃତରେ ଯେପରି ଅଛି ସେହିପରି ଲେଖିବାକୁ ହେବ । ଇତ୍ୟାଦି ।

ଅବଶ୍ୟ ଓଡ଼ିଆରେ ଲିପିର ସଂସ୍କାର ନିତାନ୍ତ ଦରକାର । ଶିଶୁର ଶିକ୍ଷାର ସୁବିଧାପାଇଁ ଦରକାର, ତଥା ଲେଖକ ଓ ମୁଦ୍ରାକରର ମଧ୍ୟ ଦରକାର । ଓଡ଼ିଆ ଅକ୍ଷର ବିକାଶର ଇତିହାସ ଦେଖିଲେ ସ୍ପଷ୍ଟ ଦେଖାଯାଏ, ଦଶମ ଶତାବ୍ଦୀର କୁଟିଳାକ୍ଷର, ତାଳପତ୍ର ଲେଖାଯୋଗେ ଆଜିର ଓଡ଼ିଆ ଅକ୍ଷରରେ ପରିଣତ ହୋଇଛି । ଉପରର ସିଧା ଗାର ସବୁ ତାଳପତ୍ରଟି ଫାଟିଯିବା ଭୟରେ ଲୋକେ ଗୋଲ କରି ଲେଖି ଲେଖି କାଳକ୍ରମେ ବର୍ତ୍ତମାନର ଓଡ଼ିଆ ଅକ୍ଷର ହୋଇଯାଇଛି । ଠିକ୍ କେତେ ଦିନ ହେଲା ଏହା ହୋଇଛି ତାହା ନିର୍ଦ୍ଦେଶ କରି ହୋଇନାହିଁ । ମାତ୍ର ଏହା ନିଶ୍ଚିତ ଜଣାପଡ଼ିଛି, ଖ୍ରୀଷ୍ଟ ପଞ୍ଚଦଶ ଶତାବ୍ଦୀ ବେଳକୁ ବର୍ତ୍ତମାନ ପରି ଓଡ଼ିଆ ଅକ୍ଷର ଗୋଲ ହୋଇ ସାରିଥିଲା । ତେଣୁ ଆଜିର ଓଡ଼ିଆ ଅକ୍ଷର ପଛରେ ଅନ୍ତତଃ ପାଞ୍ଚଶହ ବର୍ଷର ପରମ୍ପରା ଅଛି । ଏହି ପରମ୍ପରା ସଙ୍ଗେ ନାନା ଅଭିଜାତ ସମ୍ପର୍କ ଓ ପ୍ରତିଷ୍ଠିତ ଭାବ ଜଡ଼ିତ ରହିଛି । ତେଣୁ ଲିପିର ଆଜି ସଂସ୍କାର କରିବାକୁ ହେଲେ ସାରା ଓଡ଼ିଆଭାଷୀ ମୁଲକର ସାକ୍ଷର ସାଧାରଣ ବୁଝି ମତ ଦେବା ଉଚିତ । ଅନ୍ତତଃ ବିଶେଷଜ୍ଞମାନଙ୍କ ନବ ଲିପି ଗଠନ ବିଷୟରେ ଲୋକେ ସର୍ବତୋଭାବରେ ପ୍ରଭାବିତ ହେବା ଉଚିତ । କାରଣ, ହଠାତ୍ ଲିପିର ଘୋର ସଂସ୍କାର ଆରମ୍ଭ କରିଦେଲେ ଭାଷାର ପ୍ରକାଶ ରାଜ୍ୟରେ ଏହା ଗୋଟିଏ ଘୋର ବିପ୍ଳବ ସୃଷ୍ଟି କରିବ । ସ୍କୁଲ କଲେଜରେ ଚପି ଭର୍ତ୍ତି କଲେ ମଧ୍ୟ ତାହା ସହଜରେ ଚଳିବ ନାହିଁ—ହୁଏତ ଦୁର୍ଲଙ୍ଘ୍ୟ ପ୍ରତିବାଦ ହେବ । ସେଥିପାଇଁ ଏତେବଡ଼ ମୌଳିକ ସଂସ୍କାର କିପରି କାର୍ଯ୍ୟରେ ପରିଣତ ହେବ,

Digitized by srujanika@gmail.com

ତାହାର ପନ୍ଥା ଠିକ୍ କରିବା ଉଚିତ । ବିଶେଷଜ୍ଞମାନେ ଚିଠା ଦେଇପାରନ୍ତି କିନ୍ତୁ ସମସ୍ୟାର ସମାଧାନ ତାଙ୍କ ହାତରେ ନାହିଁ, ରହିବା ଉଚିତ ନୁହେଁ ।

ପ୍ରାକୃତ ଭାଷାରେ ବହୁ ପ୍ରାଚୀନ କାଳରେ ମଧ୍ୟ କେବଳ ହ୍ରସ୍ୱସ୍ୱର ଓ ଗୋଟିଏ ମାତ୍ର 'ସ' କାର ତଥା ଜ ଓ ଯ ପାଇଁ ଗୋଟିଏ ମାତ୍ର 'ଜ' କାର ସ୍ୱୀକୃତ ହୋଇଥିଲା । ଓଡ଼ିଆ ପ୍ରାକୃତ ଭାଷା । ତେଣୁ ଓଡ଼ିଆରେ ସେହିପରି ଚଳିବାର ଯୁକ୍ତି ଯଥେଷ୍ଟ । ପ୍ରାକୃତ ଭାଷାରେ ମଧ୍ୟ ଧନେ ସମସ୍ତ ବୌଦ୍ଧ 'ବିନୟ' ଓ 'ଅଭିଧର୍ମ' ପ୍ରଣୀତ ହୋଇଥିଲା । ସେଥିରେ ଆବଶ୍ୟକ ମତେ ପରିଭାଷାର ମଧ୍ୟ ଅଭାବ ନ ଥିଲା; ଏପରି କି ସଂସ୍କୃତ ଶବ୍ଦ ସବୁ ସଂସ୍କୃତରୁ ଅଣା ହୋଇ ପ୍ରାକୃତ ଉଚ୍ଚାରଣରେ ତଦ୍ଭବ ପରି ଲେଖାଯାଉଥିଲା । 'ପ୍ରବର୍ତ୍ତିତୁ' ନ ଲେଖି ରାଜଶେଖର ଲେଖିଛନ୍ତି 'ପଅଟ୍ଟଉ', 'ସରସ୍ୱତୀ' ନ ଲେଖି ଲେଖିଛନ୍ତି 'ସଅସଈ' ଇତ୍ୟାଦି । କିନ୍ତୁ କେବଳ ଛନ୍ଦ ନିୟମରେ ସ୍ୱରର ହ୍ରସ୍ୱ ଦୀର୍ଘ ଥିଲା । ତା ନ ରହିବାକୁ ଗୁରି ନାହିଁ । ଏବେ ମଧ୍ୟ ଓଡ଼ିଆ ଛନ୍ଦରେ ତାହା ଅଛି । କିନ୍ତୁ ଓଡ଼ିଆ ଛନ୍ଦର ପ୍ରକୃତି ସଂସ୍କୃତର ଛନ୍ଦ ନିୟମରୁ ପୃଥକ୍ ଥିବାହେତୁ ସଂସ୍କୃତର ଦୀର୍ଘ ହ୍ରସ୍ୱ ବିଚାର ଓଡ଼ିଆ ଛନ୍ଦରେ ନାହିଁ । ଗାୟକର ସ୍ୱରରେ ଦୀର୍ଘହ୍ରସ୍ୱ ରହିଛି । ପ୍ରାକୃତର ଛନ୍ଦ କିନ୍ତୁ ସଂସ୍କୃତ ନିୟମରେ ଥିବାରୁ ସଂସ୍କୃତର ଦୀର୍ଘ ଓ ଗୁରୁବର୍ଣ୍ଣସବୁ ପ୍ରାକୃତ ଛନ୍ଦରେ ଅବିକଳ ବ୍ୟବହାର କରାଯାଉଥିଲା । କିନ୍ତୁ ସେତେବେଳେ ଲେଖାରେ ତାହା ହ୍ରସ୍ୱ ଦୀର୍ଘରେ ପ୍ରକାଶ କରାଯାଉଥିଲା କି ନା, କହି ହେଉ ନାହିଁ । ପ୍ରାକୃତ ବ୍ୟାକରଣକାର ସେ ସମ୍ପର୍କୀୟ ଲିପି ସମ୍ବନ୍ଧରେ କିଛି କହି ନାହାନ୍ତି । ହେଲେହେଁ, ଓଡ଼ିଆ ଛନ୍ଦରେ ଲିପିର ଦୀର୍ଘହ୍ରସ୍ୱ ବିଚାର ଦରକାର ହୋଇନାହିଁ । ଲେଖା ଓ ଛାପାରେ ଏବେ ୫୦।୬୦ ବର୍ଷ ହେଲା ଯେ ଦୀର୍ଘ ହ୍ରସ୍ୱ ଓ ସକାରାଦିର ବିଚାର ରହିଛି, ତାହା କେବଳ ଅନୁକରଣ; ଆହରଣ ନୁହେଁ । ଓଡ଼ିଆ ଭାଷାର ତଦ୍ୱାରା କୌଣସି ଲାଭ ହୋଇନାହିଁ ।

କୂଅ, ନୂଆ ପ୍ରଭୃତି ଆମେ ଦୀର୍ଘ ଊ କାରରେ ଲେଖିବା ଆରମ୍ଭ କରିଥିଲୁ । ସେଇପରି ଲେଖୁଥିଲୁ ନଈ, ଗାଈ, ଗ୍ରୀଷମ, ପୀରତି (ପିରତି) ପ୍ରଭୃତି । କିନ୍ତୁ ସଂଗେ ସଂଗେ ଲେଖୁଥିଲୁ—ଖିରିପିଠା, ଚରିଲୁଗା । ପୁଣି

Digitized by srujanika@gmail.com

ସ୍ତ୍ରୀ ପ୍ରତ୍ୟୟର 'ଈ' ର ଅନୁକରଣରେ ଆମେ ଲେଖୁ ବୁଢ଼ୀ, ମାଲୁଣୀ ତଥା ମେଢ଼ୀ, ମଢ଼ୀ, ଭୁଣ୍ଡୀ, ଥାଳୀ, କଳାହାଣ୍ଡୀ ପ୍ରଭୃତି । କିନ୍ତୁ ସଙ୍ଗେ ସଙ୍ଗେ ଲେଖୁ ଢ଼ିଙ୍କି, ବଗୁଲି, ଖଡ଼ି, ବଢ଼ି, ମରୁଡ଼ି ପ୍ରଭୃତି । ସ ସମ୍ବନ୍ଧରେ ମଧ୍ୟ ସେହିପରି ବିଶୃଙ୍ଖଳା । ଏବେ ଲେଖୁଛୁ ଶେଜ, ଶଗଡ଼, ମାତ୍ର ସଉଣୀ, ସାମ, ପରଷିବା, କଷିବା, ଚୁଡ଼ାଘସା ଇତ୍ୟାଦି ।

ଗୀତ, ଶୀତ, ଶୀତଳ ପ୍ରଭୃତିର ଉଚ୍ଚାରଣଠାରୁ ଲେଖା ବରାବର ଭିନ୍ନ । କ୍ଷ ଓ ଜ୍ଞର ଉଚ୍ଚାରଣ ଆଦୌ ନାହିଁ, କିନ୍ତୁ ଏ ସବୁରେ ବିଜ୍ଞାନ ସମାଧାନ କରିବା ନିତାନ୍ତ ଦରକାର । ତତ୍ସମ ବା ସଂସ୍କୃତ ଶବ୍ଦକୁ ମୁଖର ଉଚ୍ଚାରଣ ପରି ଲେଖିବାକୁ ହେବ । ଏ ସମସ୍ୟା ମଧ୍ୟ ଏଥିରେ ଜଡ଼ିତ ଅଛି । ଶକଟରୁ ହେଲା ସଗଡ଼ । ଏଠାରେ ବ୍ୟଞ୍ଜନ ବର୍ଣ୍ଣର ଉଚ୍ଚାରଣ ଯେପରି ବଦଳିଗଲା, ଗିତନାଟ ବା ଅନ୍ଧକୂପ କହିଲା ବେଳେ ସେହିପରି ଗୀତ ବା କୂପର ସ୍ୱର ଉଚ୍ଚାରଣ ବଦଳିଗଲା । ତେବେ ଶକଟକୁ ଶଗଡ଼ ଲେଖି, ଗୀତକୁ ଗିତ ନ ଲେଖିବା କାରଣ କଣ ? କେହି କହନ୍ତି, ଏପରି ହେଲେ ସଂସ୍କୃତରୁ ସମ୍ବନ୍ଧ ଛୁଟିଯିବ, ନୂତନ ଶବ୍ଦ ତିଆରି କରିବାରେ ଅସୁବିଧା ହେବ । ତେଣୁ ଏ ସବୁର ସମାଧାନ ନିମନ୍ତେ ବିଶେଷଜ୍ଞମାନେ କେବଳ ନିଜ ମତ ଉପରେ ନିର୍ଭର କରିବା କେତେଦୂର ସଙ୍ଗତ ହେବ, ତାହା ଭାବିବାର ଅଛି । ସମସ୍ତ ସଂସ୍କାର ପରଂପରା ସଙ୍ଗେ ପରିସ୍ଥିତି ବିଚାର କରି ଭବିଷ୍ୟତ ମଙ୍ଗଳ ନିମନ୍ତେ କରିବାକୁ ହେବ । ଏ ବିଚାରରେ ଦେଶର ଲୋକେ ସତର୍କ ଭାବରେ ବିଚାର କରିବା ଉଚିତ । ସେହି ଭିତରେ କାର୍ଯ୍ୟ ହେଉ ବୋଲି ଆମର ମତ ।

Digitized by srujanika@gmail.com

# ଓଡ଼ିଆ ଭାଷା ଓ ବ୍ୟାକରଣ *

ସମାଜର ଗଠ ସଂଗେ ଓଡ଼ିଆ ଭାଷାର ବିକାଶ ହୋଇନାହିଁ । ଲିଖିତ ଭାଷାରେ ତ ହୋଇନାହିଁ । କଥିତ ଭାଷାରେ ବି ତା ହୋଇ ପାରିନାହିଁ । କେବଳ ଓଡ଼ିଆର ନୁହେଁ, ଭାରତର ଅନ୍ୟାନ୍ୟ ଅନେକ ଭାଷା ବିଶେଷରେ ସଂସ୍କୃତମୂଳକ ଭାଷାର ଏଇ ଅବସ୍ଥା । ଆର୍ଯ୍ୟାବର୍ତ୍ତ ବା ଉତ୍ତରପଶ୍ଚିମ ଭାରତରେ ବହୁ ଶତାବ୍ଦୀ ଧରି ସଂସ୍କୃତମୂଳକ ଭାଷା ପଶି, ସେଠାରେ ପାହାଡ଼ୀ ଜଙ୍ଗଲୀଙ୍କ ମଧ୍ୟରେ ବି ସଂସ୍କୃତମୂଳକ ଭାଷା ମାତୃଭାଷା ହୋଇ ଯାଇଚି । ଓଡ଼ିଶା ପ୍ରଭୃତି ଆର୍ଯ୍ୟାବର୍ତ୍ତର ଉପାନ୍ତ ବା ବାହାର ଭୂମିରେ ଏବେ ମଧ୍ୟ ଅନେକ ଆଦିମବାସୀଙ୍କ ମଧ୍ୟରେ ଓଡ଼ିଆ ମାତୃଭାଷା ହୋଇନାହିଁ । କନ୍ଧ, ମୁଣ୍ଡା, ହୋ, ଓରାଓଁ, ଶବର ପ୍ରଭୃତି ଜାତି ଏବେ ବି ନିଜ ମଧ୍ୟରେ ନିଜର ଭାଷା ବ୍ୟବହାର କରନ୍ତି । ସେ ସବୁ ଭାଷା ସଂସ୍କୃତମୂଳକ ନୁହେ ।

ଅନ୍ତତଃ ପ୍ରାୟ ଅଢ଼େଇ ହଜାର ବର୍ଷ ହେବ ଏଇ ଓଡ଼ିଆ ଭୂମିରେ ସଂସ୍କୃତମୂଳକ ଭାଷା ପୂରାଇବାର ଉଦ୍ୟମ ଚାଲିଆସିଚି । ଉପର ଆଡ଼ୁ ଏ ଭାଷା ପଶି ଆଦିମବାସୀଙ୍କ ଅଡ଼କୁ ପ୍ରସରୁଚି । କ୍ରମେ ଆଦିମବାସୀଙ୍କ ଭାଷାର ଶବ୍ଦ ଓ ଅନ୍ୟାନ୍ୟ ଲକ୍ଷଣମାନ ବି ଓଡ଼ିଆରେ ପଶି ଯାଇଚି । କିନ୍ତୁ, ତଥାପି ଭାଷାର ସ୍ୱାଧୀନ ଗତି ହେଉନାହିଁ । ଲୋକ-ସାହିତ୍ୟ ଫୁଟୁନାହିଁ ।

ଏହାର କାରଣ, ସଂସ୍କୃତମୂଳକ ଭାଷା ଗ୍ରାସ କରିବାପାଇଁ ଯେପରି କି ସବୁବେଳେ ଚାହିଁ ବସିଚି; ଥରକୁଥର ଲୋକ-ଭାଷାକୁ ଆକ୍ରମଣ କରୁଚି । ତେଣୁ ଭାଷା କୃତ୍ରିମ ହୋଇ ରହିଚି । ହିନ୍ଦୁସ୍ଥାନୀରେ ଏଇ କୃତ୍ରିମତା ସେତେ ଏବେ ନାହିଁ । ମାତ୍ର ଗୁଜୁରାଟ, ମହାରାଷ୍ଟ୍ର, ଓଡ଼ିଶା, ବଙ୍ଗ ଓ ଆସାମରେ ଏଇ କୃତ୍ରିମତା ସ୍ପଷ୍ଟ ।

ଏଇ ଓଡ଼ିଶାର କଥା ଦେଖ । ଅନ୍ତତଃ ଅଶୋକଙ୍କ କାଳରୁ ବିହାରର ସଂସ୍କୃତମୂଳକ ଭାଷା ଏ ଭୂମିରେ ଚଳାଇବାର ପ୍ରଯତ୍ନ ହୋଇଥିବାର ପ୍ରମାଣ

---

* ଷଷ୍ଠ ବର୍ଷ ୮ମ ସଂଖ୍ୟା, ୧୩୪୭ ମକର (୧୯୪୦, ଫେବୃୟାରୀ) 'ନବଭାରତ'ର ଆଲୋଚନାରେ ପ୍ରକାଶିତ ।

Digitized by srujanika@gmail.com

ଶିଳାଲିପିରୁ ମିଳୁଛି । ସେଇ କାଳରୁ ବୌଦ୍ଧ ଓ ଜୈନ ଧର୍ମ ସୂତ୍ରରେ ଗୋଟିଏ ଓଡ଼ିଆ ପ୍ରାକୃତ ଭାଷା ହୁଏତ ବଢ଼ି ଆସୁଥିଲା । ଉଚ୍ଚ ଶ୍ରେଣୀର ଲୋକେ କିଂତୁ ସାହିତ୍ୟାଦିରେ ସଂସ୍କୃତ ବ୍ୟବହାର କରୁଥିଲେ । ଫଳରେ ଲୋକଭାଷା ସେତେ ଅଦ୍ଭୁତ ନ ଥିଲା । ତେଣୁ ଲୋକଭାଷାରେ ତ ବିଶେଷ କୌଣସି ସାହିତ୍ୟ ଫୁଟି ନାଇ । ଭାଷା ଓ ସାହିତ୍ୟ ସୂତ୍ରରେ ସ୍ଥାନୀୟ ସମାଜ ବିକାଶ ଧରି ରଖିବାର କୌଣସି ସ୍ପଷ୍ଟ ପ୍ରଯତ୍ନ ହେବାର ଜଣାନାହିଁ ।

କପିଳେନ୍ଦ୍ର ଦେବ ଜଣେ ଯଥାର୍ଥ ଓଡ଼ିଆ ସମ୍ରାଟ । ଏଇ ଦେଶର ଲୋକସାଧାରଣଙ୍କ ଭିତରୁ ସେ ବାହାରିଥିଲେ । ପରଂପରା କହେ, ସେ ଜଣେ ଗଉଡ଼ । ଅନ୍ୟାନ୍ୟ ଅନେକ ଆଭ୍ୟନ୍ତରୀଣ ଓ ବାହ୍ୟ କାରଣରୁ ତାହାଇ ସତ୍ୟ ବୋଲି ମନେ ହୁଏ । ତାଙ୍କର କାଳରେ ଶୂଦ୍ରମୁନି ଶାରଳା ଦାସ ପ୍ରଥମେ ସାହିତ୍ୟରେ ଯଥାର୍ଥ ଲୋକଭାଷା ତଥା ଲୋକରୁଚି ଓ ପରଂପରା ପ୍ରକାଶ କରିଥିଲେ । କେତେ ଦିନ ତାହା ନିର୍ମଳ ଧାରାରେ ଚାଲିଥିଲା । ପ୍ରାୟ ଶହେ ବର୍ଷ ମଧ୍ୟରେ ପୁଣି ସଂସ୍କୃତର ଏକ ଘୋର ଆକ୍ରମଣ । ବୈଷ୍ଣବ ସାହିତ୍ୟରେ ଏହାର ଆରଂଭ । ମାତ୍ର ଏହି ବୈଷ୍ଣବ ସାହିତ୍ୟରେ ଲୋକ-ଭାଷାର ସରଳ ଧାରା ଏକାବେଳକେ ଲୁପ୍ତ ନୁହେ । ମାତ୍ର ଏଇ ଆକ୍ରମଣର ବିକାଶରେ ଫୁଟିଲା, କାବ୍ୟଯୁଗ । ଏହାକୁ ଭଞ୍ଜୀୟ ଯୁଗ କୁହାଯାଇ ପାରେ । ଏ ଯୁଗ କାବ୍ୟ-ସାହିତ୍ୟର ଆଉ ଯାହା ଗୌରବ ଓ ବିଶେଷତ୍ୱ ଥାଉ ବା ନ ଥାଉ, ଓଡ଼ିଆ ଲୋକ-ଭାଷାର ଏହା ସରଳ ଓ ସ୍ୱାଭାବିକ ପ୍ରକାଶ ନୁହେ ।

ତା ପରେ ନବଯୁଗ ସାହିତ୍ୟର କଥା କହିବା ନିଷ୍ପ୍ରୟୋଜନ । ଏଥିରେ ଭାଷା କେବଳ ସଂସ୍କୃତବହୁଳ ନୁହେ, ଭାବ ମଧ୍ୟ ବହୁ ପରିମାଣରେ ବିଦେଶୀ ଲୋକ-ଭାଷା ଓ ଲୋକ-ସାହିତ୍ୟ ଧାରାରେ ଏହା ଫୁଟିନାହିଁ । ଏବେ କିଂତୁ ଗୋଟିଏ ପରିବର୍ତ୍ତନ ଦେଖାଯାଉଛି । ମାତ୍ର ଠିକ୍ ଭାଷା ଓ ସାହିତ୍ୟ ଦୃଷ୍ଟିରେ ସେ ପରିବର୍ତ୍ତନ ହେଉନାହିଁ । ନ ହେଲେ ମଧ୍ୟ ସାହିତ୍ୟ ଓ ଭାଷା ଉପରେ ତାର ପ୍ରଭାବ ପଡ଼ି ଆସୁଚି । ଭାଷା ସରଳ ଓ ସ୍ୱାଧୀନ ହୋଇଯାଉଚି । ଅନ୍ୟ ଦିଗରେ ଏ ଗତିକୁ ସଂସ୍କୃତ ଖୁଣ୍ଟରେ ବାନ୍ଧିବାର ଯେ ପାରଂପରିକ ଉଦ୍ୟମ ହୋଇ ଆସୁଚି, ସେ ଉଦ୍ୟମର ମଧ୍ୟ ବିରାମ ନାହିଁ । ସାହିତ୍ୟସେବୀ ହୁଅନ୍ତୁ,

Digitized by srujanika@gmail.com

ବା ସମାଜସେବୀ ହୁଅନ୍ତୁ, ଗତାନୁଗତିକ ହେବା ଲୋକର ପ୍ରକୃତି । ତା ବିରୁଦ୍ଧରେ ବିଦ୍ରୋହ ସହଜ ନୁହେ । କିନ୍ତୁ ସେ ବିରୋଧ ଦରକାର ହୁଏ । ବିଶେଷରେ ଏ ଲୋକ-ଶାସନ ଯୁଗରେ ସେହିପରି ବିଦ୍ରୋହ କେବଳ ସହନୀୟ ନୁହେ, ବରଂ ସ୍ପୃହଣୀୟ । ମାତ୍ର ସବୁପ୍ରକାର ବିରୋଧରେ ଯେ ବିପଦ୍ ଅଛି, ସେଥିପାଇଁ ସାବଧାନ ହେବାକୁ ହେବ । କେବଳ ଭାଙ୍ଗିବାରେ ନ ମାତି ନବ ସାହିତ୍ୟ ଗଢ଼ିବାକୁ ହେବ । ତାହା ହେଉନାହିଁ ବୋଲି ମନେହୁଏ ।

ଉପରେ କିନ୍ତୁ ଯେଉଁ ଗତାନୁଗତିକ ବୃତ୍ତିର କଥା କୁହାଗଲା, ତାର ସ୍ପଷ୍ଟ ସଙ୍କେତ ଓଡ଼ିଆ ବ୍ୟାକରଣ । ପୂର୍ବେ ପ୍ରାକୃତ ଭାଷାମାନଙ୍କରେ କଦାଚିତ୍ ବ୍ୟାକରଣ ଲେଖା ଯାଇଥିଲା, ମାତ୍ର ଯାହା ବା ଲେଖାଯାଇଥିଲା ତାହା ସମ୍ପୂର୍ଣ୍ଣ ପ୍ରାକୃତ ଭାଷାର ବ୍ୟାକରଣ ବୋଲି ମନେ ହେଉନାହିଁ । ବରରୁଚିଙ୍କ 'ପ୍ରାକୃତପ୍ରକାଶ' ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ । ସେଥିରେ କେବଳ କେତେ-ଗୁଡ଼ିଏ ବର୍ଣ୍ଣ ପରିବର୍ତ୍ତନର ନିୟମ ଧରି, ସଂସ୍କୃତ ଶବ୍ଦସବୁ ଲୋକମୁଖରେ କି ଆକାର ଧରିପାରେ, ସେଇ କଳନା ମାତ୍ର ଯେନ ପ୍ରାକୃତ ଭାଷାଟିକୁ ଗୋଟିଏ ଛାଞ୍ଚରେ ପକାଇ ଦିଆଯାଇଛି ମାତ୍ର । 'ମାଗଧୀ'କୁ 'ମାଅହି', 'ଅନ୍ୟାନ୍ୟ'କୁ 'ଅଣ୍ଣାଣ', 'ପ୍ରବର୍ତ୍ତିତୁ'କୁ 'ପଅଦ୍‌ଦଉ' ପ୍ରଭୃତି ପରି ସଂସ୍କୃତକୁ ପ୍ରାକୃତ କରିବାକୁ ହେବ । ସମସ୍ତେ ଯେ କିନ୍ତୁ ଏଇ ନିୟମରେ କଥା କହୁଥିବେ, ଏହା ମନେ ହେଉନାହିଁ । ଏବେ ମଧ୍ୟ ଏଇ ଓଡ଼ିଶାରେ ଲୋକେ କେହି କହନ୍ତି 'ଶଗଡ଼', ପୁଣି କେହି କହନ୍ତି 'ଶଅଡ଼'; କେହି କହନ୍ତି 'ବଳଦ', କେହି କହନ୍ତି 'ବଅଲ' । 'ରାତି'କୁ କହନ୍ତି 'ଆତି', କିନ୍ତୁ 'ରାତି ଆସ'କୁ 'ଆତି ଆଯ' ପ୍ରାୟ କହନ୍ତି ନାହିଁ । 'ନଗର' ଓ 'ନଅର' ଦୁଇଟିଯାକ ଶବ୍ଦ ବ୍ୟବହାର କରନ୍ତି—ମାତ୍ର ଭିନ୍ନ ଭିନ୍ନ ଅର୍ଥରେ । 'ନାଗରୀ'କୁ କେହି କୌଣସି ଅର୍ଥରେ 'ନାଅରୀ' କିମ୍ବା 'ନାଗର'କୁ 'ନାଅର' କହନ୍ତି ନାହିଁ ।

ପୁଣି ଭିନ୍ନ ଭିନ୍ନ ସମୟରେ ନୂତନ ନୂତନ ଭାବରେ ସଂସ୍କୃତ, ଲୋକଭାଷା ବା ପ୍ରାକୃତକୁ ଆକ୍ରମଣ କରିଥିବାରୁ ତଦ୍‌ଭବ ଶବ୍ଦର ଉଚ୍ଚାରଣରେ ଭେଦ ମଧ୍ୟ ବହୁତ ଅଛି । 'ତୃଣ'କୁ କହନ୍ତି 'ତିରଣ', 'ମୃଗ'କୁ 'ମିରଗ' । 'ଦୃଶ୍ୟତେ' ହୁଏ 'ଦିଶେ', 'ଦୁଶେ' । 'କୃମି' ହୁଏ 'କୁରୁମି' । 'କୃତ' ହୁଏ

Digitized by srujanika@gmail.com

'କଲ', 'ମୃତ'—'ମଲ'; କିନ୍ତୁ 'ମୃଗିତ'—'ମାଗିଲ'। ଏହିପରି ବହୁପ୍ରକାର ଭେଦମାନ ବରରୁଚି ପ୍ରଭୃତି ଭିନ୍ନ ଭିନ୍ନ କରି ବିଶେଷ ଭାବରେ ଦେଖାଇବାର ଉଦ୍ୟମ କରିନାହାନ୍ତି। ପୁଣି ସଂସ୍କୃତ ଅଭିଧାନରେ ନଥିବା ଦେଶୀ ଶବ୍ଦମାନ ମଧ୍ୟ ବିଚାରରେ ଆସି ନାହାନ୍ତି । ସେମାନଙ୍କ ବ୍ୟାକରଣରେ ସେ ସବୁ ଦରକାର ମଧ୍ୟ ନ ଥିଲା । ସଂସ୍କୃତ ନାଟକରେ ସଂସ୍କୃତ କଥାକୁ ପ୍ରାକୃତ ରୂପାନ୍ତରରେ ଲେଖିବାପାଇଁ ଓ ସେହି ଲେଖାକୁ ପୁଣି ପ୍ରାକୃତ କରି ବୁଝିବା ପାଇଁ ହୁଏ ତ ସେକାଳ ପ୍ରାକୃତ ବ୍ୟାକରଣ ଲେଖା ହୋଇଥିଲା।

ଏବେ ଓଡ଼ିଆରେ ଯେଉଁ ବ୍ୟାକରଣ ଏହି ଯୁଗରେ ଲେଖା ହୋଇ ଆସୁଚି, ତାହାର ଗତି ଅନ୍ୟ ଏକ ଆଡ଼େ । ଏହା ପୁଣି ଓଡ଼ିଆକୁ ସମ୍ପୂର୍ଣ୍ଣ-ରୂପେ ସଂସ୍କୃତ ଖୋଳରେ ଛିନ୍ଦି ଦେବାକୁ ଚାହେ । ବରରୁଚି ପ୍ରଭୃତିଙ୍କ ସୂତ୍ରନିୟମ ଶୈଳୀ ପର୍ଯ୍ୟନ୍ତ ବି ଏଥିରେ ବିଚାରରେ ଆସୁନାହିଁ । ଆମ ଓଡ଼ିଆ ବ୍ୟାକରଣ ଏବେ ଭାଷା ଓ ସାହିତ୍ୟରେ ଏକ ଭୀଷଣ ବିକୃତ ପ୍ରତିକ୍ରିୟାର ସ୍ପଷ୍ଟ ସଙ୍କେତ କହିଲେ ଚଳେ । ଏଥିରେ କେବଳ ଯେ ପ୍ରାକୃତ ସ୍ୱର ନିୟମର ବିଚାର ନାହିଁ ସେତିକି ନୁହେଁ, ଓଡ଼ିଆର ଶବ୍ଦ, ପ୍ରକୃତି ପ୍ରତ୍ୟୟ, ଧାତୁ ଓ ଶବ୍ଦରୂପ ସବୁ ସଂସ୍କୃତ ଗ୍ରନ୍ଥରେ ଚାଳି । ଓଡ଼ିଆର ଉଚ୍ଚାରଣ ନିୟମରେ 'ଭୋଗମଣ୍ଡପ' ହୁଏ 'ଭଅଣ୍ଡ', 'ପୁରୁଷୋତ୍ତମ' ହୁଏ 'ପୁରୁତ୍ତମ' ବା 'ପ୍ରତ୍ତଂ', 'ବର୍ତ୍ତମାନ' ହୁଏ 'ବ୍ରତମାନ', 'ସ୍ନାନ' ହୁଏ 'ସ୍ନାହାନ', 'ପୁଷ୍ପକାଳ' ହୁଏ 'ପୁଷକାହାଳ', 'ବେଶ' ହୁଏ 'ବେହେଶ' ବା 'ଭେଶ' । ମାତ୍ର ଓଡ଼ିଆ ବ୍ୟାକରଣରେ ଏ ସବୁ ଏବେ ହେଉଛି ଅଶୁଦ୍ଧ। ସେହିପରି ଯୋଡ଼ପାହାରିଆ, କଳକାଣ୍ଡୋଇ, ମଣସମରି ପ୍ରଭୃତିର ବିଚାର ନାହିଁ । ଥିଲେ ମଧ୍ୟ ଏହା ଅସାଧୁ । ଭକ୍ତ, ପ୍ରୀତି ପ୍ରଭୃତି ସଙ୍ଗେ ଖାଉତି, ଲିଗୁଡି, ସିଲଇର ବିଚାର କିଛି ନାହିଁ। ଧାତୁରୂପରେ ଉପସର୍ଗ ଅଛି, କିନ୍ତୁ ସାହାଯ୍ୟକାରୀ ବା ଦ୍ୟୋତକ କ୍ରିୟା ମୋଟେ ବିଚାରକୁ ଆସୁନାହିଁ। ଇତ୍ୟାଦି ବହୁଭାବରେ ଦେଖିଲେ, ଦେଖାଯାଏ ଏବର ଓଡ଼ିଆ ବ୍ୟାକରଣ ଆଦୌ ଓଡ଼ିଆ ଭାଷାର ବ୍ୟାକରଣ ନୁହେଁ ।

ଆଜି ପୁଣି ଏପରି ଗତାନୁଗତିକ ପରଂପରା ପଡ଼ିଯାଇଚି ଯେ, ସମସ୍ତେ ହଠାତ୍ ଏ କଥା ବୁଝିବେ ନାହିଁ। ଏହା ପରୀକ୍ଷା କରି ବୁଝିବା ପାଇଁ ଗୋଟିଏ

Digitized by srujanika@gmail.com

ମାପର ସଙ୍କେତ ଦିଆଯାଉଛି । ଧର, ଜଣେ ଜାପାନୀ, ଆମେରିକାନ୍ ବା ଇଂରେଜ ଓଡ଼ିଆ ଭାଷା ପଢ଼ିବ । ଆମ ବ୍ୟାକରଣ ଧରି ପଢ଼ିଲେ, ସେ ଓଡ଼ିଶାରେ ଆସି ଓଡ଼ିଆଙ୍କ କଥା ବୁଝି ପାରିବ ତ ? ସେମାନଙ୍କ ଭାଷା ଲେଖି କହି ପାରିବ ତ ?

ଭାଷାରୁ ବ୍ୟାକରଣ ହୁଏ । ବ୍ୟାକରଣରୁ ଭାଷା ହୁଏ ନାହିଁ । ବ୍ୟାକରଣରୁ ଯେଉଁ ଭାଷା ହୁଏ, ତାହା ଚଳନ୍ତି ଭାଷା ନୁହେଁ; ତାକୁ କହନ୍ତି ମାତୃଭାଷା । ଓଡ଼ିଆ ଭାଷାକୁ ଅତିଶୀଘ୍ର ଜୀବନ୍ତ ଓ ସ୍ୱାଧୀନ କରିବା ଉଚିତ । ସେ ଦୃଷ୍ଟିରେ ବ୍ୟାକରଣ ଲେଖା ଆଦୌ କର୍ତ୍ତବ୍ୟ ।

---

## ଓଡ଼ିଆ ବ୍ୟାକରଣରେ କେତୋଟି ସମସ୍ୟା *

ପଣ୍ଡିତ ଶ୍ରୀ ନରସିଂହ ମହାପାତ୍ର ଏଇ ଶିରୋନାମାରେ ଓଡ଼ିଆ ବ୍ୟାକରଣ ସମ୍ବନ୍ଧରେ କେତୋଟି ପ୍ରଶ୍ନର ଉଲ୍ଲେଖ କରିଛନ୍ତି । ତାହା ଏଇ ସଂଖ୍ୟାରେ ଅନ୍ୟତ୍ର ପ୍ରକାଶିତ ହୋଇଛି । ପଣ୍ଡିତ ମହାଶୟ କହିଚନ୍ତି, 'ଓଡ଼ିଆରେ ପୂର୍ଣାଙ୍ଗ ବ୍ୟାକରଣ ପ୍ରଣୟନ ବର୍ତ୍ତମାନ ସୁଦ୍ଧା ହୋଇପାରି ନାହିଁ ।' ଆମେ ବାରମ୍ବାର କହିଛୁ, ବର୍ତ୍ତମାନ ବି କହୁଚୁ, ଓଡ଼ିଆ ଭାଷାର ବ୍ୟାକରଣ ଭାବରେ ବ୍ୟାକରଣ ଆଲୋଚନା କରିବାର ବାଟ ଫିଟି ନାହିଁ । କୌଣସି ଭାଷାର ବ୍ୟାକରଣରେ ବୈଜ୍ଞାନିକ ଭାବରେ ସେଇ ଭାଷାର ଆଲୋଚନା ଥାଏ । କୌଣସି ଭାଷାର ବ୍ୟାକରଣ ଲେଖିଲେ, ତାହାର ଯଥାର୍ଥ ପରୀକ୍ଷା ହେଉଚି, ବିଦେଶୀ ସେହି ବ୍ୟାକରଣ, ସେହି ଭାଷାକୁ ଆୟତ୍ତ କରି ପାରିବ । ଓଡ଼ିଆରେ ତା ହୋଇ ନାହିଁ । ଉଦାହରଣ ସ୍ୱରୂପ—(୧) ଓଡ଼ିଆ ବ୍ୟାକରଣରେ ବର୍ଣର ଉଚାରଣ ସ୍ୱତନ୍ତ୍ର ଭାବରେ ବିଚାର କରାହୋଇ ନାହିଁ । ପାଣିନିଙ୍କ 'ଶିକ୍ଷା' ନିୟମରେ ତେଣୁ ଓଡ଼ିଆ ବର୍ଣର ଉଚାରଣ ବୁଝିବାକୁ ହେବ । ଏଥିରେ ଗୋଟିଏ ଆଦର୍ଶ ଉଦାହରଣ ମୁଁ ସବୁବେଳେ ଦିଏ । ସେଇଟି ହେଉଚି

---

* ଷଷ୍ଠ ବର୍ଷ ୧୦ମ ସଂଖ୍ୟା, ୧୩୪୭ ମୀନ (୧୯୪୦, ଏପ୍ରିଲ) 'ନବଭାରତ'ର ଆଲୋଚନାରେ ପ୍ରକାଶିତ ।

Digitized by srujanika@gmail.com

‘ମୁସାଜନ୍ତା’ । ଆମେ କହୁଚୁ ‘ମୁସାଜନ୍ତା’, ଲେଖୁଚୁ ‘ମୁଷାଯନ୍ତା (ଯନ୍ତ୍ରା ?)’ । ଜାପାନୀ ଆସି କଟକ ବଜାରରେ ଏଇ ଉଚ୍ଚାରଣରେ ମାଗିଲେ ମୁସାଜନ୍ତା ପାଇବ ତ ?

ଉଚ୍ଚାରଣରେ ବିଶେଷ ବିଭ୍ରାଟ ଥିଲେ, ବା ଲେଖା ଓ ଉଚ୍ଚାରଣ ମଧ୍ୟରେ ବିଶେଷ ଭେଦ ଥିଲେ, ଅଭିଧାନ ବା ଡିକ୍ସନାରୀରେ ତାହା ଦେଖାଇ ଦେବାର ବିଧି ଇଂରେଜୀ ଅଭିଧାନମାନ ପ୍ରଚୁର କରିଛନ୍ତି । ପୁଣି ଏଇପରି ବ୍ୟାକରଣର ଜଟିଳତାମାନ ସମାଧାନରେ ଦେଖାଇବା ପାଇଁ ଅଭିଧାନ ଏ ଦେଶରେ ମଧ୍ୟ ବହୁକାଳରୁ ପ୍ରୟତ୍ନ କରିଚନ୍ତି । ସଂସ୍କୃତରେ ଶବ୍ଦର ଲିଙ୍ଗ ଠିକ୍ କରିବା ବଡ଼ କଷ୍ଟ । ସେଥିପାଇଁ ଅମରକୋଷାଦି ଅଭିଧାନମାନେ ବରାବର ଶବ୍ଦର ଲିଙ୍ଗ ଚିହ୍ନାଇ ଦେଇଚନ୍ତି । ମାତ୍ର ଏ ଭାବରେ ଓଡ଼ିଆ ଭାଷାର ଅଭିଧାନ ବି ହୋଇନାହିଁ । ବରଂ ଏକାନ୍ତ ଆଲୋଚନାବିହୀନ ଭାବରେ ‘ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ’କାର ନିର୍ଦ୍ଦେଶ କରିଚନ୍ତି, ବଙ୍ଗଳା ପ୍ରଭୃତି ପରି ଓଡ଼ିଆର ଅକାରାନ୍ତ ବର୍ଣ୍ଣର ହଲନ୍ତ ଉଚ୍ଚାରଣ ନାହିଁ । ମାତ୍ର ‘ମୋପାଇଁ ବହୁତ୍ କହିବୁ’ ‘[illegible] ଟଙ୍କାରେ ସାତ୍ ସେର୍ ଗୁଡ଼ଳ ମିଳୁଚି’ । ‘ରଥଯାତ୍ରାକୁ ଯାଉଚି’ । ‘ଘର୍ ଠୁଁ ଆସିଚି’ । ‘ବହୁତ୍ କଥା’ । ‘କାମ୍‌କା ଲୋକ’ । ଗଣ୍ଠ୍, ଭଣ୍ଡ୍ । ଧାନର ଦର୍ । ଚଉଦ ପୁରୁଷ୍ । ବହଳ୍ ଗଛ । ଛଇତ୍ ମଇତ୍ । ସାର୍ କଥା —ପ୍ରଭୃତିରେ ହଲନ୍ତ କଥା ଓଡ଼ିଆରେ ଯେ ବହୁକାଳରୁ ଚଳିଲାଣି ଓ ନିତି ବଢ଼ିବାରେ ଚାଲିଚି, ଏହାର କୌଣସି ସଙ୍କେତ ନାହିଁ ।

ସନ୍ଧି ନିୟମରେ ବି ଓଡ଼ିଆ ସନ୍ଧିର ବିଚାର କୁତ୍ରାପି ନାହିଁ । ‘କହ୍’ ଧାତୁ ଆକାରାଦି ପ୍ରତ୍ୟୟରେ ହେଲା→‘କୁହା’, ସେଇପରି ‘ବହ୍’—‘ବୁହା’, ‘ନଅଁ’—‘ନୁଆଁ’, କଠାଉ—କଠୋଉ, କାଖାଇ—କାଖେଇ । ପୁଣି ଅମୃତ—ଅମୃତଭଣ୍ଡା; କାମୁଡ଼୍—କାମ୍ୱୁଡ଼୍; ଶିରକମଳ—ଶିରକମ୍ୱଳ (ଶାରଳା ମହାଭାରତରେ ଭୀମପୁତ୍ର ଖାରବଳୀର ଶିରକମ୍ୱଳ ଦେବା ଦେଖ); “ଆଶ୍ୱାସି କମ୍ୱଳେ (କୋମଳେ) କହିବ”—ଯମପୁରାଣ; ‘ଯାମ୍ୱଳାର୍ଜ୍ଜୁନ’ ପ୍ରଭୃତିର ବିଚାର ଆଦୌ ହୋଇନାହିଁ । ପୁଣି ଓଡ଼ିଆରେ ବେଶ ହୁଏ, ଭେଶ (ବେହେଶ); ସ୍ଥାନ ହୁଏ, ସ୍ଥାହାନ; ଚଲ୍ ହୁଏ, ଚହଲ୍; ଯା, କା, ତା ହୁଏ,

Digitized by srujanika@gmail.com

ଯାହା, କାହା, ତାହା ଇତ୍ୟାଦି । ଅନ୍ୟତ୍ର—ବର୍ତ୍ତମାନ ହୁଏ, ବ୍ରିତମାନ; ପୁରୁଷୋତ୍ତମ ହୁଏ, ପୁରସ୍ତମ । ଏ ସବୁର କୌଣସି ବର୍ଗର କେବେ ହୋଇ ନାହିଁ । ବରଂ ଅନେକେ ଖାମଖିଆଲରେ ଏଥିରୁ ଗୋଟାଏ ଅଧେ ଧରି ସଂସ୍କୃତ ନକଟରେ କଷିଦେଇ ଅଶୁଦ୍ଧ ବୋଲି ଅଲଆ ଝୋକେଇକି ଫିଙ୍ଗି ଦିଅନ୍ତି ।

ଏପରି ସ୍ଥଳେ ଉପକାରିତା ହେବ, କି ଉପକାରୀତା ହେବ, ଏହା ଖୋଜିବା ମଲ୍ଲପୁଅର ଷଠିପର ପରି ଲାଗୁଚି । ସଂସ୍କୃତରେ ଉପକାରୀ କହିଲାବେଳେ ଦୀର୍ଘ 'ରୀ' ଓ ଉପକାରିତା କହିଲାବେଳେ ହ୍ରସ୍ୱ 'ରି' କହୁଥିଲେ । ଓଡ଼ିଆରେ କିଂତୁ ସେ ସବୁର ସ୍ୱତନ୍ତ୍ର ଆଲୋଚନା ଦରକାର ।

ବାସ୍ତବିକ୍, ଉଚିତ୍, ବର୍ତ୍ତମାନ୍ ପ୍ରଭୃତି ଉଚ୍ଚାରଣରେ ଠିକ୍ । ମାତ୍ର ସେ ସବୁର ଲିପି ବ୍ୟବହାର ବିଗ୍ରହିଁ ।

ମୋର ସେଠାକୁ ଯିବା ଉଚିତ୍ ନୁହେ । ମୁଁ ସେଠାକୁ ଯିବା ଉଚିତ୍ ନୁହେ । ଦୁଇଟିଯାକ ପ୍ରୟୋଗ ସାଧୁ । ଓଡ଼ିଆରେ ଏହା ଛଡ଼ା ମଧ୍ୟ ସ୍ପଷ୍ଟ ଭାବରେ ବିକଳ୍ପେ କର୍ତ୍ତାରେ ଷଷ୍ଠୀ ବିଭକ୍ତି ହୁଏ । ଯଥା—ରାମ ମୁଁ ଦେହେଁ ଯିବୁ; ରାମର ମୋର ଦେହେଁ ଯିବୁ ।

'ଘଟଣା' ଓଡ଼ିଆରେ ଶୁଦ୍ଧ । 'ନ' ଠାରେ 'ଣ' ପ୍ରାକୃତରେ ସାଧାରଣ । ଯଥା—

"ଭଦ୍ଦଂ ହୋଉ ସଅସ୍ସଇଅ **କଇଣୋ**
**ଣନ୍ଦନ୍ତୁ ବାସାଇଣୋ**
**ଅଣ୍ଣାଣଂ** ବି ପଆ ପଅଦ୍ଦଉ ବ୍ଦିଆ
ବାଣୀ ଛଇଲ୍ଲପିଆ
ବଚ୍ଛୋମୀ ତହ ମାଗହୀ ପ୍ଫୁରଉ **ଣୋ**
ସାକଂଚ ପଞ୍ଚାଲିଆ ।"

—କର୍ପୂରମଞ୍ଜରୀ

କଇଣୋ (କବୟଃ—କବୟ୍ସଃ); ଣନ୍ଦନ୍ତୁ—ନନ୍ଦନ୍ତୁ); ବାସାଇଣୋ (ବ୍ୟାସାଦୟଃ—ବ୍ୟାସାଦୟ୍ସଃ); ଅଣ୍ଣାଣଂ (ଅନ୍ୟାନ୍ୟଂ); ଣୋ (ନଃ, ଅସ୍ମାକଂ) ।

Digitized by srujanika@gmail.com

ଓଡ଼ିଆରେ ସେଇପରି ହଣା (ହନ୍‌ରୁ), ଖଣା (ଖନ୍‌ରୁ), ଜଣା (ଜନ୍ତ୍‌ଆରୁ) ଇତ୍ୟାଦି ।

ଘଟଣ ଶ୍ରୀମୁଖ ସୁନ୍ଦର—କମଳଲୋଚନ ।

ସଂସ୍କୃତର 'ଅନ' ଓ 'ଅନା' ପ୍ରାର୍ଥନା, ସାଧନା ଇତ୍ୟାଦି ପ୍ରତ୍ୟୟ ଓଡ଼ିଆରେ ଣ, ଣି ଓ ଣା ହୁଏ । ଯଥା—ଜଣାଣ (ଜ୍ଞାପନ), ବଖାଣ (ବ୍ୟାଖ୍ୟାନ), କଢ଼ାଣ, ବସଣି, ଦେଏଣି, ପାଳଣା, ଗଢ଼ଣ, ଜାଳେଣି, ପାଉଣା, ଅକଳଣା—କଳଣା ଇତ୍ୟାଦି ।

ବୁଦ୍ଧିମାନ୍ ପ୍ରଭୃତି ହସନ୍ତବିହୀନ ହେବା ଓଡ଼ିଆ ଲିପିର ଅସୁବିଧାରୁ ହେଉଛି । ଲିପିର ସ୍ୱତନ୍ତ୍ର ବିଚାର ଓ ଶୋଧନ ଲୋଡ଼ା ।

ଓଡ଼ିଆରେ 'କ୍ଲୀବଲିଂଗ' ବୋଲି ବ୍ୟାକରଣରେ ରହିବା ଠିକ୍ ନୁହେ । ଏହା ଅନ୍ଧ ପରି ସଂସ୍କୃତକୁ ଅନୁକରଣ କରିବାରୁ ହୋଇଛି ।

'କାଳୋଇ ଆମ୍ବ' ପ୍ରଭୃତିରେ 'କାଳୋଇ' ପ୍ରଭୃତି ସ୍ତ୍ରୀଲିଙ୍ଗ ପଦର ବିଚାର ଓଡ଼ିଆ ବ୍ୟାକରଣ ଲେଖା ହୋଇଥିଲେ, ସେଥିରେ ଥାଆନ୍ତା ।

'ଗୁଣର', 'ସୁଧାର' ପଦ ଦୁଇଟିରେ ବିଶେଷଣରେ ଷଷ୍ଠୀ ଚିହ୍ନ ଲାଗି ନାହିଁ । ଗୁଣ ଓ ସୁଧା ବିଶେଷଣ ନୁହନ୍ତି । ଏଠାରେ ବିଶେଷ୍ୟରେ ଷଷ୍ଠୀ ଚିହ୍ନ ଲାଗି ବିଶେଷଣ ହୋଇଛି । ଷଷ୍ଠୀ ଚିହ୍ନର ପ୍ରକୃତି ହେଉଛି ବିଶେଷ୍ୟକୁ ସମ୍ବନ୍ଧୀ ପଦର ବିଶେଷଣ କରିଦେବା । ଆମ (ର) ଘର, ରାମ (ର) ଘର, ବାବୁଙ୍କ ଘର, ବଡ଼ ଘର, ସାନ ଘର—ପ୍ରଭୃତି ସର୍ବତ୍ର ପୂର୍ବପଦଗୁଡ଼ିକ ଘର ପଦର ବିଶେଷଣ ।

ଓଡ଼ିଆର କାଳ ବିଚାରପାଇଁ ପ୍ରକାଶିତ ପଣ୍ଡିତ ନୀଳକଣ୍ଠ ଦାସଙ୍କ "ଓଡ଼ିଆ ବ୍ୟାକରଣ" ଦେଖ । ଓଡ଼ିଆର କାଳ ବିଚାର ଅତି ସରଳ ଓ ବିଜ୍ଞାନସମ୍ମତ । ଅନଦ୍ୟତନ, ପ୍ରାଗ୍‌ଭବିଷ୍ୟତ ପ୍ରଭୃତି ପରି ଭାଷା କିଏ କିପରି କେବେ ଭର୍ତ୍ତି କଲା, ଠିକ୍ କହି ହେଉ ନାହିଁ । ନିମାଇବଲ୍ଲଭ ବିଦ୍ୟାସାଗର 'ସର୍ବସାର ବ୍ୟାକରଣ'ରେ ଏହା ଆରଂଭ କରିଥିଲେ । ରାଧାନାଥ ରାୟ ଏହାର ମାତ୍ରା ବଢ଼ାଇଛନ୍ତି ବୋଲି ମନେ ହୁଏ । ମାତ୍ର ଓଡ଼ିଆ ବ୍ୟାକରଣ

Digitized by srujanika@gmail.com

ହିସାବରେ ଦେଖିଲେ, ଏ ସବୁ ପ୍ରମାଣ କରୁଚି, ଏ ସବୁର ଉଦ୍‌ଭାବକ ପୋଷକମାନେ, ଓଡ଼ିଆର କାଳ କେବେ ଅନୁସନ୍ଧାନ କରିନାହାନ୍ତି । ବ୍ୟାକରଣରେ ଭାଷାବିଜ୍ଞାନ ଜଡ଼ିତ ଅଛି । ପୁଣି ବିଜ୍ଞାନ ହେଉଚି, ଶୃଙ୍ଖଳିତ ଚିନ୍ତା । 'ନାନାପ୍ରକାର', 'ଅନେକଗୁଡ଼ିଏ' ପ୍ରଭୃତି ଡବଲ୍ ବହୁବଚନ ପ୍ରୟୋଗ ଓଡ଼ିଆରେ ସୁପ୍ରତିଷ୍ଠିତ । ତେଣୁ ତାହା ଅସାଧୁ ହୋଇ ନ ପାରେ । ମାତ୍ର ଏପରି ପ୍ରୟୋଗର ତତ୍ତ୍ୱ ଅନୁସନ୍ଧାନ କରିବାର ଅଛି । କିଛି ବିଗ୍ରହ ନ କରି କହିଲେ ବୁଝାଯିବ ଏହା ବିଶେଷ ପ୍ରୟୋଗ; 'ଆମ୍ଭେମାନେ', 'ତୁମ୍ଭେମାନେ' ମଧ୍ୟ ଡବଲ୍ ବହୁବଚନ । ସଂସ୍କୃତରେ ମଧ୍ୟ 'ମୁଁ' ଅର୍ଥରେ 'ଅହଂ' ନ କହି 'ବୟଂ' କହିବା ବିଧି । ସୂତ୍ର ଅଛି—"ଅବିଶେଷଣସ୍ୟ ଅସ୍ମଦ୍ ଶବ୍ଦସ୍ୟ ବହୁତ୍ୱଂ ।"

ପ୍ରୟୋଜନୀୟ ଅନୁକରଣରେ ଆବଶ୍ୟକୀୟ ଲେଖା ଓଡ଼ିଆରେ ଚଳି ଯାଇଚି । ଏହା ଅପସଂସ୍କୃତ ହେଲେହେଁ, ପ୍ରୟୋଗ ବାହୁଲ୍ୟ ହୋଇଯାଇ ଥିବାରୁ ଏହାକୁ 'ନିପାତନ'ରେ ଧରିବା ଠିକ୍ ହେବ ।

ବଙ୍ଗଳାରେ ବହୁକାଳରୁ 'ମୁଇଁ' ଲୋପ ପାଇଚି । ଏକବଚନରେ ବହୁବଚନାର୍ଥକ 'ଆମି' ଚଳେ । ଓଡ଼ିଆରେ ଏହା ହେବ 'ଆମେ' । 'ତୁଇ' ଓ ଅମାନ୍ୟାର୍ଥକ 'ସେ' ବଙ୍ଗଳାରେ ଏବେ ବି ଲୋପ ପାଇନାହିଁ । ସେ ଦୁଇଟିର ପ୍ରୟୋଗରେ ବହୁବଚନ କ୍ରିୟାର ପ୍ରଭେଦ ଅଛି । ମାତ୍ର ଅନ୍ୟାନ୍ୟ ସରଳତା ସଙ୍ଗେ ଏକବଚନ ଓ ବହୁବଚନ କ୍ରିୟାର ସମତା ଭାଷାର ପ୍ରଗତିରେ କ୍ରମେ ପ୍ରକାଶ ପାଇବାର କଥା, ତା ଯେ କାରଣରୁ ହେଉ । ଇଂରେଜିରେ ମଧ୍ୟ **I** ଓ **We** (ମୁଁ ଓ ଆମେ)ର କ୍ରିୟା ସମାନ ହୋଇ ଯାଇଚି । **Thou** (ତୁ), **You** (ତୁମେ) ହୋଇ ଯାଇଛି । **He** (ସେ)ର ମଧ୍ୟ **th, eth** ବିଭକ୍ତି **s, es** ହୋଇଚି ଓ କ୍ରମେ ବିଗ୍ରବର ଲୋପ ପାଇବ ।

ଡ, ଡ଼; ଢ, ଢ଼—ର ଉଚ୍ଚାରଣ ଭେଦ ବ୍ୟାକରଣରେ ସ୍ପଷ୍ଟ ନିର୍ଦ୍ଦେଶ କରି ହେବ । ତାହା କଲେ, ବିନ୍ଦୁ ଦେଇ ଚିହ୍ନାଇବା ଦରକାର ନାହିଁ ।

Digitized by srujanika@gmail.com

ଶବ୍ଦର ପ୍ରଥମରେ ଥିବା ଓ ଅନୁସ୍ୱାର ଛଡ଼ା ଅନ୍ୟ ବର୍ଣ୍ଣରେ ଯୁକ୍ତ ଥିବା 'ଡ' ମୂର୍ଦ୍ଧଣ୍ୟ; ଅନ୍ୟତ୍ର ଠିକଏ ତାଲବ୍ୟ (ଡ଼) ଉଚ୍ଚାରଣ ପାଏ । ଢ ସମ୍ବନ୍ଧରେ ସେଇକଥା ।

ବାହ୍ୟ, ସହ୍ୟ ପ୍ରଭୃତିକୁ ବାଜ୍‌ହ୍ୟ, ସଜ୍‌ହ୍ୟ ପ୍ରଭୃତି ପରି ଉଚ୍ଚାରଣ କରିବା ବଂଗଳାର ଅଯଥା ଅନୁକରଣ । ଓଡ଼ିଆରେ ବ୍ୟଂଜନରେ ଯୁକ୍ତ 'ଯ୍' (ଜ୍ୟ-ମାତ୍ରା) ସର୍ବତ୍ର 'ଯ୍ୱ' ଉଚ୍ଚାରଣ ପାଏ; 'ଜ୍' ବା 'ଜ୍ୟ' ହୁଏ ନାହିଁ । ୧ମ, ୨ୟ ପ୍ରଭୃତି ସଂକେତ । ଲିପିରେ ସେ ସବୁ ବର୍ଜ୍ଜନୀୟ । ସେଥିରେ ଭାଷା ବା ବ୍ୟାକରଣର କିଛି କ୍ଷତି ନାହିଁ । ବରଂ ଲେଖା ସହଜ ହେବ ।

ପ୍ରଚଳିତ ବ୍ୟାକରଣମାନଙ୍କରେ ଓଡ଼ିଆ ଶବ୍ଦର ବିଚାର ନାହିଁ । ଯାହା ବା ଅଛି, ତାହା ଅନାଦରରେ ଅଭିଶପ୍ତ ପରି ପୁସ୍ତକରେ ଲାଗି ରହିଚି ମାତ୍ର । ପିଲାଏ ସ୍କୁଲ ବାହାରେ ସର୍ବତ୍ର ଯେଉଁ ଭାଷା ଶୁଣୁଚନ୍ତି, କହୁଚନ୍ତି, ସ୍କୁଲରେ ତାର ପରିଚୟ ପାଉନାହାନ୍ତି । ଶିକ୍ଷା ଏଥିରେ ପ୍ରତିହତ ହେଉଚି । ମାତୃ-ଭାଷାରେ ଶିକ୍ଷା ଦେବାର ଉଦ୍ଦେଶ୍ୟ ହେଉଚି, ଶିକ୍ଷାମନ୍ଦିରରେ ଶିଶୁକୁ ସର୍ବଦା ସ୍ୱାଭାବିକ ବେଷ୍ଟନୀରେ ରଖି ବଢ଼ାଇବାକୁ ହେବ । ମାତ୍ର ଆମ 'ପୁସ୍ତକ ଓଡ଼ିଆ' ବା ତଥାକଥିତ ଶୁଦ୍ଧ ଓଡ଼ିଆରେ ସେ ବେଷ୍ଟନୀ ମିଳୁ ନାହିଁ । ଏଣେ ପୁଣି ସ୍ୱାଭାବିକତାକୁ ସ୍କୁଲଘରେ ପଦେ ପଦେ ବାଧା ଦେବାରୁ ବାହାରେ ବିପ୍ଳବର ସୃଷ୍ଟି ହେଉଚି; କୌଣସି ନିୟମ ବା ବୈଜ୍ଞାନିକ ଶୃଙ୍ଖଳା ରହୁନାହିଁ । ଯାହା ମନକୁ ଯାହା ପାଉଚି ସେ ସେପରି କହୁଚି ଓ ଲେଖୁଚି । ପ୍ରଗତିରେ ଏହା ଶୁଭଲକ୍ଷଣ ନୁହେ । ସ୍କୁଲ ଓ ବାହାରର ସାମଂଜସ୍ୟ ଛିଣ୍ଡାଇ ଦେଇ ପାଣ୍ଡିତ୍ୟର ଅହଂକାର କରିବା ବିଜ୍ଞତା ନୁହେ—ବରଂ ଏ ଯୁଗରେ ରୁଚିହୀନତା ।

ଅବଶ୍ୟ ପାଠଶାଳାର ଏ କୃତ୍ରିମତା ଏ ଦେଶରେ ଆଜିର ନୁହେ । ଗୁରୁଗୃହରେ ବେଦପାଠ ବେଳେ ମଧ୍ୟ ଏହା ଥିଲା । ପ୍ରାକୃତ ଭାଷା ଏ ଦେଶରେ ଘୃଣ୍ୟ ବା ହେୟ ଥିଲା । ସେଥିପାଇଁ ଶିକ୍ଷାର ନାମ ଏ ଦେଶରେ ଲେଖାପଢ଼ା । କେବଳ ଭାଷାଟାଏ ଶିଖିବାଇ ଯେପରି ଜୀବନର ଉଦ୍ଦେଶ୍ୟ । ଜୀବନସଂଗ୍ରାମର ସ୍ୱଳ୍ପତାରେ ଏ ଉଦ୍ଦେଶ୍ୟ ଏକପ୍ରକାର ଠିକ୍ ଥିଲା ।

Digitized by srujanika@gmail.com

ଇଉରୋପରେ ମଧ୍ୟ ସେଇପରି ପ୍ରାଚୀନ ଲାଟିନ୍ ଭାଷା ସମସ୍ତେ ଶିଖୁଥିଲେ । ଇଂରେଜୀରେ ସେଥିପାଇଁ ଲେଖାପଢ଼ା ବୋଇଲେ Three R's (reading, writing, (A)rithmetic) ଚଳେଣି ଆଉ୍ ବା ପଢ଼ା, ଲେଖା ପୁଣି ହର୍,ଗୁଣ୍, ଫେଡ଼୍, ମିଶା ଶିଖିବା । ଏକାଳରେ ଇଉରୋପରେ ଆଉ ସେକଥା ନାହିଁ । କିନ୍ତୁ ପୁଣ୍ୟ 'ସତୀଦାହ' ଓ ସପ୍ତବର୍ଷୀୟା କୁମାରୀଦାନକୁ ଛାଡ଼ିଲା ପରି, ଏ ଦେଶରେ ସେଇ ଲେଖା ପଢ଼ା ମାତ୍ର ଶିଖିବା ପାଇଁ ଶିଶୁର ସବୁ ପରିଶ୍ରମ ଲୋଡ଼ା ହେଉଛି । ଜୀବନର ବିକାଶ ପ୍ରତି ଲକ୍ଷ୍ୟ ନାହିଁ । ଭାଷାକୁ କୃତ୍ରିମ କରି ଶିଖାଇଲେ, ଜୀବନ ବିକାଶକୁ ଦୃଷ୍ଟି ଦିଆଯିବ ନାହିଁ । ସେଥିପାଇଁ ଜନମୁଖର ଓଡ଼ିଆଭାଷାକୁ ସ୍କୁଲରେ ଶିଖାଇବାକୁ ହେବ । ବ୍ୟାକରଣ ସେଇ ପନ୍ଥା ଧରିବା ଉଚିତ ।

ପଣ୍ଡିତ ମହାଶୟ ଯଥାର୍ଥ ଓଡ଼ିଆ ବ୍ୟାକରଣର ଆଲୋଚନା ଲୋଡ଼ୁଛନ୍ତି । ସାଧୁ !

---

## ସାରଳା ଦାସ *

ଅଦ୍ଭୁତ କ୍ରିୟା ଯୋଡ଼ି ତାଙ୍କଠାରେ ଦେବତ୍ୱ ଆରୋପ ନ କଲେ କେହି ମହାପୁରୁଷ ହୁଅନ୍ତି ନାହିଁ । ଭକ୍ତମାନେ ଏଇପରି ଆରୋପ କରି ମହାପୁରୁଷଙ୍କୁ ଭ୍ରଷ୍ଟ କରନ୍ତି । ଭକ୍ତମାନେ ବୁଝନ୍ତି ନାହିଁ ଯେ, ତାଙ୍କ ନିଜର ଚରମ ଆରାଧ୍ୟ ଈଶ୍ୱରଙ୍କର ଅଦ୍ଭୁତ କ୍ରିୟାରେ ମହାପୁରୁଷଙ୍କୁ ଦେଖାଇ ଲୋକଙ୍କୁ ମନାଇବା ଦରକାର ପଡ଼େ ନାହିଁ । ମାତ୍ର ଭକ୍ତିରେ ଲୋକ ଅନ୍ଧ ହୁଏ ଓ ଏଇଭଳି କଥାଇ ତାକୁ ଦିଶେ।

ସେଥିପାଇଁ ସାରଳାଦାସଙ୍କ ସମ୍ବନ୍ଧରେ ପ୍ରବାଦ ଉଠିଛି, ସେ ନିଜେ କିଛି ଜାଣି ନ ଥିଲେ; ମୂର୍ଖ ଥିଲେ । କେବଳ ଦେବୀଙ୍କୁ ଭାରି ଭକ୍ତି କରୁଥିବାରୁ

---

* ୧୩-୧-୧୯୪୭ ମକର ସଂକ୍ରାନ୍ତି ଦିନ ଝଙ୍କଡ଼ରେ ସାରଳାଦାସଙ୍କ ଗାଦିରେ ଦେଇଥିବା ବକ୍ତୃତାର ସାରାଂଶ । ଏହା ନୂଆପ୍ରସ୍ଥ 'ନବଭାରତ'ର ପ୍ରଥମ ବର୍ଷ ୫ମ ସଂଖ୍ୟାରେ (୧୯୪୭, ଫେବୃୟାରୀ) ପ୍ରକାଶ ପାଇଥିଲା ।

Digitized by srujanika@gmail.com

ଦେବୀ କହିଲେ, 'ଯାହା ଆସୁଚି, ଲେଖିଯା, ସେଇ ହେବ ମହାଭାରତ ।' ପରେ ତାଳପତ୍ରମାନ ଲେଖି, ଟୋକାଇରେ ପୂରେଇ, କାହା ପରେ କେଉଁ ପତ୍ର ରହିବ, ତା ବି ସାରଳା ଦାସ ଜାଣିପାରିଲେ ନାଇ । ତହୁଁ ଦେବୀ ପୁଣି କହିଲେ, 'ପତ୍ରଗୁଡ଼ିକ ବୁଡ଼ାନଈରେ ଭସାଇ ଦେ; ଯେଉଁ ପତ୍ର ଗୁଡ଼ିକ ଭାସି ନ ଯାଇ ସୁଅରେ ଉଜାଣି ଫେରି ଆସିବ, ସେଇଗୁଡ଼ିକ ଯାହା ପରେ ଯେ ଆସିବ, ସେଇପରି ଯୋଡ଼ିଦେଲେ ମହାଭାରତ ହେବ ।' ତାହାଇ ସାରଳା ଦାସ କଲେ । ଯେ କାରଣରୁ ହେଉ, ଏପରି ପ୍ରବାଦମାନ ତଥାରିକରି ସାରଳାଦାସଙ୍କ ମାହାତ୍ମ୍ୟ ବଢ଼ିଚି କି କମିଚି, ଲୋକେ ଏଥିରେ ପ୍ରୀଣିତ ହୋଇ ସାରଳାଦାସଙ୍କ ଦ୍ୱାରା ପ୍ରଭାବିତ ହେବେ, କି ଦେବୀଙ୍କଠାରେ ଅଧିକା ପଡ଼ିବେ, ଏହା ବୁଝିବାରେ ଅସୁବିଧା ନାଇ ।

ପୁଣି ସଂସ୍କୃତପ୍ରେମୀମାନେ ବ୍ୟାପକ ସଂଗେ ତୁଳନା କରି ସାରଳା-ଦାସଙ୍କୁ ଅତି ଅସଂସ୍କୃତ ବୃଷଳ, 'ଶୂଦ୍ର' ବୋଲି ମନେ କରନ୍ତି ଓ କହନ୍ତି । ଏଇସବୁ ଦୁର୍ନାମ ଏଡ଼ାଇବାରେ ଏ ପ୍ରବାଦମାନଙ୍କର ମୂଳ ବି ଖୋଜା ଯାଇପାରେ । ତାହାର ସ୍ପଷ୍ଟ ପ୍ରମାଣ ସ୍ୱରୂପ ଗୋଟିଏ କଥା, ଅପ୍ରାସଙ୍ଗିକ ହେଲେହେଁ, କୁହାଯାଉ । ସାରଳାଦାସଙ୍କ ନାମ ଥିଲା, ସିଦ୍ଧେଶ୍ୱର ପରିଡ଼ା । ସେ ଥିଲେ, ଶୂଦ୍ର ବା ଚଷା । ଚଷା ବୋଲି ମୂଳରୁ ଜାତି ନ ଥିଲା । ପ୍ରକୃତ ଜାତି ନାମଟି ହେଉଚି ବୋଧହୁଏ, 'ସୁଧ' । ସେ ଯାହାହେଉ, ସିଦ୍ଧେଶ୍ୱର ପରିଡ଼ାଙ୍କ କୁଳରେ ବିଧବାବିବାହ ବା 'ଦୁତିଅଘର' ଥିଲା । ଏବେ ଯେଉଁମାନେ ତାଙ୍କ ବଂଶର ବୋଲି ଗର୍ବ କରନ୍ତି, ସେମାନେ ନାମରେ 'ପରିଡ଼ା'କୁ 'ପରିଜା' ବା ପର୍ଜ୍ୟା (ପର୍ଯ୍ୟାୟ ବା ଉଚ୍ଚଶ୍ରେଣୀ ?) କରି 'ଦୁତିଅଘର'ର ସ୍ମୃତି ପର୍ଯ୍ୟନ୍ତ ପୋଛି ଦେଇଛନ୍ତି । ଆଜି ହୁଏତ ସମାଜର ଆଭିମୁଖ୍ୟ ବଦଳି ନ ଥିଲେ, ଏ କଥା ଏଠାରେ କହି ହୁଅନ୍ତା ନାଇ । ସେଇମାନେ ଏବେ ବିଚାରନ୍ତୁ, ମହାପୁରୁଷ ସିଦ୍ଧେଶ୍ୱର ପରିଡ଼ାଙ୍କର ଏ ସମ୍ମାନ ବା ଅପମାନ ? ଏ ବିଷୟରେ ଆଉ ବେଶି କହିବା ଦରକାର ନାଇ ।

ବିଦ୍ରୋହ ଓ ବିପ୍ଳବରେ ସମାଜର ଉନ୍ନତି ଓ ପ୍ରଗତି । ଏଇ ବିଦ୍ରୋହ ଯେତେ ପ୍ରବଳ, ଏଥିରେ ଲୋକକଲ୍ୟାଣର ପ୍ରଚେଷ୍ଟା ଯେତେ ବ୍ୟାପକ ଓ

Digitized by srujanika@gmail.com

ବ୍ରାହ୍ମୀ, ସେ ବିଦ୍ରୋହୀ ସେଉଡ଼ିକ ମହାପୁରୁଷ । ମହାମନୀଷୀ ଦ୍ରଷ୍ଟା ସିଦ୍ଧେଶ୍ୱର ଥିଲେ, ଏକ ଯୁଗପ୍ରବର୍ତ୍ତକ ବିଦ୍ରୋହୀ । ସେ ପୁଣି ଥିଲେ, ଏ ଦେଶର ଯଥାର୍ଥ ଦେଶୀ—କିଂଶୁ ଓ ଖାଣ୍ଟି ଓଡ଼ିଆ । ତାଙ୍କର ଏ ବିଦ୍ରୋହ ଅଣଓଡ଼ିଆ, ବା ଅର୍ଦ୍ଧ-ଓଡ଼ିଶୀଙ୍କ ଚୌଟିଚପା ପ୍ରଭାବ ବିରୁଦ୍ଧରେ ଓଡ଼ିଆ ଜାତିର ଆତ୍ମରକ୍ଷାର ବିଦ୍ରୋହ । ଜଗନ୍ନାଥଙ୍କ ସେବକ ଶବର 'ବିଶ୍ୱାବସୁ'ଙ୍କ ବିଦ୍ରୋହ ପୁରାଣ ଓ କିଂବଦନ୍ତୀର କଥା । କିନ୍ତୁ ଶୂଦ୍ର ସିଦ୍ଧେଶ୍ୱରଙ୍କ ବିଦ୍ରୋହ ସତ୍ୟ । ସମାଜ, ସାହିତ୍ୟ ଓ ସଂସ୍କୃତି ରକ୍ଷା ଓ ପ୍ରତିଷ୍ଠା ପାଇଁ ଏହା ଓଡ଼ିଆର ପ୍ରଥମ, ସ୍ପଷ୍ଟ, ପ୍ରଧାନ ସଫଳ ବିଦ୍ରୋହ । ସେ ଏ ଯୁଗ ଓଡ଼ିଆ ସାହିତ୍ୟ ଓ ସଭ୍ୟତାର ଜନ୍ମଦାତା ଓ ନିତ୍ୟ ପ୍ରେରଣାରେ ଏବେ ବି ଜୀବନ୍ତ । ଇତିହାସ ପୁଣି ଏହାର ସାକ୍ଷୀ । ସେ ଇତିହାସ ଏବେ ନୂଆ କରି ପଢ଼ିବାର ଅଛି ।

ଓଡ଼ିଆ ଏବେ ବଞ୍ଚି ରହିଛି କିପରି ? ଏତେ ଶୋଷଣ ପେଷଣ ଭିତରେ ବଞ୍ଚି ରହିଥିବାର ହେତୁ କଣ ? ତାହାର ହେତୁ ହେଉଚି, ଆତ୍ମରକ୍ଷା ପାଇଁ ବାରମ୍ବାର ବିଦ୍ରୋହ ବା ବିପ୍ଳବ । ପୁରାଣ ଯୁଗ କଥା ଛାଡ଼ିଦିଅ । ଭୌମ ସମ୍ରାଟମାନେ କୁଆଡ଼ୁ ଆସିଥିଲେ ଜଣା ନାହିଁ । କିନ୍ତୁ ତାଙ୍କ ଶାସନ' ଲେଖରୁ ଦେଖାପଡ଼େ, ସଂସ୍କୃତି ଓ ସାହିତ୍ୟରେ ଅନ୍ତତଃ ସେମାନେ ଓଡ଼ିଆ ନ ଥିଲେ । କୈଦର୍ଧୀୟ ଛଟା ସେ ସବୁ ଲେଖରେ ପୂର୍ଣ ପ୍ରକାଶ ପାଏ । ତା ପରେ ଯେତେ ଦୂର ଜଣାଯାଏ, କୋଶଳର କେଶରୀମାନେ । ସେମାନେ ଥିଲେ ଶୈବ । ତେଣୁ ମଧ୍ଯ-ଦେଶର ସ୍ମାର୍ତ୍ତଧର୍ମରେ ପ୍ରଭାବିତ । ଶୈବଧର୍ମ ଓ ସ୍ମାର୍ତ୍ତଧର୍ମର ଭିତ୍ତି ଓଡ଼ିଆ ନୁହେ । କିଂବଦନ୍ତୀ ମଧ୍ଯ କହେ, ଯାଜପୁରର ପ୍ରସିଦ୍ଧ କେଶରୀ ସମ୍ରାଟ୍ ଯଯାତି ମହାଭବ ଗୁପ୍ତ ଓଡ଼ିଆଙ୍କର ସଭ୍ୟତା ଉପରେ ମଧ୍ୟ-ଦେଶର ସଭ୍ୟତାକୁ ଚପି ଦେବାପାଇଁ କାନ୍ୟକୁବ୍‌ଜରୁ ଦଶ ସହସ୍ର ସ୍ମାର୍ତ୍ତ ବ୍ରାହ୍ମଣଙ୍କୁ ଓଡ଼ିଶାକୁ ଅଣାଇ, ଏବର ସ୍ମାର୍ତ୍ତ ଉତ୍କଳ ଶ୍ରେଣୀ ବ୍ରାହ୍ମଣ-ମାନଙ୍କର ପ୍ରାଧାନ୍ୟ ଓ ପରଂପରା ସୃଷ୍ଟି କରିଥିଲେ । ତା ପରେ ଆସିଲେ, ଗଙ୍ଗାବଂଶୀୟମାନେ । ଏମାନଙ୍କର ଆଦିସ୍ଥାନ କର୍ଣାଟ । ସେଠାରୁ ଆଗ ଏମାନେ ଆସିଥିଲେ, ଶେଷ କାଳର କଳିଙ୍ଗକୁ । ସେ କଳିଙ୍ଗ ସେତେବେଳେ ଦକ୍ଷିଣ ଗଂଜାମ ଡେଇଁ ଏ ଆଡ଼କୁ ନ ଥିଲା । ପ୍ରଥମେ ଅନନ୍ତବର୍ମ ଚୋଡ଼ଗଂଗ

Digitized by srujanika@gmail.com

ଓଡ଼ିଶାକୁ ଆସିଲେ । ସେମାନେ ଥିଲେ ବୈଷ୍ଣବ; କିନ୍ତୁ ଯଥାର୍ଥ ଜଗନ୍ନାଥଧର୍ମୀ ନ ଥିଲେ । ଚୋଡ଼ଗଙ୍ଗ ନିଜ ବୈଷ୍ଣବ ଭାବରେ ଜଗନ୍ନାଥଙ୍କୁ ଦେଖି ଏବର ଜଗନ୍ନାଥ ମନ୍ଦିର ତୋଳାଇବା ଆରମ୍ଭ କରିଥିଲେ । ତାଙ୍କ ନାତି ଅନଙ୍ଗଭୀମଦେବ ସେଇ ଜଗନ୍ନାଥ ମନ୍ଦିର ପୂର୍ଣ କରିଥିଲେ । ଏସବୁ ସତ୍ୟ । ମାତ୍ର ଏମାନେ ଜଗନ୍ନାଥଧର୍ମର ଯଥାର୍ଥ ତତ୍ତ୍ୱ ବୁଝି ନ ଥିଲେ ଓ ସମ୍ଭବ ଶ୍ରୀବୈଷ୍ଣବଧର୍ମର ପ୍ରତିଷ୍ଠାତା ରାମାନୁଜ ଆଚାର୍ଯ୍ୟ, ଚୋଡ଼ଗଙ୍ଗଙ୍କ ସମୟରେ ପୁରୀକୁ ଆସିଥିଲେ ଓ ଏବର ଏମାରମଠରେ ଶୁଭ ଦେଇ ଶ୍ରୀବୈଷ୍ଣବ ମଠମାନ ପୁରୀରେ ବସାଇ ଜଗନ୍ନାଥଧର୍ମକୁ ସେଇ ଅର୍ଧସ୍ମାର୍ତ୍ତ ବୈଷ୍ଣବ ରଂଗରେ ଚିତ୍ର କରିବାକୁ ଲୋଡ଼ିଥିଲେ । ଏଇ ପ୍ରଭାବ ଫଳରେ ଜଗନ୍ନାଥ ମନ୍ଦିର ଉପରେ ନିଶାଖା ରାମାନୁଜ ଚିତା ଚିତ୍ର ହୋଇଥିବାର ଏବେ ବି ଅନେକେ ଲକ୍ଷ୍ୟ କରିଥିବେ । ହେଲେହେଁ, ଶ୍ରୀବୈଷ୍ଣବର ଭେଦଧର୍ମ, ଜଗନ୍ନାଥର ସାମ୍ୟଧର୍ମଠାରୁ ତତ୍ତ୍ୱରେ ଓ କାର୍ଯ୍ୟରେ ଭିନ୍ନ । ପୁଣି ଏଇ ଗଂଗସମ୍ରାଟ୍‌ମାନେ ଶେଷ ପର୍ଯ୍ୟନ୍ତ କାନାଡ଼ି ଓ ସମ୍ଭବତଃ ତେଲୁଗୁ ନିଜର ଭାଷା କରି ରଖିଥିଲେ । ଆଳଂକାରିକ 'ବିଦ୍ୟାଧର', ନରସିଂହଦେବଙ୍କ ସ୍ତୁତିମାନଙ୍କରେ ଶ୍ଳୋକମାନ ଲେଖି, ସେଇ ଶ୍ଳୋକମାନଙ୍କୁ ଉଦାହରଣ ଦେଇ 'ଏକାବଳୀ' ନାମକ ଅଳଙ୍କାର ଶାସ୍ତ୍ର ଲେଖିଲା ପରେ, ସେକାଳର ହୁଏତ ଅନ୍ୟ ଓଡ଼ିଆ ପଣ୍ଡିତମାନେ ସଂସ୍କୃତରେ ଗଂଗସମ୍ରାଟ୍‌ମାନଙ୍କୁ ସ୍ତୁତି କରି ଅଣ-ଓଡ଼ିଆ ପ୍ରଭାବ ଭିତରେ ମୁଣ୍ଡ ଟେକିବାକୁ ଉଦ୍ୟମ କରିଥିଲେ ।

ଠିକ୍ ତାହାର ପରେ କୁଣ୍ଡା ତଳେ ଗୁମ୍‌ଗୁମିଆ ନିଆଁ ଜଳି ଉଠିଲା ପରି ଉଠିଥିଲେ, ସୂର୍ଯ୍ୟବଂଶୀ ସମ୍ରାଟ୍ ଗଜପତି କପିଳେନ୍ଦ୍ରଦେବ ଭ୍ରମରବର ରାଉତରା ମହାପାତ୍ର । ପ୍ରବାଦ କହେ, କପିଳେନ୍ଦ୍ରଦେବ ଜାତିରେ ଗଉଡ଼ । ସେ ଯାହାହେଉ, ସେ ଥିଲେ ଖାଣ୍ଟି ଓଡ଼ିଆ । ଲଙ୍ଗୁଳା ନରସିଂହଦେବଙ୍କ ପୁଅ ନିଃଶଙ୍କ ଭାନୁଦେବ ବା ମତ୍ତଭାନୁଦେବ ତାଂକୁ ଭ୍ରମରବର ଉପାଧି ଦେଇ ସେନାପତି କରିଥିଲେ । ଭାନୁଦେବଂକ ପରେ ହାତୀ ତାଂକର ଉପରେ ସୁନା କଳସ ଢ଼ାଳିଲା,—ଅର୍ଥାତ୍, ପାତ୍ର, ମନ୍ତ୍ରୀ, ସାମନ୍ତମାନେ ବସି ତାଂକୁଇ ସମ୍ରାଟ୍ କରି ଗାଦିରେ ବସାଇଲେ । ସେ ହେଉଛନ୍ତି ଓଡ଼ିଶାର ବିକ୍ରମାଦିତ୍ୟ ।

Digitized by srujanika@gmail.com

ଖାରବେଲଙ୍କ ପରେ ଓଡ଼ିଶା ସାମ୍ରାଜ୍ୟ ଏଡ଼େ ବିସ୍ତୀର୍ଣ୍ଣ ଆଉ କେବେ ନ ଥିଲା । ପୁରାଣର ଶବର 'ବିଶ୍ୱାବସୁ'ଙ୍କ ପରେ ଏପରି ଜଗନ୍ନାଥଙ୍କର ଏଡ଼େ ଭକ୍ତ ପ୍ରସିଦ୍ଧ ଓଡ଼ିଆ ବି ଆଉ କେହି ବାହାରିଥିବାର ଜଣାନାଇ । ଦିଗ୍‌ବିଜୟ ମଧ୍ୟରେ ଥରକୁ ଥର କପିଳେନ୍ଦ୍ର ଜଗନ୍ନାଥଙ୍କୁ ଯେ ଦାନମାନ କରିଛନ୍ତି, ସେଇ ଦାନମାନଙ୍କର ଶିଳାଲେଖ ସବୁ ଏହାର ମୁଖ୍ୟ ସାକ୍ଷୀ ।

ସେତିକ ନୁହେଁ, ଜଗନ୍ନାଥଙ୍କ ସାମ୍ୟଧର୍ମ ତାଂଙ୍କର ଓ ତାଂକ ସାମ୍ରାଜ୍ୟର ପ୍ରାଣର ପ୍ରାଣ ଥିଲା, କହିଲେ ଚଳେ । ଉଦାହରଣ ସ୍ୱରୂପ କୁହାଯାଇପାରେ, ଚୈତନ୍ୟ ଭାଗବତ କହନ୍ତି, ରାଜା 'ଭ୍ରମର'ଙ୍କ ଅର୍ଥାତ୍, କପିଳେନ୍ଦ୍ର ଦେବ ଭ୍ରମରବରଙ୍କର ହିଂସ୍ରା ଓ ପ୍ରଭାବରେ ବିଶ୍ୱମ୍ଭର ମିଶ୍ର ବା ଚୈତନ୍ୟଙ୍କ ପୂର୍ବ-ପୁରୁଷ ଉପେନ୍ଦ୍ର ମିଶ୍ର ଯାଜପୁର ଛାଡ଼ି ସିଲେଟକୁ ପଳାଇ ଯାଇଥିଲେ । ଯଥାର୍ଥରେ କପିଳେନ୍ଦ୍ରଙ୍କ ସାମ୍ୟଧର୍ମ-ଧାରଣା ଓ କାର୍ଯ୍ୟ ଫଳରେ ବେଦଧର୍ମୀ ସ୍ମାର୍ତ୍ତ ବ୍ରାହ୍ମଣମାନେ ଉତ୍ୟକ୍ତ ହୋଇଥିଲେ । ଅନେକେ ଓଡ଼ିଶା ଛାଡ଼ି ଯାଇଥିଲେ । ସେ ଅବଶ୍ୟ ପରଂପରାର ପ୍ରଭାବ ଏଡ଼ି ନ ପାରି ବ୍ରାହ୍ମଣ ଶାସନ ବସାଇଥିଲେ । ପୁରୀରେ ତାଙ୍କର ପ୍ରଧାନ ଶାସନଟି ହେଉଛି, 'କପିଳେଶ୍ୱରପୁର' । କିଂତୁ ସେ ଗ୍ରାମର ବ୍ରାହ୍ମଣ, ଅନ୍ୟ ସ୍ମାର୍ତ୍ତ ବ୍ରାହ୍ମଣଂକ ପରି ପ୍ରତିଷ୍ଠିତ ବ୍ରାହ୍ମଣ ବୋଲି ଏ ପର୍ଯ୍ୟନ୍ତ ବି ମାନ ପାଇ ନ ଥିଲେ । ଓଡ଼ିଆ ଭାଗବତକାର ଜଗନ୍ନାଥ ଦାସଙ୍କ ପରି ଦ୍ରଷ୍ଟା ଓ ମନୀଷୀ, ସେଇ କପିଳେଶ୍ୱର-ପୁର ଗ୍ରାମର ଲୋକ । ସେ କିଂତୁ କରଣ ବଳରାମ ଦାସଙ୍କଠାରୁ ମନ୍ତ୍ର ନେଇ ଥିଲେ । ପୁରୀର ସ୍ମାର୍ତ୍ତ ଶାସନୀ ବ୍ରାହ୍ମଣମାନେ ଏବେ ବି ସେ ମହାପୁରୁଷଙ୍କ ଭାଗବତକୁ ପଢ଼ନ୍ତି ନାଇ, କି ଧର୍ମଗ୍ରନ୍ଥ ବୋଲି ଖାତିରି ମଧ୍ୟ କରନ୍ତି ନାଇ । ମହା ସାମ୍ୟଧର୍ମୀ ସ୍ୱୟଂ ଚୈତନ୍ୟ ମଧ୍ୟ ବଙ୍ଗଦେଶରେ ସ୍ମାର୍ତ୍ତମାନଙ୍କର ଅତ୍ୟାଚାର ସହି ନ ପାରି ନିଜର ସାମ୍ୟଭୂମିକୁ ସ୍ମରଣକରି କପିଳେନ୍ଦ୍ରଙ୍କ ପ୍ରତିଷ୍ଠିତ ଜଗନ୍ନାଥ-କ୍ଷେତ୍ରକୁ, ଅର୍ଥାତ୍, ନିଜ ପୂର୍ବପୁରୁଷ 'ଉପେନ୍ଦ୍ର' ଛାଡ଼ି ପଳାଇ ଯାଇଥିବା ଭୂମିକୁ ମହାତୀର୍ଥ ରୂପେ ନିଜର ଜୀବନବ୍ୟାପୀ ସାଧନା-କ୍ଷେତ୍ର କରିଥିଲେ ।

ଏଇପରି ଓଡ଼ିଆ କପିଳେନ୍ଦ୍ର ଥିଲେ ସମାଜ ଓ ସଂସ୍କୃତି ହିସାବରେ ମହା ବିଦ୍ରୋହୀ ଓ ବିପ୍ଳବୀ । ସେଇ 'ଗଉଡ଼' କପିଳେନ୍ଦ୍ରଦେବଙ୍କ ସାଙ୍ଗକୁ

Digitized by srujanika@gmail.com

ସେତିକିବେଳେ ଥିଲେ, ଶୂଦ୍ର ସାରଳା ଦାସ । ସେ ମହାଯୁଗ ପ୍ରବର୍ତ୍ତନରେ ଏଇ ଦୁଇଜଣ ଥିଲେ, ପ୍ରଧାନ ପ୍ରତୀକ । ସଂସ୍କୃତର ନିସନ୍ଧା ଶିକୁଳି ଭିତରୁ ଓଡ଼ିଆକୁ ଫିଟାଇ ମୁକ୍ତି ଦେଇ ସାରଳା ଦାସ ପ୍ରଥମେ ଏ ଯୁଗର ଯଥାର୍ଥ ଓଡ଼ିଆ ସାହିତ୍ୟର ମୂଳଦୁଆ ପକାଇଥିଲେ । ସେଇ ହେଉଛି, ତାଙ୍କର ମହାଭାରତ । ଏ କଥାଟି ଏଠାରେ ପୁଣି କହିଦେବାର ଅଛି, ମହାଭାରତ ଏ ଭାରତରେ ଗୋଟିଏ ନୁହେ । କୁରୁ ପାଣ୍ଡବ ଯୁଦ୍ଧକୁ ନେଇ ଗୋଟିଏ ପରଂପରାର ଗଳ୍ପ ଅଛି । ସେହି ଗଳ୍ପଟିକୁ ଧରି ନାନା ପ୍ରାଦେଶିକ-ଭାବ-ଭାବିତ ପରଂପରା ଓ ଉପାଖ୍ୟାନମାନ ଲଗାଇ ଭିନ୍ନ ଭିନ୍ନ ମହାଭାରତ ପ୍ରତି ଅଂଚଳରେ ପ୍ରଚଳିତ ଥିଲା । ଉଦାହରଣ ସ୍ୱରୂପ, ବଙ୍ଗଦେଶର ମହାଭାରତ ହେଉଛି, କାଶୀରାମ ଦାସଙ୍କ ମହାଭାରତ । ସେଥିରେ ଅଛି, କର୍ଣ୍ଣ, ଅତିଥି-ସେବା କରିବା ନିମନ୍ତେ ନିଜର ଏକମାତ୍ର ପୁତ୍ର ବୃଷକେତୁକୁ ମାଆଙ୍କ ହାତେ ଧରାଇ ଆପେ ଖଣ୍ଡାରେ ହାଣି ସେଇ ମାଂସକୁ ମାଆଙ୍କ ହାତରେ ରନ୍ଧାଇ, ଅତିଥିକୁ ସେଇ ତରକାରୀ ପରଶାଇ ସେଇ ଅତିଥିଙ୍କ ଇଚ୍ଛା ପୂର୍ଣ୍ଣ କରିଥିଲେ । ଅତିଥିସେବାରେ ଏ ଆତ୍ମବିସ୍ମୃତି, ଏ ଆତ୍ମତ୍ୟାଗ ବ୍ୟାସଙ୍କ ମହାଭାରତ ନୁହେ । ଏହା ପୂର୍ବଭାରତର ଆଦର୍ଶ ଓ ବଙ୍ଗର କାଶୀରାମ ଦାସଙ୍କ ମହାଭାରତ ଉପାଖ୍ୟାନରେ ପ୍ରତିଫଳିତ ।

ସେଇପରି ସାରଳା ଦାସଙ୍କ ମହାଭାରତର ଗୋଟିଏ ଉପାଖ୍ୟାନ କହୁଛି, ଶୁଣ । ଯୁଧିଷ୍ଠିରଙ୍କ ରାଜ୍ୟରେ ଘୋର ଦୁର୍ଭିକ୍ଷ ପଡ଼ିଲା । ଲକ୍ଷେ ଭରଣ ଧାନ କୁଆଡ଼ୁ ନ ଆସିଲେ ଲୋକେ ଅନାହାରରେ ମରିଯିବେ । ଯୁଧିଷ୍ଠିରଙ୍କୁ ବୁଦ୍ଧି ଦିଶିଲା ନାଇ । ସେ ବଳୀର ବଳୀର ଭୀମଙ୍କୁ ପଠାଇଦେଲେ କୁବେରଙ୍କ ପାଖକୁ, ମାଗିକରି ଲକ୍ଷେ ଭରଣ ଧାନ ଆଣିବାକୁ । ଭୀମ କୁବେରଙ୍କ ପୁରକୁ ଗଲେ । ସେଠାରେ ଯାଇ ଦେଖିଲେ, ଗୋଟିଏ କାଳିଆ କୁତ୍ସିତ ଲୋକ ଗୋଟିଏ ଓଦା ମାଟି ପିଣ୍ଡୁଳା ହାତରେ ଧରି ସେଇ ମାଟି ପିଣ୍ଡୁଳାଟିକୁ ଦାଣ୍ଡ ଦୁଆରେ ବୁଣି ଯାଇଥିବା ଧାନ ଉପରେ ମଡ଼ାଇ ମଡ଼ାଇ, ବା ହାତରେ ଗୋଟିଏ ବାଉଁଶିଆ ଭିତରକୁ ଝାଡ଼ି ଦେଇ ଧାନ ଗୋଟାଉଛି । ଭୀମ ପଚାରିଲେ, "କୁବେର କାହାନ୍ତି ? ତାଙ୍କ ସାଂଗରେ ମୋର ଦେଖା ହୋଇ ପାରିବ କି ?"

Digitized by srujanika@gmail.com

ସେଇ କୁତ୍ସିତ କଳେବର ଲୋକଟି ମୁଣ୍ଡ ଟେକି ଚାହିଁ କହିଲା, "କାହିଁକି ? କ'ଣ କହିବେ କହନ୍ତୁ । ମୁଁ ଇ ପରା କୁବେର ।" ଏ କଥା ଶୁଣି ଭୀମଙ୍କ ହାଲୁକ ଶୁଖିଲା—ବିଚାରିଲେ, ଗୋଟି ଗୋଟି କରି ମାଟି ପିଣ୍ଡୁଲା ମଡ଼ାଇ ଯେ ଧାନ ସଂଗ୍ରହ କରୁଚନ୍ତି, ସେଇ ପୁଣି ଆମ ଭାଇଙ୍କି ଲକ୍ଷେ ଭରଣ ଧାନ ସାହାଯ୍ୟ କରିବେ ? ତଥାପି କହିଲେ, "ମୁଁ ମହାରାଜା ଯୁଧିଷ୍ଠିରଙ୍କ ଭାଇ ଭୀମ । ଆମ ଦେଶରେ ଦୁର୍ଭିକ୍ଷ ପଡ଼ିଚି । ଭାଇ ପଠାଇଛନ୍ତି, ଆପଣଙ୍କଠାରୁ ଲକ୍ଷେ ଭରଣ ଧାନ ସାହାଯ୍ୟ ମାଗିନେବା ପାଇଁ ।" ସଙ୍ଗେ ସଙ୍ଗେ ଅତି ଆଦରରେ କୁବେର କହିଲେ, "ହଉ ତେବେ ବାପା, ଶଗଡ଼ ଆଣିବାର ଯୋଗାଡ଼ କରିଚ, ନା ମୁଁ ଶଗଡ଼ରେ ପଠାଇବି ?" ଭୀମ ଶଗଡ଼ ଯୋଗାଡ଼ କରି ନ ଥିଲେ । ତହୁଁ କୁବେର ନିଜେ ଲକ୍ଷେ ଶଗଡ଼ ଯୋଗାଡ଼ କରି ଧାନ ମପାଇ ଶଗଡ଼ ଶଗଡ଼ କରି ପଠାଇବାର ଆରମ୍ଭ କଲେ । ଭୀମଙ୍କୁ କହିଲେ, "ଆଗେ ଆଗେ ଶଗଡ଼ ସଙ୍ଗେ ଯାଅ, ଘରେ ଶଗଡ଼ ଗଣିକରି ରଖିବ ।" ପ୍ରାୟ ୧୦ ହଜାର ଖଣ୍ଡେ ଶଗଡ଼ ଯାଇଚି ଅଟକିଗଲା, ପଛରୁ ଆଉ ଶଗଡ଼ ଚାଲିଲା ନାଇ । କୁବେର ବ୍ୟସ୍ତ ହୋଇ ପଡ଼ିଲେ । ଏ ମଧ୍ୟରେ ଭୀମ ଫେରି ଆସି ଖବର ଦେଲେ, "ବାଟରେ ପଟ ପଡ଼ିଲା । ସେଥିରେ ଚକ ଭୁମ୍ଭିଯାଏ ଗଲା ପଡ଼ୁଚି । ହଡ଼ା ଓଟାରି ପାରୁ ନାହାନ୍ତି । ପାଖରେ ବାଲି ନାଇ କି ମାଟି ନାଇ । ଲୋକ ବି ନାହାନ୍ତି । କରାଯିବ କ'ଣ ?" କୁବେର ଟିକିଏ ଭାବିଲେ । ତା ପରେ କହିଲେ, "ଆଚ୍ଛା ବାପା, ତେବେ, ଗୋଟିଏ କାମ କର । ଆଗ ଶଗଡ଼ର ଧାନସବୁ କାଦୁଅ ଉପରେ ଅଜାଡ଼ିଦିଅ । ସେଥିରେ ଶଗଡ଼ ଚାଲିଯିବ । ଖାଲି ଶଗଡ଼ ସବୁ ଫେରାଇଦିଅ । ମୁଁ ସେଥିରେ ପୁଣି ଧାନ ଭରି ଛାଡ଼ିଦେବି ।" ସେଇପରି ହେଲା । ପାଞ୍ଚ ହଜାର ଖଣ୍ଡେ ଶଗଡ଼ର ଧାନ କାଦୁଅରେ ପଡ଼ିଗଲା । ଶଗଡ଼ ଚାଲିଗଲା । ଭୀମ ଆଶ୍ଚର୍ଯ୍ୟ ହେଲେ, 'ଯେ କାଦୁଅ ପିଣ୍ଡୁଲାରେ ଗୋଟି ଗୋଟି କରି ଧାନ ଗୋଟାଇ ରଖୁଥିଲା, ସେ ପୁଣି ପାଞ୍ଚହଜାର ଖଣ୍ଡ ଶଗଡ଼ର ଧାନ କାଦୁଅରେ ଫୋପାଡ଼ି ଦେଲା କିପରି ?" ସେ ପୁଣି ଆସି କୁବେରଙ୍କୁ ଏ କଥା ପଚାରିଲେ । କୁବେର କହିଲେ, "ବାପା ! ବୁଝିଲ ନାହିଁକି ? ଧନ ସଂଗ୍ରହ କଲାବେଳେ ଏଇପରି କରିବ । କାହିଁକି ? ଖର୍ଚ୍ଚ କଲାବେଳେ ଏଇପରି କରିବ ବୋଲି ।"

Digitized by srujanika@gmail.com

ଏ ବ୍ୟାସଙ୍କ ମହାଭାରତ ନୁହେ କି କାଶୀରାମ ଦାସଙ୍କ ମହାଭାରତ ନୁହେ । ଏ ଓଡ଼ିଆ ମହାଭାରତ । ଯୁଧିଷ୍ଠିରଙ୍କ ରାଜ୍ୟରେ ଧାନ ଶଗଡ଼ରେ ବୁହା ହେଉ ନ ଥିଲା, କି ଶଗଡ଼ ପଟରେ ପଡ଼ୁ ନ ଥିଲା । କୁବେର ମଧ୍ୟ ଧାନ ଗୋଟାଉ ନ ଥିଲେ, କି ପଠାଉ ନ ଥିଲେ । ଏଇପରି 'ଓଡ୍ରରାଷ୍ଟ୍ରମଣ୍ଡଳ' ବର୍ଣ୍ଣନାଠାରୁ ଆରମ୍ଭ, ଦୁର୍ଯୋଧନଙ୍କ 'ଝିମଟି ଖେଳ'ରୁ ମହାଭାରତ ପର୍ଯ୍ୟନ୍ତ; ଲକ୍ଷ୍ମୀ ପାର୍ବତୀଙ୍କର ଗାଁ ମାଇପଙ୍କ ପରି, କାହା ବର ବଡ଼ ବୋଲି କଳି କରିବାଠାରୁ ଦେବତାଙ୍କ ଭିତରେ ରାଜସ୍ତୁତି ଓ ମାମଲତକାରୀ ପର୍ଯ୍ୟନ୍ତ, ସବୁ ସାରଳାଦାସଙ୍କ ମହାଭାରତରେ ଅଛି । ତାକୁ ଦେଖି ଲେଖାଇ ନାହାନ୍ତି, କି 'ମୂର୍ଖ' ସିଦ୍ଧେଶ୍ୱର ନ ଜାଣି ଲେଖି ନାହାନ୍ତି । ସଂସ୍କୃତସେବୀ ଓ ସ୍ମାର୍ତ୍ତଙ୍କ ଚୋଟିଚପା ସହି ନ ପାରି ମନୀଷୀ ସିଦ୍ଧେଶ୍ୱର ମୁକ୍ତ, ସ୍ୱାଧୀନ ଓଡ଼ିଆ ସାହିତ୍ୟ, ଓଡ଼ିଆ ପ୍ରାଣକୁ ଫୁଟାଇ ଛାଡ଼ି ଦେଇଚନ୍ତି । ଏହାହିଁ ସାରଳାଦାସଙ୍କ ମହାଭାରତ ।

ସେ ମହାଭାରତରେ ପୁଣି ଭାଷା । ଏ ବିଷୟରେ ବିଶେଷ କହିବା ଦରକାର ନାଇ । ଆଜି ଏତେ ଦିନ ପରେ ସାରଳାଦାସଙ୍କୁ ମାରିବା ପାଇଁ ଗୌରୀଶଂକର ରାୟ ଓ ଭଗବତପ୍ରସାଦ ଦାନଙ୍କ ପରି ଲୋକମାନେ ସଂସ୍କୃତିଆ ପଣ୍ଡିତ ବସାଇ, ଚଉଦ ଅକ୍ଷରିଆ ବଂଗଳା ପୟାର ରୀତିରେ ସାରଳାଦାସଙ୍କ 'ଦାଣ୍ଡୀ' ମହାଭାରତକୁ ଚଉଦ ଅକ୍ଷର ପାଦରେ ଗଣି, ଠିକ ଠିକ କରି କାଟିଥିଲେ ମଧ୍ୟ, ତାକୁ ଆଜି ପୁଣି ହର ପାର୍ବତୀଙ୍କର 'ଫୁଲ ପାଣି' ପକାଇ ବଞ୍ଚାଇବାର ଉଦ୍ୟମ ହେଲାଣି । ସେ ଭାଷା ଖାଲି ଓଡ଼ିଆ ଭାଷା ନୁହେ । ସଂସ୍କୃତର ନିପୀଡ଼ନ ବେଳେ ସେ ହେଉଚି, ଓଡ଼ିଆ ପ୍ରାଣର ସ୍ୱାଭାବିକ ସ୍ଫୂର୍ତ୍ତି । ବୈଷ୍ଣବ ଯୁଗରେ, ଭଞ୍ଜ ଯୁଗରେ ତଥା ରାଧାନାଥ—ମଧୁସୂଦନ ଯୁଗରେ ସେ ଭାଷାକୁ ଚପି, ବୁଡ଼ାଇ ପୁଣି ମାରି ଦେବାର ବହୁ ଉଦ୍ୟମ ହୋଇଚି । ସେ ଉଦ୍ୟମର ଫଳ ରହିନାଇ, ରହିବ ନାଇ । ଓଡ଼ିଶାର ଆଦି ସାହିତ୍ୟିକ ମରିବାର ନୁହନ୍ତି, ସେ ମରିବେ ନାଇ । ତାଙ୍କର ଦୂର ଦର୍ଶନ ଯେପରି ବ୍ୟାପକ, ସେଇପରି ଚିରନ୍ତନ ।

ଆଉ ଗୋଟିଏ କଥା । ତା ବେଶି କରି କହିବାର ସୁବିଧା ଏଠାରେ ନାଇ । ସେ ହେଉଛି, ନିର୍ବାଣ ସାଧନାରେ ପୂର୍ବଭାରତ, ବିଶେଷରେ

Digitized by srujanika@gmail.com

ଓଡ଼ିଶାର ଅଷ୍ଟାଙ୍ଗ ସାଧନାର ତନ୍ତ୍ରଯୋଗ । ତାହା ଯେପରି ଥିଲା, ଆଜି ସେପରି ନାହିଁ । ସେଥିପାଇଁ ପୁସ୍ତକ ନାହିଁ, କି ତାର ଆଲୋଚନା ହୁଏ ନାହିଁ । ଗୁରୁଙ୍କଠାରୁ ମାତ୍ରକ ଦୀକ୍ଷିତମାନେ ସେ ତତ୍ତ୍ୱ ଜାଣନ୍ତି । ସେ ଅଷ୍ଟାଙ୍ଗ ସାଧନାରେ ସିଦ୍ଧ ହେଲେ, ଇଚ୍ଛାମୃତ୍ୟୁ ହୁଏ । ଜୀବାତ୍ମା ପରମାତ୍ମା ନାମରେ ସେ ସାଧନାରେ ପଞ୍ଚପ୍ରାଣକୁ ତ୍ରିକୂଟରେ ବା କପାଳତଳେ ରଖି ସିଦ୍ଧଯୋଗୀ ନିର୍ବାଣ ଭଜନ୍ତି । ଶୁଣିବାରେ, ସେ ନିର୍ବାଣ ବେଳେ ତାଳୁ ଉପର ଫୁଟି ଯାଏ । ଏବେ ମଧ୍ୟ ପୁରୀରେ ସେଇ ପନ୍ଥୀଙ୍କ ମଠରେ ସେଥିପାଇଁ ମଲା ଉତ୍ତାରୁ ନଡ଼ିଆରେ ମହନ୍ତଙ୍କର ତାଳୁ ପିଟି ଫଟାଇ ଦିଅନ୍ତି । ତା ପରେ ସମାଧି ଦିଆ ହୁଏ ।

ଓଡ଼ିଶା ଏଇ ଯୋଗ-ସାଧନାର ପରମକ୍ଷେତ୍ର ଥିଲା । ପୁଷ୍ପଗିରି ବିହାରରେ ଏହି ଯୋଗତନ୍ତ୍ରର ସାଧନା ଲୋକେ ଅଭ୍ୟାସରେ ଗ୍ରହଣ କରୁଥିଲେ ବୋଲି ମନେ ହୁଏ । ସିଦ୍ଧେଶ୍ୱର ଏଇ ଯୋଗରେ ସିଦ୍ଧ ହେଲେ । କିଂବଦନ୍ତୀ କହେ, ସେ ନିଜର ମୃତ୍ୟୁକାଳ ନିଜେ ଠିକ୍ କରି ଜାଣିଥିଲେ ଓ ଠିକ୍ ସେତିକିବେଳେ ପଦ୍ମାସନରେ ବସି ଦେହତ୍ୟାଗ କରିଥିଲେ । ଏ କଥାରେ ଅବିଶ୍ୱାସ କରିବାର କିଛି ନାହିଁ । ସେ କାଳର ଓଡ଼ିଆ ମହାପୁରୁଷମାନଙ୍କ ପକ୍ଷରେ ଏ କିଛି ଆଶ୍ଚର୍ଯ୍ୟ କଥା ନ ଥିଲା ।

ସଂକ୍ଷେପରେ ଏହାହିଁ ଆମର ସାରଳା ଦାସ । ସେ ଦେବତା ନୁହନ୍ତି । ସେ ମନୁଷ୍ୟ । ସେ କେବଳ ଶୁଦ୍ରମୁନି ନୁହନ୍ତି । ସେ ଓଡ଼ିଶାର ଦର୍ଶନବନ୍ତ ମହାପୁରୁଷ । ଆଜି ଓଡ଼ିଆ ସଭ୍ୟତା, ଓଡ଼ିଆ ଭାଷା ତଥା ଓଡ଼ିଆ ସାହିତ୍ୟର ସେ ପିତା ଓ ପ୍ରତିଷ୍ଠାତା । ଏହା ଯେ ଦେଖେ, ସେଇ ଏକା ସାରଳାଦାସଙ୍କୁ ଦେଖେ । ଏଥିରୁ ଠିକଏ ହେଲେ ବୁଝିଲେ, ଲୋକ ସାରଳାଦାସଙ୍କୁ ବୁଝିବ, ଓଡ଼ିଶାକୁ ବୁଝିବ, ଓଡ଼ିଆକୁ ବୁଝିବ ।

Digitized by srujanika@gmail.com

# ଲାବଣ୍ୟବତୀ *

## (୧)

'ଲାବଣ୍ୟବତୀ' ନାମ ଓଡ଼ିଶାରେ ପ୍ରସିଦ୍ଧ ଏବଂ ପରିଚିତ । କବିକଳ୍ପିତ ନାୟିକାର ନାମ ହେଲେହେଁ, ସୁରୁଚିସମ୍ପନ୍ନ, ସରସ । ଶିକ୍ଷିତ ପରିବାରରେ ଅନେକେ କନ୍ୟା ବଧୂମାନଙ୍କୁ ଏହି ନାମ ଦେଇ କବିଙ୍କ ପ୍ରତି ତଥା ତାଙ୍କ କାବ୍ୟପ୍ରତି ଆଜି ଗ୍ରାମେ ଗ୍ରାମେ ଆଦର ଓ ଆସ୍ଥା ଦେଖାଉଅଛନ୍ତି । ଉପେନ୍ଦ୍ରଭଞ୍ଜ ଲୋକସାଧାରଣଙ୍କ ଭାଷାରେ କାବ୍ୟ ଲେଖିନାହାନ୍ତି । ତାଙ୍କ କାବ୍ୟରେ ଲଙ୍ଗଳହସ୍ତ ଚଷାର ବର୍ଣ୍ଣନା ନାହିଁ । ବଢ଼େଇ କାଠ କରୁନାହିଁ । ଗଉଡ଼ ଗୋଠରେ ବେଣୁ ବଜାଉ ନାହିଁ । ଦରିଦ୍ର ପଲ୍ଲିକୁମାରୀ ବିଲରେ ଧାନସୀସା ଗୋଟାଉ ନାହିଁ । କନ୍ଧ ବିବାହ ନାହିଁ, ସାନ୍ତାଳ ନାଚ ନାହିଁ, ଭୂୟାଁ ଧାଙ୍ଗଡ଼ମାନଙ୍କର ଗ୍ରାମରେ ଏକତ୍ର ବାସ ନାହିଁ । ପଲ୍ଲିଦମ୍ପତିର ଆଳାପ ନାହିଁ, ପ୍ରେମ ନାହିଁ, କଳହ ନାହିଁ; ସ୍ଥୂଳରେ ଲୋକସାଧାରଣର ଜୀବନ କ୍ରିୟା, ଭାବ ବିକାଶ, ହୃଦୟର ଗତି, ଚିନ୍ତା ସ୍ଫୁରଣ, ଆକାଂକ୍ଷା, ଅସକ୍ତି, ଅଭିପ୍ରାୟ ପ୍ରଭୃତିର ସ୍ଥାନ ଭଞ୍ଜୀୟ କାବ୍ୟରେ ନାହିଁ କହିଲେ ଚଳେ । କିନ୍ତୁ ଭଞ୍ଜ ଉତ୍କଳର ସର୍ବତ୍ର ଆଦୃତ ଓ ଉତ୍କଳ କବି ଓ ସାହିତ୍ୟିକକୁଳର ନମସ୍ୟ । ନବଯୁଗର କବିବର ରାଧାନାଥ ଯଥାର୍ଥ କହିଅଛନ୍ତି:—

"ଭାଗ୍ୟବାନ ବେନି ବାଣୀଙ୍କ କୁମର
କବି ବଳଦେବ ଭଞ୍ଜ ବୀରବର ।"

ରୁଚି ବଦଳି ଯାଉଅଛି, ଲୋକର ଚିନ୍ତା ଓ ଆଦର୍ଶରେ ପରିବର୍ତ୍ତନ ଘଟୁଅଛି, ଭଞ୍ଜଯୁଗ ଆଜି ଉତ୍କଳରେ ନାହିଁ । ତଥାପି ଭଞ୍ଜ, ବାଣୀଙ୍କର ବରପୁତ୍ର ହୋଇ ରହିଚନ୍ତି, ଏବଂ ଅନେକ ଦିନଯାଏ ରହିବେ । ଜାତୀୟ ହୃଦୟରେ ଏପରି ଆଧିପତ୍ୟ ଏବଂ ପ୍ରତିଷ୍ଠା ବଡ଼ ବେଶି କବିଙ୍କ ଭାଗ୍ୟରେ ଘଟେ ନାହିଁ । ଓଡ଼ିଶାରେ ଆଜି

---

* ୧୩୨୩ ସାଲ (୧୯୧୭ ମସିହା) 'ସତ୍ୟବାଦୀ' ମାସିକ ପତ୍ରିକା ପ୍ରଥମ ଖଣ୍ଡର ଅଷ୍ଟମ ଓ ନବମ, ଦଶମ ଓ ଏକାଦଶ, ଦ୍ୱାଦଶ ଓ ଦ୍ୱିତୀୟ ଖଣ୍ଡର ପ୍ରଥମ ଓ ଦ୍ୱିତୀୟ ସଂଖ୍ୟାରେ ପ୍ରକାଶିତ ।

Digitized by srujanika@gmail.com

"ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ
ପଥେ ପାନ୍ଥ ହୃଷ୍ଟମନା
ବନେ ବୋଲେ ଚଷା ଅନ୍ତଃପୁରେ ଯୋଷା
ନୃତ୍ୟରଙ୍ଗେ ବାରାଙ୍ଗନା ।"

ଲାବଣ୍ୟବତୀ ଭଞ୍ଜଙ୍କର ସର୍ବୋତ୍କୃଷ୍ଟ କାବ୍ୟ ନ ହୋଇପାରେ, କାରଣ ସେ ବିଷୟରେ ମତଭେଦ ଅଛି । କିନ୍ତୁ ଏହା ଯେ ତାଙ୍କର କାବ୍ୟକଳା କଳ୍ପନାର ଆଦର୍ଶ ବା ଗ୍ରନ୍ଥ, ସେଥିରେ ଦ୍ୱିରୁକ୍ତି ହୋଇ ନ ପାରେ । ରାମାୟଣ ପ୍ରଭୃତି ପ୍ରାଚୀନ ଆର୍ଷ କାବ୍ୟର ବିଷୟ ଅବଲମ୍ବନରେ ଭଞ୍ଜ ଯେ ସମସ୍ତ କାବ୍ୟ ଲେଖିଛନ୍ତି, ତାହା ଛାଡ଼ିଦେଲେ ତାଙ୍କର ଅନ୍ୟାନ୍ୟ ବା ମୌଳିକ କାବ୍ୟ ସବୁର ଲାବଣ୍ୟବତୀ ନିର୍ଦ୍ଦିଷ୍ଟ ମାନଦଣ୍ଡ ବା ମାପକାଠି ହୋଇପାରେ । ତେଣୁ ଲାବଣ୍ୟବତୀର ସମାଲୋଚନା ଭଞ୍ଜୀୟ କାବ୍ୟମାନଙ୍କର ପ୍ରକୃତି ପ୍ରକ୍ରିୟା ଓ ଆଦର୍ଶ ନିର୍ଦ୍ଦେଶ କରିବାରେ ବହୁ ପରିମାଣରେ ସାହାଯ୍ୟ କରିବ ।

ସୁଦକ୍ଷ ସମାଲୋଚକ ସ୍ୱର୍ଗୀୟ ରାମନାରାୟଣ ଲାଲ ଏଥିପୂର୍ବେ ଉପେନ୍ଦ୍ର ଭଞ୍ଜଙ୍କର ସମାଲୋଚନା କରିଥିଲେ । ତହିଁର ଫଳରେ ଉତ୍କଳର ସାହିତ୍ୟ-ଜଗତରେ ଯେ ଝଡ଼ତୋଫାନ ହୋଇଥିଲା, ତାହା ଅନେକଙ୍କର ଏବେ ବି ଅଙ୍ଗନିଶ୍ୱ କଥା ହୋଇ ରହିଅଛି । ଦଳଗତ ଭାବରେ ଗୃହୀତ ହୋଇ ସମାଲୋଚନା କଲେ ଅନେକ ତଥ୍ୟ ପ୍ରକାଶ ପାଇପାରେ, କିନ୍ତୁ ନିରପେକ୍ଷତା ଅଭାବରୁ ସମ୍ପୂର୍ଣ୍ଣ ସତ୍ୟ ମିଳେ ନାହିଁ, କିମ୍ବା ସହୃଦୟତା ଓ ସହାନୁଭୂତି ପରିସ୍ଫୁଟ ହୁଏ ନାହିଁ । ଏକ ଦିଗରେ ପିତୃପୁରୁଷର ନିନ୍ଦାରେ ଯେଉଁମାନେ ଆତ୍ମପ୍ରତିଷ୍ଠାର ପ୍ରୟାସୀ, ସେମାନେ ଭ୍ରାନ୍ତ । ପକ୍ଷାନ୍ତରରେ ସେ ନିନ୍ଦାର ଯଥା ଅଯଥା ପ୍ରତିବାଦରେ ଆଲୋଚନାରେ ନିରପେକ୍ଷତା ରହିବା ସମ୍ଭବ ନୁହେ । କବି ନିଜ ପାଠକମାନଙ୍କଠାରୁ ଭାବୁକତା ଏବଂ ସହୃଦୟତା ଆଶା କରନ୍ତି । "ସତ କବି ଆସୁ" ଯେପରି ଭାବୁକ ପାଠକ ଜନ୍ମ ହେବାର କବି ନିଜେ କାମନା କରିଅଛନ୍ତି । ତେଣୁ ମମତା ଏବଂ ସହାନୁଭୂତିରେ ଅନୁପ୍ରାଣିତ ନ ହେଲେ କବିଙ୍କ ପ୍ରତି ଅନ୍ୟାୟ ଓ ନିଷ୍ଠୁରତା ହୁଏ । ଯେଉଁ କବି—

Digitized by srujanika@gmail.com

"ଜନ୍ମି ରାଜକୁଳେ ବଇଭବ କୋଳେ
ଅତୁଳ ସୁଖ ସଦନେ
ତେଜି ସେ ସମ୍ଭୋଗ ଆରମ୍ଭିଲେ ଯୋଗ
ବାଣୀପାଣି ଆରାଧନେ ।"

ତାଙ୍କ ଅବସ୍ଥା ନ ବୁଝି, ଦେଶ କାଳ ପାତ୍ର ବିବେଚନା ନ କରି ଶତ ଶତ ବର୍ଷ ପରେ ଶ୍ମଶାନରୁ ତାଙ୍କର ଅସ୍ଥି ବାହାର କରି ନିର୍ଦ୍ଦୟ ଭାବରେ ଶୃଙ୍ଖ ପ୍ରୟୋଗ ଦ୍ୱାରା ତାହାର ବ୍ୟବଚ୍ଛେଦ କରିବା କବିତାର ସମାଲୋଚନାରେ ଶୋଭନୀୟ ବା ସହନୀୟ ନୁହେ ।

ଉତ୍କଳର ସାହିତ୍ୟର ଗୌରବ ଓ ବିଶେଷତ୍ୱ ଯେ, ରାଜା ଓ ଧନୀକ ସନ୍ତାନମାନେ ସମ୍ପଦସେବା ପରିତ୍ୟାଗ କରି ଯୁଗେ ଯୁଗେ ବାଣୀର ଆରାଧନା କରିଅଛନ୍ତି । ଏ ଶ୍ରେଣୀର ତ୍ୟାଗୀ ସାହିତ୍ୟସେବୀମାନଙ୍କ ମଧ୍ୟରେ ଲାବଣ୍ୟବତୀର କବି ଅଗ୍ରଣୀ । ଏ ମଧ୍ୟ ତାଙ୍କର ବଂଶର ଗୌରବ । କବି ନିଜ କାବ୍ୟ-ମାନଙ୍କରେ ନିଜର ପରିଚୟ ଦେଇଅଛନ୍ତି । ଆଲୋଚ୍ୟ କାବ୍ୟର ଷୋଡ଼ଶ ଛାନ୍ଦରେ କହିଅଛନ୍ତି:—

"ଯେ ବଂଶେ ଇଷ୍ଟ ଦୁର୍ଗାଦେବୀ, ବିରହି କୋଷରୁ ସନ୍ତୋଷ ।
ମନୁଷ୍ୟ ଏହି ଅଦଭୂତ, ଭଞ୍ଜାନୁଭଞ୍ଜ ନାମ ସତ ।
ବଶିଷ୍ଟ ବଶିଷ୍ଟ ପାଳକା, ଶ୍ରୀରାମେ ଦେଇ ରାଜଟୀକା ।
ସେକୁଳେ ରାଜା ଧନଞ୍ଜୟ, ସମସ୍ତ ଗୁଣର ନିଳୟ ।
ଘୁମୁସର ଅଧିପ ପଣେ, ଲୋକେ ବିଖ୍ୟାତ କବିଗୁଣେ ।
ତଦ୍‌ଗତ ତାହାଙ୍କ ତନୁଜ, ନରେଶ ନୀଳକଣ୍ଠ ଭଞ୍ଜ ।
ତାହାଙ୍କ ଜ୍ୟେଷ୍ଠ ସୁତ ମୁହିଁ, ଉପେନ୍ଦ୍ର ଭଞ୍ଜ ନାମ ବହି ।
ତାରକ ମନ୍ତ୍ର ପରସାଦେ, ମୋହର କବିପଣ ଉଦେ ।"

ଏକା ଉପେନ୍ଦ୍ର ଭଞ୍ଜ ନୁହନ୍ତି, ତାଙ୍କ ପୂର୍ବ ଓ ପରବର୍ତ୍ତୀ କବିମାନେ ମଧ୍ୟ ଏପରି ଆତ୍ମପରିଚୟ ଦେଇଅଛନ୍ତି । ଆଦିକବି ସାରଳା ଦାସ ମଧ୍ୟ ଏ ଆତ୍ମପରିଚୟ ବିଧି ପ୍ରବର୍ତ୍ତାଇ ଥିଲେ । ମାତ୍ର ଉଲ୍ଲିଖିତ ଉଦ୍ଧୃତାଂଶରୁ

Digitized by srujanika@gmail.com

ଜଣାଯାଏ, ଉପେନ୍ଦ୍ର ଭଞ୍ଜ କେବଳ ରାଜପୁତ୍ର ନ ଥିଲେ । କେବଳ କବିତ୍ୱ ତାଙ୍କର କୁଳ ପରଂପରା ନ ଥିଲା । ଦୈବୀଶକ୍ତିରେ ମଧ ତାଙ୍କର ବିଶ୍ୱାସ ଓ ନିର୍ଭର ଥିଲା । ଏହି ଦୈବବିଶ୍ୱାସ ଭାରତୀୟ ଚିନ୍ତାବୀର, ଶକ୍ତିଧର ପୁରୁଷ-ମାନଙ୍କର ଗୋଟିଏ ବିଶିଷ୍ଟ ଲକ୍ଷଣ । ବିପୁଳ ପାଣ୍ଡିତ୍ୟ ଓ ପୁରୁଷକାର ସତ୍ତ୍ୱେ, ଦେବତାଙ୍କର ଅନୁଗ୍ରହ ବିନା କୌଣସି ଗୁରୁତର କାର୍ଯ୍ୟରେ ସିଦ୍ଧିଲାଭ ହୁଏ ନାହିଁ, ଏହା ଆର୍ଯ୍ୟର ଏକପ୍ରକାର ସହଜ ଧାରଣା କହିଲେ ଚଳେ । ଏ ଧାରଣାରେ ସମାଲୋଚକର ସମୁଚିତ ଆସ୍ଥା ଓ ବିଶ୍ୱାସ ନ ରହିଲେ ସମାଲୋଚନାରେ ଅନେକ ସମସ୍ୟା ଅସମାହିତ ରହିବ ।

କବିଙ୍କର କୁଳ ଓ ବିଶ୍ୱାସ ଛଡ଼ା ଆଉ ଗୋଟିଏ କଥା ସମାଲୋଚକର ସ୍ମରଣ ରଖିବା ଉଚିତ । ତାହା କବିଙ୍କର ସମୟ ଓ ସେହି ସମୟର ଅବସ୍ଥା । ଏହା କିନ୍ତୁ ସମାଲୋଚକ ପକ୍ଷେ ବଡ଼ ସହଜ ବ୍ୟାପାର ନୁହେ । ମାନବ ସାମାଜିକ ପ୍ରାଣୀ । ତାହାର ଚିନ୍ତା ସମାଜର ଚିନ୍ତାଦ୍ୱାରା ନିୟନ୍ତ୍ରିତ । ଯେ ଯୁଗରେ ଏବଂ ଯେ ସମାଜରେ ତାହାର ଜନ୍ମ, ଯେ ବେଷ୍ଟନୀ ମଧ୍ୟରେ ତାହାର ଜୀବନର ବିକାଶ, ଯେ ଶକ୍ତିସମୂହ ଦ୍ୱାରା ତାହାର ଚିନ୍ତା, ମନର ଗତି ପ୍ରଭାବିତ, ଯେ ଅଭ୍ୟାସ ଓ କ୍ରିୟାଦି ଦ୍ୱାରା ତାହାର ରୁଚି ନିର୍ମିତ—ସ୍ଥୂଳତଃ ଯେ ସମସ୍ତ ପ୍ରଭାବ ଓ ପ୍ରକ୍ରିୟାଦ୍ୱାରା ତାହାର ବ୍ୟକ୍ତିତ୍ୱ ସମ୍ପାଦିତ, ସେ ସବୁରୁ ଆପଣାକୁ ପୃଥକ୍ କରିବା ଏକାବେଳକେ ଅସମ୍ଭବ ନ ହେଲେହେଁ କଦାପି ସୁସାଧ୍ୟ ନୁହେ । ଚଳିତ ଘଟନାପ୍ରବାହର ଗତି ଲକ୍ଷ୍ୟ କରି ଭବିଷ୍ୟତ ଅନୁମାନ କରିବା ଯେପରି ଦ୍ରଷ୍ଟା ଚିନ୍ତାବୀର ପକ୍ଷରେ ଦୁରୂହ, ବର୍ତ୍ତମାନର ନିତ୍ୟ ଅନୁଭୂତ ଘଟନାରାଶିର ବେଷ୍ଟନୀ ମଧ୍ୟରେ ରହି ଇତିହାସ ବା ପରମ୍ପରା-ଲବ୍ଧ ଘଟନାମାନଂକର ଅନୁମାନରେ ଅତୀତର ଅବସ୍ଥା ଓ ପ୍ରକୃତିକୁ ଅନୁଭବରେ ଆଣି ସେ ସବୁର ବାସ୍ତବ୍ୟତା ନିର୍ଦ୍ଦେଶ କରିବା କାଳଜ୍ଞ ଓ ବ୍ୟବହାରପ୍ରବୀଣ ମନୀଷୀ ପକ୍ଷରେ ସେହିପରି ସୁକଠିନ । କାଲି କଣ ହେବ କେହି କହିପାରିବେ ନାହିଁ । ଶହେ କିମ୍ବା ପଚିଶ ବର୍ଷ ପରର କଥା ତ ବହୁଦୂର । କିନ୍ତୁ ବିଚକ୍ଷଣମାନେ ନିଜର ପୂର୍ବୋଦ୍ଦୃଷ୍ଟିବଳରେ ବର୍ତ୍ତମାନ ଘଟନାରୁ ସମ୍ଭାବ୍ୟ ଗଣନାକରି ଭବିଷ୍ୟତ ନିର୍ଦ୍ଦେଶ କରନ୍ତି । ସମାଜରେ

Digitized by srujanika@gmail.com

ସେମାନେ ମହାପୁରୁଷ । ସେମାନେ ସର୍ବଜ୍ଞ, ସେମାନେ ଦ୍ରଷ୍ଟା । ସେହିପରି କାଲି ଯାହା ହୋଇଗଲା, ଯାହା ଆମ୍ଭର ଆଖି ଆଗରେ ଘଟି ଯାଇଅଛି, ତାହା ପୁଙ୍ଖାନୁପୁଙ୍ଖ କଳ୍ପନା କରି ନିର୍ଦ୍ଦେଶ କରିବା, ଏବଂ ତାହାର କାରଣ ସ୍ଥିର କରିବା, ଯେଉଁସବୁ ଶକ୍ତିର ସମବାୟ କିମ୍ବା ଫଳରେ ସେ ଘଟନା ଘଟିଅଛି, ତାହା ନିଶ୍ଚୟ କରିବା ବଡ଼ କଠିନ । ଶହେ ଦୁଇଶ ବା ପାଞ୍ଚଶ ହଜାରେ ବା ତହିଁରୁ ବେଶି ବର୍ଷ ତଳର ଘଟନା ପଢ଼ିଶୁଣି ବା ଅନୁମାନ କରି ତଦାନୀନ୍ତନ ଅବସ୍ଥା ଅନୁଭବରେ ଆଣିବା ସାମାନ୍ୟ ଶକ୍ତିମନ୍ତ୍ତ ଓ ଭାବୁକତାର କାର୍ଯ୍ୟ ନୁହେ । ପୁଣି ଭବିଷ୍ୟତ ନିର୍ଦ୍ଦେଶ କଲେ, ତାହା ସତ୍ୟ ହେବ କି ନା, ସମୟରେ ଜଣା ପଡ଼ିବ । କିନ୍ତୁ ଅତୀତର ମୀମାଂସା ପରୀକ୍ଷାର ଉପାୟ ନାହିଁ । ବ୍ୟକ୍ତିଗତ କଳ୍ପନା, ଚିନ୍ତା, ଅନୁମାନ ଓ ରୁଚି ଅନୁସାରେ ଏ ମୀମାଂସା ପୃଥକ୍ ପୃଥକ୍ । ଅବିଚଳିତଚିତ୍ତତା, ଅକୁଣ୍ଠିତ ସହାନୁଭୂତି, ଦେଶ କାଳ ପାତ୍ର ନିର୍ବିଶେଷରେ ସାମାଜିକ ଅବସ୍ଥା ଓ ଅନୁଷ୍ଠାନାଦି ପ୍ରତି ଉନ୍ମୁକ୍ତ ଉଦାରତା ଓ ଆଦର ଅତୀତ ତଥ୍ୟ ନିର୍ଦ୍ଦେଶ ପଥରେ କେବଳ ସହାୟ । କବି ଜନ୍ମିଲେ ଦୁଇଶ ବର୍ଷ ପୂର୍ବେ । ସମାଲୋଚକ ଆଜିର ଲୋକ । ଏ ଉଭୟଙ୍କ ମଧ୍ୟରେ ବ୍ୟବଧାନ ବିସ୍ତର । କେବଳ ସମୟର ନୁହେ । ଭାବରେ, କାର୍ଯ୍ୟରେ, ଘଟନାରେ, ଦେଶର ଅବସ୍ଥା ଓ ସାମାଜିକ ବ୍ୟବହାରରେ—ଏମନ୍ତ କି ଅଶନ ବସନ ଭୂଷଣ ଆଦି ବ୍ୟକ୍ତିଗତ ଜୀବନର କ୍ଷୁଦ୍ର କ୍ଷୁଦ୍ର ନିତ୍ୟ କ୍ରିୟାରେ ମଧ୍ୟ ପାର୍ଥକ୍ୟ ରହିଅଛି । ଏ ସମସ୍ତ ପାର୍ଥକ୍ୟ ଓ ଏ ସୁଦୂର ବ୍ୟବଧାନ ଭେଦକରି ଆଜିର ସମାଲୋଚକ ଦୁଇଶ, ତିନିଶ ବର୍ଷ ତଳର କବିଙ୍କ ବେଷ୍ଟନୀ ମଧ୍ୟରେ ଆପଣାକୁ ରଖି ନପାରିଲେ, ତାଙ୍କର ସମାଲୋଚନା ଯଥାର୍ଥରେ କବିଙ୍କ ସମାଲୋଚନା ନୁହେ, କିମ୍ବା ତାଙ୍କ କାବ୍ୟର ସମାଲୋଚନା ନୁହେ । ସେ କେବଳ ସମାଲୋଚକଙ୍କ କଳ୍ପିତ କବି ଏବଂ କାବ୍ୟର ସମାଲୋଚନା । ଏ ଶ୍ରେଣୀର ସମାଲୋଚକଙ୍କର କବିଙ୍କ ସହିତ ଚାକ୍ଷୁଷ ହୁଏ ନାହିଁ । ଏମାନେ କବିଙ୍କ ହୃଦୟତନ୍ତ୍ରୀର ଧ୍ୱନି ଶୁଣନ୍ତି ନାହିଁ । ତାଙ୍କର ଆକାଂକ୍ଷା ଅନୁଭବ କରନ୍ତି ନାହିଁ । ତାଙ୍କର ଅସୁବିଧା ଓ ଆକୁଳତା ବୁଝନ୍ତି ନାହିଁ, ସମସାମୟିକ ଲୋକଙ୍କ ସଙ୍ଗେ ତାଙ୍କ ଆଦାନ ପ୍ରଦାନ ମଧ୍ୟ ହୃଦୟଙ୍ଗମ କରନ୍ତି ନାହିଁ । ଏମାନେ କେବଳ ବହୁ ଦୂରରେ ରହି ନିଜ ସମୟ ପ୍ରବର୍ତ୍ତିତ, ନିଜ ରୁଚିର ଅନୁକୂଳ ଦୂରବୀକ୍ଷଣ ପ୍ରତିଚକ୍ଷୁ ବା ଚଶମା ସାହାଯ୍ୟରେ

Digitized by srujanika@gmail.com

କବିଙ୍କୁ ଯେପରି ଦେଖନ୍ତି, ସେହିପରି ଲେଖନ୍ତି । ପ୍ରତିଚକ୍ଷୁ କାଚର ସ୍ଥୂଳମଧ୍ୟତା ସୂକ୍ଷ୍ମମଧ୍ୟତାଦି ପ୍ରକାରଭେଦ ଅନୁସାରେ ସେମାନେ କବିଙ୍କ ଆକୃତିର ସାନ ବଡ଼ ବିକଟ ବିମୋହନ ଛବି ଦେଖିଥାନ୍ତି ।

( ୨ )

ଲାବଣ୍ୟବତୀର ଗ୍ରନ୍ଥକାର ଉପେନ୍ଦ୍ର ଭଞ୍ଜଙ୍କୁ କେହି କେହି ଅଶ୍ଳୀଳ ଓ ରୁଚିହୀନ ଲେଖକ ବୋଲି ଆକ୍ଷେପ ଓ କଟାକ୍ଷ କରନ୍ତି । କରିବାର ଯେ ନିତାନ୍ତ ହେତୁ ନାହିଁ, ତାହା ମଧ୍ୟ ନୁହେ । ତାଙ୍କ ଲେଖାରେ ଏପରି ପ୍ରସଙ୍ଗର ଅବତାରଣା ଏବଂ ଏପରି ବିଷୟାଂଶମାନଙ୍କର ସୂକ୍ଷ୍ମ ଚିତ୍ରଣ ଦେଖାଯାଏ, ଯାହା ବର୍ତ୍ତମାନ କାବ୍ୟରୁଚିର ଅନଭିଳଷିତ ଓ ହେୟ । ଆଦିରସ ଘଟିତ ଭାବ, ଇଙ୍ଗିତ ଓ କ୍ରିୟାମାନଙ୍କର ଚିତ୍ରସ୍ଥଳ ବିଶେଷରେ ସେ ବଡ଼ ନିଃସଙ୍କୋଚରେ କରିଥିବାର ଦେଖାଯାଏ । ମାତ୍ର ରୁଚିର ଆଲୋଚନା ବେଳେ କବିଙ୍କ ପ୍ରତି ସମାଲୋଚକର ଯେ ସମପ୍ରାଣତା ଓ ସହାନୁଭୂତି ଆବଶ୍ୟକ, ତାହା ଭୁଲିଯିବା ଉଚିତ ନୁହେ । କାବ୍ୟ ଦେଖିବା ବେଳେ ସମାଲୋଚକ ଯଥାଶକ୍ତି ଅନୁମାନ ବଳ ପ୍ରୟୋଗ କରି ନିଜକୁ କବିଙ୍କ ସ୍ଥାନରେ ରଖି ବିଚାର କରିବା ବିଧେୟ । କବିଙ୍କର ଆଖପାଖ ଘଟଣାବଳୀ ଓ ସମାଜାଦିର ବ୍ୟବସ୍ଥା ସମ୍ପୂର୍ଣ୍ଣରୂପେ ହୃଦୟଙ୍ଗମ କରିବାକୁ ହେବ । ସମାଜର ରୁଚି ଦିନକୁ ଦିନ ବଦଳି ଯାଉଅଛି; ଆମ୍ଭଙ୍କୁ ଆଜି ଯାହା ଅରୁଚିକର ବୋଧହୁଏ, ସବୁସ୍ଥାନରେ ସବୁକାଳରେ ତାହା ସେପରି ନ ହୋଇପାରେ । ଆମ୍ଭେ ଆଜି ଯାହାକୁ ରୁଚିକର ମନେ କରୁଅଛୁ, ଅବସ୍ଥା ପରିବର୍ତ୍ତନରେ ତାହା ଦିନେ ଅନ୍ୟ ପ୍ରକାର ବିବେଚିତ ହୋଇପାରେ । ଫିଜି ପ୍ରଭୃତି ଦ୍ୱୀପରେ ଥିବା ଲୋକମାନେ ଧର୍ମତଃ ନରହତ୍ୟା ଆଚରଣ କରିବାର ଶୁଣାଯାଏ । ସେମାନଙ୍କର ସେଥିରେ ସଙ୍କୋଚ ନାହିଁ । ନରହତ୍ୟାରେ ନୈତିକତା ଅପଚିତ ହୁଏ ବୋଲି ସେମାନେ ଧାରଣା କରି ନାହାନ୍ତି । ସେ ସମାଜର ଲୋକଙ୍କ ପକ୍ଷରେ ଯାହା ସାଧୁ, ଆମ୍ଭ ପକ୍ଷରେ ତାହା ଅସାଧୁ ହୋଇପାରେ; କିନ୍ତୁ ଏହା ବୋଲି ଆମ୍ଭର ନିଜ ନୈତିକ ମାପକାଠିରେ ମାପି ସେମାନଙ୍କୁ ଏକାବେଳକେ ନୀତିହୀନ ଓ ଜଘନ୍ୟ ବୋଲି ଘୃଣା କରିବା କଦାପି ମନୁଷ୍ୟୋଚିତ ନୁହେ । ସେଠାରେ ମଧ୍ୟ ମାନବ ପ୍ରାଣର ସହାନୁଭୂତିର

Digitized by srujanika@gmail.com

ଅବକାଶ ଅଛି । ତାଙ୍କ ସ୍ଥାନରେ ନିଜକୁ ରଖି ତାଙ୍କର ନୈତିକ ଜୀବନ ଆଲୋଚନା କଲେ ନରହତ୍ୟାର ନୈତିକ ଜଘନ୍ୟତାର ଯେ ଚିତ୍ର ବର୍ତ୍ତମାନ ଆମ୍ଭଙ୍କୁ ଦେଖାଯାଉଛି, ସେପରି ଦେଖାଯିବ ନାହିଁ । ପ୍ରତିମାପୂଜାର ବିଧାନ ଅଛି ବୋଲି ଖ୍ରିଷ୍ଟିଆନମାନେ ସନାତନ ସୁପ୍ରତିଷ୍ଠିତ ମାନବ ମାତ୍ରର ଉପାଦେୟ ଆର୍ଯ୍ୟଧର୍ମକୁ ମଧ୍ୟ ଘୃଣା କରନ୍ତି । ସେହିପରି ଆମ୍ଭେମାନେ ମଧ୍ୟ ଖ୍ରିଷ୍ଟିଆନଙ୍କର ଗୋମାଂସ ଭକ୍ଷଣ, ଜୀବହିଂସାର ବିଧାନ ଓ ଆପାମର ସାଧାରଣଙ୍କର ଘୋର ଧର୍ମହୀନତା ଓ ଅପଚାର ଭାବିଲବେଳେ ପ୍ରାଣରେ ବିକାର ଉପସ୍ଥିତ ହୁଏ । କିନ୍ତୁ ନିରପେକ୍ଷ ସମାଲୋଚକ କଦାପି ଏପରି ନିଜର ରୁଚି ଅରୁଚି ଯେଉଁ ଧର୍ମ ବା ସମ୍ପ୍ରଦାୟ ବିଶେଷର ନୈତିକ ଜୀବନ ବିଷୟରେ ମତ ଦେବେନାହିଁ । ରୁଚି ବ୍ୟକ୍ତି, ସମୟ ଓ ସାମାଜିକ ଅବସ୍ଥାଦିର ଅପେକ୍ଷା ରଖେ, କିନ୍ତୁ ସମାଲୋଚନାର ମାନଦଣ୍ଡ ଏ ସବୁ ଭେଦକରି ଉପରକୁ ଉଠିବା ଉଚିତ । ତେବେ ସ୍ୱୀକାର କରିବାକୁ ହେବ, ମନୁଷ୍ୟ ସର୍ବଦା ମନୁଷ୍ୟ । ଯେତେ ନିରପେକ୍ଷ ହେବାକୁ ମନ କଲେ ମଧ୍ୟ ପାରିପାର୍ଶ୍ୱିକ ଘଟଣାରାଶି, ସମାଜାଦିର ଅବସ୍ଥା ଓ ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ପ୍ରଭୃତିରୁ ସେ କଦାପି ନିଜକୁ ସମ୍ପୂର୍ଣ୍ଣରୂପେ ବିଚ୍ଛିନ୍ନ କରି ନ ପାରେ । ତଥାପି ମାନବ ସ୍ୱଭାବତଃ ବେଳେ ବେଳେ ସାମୟିକ ରୁଚିରୁ ନିଜକୁ ବିଚ୍ଛିନ୍ନ କରିଥାଏ; ଏବଂ ମାନବ ପ୍ରକୃତିର ସ୍ଥିରାଂଶ ପର୍ଯ୍ୟବେକ୍ଷଣ କଲେ ବୋଧହୁଏ ମନର କୌଣସି କୌଣସି ଅବସ୍ଥା ଓ ପ୍ରାଣର କୌଣସି କୌଣସି ଅନୁଭୂତି ଅନ୍ତତଃ ବହୁକାଳ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହେ । ସେଥିପାଇଁ କେତେଗୁଡ଼ିଏ ରୁଚି ଓ କେତେଗୁଡ଼ିଏ ଅନୁଭୂତିକୁ ସାର୍ବଜନୀନ ବୋଲି କୁହାଯାଏ । ବାତ୍ସଲ୍ୟରେ ପ୍ରାଣର ଆବେଗ ଓ ସମବେଦନା, ଭକ୍ତିର ସଞ୍ଚାରରେ ପ୍ରାଣର ଗମ୍ଭୀରତା ଓ ଆର୍ଦ୍ରତା, ଦାମ୍ପତ୍ୟ ପ୍ରଣୟର ଉନ୍ମେଷ ବେଳେ ପ୍ରାଣର ମଧୁର ଲୋଲ ସ୍ପନ୍ଦନ, ଆଶାର ସଜୀବତା, ଅବବୋଧର ଆତ୍ମବିସ୍ମୃତି, ଆଳସ୍ୟର ଅବସାଦ ଓ ଶ୍ରମର ସହିଷ୍ଣୁତା ପ୍ରଭୃତି ଏହି ସାର୍ବଜନୀନ ଚିତ୍ତବୃତ୍ତିର ନିଦର୍ଶନ । କାଳିଦାସ, ଭବଭୂତି ପ୍ରଭୃତି ବହୁପରିମାଣରେ ମାନବ ପ୍ରକୃତିର ଏହି ସାର୍ବଜନୀନ ବୃତ୍ତିମାନ ଆଶ୍ରୟ କରି କବିତା ଲେଖିଅଛନ୍ତି । ସମୟ ଓ ସମାଜର ଗଣ୍ଡି ଭେଦ କରି ଦ୍ରଷ୍ଟୃସୁଲଭ ମନୀଷା ବଳରେ ବହୁ ପରିମାଣରେ ସେମାନେ କାବ୍ୟଚିତ୍ରରେ ଆଦର୍ଶ ଶିଳ୍ପ

Digitized by srujanika@gmail.com

ଦେଖାଇଅଛନ୍ତି । ଉପେନ୍ଦ୍ର ଭଞ୍ଜଙ୍କର ଯେପରି ଆଦର୍ଶ ଚରିତ୍ର ବର୍ବର ନାହିଁ, ଏହା ଆମ୍ଭେମାନେ କହୁନାହୁଁ । କିନ୍ତୁ ବହୁସ୍ଥଳରେ ସେ ସମୟ ଓ ସମାଜର ଇଙ୍ଗିତ ଏଡ଼ି ପାରିନାହାନ୍ତି ।

ଆଉ ଗୋଟିଏ କଥା । କବି ଶିଳ୍ପୀ । ମାନବ ହୃଦୟର ଭାବତରଙ୍ଗ ଚିତ୍ର କରିବା ତାହାର ଶିଳ୍ପ । ପ୍ରାଣର କୋମଳତା, ଚିତ୍ତବୃତ୍ତିର ଚଞ୍ଚଳତା, ଭାବରାଶିର କମ୍ପନ ଅନୁଭବ ଓ ଅନ୍ୱେଷଣ କରିବା ତାହାର ପ୍ରକୃତି । ଭାବମୟ ମାନବମାତ୍ରରେ ତାହାର ସମପ୍ରାଣତା; ତେଣୁ ତାହାର ପ୍ରାଣ କୋମଳ ଓ କମନୀୟ; ଏବଂ ସେହିହେତୁରୁ ତରଳ ଓ ଦୁର୍ବଳ । ହୃଦୟର ଚଞ୍ଚଳତା ଓ ଦୁର୍ବଳତାରେ ସେ ସ୍ୱତଃ ଅନୁପ୍ରାଣିତ ଓ ଆତ୍ମବିସ୍ମୃତ ହୁଏ । ମାନବ ହୃଦୟର ମହାନ୍ ଗମ୍ଭୀର ଓ ସ୍ଥିର ଭାବରାଶିରେ କବିର ଯେ ବର୍ବର ସମପ୍ରାଣତା ନାହିଁ, ତାହା କେହି କହିବେ ନାହିଁ କିନ୍ତୁ ସାଧାରଣତଃ ମାନବ ହୃଦୟର ଦୁର୍ବଳ ତନ୍ତ୍ରୀରେ ଆଘାତ କରି ରସୋଦ୍ରେକ କରିବା କବିର ଗୋଟିଏ ସ୍ୱତନ୍ତ୍ର ପ୍ରକୃତି । କେଉଁ କବି କେଉଁ ଦୁର୍ବଳତାରେ କପରି 'ଭାବରେ ଆଘାତ କରନ୍ତି, ସେ ସ୍ୱତନ୍ତ୍ର ବିଚାର । ମାତ୍ର ପ୍ରାଣର କୋମଳତାର ଅଲକ୍ଷ୍ୟ ଇଙ୍ଗିତରେ କବି ଯେ ଚାଳିତ ହୁଅନ୍ତି, ଏଥିର ପ୍ରମାଣ ଆବଶ୍ୟକ ନାହିଁ । ଆମ୍ଭେ ଆଜି ଯାହାକୁ ଅଶ୍ଳୀଳ ବା ଅରୁଚିବ୍ୟଞ୍ଜକ କହୁ, ସବୁ କବି ଅବଶ୍ୟ ଶୃଙ୍ଗାରରସର ଉଦ୍ରେକ ମାନସରେ ବିସ୍ତାର ବ୍ୟାଖ୍ୟାନ କରିନାହାନ୍ତି, ହେଲେ ମଧ୍ୟ ସେଥିରେ ବର୍ବର ନିଃସଂକୋଚ ହୋଇ ନାହାନ୍ତି । କିନ୍ତୁ ପ୍ରେମିକ ପ୍ରେମିକା ହୃଦୟର ଭାବୋନ୍ମେଷ ବେଳେ ପ୍ରାଣର ଚପଳ ସ୍ପନ୍ଦନ ଓ ଲୋଲତରଙ୍ଗ ଚଳ ଚଳ କରି ଚିତ୍ରିଁ କରିବା କେବଳ ଯେ ସାଧାରଣ କବିଙ୍କଠାରେ ଦେଖାଯାଏ, ସେପରି ନୁହେ । ଏହା ଏକପ୍ରକାର କବି ପ୍ରକୃତିର ସାର୍ବଜନୀନ ସ୍ଥିରାଂଶ କହିଲେ ଚଳେ । ପ୍ରେମିକ କାମୁକର ଭେଦ ଦର୍ଶନ ଶାସ୍ତ୍ରର ଅହଂକାର ହେଲେ ମଧ୍ୟ କବି ସେ ଦାର୍ଶନିକ ଭେଦ ବୁଝନ୍ତି ନାହିଁ । ମହାକବି କାଳିଦାସଙ୍କ ଶ୍ରେଷ୍ଠ ନାୟକ ଦୁଷ୍ମନ୍ତ ମଧ୍ୟ ଅପରିଚିତା ଯୁବତୀ ଶକୁନ୍ତଳାଙ୍କର ରୂପ-ଲାବଣ୍ୟରେ ମୁଗ୍ଧ, ପ୍ରେମାତୁର ଓ ଆତ୍ମବିସ୍ମୃତ ହୋଇ ନିଜକୁ ବୁଝାଇ ଅଛନ୍ତି:—

Digitized by srujanika@gmail.com

"ସତାଂହି ସନ୍ଦେହ ପଦେଷୁ ବସ୍ତୁଷୁ
ପ୍ରମାଣମନ୍ତଃ କରଣ ପ୍ରବୃତ୍ତୟଃ ।"

ଏଥିରେ ତାଙ୍କର କାବ୍ୟକଳାର ଅଭାବ ହୋଇନାହିଁ ।

କାବ୍ୟ ଗୋଟିଏ ଶିଳ୍ପ । ପ୍ରକୃତିକୁ ଯଥାର୍ଥ ଭାବରେ ଚିତ୍ର କରିବାହିଁ ଶିଳ୍ପର ପୂର୍ଣ୍ଣତା । ସେଥିରେ ଶ୍ଳୀଳ ଅଶ୍ଳୀଳ ବିଚାର ଅଛି କି ? ଚିତ୍ରଶିଳ୍ପ ଓ ସ୍ଥାପତ୍ୟର ଦୃଷ୍ଟାନ୍ତରେ କଥାଟି ବିଚାର କରିଯାଉ । ଗ୍ରୀସଠାରୁ ଭାରତ ପର୍ଯ୍ୟନ୍ତ ସର୍ବତ୍ର ଶିଳ୍ପୀମାନେ ନଗ୍ନ ଭାବମୟ ମୂର୍ତ୍ତିର ପ୍ରାକୃତିକ ପେଶୀ ବିନ୍ୟାସ ଓ ଅଙ୍ଗସୌଷ୍ଠବ ଅଙ୍କନ କରିଯାଇ ଅଛନ୍ତି । ରୁଚି ଯାହା କହୁ ସେ ଶିଳ୍ପର ଆଦର କମିନାହିଁ । ଶିଳ୍ପନୟନ ସେଥିରେ ଅଶ୍ଳୀଳତା ଦେଖିନାହିଁ । ଅବଶ୍ୟ ଆର୍ଯ୍ୟଭୂମି ଭାରତର ଦୁର୍ଦ୍ଦଶା ଯେ, କୃତ୍ରିମ ରୁଚିର ବଶବର୍ତ୍ତୀ ହୋଇ ମନ୍ଦିର-ଗାତ୍ରରେ ଥିବା ଚିତ୍ରମାନଙ୍କୁ କେହି କେହି ଘୃଣା କରିବାର ଦେଖାଯାଏ । କିନ୍ତୁ କୌଣସି କୌଣସି ରାଜା ଯେଉଁଠାରେ ଲାଟସାହେବଙ୍କ ପରି ବଡ଼ ବଡ଼ ଲୋକଙ୍କୁ ଭୋଜି ଦିଅନ୍ତି, ସେହି ଘରେ ସଜ୍ଜା ନିମନ୍ତେ ଗ୍ରୀସୀୟ-ଭାବ ନିର୍ମିତ ନଗ୍ନ ନାରୀମୂର୍ତ୍ତିଚୟ ଥିବାର ଦେଖାଯାଏ । ସେଠାରେ ଘୃଣା ଅଛି କି ? କଲିକତା ଯାଦୁଘରର ଶିଳ୍ପମଞ୍ଚରେ ଯେଉଁ ହାତିଦାନ୍ତର ଶ୍ରେଷ୍ଠକାମସବୁ ସୁରକ୍ଷିତ ହୋଇ ପ୍ରଦର୍ଶିତ ହେଉଅଛି, ତାହା ତ ଅନେକେ ଦେଖିଥିବେ । ଲାବଣ୍ୟବତୀର କବିଙ୍କର ଚିତ୍ର ବିଶେଷ ସଙ୍ଗେ ସେ ସବୁର କିଛି ପାର୍ଥକ୍ୟ ଅଛି କି ? କିନ୍ତୁ ସେଥିରେ ଅଶ୍ଳୀଳତା ଅଛି ବୋଲି କେହି କେବେ ସମାଲୋଚନା କରିବାର ଶୁଣାନାହିଁ ।

ବ୍ୟବହାରର ରୁଚି, ଶିଳ୍ପର ରୁଚି ଏକ ନୁହେ । ଯେଉଁମାନେ କବିତାର ଶିଳ୍ପ ଅନୁଭବ କରନ୍ତି, କବିତାରେ ଅଶ୍ଳୀଳତା ଦେଖିବା ପାଇଁ ସେମାନଙ୍କର ଅବକାଶ କାହିଁ ? ଅଶ୍ଳୀଳତା ସାମାଜିକ ବ୍ୟବହାରର କଥା—କାବ୍ୟଶିଳ୍ପର ସେଥିରେ କ୍ଷତି ବୃଦ୍ଧି ନାହିଁ । ଅବଶ୍ୟ ବିଦ୍ୟାଳୟର ଛାତ୍ରମାନଙ୍କ କଥା ସ୍ୱତନ୍ତ୍ର । ସେମାନଙ୍କ ପାଇଁ ଇଂଲଣ୍ଡରେ ସେକ୍ସପିଅରଙ୍କ ନାଟକମାନଙ୍କର ସ୍ୱତନ୍ତ୍ର ସଂସ୍କରଣ ଅଛି; ଆବଶ୍ୟକ ହେଲେ ଓଡ଼ିଶାରେ ମଧ୍ୟ ଉପେନ୍ଦ୍ର କାବ୍ୟର ସେହିପରି ସଂସ୍କରଣ ରହିବ । ସେମାନେ କବିତାର ଶିଳ୍ପରେ ମୁଗ୍ଧ ହୋଇ

Digitized by srujanika@gmail.com

କବିତା ପଢ଼ନ୍ତି ନାହିଁ । ଦେଖି ଦେଖି ଆଲୋଚନା କରି ଶିଳ୍ପର କାରିଗରି ଅନୁଭବ କରି ଶିଖିଥାନ୍ତି ମାତ୍ର । ସେଥିପାଇଁ ଯେଉଁମାନେ, "ସିଦ୍ଧିଃ ସାଧ୍ୟେ ସତାମସ୍ତୁ, ପ୍ରସାଦାତ୍ତସ୍ୟ ଧୂର୍ଜଟେଃ" ପଢ଼ନ୍ତି, ସେମାନଙ୍କ ପାଇଁ "ତରୁଣତା-ତରଣି ଦ୍ୟୁତି ନିର୍ମିତ, ଦ୍ରୁଡ଼ିମ ତତ୍ତ୍ୱ କୁଚକୁମ୍ଭଯୁଗଂ ତଥା" ପ୍ରଭୃତି ପାଠ୍ୟ ବୋଲି କେହି ବ୍ୟବସ୍ଥା କରିବେ ନାହିଁ । ତେବେ ଯାହା ଛାତ୍ରମାନଙ୍କର ପଢ଼ିବା ଅନୁଚିତ, ତାହା କଦାପି ସେଥିକରେ ଅପକାବ୍ୟ ବୋଲି ବିବେଚିତ ହୋଇ ନ ପାରେ । ଛାତ୍ରମାନେ ପଢ଼ିବେ ନାହିଁ ବୋଲି ଯେ କାବ୍ୟର କାବ୍ୟତ୍ୱ ନଷ୍ଟ ହେଲା, ଏପରି କହିବା ଅସଙ୍ଗତ । ସମାଲୋଚନା ବେଳେ କେବଳ ଅଶ୍ଳୀଳ ବୋଲି କାବ୍ୟ ବା କବିତାକୁ ମୂଳରୁ ଉପେକ୍ଷା କରିବା କଦାପି ଉଚିତ ନୁହେ । ଯେ ଶିଳ୍ପ ଦେଖନ୍ତି, ସେ ଅଶ୍ଳୀଳତା ଦେଖିବେ ନାହିଁ ।

ଭାଷାର କ୍ଲିଷ୍ଟତା ମଧ୍ୟ ଉପେନ୍ଦ୍ରଭଞ୍ଜଙ୍କର ଆଉ ଗୋଟିଏ ସମାଲୋଚ୍ୟ ବିଷୟ । ଉପେନ୍ଦ୍ରକାବ୍ୟମାନଙ୍କର ଶବ୍ଦର ଦୁର୍ବୋଧତା ହେତୁରୁ ଭାବୋପ-ଲବ୍ଧିର ଅସୁବିଧା ହୁଏ । 'ବୈଦେହୀଶବିଳାସ' ଓ 'କୋଟିବ୍ରହ୍ମାଣ୍ଡସୁନ୍ଦରୀ'ର ଭାଷା ଅତ୍ୟନ୍ତ କ୍ଲିଷ୍ଟ; ସେପରି ଭାଷାରେ ଓଡ଼ିଆରେ ଆଉ କାବ୍ୟ ନାହିଁ । ଶବ୍ଦସନ୍ଦର୍ଭ ସଙ୍ଗେ ସଙ୍ଗେ ବେଳେ ବେଳେ ଭାଷାର ଏହି ଦୁରଧିଗମ୍ୟ କ୍ଲିଷ୍ଟତା ଉପେନ୍ଦ୍ରଭଞ୍ଜଙ୍କର ଗୋଟିଏ ସ୍ୱାତନ୍ତ୍ର୍ୟ କହିଲେ ଚଳେ । ସରଳ ରସୋପଲବ୍ଧିରେ କଥଞ୍ଚିତ୍ ପ୍ରତିବନ୍ଧକ ହେଲେହେଁ ଅବସ୍ଥା ବିଶେଷରେ ଏ ବ୍ୟବସ୍ଥାର ମଧ୍ୟ କାରଣ ଅନୁସନ୍ଧାନ କରାଯାଇପାରେ । ଉପେନ୍ଦ୍ର ଯେତେବେଳେ ଓଡ଼ିଆ ଲେଖିବାପାଇଁ ଲେଖନୀ ଧରିଥିଲେ ସେତେବେଳେ ଏ ଦେଶର ମୁଖ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ସଂସ୍କୃତରହିଁ ଆଦର ଥିଲା । ପ୍ରାକୃତ ବା ପ୍ରଚଳିତ ଭାଷା ବହୁକାଳ ଉପେକ୍ଷିତ ହେଉଥିଲା । ଓଡ଼ିଆ ପୁଣି ପ୍ରାକୃତ ନୁହେ । ପ୍ରାକୃତର ଆହୁରି ଏକ ବିକାର । ଏଥିରେ ଏହା ଯେ ସମାଜରେ— ବିଶେଷତଃ ପଣ୍ଡିତ ଓ ସମାଜର ଶ୍ରେଷ୍ଠ ବ୍ୟକ୍ତିଙ୍କ ମଧ୍ୟରେ ତାଦୃଶ ଆଦର ନ ପାଇବ ସେଥିରେ ବିଚିତ୍ରତା କଅଣ ? ଉପେନ୍ଦ୍ରଙ୍କ ପୂର୍ବେ ଜଗନ୍ନାଥ ଦାସଙ୍କ ଭାଗବତ ପରି ଶ୍ରେଷ୍ଠ ଓଡ଼ିଆ ଗ୍ରନ୍ଥ ମଧ୍ୟ ପଣ୍ଡିତମଣ୍ଡଳୀରେ ଆଦର ପାଇ ନ ଥିଲା । ଏପରିକି ଜଗନ୍ନାଥ ଦାସ ଓଡ଼ିଆରେ ଏହି ଗ୍ରନ୍ଥର ଅନୁବାଦ

Digitized by srujanika@gmail.com

କରି ବହୁ ଲାଞ୍ଛନା ଭୋଗ କରିଥିବାର ପ୍ରମାଣ ମିଳେ । ସେଥିପାଇଁ ସେ ତାଙ୍କ ଉପାଦେୟ ଗ୍ରନ୍ଥର ଅଧ୍ୟାୟ ଶେଷରେ ବେଳେବେଳେ ବିଜ୍ଞଲୋକମାନଙ୍କୁ ବହୁତ ବିନତି କରିଅଛନ୍ତି । ଏତେ କରି ମଧ୍ୟ ତାଙ୍କର ଭାଗବତ ଏପର୍ଯ୍ୟନ୍ତ ସମାଜର ମୁଖ୍ୟବ୍ୟକ୍ତିଙ୍କ ମଧ୍ୟରେ ଯଥୋଚିତ ଆଦର ଲଭିଅଛି କି ନା ସନ୍ଦେହ । ସଂସ୍କୃତର ଏହି ଆଦର ବେଳେ ଉପେନ୍ଦ୍ର ଓଡ଼ିଆରେ କାବ୍ୟ ଲେଖିଥିଲେ । ସେଥିରେ କେବଳ ଭାଷା କାହିଁକି, ଭାବ ଅଲଙ୍କାରାଦିରେ ମଧ୍ୟ ଯେ ସଂସ୍କୃତର ଅନୁବର୍ତ୍ତନ କରିବେ, ସେଥିରେ ତାଙ୍କର ପ୍ରତିଭାର ହୀନତା ଆଶଙ୍କା କରିବା ଉଚିତ ନୁହେ । ବରଂ ଏଥିରେ ମନୀଷାର ପରିଚୟ ମିଳୁଅଛି । ପୁଣି ତାଙ୍କର ଭାଷା କ୍ଲିଷ୍ଟ ହୋଇପାରେ, କୃତ୍ରିମ ନୁହେ । ସଂସ୍କୃତ ଗ୍ରନ୍ଥରେ ଆଲଙ୍କାରିକ ନିଗଡ଼ ମଧ୍ୟରେ ଓ ଦୁର୍ଭେଦ୍ୟ ଶବ୍ଦବ୍ୟୂହରେ ମଧ୍ୟ ସେ ଭାଷାର ସ୍ୱାଭାବିକତା ରଖିଅଛନ୍ତି । ଏ ସମସ୍ତ ସତ୍ତ୍ୱେ ତାଙ୍କର ଭାଷା ଓଡ଼ିଆ । ଏହା ଓଡ଼ିଆର ପ୍ରାଣକୁ ସ୍ପର୍ଶ କରେ । ଏହି ହିସାବରେ ଦେଖିଲେ ଉପେନ୍ଦ୍ରଙ୍କର ଭାବବତ୍ତା ଓ ମାତୃଭାଷା ପ୍ରୀତି ଆଜିଯାଏ ଓଡ଼ିଶାରେ ଦେଖାଯାଇଅଛି କି ନା, ତାହା ଆଲୋଚନାର ବିଷୟ ।

ପୁଣି ଶବ୍ଦସନ୍ଦର୍ଭର ଆପାତ କ୍ଲିଷ୍ଟତା ରସାଣିବା ପାଇଁ, ଭାଷାର କଠୋରତା ମଧ୍ୟରେ ଭାବସନ୍ଦର୍ଭ ଫୁଟାଇବା ପାଇଁ, ଦୃଢ଼ନିବଦ୍ଧ ଆଲଙ୍କାରିକ ପଦ୍ଧତିରେ କାବ୍ୟକଳା-କୁଶଳତା ଦେଖାଇବା ପାଇଁ, ବ୍ୟାବହାରିକ ରୁଚିର ଆପାତ ଅପକର୍ଷ ମଧ୍ୟରେ ପାଠକକୁ ରସୋପଲବ୍ଧିରେ ଆତ୍ମବିସ୍ମୃତ କରିବା ପାଇଁ ସେ ଯେଉଁ ଛନ୍ଦରାଶିର ସୃଷ୍ଟି କରିଅଛନ୍ତି, ତାହା ତାଙ୍କର ଅଦ୍ୱିତୀୟ ଶକ୍ତିମତ୍ତା ଖ୍ୟାପନ କରୁଅଛି । ସଂଗୀତର ସ୍ୱରଲୟ କବିତାର ଗୋଟିଏ ସ୍ୱତନ୍ତ୍ର ଅଙ୍ଗ । ଶବ୍ଦବିନ୍ୟାସର ପାଟବରେ ଭାବ ପରିସ୍ଫୁଟ ହୁଏ । କବିତାର ଯତି ଲୟରେ ହୃଦୟ ରସରେ ପରିପ୍ଲୁତ ହୁଏ । ଅନେକ ସ୍ଥଳରେ ଭାଷାରେ ବର୍ଣ୍ଣବିନ୍ୟାସ-ପାଟବ ଓ ଛନ୍ଦର ଯତି ନିୟମହିଁ ପଦ୍ୟ ଓ ଗଦ୍ୟର ଭେଦ ଦେଖାଇଦିଏ । ସଂଗୀତ, ଯତିଲୟ ଓ ବର୍ଣ୍ଣବିନ୍ୟାସ-ପାଟବ କବିତାର ବିଗ୍ରହ । ଏଥିରେ କବିତାର ଆତ୍ମା ବ୍ୟକ୍ତ ହୁଏ; ଭାବରାଶି ଯଥାଯଥରୂପେ ଉନ୍ମୀଳିତ ହୁଏ । ଛନ୍ଦର ଚାତୁରୀରେ ବେଳେ ବେଳେ ଭାଷାରେ ଘୋର କର୍କଶତା ଲୁଚିଯାଏ ।

Digitized by srujanika@gmail.com

ଉପେନ୍ଦ୍ର ଭଞ୍ଜଙ୍କ ପୂର୍ବରୁ ଓଡ଼ିଆ ଭାଷାରେ ଯାହାକିଛି ଅଳ୍ପ ଲେଖା ଥିଲା, ସେଥିରେ ଲେଖକମାନେ ଛନ୍ଦ ଓ ସଙ୍ଗୀତଶାସ୍ତ୍ରପ୍ରତି ତାଦୃଶ ଅବକାଶ ଲୋଡ଼ି ନ ଥିଲେ । ଉପେନ୍ଦ୍ର ଭଞ୍ଜ କେବଳ ଯେ ଉତ୍କଳରେ ଛନ୍ଦର ପ୍ରବର୍ତ୍ତକ, ତାହା ନୁହେ । ସେ ଏ କ୍ଷେତ୍ରରେ ଅଦ୍ଭୁତ ମୌଳିକ ଶକ୍ତି ଦେଖାଇଅଛନ୍ତି । ଭାଷା ଯାହାହେଉ, ଭାବର ଉନ୍ମୀଳନରେ ଯେ ପନ୍ଥା ସେ ଅବଲମ୍ବନ କରନ୍ତୁ ନା କାହିଁକି, ତାଙ୍କର ଛନ୍ଦ ସର୍ବଦା ଭାବର ଅନୁରୂପ । ତାଙ୍କର କବିତାର ଛନ୍ଦ ନିୟମରେ ଯେ ଗାଇଅଛନ୍ତି, କିମ୍ବା ଗାଇବାର ଯେ ଶୁଣିଅଛନ୍ତି, ସେ ମୁକ୍ତହୃଦୟରେ ସାକ୍ଷ୍ୟ ଦେବେ ଯେ ସ୍ଥଳବିଶେଷରେ ଭାଷା ଦୁର୍ଭେଦ୍ୟ ହେଲେ ମଧ୍ୟ, କଳ୍ପିତ ବ୍ୟବହାରାଦିର ଚିତ୍ରଣରେ ଅଶ୍ଳୀଳତା ଥିଲେ ମଧ୍ୟ, କେବଳ ଛନ୍ଦର ମୋହନ ତାନରେ ରସୋପଲବ୍ଧି ଓ ଭାବର ବିକାଶ ଉଦ୍‌ଭିନ୍ନ ଓ ପରିସ୍ଫୁଟ ହୁଏ । କାବ୍ୟରେ ଏହି ଛନ୍ଦସବୁ ଉପେନ୍ଦ୍ର ନିଜେ ସୃଷ୍ଟି କରିଅଛନ୍ତି ଏବଂ ଏହି ସୂତ୍ରରେ ସେ ଏକକାଳରେ ପଣ୍ଡିତ ଓ ଲୋକସାଧାରଣଂକୁ ଜାତୀୟ ଭାଷା ଓ ଜାତୀୟ ସାହିତ୍ୟ ପ୍ରତି ଟାଣିଆଣିବାକୁ ସମର୍ଥ ହୋଇଅଛନ୍ତି । ବାସ୍ତବିକ୍ ଯେଉଁମାନେ ଉପେନ୍ଦ୍ର ସାହିତ୍ୟର ଆଲୋଚନା କରୁଅଛନ୍ତି, ସେମାନେ ସର୍ବଦା ତାଙ୍କର ଛନ୍ଦପ୍ରତିରେ ସ୍ୱର ମିଳାଇ ଗାଇବାକୁ ଚେଷ୍ଟା କରିବା ଉଚିତ । ଗାଇଲେ ସେମାନେ ଦେଖିବେ ଶବ୍ଦ-ବିନ୍ୟାସର କ୍ଲିଷ୍ଟତା ଓ ଭାବୋନ୍ମୀଳନ ପ୍ରଣାଳୀରେ ଆପାତ ଅଶ୍ଳୀଳତା ନିଜେ ନିଜେ ଅନ୍ତର୍ହିତ ହେବ । ଓଡ଼ିଆ ଛନ୍ଦର ଆଉ ଗୋଟିଏ ସ୍ୱାତନ୍ତ୍ର୍ୟ ଯେ, ସେଥିରେ ଯନ୍ତ୍ର ଲୟର ସପ୍ତସ୍ୱର କିମ୍ବା ଗାୟକର ସଙ୍ଗୀତ-କଳାଜ୍ଞାନ ତାଦୃଶ ଏକାନ୍ତ ପ୍ରୟୋଜନୀୟ ନୁହେ । ଭାବମୟ ହୃଦୟରେ ଯେ କୌଣସି ଗାୟକ ପ୍ରାକୃତିକ ଆତ୍ମବିନୋଦରେ ସେ ସବୁ ଛନ୍ଦ ଗାଇପାରନ୍ତି । ସଙ୍ଗୀତର ତାଳକାଳ ନିୟମରେ ଗାଇ ନ ପାରିଲେ ମଧ୍ୟ ତାହା କେବଳ ଯତିପାତର ସାଧାରଣ ନିୟମରେ ଗୀତ ହୋଇପାରେ ।

(୩)

ନାନା ହିସାବରୁ ଦେଖିଲେ ଲାବଣ୍ୟବତୀ କବିଙ୍କର ଶ୍ରେଷ୍ଠ କାବ୍ୟ । ବୈଦେହୀଶବିଳାସର ପୌରାଣିକ ଭିତ୍ତି ଅଛି । ଲାବଣ୍ୟବତୀର ଘଟନା କଳ୍ପନା ନିଜେ କବିଙ୍କର । କୋଟିବ୍ରହ୍ମାଣ୍ଡସୁନ୍ଦରୀର ଭାଷାର କ୍ଲିଷ୍ଟତା ଓ

Digitized by srujanika@gmail.com

ବର୍ଣ୍ଣନାର କୃତ୍ରିମତା ଲାବଣ୍ୟବତୀରେ ନାହିଁ । ସ୍ଥଳବିଶେଷରେ ପ୍ରେମସୁଧା-ନିଧିରେ ଉତ୍କୃଷ୍ଟ କବିତା ଦେଖାଯାଏ ସତ୍ୟ, କିନ୍ତୁ ଏହା ଲାବଣ୍ୟବତୀ ପରି ବୃହତ୍ତ ଓ ବହୁଘଟନାସମ୍ବଳିତ ନୁହେ । ସୁବର୍ଣ୍ଣରେଖା ପ୍ରଭୃତି ଗ୍ରନ୍ଥରେ ସରଳ ବର୍ଣ୍ଣନା ଓ କାବ୍ୟକଳାର ଆଭାସ ମିଳିଲେ ମଧ୍ୟ ସେ ସବୁ ଅତି କ୍ଷୁଦ୍ର ଏବଂ ଲାବଣ୍ୟବତୀ ସଙ୍ଗେ ତୁଳନୀୟ ନୁହେ । ଭାଷାର କ୍ଲିଷ୍ଟତା ସଙ୍ଗେ ବିନ୍ୟାସ-କୌଶଳ, ଆଲଙ୍କାରିକ କୃତ୍ରିମତା ମଧ୍ୟରେ ସରଳ ଭାବୋନ୍ମେଷ, ବିଷୟ କଳ୍ପନାର ପୌରାଣିକତା ମଧ୍ୟରେ ବିଶ୍ୱାସର ନିଷ୍ଠା ଓ ସ୍ଥାୟୀ ଭାବର ବିକାଶ, ନାନାବିଧ ଘଟନାର ଅଙ୍ଗାଙ୍ଗୀ ଭାବ ଓ ପ୍ରାକୃତିକ ସମନ୍ୱୟ, ପ୍ରଣାଳୀବଦ୍ଧ କଳ୍ପନାରେ ନୂତନତା, ବିଧିବଦ୍ଧ ବର୍ଣ୍ଣନାରେ ସ୍ୱାଭାବିକତା, ଅଶ୍ଳୀଳତାର ଉନ୍ମାଦ ମଧ୍ୟରେ ଭାବର ଐକାନ୍ତିକତା, ଚଳିତ ଘଟନାର ଅନୁରୂପ ଚିତ୍ର ମଧ୍ୟରେ ଆଦର୍ଶର ବିକାଶ ପ୍ରଭୃତି ଲାବଣ୍ୟବତୀରେ ଯେପରି ଦେଖାଯାଏ, କବିଙ୍କର ଅନ୍ୟ କାବ୍ୟମାନଙ୍କରେ ସେପରି ସ୍ପଷ୍ଟ ନୁହେ । ଏକାଦଶ ଛାନ୍ଦରେ କବି ଲେଖିଅଛନ୍ତି:—

"ଅଣିମାଦି ସୁଖଦାୟୀ
ଶୋଇଅଛି ଅଣିଆଇ
ପଲଙ୍କ ଅଙ୍କରେ ଦିଶେ      ଏମନ୍ତ ଶୋଭି
ଚସାଣ ରଜତ ବାଡ଼େ
କନକଲତା କି ଜଡ଼େ
ବିଶଦ ଘନରେ କି ସେ      ଚପଳା ପ୍ରଭି ।
ବାମକର କପୋଳତଳ
କେନ୍ଦୁ ପଲ୍ଲବେ ଥୁଆ କି      ଫୁଲ୍ଲକମଳ ।"

ଅଣିମାଦି ଦ୍ୱାରା ପୌରାଣିକ ଅଷ୍ଟୈଶ୍ୱର୍ଯ୍ୟ କଳ୍ପନାଠାରୁ, 'ଚସାଣ ରଜତବାଡ଼େ କନକଲତା', 'ବିଶଦ ଘନରେ ଚପଳା' ପ୍ରଭୃତି ଆଲଙ୍କାରିକ ଉତ୍ପ୍ରେକ୍ଷାରେ ଏ ପଦଟି ପୂର୍ଣ୍ଣ ହୋଇଅଛି । ତଥାପି ଶବ୍ଦବିନ୍ୟାସର ଲାଳିତ୍ୟ କିମ୍ବା ପାଠକର ସରଳ ଅବବୋଧରେ ଅସୁବିଧା ବା କାବ୍ୟରସୋପଲବ୍ଧିରେ ପ୍ରତିବନ୍ଧକ କିଛି ନାହିଁ । ସମସ୍ତ ପଦଟି ମଧ୍ୟରେ କବିତାର ଧାରା ଶେଷରେ

Digitized by srujanika@gmail.com

'କେନ୍ଦୁ ପଲ୍ଲବେ ଥୁଆ କି ଫୁଲ୍ଲକମଳ' କଥାଟିରେ ଯେପରି ମଧୁନିସ୍ୟନ୍ଦରେ ପାଠକକୁ ମୁଗ୍‌ଧ କରୁଅଛି, ତାହା ସାଧାରଣ କବିଙ୍କର ଲେଖନୀରୁ ଆଶା କରାଯାଏ କି ? ଏପରି ଉଦାହରଣ ଲାବଣ୍ୟବତୀରେ ଭୂରି ଭୂରି ମିଳିବ । ବୃତ୍ତସ୍ଥ ଛାନ୍ଦରେ କୃତ୍ରିମ ଅଲଙ୍କାରିକ ଦ୍ୱ୍ୟର୍ଥବୋଧ ବ୍ୟଙ୍ଗରେ ସଖୀମାନେ ଲାବଣ୍ୟବତୀଙ୍କୁ ପଚାରୁଅଛନ୍ତି:—

"ବାଣୀ କୋକିଳୁଁ ମଧୁର ହେବାରୁ ।
ନଖ ନିଆଳୀ ଛବି ବହିବାରୁ ।
ହୃଦନଦରେ ଚକ୍ର ରଞ୍ଜିବାରେ ।
ସ୍ତନ କମଳ କଳି ବଢ଼ିବାରେ ।
କାନ୍ତ କେତକୀ ଦଳୁ ଦଳୁ ଚାରୁ ।
ଚାହିଁ ଆମ୍ଭେମାନେ ମନେ ବିଚାରୁଁ ।
ପୁଷ୍ପ ସମୟ ହେଲଣି ନିକଟ ।
ସତ କହ ହୋଇଲା କି ପ୍ରକଟ ?"

ଆଲଙ୍କାରିକ ନିଗଡ଼ ମଧ୍ୟରେ ହୃଦୟସ୍ପର୍ଶୀ ଏ ମୋହନ ଇଙ୍ଗିତ, ରସିକତାର ଏ ଚାରୁ ବ୍ୟଞ୍ଜନା, ଚିତ୍ରଣରେ ଏ ଅଦ୍‌ଭୁତ କଳାପାଟବ ଏକା ଉପେନ୍ଦ୍ର ଭଞ୍ଜଙ୍କର କାହିଁକି ପ୍ରାଚୀନ ଆଧୁନିକ ଯେ କୌଣସି କବିଙ୍କ ପକ୍ଷରେ ଶ୍ଳାଘନୀୟ ନୁହେ କି ? ଅନ୍ୟାନ୍ୟ କଳାପରି କବିତାକଳା ମଧ୍ୟ ଇଙ୍ଗିତ ଲୋଡ଼େ । ଉଦ୍‌ଭିନ୍ନ ଭାବରେ ତନ୍ନ ତନ୍ନ ଚିତ୍ରଠାରୁ ସଙ୍କେତ ଓ ଇଙ୍ଗିତରେ ଉପଲବ୍‌ଧି ଜଗାଇବା ଶିଳ୍ପର ଜୀବନ । ଶିଳ୍ପିବର ଅବନୀନ୍ଦ୍ରନାଥ ଭାରତର ଚିତ୍ରକଳାରେ ଏହି ବିଭବ ଦେଖାଇ ଆଜି ଜଗଦ୍‌ବିଖ୍ୟାତ ହୋଇଅଛନ୍ତି । କବିର ଲେଖନୀ ଏବଂ ଚିତ୍ରକରର ତୁଳିକା ବାସ୍ତବ୍ୟତାର ଯଥାଯଥ ଚିତ୍ରଣରେ ପାଠକର କଳ୍ପନାକୁ ସୀମାବଦ୍ଧ ନକରି ଭାବର ଇଙ୍ଗିତ ଓ ବସ୍ତୁର ସଙ୍କେତରେ ଗ୍ରାହକର କଳ୍ପନାକୁ ଉପଲବ୍‌ଧିର ଅନନ୍ତ ଧାରାରେ ଭସାଇ ଦିଏ । ପ୍ରକୃତ ଶିଳ୍ପୀ ଗ୍ରାହକର ମନଟରେ ଏକାଧିପତ୍ୟ କରିବାକୁ ଇଚ୍ଛା କରନ୍ତି ନାହିଁ । ସେମାନେ ଅନୁଭବ କରନ୍ତି, ଏବଂ ଗ୍ରାହକକୁ ଅନୁଭବ କରିବା ନିମନ୍ତେ ଟିକିଏ ସଙ୍କେତ ଦେଇଯାନ୍ତି ମାତ୍ର ।

Digitized by srujanika@gmail.com

ସ୍ୱୀକାର କରିବାକୁ ହେବ, ଅଳଙ୍କାରର ଶୃଙ୍ଖଳାରେ ବାନ୍ଧି ଦେଲେ କବିର ମନୀଷାର ଗତି ପ୍ରତିହତ ହୁଏ, ଏବଂ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ ସଂସ୍କୃତ କାବ୍ୟ ନାଟକାଦି ପରି ଅଳଙ୍କାରର ଦୃଢ଼ ନିଗଡ଼ ସ୍ପଷ୍ଟ ନ ହୋଇ ପାରେ, କିନ୍ତୁ କାବ୍ୟର ଗତି ସର୍ବଦା ସେହିଆଡ଼େ । ବିଧି ଅନୁସାରେ ନମସ୍କ୍ରିୟାରେ ଲାବଣ୍ୟବତୀର ପ୍ରାରମ୍ଭ । ନବ କବିଙ୍କର ଦୈବଶକ୍ତି ଆବାହନ ପରି ଏ ନମସ୍କ୍ରିୟାରେ ଈଶ୍ୱରଙ୍କର ଆବାହନର ଲକ୍ଷଣ ମଧ୍ୟ ଦେଖାଯାଏ । ପ୍ରତ୍ୟେକ ଛାନ୍ଦ ଶେଷରେ ନମସ୍କ୍ରିୟାରେ ଭଣିତା କରିବା ଅବଶ୍ୟ ଗୋଟିଏ ନୂତନତ୍ୱ । ଚନ୍ଦ୍ରଭାନୁରେ କବି "ଅନୁକୂଳ ଧୀରୋଦାତ୍ତ" ନାୟକର ଲକ୍ଷ୍ୟ ରଖିଅଛନ୍ତି । କିନ୍ତୁ ରାଜପୁତ୍ରୋଚିତ ବିଳାସ ଶୃପଳରେ ଚରିତ୍ରର 'ଲଳିତ୍ୟ' ସ୍ଥାନେ ସ୍ଥାନେ ଫୁଟି ଉଠିଅଛି । ପ୍ରଣୟର ଆକାଂକ୍ଷାରେ କବିଙ୍କର ଧୈର୍ଯ୍ୟ ନାହିଁ । ଶୃଙ୍ଗାର ବିଳାସରେ ପରିତୃପ୍ତି ନାହିଁ । ପ୍ରେମର ଶୃଙ୍ଗାରେତର ସ୍ଥିର ବିଭାବ କବି ଦେଖାଇ ପାରିନାହାନ୍ତି । କିନ୍ତୁ ଏ ସମସ୍ତ ଭିତରେ ମଧ୍ୟ ଅଳଙ୍କାରରେ କବିଙ୍କର ଚପଳତା ସଂଯତ । କବିଙ୍କର ମନର ଭାବ ଯାହାହେଉ, ନାୟକଠାରେ ଆଳଙ୍କାରିକ ବ୍ୟକ୍ତିତ୍ୱ ଫୁଟାଇବା ପାଇଁ କବି ଯେପରି ସର୍ବଦା ଉଦ୍‌ବିଗ୍ନ । ଚନ୍ଦ୍ରଭାନୁର ପ୍ରେମପତ୍ର ଭାବର ମର୍ଯ୍ୟାଦାରେ ଯାହାହେଉ, ଆଳଙ୍କାରିକ ସଂଯମରେ ଉପାଶିତ । ମନ୍ଦିର ମଧ୍ୟରେ ଚନ୍ଦ୍ରଭାନୁ ଲାବଣ୍ୟବତୀର ଦେଖା । ଉଦ୍‌ବେଗ ଓ ଉତ୍କଣ୍ଠା ଦୁହିଙ୍କ ପ୍ରାଣରେ ପୂରି । କିନ୍ତୁ କାହିଁ ? ଚତୁର୍ଦ୍ଦିଗରେ ସେ ଉଦ୍‌ବେଗ ଫୁଟି ନାହିଁ । ସେ ଉତ୍କଣ୍ଠା ଦେଖାଯାଉ ନାହିଁ ।

ଚନ୍ଦ୍ରଭାନୁ ଲାବଣ୍ୟବତୀଙ୍କର ପୂର୍ବଜନ୍ମ ବୃତ୍ତାନ୍ତ ଓ ଇହଜନ୍ମରେ ସ୍ୱପ୍ନ ମିଳନ, ଦୁଇଠାରେ ଉଦ୍‌ବେଗର ମାତ୍ରା ଅତ୍ୟଧିକ । ପ୍ରେମର ପରିଣାମ ପାଶବିକ । କିନ୍ତୁ ସେଥିରେ ଯେଉଁମାନେ କବିଙ୍କର କେବଳ ଦୋଷ ଦେଖନ୍ତି, ସେମାନେ ଉପେନ୍ଦ୍ର ଭଞ୍ଜଙ୍କୁ ଚିହ୍ନନ୍ତି ନାହିଁ । ଦେଶର ସ୍ଥାୟୀ ପ୍ରାଚୀନ ଭାବ ମଧ୍ୟ ବୁଝନ୍ତି ନାହିଁ । ଦୈବଶକ୍ତିରେ ଉପେନ୍ଦ୍ରଭଞ୍ଜ ନିର୍ଭର କରି ସେ ସ୍ଥଳ-ମାନଙ୍କରେ ଆବେଗର ସଂଯମ ଛାଡ଼ିଅଛନ୍ତି । ଏ ଯୁଗର ଶିକ୍ଷିତ ଲୋକମାନଙ୍କ ମଧ୍ୟରେ ଦୈବ ଓ ପରଜନ୍ମର ବିଶ୍ୱାସ ଥାଉ ବା ନଥାଉ, ଏ ଗୁଡ଼ିକ ସ୍ଥାୟୀ ଭାରତୀୟ ଭାବ । ପ୍ରଜାପତି ଯେଉଁ ବରକୁ ଯେଉଁ କନ୍ୟା ସଙ୍ଗେ ଘଟାଇବେ,

Digitized by srujanika@gmail.com

ସେ ସେ ବିଧାନରେ ଘଟାନ୍ତି, ହିନ୍ଦୁ ସେ ମିଳନରେ କାବ୍ୟ ସଂଯମ କଳ୍ପନା କରିପାରେ କି ? ପୁଣି ପୂର୍ବଜନ୍ମର ପ୍ରସଙ୍ଗ କାବ୍ୟର ବିଶେଷ ଅଙ୍ଗ ବୋଲି ପ୍ରଚାର କରିବା କବିଙ୍କର ଉଦ୍ଦେଶ୍ୟ ନୁହେ । ପୂର୍ବଜନ୍ମର ସୂଚନା କରି କବି ନାୟକ ନାୟିକାର ଚରିତ୍ରର ଦୃଢ଼ତା ଓ ନାୟକର ଧୀରତା ପ୍ରମାଣ କରିଅଛନ୍ତି ମାତ୍ର ।

କବି ଉତ୍କଳର ରାଜକୁମାର । ଚରିତ୍ରଚପଳତା, ବହୁପତ୍ନୀକତା, ଉତ୍କଳ ରାଜକୁଳରେ ଆଶଙ୍କା କରିବାରେ ଅସ୍ୱାଭାବିକତା କିଛି ନାହିଁ । ଅନେକ ରାଜକୁଳ ସଙ୍ଗେ ଯେଉଁମାନଙ୍କର ପରିଚୟ ଅଛି, ସେମାନେ ଦେଖିଥିବେ, ଅଧିକାଂଶ ସ୍ଥଳରେ ପ୍ରେମିକତା ଓ କାମୁକତାର ପ୍ରଭେଦ ଆମ୍ଭର ରାଜପୁତ୍ରମାନେ କାହିଁରେ ବୁଝନ୍ତି କି ନାହିଁ ସନ୍ଦେହ । ଏପରି ସ୍ଥଳରେ ନାୟକ ନାୟିକାଙ୍କର ମିଳନରେ ଯେ ଉଦ୍‌ବେଗ ଓ ଉତ୍କଣ୍ଠା ଆଶଙ୍କା କରାଯାଏ, ଉପେନ୍ଦ୍ରଭଞ୍ଜଙ୍କ ଚିତ୍ରରେ ତାହା ନାହିଁ । ଉପେନ୍ଦ୍ରଭଞ୍ଜ ବରଂ ରାଜପରିବାରରୁ ବାହାରି ପ୍ରଣୟର ମିଳନ ଓ ଅନ୍ୟାନ୍ୟ ଅନେକ ତଦ୍‌ବିଧ ଅନୁଷ୍ଠାନାଦିରେ ଉତ୍କଳର ସାଧାରଣ ପାରିବାରିକ ଜୀବନକୁ ଆଦର୍ଶ କରି ପାରିଅଛନ୍ତି । ବିବାହରାତିରେ ମିଳନ ପୂର୍ବରୁ ଲାବଣ୍ୟବତୀପ୍ରତି ସଖୀମାନଙ୍କର ପରିହାସ ଯେଉଁମାନେ ପଢ଼ିଥିବେ ସେମାନେ ଏହାର ସତ୍ୟତା ବୁଝିପାରିବେ । କେବଳ ନାୟକ ନାୟିକାର ଚରିତ୍ର ବିକାଶରେ ନୁହେ, କାବ୍ୟରେ ଅବାନ୍ତର ଚିତ୍ରମାନଙ୍କରେ ମଧ୍ୟ ଉପେନ୍ଦ୍ରଭଞ୍ଜ ଯେ ଉତ୍କଳର କବି, ତାଙ୍କର କବିତା ଯେ ଉତ୍କଳବାସୀଙ୍କର ପ୍ରାଣକୁ ସ୍ପର୍ଶ କରେ, ଏକଥା ଭାବ, ଭାଷା, ଇଙ୍ଗିତାଦିରେ ସ୍ପଷ୍ଟ । ୨୩ ଛାନ୍ଦର ୩୧ ପଦରେ

କେ ଶାଶୁ ନଣନ୍ଦ ଭୟରେ ପ୍ରିୟକୁ, କିଛି ନ କହି ତକ୍ଷଣେ ଜାତକରି
ଈକ୍ଷଣେ ନିବାରି ପୟକୁ ।

ପ୍ରଭୃତି ପଂକ୍ତି ଉତ୍କଳର ସାମାଜିକ ପ୍ରାଣରେ ଯେ ପ୍ରାଣ ମିଶାଇ ନାହିଁ, ସେ ଲେଖିପାରେ କି ? ଅଧିକ ଉଦାହରଣ ଦେବା ନିଷ୍ପ୍ରୟୋଜନ । ଯେଉଁମାନେ ଏହି ଦୃଷ୍ଟିରେ ଲାବଣ୍ୟବତୀ ପଢ଼ିବେ, ସେମାନେ ଏହାର ଭୂରି ଭୂରି ପ୍ରମାଣ ଏହାର ପ୍ରତ୍ୟେକ ପୃଷ୍ଠାରେ ପାଇବେ ।

Digitized by srujanika@gmail.com

## (୪)

ଲାବଣ୍ୟବତୀରେ କାବ୍ୟର ଆଦର୍ଶ କଣ ? କବିତାରେ ଦୁଇ ପ୍ରକାର ଆଦର୍ଶ ଅନୁସନ୍ଧାନ କରାଯାଏ । ଗୋଟିଏ କବିତା ମଧ୍ୟରେ ଥିବା ପ୍ରାସଙ୍ଗିକ ସୂକ୍ତି ପ୍ରବଚନ ଓ ଅର୍ଥାନ୍ତର ନ୍ୟାସାଦିରେ । ସେ ଆଦର୍ଶଟି ସର୍ବଦା ସ୍ପଷ୍ଟ ହେଲେହେଁ, ସେଥିରେ ଯେ ବେଳେ ବେଳେ କେବଳ କୃତ୍ରିମତା ଦେଖାଯାଏ ତାହା ନୁହେ । ପ୍ରତ୍ୟକ୍ଷ ଉପଦେଶ ଦ୍ୱାରା ପାଠକକୁ ଆଦର୍ଶଆଡ଼କୁ ଟାଣିବାରେ କାବ୍ୟର ଗରିମା ନଷ୍ଟ ହୁଏ । ସେପରି ପ୍ରବଚନାଦିରେ କେବଳ ଆଲଙ୍କାରିକ କୌଶଳ ଛଡ଼ା ଅନ୍ୟ କୌଣସି ଲକ୍ଷ୍ୟ କରିବା ସବୁବେଳେ ଠିକ୍ ନୁହେ । କବିକୁଳତିଳକ କାଳିଦାସ ଏପରି ଅର୍ଥାନ୍ତରନ୍ୟାସ ପ୍ରୟୋଗରେ ସୁପଟୁ । ରାଧାନାଥଙ୍କ ସଙ୍କଳିତ କାଳିଦାସ ସୂକ୍ତିସବୁ ଯେଉଁମାନେ ପଢ଼ିଅଛନ୍ତି ସେମାନେ କାଳିଦାସଙ୍କର ଏ କଳା-କୁଶଳତା କିଛି ବୁଝିଥିବେ । ମାତ୍ର ମନେ ରଖିବା ଉଚିତ, ଭର୍ତ୍ତୃହରିଙ୍କ ଶତକମାନଙ୍କ ପରି ସୂକ୍ତିସବୁ କାଳିଦାସଙ୍କର ସର୍ବସ୍ୱ ନୁହେ । କାବ୍ୟର ଅଙ୍ଗସୌଷ୍ଠବ ସମ୍ପାଦନ କରିବାରେ ଏମାନଙ୍କର ବିଶେଷ କ୍ରିୟା ଅଛି ସତ୍ୟ, ମାତ୍ର କାଳିଦାସଙ୍କ କାବ୍ୟର ମୁଖ୍ୟ ଆଦର୍ଶ ସୂକ୍ତିରେ ପର୍ଯ୍ୟବସିତ ନୁହେ । କାବ୍ୟ ମଧ୍ୟରେ ଚରିତ୍ରଚିତ୍ରଣ ଇଙ୍ଗିତରେ ଅଲକ୍ଷିତ ଭାବରେ କାବ୍ୟରେ ଆଉ ଗୋଟିଏ ଆଦର୍ଶ ବିକଶିତ ହୁଏ । ଏଦ୍ୱାରା ଉପାଦେୟତାହିଁ କାବ୍ୟ-ଆଦର୍ଶର ପ୍ରକୃତ ଉତ୍କର୍ଷ ସମ୍ପାଦନ କରେ । ଏହି ଆଦର୍ଶରୁ ମଧ୍ୟ ଅଜ୍ଞାତ ଭାବରେ ପାଠକକୁ ଉପଦେଶ ମିଳେ । ସୂକ୍ତିର ଉପଦେଶଠାରୁ ଏ ଉପଦେଶ ଅଧିକତର ସ୍ଥାୟୀ । ସୂକ୍ତିର ଉପଦେଶ ତ ଅଧିକାଂଶ ସ୍ଥଳରେ ସ୍ପଷ୍ଟ ଉପଦେଶ । ଏହା ଅତ୍ୟନ୍ତ ଉପାଦେୟ ହେଲେହେଁ ପ୍ରାଣ ବେଳେ ବେଳେ ଗ୍ରହଣ କରିବାକୁ ଅନିଚ୍ଛୁକ । କିନ୍ତୁ ଚରିତ୍ର ଚିତ୍ରଣ ପାଟବରେ ଯେ ଅଜ୍ଞାତ ବ୍ୟକ୍ତିତ୍ୱ ଥାଏ, ତାହା ଅଲକ୍ଷିତ ଭାବରେ ପାଠକର ବ୍ୟକ୍ତିତ୍ୱକୁ ପ୍ରଭାବିତ କରେ । ଇଙ୍ଗିତ ମାତ୍ରରେ ପାଠକର ଭାବ ଓ ରସୋଦ୍ରେକ କରାଏ, ଏବଂ ସ୍ଥାୟୀ ଭାବରେ ପାଠକକୁ ପ୍ରବୋଧିତ କରେ । ଗୁରୁଙ୍କଠାରୁ ଆମ୍ଭେମାନେ ଉପଦେଶ ଶୁଣୁ । ସେଥିରେ ଜୀବନର ଗୋଟିଏ ଆଦର୍ଶ ବିକଶିତ ହେବାର କଥା । କିନ୍ତୁ ଏ ଉପଦେଶର ଆଦର୍ଶଠାରୁ

Digitized by srujanika@gmail.com

ଅଧିକ ସ୍ଥାୟୀ ଗୁରୁଙ୍କ ବ୍ୟକ୍ତିତ୍ୱର ଆଦର୍ଶ । ଗୁରୁଙ୍କ ଉନ୍ନତ ଜୀବନ ସମ୍ପର୍କରେ ଆସି ଅଜ୍ଞାତ ଭାବରେ ଶିଷ୍ୟ ଯେ ଆଦର୍ଶରେ ପ୍ରଭାବିତ ହୁଏ, ତାହା ଉପଦେଶର ଆଦର୍ଶଠାରୁ ବହୁଗୁଣରେ ଅଧିକ ସ୍ଥିର ଓ ଫଳୋପଧାୟକ । କାବ୍ୟର ଚରିତ୍ର ଚିତ୍ରରେ ଯେଉଁ ଆଦର୍ଶ ଅଲକ୍ଷିତ ଭାବରେ ବିକାଶ ପାଏ, ତାହା ସେହିପରି ସୂକ୍ତିର ଆଦର୍ଶଠାରୁ ଶ୍ରେଷ୍ଠ ଓ ସ୍ଥାୟୀ । ଏହାହିଁ କାବ୍ୟର ପ୍ରକୃତ ଜୀବନ । ତାହା କେତେବେଳେ, କିପରି ଭାବରେ ପାଠକକୁ କି ଇଙ୍ଗିତ କରେ, ପାଠକ ତାହା ବୁଝିପାରେ ନାହିଁ । ମାତ୍ର ଫଳରେ ନାୟକ ନାୟିକାଦିଙ୍କର ବ୍ୟକ୍ତିତ୍ୱରେ, ପାଠକର ଯେ ଭାବୋଦ୍ରେକ, ରସୋପଲବ୍ଧି ଓ ବେଳେ ବେଳେ ଆତ୍ମବିସ୍ମୃତି ହୁଏ, ଏଥିରେ ସନ୍ଦେହ ନାହିଁ । କହି ବୁଝାଇବାର ଆବଶ୍ୟକତା ନାହିଁ । ଏହା ପ୍ରତ୍ୟେକ ପାଠକ ଅନୁଭବ କରନ୍ତି ଏବଂ ପାଠକମାନେ ଅନେକ ସମୟରେ ଏହି ଭାବୋଦ୍ରେକରେ ଭୁଲି କାବ୍ୟ ପଢ଼ନ୍ତି ।

କାବ୍ୟରେ ନାୟକ ନାୟିକାଦିଙ୍କର ଏହି ଭାବ ଇଙ୍ଗିତାଦି ସୂତ୍ରରେ ବ୍ୟକ୍ତିତ୍ୱ ବିକାଶ ମଧ୍ୟରେ କବିର ଆଦର୍ଶ ଦେଖାଯାଏ, କବିଙ୍କର ବ୍ୟକ୍ତିତ୍ୱ ପରିସ୍ଫୁଟ ହୁଏ । କବି କାବ୍ୟରେ ନାୟକାଦିଙ୍କର ଚିତ୍ର କଲାବେଳେ ନିଜକୁ ଅଜ୍ଞାତ ଭାବରେ ନିଶ୍ଚୟ ବହୁପରିମାଣରେ ସେମାନଙ୍କ ସ୍ଥାନରେ ରଖନ୍ତି ଏବଂ ସମାଜରେ ସେ ନିଜ ବ୍ୟକ୍ତିତ୍ୱର ଯେଉଁ ଆଦର୍ଶ ଦେଖାଇବାକୁ ଇଚ୍ଛା କରନ୍ତି, କିମ୍ବା ସମାଜରେ ଯେଉଁ ଆଦର୍ଶ ପ୍ରଚଳିତ ହେବା ଉଚିତ ବୋଲି ସେ କଳ୍ପନା କରନ୍ତି, ନାୟକ ଓ ଉପନାୟକମାନଙ୍କୁ ସେହି ଆଦର୍ଶରେ ଚିତ୍ର କରନ୍ତି । କବି ଯେଉଁ ସମାଜରେ ଜନ୍ମିଥାନ୍ତି, ସେହି ସମାଜର ଆଚାର ବ୍ୟବହାର ଓ ଲୋକଚରିତ୍ରର ଆଦର୍ଶ କାବ୍ୟର ନାୟକ ଉପନାୟକାଦିଙ୍କର ଆଦର୍ଶରେ ପ୍ରତିଫଳିତ ହୁଏ, ଏବଂ ସେସବୁ ବହୁପରିମାଣରେ କବିଙ୍କର ବ୍ୟକ୍ତିତ୍ୱ ଓ ଆଦର୍ଶରେ ମାର୍ଜିତ ହୋଇଯାଏ ।

ଚନ୍ଦ୍ରଭାନୁ ଓ ଲାବଣ୍ୟବତୀ ଆଲୋଚିତ ଗ୍ରନ୍ଥର ନାୟକ ଓ ନାୟିକା । ଚନ୍ଦ୍ରଭାନୁଙ୍କଠାରେ ଏକପତ୍ନୀବ୍ରତ ଓ ଲାବଣ୍ୟବତୀଙ୍କଠାରେ ଅକାଟ୍ୟ ପତିପ୍ରାଣତା କାବ୍ୟର ମୋଟାମୋଟି ଆଦର୍ଶ କହିଲେ ଚଳେ । କିନ୍ତୁ ଏ

Digitized by srujanika@gmail.com

ଆଦର୍ଶ ଫୁଟାଇବାରେ ଏ କ୍ଷେତ୍ରରେ କବ ଯେ ପନ୍ଥା ଅବଲମ୍ବନ କରିଅଛନ୍ତି, ତାହା ବେଳେ ବେଳେ ସାଧାରଣ ପାଠକର ରୁଚିରେ ଆଘାତ ଦିଏ । କିନ୍ତୁ ଟିକିଏ ଭାବି ଦେଖିଲେ ସ୍ପଷ୍ଟ ବୁଝାଯାଏ, ଉପେନ୍ଦ୍ର ଭଞ୍ଜଙ୍କ ବେଳକୁ ଦେଶର ରାଜା ଆଉ କ୍ଷତ୍ରିୟ ନଥିଲେ । ପ୍ରଜାରଞ୍ଜନ ବ୍ରତ ଓ ରାଜ-କର୍ତ୍ତବ୍ୟର ନିଷ୍ଠା ଆଉ ତାଙ୍କ ପ୍ରାଣକୁ ଅଧିକାର କରି ନ ଥିଲା । କୁଳଗୌରବ ଓ କ୍ଷାତ୍ରଧର୍ମ କେବଳ ପରମ୍ପରାରେ ବଂଶଗତ ପୌରାଣିକ କାହାଣୀରେ ପରିଣତ ହୋଇଥିଲା । ଆଜିକାଲି ଅଧିକାଂଶ ରାଜପରିବାରରେ ଯାହା ଦେଖାଯାଏ, ଉପେନ୍ଦ୍ର ଭଞ୍ଜଙ୍କ ବେଳକୁ ରାଜପରିବାରସବୁ ସେହି ଆଦର୍ଶରେ ଚାଳିତ ହୋଇ ସାରିଥିଲା । ରାଜାମାନେ ପାଞ୍ଜିଆ, ଗ୍ରାମୁଆ, ମନ୍ତ୍ରୀ, କଣ୍ଟୁଆଳ ପ୍ରଭୃତି ଖୋସାମଦିଆ ପଦଵୀଧାରୀଙ୍କ ସାହଚର୍ଯ୍ୟରେ ରହି କାମିନୀବିଳାସକୁ ଜୀବନର ସର୍ବଶ୍ରେଷ୍ଠ ସମ୍ଭୋଗ ଓ ସମ୍ପଦ ବୋଲି ବିଶ୍ବାସ କରୁଥିଲେ । ପାର୍ଶ୍ବଚରମାନେ ରାଜ-ପୁରୁଷମାନଙ୍କର ସବୁ କଥାରେ ଅବଗ୍ରହ ସମ୍ମତି ପ୍ରଦାନ କରି, ସେମାନଙ୍କର ଏହି ସମ୍ଭୋଗ ସମାଧାନରେ କର୍ତ୍ତବ୍ୟ ଦେଖୁଥିଲେ । ପାରସ୍ତ୍ରୈଣତା ଓ ବେଶ୍ୟାସକ୍ତି ଯେପରି କି ରାଜକୁଳର ଭୂଷଣ ହୋଇ ସାରିଥିଲା ।

ପତ୍ନୀ ଆଉ ପୂର୍ବପରି ରାଜାମାନଙ୍କ ସହଧର୍ମିଣୀ ନ ଥିଲେ । ପତ୍ନୀ ବା ପତ୍ନୀମାନେ ଇତର ସାଧାରଣ ରମଣୀ ପରି ବିଳାସର ଭୋଗ୍ୟ ବସ୍ତୁ । ମନ ମାନିଲା ତ ରାଜା ସେଥିରେ ବନ୍ଧା ହୋଇ ରହିଲେ, ମନ ନ ମାନିଲେ ରାଜାଙ୍କର ନିତ୍ୟ ମାଧୁକରୀ ବୃତ୍ତିରେ ବାଧା ଦେବାକୁ କେହି ନାହିଁ; ଭିତରେ ରାଜକୀୟ କର୍ତ୍ତବ୍ୟର ପ୍ରେରଣା ନାହିଁ, କି ବାହାରରେ ମାଡଳା ମନ୍ତ୍ରୀ ରାଜଗୁରୁଙ୍କର ଆଉ ପୂର୍ବ କ୍ଷମତା ବା ଅଧିକାର ନାହିଁ । ରାଜାଙ୍କର ଚିତ୍ତବୃତ୍ତି ନିରଙ୍କୁଶ ।

ଅସୂର୍ଯ୍ୟଂପଶ୍ୟା ରାଜଦାରା ଓ ରାଜକନ୍ୟାମାନେ ଏଥିରେ କି ଅବସ୍ଥା ଲଭୁଥିବେ ତାହା ସହଜରେ ଅନୁମେୟ । ବେଶ ରଚନ ଓ ବିଳାସଭଙ୍ଗୀ ତାଙ୍କ ଜୀବନର ସର୍ବସ୍ୱ । ଆଉ ଜୀବନରେ ଯେପରିକି ମହତ୍ତ୍ୱର ଉଦ୍ଦେଶ୍ୟ କିଛି ନାହିଁ । ତାଙ୍କର ଏବଂ ତାଙ୍କ ପରିଚାରିକା ଓ ହିତ ଚିନ୍ତା କରୁଥିବା ସମସ୍ତ ଲୋକମାନଙ୍କର ନିତ୍ୟଚିନ୍ତା, କିପରି ରାଜକନ୍ୟା ନିଜର ରୂପକୁ

Digitized by srujanika@gmail.com

ମୋହରେ ସ୍ୱାମିଙ୍କର ମନ ବାନ୍ଧି ରଖିପାରିବେ । ତାହା କରି ନ ପାରିଲେ ରାଜକନ୍ୟାଙ୍କର ଆଉ ଗତି ନାହିଁ । ସେ ହୁଏତ ପାପ ପଙ୍କରେ ଇହ ପରକାଳ ନଷ୍ଟ କରିବେ; ନଚେତ୍ ଅନ୍ତଃପୁରରେ ଅନ୍ତର୍ଦାହରେ ସଢ଼ିଯିବେ ।

ଐତିହାସିକ ସତ୍ୟ ମଧ୍ୟ ସମାଜର ଏହି ଅବସ୍ଥାକୁ ସମର୍ଥନ କରୁଅଛି । ଉପେନ୍ଦ୍ରଭଞ୍ଜଙ୍କ ବେଳକୁ ଦେଶରେ ଆଉ ସ୍ୱାଧୀନତା ନ ଥିଲା । କ୍ଷତ୍ରିୟ ତେଜ ଓ ସଙ୍ଗେ ସଙ୍ଗେ ରାଜକୀୟ କର୍ତ୍ତବ୍ୟନିଷ୍ଠା ଦେଶରୁ ଏକାବେଳକେ ଲୋପ ପାଇଥିଲା । ରାଜାମାନେ ନିଜର ସଙ୍କୁଚିତ ଓ ହେୟ ଶକ୍ତି ଘେନି ବେଳେ ବେଳେ ବାପ ଭାଇର ଗୁପ୍ତହତ୍ୟା କରୁଥିଲେ ମାତ୍ର । ଉଦାରତା ଓ ଉଚ୍ଚ-ଅଭିଳାଷ କ୍ଷତ୍ରିୟ ସମାଜରେ ଆଉ ନ ଥିଲା । ନିରୀହ ପ୍ରଜା ପରମ୍ପରାର ସମ୍ମାନ ରଖି ଅଯାଚିତ ଭାବରେ ଯେଉଁ କର ଦେଇ ଆସୁଥିଲେ, ବେଳେ ବେଳେ ଅତ୍ୟାଚାରରେ ତାହାର ଆଦାୟ ନାନା ଅପପ୍ରଣାଳୀରେ ବୃଦ୍ଧିକରି ରାଜାମାନେ ନିଜର ବିଳାସ ଚରିତାର୍ଥ କରୁଥିଲେ, ଏବଂ ସଙ୍ଗେ ସଙ୍ଗେ ରାଜା ତଥା ପ୍ରଜାସାଧାରଣର ତେଜସ୍ୱିତା, ଧର୍ମନିଷ୍ଠା ଓ ଅନ୍ତଃସାର କ୍ଷୟପ୍ରାପ୍ତ ହେଉଥିଲା ।

ଉପେନ୍ଦ୍ରଭଞ୍ଜ ଏତିକି ବେଳର କବି । ଆଜିକାଲି ପାଠକମାନେ ଉପେନ୍ଦ୍ରଭଞ୍ଜଙ୍କର ଲେଖାର ରୁଚିହୀନତା ଓ ଅଶ୍ଳୀଳତାଦି ପ୍ରତି କଟାକ୍ଷ କରନ୍ତି । କିନ୍ତୁ ପ୍ରକୃତ ବୁଝିଲେ କବି ଉପେନ୍ଦ୍ରଭଞ୍ଜ କବି ଥିଲେ । ଦ୍ରଷ୍ଟୃ-ସୁଲଭ ମନୀଷା କବିଙ୍କର ଗୋଟିଏ ବିଶିଷ୍ଟତା । କବି ଭାବର ଇଙ୍ଗିତ କରନ୍ତି, ବିଷୟ ବିଶ୍ଳେଷଣର ଉନ୍ମେଷ ମାତ୍ର ଦେଖାଇ ଦିଅନ୍ତି । କିନ୍ତୁ କବିତା ପଢ଼ି ପାଠକ ଯେଉଁ କାବ୍ୟରସ ଉପଭୋଗ କରେ କବିଙ୍କ ଲେଖାରେ ସେ ସମସ୍ତ ରସ ଥିବାଭଳି କିଛି ପଦାର୍ଥ ଦେଖିବାକୁ ନ ଥାଏ । ଇଙ୍ଗିତର ମୋହନ ପ୍ରେରଣାରେ ରସୋପଲବ୍ଧିର ଅଗାଧ ଗାମ୍ଭୀର୍ଯ୍ୟ ଦେଖିବା କବିର କାର୍ଯ୍ୟ । ଚଳିତ ବିଷୟରାଶିର ଚିତ୍ରଣରେ ଅଜ୍ଞାତ ଭାବରେ ସ୍ଥାୟିଭାବ ଓ ଆଦର୍ଶ ଫୁଟାଇବା କବି କେବଳ ପାରନ୍ତି । ସମସ୍ତେ ତାହା ପାରନ୍ତି ନାହିଁ । ସେଥିପାଇଁ ପଦ ପକାଇ ଗୀତ ଯୋଡ଼ିଦେଲେ କେହି କବି ହୁଅନ୍ତି ନାହିଁ ।

ଉପେନ୍ଦ୍ରଭଞ୍ଜ କବି ଥିଲେ । ତାଙ୍କର ଚିତ୍ର ସାମାଜିକ ଅବସ୍ଥାର ପ୍ରତିକୂଳ ନ ଥିଲା । ଲାବଣ୍ୟବତୀ ଭଞ୍ଜଯୁଗର ରାଜକନ୍ୟା । ତାଙ୍କର ଚିତ୍ର ସେଥିରୁ ଅନ୍ୟଥା

Digitized by srujanika@gmail.com

ହୋଇନାହିଁ । ଚନ୍ଦ୍ରଭାନୁ ମଧ୍ୟ ଉତ୍କଳ କବିଙ୍କ କଳ୍ପିତ ରାଜକୁମାର । ତାଙ୍କ ଚରିତ୍ରରେ ବାସ୍ତବିକ ଉତ୍କଳ ରାଜକୁମାରଙ୍କ ଆଲେଖ୍ୟ । ତାହା ନ ହେଲେ ଉପେନ୍ଦ୍ରଭଞ୍ଜଙ୍କ କବିତାରେ ପାଠକର ଭାବ ବିରୋଧ ହୁଅନ୍ତା । ଆଦର୍ଶର ନୀରସ କଠୋରତାରେ ଦାର୍ଶନିକର ଚିତ୍ତବିନୋଦ ହୋଇପାରେ, କିନ୍ତୁ କାବ୍ୟର ଆଦର୍ଶ ସ୍ୱତନ୍ତ୍ର । କାବ୍ୟରେ କବି ସରସତା ଲୋଡ଼ନ୍ତି । ବାସ୍ତବ ରାଜ୍ୟରେ ରହି କବି ସଂସାରକୁ ସରସ ଓ ପୂର୍ଣ୍ଣ ଦେଖନ୍ତି । ଶୁଷ୍କ ଆଦର୍ଶର ନୀରସତା ସେ ସୁଖ ପାନ୍ତି ନାହିଁ । ବର୍ଷାକାଳରେ ନଦୀ ଦୁଇ କୂଳ ଖାଇ ଘୋର ପ୍ରତାପରେ ପୂର୍ଣ୍ଣଗର୍ଭରେ ଆକାଶକୁ ବକ୍ଷ ଉନ୍ମୁକ୍ତ କରି ସମୁଦ୍ର ଆଡ଼କୁ ଧାଇଁଯାଏ । ବାଣିଜ୍ୟ-ଲକ୍ଷ୍ମୀ ମହାନଦୀର ଏ ଶୋଭା ସମୃଦ୍ଧି ଦେଖି କାତର ହୁଏ । ସେ ଲୋଡ଼େ ଶୀତର ନଦୀ—ଘର ସେହି ସୈକତଗର୍ଭା ଶୁଷ୍କ ତଟିନୀ । ତାହାର ବ୍ୟବହାର, ତାହାର ଆଦର୍ଶ । ବ୍ୟବହାର ପ୍ରତି କବିଙ୍କର କିନ୍ତୁ ଦୃଷ୍ଟି ନ ଥାଏ । ଲାବଣ୍ୟବତୀ ଓ ଚନ୍ଦ୍ରଭାନୁରେ ଉପେନ୍ଦ୍ରଭଞ୍ଜ ଯେଉଁ ଚିତ୍ର ଦେଇ ଅଛନ୍ତି, ତହିଁରେ ନୀରସ ଉପଯୋଗିତାର ଶୁଷ୍କ ଆଦର୍ଶ କାହିଁକି ରହିବ ?

କିନ୍ତୁ ଆଦର୍ଶ ଅଛି । ସେ କବିଙ୍କର ଆଦର୍ଶ । କବି ବେଳେ ବେଳେ ପ୍ରକୃତିର ଉଚ୍ଛୃଙ୍ଖଳ କ୍ରିୟାକଳାପ ମଧ୍ୟରେ ପରିପାଟୀ ଲୋଡ଼ନ୍ତି । ଚିତ୍ରକର ଯେପରି ପ୍ରକୃତିର ଚିତ୍ର କରୁ କରୁ ବେଳେ ବେଳେ ତହିଁରେ ଅପୂର୍ଣ୍ଣତା ଦେଖି କାଳ୍ପନିକ ରଙ୍ଗ ବିନ୍ୟାସରେ ତାହାର ପୂର୍ଣ୍ଣତା ସମ୍ପାଦନ କରେ, କବି ସେହିପରି ପ୍ରାକୃତିକ ଘଟନାରାଶିର ଅପୂର୍ଣ୍ଣତା ମଧ୍ୟରେ ବେଳେ ବେଳେ ପୂର୍ଣ୍ଣତା ଦେଖାଇ ଦିଅନ୍ତି ।

ଉପେନ୍ଦ୍ରଭଞ୍ଜଙ୍କ ପ୍ରଣୟୀଯୁଗଳ ରାଜକୁଳର ଭୋଗବିଳାସ ଉପାଦାନରେ ଗଠିତ ସତ୍ୟ, କିନ୍ତୁ ସେଥିରେ ଅତି ବିଳାସର ଆଭରଣତା ନାହିଁ । ସେଥିପାଇଁ ଲାବଣ୍ୟବତୀର ଅକାଟ୍ୟ ପତିପ୍ରାଣତା ଓ ଚନ୍ଦ୍ରଭାନୁଙ୍କର କଠୋର ଏକପତ୍ନୀ ବ୍ରତ । ରୂପଜ ମୋହରେ ପ୍ରାଣର ପ୍ରଣୟବନ୍ଧନ କବି ବରାବର ଦେଖାଇ ଅଛନ୍ତି ଏବଂ ସେଥିରେ ପ୍ରେମର ଦୃଢ଼ତା ଆଣିବା ପାଇଁ ବେଳେ ବେଳେ ଆଦିରସ ବିଳାସର ଅତିରଞ୍ଜନ କରିବାକୁ ସେ ବାଧ୍ୟ ହୋଇଅଛନ୍ତି । ତଥାପି ଏ ଅତିରଞ୍ଜନ ମଧ୍ୟରେ ତାଙ୍କ ଆଦର୍ଶ ଦେଖିବାକୁ ହେବ । ସେ ଆଦର୍ଶ

Digitized by srujanika@gmail.com

ଦେଖିଲା ବେଳେ ଏ ଅତିରଞ୍ଜନ ଆଉ ଦଶିବ ନାହିଁ । ସେଥିପାଇଁ ଏହି ରୂପଜ ମୋହର କଙ୍କାଳ ମଧ୍ୟରେ ବେଳେ ବେଳେ ଲବଣ୍ୟବତୀରେ ସ୍ଥାୟୀ ପ୍ରେମ-ଭାବର ଇଙ୍ଗିତ ଷଣ୍ଡ ଭାବରେ ଫୁଟିଅଛି । ଉଦାହରଣ ସ୍ୱରୂପ, ଲାବଣ୍ୟବତୀର ୪୦ ଛାନ୍ଦରେ କବି ଲେଖିଅଛନ୍ତି—

ପରେ ପରେ ଆଣି ପରତେ କରାଇ
ବିଧାତା ବିଧାନ ଦେଖ ।
ପୀରତି ହୋଇ କଥାଏ ଉପୁଜଇ
ପରମ ରମ୍ୟଟି ସୁଖ ।
ପ୍ରାଣରୁ ଅଧିକ ଯେଉଁ ଯେନାଯେନ
ତାହା ଯାହା କରେ ଭିନ୍ନ ।
ପବିପତନ କପାଁ ଶିରେ ନ କରେ
ଜାଣିଲି ଅତି ପିଶୁନ ।
ମନ ଜାଣିବାକୁ ପ୍ରିୟା ସମ ଜଣେ
ଖୋଜିଲେ ନଥିବ କାହିଁ ।
ମୋ ମନେ ଯେଉଁଛି ପ୍ରୀତି ଯେନବାକୁ
ତାହାର ସମାନ ସେହି ।
ତାହା ପ୍ରତିବମ୍ବ ସୁନ୍ଦରପଣକୁ
ତାକୁ ପ୍ରତିରୂପ ଅଛି ।
ଏମନ୍ତ ପଦାର୍ଥ ପାଇ ହରାଇଲେ
ପଶୁ କ ପାରିବ ମୂର୍ଚ୍ଛି ।
ଜାଣି ନ ଥିଲିକୁ ଏ ରସ ଏମନ୍ତ
ସ୍ମରକୁ ଦହିଲେ ହର
ଜାଣିଲି ଦହନରୁ ଯୁବତୀକ କଲେ
ଅର୍ଦ୍ଧଅଙ୍ଗେ ଅଙ୍ଗୀକାର ।
ଆଜନ୍ମ ବ୍ରହ୍ମଚାରୀପଣେ କେ ବଡ଼
ଭୃଙ୍ଗ ଋଷ୍ୟଶୃଙ୍ଗଠାରୁ ।

Digitized by srujanika@gmail.com

ନଜ ଦୀକ୍ଷା ଗୁରୁ ଶିକ୍ଷା କଲେ ରସ
ଚୂପାଜୀବା କର ଗୁରୁ ।
ସୁଧା ସ୍ୱାଦୁ ପାଇ ଶିରଚ୍ଛେଦ ବ୍ୟଥା
ନ ଗୁଣିଲା କଦାଚିତ ।
ପ୍ରୀତି ଏମନ୍ତ ଚନ୍ଦ୍ରମଣି ପାଷାଣ
ଚନ୍ଦ୍ର ଗ୍ରହେଁ ଦ୍ରବୀଭୂତ ।

ବିରହୀ ଚନ୍ଦ୍ରଭାନୁର ଏ ପଶ୍ଚାତାପ ଲକ୍ଷଣରେ ରୂପକ ମୋହର ଗନ୍ଧ ଥାଇପାରେ, କିନ୍ତୁ ରସୋପଲବ୍‌ଧିର ସ୍ଥାୟିତ୍ୱଭାବ, ପ୍ରେମର ପବିତ୍ରତା ଓ ସ୍ଥିରତା ଯେ ଫୁଟିଅଛି ତାହା ପାଠକମାତ୍ରେ ସ୍ୱୀକାର କରିବେ ।

ଆଧୁନିକ ରୁଚି ଅନୁସାରେ ଦେଖି ବସିଲେ ମଧ୍ୟ ଉପରଲିଖିତ ପଂକ୍ତି ସବୁରେ କୌଣସି କଳଙ୍କ ନାହିଁ । ଯେ କୌଣସି ଆଧୁନିକ ପଦ୍ୟ ଲେଖକ ଓଡ଼ିଶାରେ ଆଜି ଏପରି ପଦ୍ୟ ଲେଖି ସମ୍ମାନିତ ହେବେ । କାବ୍ୟଇ ସମୂହ ଚିତ୍ରଣ-ଗ୍ରତିୀର ଆଲୋଚନା ଗ୍ରଡ଼ିଦେଲେ ମଧ୍ୟ ସ୍ଥଳବିଶେଷରେ ଲାବଣ୍ୟବତୀରେ କବିତାର କଳାପାଟବ ସମୁଦ୍‌ଭିନ୍ନ ଓ ସୁରୁଚିର । ଷଷ୍ଠ ଛାନ୍ଦରେ ଲାବଣ୍ୟବତୀ ସ୍ନାନ ସାରି ଉଠିଲାବେଳେ କବି ଲେଖିଅଛନ୍ତି—

ବିନ୍ଦୁ ବିନ୍ଦୁ ଜଳ ରହିଛି ଗୁରୁ କୁଟିଳ •ବାଳେ,
ତୁଷାରବୃଷ୍ଟି କି ହୋଇଛି ନବ ତମାଳଦଳେ ।
ନବଘନେ କିବା ଉଇଁଛି ତାର ତାରକାଶ୍ରେଣୀ,
ମୋତିପତନ କି ହୋଇଛି ନୀଳମଣି ଧରଣୀ ।
ଅଙ୍ଗ ଅଙ୍ଗନାର ପୋଛିଲେ ସଖୀମାନେ ସତ୍ୱରେ,
କେଶ ପୋଛି ଦେଇ ଗଣ୍ଠିକ ଦେଲେ ଅଗ୍ରଭାଗରେ ।
ଉଞ୍ଛିଦେଲେ ପୀତାମ୍ବରକୁ ଉରୁସନ୍ଧିକୁ ରୁନ୍ଧି,
ପିନ୍ଧି ନିତମ୍ବିନୀ ନିବିଡ଼େ ନୀବୀବନ୍ଧକୁ ବାନ୍ଧି ।

ଏଥିରେ ଭାବର ସରଳତା ଓ ସ୍ଥାୟିତ୍ୱ, ବର୍ଣ୍ଣବିନ୍ୟାସର ମୋହନ ବିଭ୍ରମ ଓ ଚଟୁଳତା ସୁନ୍ଦର ସୁବୋଧ ଅଳଂକାର ମଧ୍ୟରେ ସହଜଭାବରେ

Digitized by srujanika@gmail.com

କମନୀୟ ବିକାଶ, ସ୍ଥୂଳତଃ ସମସ୍ତ ପଂକ୍ତି ମଧ୍ୟରେ କବିତାରେ ଅମିୟ ବଂଶୀଧ୍ୱନି ପାଠକକୁ ମୁଗ୍ଧ କରେ । ଲାବଣ୍ୟବତୀରେ ସର୍ବତ୍ର ମଧ୍ୟେ ମଧ୍ୟେ ଏପରି ସରଳ ସୁନ୍ଦର ପ୍ରାକୃତିକ କବିତାର ଉଦାହରଣ ଅନେକ ଅଛି । ରୂପଜମୋହ ଓ ଶୃଙ୍ଗାରବିଳାସ ଲାବଣ୍ୟବତୀର ବିଶେଷ ଅଂଗ । ସେଥିରେହିଁ କବି ନିଜର କାବ୍ୟକଳା ଦେଖାଇ ଅଛନ୍ତି ଏବଂ ବେଳେ ବେଳେ ତାହା ଏତେ ମଧୁର, ପ୍ରାକୃତିକ ଓ ସୁରୁଚିସମ୍ପନ୍ନ ଯେ ଦେଖିଲେ ବିସ୍ମିତ ହେବାକୁ ହୁଏ । ସେଥିରେ ବେଳେ ବେଳେ ପ୍ରେମିକ ପ୍ରେମିକାର ହୃଦୟ, ତରଳ ଭାବ, ପବିତ୍ର ସାମାଜିକ ବିଧି ଓ ନାରୀର ସ୍ୱଭାବସୁଲଭ ଲଜ୍ଜାରେ ଏପରି ସରସ, ସୁନ୍ଦର ଓ ରୁଚିକର ଭାବରେ ରସାଣିତ ଓ ସଯତ ଯେ, ସେଥିରେ କବିଙ୍କର ଅଦ୍ଭୁତ ନାଟକୀୟ ଭାବ ଅସ୍ୱୀକାର କରିବାର ଉପାୟ ନାହିଁ । କବି ପାଠକକୁ ସେସବୁ ଭାବର ଇଙ୍ଗିତ ଦେଇଦେଲେ ନିଜକୁ ବର୍ଣ୍ଣିତ ନାୟକ ନାୟିକାଦିଙ୍କର ସ୍ଥାନ ଅବସ୍ଥାରେ ସମ୍ପୂର୍ଣ୍ଣରୂପେ ସ୍ଥାପନ କରିପାରିଅଛନ୍ତି । ଯେଉଁମାନେ ଲାବଣ୍ୟବତୀ ପଢ଼ିଅଛନ୍ତି, ସେମାନେ ଯଦି କବିତାର ଏ ବିଭବ ପ୍ରତି ଦୃଷ୍ଟି ଦେଇଥିବେ, ତେବେ ସ୍ୱୀକାର କରିବେ ଯେ, ଏପରି ସାମାଜିକତା ଓ ସ୍ୱାଭାବିକତାରେ ଲାବଣ୍ୟବତୀର କବିଙ୍କପରି କବି ଉତ୍କଳର ନବଯୁଗର କବିଙ୍କ ମଧ୍ୟରେ ନାହାନ୍ତି । ୨୩ ଛାନ୍ଦରେ କବି ଲେଖିଅଛନ୍ତି:—

କେ ବୋଇଲା ମୋହ ପାଇଁ ନ ଭାଳିବ
ସାରିବି ବେଳକାଳେ ନୀତି ।
ତୁମ୍ଭେ ସବୁ ଶୁଭେ ଥିଲେ ସବୁ ଅଛି
ନ ମିଳିନେ କେତେ ଯୁବତୀ ।
କେ ସଖି, ଦ୍ୱାରିରେ ଏମନ୍ତ କୁହାଇ
ବାହୁଡ଼ି ଆସି ଯାହାକୁ ବିଭା ହେବ
ଏ ରୂପେ ନୋହିବ ଅନ୍ୱେଷା ।

ବିରହଶଂକିନୀ ବିଳାସିନୀଠାରେ ଉପେନ୍ଦ୍ର ଭଞ୍ଜ ଏ ହୃଦ୍ୟ ଗୃହିଣୀ-ସୁଲଭ ରସର ସଯମ କଳ୍ପନା କରନ୍ତି ବୋଲି ଅନେକ ନବଯୁଗର ସାହିତ୍ୟିକ

Digitized by srujanika@gmail.com

ଭାବ ନ ଥିବେ । ମାତ୍ର ଉତ୍କଳକାବ୍ୟର ପିତା ଉପେନ୍ଦ୍ରଭଞ୍ଜଙ୍କ ଲେଖାରେ ଏଭଳି ଚତ୍ର ଭୂୟୋଭୂୟ ଦେଖିବାକୁ ମିଳେ ।

ପରେ ଲାବଣ୍ୟବତୀ ନିଜର ଅନୁରାଗ ଦେଖାଇବା ଉଦ୍ଦେଶ୍ୟରେ କଥାବାର୍ତ୍ତା ପ୍ରସଙ୍ଗରେ କହିଲେ:—

"ସବୁଠାରେ ଜୀବଧନ ପାଇଁ, ପ୍ରିୟା ତେଜଇ ସିନା ଜୀବନ" । ସେଠାରୁ କଥୋପକଥନରେ ଭାବର ବିକାଶ ଦେଖାଇବା ପାଇଁ କବି ଲେଖିଅଛନ୍ତି:—

"ବିଗ୍ରହ ତରୁଣ ବୋଇଲେ ଦାରୁଣ, ଜୀଅଇ ସିନାରେ ସଖି
କାମ ବିନୁ ରତି ଚନ୍ଦ୍ର ବିନୁ ରାତି, ନ ପାରଲେ ଜୀବ ରଖି ।"

ଏଇପରି ପ୍ରକୃତର କେତେକ କଥୋପକଥନ ପରେ ବ୍ରୀଡ଼ାବତୀ ପ୍ରାଚ୍ୟଯୁବତୀ ଲାବଣ୍ୟବତୀ ମୁଖରେ କବି କୁହାଇଅଛନ୍ତି:—

"ଶୁଣି ରସିକା ରମଣୀ ଯେ ବୋଇଲା, ଏ ଭଙ୍ଗୀକି କେ ପାରିବ ?
କାହିଁ କଥା ନେଇ କାହିଁ ଲଗାଇବ, ତହିଁ କି ଉତ୍ତର ଥିବ ?"

ବୋଧହୁଏ ଓଡ଼ିଆ ଗୃହରେ କୌଣସି ବିବାହିତା ଯୁବକଙ୍କୁ ଏ ଆଲେଖ୍ୟର ପ୍ରାକୃତକତା ଓ ମାଧୁର୍ଯ୍ୟ ବୁଝାଇଦେବାକୁ ହେବ ନାହିଁ । ବିଶେଷ ଉଦାହରଣ ଦେବା ଅନାବଶ୍ୟକ । ଲାବଣ୍ୟବତୀ ଅନେକ ସ୍ଥଳରେ ବର୍ତ୍ତମାନ ରୁଚିର ବିଗର୍ହିତ । ବିଶେଷ ଉଦାହରଣ ଦେଲେ କୌଣସି କୌଣସି ପାଠକଙ୍କର ରୁଚିବିରୋଧ ଘଟିପାରେ । ତାହା ଘଟାଇବା ଆମ୍ଭର ଉଦ୍ଦେଶ୍ୟ ନୁହେ । ବିଶେଷତଃ ଲାବଣ୍ୟବତୀର ଆଉ ଗୋଟିଏ ବିଶେଷତ୍ୱ ଯେ, ତାହାର ପ୍ରାକୃତକତା ଓ ମୌଳିକତା, ଆଲେଖ୍ୟର ନକ୍ସା ଓ କଳ୍ପନାର ବାସ୍ତବ୍ୟତା, ଇଂଗିତର ମୋହନୀଶକ୍ତି ଓ ଅବବୋଧର ସ୍ଥାୟିତ୍ୱ, ବର୍ଣ୍ଣନର ବିରୂପତା ଓ ଚତ୍ରଣର ସରସତା ଏଇପରି ଆଧୁନିକ ରୁଚିବିଗର୍ହିତ ସ୍ଥଳମାନଙ୍କରେ ଅତ୍ୟନ୍ତ ପରିସ୍ଫୁଟ, ବିଶଦ ଓ ହୃଦୟଗ୍ରାହୀ । ସେଠାରେ ଆଉ ଅନୁକରଣ ଓ ଅନୁବାଦରେ କବିଙ୍କର ଆତ୍ମଗୋପନ ନାହିଁ । ଅଳଙ୍କାର କୃତ୍ରିମତାରେ ଭାବ ଆଉ ଶୃଙ୍ଖଳିତ ନୁହେ କିମ୍ବା ଆଭିଧାନିକ ଶବ୍ଦସନ୍ଦୋହ-ବିଳାସରେ କବି ଆଉ ମନ ବଳାଇ ପାରିନାହାନ୍ତି । କବିଙ୍କର ପ୍ରକୃତ କାବ୍ୟରସ,

Digitized by srujanika@gmail.com

ପ୍ରାଣର ଭାବ ଓ କଳାର କୌଶଳ ଆଉ ବନ୍ଧନ ମାନି ନାହିଁ । ଆପେ ଆପେ ବାହାରିପଡ଼ୁଛି । ଅବଶ୍ୟ ଅନ୍ୟ ସ୍ଥଳମାନଙ୍କରେ କବିଙ୍କର ଏ କୁଶଳତା ଯେ ନାହିଁ, ତାହା ନୁହେ । ଉଦାହରଣ ସ୍ୱରୂପ ମାଳିନୀର ବେଶ ବର୍ଣ୍ଣନା, ଅଳଙ୍କାରର ସମସ୍ତ କୃତ୍ରିମତା ମଧ୍ୟରେ ମଧ୍ୟ ପାଠକର କପଟ ଚିତ୍ତ ବିନୋଦ କରେ, ତାହା ଲବଣ୍ୟବତୀର କୌଣସି ପାଠକ ନିକଟରେ ବ୍ୟାଖ୍ୟା କରିବାକୁ ହେବ ନାହିଁ । ପଞ୍ଚମ ଛାନ୍ଦରେ ବସନ୍ତ ବର୍ଣ୍ଣନା କରି କବି କହୁଅଛନ୍ତି:—

"ମଳୟ ଶିଖରି ଶିରୀ ଗ୍ରେରିକରି ବହିଲଣି ମନ୍ଦ ସମୀର
ସୁମନାକୁ ବାସ ଗ୍ରେରାଇ ନେବଟି ବୋଲି କହିଲଣି ଭ୍ରମର ।
କେଶର । କେଶରେ ହେଲେଣି ମଞ୍ଜୁଳ ।
କେଶରେ ମଣ୍ଡନ କରିବା ଭଳିରେ, ଫୁଟିଲେଣି କେତେ ବଞ୍ଜୁଳ ।

ମଲ୍ଲୀ, ମାଧବୀ, ମକରନ୍ଦ, ସାଧବୀ ହେଲେଣି ବାନ୍ଧବୀ କାନନେ ।
ତୁଷାର ନାଶି ଗ୍ରହି ହାସ ପ୍ରକାଶି କଲେଣି ପଙ୍କଜ-ଆନନେ ।
ହେଲଣି । ଚର୍ଚ୍ଚରୀ ପ୍ରକଟ କଟକେ ।
ଅଚନ୍ତୁ ଫୁଲର ବିଶିଖ କାର୍ମୁକ ଯେନି ଚଢ଼ିଲଣି କାମୁକେ ।"

ଇତ୍ୟାଦି । ସମସ୍ତ ଆଲଙ୍କାରିକତା ସତ୍ତ୍ୱେ ଏ ପଦ୍ୟର ଅପୂର୍ବ ମାଧୁରୀ କିଏ ଅସ୍ୱୀକାର କରିବ ?

ଏ ସମସ୍ତ ବର୍ଣ୍ଣନା ମଧ୍ୟରେ ଗୋଟିଏ ସାରସତ୍ୟ ଆମ୍ଭମାନଙ୍କୁ ମନେ ରଖିବାକୁ ହେବ । ଉପେନ୍ଦ୍ରଭଞ୍ଜ ଯେଉଁ ଯୁଗରେ କବିତା ଲେଖିଥିଲେ ସେ ଯୁଗରେ ଭାରତର ଋଷିଯୁଗ ପୁରାଣର କାହାଣୀ ହୋଇ ସାରିଥିଲା ଏବଂ ନବଯୁଗର ପାଶ୍ଚାତ୍ୟ ଭାବପ୍ରଣୋଦିତ ଆଦର୍ଶ ଦେଶକୁ ଗ୍ରାସ କରି ନ ଥିଲା । ସେ ଯାହା ଦେଖିଥିଲେ, କାବ୍ୟ ଚିତ୍ରର ଇଙ୍ଗିତରେ ତାହାହିଁ ଦେଖାଉଥିଲେ । ତେଣୁ ଲବଣ୍ୟବତୀଠାରୁ ଆମ୍ଭେମାନେ ଆଉ କଣ୍ୱକୁମାରୀ ଶକୁନ୍ତଳା ଦେଖିବାକୁ ଆଶା କରିନପାରୁ । ଓଲ୍ଡ଼ିରୁ ଗୃହୀତ 'ଉଷା' ଗୌରୀଶଙ୍କର ସୁଭଦ୍ରା ସୁଲଭ ଦୟିତାପଣ, କମ୍ବା ପ୍ରେମପ୍ରଗଲ୍‌ଭ । 'ନନ୍ଦିକା'ପରି ବଂଶଗଭୀରା କଲ୍ପନାପୁଲଭ ଉଜ୍ଜ୍ୱଳ ରାଜନନ୍ଦିନୀ କାହୁଁ ମିଳିବେ ? କେବଳ ଲବଣ୍ୟବତୀ

Digitized by srujanika@gmail.com

ବୃତ୍ତାନ୍ତ, ଲାବଣ୍ୟବତୀର ନାୟକ, ଉପନାୟକ, ସ୍ତ୍ରୀ ପୁରୁଷ, ମୁଖ୍ୟ ଅବାନ୍ତର, ସମସ୍ତ ଚରିତ୍ରରେ ଆମ୍ଭେମାନେ କଠୋର ପ୍ରାଚ୍ୟଭାବର ନିଷ୍ଠା, ଭାରତୀୟ ନାରୀର ସ୍ୱଭାବସୁଲଭ ବ୍ରୀଡ଼ା, ଏହି ଆର୍ଯ୍ୟଭୂମିର ପୁରୁଷର ଲୋକପ୍ରେମରେ ସାମାଜିକ ଭାବର ସଂଯମ, ପୋଇଲପରିବାରୀଙ୍କର ଆତ୍ମସମର୍ପଣ, ମାଳତୀର ପ୍ରାଚ୍ୟ ଧର୍ମଭାବ, ଉନ୍ନତ ରାଜପରିବାର ଲୋକଙ୍କର ମଧ୍ୟ ଧର୍ମ ବା ଦେବୋପାସନା ବେଳେ ମାଳତୀଠାରେ ଆତ୍ମବିସ୍ମୃତି, ବିବାହ ଆକାଂକ୍ଷାରେ ଉନ୍ମୁକ୍ତ ଉଚ୍ଛୃଙ୍ଖଳତା ବେଳେ ପୌରୋହିତ୍ୟ କ୍ରିୟାର ପବିତ୍ର ଭାବ ପ୍ରଭୃତି ଦେଖିବାକୁ ପାଉଁ । ଲାବଣ୍ୟବତୀରେ କିମ୍ବା ଉପେନ୍ଦ୍ରଭଞ୍ଜ ପ୍ରଭୃତିଙ୍କର ଅନ୍ୟାନ୍ୟ ଗ୍ରନ୍ଥରେ ଯେଉଁ ଗୃହ, ଯେଉଁ ପରିବାର, ପିତାପୁତ୍ର, ଯେଉଁ ଦାମ୍ପତ୍ୟ, ଯେଉଁ ପରସ୍ପର, ଯେଉଁ ସ୍ୱଜନତା ଏବଂ ଏପରିକି ଅନ୍ତଃରହସ୍ୟ, ଆଳାପ ବିଳାସ ଦେଖିବାକୁ ମିଳେ, ତାହା ବ୍ୟକ୍ତିବିଶେଷର ମାପକାଠିରେ ଉତ୍ତମ ମଧ୍ୟମ ଅଧମ ହୋଇପାରେ; କିନ୍ତୁ ସେସବୁ ସର୍ବତୋଭାବରେ ଆମ୍ଭର ନିଜର । ସେଥିପାଇଁ ସେସବୁ ଲେଖାର ଦେଶରେ ଏତେ ପ୍ରତିପତ୍ତି । ଆମ୍ଭର ଭାଷା, ଆମ୍ଭର ଆଶା, ଆମ୍ଭର ପ୍ରକୃତି, ଆମ୍ଭର ପ୍ରକ୍ରିୟା, ଆମ୍ଭର ପ୍ରଣୟ, ଆମ୍ଭର ଇଙ୍ଗିତ, ଆମ୍ଭର ଆଳାପ, ଆମ୍ଭର ଆତ୍ମୀୟତା ପ୍ରକାଶ କରି ପାରିଅଛି ବୋଲି ସେ ସବୁର ଆମ୍ଭ ପ୍ରାଣରେ ଏତେ ଅଧିକାର ।

( ୫ )

କାବ୍ୟର ଦୁଇଟି ଅଙ୍ଗ, ଭାଷା ଏବଂ ଭାବ । ତେଣୁ ଅନେକେ କବିଙ୍କୁ ଶବ୍ଦଶିଳ୍ପୀ ଏବଂ କାବ୍ୟକୁ ଶବ୍ଦଚିତ୍ର ବୋଲି କହନ୍ତି । ଉପେନ୍ଦ୍ରଭଞ୍ଜ ବା ତାଙ୍କ ଶ୍ରେଣୀର ପ୍ରାଚୀନ କବିମାନଙ୍କ କାବ୍ୟରେ ଭାବ ଅପେକ୍ଷା ପ୍ରାୟ ଭାଷାଆଡ଼େ ପ୍ରୟାସ ଅଧିକ । ଭାରତର ପ୍ରାଦେଶିକ ସାହିତ୍ୟ ତଥା ସଂସ୍କୃତ ସାହିତ୍ୟରେ ମଧ୍ୟ ଏକ ସମୟରେ ସାହିତ୍ୟାନୁଶୀଳନ ବୋଇଲେ ଭାଷାର କସରତହିଁ ଥିଲା । ବାସ୍ତବିକ କବି ଉପେନ୍ଦ୍ରଭଞ୍ଜଙ୍କର ଏ କ୍ଷେତ୍ରରେ ଶକ୍ତିମତ୍ତା ଏକପ୍ରକାର ଅନନ୍ୟସାଧାରଣ । ଅଧିକ କିଛି ପ୍ରମାଣ ନ ଦେଇ କେବଳ ବୈଦେହୀଶ-ବିଳାସର 'ବ' ନିୟମ ପ୍ରତି ଦୃଷ୍ଟି ଦେଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହୁଏ ନାହିଁ କି ? ଅମେମାନେ ଆଦ୍ୟରୁ କହିଅଛୁ, ଉପେନ୍ଦ୍ରଭଞ୍ଜଙ୍କ କାବ୍ୟରେ

Digitized by srujanika@gmail.com

ଦେଶର ଲୋକସାଧାରଣଙ୍କ ଜୀବନଚିତ୍ର ତାଦୃଶ ଫୁଟି ନାହିଁ । ରାଜଭବନର ଚତୁଷ୍ପାର୍ଶ୍ୱ ପ୍ରଧାନତଃ ତାଙ୍କର ପର୍ଯ୍ୟବେକ୍ଷଣ କ୍ଷେତ୍ର । ସୁତରାଂ ତାଙ୍କ ଭାଷା ଲୋକସାଧାରଣଙ୍କ ଭାଷା ନୁହେ ଏବଂ କାବ୍ୟ ସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ନୁହେ । ତାଙ୍କ କାବ୍ୟମାନଙ୍କର ଅଧିକାଂଶ ଗ୍ରନ୍ଥ ଆଦ୍ୟରେ ସେ କେବଳ 'ପଣ୍ଡିତ', 'କୋବିଦ', 'ସୁଜ୍ଞ', 'ସୁଜାଣ' ମାନଙ୍କୁ ଶ୍ରୋତୃତ୍ୱରେ ଆମନ୍ତ୍ରଣ କରିଅଛନ୍ତି । କାବ୍ୟର ଭାଷା ସମ୍ବନ୍ଧେ ସେ ଲାବଣ୍ୟବତୀର ପ୍ରଥମରେ ଏହିପରି ସୂଚନା ଦେଇଅଛନ୍ତି:—

"ମୂର୍ତ୍ତିମନ୍ତ କରି ମୃଦୁଗୀତ ବିରଚିଲି
ଏଣୁ କରିଥିବ ଅଳଂକାର ଯୁକ୍ତ ହୋଇ ।
ପଦ ସରଳ ଧ୍ୱନିରେ ମାନସ ମୋହିବ
ଅର୍ଥ ଜନ ପ୍ରବରଙ୍କୁ ଆନନ୍ଦ କରିବ ।
ଡ-ର-ଲରେ ସାବର୍ଣ୍ଣ୍ୟ ଯା ବ୍ୟାକରଣେ ଲବ୍ଧି
ସୂଚଷ୍ଟେ କରଇ ଗୀତ ଏଣୁ ହିତ ପାଇଁ ।
ବୁଝାଇଲେ ଜଡ଼ ଜନ ଭାବକୁ ପାଇବ
ଖଳ ଖର ବୃତାଙ୍କୁର ପ୍ରାପ୍ୟ ନ ଗ୍ରାସିବ ।"

ଏହି ସୂଚନା ଭଙ୍ଗୀମ୍ସ୍ କାବ୍ୟର ଭାଷା ବୁଝିବା ଲାଗି ପ୍ରଧାନ କାଞ୍ଚି । କବି ବିଚିତ୍ର ଭାବ ଚିନ୍ତା ତାଙ୍କ ଗୀତକୁ 'ମୂର୍ତ୍ତିମନ୍ତ' କରିବାର ଚେଷ୍ଟା କରିଛନ୍ତି । ତେଣୁ ସେ କବିତା ଗଢ଼ିଛନ୍ତି; ଗାଇ ନାହାନ୍ତି । ତାଙ୍କ କବିତା ସ୍ରୋତପରି ବହିଯାଇ ନାହିଁ । ସେ ସାଧାରଣତଃ ଆତ୍ମବିସ୍ମୃତ ହୋଇ କବିତାସ୍ରୋତରେ ଭାସିନାହାନ୍ତି । ପାଠକ ବା ଭାସିବ କାହିଁ ? ନାନା ଅଳଂକାରରେ ନାୟିକାର ଆପାଦମସ୍ତକ ବେଶ ରଚନା କଲାପରି ମୂର୍ତ୍ତିମନ୍ତ ଗୀତର ଆଦ୍ୟରୁ ପ୍ରାନ୍ତପର୍ଯ୍ୟନ୍ତ ସର୍ବାଙ୍ଗ ଅଳଂକାରଯୁକ୍ତ କରିବା ଲାଗି କବିଙ୍କର ଏକାନ୍ତ ଯତ୍ନ । ସେ ଯେପରି ସନ୍ତର୍ପଣରେ ଭାବିଅଛନ୍ତି:—

"ରସ ବିଷୟ ଶ୍ରବଣ କରିବା
ବନ୍ଧ ପଟଳ ପଟକୁ ଗୁହିବା!
ଦ୍ରବ୍ୟ ଅଳଂକାରେ ମଣ୍ଡନ ହେବା
ଏଥି ପାଠକେ ବଶ ହେବେ ଅବା ।"

Digitized by srujanika@gmail.com

ଫଳରେ ତାଙ୍କର ସମସ୍ତ, ବନ୍ଧ ବିଚିତ୍ର ଅଳଂକାରଯୁକ୍ତ ଗୀତ "ଗଜ ପର୍ବସ୍ତେ ମନ୍ଥର ଗମନରେ" ଗ୍ରୁଳିଅଛି । ଏ ମନ୍ଥର ଗତି କ୍ୱଚିତ୍ ବେଳେ ବେଳେ ସ୍ରୋତଗତିକୁ ଅନୁକରଣ କରିଛି । ଯେପରି ପୂର୍ବେ କୁହାଯାଇଅଛି:—

"କାନ୍ତ କେତକୀ ଦନୁ ଦନୁ ଗ୍ରୁ,
ଗ୍ରହିଁ ଆମ୍ଭେମାନେ ମନେ ବିଗ୍ରୁ ।
ପୁଷ୍ପ ସମସ୍ତ ହେଲଣି ନିକଟ
ଛତ କହ ହୋଇଲା କି ପ୍ରକଟ ?
ଶୁଣି ସଖିଏ କହିଲା ଏସନ,
ନ କହିଲେ କହିଲଣି ବସନ ।
ବନେ ବିକଶିତ ହେଲେ ମାଧବୀ,
ମଧୁପେ କି ନଜାଣନ୍ତି ବାନ୍ଧବ ।
ପାଟ ସୂତ୍ରରେ ଗୁନ୍ଥିଣ ମୋଦକ,
ଜେମା ଲୁଗ୍ରଇ ଲେଡ଼ୁକୁ ଜ୍ୟୋଢ କି ।
* * *
ସହଚରୀ ପରିହାସ ସରିତେ,
ମୃଦୁଭାଷୀ ଭାସିଗଲା ତ୍ୱରିତେ ।"

କିଂତୁ ଭକ୍ତ ପାଠକମାନେ ଏପରି ସରଳ ଗୀତ-ସରିତରେ ଭାସିବା ଲାଗି କାବ୍ୟରେ ବେଶି ଅବକାଶ ନାହିଁ ।

ଭଞ୍ଜୀୟ କବିତାର ଏ ଗଠନପଦ୍ଧତିର କାରଣ ପୂର୍ବେ ସୂଚିତ ହୋଇଅଛି । ଉପରେ ଉଦ୍ଧାର କରାଯାଇଥିବା ଡ, ର, ଳର ସାବର୍ଣ୍ୟ ସୂଚନା, ପାରିଭାଷିକ ଧ୍ୱନି, କଥାର ଅବତାରଣା ପ୍ରଭୃତିରୁ ସ୍ପଷ୍ଟ ବୁଝାଯାଉଅଛି, କେଉଁ ଶ୍ରେଣୀର ପାଠକସାଧାରଣଙ୍କୁ ସନ୍ତୋଷ ଦେବାପାଇଁ ଉପେନ୍ଦ୍ର କାବ୍ୟ ଲେଖିଥିଲେ । 'ଜଡ଼' ଜନସାଧାରଣଙ୍କୁ କେବଳ ବୁଝାଇ ଦେଲେ ବୁଝିବେ ବୋଲି କବିଙ୍କର ଆଶା । ଉଦାହରଣ ସ୍ୱରୂପ, ନିମ୍ନଲିଖିତ ପଂକ୍ତିଚୟକୁ ସଂସ୍କୃତ ଅଭିଧାନ ବ୍ୟାକରଣାଭିଜ୍ଞ ବ୍ୟକ୍ତିଙ୍କ ବ୍ୟତୀତ ଆଉ କିଏ ବୁଝିବ ?

Digitized by srujanika@gmail.com

"ଗ୍ରାମ ଶବ୍ଦ ବହୁବଚନରେ କଲି ଜପ
ରମା ବିପରୀତ ଏ ସମସ୍ତେ ବହି କୋପ ।
ଶରୀର ମଧ୍ୟ-ଲୋପକୁ ଶରୀର ମଧ୍ୟକୁ
ଯୋଗି ପ୍ରହାରିଲି ବିଶ୍ୱରଣ ତା ବଧକୁ ।
ତାକୁ ସ୍ତୁତି କଲି ତୋ ନାମରେ ଇଚ୍ଛା ମୋର
ଭାବ କି ହେଉଛୁ ପର ଏ ଆନ ପ୍ରକାର ।
ଜାଣୁନାହିଁ ଅଭିଧାନ ବିଧାନମାନଙ୍କୁ,
କହନ୍ତି ବିଧୁ ଚନ୍ଦନ ବିଷ୍ଟୁ କର୍ପୂରକୁ ।"

ଭାଷା ଅଳଂକାରବାଦରେ ଏତେ ଯତ୍ନ କରାହୋଇଥିଲେ ମଧ୍ୟ ଆଜିକାଲି ସମୟର ନବରୁଚିର ପାଠକମାନେ ଏଥିରେ ଗୋଟିଏ କବିତାଭାଷାଗତ ଦୋଷ ଅଛି ବୋଲି ପୁଣି କହନ୍ତି । ଏକା ଭଞ୍ଜୀୟ କାବ୍ୟ ନୁହେ, ଓଡ଼ିଶାର ପ୍ରାଚୀନ କବିମାନଙ୍କ ଲେଖା ଦେଖିଲେ ଆଜିର ପାଠକ ଆଖିରେ ଉପଧାର ଅଭାବ ସର୍ବତ୍ର ପଡ଼େ । କାବ୍ୟରେ ଏହା ଗୋଟିଏ ବାସ୍ତବିକ ତ୍ରୁଟି ନା, ଏହା ଏ ଯୁଗର ବିଦେଶାଗତ ଅଭ୍ୟସ୍ତ ଧାରଣା; ଏକଥା ଆମ୍ଭର ପାଠକମାନେ କେବେ ବିଚାର କରନ୍ତି କି ? ଓଡ଼ିଆ ସାହିତ୍ୟର ସୃଷ୍ଟି କାଳରୁ ରାଧାନାଥଙ୍କ ଯୁଗ ପର୍ଯ୍ୟନ୍ତ କେବେ ଏ ପ୍ରଶ୍ନ ଉଠି ନ ଥିଲି ବା ଉଠିବା ଉଚିତ ନୁହେ ।

ଏ ପ୍ରସଙ୍ଗରେ ବିଶଦ ଆଲୋଚନାର ଏହା ସ୍ଥାନ ନୁହେ । କିନ୍ତୁ ପ୍ରାଚୀନ ଓଡ଼ିଆ କବିମାନଙ୍କ ମଧ୍ୟରେ ଭଞ୍ଜ ଶ୍ରେଷ୍ଠ ବୋଲି କଥିତ ହେଉଥିବା ସ୍ଥଳେ ତାଙ୍କ ଶ୍ରେଣୀ ବିରୁଦ୍ଧରେ ଏପରି ଯେ ଆପତ୍ତି ତାହାର ଯୌକ୍ତିକତା ଟିକିଏ ପରୀକ୍ଷା କରିବା ଅସଙ୍ଗତ ହେବ ନାହିଁ । ମିତ୍ରାକ୍ଷରରେ ଶେଷାକ୍ଷରର ସମସ୍ୱରତା ଏକାନ୍ତ ଆବଶ୍ୟକ । ସବୁ ଦେଶର ସାହିତ୍ୟରେ ଏହା ହୁଏତ ସ୍ୱୀକାର୍ଯ୍ୟ । ସଂସ୍କୃତ ପରି ଓଡ଼ିଆର ବିଶେଷତ୍ୱ ଯେ, ଏଥିରେ ଶବ୍ଦମାନଙ୍କର ଶେଷ ଅକ୍ଷର ସ୍ୱରାନ୍ତ ଏବଂ ସ୍ୱରାନ୍ତ ହୋଇ ଉଚ୍ଚାରିତ ହୋଇଥାଏ । ସ୍ୱର ନିୟମର ସଙ୍ଗୀତ ପ୍ରଭାବରେ ଉପଧା ମିଳନ ଅଧିକତର ସ୍ୱରମାଧୁର୍ଯ୍ୟ ସମ୍ପାଦନ ଲାଗି ଗୋଟିଏ ଅନୁପ୍ରାସାଦି ପରି ଅଳଂକାର ହୋଇପାରେ; କିନ୍ତୁ ଅପରିହାର୍ଯ୍ୟ ବା ଅବଶ୍ୟ ପାଳନୀୟ ବିଧି ନୁହେ । ଛନ୍ଦ ନିୟମରେ ସଂସ୍କୃତର ବର୍ଣ୍ଣବିନ୍ୟାସ ଶୃଙ୍ଖଳା ଏପରି

Digitized by srujanika@gmail.com

ପରିପାଟୀର ସହିତ ବଧିବଦ୍ଧ ହୋଇଅଛି ଯେ, କବିତାର ସ୍ୱର ମାଧୁର୍ଯ୍ୟ ବା ସଙ୍ଗୀତ ନିମନ୍ତେ ମିତ୍ରାକ୍ଷରର ତେତେ ପ୍ରୟୋଜନ ହୁଏ ନାହିଁ । ସେଥିରେ ଅତି ଅଳ୍ପ ମିତ୍ରାକ୍ଷର କବିତା ଅଛି । ତଥାପି ସେହି ଅଳ୍ପରେ ମଧ୍ୟ ସଂସ୍କୃତ ଶବ୍ଦକୋଷର ବିପୁଳତା ଓ ବୈଭବ ସତ୍ତ୍ୱେ ଅସାମାନ୍ୟ ଶକ୍ତିଶାଳୀ କବିମାନଙ୍କ ଗୀତରେ ଉପଧାମିଳନ ପ୍ରତି ଏ ଯୁଗର ପ୍ରଣିଧାନ ଦେଖାଯାଏ ନାହିଁ । କିଳେ ଶଙ୍କର ତାଙ୍କ ସୁଲଳିତ ଗୀତ ମୋହମୁଦ୍‌ଗରରେ ଏ ନିୟମ ରଖିନାହାନ୍ତି । ନିମ୍ନୋଦ୍ଧୃତ ପଂକ୍ତି ଭଳି ଅନେକ ପଦ୍ୟ ସଂସ୍କୃତ ମିତ୍ରାକ୍ଷରରେ ଦେଖିବାକୁ ମିଳେ ।

ଯଲ୍ଲଭସେ ନିଜ କର୍ମୋପାତ୍ତଂ
ବିତ୍ତଂ ତେନ ବିନୋଦୟ ଚିତ୍ତଂ
ଅର୍ଥ ମନର୍ଥଂ ଭାବୟ ନିତ୍ୟଂ
ନାସ୍ତି ତତଃ ସୁଖଲେଶଃ ସତ୍ୟଂ
କ୍ଷଣମିହ ସଜ୍ଜନ-ସଙ୍ଗତିରେକା
ଭବତି ଭବାର୍ଣ୍ଣବ-ତରଣେ ନୌକା
କରଧୃତ କଂପିତ ଶୋଭିତ ଦଣ୍ଡଂ
ତଦପି ନ ମୁଞ୍ଚତ୍ୟାଶାଭାଣ୍ଡଂ ।

ଟିକିଏ ଭାବି ଦେଖିଲେ ଦେଖାଯାଏ ଯେ ଇଂରେଜୀ ଛନ୍ଦନିୟମରୁ ଏ ଉପଧାଘାତ ଏ ଦେଶର ସାହିତ୍ୟ ଜଗତରେ ସ୍ଥାନ ପାଇଅଛି । କିଂତୁ ମନେ ରଖିବାକୁ ହେବ, ଇଂରେଜୀର ଶେଷ ବର୍ଣ୍ଣ ପ୍ରାୟ ହଲନ୍ତ । ଗେଟ୍ (Gate) ସଙ୍ଗେ ରେଟ୍ (Rate) ବା ମେଟ୍ (Mate) ନ ପଡ଼ିଲେ ମିତ୍ରାକ୍ଷର ରହିବ ନାହିଁ । କାରଣ, ଶେଷସ୍ୱର ଉଭୟ ପଦରେ ମିଳିବା ମିତ୍ରାକ୍ଷରର ଗୋଟିଏ ଅପରିହାର୍ଯ୍ୟ ଉପାଦାନ । ସେହି ଶେଷସ୍ୱର ସଙ୍ଗେ ଗୋଟିଏ ସମାନ ବ୍ୟଞ୍ଜନର ଉଚ୍ଚାରଣ ମିଶିବା ଦରକାର ହୋଇପାରେ । କିଂତୁ ଏ ଦୁଇଟି ଗଲ ପରେ ପୁଣି ଆଉ ଗୋଟିଏ ସ୍ୱର ସମାନ କରିବାରେ କି ଆବଶ୍ୟକତା ଅଛି ? ଇଂରେଜୀ ପଦ୍ୟ ମଧ୍ୟ ଏ ଆବଶ୍ୟକତା ସ୍ୱୀକାର କରେ ନାହିଁ । ବରଂ ଇଂରେଜୀରେ ଶେଷବର୍ଣ୍ଣ ସ୍ୱର ହେଲେ ସେହି ସ୍ୱରଟିର ମିଳନରେ ହିଁ ମିତ୍ରାକ୍ଷର

Digitized by srujanika@gmail.com

ହୁଏ । ଇଂରେଜୀରେ ମି (me) ସଙ୍ଗେ ହି (He), ଦେ (they) ସଙ୍ଗେ ହେ (hay), କ୍ୱ (Quay) ସଙ୍ଗେ ଗ୍ଲୀ (glee) ପରି ମିତ୍ରାକ୍ଷର ହୁଏ ।

ଇଂରେଜୀ ଭାଷାରେ ଯେଉଁ ନିୟମ ବଂଗଳାରେ ଅଳ୍ପାଧିକ ପରିମାଣରେ ଏ କ୍ଷେତ୍ରରେ ସେହି ନିୟମ ଚଳିବ । କାରଣ, ବଂଗଳାରେ ଶବ୍ଦ ସବୁର ଶେଷ ବର୍ଣ୍ଣ ପ୍ରାୟ ହଳନ୍ତ ହୋଇ ଉଚ୍ଚାରିତ ହୋଇଥାଏ । ସେଥିପାଇଁ ବଂଗଳାରେ ସେ ଅନୁକରଣ ସହନୀୟ । କିନ୍ତୁ ଓଡ଼ିଆ ଭାଷାରେ ପୂର୍ବସୂରିମାନଙ୍କ କୃତିର ପ୍ରାକୃତିକ ବିକାଶରେ, କିଂବା ଭାଷାର ପ୍ରକୃତିଗତ ସ୍ୱର ନିୟମରେ, କାହିଁରେ ଏ ଦାସତ୍ୱର ସମର୍ଥନ ନାହିଁ । ଶବ୍ଦ ଓ ବର୍ଣ୍ଣବିନ୍ୟାସର ଆଲଂକାରିକ ସୌନ୍ଦର୍ଯ୍ୟହିଁ କେବଳ ଏକପ୍ରକାର ଯେଉଁ ଉତ୍କଳୀୟ କବିମାନଙ୍କର କବିତାର ମୁଖ୍ୟ ବିଭୂତି, ସେମାନେ ଉପଧାମିଳନକୁ ଯଦି ମିତ୍ରାକ୍ଷରର ଆବଶ୍ୟକୀୟ ଉପାଦାନ ବୋଲି ମନେକରି ଥାନ୍ତେ, ତେବେ ଏ କ୍ଷେତ୍ରରେ ସେମାନଙ୍କୁ ଯେ ବିଶେଷ ଶ୍ରମ କରିବାକୁ ପଡ଼ି ନ ଥାନ୍ତା ଏହା ବୁଝାଇବା ନିଷ୍ପ୍ରୟୋଜନ ।

କିନ୍ତୁ ସମସ୍ତ ଅଳଂକାରର ପାଣ୍ଡିତ୍ୟ ଓ ସଂସ୍କୃତାଭିଭାଷା ପରିପାଟୀ ମଧ୍ୟରେ ଉପେନ୍ଦ୍ରଭଞ୍ଜ ଯେ ଓଡ଼ିଆ କବି, ପାଠକ ତାହା ପଦେ ପଦେ ଅନୁଭବ କରନ୍ତି । ସଂସ୍କୃତ ଶବ୍ଦମାନଙ୍କ ସହିତ ଓଡ଼ିଆ ଶବ୍ଦମାନଙ୍କର ଏପରି ବିଚକ୍ଷଣ ଭାବରେ ସମାବେଶ ହୋଇଅଛି ଯେ ଟିକିଏ ମାତ୍ର 'ମହି' ବା 'ମୋରଣି' ସମସ୍ତ ଦୁଧକୁ ଦହିରେ ପରିଣତ କଲାପରି ପାଦ ବା ବାକ୍ୟ ମଧ୍ୟରେ ବେଳେ ବେଳେ ଗୋଟିଏ ଗୋଟିଏ ଓଡ଼ିଆ ଶବ୍ଦ ବାକ୍ୟ ମଧ୍ୟସ୍ଥ ସମସ୍ତ ସଂସ୍କୃତିକୁ ଓଡ଼ିଆର ଶକ୍ତିରେ ପ୍ରଭାବିତ କରୁଅଛି ।

"କି କଲି ବୋଲି ଲଗିଲା ନ ଲଗିଲି
ଚେତୁଆଇ ସେ ନଗଲା" ।
"ନାଥ ହାତଧରି ଘୃଞ୍ଚୁଆଇ ନେବେ ତୋତେ" ।
"ଦରହାସି ହେବୁ ଦର କ୍ଷୁଧାତୁର ପରି" ।
"କୋଳରେ ହାର କରୁ ବାହାର ଏବେ କାହାର ହେଲି" ।
"ଦଣ୍ଡି ଯାହାକୁ ମଣ୍ଡି ତାହାକୁ ମୁଦୁ ଦେହାକୁ ଭଙ୍ଗେ" ।
"ଝଙ୍କିଅଛୁ ଗୋଟି ଚଂପା ଧଇର୍ଯ୍ୟ କଂପା" ।

Digitized by srujanika@gmail.com

"ଚରଣକେ ବଳା ପଟେ ନାଦ ପ୍ରକଟେ" ।
"ଅବଳା ବଳା ଫିଟିଗଲେ ଖଞ୍ଜିଲେ ରଞ୍ଜିବା ବଗୃରୁ ମନ" ।

ଏହିପରି ଉଦାହରଣ ଲାବଣ୍ୟବତୀରୁ ଭୂରି ଭୂରି ଉଦ୍ଧାର କରାଯାଇ ପାରେ ।

ଲାବଣ୍ୟବତୀର ଗୋଟିଏ ବିଶେଷତ୍ୱ ଯେ, କବି ଯେଉଁଠାରେ ସୁନ୍ଦର ଚିତ୍ର ପ୍ରକଟ କରିବାକୁ ଚେଷ୍ଟା କରିଛନ୍ତି, ସେଠାରେ ତାହାକୁ ବିଶୁଦ୍ଧ ଓଡ଼ିଆ ଶବ୍ଦର ଶକ୍ତିରେ ଉଦ୍ଦୀପିତ କରିଅଛନ୍ତି । ଏଠାରେ ଗୋଟିଏ ମାତ୍ର ଉଦାହରଣ ଦେଲେ ଯଥେଷ୍ଟ ହେବ ।

"ସେହି ଦିନେ ପ୍ରଥମେ କଥା ଶୁଣ
ଦିନେ ଶାରୀ ପଢ଼ାଉ ସୁଲକ୍ଷଣା
ଜାଣି ଲୁଚି ମୁଁ ଶୁଣୁଥିଲି ସ୍ୱଚ୍ଛେ
ଶାରୀ ପଢ଼ିଦେଲା ଯେ କାନ୍ତ ପଛେ
ସଲଜ୍ଜିତେ ଜିତେନ୍ଦ୍ରିୟ ମୋହିନୀ
ଦେଇ ଗୃରୁ ଚିବୁକରେ ତର୍ଜନୀ
ନାସାପୁଡ଼ାକୁ ଫୁଲାଇଲା କରି
ଅଧୋମୁଖେ ରହିଲା କୃଶୋଦରୀ
ନବ ସପତ ବସ୍ତୁରୀକି ମୁହିଁ
ମୋହ ଶପଥ ପକାଇଲି ଛୁଇଁ
ମଥା ଟେକି କଥା କହି ବୋଇଲେ,
କିସ କହିବ କହୁଡିଅ ମୋତେ"

କବିଙ୍କର ସ୍ୱାଭାବିକ ଚିତ୍ରଣରେ ଭାଷାର ଏ ସବୁ ନୈସର୍ଗିକତା ଦେଖିଲେ ମନେହୁଏ ସରଳ ସୁବୋଧ ଓଡ଼ିଆରେ ରଚନା କରିବା କବିଙ୍କର ପ୍ରକୃତି । କିନ୍ତୁ ସେ ଯେଉଁ 'କୋବିଦ' ପାଠକମାନଙ୍କ ଉଦ୍ଦେଶ୍ୟରେ କାବ୍ୟ ଲେଖୁଥିଲେ ସେମାନଙ୍କର ମର୍ଯ୍ୟାଦା ଓ ପାଣ୍ଡିତ୍ୟର ଉପଯୋଗୀ କରିବା ନିମନ୍ତେ ବାଧ୍ୟହୋଇ କବି ତାକୁ "ନାରିକେଳ ଫଳର ସଦୃଶ" କରିଅଛନ୍ତି ।

Digitized by srujanika@gmail.com

ଭଞ୍ଜୀୟ କାବ୍ୟର ଭାବରେ ଯେପରି, ଭାଷାରେ ମଧ୍ୟ ତତୋଽଧିକ ଛଟା ଦେଖିବାକୁ ମିଳେ । ଉପମା, ଅନୁପ୍ରାସ, ଉତ୍ପ୍ରେକ୍ଷା, ଶ୍ଳେଷ, ଧ୍ୱନି ପ୍ରଭୃତି ଅଲଂକାର ଶାସ୍ତ୍ରର ଭିନ୍ନ ଭିନ୍ନ ବିଷୟର ଉଦାହରଣ ଲାଗି ଭଞ୍ଜୀୟ କବିତାରେ ଅପରିମିତ ଉପାଦାନ ରହିଅଛି । ଯଥାର୍ଥରେ କବି ଭଞ୍ଜଙ୍କ ମସ୍ତିଷ୍କରେ ଯେତେ ଅଲଙ୍କାର ଗଚ୍ଛିତ ଥିଲା ବା ଗଠିତ ହେଉଥିଲା, ଘୁମୁସର ରାଜପରିବାରର ଟଙ୍କାଘରେ ସେତେ ଅଲଙ୍କାର ଥିଲା କି ନାହିଁ ସନ୍ଦେହ । ଟଙ୍କାଘରର ଅଲଂକାର ସବୁ ସେ ଲାବଣ୍ୟବତୀରେ ଗୋଟିଏ ଛାନ୍ଦରେ ମାତ୍ର ପିନ୍ଧାଇ ଦେଇ ଅଛନ୍ତି । କିନ୍ତୁ ତାଙ୍କ ମନଗଢ଼ା ଅଲଂକାର ଗୋଟିଏ ଦୁଇଟି ବା ଦଶଟି ଛାନ୍ଦରେ ଶେଷ ହୋଇନାହିଁ । କାବ୍ୟର ଆଦ୍ୟ ପ୍ରାନ୍ତ ଏହା କାହିଁ ମହୀ ବର୍ଣ୍ଣନାରେ, କାହିଁ ପ୍ରଭାତ ବର୍ଣ୍ଣନାରେ, କାହିଁ ରୂପ ବର୍ଣ୍ଣନାରେ, କାହିଁ ବା ମାଳ ଯମକରେ, କାହିଁ ଗୋମୂତ୍ର ଛନ୍ଦରେ, କାହିଁ ଅନ୍ତର୍ଲିପି ବହିର୍ଲିପିରେ ଫୁଟି ଦିଶୁଅଛି । ଏ ସବୁର ଉଦାହରଣ ଦେବା ନିଷ୍ପ୍ରୟୋଜନ । ଏ ବିଷୟ ପ୍ରତି ଦୃଷ୍ଟି ରଖି ଭଞ୍ଜୀୟ କବିତା ପଢ଼ିଲାବେଳେ ସଂସ୍କୃତ ଓ ଓଡ଼ିଆ ଶବ୍ଦକୋଷରେ ତାଙ୍କର କି ଅସାମାନ୍ୟ ଅଧିକାର ଥିଲା, ତାହା ସହଜରେ ଜଣାପଡ଼େ । ସଂସ୍କୃତ ଶବ୍ଦାବଳୀ ଭଞ୍ଜୀୟ ଲେଖନୀର ଦାସାନୁଦାସ ରୂପେ କିପରି ଓଡ଼ିଆ ସାହିତ୍ୟର ଶୋଭା ଓ ଶ୍ରୁତି ମାଧୁର୍ଯ୍ୟ ସମ୍ପାଦନ କରିଅଛି, ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଏ ଯୁଗର ଲେଖକ ବା ପାଠକମାନଙ୍କ ଲାଗି ଭଞ୍ଜୀୟ କବିତାରେ ଆଉ ଯଦି କିଛି ନଥାଏ, ଅନ୍ତତଃ ଭାଷା ଶିକ୍ଷା ଲାଗି ଏଥିରେ ବିପୁଳ ଉପାଦାନ ରହିଅଛି ଓ ବହୁକାଳ ରହିବ ।

କିନ୍ତୁ ସଂସ୍କୃତରେ ଏତେ ଆଧିପତ୍ୟ ସତ୍ତ୍ୱେ ସେ ଓଡ଼ିଆ ଭାଷାକୁ ସମ୍ପୂର୍ଣ୍ଣରୂପେ ସଂସ୍କୃତର ଅନୁଗାମୀ କରି ନାହାନ୍ତି । ଓଡ଼ିଆ ଭାଷାର ସ୍ୱତନ୍ତ୍ର ଶକ୍ତି ସେ ବୁଝିଅଛନ୍ତି ଏବଂ ସଂସ୍କୃତ ସଙ୍ଗେ ତାହାର ସମ୍ବନ୍ଧର ପ୍ରାକୃତିକ ସୀମା ଠିକ୍ ରଖିଅଛନ୍ତି । ଓଡ଼ିଆରେ ହ୍ରସ୍ୱ, ଦୀର୍ଘ, ଦନ୍ତ୍ୟ, ତାଲବ୍ୟ, ମୂର୍ଦ୍ଧନ୍ୟ, ଅନ୍ତଃସ୍ଥ, ବର୍ଗ୍ୟ ପ୍ରଭୃତି ବର୍ଣ୍ଣଭେଦରେ ପାର୍ଥକ୍ୟ ନାହିଁ । ତାହା ସେ ରଖି ନାହାନ୍ତି । କିନ୍ତୁ ସଂସ୍କୃତରେ ଏଗୁଡ଼ିକ ଅବଶ୍ୟ ରକ୍ଷଣୀୟ । ଆଜିକାଲି ମଧ୍ୟ ଲୋକେ ଶୁଦ୍ଧକରି କହନ୍ତି, 'ବିବାହ କଲି' । ଏମାନଙ୍କ ମତରେ 'ବିଭା ହେଲି'

Digitized by srujanika@gmail.com

କଥାଟି ବ୍ୟାକରଣ ହିସାବରେ ଅସଙ୍ଗତ । କିନ୍ତୁ ଓଡ଼ିଆ ଯେ ସଂସ୍କୃତ ଭାଷା, ପାଠ ଓ ସଂସ୍କୃତ ବ୍ୟାକରଣରେ ପଦେ ପଦେ ବନ୍ଧା ହେବାର ନୁହେଁ, ଉପେନ୍ଦ୍ର ଭଞ୍ଜ ସେ କଥା ବୁଝିଥିଲେ । ଭାଷାର ଉପରେ ସ୍ୱଚ୍ଛନ୍ଦ ଓ ପ୍ରାକୃତ ବ୍ୟବହାର ଉପେନ୍ଦ୍ର ଭଞ୍ଜ କରିଅଛନ୍ତି ଦେଖନ୍ତୁ ।

'ହସିଲା ହସିଲ ହୋଇ ସଜନୀଏ ବୋଲ'
'ଏମନ୍ତରେ ଗଲା ତହିଁ କେତେ ସମ୍ବତ୍ସର'
'ତପ ତା ଅକଥନୀୟ ବରନାରୀ ବୃନ୍ଦେ'
'ଥଇଲା ହେଲା ଜାନୁ',
'କେକୀ କଣ୍ଠ ମତ (ପରି)' ।
'ମାନିନୀ ମାନଦମ୍ଭ କୁମ୍ଭ ଭଞ୍ଜ' ।
'ଏ କାଳେ ଜଗତ୍ର ଦଥଇ ନାଗର୍'
'ଶୁଣି ନଗ୍ରଜନେ ଉଚ୍ଛନ୍ନ' ।
'ଲେଖିନେଲେ ଆସି ମନ୍ତ୍ରୀ ସନ୍ନିଧରୁ'
'ଥିଲା ଯା ବାକୀ ବର୍ତ୍ତନ' ।
'ନୂତନେ, ଝୀଲକର ଶସ୍ତ୍ରମାନଙ୍କୁ'
'କେ କନ୍ୟାଦଆଇ କେହୁ ହଙ୍ଗୁଳାଇ'
'କେ ବନ୍ଧାଣ୍ଡ ଆନ କୋଷକୁ' ।
'ଯଥାକଥା କରି ତାକୁ ଜଣାଣ, ଲେଖିବା'

........ଇତ୍ୟାଦି ଭାଷାର ସ୍ୱାତନ୍ତ୍ର୍ୟ ଶବ୍ଦ ଓ ଗଠନ ପ୍ରବଣତାର ଦୃଷ୍ଟାନ୍ତ ଦେଇ ବସିଲେ ବହୁତ ହେବ ।

---

Digitized by srujanika@gmail.com

# ଫକୀରମୋହନ ଓ ଓଡ଼ିଆ ଉପନ୍ୟାସ *

ପରମ ଶ୍ରଦ୍ଧେୟ ବୃଦ୍ଧ କବି ଫକୀରମୋହନ ଉତ୍କଳରେ ସୁପରିଚିତ । ଆଜି ସେ ଅଶୀତି ବର୍ଷ ଅତିକ୍ରମ କରିଅଛନ୍ତି । କିନ୍ତୁ ଲେଖନୀର ବିରାମ ନାହିଁ । ଏ ବୟସରେ ତାଙ୍କୁ ତାଙ୍କ ଉଦ୍ୟାନ ମଧ୍ୟରେ ସାହିତ୍ୟଚିନ୍ତା ନିବିଷ୍ଟ ଦେଖିବାର ସୌଭାଗ୍ୟ ଯେଉଁମାନଙ୍କର ଘଟିଅଛି ଓଡ଼ିଆ ଭାଷା ଏବଂ ସାହିତ୍ୟ ସଙ୍ଗେ ସେ କିପରି ନିଜ ପ୍ରାଣକୁ ମିଶାଇ ଦେଇଅଛନ୍ତି ସେମାନେ ଦେଖିଥିବେ । କାହିଁ ସାପ୍ତାହିକ ପତ୍ରିକାରେ ଗୋଟିଏ ପଦ୍ୟ ପ୍ରକାଶିତ, କାହିଁ ମାସିକ ପତ୍ରିକାରେ ଗୋଟିଏ ଗଳ୍ପ ବା ପ୍ରବନ୍ଧ ବାହାରି ଅଛି, କାହିଁ ଜଣେ ନବ ଲେଖକ କେତେକ ପଦ ଯୋଜନା କରି ଗୋଟିଏ ପଦ୍ୟ ପୁସ୍ତକ ଲେଖିଅଛନ୍ତି, ଫକୀରମୋହନ ସେ ସବୁକୁ, ଚକୋର, ଜ୍ୟୋସ୍ନା ପାନ କଲାପରି, ଗଦ୍ ଗଦ୍ ପ୍ରାଣରେ ପଢ଼ିବାର ଦେଖାଯାଏ । ଯେ କୌଣସି ଲେଖକର ବାଲ୍ୟ-ସୁଲଭ ସାହିତ୍ୟିକ ଅନୁରାଗ ପର୍ଯ୍ୟନ୍ତ ଦେଖି ଫକୀରମୋହନ ଶତ ଆଶାରେ ଉତ୍ଫୁଲ୍ଲିତ ହୁଅନ୍ତି । କୌଣସି ଉଦୀୟମାନ ଲେଖକକୁ ଦେଖିଲା ମାତ୍ରକେ ପ୍ରାଣର ଆବେଗରେ ଆଲିଙ୍ଗନ କରି କେତେ ଆଶୀର୍ବାଦ କରନ୍ତି । ଓଡ଼ିଆ ସାହିତ୍ୟର ଯେଉଁ ଯୁଗରେ ଫକୀରମୋହନଙ୍କ ଜୀବନର ପ୍ରାରମ୍ଭ, ସେଥିରେ କୌଣସି ପ୍ରକାର ଉନ୍ନତିର ଲକ୍ଷଣ ଦେଖିଲେ ତାଙ୍କର ଏପରି ଆଶା ଓ ଆହ୍ଲାଦ ହେବା ସ୍ୱାଭାବିକ । ଓଡ଼ିଶାର ବିଦ୍ୟାଳୟମାନଙ୍କରେ ବଙ୍ଗଳା ସାହିତ୍ୟ ପୁସ୍ତକ ପ୍ରଚଳିତ ହେବାର ସେ ଦେଖି ଅଛନ୍ତି । 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେ, ସୁତରାଂ ରହିବା ଅନାବଶ୍ୟକ' ବୋଲି ପ୍ରତିବେଶୀ ଜାତିମାନଙ୍କର ମତକୁ ସେ ବୁକୁରେ ବଜ୍ରପରି ସହି ଅଛନ୍ତି । ସ୍ୱର୍ଗୀୟ କବିବର ରାଧାନାଥ ଓ ମଧୁସୂଦନ ସାହିତ୍ୟ ପ୍ରତି ଏହିଭଳି ଅନୁରାଗ ଓ ଉଦ୍‌ବେଗ ପ୍ରାଣରେ ଅନୁଭବ କରୁଥିଲେ । ସେମାନେ ସଂସ୍କୃତ ଓ ଇଂରେଜୀ ସାହିତ୍ୟର ସର୍ବୋତ୍କୃଷ୍ଟ କବି ଓ ଲେଖକମାନଙ୍କର ଲେଖା ପଢ଼ି ତହିଁରେ ଅନୁପ୍ରାଣିତ ହୋଇଥିଲେହେଁ, ଓଡ଼ିଆ ସାହିତ୍ୟର ଦୁରବସ୍ଥାରେ ଏତେ ମର୍ମାହତ ହେଉଥିଲେ ଯେ କୌଣସି

---

* 'ସତ୍ୟବାଦୀ' ମାସିକର ବୃଷ ୧୩୨୨ ସାଲ (ମେ-ଜୁନ) ପ୍ରଥମଭାଗ ୪ର୍ଥ ସଂଖ୍ୟା ଠାରୁ ସିଂହ ପର୍ଯ୍ୟନ୍ତ ଚାରି ସଂଖ୍ୟାରେ ପ୍ରକାଶିତ ।

Digitized by srujanika@gmail.com

ଓଡ଼ିଆ ଲେଖକର ଅତି ସାଧାରଣ ରଚନା ପ୍ରତି ଆଂତରିକ ଆସ୍ଥା ଓ ଆଗ୍ରହ ଦେଖାଇ ଲେଖକକୁ ଉତ୍ସାହିତ ଏବଂ ଆପ୍ୟାୟିତ କରୁଥିଲେ । ଆଜି ରାଧାନାଥ ଓ ମଧୁସୂଦନ ଉତ୍କଳ ସାହିତ୍ୟ କ୍ଷେତ୍ର ଛାଡ଼ି ଯାଇଅଛଂତି । ସେ ଦୁଇ ନୈଷ୍ଠିକ ସାହିତ୍ୟସାଧକଂକ ଆସନ ଅଦ୍ୟାପି ଖାଲି ପଡ଼ିଅଛି । ସେମାନଂକ ସମାନ ଧର୍ମ୍ମୀ ବୃଦ୍ଧ ଫକୀରମୋହନ କେବଳ ଏକନିଷ୍ଠ ହୋଇ ସାହିତ୍ୟସେବା ବ୍ରତ ଆଚରଣ କରୁଅଛଂତି । ଏହି ତିନିହେଁ ନବ ଯୁଗର ଉତ୍କଳ-ସାହିତ୍ୟଆଶ୍ରମର ଋଷି । ଉତ୍କଳର ସାହିତ୍ୟ-ରାଜ୍ୟରେ ଏମାନେ ନବଭାବ ପ୍ରବର୍ତ୍ତାଇ ଅଛଂତି । କାଳ ଅନଂତ । ଉତ୍କଳରେ ଭବିଷ୍ୟତରେ ଅଧିକତର ପ୍ରତିଭାଶାଳୀ, ଶକ୍ତିମାନ୍ ସୁଲେଖକ ଜନ୍ମିବେ । କିଂତୁ ଏ ତିନିହେଁ ବହୁଦିନ ଯାଏଁ ଉତ୍କଳସାହିତ୍ୟରେ ନବଯୁଗର ପ୍ରବର୍ତ୍ତକ ରୂପେ ପୂଜା ପାଉଥିବେ ।

ଆଂଭେମାନେ ଏ ତିନିହିଁକୁ ଦେଖିଅଛୁଁ । ଏହାଂକ ମୁଖରୁ କଥା ଶୁଣିଅଛୁଁ । ସାହିତ୍ୟ ନିମନ୍ତେ ଏମାନଂକ ଆକୁଳତା କିଂଚିତ୍ ଉପଲବ୍ଧି କରିଅଛୁଁ । ଏମାନଂକ ନିକଟରେ କ୍ଷୁଦ୍ରତ୍ୱ ସ୍ୱୀକାରକୁ ଜୀବନରେ ଶ୍ରେୟ ମଣିଅଛୁଁ । ଲେଖକର କୋମଳ ପ୍ରାଣରେ କେଜାଣି ବାଧିବ ଏବଂ ସେ କାଳେ ନିରୁତ୍ସାହ ହୋଇଯିବେ, ଏହି ଆଶଂକାରେ ସେମାନେ କେବେ କାହାରିକୁ ରୂକ୍ଷ ଭାବରେ ସମାଲୋଚନା କରିବାର ଦେଖାଯାଇ ନାହିଁ । ଏହି ସଦୟ ହୃଦୟ ଗୁରୁସ୍ଥାନୀୟ ବ୍ୟକ୍ତିମାନଂକ ଲେଖାର ସମାଲୋଚନା ଆମ୍ଭମାନଂକ ପକ୍ଷେ ବଡ଼ ଦୁରୂହ ବ୍ୟାପାର । ସତ୍ୟସନ୍ଧିତ୍ସା ଓ ତତ୍ତ୍ୱଲିପ୍ସାର ପ୍ରୟାସ ଯେତେ ପ୍ରବଳ ହେଲେ ସୁଦ୍ଧା ପିତା ମାତାଂକ ସମାଧି ଚଉରାର ତୁଳସୀ ଗଛକୁ ଖଂଡ଼ ବିଖଂଡ଼ କରି କାଟି ଉଦ୍ଭିଦବିଜ୍ଞାନ ଆଲୋଚନାରେ କେଉଁ ନିର୍ମମ ପାଷାଣ ହୃଦୟ ପ୍ରବୃତ୍ତ ହେବ ?

ପୁଣି ଓଡ଼ିଆ ସାହିତ୍ୟର ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ ସମାଲୋଚକର ତୀକ୍ଷ୍ଣ ନିର୍ଦୟ ନିରପେକ୍ଷ ସମାଲୋଚନା-ଛୁରିକା ପ୍ରୟୋଗ କେତେଦୂର ଉଚିତ ତାହା ମଧ୍ୟ ଏକ ଗୁରୁତର ଚିଂତାର ବିଷୟ । କାଳ ସମସ୍ତ ବିଷୟର ପ୍ରଧାନ ସମାଲୋଚକ । ଏହା ପ୍ରତ୍ୟେକ ମନୁଷ୍ୟର କାର୍ଯ୍ୟର ଏବଂ ଲେଖାର ଦୋଷଗୁଣ କଳନା କରିଦିଏ । ଆଂଭେମାନେ ବୃଦ୍ଧ ଫକୀରମୋହନଂକୁ

Digitized by srujanika@gmail.com

ଅନେକ ଥର କହିବାର ଶୁଣିଅଛୁଁ—"ମନକୁ ଯେସବୁ ଚିନ୍ତା ଆସୁଛି ଲିପିବଦ୍ଧ କରି ରଖିଯାଅ। କାଳ ଅଗ୍ନିରେ ସେ ସମସ୍ତ ପରୀକ୍ଷିତ ହେବ। ଖାଦ ପୋଡ଼ି ଭସ୍ମ ହୋଇଯିବ ଏବଂ ପ୍ରକୃତ ସୁନା ରହିଯିବ।" ବାସ୍ତବରେ କବି, ପ୍ରତିଭାଶାଳୀ ବା ଚିନ୍ତାଶୀଳ ବ୍ୟକ୍ତିର କାଳହସ୍ତରୁ ସହଜରେ ନିସ୍ତାର ନାହିଁ। ତାଂକ କାର୍ଯ୍ୟ, ତାଂକ ଜୀବନର ଆଲୋଚନା ତାଂକ ମୃତ୍ୟୁରେ ଶେଷ ହୁଏ ନାହିଁ। ଶତ ଶତ ବର୍ଷ ପରେ ଲୋକେ ତାଂକ ସମାଧି ଖୋଳନ୍ତି। ତାଂକ ଲେଖାର କୌଣସି ପଂକ୍ତିରୁ ତାଂକ ଜୀବନ ଓ ଚରିତ୍ର ବିଷୟରେ ଶତ ସମ୍ଭାବନା କରନ୍ତି। ସେତେବେଳେ ତାଂକ ଦୋଷଗୁଣ ନାନା ଆକାରରେ, ନାନା ରଂଗରେ ଚିତ୍ରିତ ହୁଏ। କାଳର ଏ ନିର୍ଦ୍ଦୟ ନିର୍ମମ ସମାଲୋଚନା ଭଳି ସମାଲୋଚନା କରିବା ଆଂଭମାନଂକର ଅଧିକାର ବା ଅଭିପ୍ରାୟ ନୁହେ।

କବି ଫକୀରମୋହନ ସାହିତ୍ୟର ନାନା ବିଭାଗରେ ନିଜର ଲେଖନୀ ଚାଳନା କରିଅଛନ୍ତି। ସାହିତ୍ୟର ଉନ୍ନତି ଲାଗି ତାଂକ ପ୍ରାଣର ଆକୁଳତା ସେଥିରୁ ସ୍ପଷ୍ଟ ପ୍ରତୀତ ହେଉଅଛି। ଇତିହାସ, ପୁରାଣ, କାବ୍ୟ, ଗଳ୍ପ, ଦର୍ଶନ, ଉପନ୍ୟାସ ପ୍ରଭୃତି ସାହିତ୍ୟର ନାନା ଶାଖାରେ ତାଂକ ଲେଖନୀର ଚିହ୍ନ ଅଂକିତ ହୋଇଅଛି। ମାନବ ସମାଜରେ ସାହିତ୍ୟବିକାଶର ଯେ କ୍ରମ ଉଲ୍ଲିଖିତ ହୁଏ, ଫକୀରମୋହନଂକ ବ୍ୟକ୍ତିଗତ ଜୀବନର ସାହିତ୍ୟିକ ଉଦ୍ୟମରେ ବହୁ ପରିମାଣରେ ପ୍ରାୟ ସେହି କ୍ରମ ଦେଖିବାକୁ ମିଳେ। ସାହିତ୍ୟରେ ସର୍ବାଗ୍ରେ ପଦ୍ୟର ଆବିର୍ଭାବ। ମାନବ ପ୍ରଥମେ ଭାବମୟ। ସେ ହସେ, କାଂଦେ, ସୁଖ ଓ ଦୁଃଖ ଭୋଗେ। ଅନ୍ୟର ଦୁଃଖରେ ଅଧୀର ହୁଏ। ସ୍ନେହ, ସହାନୁଭୂତି, ରୋଷ, ଦ୍ୱେଷ ଦେଖାଏ। ଏହା ସବୁ ସେ ଚିନ୍ତା, ଯୁକ୍ତି ବା ତର୍କଦ୍ୱାରା ସିଦ୍ଧ କରି କରେ ନାହିଁ। ସ୍ୱଭାବର ବଶବର୍ତ୍ତୀ ହୋଇ, କରେ। ଏହି ଅବସ୍ଥାରେ ହୃଦୟର ଉଚ୍ଛ୍ୱାସ ସାଧାରଣତଃ କବିତାରେ ଅଭିବ୍ୟକ୍ତ ହୁଏ। ଏହି କବିତାମାନଂକ ମଧ୍ୟରୁ ଅଧିକାଂଶ ଉଜ୍ଜ୍ୱଳ, ଉନ୍ନତ ପ୍ରାକୃତିକ ବସ୍ତୁର ବର୍ଣ୍ଣନା ଓ ଆଉ କେତେକ ଜାତୀୟ ବୀରପୁରୁଷମାନଂକର ବୀରତ୍ୱର ଗାଥା। ଏହି ଭାବମୟ ଅବସ୍ଥାରେ ମନୁଷ୍ୟର କଳ୍ପନା ଏକପ୍ରକାର ଉଦ୍ଦାମ ଥାଏ। ତେଣୁ ସେ ଯାହା ଦେଖେ ବା ଶୁଣେ କେବଳ ତାହା କବିତାରେ ନିବଦ୍ଧ କରିବାରେ

Digitized by srujanika@gmail.com

ସନ୍ତୁଷ୍ଟ ନ ହୋଇ ତହିଁରେ ଅତିମାନୁଷିକ ଏବଂ ଅତି ଭୌତିକ ଘଟଣା ମିଶାଏ । କ୍ରମେ ଚିଂତା, ବୁଦ୍ଧି ଓ ବିଚକ୍ଷଣତାର ବୃଦ୍ଧି ସଙ୍ଗେ ସଙ୍ଗେ ଭାବମୟ କବିତାରେ ସଂଯମର ଲକ୍ଷଣ ପ୍ରକାଶ ପାଏ । କବିତାରେ ଅନେକ ଭାବର ସୂଚନା ହୁଏ । ମାତ୍ର ତାହାର ବୋଧ ଏବଂ ବିବୃତି ପାଠକର ଚିଂତା ଓ କଳ୍ପନା ଉପରେ ଛାଡ଼ି ଦିଆଯାଏ ଓ ମାନବର କାର୍ଯ୍ୟକଳାପ, ଇଚ୍ଛା ଅଭିପ୍ରାୟ, ଭାବ ଭାବନା ଆଦି ଅଧିକ ମାତ୍ରାରେ କାବ୍ୟରେ ବର୍ଣ୍ଣିତ ହୁଏ । କାବ୍ୟ ପଢ଼ି ତହିଁର ସୂଚନାରୁ ବିଷୟ ବୋଧ ସାଧାରଣ ପାଠକ ପକ୍ଷରେ ସହଜ ନୁହେ । ଚକ୍ଷୁ ପର ଅନ୍ୟ କୌଣସି ଇଂଦ୍ରିୟ ଆଂଭିମାନଙ୍କର ତେତେ ବିଷୟବୋଧ ଜନ୍ମାଇ ପାରେ ନାହିଁ । ତେଣୁ ଶ୍ରୋତବ୍ୟ କାବ୍ୟର ବିଷୟକୁ ଦ୍ରଷ୍ଟବ୍ୟ ନାଟକରେ ବିବୃତ କରିବା ପ୍ରୟୋଜନ । କାବ୍ୟରେ ବର୍ଣ୍ଣିତ ନାୟକ ନାୟିକାଂକ ଭାବ କବି ନିଜ ମୁଖରେ ପ୍ରକାଶ କରଂତି । ନାଟକରେ ଜୀବଂତ ସଜ୍ଜିତ ନାୟକ ନାୟିକାମାନେ ସେହି ଭାବ ସବୁକୁ ଅବଲମ୍ବ ଓ ଅଭିନୟ ଦ୍ୱାରା ଦେଖାଇବାରେ ଏକାବେଳକେ ଶତ ଶତ ଦର୍ଶକର କାବ୍ୟପାଠଠାରୁ ବିଶଦତର ଭାବ ବୋଧହୁଏ । ନାଟକର ପ୍ରଥମ ଅବସ୍ଥାରେ ଅଭିନେତାମାନେ ଅଂଗ ପ୍ରତ୍ୟଂଗ ଚାଳନା କରି ଭାବ ପ୍ରକଟ କରିବା ସଙ୍ଗେ ସଙ୍ଗେ ସେହି ଭାବ ପ୍ରକାଶକ ପଦ୍ୟ ଆବୃତ୍ତି କରୁଥିଲେ । ପରେ ତାହାକୁ ଅଧିକତର ପ୍ରାକୃତିକ କରିବାଲାଗି କ୍ରମେ ପଦ୍ୟ ପରିବର୍ତ୍ତେ ରଂଗମଂଚରେ ଗଦ୍ୟର ବ୍ୟବହାର ଆରଂଭ ହେଲା । କିଂତୁ ନାଟକ ଅଭିନୟ ନିମଂତେ ରଂଗମଂଚ, ବସନଭୂଷଣ ଏବଂ ଅନ୍ୟାନ୍ୟ ବହୁବିଧ ଉପାଦାନ ପ୍ରୟୋଜନ । ତହିଁରେ ପୁଣି କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିଂକୁ ଦେଖିବାରେ ସୁବିଧା ଓ ସୁଯୋଗ ଘଟେ । ତେଣୁ ଏପରି ଏକ ଉପାୟ ଆବଶ୍ୟକ ଯଦ୍ଦ୍ୱାରା ପାଠକର ଦେଖିବା, ଶୁଣିବା—ଉଭୟ କ୍ରିୟାର ଫଳ ଘଟି ପାରିବ । ଏହି ଉପାୟର ଉଦ୍ଭାବନ ଉପନ୍ୟାସରେ । ଏଥିରେ କାବ୍ୟର ବର୍ଣ୍ଣନା ଅଛି । କିଂତୁ ସେ ବର୍ଣ୍ଣନା କେବଳ ସୂଚନା ନୁହେ । ତାହା ଏଡ଼େ ବିଶଦ ଏବଂ ବ୍ୟାପକ ଯେ, ତହିଁରେ ସାଧାରଣ ପାଠକର କଳ୍ପନାର ଉଦ୍ରେକ ହୁଏ, ଏବଂ ବର୍ଣ୍ଣିତ ବିଷୟର ଧାରଣା ନିମଂତେ ପାଠକକୁ ଅଧିକ ଚିଂତା ବା ମାନସିକ ଶ୍ରମ କରିବାକୁ ପଡ଼େ ନାହିଁ । କଳ୍ପନାରେ ସେ ନିଜର ଏକ ରଂଗମଂଚ ପ୍ରସ୍ତୁତ କରିନିଏ, ଓ ସେଥିରେ ବର୍ଣ୍ଣିତ ବିଷୟ ସବୁ ଅଭିନୀତ

Digitized by srujanika@gmail.com

ହେବାର ଦେଖେ । କାବ୍ୟପରି ଉପନ୍ୟାସରେ ଲେଖକ ସ୍ଥଳବିଶେଷରେ ଅନେକଗୁଡ଼ିଏ ଭାବ ନିଜ ମୁଖରେ ଅଭିବ୍ୟକ୍ତ କରନ୍ତି । କିନ୍ତୁ ବର୍ଣ୍ଣିତ ସ୍ତ୍ରୀ ପୁରୁଷମାନେ ତାଙ୍କ ଆଶା, ଅଭିପ୍ରାୟ, ଉତ୍ସାହ, ଉଦ୍ୟମ ଆଦି ନିଜ ନିଜ ମୁଖରେ କହି ଆପଣା ଆପଣା ଚରିତ୍ରର ଭିନ୍ନ ଭିନ୍ନ ବିଭାବମାନ ତନ୍ନ ତନ୍ନ କରି ପ୍ରକାଶ କରନ୍ତି । ଲେଖକ ଓ ବର୍ଣ୍ଣିତ ନାୟକ ନାୟିକା ସମସ୍ତେ ମିଳି ଅତିରିକ୍ତ ବର୍ଣ୍ଣନାଦ୍ୱାରା ବିଷୟକୁ ଏଡ଼େ ସୁବୋଧ କରି ନିଅନ୍ତି ଯେ, ପାଠକକୁ କୌଣସି ମାନସିକ ପ୍ରୟାସ କରିବାକୁ ପଡ଼େ ନାହିଁ । ଏଣୁ ଯେଉଁମାନେ ଗୁରୁତର ବିଷୟର ଚିନ୍ତାରେ ମନକୁ ଅଭ୍ୟସ୍ତ କରିବାକୁ ଲୋଡ଼ନ୍ତି, ସେହିମାନେ ଉପନ୍ୟାସ ପାଠର ପକ୍ଷପାତୀ ନୁହନ୍ତି । ଯାହାହେଉ ବର୍ତ୍ତମାନ ଯୁଗରେ ସମସ୍ତ ଦେଶର ସାହିତ୍ୟରେ ଉପନ୍ୟାସ ଏକ ପ୍ରଧାନ ଅଂଶ ଓ ସାହିତ୍ୟ-କୋଷରେ ଏହାର ପରିମାଣ ଅଧିକ । ସହଜ ସୁବୋଧ ଏବଂ ଚିତ୍ତାକର୍ଷକ ହେବା ହେତୁ ଏହା ସକଳ ଶ୍ରେଣୀ ଲୋକଙ୍କର ପାଠ୍ୟ । ପ୍ରୀତିକର ଉପାୟରେ ସ୍ୱଳ୍ପଧୀ ସୌଖୀନ ପାଠକମାନଙ୍କ ମଧ୍ୟରେ ସୁରୁଚି ଓ ସାଧୁଭାବ ଜନ୍ମାଇବା ନିମନ୍ତେ ଏହା ଏକ ପ୍ରକୃଷ୍ଟ ଉପାୟ । ପାଶ୍ଚାତ୍ୟ ଦେଶରେ ପ୍ରତିମାସରେ ସହସ୍ର ସହସ୍ର ଉପନ୍ୟାସ ପ୍ରକାଶିତ ହୋଇ ଅତି ସୁଲଭ ମୂଲ୍ୟରେ ପ୍ରଚାରିତ ହେଉଅଛି । ଏହାଦ୍ୱାରା ସାଧାରଣ ଲୋକମାନଙ୍କର ଭାଷା ମାର୍ଜିତ ହେଉଅଛି । ଆଧୁନିକ ବଙ୍ଗଳା ସାହିତ୍ୟର ଉନ୍ନତି ବହୁ ପରିମାଣରେ ଉପନ୍ୟାସ ହେତୁ । ବଙ୍ଗସାହିତ୍ୟରଥୀ ବଙ୍କିମଚନ୍ଦ୍ର ଦେଖିଲେ ଯେ ସମସ୍ତ ଜାତିକୁ ଉଠାଇବାକୁ ହେଲେ ଜାତିର ସକଳ ସୋପାନର ବ୍ୟକ୍ତିମାନଙ୍କୁ ପହଞ୍ଚିପାରିବା ଭଳି ସାହିତ୍ୟ ସାହାଯ୍ୟରେ ନବୀନ ଉନ୍ନତ ଭାବମାନ ପ୍ରକାଶ କରିବା ପ୍ରୟୋଜନ । ତେଣୁ ସେ କବିତା ଲେଖିବାର ପ୍ରୟାସ ଛାଡ଼ି ଉପନ୍ୟାସର ଆଶ୍ରୟ ନେଲେ, ଏବଂ ଏହି ଉପାୟରେ ଆଜି ବଙ୍ଗଳାର ସହସ୍ର ସହସ୍ର ନରନାରୀଙ୍କ ମଧ୍ୟରେ ସେ ଯେଉଁ ଭାବ ବିସ୍ତାର କରିଦେଇ ଅଛନ୍ତି ତାହା ବହୁ ପରିମାଣରେ ନବ ବଙ୍ଗ ଉତ୍ଥାନର କାରଣ ନୁହେ କି ?

କବି ଫକୀରମୋହନ, ଭାରତଗୌରବ ମହାକାବ୍ୟ ରାମାୟଣ, ମହାଭାରତର ଅନୁବାଦ କରିଅଛନ୍ତି । କ୍ଷୁଦ୍ର କ୍ଷୁଦ୍ର କବିତା ଲେଖି ଅଛନ୍ତି ।

Digitized by srujanika@gmail.com

କାବ୍ୟ ଲେଖି ଅଛନ୍ତି । କିନ୍ତୁ ସେଥିରେ ସେ ପରିତୃପ୍ତ ନ ହୋଇ ଅବଶେଷରେ ସାହିତ୍ୟ-ଜୀବନର ଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଅଛନ୍ତି । ଲୋକସାଧାରଣଙ୍କ ମଧ୍ୟରେ ଶିକ୍ଷା ଓ ସାହିତ୍ୟର ପ୍ରଚାର ନିମନ୍ତେ ଆବେଗରେ ସେ ନାଟକୋଦ୍ୟମ ନକରି ଏକାବେଳକେ ଲୋକବୋଧ ମନୋରଞ୍ଜନ ଉପନ୍ୟାସ ଅବଲମ୍ବନ କରିଅଛନ୍ତି । ଓଡ଼ିଶାରେ ରଙ୍ଗମଞ୍ଚ ଓ ଅନ୍ୟାନ୍ୟ ବ୍ୟୟସାଧ୍ୟ ନାଟକୀୟ ଉପକରଣର ଅଭାବ ବିବେଚନାରେ ଏବଂ ପ୍ରତିବେଶୀ ବଙ୍ଗ ସାହିତ୍ୟର ଔପନ୍ୟାସିକ ଉଦ୍ୟମର କୃତିତ୍ୱ ଦୃଷ୍ଟିରେ ନାଟକ କ୍ଷେତ୍ରରେ ଉଦ୍ୟମ ନ କରିବା ତାଙ୍କ ବିଚକ୍ଷଣତାର ପରିଚୟ ।

( ୨ )

ଫକୀରମୋହନଙ୍କର ଆଜଯାଏ ତିନିଖଣ୍ଡ ଉପନ୍ୟାସ ବାହାରି ଅଛି । ଆଉ ଖଣ୍ଡିଏ ଯନ୍ତ୍ରସ୍ଥ ଓ କେତେଖଣ୍ଡ ଅପ୍ରକାଶିତ ଅଛି ବୋଲି ଆମ୍ଭେମାନେ ଜାଣୁ । ଉପନ୍ୟାସ ସୃଷ୍ଟି ଓଡ଼ିଆ ସାହିତ୍ୟରେ ଅଳ୍ପ ଦିନ ହେଲି ଆରମ୍ଭ ହୋଇଅଛି । ଏହି କେତେଦିନ ମଧ୍ୟରେ ଫକୀରମୋହନଙ୍କ ଉପନ୍ୟାସମାନ ସାଧାରଣରେ ବିଶେଷ ଆଦର ପାଇଅଛି, ନିଜ ଗୁଣରେ ପାଇଅଛି । ସ୍କୁଲ୍ କଲେଜର ଛାତ୍ରମାନେ 'ଛମାଣ ଆଠଗୁଣ୍ଠ', 'ମାମୁଁ' ପଢ଼ୁଅଛନ୍ତି । କର୍ତ୍ତୃପକ୍ଷମାନେ ମନୋନୀତ ନ କଲେହେଁ ଆଦର୍ଶ ସାହିତ୍ୟ ବୋଲି ପଢ଼ୁଅଛନ୍ତି, 'ଲଛମା'ର ଅଭିନୟ କରୁଅଛନ୍ତି । ସାହେବ ଏବଂ ବଡ଼ ବଡ଼ ସରକାରୀ କର୍ମଚାରୀମାନଙ୍କର ଓଡ଼ିଆ ପରୀକ୍ଷାର 'ଛମାଣ ଆଠଗୁଣ୍ଠ' ପାଠ୍ୟପୁସ୍ତକ ହୋଇଅଛି । ସୁନ୍ଦର ବ୍ୟବସ୍ଥା । ବାସ୍ତବରେ 'ଛମାଣ ଆଠଗୁଣ୍ଠ'ରେ ଓଡ଼ିଆଭାଷାର ଶକ୍ତି ଓ ପ୍ରକୃତି ଯେପରି ପ୍ରକାଶ ପାଇଅଛି, ନବ୍ୟ ଓଡ଼ିଆ ସାହିତ୍ୟର ଆଉ କୌଣସି ପୁସ୍ତକରେ ସେପରି ପାଇ ନାହିଁ । ଏକା ଭାଷା ନୁହେଁ, ଓଡ଼ିଆ ସାମାଜିକ ଓ ପାରିବାରିକ ଜୀବନର ସୁନ୍ଦର ବିଶଦ ଆଲେଖ୍ୟ ଏଥିରେ ଦେଖିବାକୁ ମିଳେ । କଲିକତାର ସୁପ୍ରସିଦ୍ଧ ଭାଷାଧୁରନ୍ଧର ସ୍ୱର୍ଗତ ହରିନାଥ ଦେ ଓଡ଼ିଆଭାଷାରେ ପରୀକ୍ଷା ଦେଲାବେଳେ 'ଛମାଣ ଆଠଗୁଣ୍ଠ' ପଢ଼ିଥିଲେ । ଏହାର ଭାଷାଚାତୁରୀ ଓ ବର୍ଣ୍ଣନା-ବଳିଷ୍ଠତାରେ ସେ ବିମୋହିତ ହୋଇଥିଲେ; ଲେଖକଙ୍କ ନାମ ଧାମ ବୟସ ଅବସ୍ଥାନ ବିଷୟରେ

Digitized by srujanika@gmail.com

ବହୁତ କଥା ପଚାରିଥିଲେ ଓ ପୁସ୍ତକଟିର ବଂଗଳା ଅନୁବାଦ ହେବା ନିମନ୍ତେ ଆଗ୍ରହ ପ୍ରକାଶ କରିଥିଲେ । ହରନାଥ ଦେଙ୍କ ଶ୍ରେଣୀର ପଣ୍ଡିତଙ୍କଠାରୁ ଏ ଆଦର, ସାମାନ୍ୟ ନୁହେ ।

ଗ୍ରନ୍ଥଟି ଅତି ଉପାଦେୟ । କିନ୍ତୁ ଦୁଃଖର କଥା ଓଡ଼ିଶାରେ ବୋଧହୁଏ ବେଶି ଲୋକ ଏ ଗୁଣ ଚହ୍ନି ନାହାନ୍ତି । ପାଠୁଆ ଲୋକେ ଆଗ ଚିହ୍ନିବାର କଥା । ସେଥିରେ ସଂସ୍କୃତ ପଢ଼ା ପଣ୍ଡିତଙ୍କ କଥା ଗୁଡ଼ । ସେମାନେ ତ ଓଡ଼ିଆ ପଢ଼ିବେ ନାହିଁ, କାରଣ ଓଡ଼ିଆ ପ୍ରାକୃତ ଭାଷା ।

"ବାବୁଯାକ ସବୁ ହେଲେ ଇଂରେଜି ପଢ଼ୁଆ
ଓଡ଼ିଆ କହିଲେ ତାଙ୍କୁ ଲାଗିବ ଅଡ଼ୁଆ ।"

ଇଂରେଜି ନ ହେଲା ବେଳକୁ ବିସ୍ତୀର୍ଣ୍ଣ ବଂଗଳା ସାହିତ୍ୟ ପଡ଼ି ରହିଅଛି । 'ଛମାଣ ଆଠଗୁଣ୍ଠ' ପଢ଼ୁଛି କିଏ ? ନ ପଢ଼ିଲେ ବା କିଣୁଛି କିଏ ? ଲେଖକମାନେ ସାଧାରଣତଃ ଦରିଦ୍ର । ନୂଆ ବହି ବା ବାହାରିବ କୁଆଡ଼ୁ ? କଟକ କଲେଜର ଭୂତପୂର୍ବ ଅଧ୍ୟକ୍ଷ ସୁପଣ୍ଡିତ ସ୍ୱର୍ଗତ ନୀଳକଣ୍ଠ ମଜୁମଦାର ଦିନେ କହୁଥିଲେ, ବଂଗଳାରେ ନୂଆ ବହି ବାହାରିଲେ ସେ ତାହା କିଣନ୍ତି । ସବୁ ବହି ଅବଶ୍ୟ ପଢ଼ନ୍ତି ନାହିଁ । କିନ୍ତୁ ଦେଶ ଲୋକେ ବହି ନ କିଣିଲେ ସାହିତ୍ୟ ଉଠିବ କିପରି ? ଓଡ଼ିଆମାନଙ୍କ ମୁହଁରେ କେବେ ଏ ଭଳି କଥା ଶୁଣାଯିବ ? ସେ ଦିନ 'ଛମାଣ ଆଠଗୁଣ୍ଠ' ରୁ ହଜାରେ ବହି ସରିବା ପାଇଁ ଯୁଗେ (ବାର ବର୍ଷ) ବିତି ଯିବ ନାହିଁ ।

ପ୍ରାୟ ଷୋଳ ସତର ବର୍ଷ ପୂର୍ବେ 'ଛମାଣ ଆଠଗୁଣ୍ଠ' କ୍ରମଶଃ 'ଉତ୍କଳସାହିତ୍ୟ'ରେ ପ୍ରକାଶିତ ହେଉଥିଲା । ସଂଭବତଃ ଅନେକ ପାଠକଙ୍କର ସେହି 'ଉତ୍କଳସାହିତ୍ୟ'ରେ ହିଁ 'ଛମାଣ ଆଠଗୁଣ୍ଠ' ପଢ଼ା ଶେଷ ହୋଇଥିବ । ଆଉ ଥୋକେ ପଢ଼ିବେ ପଢ଼ିବେ ବୋଲି ଏ ପର୍ଯ୍ୟନ୍ତ ପଢ଼ି ପାରି ଅଛନ୍ତି କି ନାହିଁ ସନ୍ଦେହ । କେତେକଙ୍କୁ ନାମ ପର୍ଯ୍ୟନ୍ତ ଜଣା ନଥିବ । ତେଣୁ ସମାଲୋଚନା ପୂର୍ବରୁ 'ଛମାଣ ଆଠଗୁଣ୍ଠ'ର ବର୍ଣ୍ଣିତ ବିଷୟ ସ୍ଥୂଳରେ ସୂଚାଇଦେବା ଆବଶ୍ୟକ ।

Digitized by srujanika@gmail.com

ରାମଚନ୍ଦ୍ର ମଂଗରାଜେ ଗଣବର ପୁଅ । ବିଦ୍ୟା ନାହିଁ, କୁଳ ନାହିଁ । ଥିଲି ଖାଲି କୂଟ ବୁଦ୍ଧି—'ପ୍ରତିବେଶୀ ସତ୍ତ୍ୱ ନାଶେ ସଦା ତତ୍ପର' । 'ଯୋଗ୍ୟଂ ଯୋଗ୍ୟେନ ଯୋଜୟେତ୍' । ବିଧାତା ଜାଣି ତାଂକ ହାତରେ ହତଆର ଖଂଡ଼େ ଦେଇଥିଲେ—ଚଂପା । ସେ ବି ଅଜ୍ଞାତକୁଳଶୀଳା । ପୋଇଲି ହୋଇ ମଂଗରାଜଂକ ଘରେ ତାକୁ ବାସ ମିଳିଥିଲି । କଂତୁ ପୋଇଲି ବୋଲି ପୋଇଲି । ତା ଛଡ଼ା ମଂତ୍ରଣା ନାହିଁ, ଉଦ୍ୟୋଗ ନାହିଁ । ପ୍ରାଣର ଗୃଢ଼-କଥା ଫେଡ଼ି କହିବାକୁ ହେଲେ, ମଂଗରାଜଂକର ଚଂପା । ଆଉ କେହି ତାହା ବିଶେଷ ଜାଣଂତି ନାହିଁ । ତେବେ ଆଉ ଜଣେ ଥିଲି, ଗୋବରା ଜେନା ଚଉକିଦାର । ଗୋବରା ଜେନାର ପାଣି ପାଇରେ ବେଶି ଗତାଗତ । ପାଣମାନେ ଗୈଶ୍ୱ ଡ଼କାଇତି କରଂତି । କଏବି ଗଲେ ମଂଗରାଜେ ତାଂକର ପିଲିକୁଟୁଂବଂକ କଥା ବୁଝଂତି ।

ବାଘ-ସିଂହ-ବଂଶ ସେ ଅଂଚଳର ପୁରୁଣା ଜମିଦାର, ମଂଗରାଜଙ୍କ ଚକ୍ରାଂତରେ ନଷ୍ଟ ହେଲେ । ଶେଷକୁ ଚଂପା ନିଜେ ଯାଇ ତାଂକ ଘରେ ନିଆଁ ଲଗାଇଦେଲି । ନିକଟରେ ଆଉ ଜଣେ ମୁସଲମାନ ଜମିଦାର ଥିଲେ । ସେ ବି ମଂଗରାଜଂକ ଚକ୍ରରୁ ଉଦ୍ଧରିଲେ ନାହିଁ । ଏ ସବୁ ଉପାୟରେ ସଂପତ୍ତି କରି ସୁଦ୍ଧା ମଂଗରାଜଂକ ଦୁର୍ବାର ଲାଳସାର ତୃପ୍ତି ନାହିଁ । କାହାର ଭଲ ଜମି ମାଣେ, କାହାର ଭଲ ଗାଈଟିଏ—ସେଇଥିରେ ଆଖି । ତାଂକ ଗାଆଁରେ ଭଗିଚଂଦ ବୋଲି ଗୋଟିଏ ତଂତି । ତା ମାଇପର ନାମ ସାରଆ । ଦୁହେଁଯାକ ଘରେ ବଡ଼ ଆନଂଦରେ ପବିତ୍ର ଦାଂପତ୍ୟ ଜୀବନର ବିମଳ ସୁଖରେ ଥାଆଂତି । ତାଂକର ଗାଁ ତଳିଆ, କଳାମାଟି ଜମି, ଛ ମାଣ ଅଠ ଗୁଂଠ । ସେଥିରୁ ଯାହା ଭାଗଧାନ ମିଳେ, ସେଥିରେ ତାଂକର ବରଷକ ସୁଖରେ ବିତିଯାଏ । ଘରେ ନେତ ବୋଲି ଗୋଟିଏ ଗାଈ ଥାଏ । ସାରଆ ସେ ଗାଈଟିକୁ ଝିଅପରି ସୁଖ ପାଏ । ମଂଗରାଜଂକ ଆଖି ଭଗିଚଂଦ ଉପରେ ପଡ଼ିଲି । ସେ ଦେଖିଲେ ସାରଆର ପିଲିଝିଲି ନ ଥିବାରୁ ତାର ଭାରି ଦୁଃଖ । ଚଂପାକୁ ଲଗାଇ କୂଟ ଚକ୍ରାଂତ କରି ତା ମନରେ ବିଶ୍ୱାସ କରାଇ ଦେଲେ, ଗାଆଁ ମଂଗଳାଂକ ଦେଉଳଟି ତୋଳାଇ ଦେଲେ ପୁଅ ହେବ । ତାଂକ ଚକ୍ରାଂତରେ ଗ୍ରାମରେ ମଂଗଳାଂକ ପଛଆଡ଼େ ଲୋକ ରହି ସାରଆ ପୂଜା

Digitized by srujanika@gmail.com

ଦେବାବେଳେ ତାକୁ ସେ କଥା କହିଲା । ସାରିଆ ବୁଝିଲା ମଂଗଳା ସାକ୍ଷାତ୍ ଜହିଲେ । ଦେଉଳ ତୋଳାଇବା ପାଇଁ ମଂଗରାଜଂକଠାରୁ ଟଂକା କରଜ ଦେବ ବୋଲି ଚଂପା କହିଲା । ଭଗି ଛ ମାଣ ଆଠ ଗୁଂଠ ରେଜେଷ୍ଟରି କରିଦେଲା । କିଛି ଦିନ ପରେ ଜମି ମଂଗରାଜଂକର ହେଲା । ଘର କୋରଖି ବୋଲି କହି ନେଉକୁ ମଂଗରାଜେ ବାଂଧି ନେଇ ଗଲେ । ଭଗି ବାୟା ହୋଇଗଲା । ସାରିଆ ମଂଗରାଜଂକ ବାଡ଼ି ଦୁଆରେ କାଂଦି କାଂଦି ନ ଖାଇ ନ ପିଇ ମରିଗଲା ।

ମଂଗରାଜଂକ ସ୍ତ୍ରୀ କିଂତୁ ମଂଗରାଜଂକ ପରି ନ ଥିଲେ । ସେ ଗୃହର ଲକ୍ଷ୍ମୀପରି ଥିଲେ । ଭୋକିଲା ଶୋଷୀ ଦେଖୁଥିଲେ । ଦୟା ଧର୍ମ ଥିଲା । ସେ ସୁଲକ୍ଷଣା ସୁଗୃହିଣୀର ସମସ୍ତ ଲକ୍ଷଣରେ ଅଳଂକୃତା ଥିଲେ । ମଂଗରାଜଂକ କ୍ରିୟା ତାଂକୁ ଭଲ ଲାଗୁ ନ ଥିଲା । ମଂଗରାଜ ଚଂପା ଭୋଳରେ ତାଂକ କଥାକୁ କାନଉ ନ ଥିଲେ । ସମୟେ ସମୟେ ଅପମାନ ଓ ଲାଂଛନା ଦେଉଥିଲେ । ଦିନେ ଚଂପା ମଧ୍ୟ ମଂଗରାଜଂକ ଆଗେ ତାଂକୁ ଅପମାନ ଦେଲା । ସେହି ଦୁଃଖରେ ସେ ମରିଗଲେ । ସେ ମରିବା ସଙ୍ଗେ ସଙ୍ଗେ ମଂଗରାଜଂକୁ ଲକ୍ଷ୍ମୀ ଛାଡ଼ିଲା ।

ସାରିଆ ମରିଯିବାରୁ ପୁଲିସ ମକଦ୍ଦମା ହେଲା । ମଂଗରାଜଂକ ବିପଦ ଦେଖି, ପୁଲିସଭୟରେ ଗୋବରା ଜେନା ଓ ଅନ୍ୟାନ୍ୟ ବିଶ୍ୱାସୀ ଚାକରମାନେ ପର୍ଯ୍ୟଂତ ମଂଗରାଜଂକ ବିରୁଦ୍ଧରେ ସାକ୍ଷୀ ଦେଲେ । ଫଳରେ ମଂଗରାଜେ କଏଦ ହେଲେ । ଗୋବରା ଜେନା ବି କଏଦ ହେଲା । ମଂଗରାଜଂକ ପୁଅମାନେ ତାଂକ ଧର୍ମ ଓ କର୍ମର ଅନୁରୂପ । ପାଶା ଖେଳିବା, ନିଶା ଖାଇବା, ଝରଚ ବାରଚ କରି ମଉଜ କରିବା ଇତ୍ୟାଦିରେ ସେମାନେ ବ୍ୟସ୍ତ । ବାପ ଥିବାରୁ ଖରଚ ବାରଚର ସୁବିଧା ହେଉ ନ ଥିଲା । ବାପ କଏଦ ଗଲେ, ସେମାନେ ନିଶ୍ଚିଂତ ।

ଏଣେ ମଂଗରାଜେ ଘରୁ ଗଲା ସଙ୍ଗେ ସଙ୍ଗେ ଘର ବାବରାପୁଞ୍ଜି ହୋଇଗଲା । ଗୋଟିଏ ବାବାଜୀ ଆସି, ଘରୁ ମରୁଆ ବୋଲି ଗୋଟିଏ ପୋଇଲିକି ଶିଖାଇ, ମଝିଆ ବୋହୂଂକ ଅଳଂକାର ଓ ଟଂକା ବାକ୍ସ

Digitized by srujanika@gmail.com

ଚୋରାଇ ମରୁଆକୁ ଘେନି ଚାଲିଗଲା । କେହି ଖୋଜିବାକୁ ନାହିଁ । ଏଣେ ଚମ୍ପା ଘରର ଚାକର ଜଗା ଭଣ୍ଡାରିକି ସାଙ୍ଗ କଲା । କୁଞ୍ଚି ଚୋରିକରି ଜମାଥିବା, ପୋତା ହୋଇଥିବା ଟଙ୍କା ସୁନା ସବୁ ଧରି ବାହାରିଗଲା । ତାହାର ଚରିତ୍ରକୁ ଚାହିଁ ବି ତାହାର ଫଳ ହେଲା । ବାଟରେ ଜଗାର ତାରି କଳି ଲାଗିଲା । ବରଷା ରାତିରେ ନଈ ଉପର ଗୋଟିଏ ଚଟିରେ ଜଗା ତାକୁ ଟୋଟି କାଟି ହତ୍ୟା କରି ଧନଯାକ ନେଇ ଚାଲି ଯାଉଥିଲା । ଧରା ପଡ଼ିବା ଭୟରେ ନାଆରୁ ଡେଇଁପଡ଼ି ପହଁରିଗଲା ବେଳକୁ ତାକୁ କୁମ୍ଭୀର ଖାଇଗଲା । ଚମ୍ପାର ଶବ ୪।୫ ଦିନ ପଡ଼ି ରହିଲା । ପୁଲିସ ତଦାରଖ ହେଲା । ପୁଲିସ ତାର ଶରୀରର ଅଳଙ୍କାରପତ୍ର ସବୁ ନେଇ ସାପକାଟି ମୋକଦ୍ଦମା ବୋଲି ରିପୋର୍ଟ କଲେ । ଶବକୁ ହାଡ଼ିମାନେ ଭସାଇଦେଲେ । କୁମ୍ଭୀର ଖାଇଗଲା ।

ମଙ୍ଗରାଜ ବାଘ ସିଂହ ବଂଶର ଅନୁଗତ କେତେକ ଡମଙ୍କୁ ଏଥିପୂର୍ବେ ଚକ୍ରାନ୍ତ କରି କଏଦ ଦିଆଇଥିଲେ । ଦୁର୍ଭାଗ୍ୟକୁ ଯେଉଁ ଘରେ ସେହି ଡମମାନେ ଥିଲେ, ମଙ୍ଗରାଜଙ୍କୁ ଜେଲରେ ସେହି ଘରେ ରହିବାକୁ ପଡ଼ିଲା । ଗୋବରା ଜେନା ବି ସେହିଠାରେ । ବାୟା ଭଗିଚନ୍ଦ ମଧ୍ୟ ସେହି ଜେଲରେ ଥିଲା, କାରଣ ସେତେବେଳେ ପାଗଲା ଗାରଦ ନ ଥିଲା, ବାୟାମାନେ ଜେଲରେ ରହୁଥିଲେ । ଭଗି ଦିନେ ଜେଲରେ ବୁଲୁ ବୁଲୁ ହଠାତ୍ ମଙ୍ଗରାଜଙ୍କୁ ଦେଖି ତାଙ୍କ ନାକ କାମୁଡ଼ି ଛିଣ୍ଡାଇ ନେଇଗଲା । ଡମମାନେ ବି ରାଗ ଶୁଝାଇବାକୁ ବେଳକାଳ ଉଣ୍ଡୁଥିଲେ । ଦିନେ ରାତିରେ ହଳ ପଡ଼ିଗଲା । ସେମାନଙ୍କ ମାଡ଼ରେ ଗୋବରା ସେହିଠାରେ ମରିଗଲା । ମଙ୍ଗରାଜ ବି ମଲାପରି । ସକାଳୁ ଡମମାନେ କହିଲେ କଏଦି ଦୁହେଁ ବାଡ଼ିଆ ବାଡ଼େଇ ହୋଇ ଏପରି ହୋଇଛନ୍ତି । ଦେଖା ନାହିଁ କି ସାକ୍ଷୀ ନାହିଁ । ମଙ୍ଗରାଜଙ୍କର ବି ଜ୍ଞାନ ନ ଥିଲା । ଡମଙ୍କ କଥାହିଁ ସ୍ଥିର ହେଲା । ଡାକ୍ତର ଦେଖି କହିଲେ ମଙ୍ଗରାଜଙ୍କର ବଞ୍ଚିବାର ଆଶା ନାହିଁ । ଘରକୁ ନେଇ ଚିକିତ୍ସା କରାଇବା ପାଇଁ ପୁଲିସ ଦ୍ୱାରା ମଙ୍ଗରାଜଙ୍କ ଘରକୁ ଖବର ଚାଲିଗଲା । ପୁଅମାନେ କେହି ବାହାରିଲେ ନାହିଁ । ଜଣେ ଚାକର ହଳଟାଏ

Digitized by srujanika@gmail.com

ବିକ କଣ୍ଟକ ଗଲା । ମଂଗରାଜଂକୁ ଆଣିଲା । ପରେ ଜଣେ ଦୂଣିକା ବଇଦ ଲାଗିଲା । ଦେଖୁଁ ଦେଖୁଁ ମଂଗରାଜଂକ କାଳ ହୋଇଗଲା । ମଲା ପୂର୍ବରୁ ବେଳେ ବେଳେ ସେ ବିଳିବିଳେଇ କହୁଥିଲେ 'ଥ-ମା-ଆ-ଗୁଁ' (ଛ ମାଣ ଆଠ ଗୁଂଠ) ।

'ଛମାଣ ଆଠଗୁଂଠ'ର ସ୍ଥୂଳ ବିବରଣ ଦିଆଗଲା । କିଂତୁ ଆଂଭ-ମାନଂକର ସେ ଶକ୍ତି ନାହିଁ ଯେ ପ୍ରକୃତ ଓଡ଼ିଆଭାଷାରେ ପ୍ରକୃତ ଓଡ଼ିଆଭାବ ଚିତ୍ରକରି ଦେଇ ପାରିବୁ । 'ଛମାଣ ଆଠଗୁଂଠ'ର କବିଂକର ଯେ ବିଶେଷତ୍ୱ ଏ ଦେଶର ଅତିଅଳ୍ପ ଲୋକଂକର ଅଛି । ପୁସ୍ତକ ନ ପଢ଼ିଲେ ସେ ସୌଂଦର୍ଯ୍ୟ-ଉପଲବ୍ଧି ହୋଇ ପାରିବ ନାହିଁ । ଥରେ ସେ ପୁସ୍ତକ ପଢ଼ି ବସିଲେ ପାଠକ ନ ସାରି ରହିପାରିବେ ନାହିଁ । ହସିବେ, କେବେ କାଂଦିବେ, କେବେ କେବେ ବା କ୍ରୋଧରେ ଜ୍ୱଳି ଉଠିବେ, ପୁଣି ଅନ୍ୟ କ୍ଷଣ ଘୃଣା କରିବେ, ମୁହୂର୍ତ୍ତକ ପରେ ସ୍ନେହରେ ତରଳିଯିବେ । ଏ ସବୁ କାହିଁକି ? "ଛମାଣ ଆଠଗୁଂଠ" ପ୍ରେମର କାହାଣୀ ନୁହେ । ଏଥିରେ ନାୟକ ନାୟିକାର ବିଷାଦ ନାହିଁ । ପ୍ରେମିକର ବିରହ ନାହିଁ । ମିଳନରେ ଦୌତ୍ୟ-ପାଟବ ନାହିଁ । ପିକବାଣୀ ନାହିଁ । ନିକୁଂଜ ତିରନଦୀର ମଧୁ ମର୍ମର ନାହିଁ । ପ୍ରେମିକ ପ୍ରେୟସୀର ସାହସିକତା ନାହିଁ । ପ୍ରାଣର ଉତ୍କଂଠା ନାଇ । ନୈଶମିଳନର ଉପାୟ ଚିଂତା ନାଇ । ତେବେ ଏହା କି ଅତି ଭୌତିକ କଳ୍ପନାର ଖେଳ ? ଆରବ୍ୟ ରଜନୀର ଗଳ୍ପପରି ଏହା କି ମୁହୂର୍ତ୍ତକ ପାଇଁ ମନୁଷ୍ୟକୁ ଭୁଲାଇଦିଏ ? ତାହା ନୁହେଁ । ସେ ଶ୍ରେଣୀର ଅଦ୍ଭୁତ ବିବରଣ ମନୁଷ୍ୟକୁ କ୍ଷଣକେ ପାଇଁ ମାତ୍ର ଭୁଲାଏ, ନଚାଏ, ହସାଏ, କାଂଦାଏ, ଭୟବିହ୍ୱଳ କରେ; କିଂତୁ ମୁହୂର୍ତ୍ତେ ବିତିଗଲେ, ପଡ଼ା ସରିଗଲେ, ପାଠକ ପୁଣି ଯେଉଁଠାରେ, ସେହିଠାରେ । ଏସବୁ ବିବରଣରେ ପାଠକ ମନରେ କିଛି ସ୍ଥାୟିଭାବ ହୁଏ ନାହିଁ । "ଛମାଣ ଆଠଗୁଂଠ" ପଢ଼ିଲେ ସ୍ଥାୟୀ ଭାବ ଆସେ । ସ୍ୱାଭାବିକତା ତାହାର କାରଣ । କାରଣ, ସୁନ୍ଦର ଓ ଶକ୍ତିଶାଳୀ କଳ୍ପନା ଯେତେ ବିଚିତ୍ର ଓ ଅଦ୍ଭୁତ ହେଉ, ସତ୍ୟର ଆକୃତି ନ ପାଇଲେ ମାନବ ମନରେ ତାହାର କୌଣସି ସ୍ଥାନ ବା ଅଧିକାର ନାହିଁ । ଆମେ ଯାହା ନିତି ଦେଖୁଁ, ଶୁଣୁଁ, ଭୋଗୁଁ, ନିତି ଯେ ସବୁ ବସ୍ତୁ କ୍ରିୟା ସଂଗେ ପରିଚିତ, ସେ ସବୁରେ ପ୍ରାଣ ସ୍ୱଭାବତଃ ଆକୃଷ୍ଟ ହୁଏ ।

Digitized by srujanika@gmail.com

କଳ୍ପନାରେ ସେ ସବୁ ମଧ୍ୟରେ ରହିଲାବେଳେ ଆମ୍ଭମାନଙ୍କୁ ନିଜ କ୍ଷେତ୍ରରେ ରହିଲାପରି ଲାଗେ । ଯେପରି କେତେକାଳର ପରିଚୟ ! ସଙ୍ଗେ ସଙ୍ଗେ ପ୍ରାଣ ସେ ସବୁରେ ମିଶିଯାଏ । 'ଛମାଣ ଆଠଗୁଣ୍ଠ'ର ମଙ୍ଗରାଜ କେବଳ ଗୋବିନ୍ଦପୁରର ନୁହନ୍ତି । ଏ ଦେଶର ଅନେକ ପୁର, ଅନେକ ପଲ୍ଲୀରେ ନାନା ନାମ, ନାନା ଉପାଧିରେ ମଙ୍ଗରାଜଙ୍କର ଅବତାର ଦେଖାଯାଏ । ବହୁତ ମଙ୍ଗରାଜଙ୍କର ଚମ୍ପା ବି ଅଛନ୍ତି । କେତେ ବାଘ ସିଂହ ଘରେ ନିତି ନିଆଁ ଲାଗୁଅଛି । ୫ ଟଙ୍କା କରଜ ଦେଇ ୫୦୦୦ ଟଙ୍କାର ଜମି ନେବାର ଫନ୍ଦି ଦିନ ରାତି ଲାଗିଅଛି । କେତେ ଭଗିଚନ୍ଦ ଜମିବାଡ଼ି ହରାଇ ପାଗଳ ହେଉଅଛନ୍ତି । କେତେ ସାରିଆ ପ୍ରାଣ ହରାଉ ଅଛନ୍ତି । ପୁଲିସ କଳାକୁ ଧଳା କରୁଛନ୍ତି । ମଣିଷ-ମାରୁକୁ ସାପକାଟି କରୁଛନ୍ତି । କେତେ ପୁରୁଣାଘର ଭାଙ୍ଗି ଯାଉଛି, କେତେ ମିଛ ମକଦ୍ଦମାରେ ଜେଲ୍ ହେଉଛି । କେତେଠାରେ 'ଅଧର୍ମ ବିତ୍ତ ଫଳେ ବହୁତ', ପୁଣି 'ଗଲାବେଳେ ଯାଏ ମୂଳ ସହିତ' । ଏସବୁ ବିକଟ ପଙ୍କିଳ ଘଟଣାସ୍ରୋତରେ ସ୍ଥାନେ ସ୍ଥାନେ ଗୋଟିଏ ଗୋଟିଏ ଶୁଦ୍ଧ ସତେଜ 'ସାଆନ୍ତାଣୀ' ମଙ୍ଗରାଜପତ୍ନୀ ବି ଟଳ ଟଳ ହେଉଛନ୍ତି; ପୁଣି କିଛି ଦିନ ପରେ ସେହି ସ୍ରୋତରେ ମିଳାଇ ଯାଉଛନ୍ତି । ପ୍ରକୃତିର ଏହିପରି ନିୟମ, ବେନିୟମ, ଶୃଙ୍ଖଳା, ବିଶୃଙ୍ଖଳା ଚାଲିଛି । ଅନନ୍ତ ସୃଷ୍ଟିର ଚରମ ପରିଣତିରେ କଅଣ ହେବ, ସେ ଭିନ୍ନ କଥା; ମନୁଷ୍ୟ ତାହା ଜାଣେ ନାହିଁ । କିନ୍ତୁ ଦେଖାଯାଏ ଜଗତରେ ବେଳେ ବେଳେ ପାପ ଜିଣିଯାଏ, ଧର୍ମ ହାରିଯାଏ । ପୁଣି ସବୁବେଳେ ତାହା ନୁହେ । ପ୍ରକୃତିର ଏହି ଅନନ୍ତ ବିଚିତ୍ର ଗତିରେ ମନୁଷ୍ୟ ଫଳାଫଳ ଠିକ୍ କରି ପାରିବ ନାହିଁ । ଏହି ବେନିୟମ ଆମ୍ଭେମାନେ ନିତି ଦେଖୁଛୁଁ ଏବଂ ସବୁବେଳେ ମନୁଷ୍ୟ ବୁଦ୍ଧି ହାର ମାନୁଛି । ପ୍ରକୃତିର ଏହି ବୈଚିତ୍ର୍ୟ ଏବଂ ବିଶୃଙ୍ଖଳାର ବିକାଶ, ସାହିତ୍ୟରାଜ୍ୟରେ ନୂତନ । ଆଗେ 'ଅଳଙ୍କାର ଶାସ୍ତ୍ର' ଦ୍ୱାରା ପଦବିନ୍ୟାସ ବନ୍ଧାଥିଲା । ଆଦର୍ଶରେ ଘଟଣାବଳୀ ନିୟମିତ ଥିଲା । ପୁଣ୍ୟର ଜୟ, ପାପର କ୍ଷୟ କଳଙ୍କ ନିଶ୍ଚୟ ଦେଖାଇବାକୁ ହେବ; ତା ନ ହେଲେ ଲୋକଶିକ୍ଷା ହେବ କିପରି ? ପ୍ରକୃତ ଜୀବନର ଘଟଣା ସବୋ ନମିଳୁ ହାନ ନାହିଁ । ଏପରିକି "କବି ପ୍ରସିଦ୍ଧି" ରେ ଯେଉଁ ଫୁଲ ଯେଉଁବେଳେ

Digitized by srujanika@gmail.com

ଫୁଟେ, ତାକୁ ସେତେବେଳେ ଫୁଟାଇବାକୁ ହେବ; କାଣି ଆଖି ହେଉ ପଛକେ ପଦ୍ମ ପଲାଶର ଠାଣି ସେହିଠାରେ ରହିବ । କବି ଫକୀରମୋହନ ଏହି ଶ୍ରେଣୀର ଶିକୁଳି ବଂଧା ବିଧାନକୁ କଟାକ୍ଷ କରି ଚଂପାର ରୂପ ବର୍ଣ୍ଣନାରେ କହିଅଛଂନ୍ତି—

"ଉପେନ୍ଦ୍ରଭଂଜ କହଂନ୍ତି—
ଉଲଟ କଦଳୀ ପ୍ରାୟ ଜାନୁ
ନିତଂବ ଯୁଗଳ ଜିଣି ସାନୁ ।"

ମଂଗରାଜ, ଚଂପା, ଗୋବରା ଜେନା ପ୍ରଭୃତିର ପରିଣାମ ଦେଖି ପ୍ରଥମେ ମନେ ହୋଇପାରେ, କବି ଏହି ଚିରଂତନ ଶଗଡ଼ଗୁଳା ଛାଡ଼ି ପାରି ନାହାଂନ୍ତି । କିଂତୁ ଏତେ ଏତେ ଦେଖିବାକୁ ହେବ, ସାଧୁଶୀଳା 'ସାଆଂତାଣୀ'ଙ୍କର କଅଣ ହେଲା ? ଏଥିରେ ପ୍ରକୃତିର ସ୍ୱାଧୀନ କ୍ରୀଡ଼ା ନାହିଁ କି ? ଇଚ୍ଛା କରି ସବୁବେଳେ ବିଶୃଂଖଳା ଦେଖାଇଲେ ସେ ସ୍ୱାଧୀନତା ରହିବ ନାହିଁ । ବିଶୃଂଙ୍ଖଳାରେ ଶୃଂଙ୍ଖଳା ଆସି ପଡ଼ିଯିବ । ଫକୀରମୋହନ ଭାବି ଚିଂତି ପ୍ରକୃତିକୁ ବିଶୃଂଖଳ କରିବାକୁ ଯାଇ ନାହାଂନ୍ତି । ଆଂଭେମାନେ ନିତି ଯାହା ଦେଖୁଅଛୁଁ, ଭୋଗୁଅଛୁଁ, 'ଛମାଣ ଆଠଗୁଂଠ'ରେ ତାହାହିଁ ପଢ଼ୁ ।

( ୩ )

'ଛମାଣ ଆଠଗୁଂଠ'ର ୧୫ ବର୍ଷ ପରେ ଫକୀରମୋହନଂକ ଦ୍ୱିତୀୟ ଉପନ୍ୟାସ । ସେ, ମାମୁ । ଫକୀରମୋହନଂକ ଶ୍ରେଣୀର କୌଣସି ଲେଖକଂକର ଲେଖା ମଧ୍ୟରେ ଏତେ ବ୍ୟବଧାନ ସ୍ୱାଭାବିକ ନୁହେ । ସେ ଏହି ବ୍ୟବଧାନ ମଧ୍ୟରେ ଏକାବେଳକେ ନୀରବ ଓ କର୍ମହୀନ ନ ଥିଲେ । ଏ ମଧ୍ୟରେ ତାଂକର 'ବୌଦ୍ଧାବତାର' କାବ୍ୟଠାରୁ କ୍ଷୁଦ୍ର କ୍ଷୁଦ୍ର କବିତା ପର୍ଯ୍ୟଂତ କେତେଗୁଡ଼ିଏ କବିତା ଓ ଗଳ୍ପ ବାହାରିଅଛି; କିଂତୁ ଏତେ ଦୀର୍ଘକାଳ ମଧ୍ୟରେ ଫକୀରମୋହନଂକ ପରି ଶକ୍ତିଶାଳୀ ଲେଖକଂକଠାରୁ ଏତେ ଅଳ୍ପ ଲେଖା, ସାହିତ୍ୟ ନିମଂତେ ଅତି ଅଳ୍ପ ଲାଭ ବୋଲି ଅନେକେ ମନେ କରିପାରଂନ୍ତି । ଆଂଭେମାନେ ମଧ୍ୟ ଅନେକ ଦିନ ପର୍ଯ୍ୟଂତ ତାହାହିଁ ମନେ କରିଥିଲୁ । ଓଡ଼ିଶାର ଗ୍ରାମ୍ୟ ଜୀବନ, ଐତିହାସିକ ଘଟନା, ବର୍ତ୍ତମାନ

Digitized by srujanika@gmail.com

ଯୁଗର ବ୍ୟବହାର ଓ ପଦ୍ଧତି ସଂଗେ ଫକୀରମୋହନଂକର ଯେପରି ଘନିଷ୍ଠ ପରିଚୟ, ଏବଂ ବିଷୟ-ବର୍ଣ୍ଣନାରେ ତାଂକର ଯେପରି ସହଜ ଶକ୍ତିମତ୍ତା, ସେଥିରେ ଏହି ପନ୍ଦର ବର୍ଷ ମଧ୍ୟରେ ଅଂତତଃ ୧୫ ଖଂଡ଼ ଉପନ୍ୟାସ ସେ ଓଡ଼ିଆ ସାହିତ୍ୟକୁ ଦେଇ ପାରିଥାଆଂତେ । କିଂତୁ କାର୍ଯରେ ତାହା ହେଲା ନାହିଁ । ସେଥିଲାଗି ଫକୀରମୋହନ ଦୋଷୀ ନୁହଂତି । ଆଂଭେମାନେ ପରେ ଜାଣିପାରିଅଛୁଁ ମାମୁଁ, ଲଛମା ଏବଂ ଅନ୍ୟ କେତେ ଖଂଡ଼ି ଅଦ୍ୟାପି ଅପ୍ରକାଶିତ ଉପନ୍ୟାସ, 'ଛମାଣ ଆଠଗୁଂଠ' ପ୍ରକାଶ ପରେ ଲେଖା ହୋଇଥିଲା । ଲଛମା ମଧ୍ୟ 'ଅପୂର୍ବ ମିଳନ' ନାମରେ 'ଉତ୍କଳସାହିତ୍ୟ'ରେ ପ୍ରକାଶିତ ହୋଇଥିଲା । କିଂତୁ ଉପଯୁକ୍ତ ଆଦର ଓ ଗ୍ରାହକତା ଅଭାବରେ ସେଗୁଡ଼ିକ ଯଥା ସମୟରେ ପ୍ରକାଶିତ ହୋଇ ପାରି ନ ଥିଲା । ସେଥିରେ ଲେଖକଂକର ଧୈର୍ଯ ଓ ଉତ୍ସାହରେ ଶୈଥିଲ୍ୟ ଆସିବାର କଥା । ଦେଶ ତାଂକ ଲେଖାକୁ ଯଥା ସମୟରେ ଆଦର କରିନାହିଁ । ସେ କିଂତୁ ଦେଶର ସାହିତ୍ୟ-ସେବାକୁ ଜୀବନର ବ୍ରତ କରି ଅଛଂତି । ତାଂକ ଲେଖାର ଆକାର, ପରିମାଣ, ଗୁଣ, ଗୁରୁତ୍ୱ ଯାହା ହେଉ ପଛକେ, ତାଂକର ଏହି ସାମାନ୍ୟ ନିଷ୍ଠା ଉତ୍କଳବାସୀର ଆଦର୍ଶ ହେବା ଉଚିତ ।

ଯାହାହେଉ ସେ ଯେଉଁ ଶୁଭଦିନ ଲାଗି ଅନାଇ ରହିଥିଲେ ଆଜି ସେ ଦିନ କ୍ରମେ ଆସୁଅଛି । ଜାତୀୟ ସାହିତ୍ୟର ଆଦର ଦିନକୁ ଦିନ ବଢ଼ୁଅଛି । 'ମାମୁଁ' ଓ 'ଲଛମା' ପ୍ରକାଶ ସଂଗେ ସଂଗେ ଆଦର ପାଇଛଂତି । ସେ ସବୁର ବିଷୟ ଓଡ଼ିଶାର ପାଠକମାନଂକ ମନରେ ଅଦ୍ୟାପି ନୂତନ ରହିଅଛି । ତେଣୁ ସେ ସବୁର ବିଷୟ ସୂଚନା ଏଠାରେ ନିଷ୍ପ୍ରୟୋଜନ ।

'ମାମୁଁ', 'ଛମାଣ ଆଠଗୁଂଠ' ପରି ସଂପୂର୍ଣ୍ଣ ପାରିବାରିକ ଉପନ୍ୟାସ । ଭଣଜାଂକ ପ୍ରତି ମାମୁଂକର ବ୍ୟବହାର ଏଥିର ସାର ବର୍ଣ୍ଣିତ ବିଷୟ । ମାମୁଁ ଭଣଜାଂକର ରକ୍ତ ସଂପର୍କ । ତେଣୁ ପରସ୍ପର ପ୍ରତି ପରସ୍ପରର ସ୍ନେହ ଓ ଅନୁରାଗ ସ୍ୱାଭାବିକ । କିଂତୁ ଅତିରିକ୍ତ ବିଧାନଗୁଡ଼ିକ ମଧ୍ୟ ଜଗତର ନିୟମର ଅଂଶ । ଆଜି ବୋଲି ଆଜି ନୁହେଁ, ଦ୍ୱାପର ଯୁଗରୁ ମଧ୍ୟ ଏପରି 'କଂସମାମୁଁ' ଭାରତରେ ପୁରାଣପ୍ରସିଦ୍ଧ । ମାମୁଂକୁ ଗୃହିଁ ମାଇଁ । ଦୟା ନାହିଁ କି ପ୍ରୀତି

Digitized by srujanika@gmail.com

ନାହିଁ; ସ୍ନେହ ନାହିଁ କି ସରଳତା ନାହିଁ—ନାଜର ବାବୁଂକ ଖାପୀ ବୋଲି ପାଦ ଭୂଇଁରେ ଲାଗୁନାହିଁ । ସାଇ, ପଡ଼ିଶା, ଜ୍ଞାତି, ବନ୍ଧୁ ମନୁଷ୍ୟପଣ ଦେଖଂତ ନାହିଁ । ଗ୍ରେଟଘର ଝିଅ, ନଡ କଂଗୃପଇସା ଦେଖିଲେ; ଜଣକୁ ଦଜଣ ଦାସ ଦାସୀ, ସାଆଂତାଣୀ ବୋଲି ଡାକିଲେ । ସେ ଆଉ ପୃଥିବୀରେ ଚଂଦ୍ର ସୂର୍ଯ୍ୟ ମାନିବେ କିଆଁ ? ଉଭୟଂକର ଉଦ୍ୟମ ଭଣଜାଂକ ସର୍ବସ୍ୱ ଗ୍ରାସ କରିବା । କିଂତୁ ଭଣଜା ନରହରିଟି ବଡ଼ଲୋକର ପୁଅ । "ଯଥା କୁଳେ ଜନ୍ମ ତଥା—ଗରିଷ୍ଠଃ" । ପିଲା ଥିଲା, କ୍ରମେ ବଡ଼ ହେଲା । ଏଂଟ୍ରାନ୍ସ ପାଶ କଲା, କଲେଜରେ ପଢ଼ିଲା, ମାମୁ ମାଇଁଙ୍କ ଗଂଜଣା ସହିଲା । କୂଟଚକ୍ର କିଛି କିଛି ବୁଝିଲା । କିଂତୁ ସବୁ ବିଷୟରେ ନୀରବ, ଧୀର, ଗଂଭୀର । "ଧର୍ମୋ ରକ୍ଷତି ଧାର୍ମିକଂ" । ମାମୁଂକର ଉଦ୍ଦେଶ୍ୟ-ସିଦ୍ଧି ହେଲା ନାହିଁ । ନରୁଂକ ମା ଗୁଂଦମଣି ଭଦ୍ର ପରିବାରର ଝିଅ, କୁଳର ବୋହୂ । ସେ କୁଳୋଚିତ ପାତିବ୍ରତ୍ୟ ଧର୍ମର ଅବତାର । ଉଆସ ଭିତରେ ରହି ସବୁ ଦୁଃଖ ସହୁଛଂତି । ଧାଈମାଂକ ସ୍ନେହ ପାଳନରେ କେବଳ ପୁଅ ଦୁଇଟିଂକୁ ଚାହିଁ ରହିଛଂତି । ଆବାଲ୍ୟ ବିଧବା ଧାଈମା ଚିର ବ୍ରହ୍ମଚାରିଣୀ, ସେବାଲାଗି ସେବା କରିଛଂତି । ପ୍ରଥମେ ଦାଶରଥି ଦାସଂକ ଘରେ, ପରେ ଗୁଂଦମଣି ଉଆସରେ ନିଃସ୍ୱାର୍ଥ-ପର ସେବାବ୍ରତରେ ଜୀବନ କଟାଇଛଂତି । ଆଉଜଣେ, ପେସ୍କାର ବାବୁ । ସେ ନ ଥିଲେ କେଜାଣି ନରହରିଂକ ଦଶା କଣ ହୋଇଥାଂତା ! କୋମଳ-ମତି ବାଳକ । ଦୁଃଖ ବୋଲି କେବେ ପିଲାଦିନୁ ଜାଣି ନାହିଁ । ମାମୁଘରେ ଦାରୁଣ ନିର୍ଯ୍ୟାତନା ଭୋଗି ନୀରବରେ ନଦୀକୂଳେ ବସି କାଂଦୁ କାଂଦୁ କିଏ ଜାଣେ ସେ ନଦୀସ୍ରୋତରେ ଜୀବନସ୍ରୋତ ମିଶାଇ ଦେଇ ନ ଥାଂତେ ? ଈଶ୍ୱର ଯଥା ସମୟରେ ସେଠାରେ ଆଣି ପେସ୍କାରଂକୁ ପହଂଚାଇଲେ । "ଅତ୍ୟୁତ୍କଟୈଃ ପାପପୁଣ୍ୟୈରିହୈବ ଫଳ ମଶ୍ନୁତେ" । ନାଜରଂକ ଅତ୍ୟୁତ୍କଟ ପାପର ଫଳ ପରକାଳ ଯାଏ ଗଲାନାହିଁ । ତାଂକ ନିଜ ହତିଆର ତାଂକ ବେକରେ ବସିଲା । ତାଂକର ଦାସୀ ଚନ୍ଦ୍ରା, ତାଂକ ଶଳା ରାଘବ ତାଂକ ସର୍ବନାଶରେ ନିମିତ୍ତ ହେଲେ ।

ବର୍ଣ୍ଣିତ ଘଟଣାଟି ବଡ଼ ସାଧାରଣ ଓ ସଂକ୍ଷିପ୍ତ । କିଂତୁ ବର୍ଣ୍ଣନାର ବିଶଦତା ଓ ପରିପାଟୀରେ ଏହା 'ଛମାଣ ଆଠଗୁଂଠ'ଠାରୁ ବଡ଼ ପୁସ୍ତକ

Digitized by srujanika@gmail.com

ହୋଇଅଛି । ଏହି ଉଭୟ ପୁସ୍ତକର ବର୍ଣ୍ଣିତ ଘଟନାରେ କେତେକ ସ୍ଥୂଳ ସାମଂଜସ୍ୟ ମଧ୍ୟ ଲକ୍ଷ୍ୟ କରାଯାଇପାରେ । ରାମଚଂଦ୍ର ମଂଗରାଜ ଓ ମାମୁ ନଟବର ଦାସ, ଦୁହେଁ ସମ୍ପଦର ଦୁର୍ବାର ଲାଳସାରେ ଚାଳିତ । କେଉଁଆଡ଼େ ? ଲୋଭରୁ ପାପ, ପାପରୁ ଧ୍ୱଂସ । ମଂଗରାଜ ଘରର ଚଂପା ନାଜର ଘରେ ଚନ୍ଦ୍ରାର ଅବତାର ପାଇଅଛି । ମାମୁର ଉତ୍ତରରାୟଂକ ଉଆସରେ 'ଛମାଣ ଆଠଗୁଂଠ'ର ବାଘସିଂହ ବଂଶର ଛାୟା ପଡ଼ିଅଛି । ମଂଗରାଜଂକ ଶିକାର ଭଗିଚଂଦ; ନାଜରଂକର ସେହିପରି ନୁରୁ । ବଂଶ, ବିଦ୍ୟା, ବୁଦ୍ଧିରେ ଉଭୟଂକ ମଧ୍ୟରେ ପାର୍ଥକ୍ୟ ଥିଲେ ସୁଦ୍ଧା ସରଳତା, ଅମାୟିକତା, ସହିଷ୍ଣୁତାଦି ଗୁଣରେ ଉଭୟଂକ ପ୍ରତି ପାଠକଂକ ମନ ବହୁ ପରିମାଣରେ ଏକଭାବରେ ଆକୃଷ୍ଟ ହୁଏ । ପାଠକର ଦୁଃଖ ଯେ ବିଚରା ଭଗି ବା ସାରିଆଂକ ଆଖିରୁ ଲୁହ ପୋଛି ତାଂକୁ ଆଶ୍ରୟ ଦେବାଲାଗି ଗୋଟିଏ ପେଷ୍କାର ନ ଥିଲେ । 'ଛମାଣ ଆଠଗୁଂଠ'ରେ ସାଆଂତାଣୀଂକ କ୍ଷୀଣହସ୍ତ ସାରିଆ ପାଇଁ ଉଠିଥିଲା । କିଂତୁ ଫଳ କିଛି ହୋଇନାହିଁ । ଏହା ବ୍ୟତୀତ କଚିରିର ବିଚାର, ପୁଲିସର ତଦଂତ, ଓକିଲ ମୁକ୍ତାରଂକ ଫନ୍ଦି, "ଶଂଭଳୀ-ଶୋଷିତ-ସର୍ବସ୍ୱ" ବଡ଼ଲୋକ ପିଲାଂକର ଅପଚାର ପ୍ରଭୃତିରେ ପାଠକ ବହୁତ ସାଦୃଶ୍ୟ ଲକ୍ଷ୍ୟ କରିପାରିବେ । ସର୍ବୋପରି ପରିଣାମର ସୌସାଦୃଶ୍ୟ ଉଭୟ ପୁସ୍ତକ ପଢ଼ିଗଲାମାତ୍ରେ ସ୍ୱତଃ ମନକୁ ଆସେ । ଉଭୟେ ଅଦାଲତରେ ଆସାମୀ । ଉଭୟେ ଅନୁତାପରେ ଜର୍ଜରିତ, କେବଳ ମଂଗରାଜଂକର ଅନୁତାପରୁ ବର୍ତ୍ତିବାର ଅବସର ନାହିଁ । କିଂତୁ ଅଂତିମ ନିର୍ଯାତନା ପ୍ରାୟ ଉଭୟଂକର ସମାନ । 'ମାମୁ' ଟିକିଏ ଅସଂପୂର୍ଣ୍ଣ ପରି ବୋଧହୁଏ । ଘଟନା, ପାଠକର ଆକାଂକ୍ଷା ଅନୁରୂପ ହୋଇଥିଲେ ମାମୁଂକର ଶେଷ କଥା 'ନ-ଇ-ପୁ-ଅ' (ନଇପୁର) ହୋଇ ନ ଥାଂତା, କିଏ କହିପାରେ ?

ଲଛମା ପାରିବାରିକ ଉପନ୍ୟାସ ନୁହେ । ଏହା ଐତିହାସିକ । ଘଟନାର ସତ୍ୟତା ଯାହା ହେଉ ବର୍ଣ୍ଣନାରେ ଅନେକ ଐତିହାସିକ ସତ୍ୟ ଅଛି । ଏହା ଓଡ଼ିଶାର ଏକପ୍ରକାର ଅରାଜକତା ସମୟର ଏକ ଚିତ୍ର । ଓଡ଼ିଶାରାଜାଂକ ଦୀପ୍ତି ପ୍ରାୟ ଲିଭିଯାଉଅଛି । ସାମଂତମାନେ ଇତସ୍ତତ । ମୁସଲମାନ ରାଜତ୍ୱ ଦେଶ ଛାଡ଼ି, ଛାଡ଼ିନାହିଁ । ମରହଟ୍ଟା ବର୍ଗୀମାନଂକର ପୁନଃ ପୁନଃ ଆକ୍ରମଣ

Digitized by srujanika@gmail.com

ଲୁଂଠନ ଅତ୍ୟାଚାରାଦିରେ ସମସ୍ତେ ବିବ୍ରତ । ଧର୍ମଜୀବନ ଅପଦସଂକୁଳ, ସ୍ଥାନେ ସ୍ଥାନେ ଯେ ଗୋଟିଏ ଗୋଟିଏ ଗଡ଼ମାଲିକ ଖଂଡ଼ାୟତ ସାମଂତ ଅଛଂତି, ସେ କେତେବେଳେ ନବାବଂକ ଆଡ଼େ, କେତେବେଳେ ବର୍ଗୀଂକ ଆଡ଼େ ଯୋଗ ଦେଉଛଂତି । ସେମାନେ ବାଟ ଜଗି ଯାତ୍ରୀମାନଂକର ଧନ ଅପହରଣ କରୁଅଛଂତି । ଲଚ୍ଛମା ଏହିପରି ଏକ ପଶ୍ଚିମା ପୁରୀ-ତୀର୍ଥଯାତ୍ରୀଦଳର ଜଣେ ନାରୀ । ବାପ ମା ସ୍ୱାମୀ ସାଂଗରେ ଥିଲେ । ବାଟରେ ରାଇବଣିଆଗଡ଼ ପାଖରେ ବର୍ଗୀ ଆକ୍ରମଣ କଲେ । ସଶସ୍ତ୍ର ବର୍ଗୀମାନଂକ ଆଗେ ଆତ୍ମରକ୍ଷା ଅସଂଭବ । ଯାତ୍ରୀଦଳଟି ଛିନ୍ନ ଭିନ୍ନ ହୋଇଗଲେ । ଲଚ୍ଛମାର ବାପ ମା ବର୍ଗୀଂକ ସହିତରେ ଲଢ଼ାଇରେ ପ୍ରାଣ ହରାଇଲେ । ସ୍ୱାମୀ ସ୍ତ୍ରୀ ଦୁଇଗୋଟି ବଞ୍ଚିଗଲେ । କିଂତୁ କିଏ କେଉଁଠାରେ ରହିଲେ ଜଣାଗଲା ନାହିଁ । ନିରାଶ୍ରୟା ଲଚ୍ଛମା ରାଇବଣିଆଗଡ଼ରେ ଆଶ୍ରୟ ନେଲେ । ସାମଂତପତ୍ନୀ ତାଂକୁ ଝିଅ ପରି ପାଳିଲେ । କିଛିଦିନ ପରେ ବର୍ଗୀ ଆକ୍ରମଣରେ ଗଡ଼ ବିଧ୍ୱସ୍ତ ହେଲା । ସାମଂତପତ୍ନୀ ଯୁଦ୍ଧନିହତ ସାମଂତକ ସହମୃତା ହେଲେ । ଅନାଥିନୀ ଲଚ୍ଛମା ପାନବାଲି ରୂପରେ ବର୍ଗୀସେନା ଛାଉଣିରେ ରହିଲେ । ଏଣେ ଲଚ୍ଛମାର ସ୍ୱାମୀ ଅବସ୍ଥାର ନାନା ବିପର୍ଯ୍ୟୟ ଭୋଗ କରି ଅବଶେଷରେ ଗୋଟିଏ ଯୁଦ୍ଧରେ ନବାବ ଆଲିବର୍ଦ୍ଦିଂକ ପ୍ରାଣରକ୍ଷା କରି ତାଂକ ଗହଣରେ ରହିଲେ । ଲଚ୍ଛମା ଓ ତାର ସ୍ୱାମୀ ଦୁହିଂକର ପ୍ରତିଜ୍ଞା, ପିତୃହଂତା ବର୍ଗୀସେନାପତି ଭାସ୍କର ପଣ୍ଡିତଂକ ନିଧନ । ନବାବ ବାରଂବାର ପରାସ୍ତ ହୋଇ ବର୍ଗୀଂକ ସଂଗେ ସନ୍ଧି କରିବାକୁ ବାଧ୍ୟ ହେଲେ । କିଂତୁ ଲଚ୍ଛମାସ୍ୱାମୀ ବାଦଲ ସିଂହ, ପରାମର୍ଶରେ ମନ୍ତ୍ରଣା ସ୍ଥଳରେ ଭାସ୍କର ପଣ୍ଡିତଂକୁ ହତ୍ୟା କରିବାର ସ୍ଥିର କଲେ । ମନ୍ତ୍ରଣା ବେଳେ ପାନବାଲି ଲଚ୍ଛମା ପଣ୍ଡିତଂକ ସଂଗରେ ଥିଲା । ମନ୍ତ୍ରଣା ଗୃହରେ ବାଦଲ ପଣ୍ଡିତଂକୁ ହତ୍ୟା କଲେ । ସୁଯୋଗ ଦେଖି ଲଚ୍ଛମା ମଧ୍ୟ ଯୋଗ ଦେଲା । ଦୁହେଁ ପିତୃଋଣ ଶୁଝିଲେ । କିଂତୁ କେହି କାହାକୁ ଚହ୍ନିଲେ ନାହିଁ । ଏହି କାର୍ଯ୍ୟ ପରେ ଉଭୟେ ଉଭୟଂକର ଜୀବନର କାର୍ଯ୍ୟ ଶେଷ ହେବା ଜାଣି ଗୟାକ୍ଷେତ୍ରରେ ପିତୃଶ୍ରାଦ୍ଧ କରିବାକୁ ଉପସ୍ଥିତ । ତର୍ପଣ ବେଳେ ପିତୃ ନାମ ଗୋତ୍ରାଦି ଉଚ୍ଚାରଣରୁ ଉଭୟଂକର ଆକସ୍ମିକ ପରିଚୟ । ଏହାହିଁ ଲଚ୍ଛମାର ଅପୂର୍ବ ମିଳନ ।

Digitized by srujanika@gmail.com

ଏ ଉପନ୍ୟାସର ମତ, ଯେନତେନ ପ୍ରକାରେଣ କାର୍ଯ୍ୟ ସାଧନ । ଏ ମତ ଉନ୍ନତ ଜୀବନର ଆଦର୍ଶ ନ ହେଲେହେଁ ଦେଶର ତାତ୍କାଳିକ ଅବସ୍ଥା ଓ ପ୍ରଚଳିତ ବ୍ୟବହାରର ଅନୁପଯୋଗୀ ନୁହେ । ଏହି ମତରେ ବର୍ଗୀ ରାଜ୍ୟ ଲାଭ କରିବାର ଉଦ୍ୟମରେ ଥିଲେ । ମୁସଲମାନ ମଧ୍ୟ ଏଥିରେ ପଶ୍ଚାତ୍ପଦ ନ ଥିଲେ । ଦେଶର ଉତ୍ପୀଡ଼ିତ ପ୍ରଜାକୁଳ ଫଳରେ ଉଭୟ ସଂକଟରୁ ରକ୍ଷା ପାଇବା ଲାଗି ଏହି ମତକୁ ଆଶ୍ରୟ କରୁଥିଲେ । 'ଚତୁରେ ଗୁରୁଶ୍ରୀ'ର କ୍ରୀଡ଼ା ଦେଶମୟ ବ୍ୟାପି ଯାଇଥିଲା ।

(୪)

ସଂସ୍କୃତ ସାହିତ୍ୟରେ ଉପନ୍ୟାସ ଏକାବେଳେକେ ନ ଥିଲା, ନୁହେ । 'କାଦମ୍ବରୀ', 'ଦଶକୁମାର ଚରିତ' ପ୍ରଭୃତି ଯାହା ବର୍ତ୍ତମାନ ମିଳେ, ସେ ସବୁଥିରେ ବର୍ଣ୍ଣନାରେ ଶବ୍ଦଗୁରୁତ୍ୱ, ଅପ୍ରାକୃତ ଅତିରଞ୍ଜିତ ଅଳଂକାର ଛଟା, ବର୍ଣ୍ଣିତ ଘଟନାର ବିଷୟାଂଶ ସଂଶ୍ଳେଷଣରେ ବେଳେ ବେଳେ ଅତିଭୌତିକ ବିଚିତ୍ରତା ପ୍ରଭୃତି ପ୍ରଧାନ ଉପାଦାନ । ଏହି ସଂସ୍କୃତ ସାହିତ୍ୟ ଛଡ଼ା ଭାରତବାସୀ, ପୂର୍ବେ ଆଉ ଏକ ଶ୍ରେଣୀର ଉପନ୍ୟାସ ସଙ୍ଗେ ମଧ୍ୟ ପରିଚିତ ଥିଲେ । ସେ ସବୁ ଆରବ ଓ ପାରସ୍ୟ ଦେଶୀୟ ମୁସଲମାନ ସାହିତ୍ୟର ଉପନ୍ୟାସ । ସେ ସବୁରେ ମୁସଲମାନର ଭୌତିକ ବିଳାସ ବାସନା ଅତିମାତ୍ରାରେ କଳ୍ପନାକୁ ଆକ୍ରମଣ କରିଅଛି । ଯାହା ଦୈନନ୍ଦିନ ନୈସର୍ଗିକ ଜଗତରେ ସମ୍ଭବ ହୋଇ ନାହିଁ, ମନୁଷ୍ୟ, ଜଗତର ସାଧାରଣ କ୍ରିୟା କଳାପରେ ଯାହା କେବେ ଦେଖି ନାହିଁ, ଯାହା କେବେ ଭୋଗି ନାହିଁ, ଭୋଗିବାର ଆଶା ମଧ୍ୟ କରି ନାହିଁ; ଜଗତର ଘଟନା-ସମାଧାନରେ ଯାହା ପ୍ରାକୃତିକ ନୁହେଁ, ସେ ସବୁ ଉପନ୍ୟାସ ସେହି ଅତିମାନୁଷ ବିଚିତ୍ରତାର କଳ୍ପନା ଖେଳ ମାତ୍ର । ଆଧୁନିକ ଇଉରୋପୀୟ ଉପନ୍ୟାସର ଆଦର୍ଶ ଏ ଦୁଇଟିରୁ ପୃଥକ୍ । ଏଥିରେ ପୁରାଣଯୁଗର ଅଦ୍ଭୁତ, ଅତି-ମାନବୀୟ କଳ୍ପନାର ବିଳାସ ନାହିଁ କିଂବା ଅଯଥା ଶବ୍ଦସନ୍ଦର୍ଭ ଓ ଅସ୍ଥାନ ପ୍ରଯୁକ୍ତ ଅତିକୃତ୍ରିମ ଅଳଂକାର ମରୀଚିକାରେ ପାଠକକୁ ଭୁଲାଇବାର ପ୍ରୟାସ ନାହିଁ । ସରଳତା, ସୁବୋଧତା ଓ ସ୍ୱାଭାବିକତାହିଁ ତେଣୁ ଆଧୁନିକ ସାହିତ୍ୟର ତଥା ଉପନ୍ୟାସର

Digitized by srujanika@gmail.com

ଆଦର୍ଶ । ଘଟଣାର କଳ୍ପନାରେ ଜଟିଳତା ଓ ବୈଚିତ୍ର୍ୟର ଅଭାବ ନ ଥାଇପାରେ, କିନ୍ତୁ ଉପନ୍ୟାସ ବସ୍ତୁର କଳ୍ପନା ଓ ଅନୁମାନ ଦୈନନ୍ଦିନ ପ୍ରତ୍ୟକ୍ଷୀଭୂତ ଏବଂ ପ୍ରତ୍ୟକ୍ଷପ୍ରାପ୍ୟ ପ୍ରାକୃତିକ ନିସର୍ଗ-ସୁନ୍ଦର ଘଟଣାବଳି ମଧ୍ୟରେ ପର୍ଯ୍ୟବସିତ ହେଉଅଛି । ବହୁମୁଖୀ ପ୍ରକୃତି ସ୍ୱଭାବରେ ବିଚିତ୍ର । ଅତିପ୍ରାକୃତ ବର୍ଣ୍ଣନା ଓ ଅଳଂକାର ଛଟାରେ ବିଚିତ୍ରତା ଲୋଡ଼ିବାର ପ୍ରୟୋଜନ ନାହିଁ । ପ୍ରକୃତିର ଅନନ୍ତ ଘଟଣାବଳି ଆପାତବିଶୃଙ୍ଖଳ ହେଲେହେଁ ସେହି ବିଶୃଙ୍ଖଳାରେ ଗୋଟିଏ ଅଦ୍ଭୁତ ନୀତି ଓ ଶୃଙ୍ଖଳା ରହିଅଛି । କଳ୍ପିତ ଘଟଣାବଳି ସମାଧାନରେ ସେହି ବିଶୃଙ୍ଖଳ ଶୃଙ୍ଖଳା, ସେହି ସ୍ୱଭାବ ବିଚିତ୍ରତା ଦେଖାଇ ପାରିଲେ, ବହୁମୁଖୀ ପ୍ରକୃତିର କଳ୍ପନାରେ ସେହି ସାରନୀତି ଅନୁବର୍ତ୍ତନ କରିବାରେ କୃତକାର୍ଯ୍ୟ ହେଲେ, ଲେଖକର ଉପନ୍ୟାସ ଅଦ୍ଭୁତ ହେବାର କଥା । ଯେ ଏହି ଦିଗରେ ଯେ ପରିମାଣରେ କୃତୀ, ତାହାର ଲେଖା ସେହି ପରିମାଣରେ ଉନ୍ନତ ଓ ଉପାଦେୟ । ଆଧୁନିକ ବଙ୍ଗାଦି ଭାରତୀୟ ସାହିତ୍ୟରେ ଉପନ୍ୟାସର ଏହି ଆଦର୍ଶ ଗୃହୀତ ହୋଇଅଛି । ଉତ୍କଳର ଫକୀରମୋହନ ମଧ୍ୟ ଏହି ଆଦର୍ଶରେ ଗଠିତ ହୋଇଅଛନ୍ତି ।

ଗୋଟିଏ କଥାରେ କହିଲେ ପ୍ରାକୃତିକତାହିଁ ଏହି ଆଦର୍ଶର ସର୍ବସ୍ୱ । ଘଟଣାର ଆଂଶିକ ସମୂହ କଳ୍ପନା ଓ ଘଟଣାବିଶେଷମାନଙ୍କର ବର୍ଣ୍ଣନାରେ ସ୍ୱାଭାବିକତାହିଁ ଏହି ଆଦର୍ଶର ଏକମାତ୍ର ଲକ୍ଷ୍ୟ । ଏଣୁ ଆଦର୍ଶର ଏହି ପ୍ରାକୃତିକତା ଉପନ୍ୟାସରେ ସ୍ଥୂଳତଃ ଦୁଇ ବିଭାଗରେ ଅନୁସରଣ କରାଯାଇ ପାରେ । ତହିଁ ମଧ୍ୟରୁ ଗୋଟିଏ ଘଟଣାବଳିର ସମାଧାନରେ, କଳ୍ପିତ ବିଷୟାଂଶମାନଙ୍କର ସମନ୍ୱୟରେ ବିଚିତ୍ରତା ଓ ଗୁରୁତ୍ୱ । ଅଦ୍ଭୁତ ବିଚିତ୍ର ଜଟିଳ ଘଟଣା କଳ୍ପନା କରିବାରେ ଆପତ୍ତି ନାହିଁ, କିନ୍ତୁ ସଂସାରରେ ଯାହା ସମ୍ଭବ, କଳ୍ପନା ତାହାକୁ ଛାଡ଼ିବା ଉଚିତ ନୁହେ । ଅନୁମାନ ଓ ବାସ୍ତବ୍ୟତାରେ ବିରୋଧ ଏ ଆଦର୍ଶର ଉଦ୍ଦେଶ୍ୟ ନୁହେ । ଦ୍ୱିତୀୟଟି ଘଟଣାବିଶେଷମାନଙ୍କର ବର୍ଣ୍ଣନାରେ ଦକ୍ଷତା । ସେ ବର୍ଣ୍ଣନା ଯଥାସମ୍ଭବ କଳ୍ପିତ ଘଟଣାକୁ ସଂସାରରେ ପ୍ରକୃତିରେ ଘଟୁଥିବା ଘଟଣା ସଙ୍ଗେ ସମାନ କରି ଦେଖାଇବା ଉଚିତ । ଉପନ୍ୟାସର କଳ୍ପିତ ଘଟଣା ପଢ଼ିଲାବେଳେ ପାଠକ ପ୍ରକୃତ ଘଟିଥିବା

Digitized by srujanika@gmail.com

ଘଟନାର କଥା ପଡ଼ୁଚି ବୋଲି ଭ୍ରମ କରିବା ଉଚିତ । କଳ୍ପନା ଓ ବର୍ଣ୍ଣନାର ଏହି ଦୁଇଟି ବିଭାଗ ଦୁଇଟି ଦିଗରେ ଚାଲେ । ଗୋଟିଏ ଗଠନ କରେ, ଅନ୍ୟଟି ବ୍ୟାଖ୍ୟା କରେ । ଗୋଟିକର ପ୍ରକୃତି ସଂଶ୍ଲେଷଣ; ବିଶ୍ଳେଷଣ କରି ଦେଖାଇଦେବା ଅନ୍ୟଟିର କାର୍ଯ୍ୟ । ବହୁମୁଖୀ ବିବିଧ ଆପାତ ବିଚ୍ଛିନ୍ନ ଘଟନାଗୁଡ଼ିକ କଳ୍ପନାକାରୀ ତାହାର ଚାରୁ ସମନ୍ୱୟରେ ନୈସର୍ଗିକତା ରକ୍ଷା କରିବାର ପ୍ରତିଭା ଗୋଟିଏ ଦିଗରେ ଗତିକରେ । ଏହାର କାର୍ଯ୍ୟ, ଗଠନ ଓ ସଂଶ୍ଳେଷଣ । ଇଟା ଉପରେ ଇଟା ଥୋଇ ସେମାନଙ୍କର ଚାରୁ ସମନ୍ୱୟରେ ଯେପରି ସୁନ୍ଦର ଅଟ୍ଟାଳିକାଦି ନିର୍ମାଣ କରାଯାଏ, ଏ ପ୍ରତିଭା ସେହିପରି ଘଟନାମାନ କଳ୍ପନାକରି ସେମାନଙ୍କର କୁଶଳ ସମାଧାନରେ ଗୋଟିଏ ପ୍ରାକୃତିକ ଓ ରୁଚିର ଘଟନା ପରଂପରା ସୃଷ୍ଟି କରେ । ପକ୍ଷାନ୍ତରେ ଘଟନା-ବିଶେଷର ବର୍ଣ୍ଣନା-ଚାତୁରୀରେ ପ୍ରତିଭା ଠିକ୍ ଅନ୍ୟପ୍ରକାର । ଏହା ଅଟ୍ଟାଳିକାଦିର ରୁଚିର କାରୁକାର୍ଯ୍ୟ ପରି ବର୍ଣ୍ଣନା-ବୈଭବରେ ଘଟନାମାନଙ୍କର ସୌଷ୍ଠବ ସଂପାଦନ କରେ । ପ୍ରତିଭାର ଏହି ବିଶ୍ଳେଷଣ କ୍ରିୟା, ଭାଂଗି ଦେଖାଇଦେବାର ଏହି ପ୍ରକୃତି, ସଂଶ୍ଳେଷଣ କାର୍ଯ୍ୟର, ଗଢ଼ି ନିର୍ମାଣ କରି ସୃଷ୍ଟି କରିବାର, ବିପରୀତ ଦିଗରେ ଗତି କରିବା ସ୍ୱାଭାବିକ । ଅବଶ୍ୟ ଏ ଦୁଇଟି ପରସ୍ପରଠାରୁ ଭିନ୍ନ ହେଲେହେଁ, ପ୍ରକୃତିରେ କଦାପି ବିଚ୍ଛିନ୍ନ ହୋଇ ରହିଂତି ନାହିଁ । ଏକର ଆଧିକ୍ୟରେ ଅପରର ଗୌଣତା ସ୍ଥଳବିଶେଷରେ ଦେଖାଯାଇ ପାରେ; କିଂତୁ ମାନବ ପ୍ରକୃତିରେ ଲେଖକର ପ୍ରତିଭାରେ, ଏ ଦୁଇଟିର ପରସ୍ପର ସଂବଂଧରେ ସ୍ଥାନାବରୋଧକତା ନାହିଁ । ବରଂ ଦୁଇଟିର ସାହଚର୍ଯ୍ୟ ବିନା ଉପନ୍ୟାସ ଲେଖିବା ସଂଭବ ନୁହେ । ଫକୀରମୋହନଂକ ଉପନ୍ୟାସରେ ଦୁଇଟି ଥିଲେ ମଧ ପ୍ରତିଭାର ବିଶ୍ଳେଷଣ କ୍ରିୟାରେ ଫକୀରମୋହନ ଅଧିକତର କୃତୀ । ତାଂକ ଲେଖାରେ ବର୍ଣ୍ଣନାର ପରିପାଟୀ ଅତି ବିଶଦ, ପ୍ରାକୃତିକ ଓ ଜୀବଂତ । ଘଟନାର ସମାଧାନରେ କୃତିତ୍ୱ ନାହିଁ, ଏହା ଆଂଭେମାନେ କହୁନାହୁଁ । ଅଧିକ ହେଉ ବା ଅଳ୍ପ ହେଉ, ଜଟିଳ ହେଉ ବା ସରଳ ହେଉ, ଗଠନ ବିନା ଉପନ୍ୟାସ ସଂଭବ ନୁହେ । ବସ୍ତୁ, ଘଟନା ଓ ଚରିତ୍ରମାନଂକର କଳ୍ପନାହିଁ ଉପନ୍ୟାସର ଜୀବନ । ମଂଗରାଜ, ମାମୁ, ପୁଣି ଆଂଭେମାନେ ଯେତେଦୂର ଜାଣୁ, ଲଛମା—ସମସ୍ତେ କଳ୍ପିତ ଓ କବି-ମସ୍ତିଷ୍କରୁ ଜାତ ।

Digitized by srujanika@gmail.com

ଉପନ୍ୟାସଟିର ପୁସ୍ତକରେ କଳ୍ପିତ ଘଟଣାଗୁଡ଼ିକର ସମନ୍ୱୟ ଓ ସମବାୟ ରହିଅଛି । ଏହି ଘଟଣାମାନ ଜଟିଳ ଓ ଅଦ୍ଭୁତ ନ ହେଲେହେଁ, ଏହି ଘଟଣା ସମାଧାନଠାରୁ ସେମାନଙ୍କର ଚରିତ୍ରରେ ବେଳେ ବେଳେ ଅଧିକତର ନୈପୁଣ୍ୟ ପ୍ରଦର୍ଶିତ ହେଲେହେଁ, କବିଙ୍କର ଘଟଣା ସମନ୍ୱୟର କୌଶଳ ଓ ଗୁରୁତ୍ୱ ଆମ୍ଭମାନଙ୍କର ଏଠାରେ ଆଦୌ ଆଲୋଚ୍ୟ ।

'ମାମୁଁ' ଓ 'ଛମାଣ ଆଠଗୁଣ୍ଠ' ପାରିବାରିକ ଉପନ୍ୟାସ । ମଧ୍ୟେ ମଧ୍ୟେ ସମାଜର ଚିତ୍ର ଓ ସାମାଜିକ ବ୍ୟବହାରାଦି ପ୍ରତି କୁଶଳ କଟାକ୍ଷ ଥିଲେ ମଧ୍ୟ ସେ ସବୁ ଗୌଣ ଓ ଅବାନ୍ତର । ପାରିବାରିକତା ଯେତିକି ସମାଜକୁ ପ୍ରଭାବିତ କରିବା ସମ୍ଭବ, ପରିବାରର ସମାଜ ସଙ୍ଗେ ଯେ ଠିକିକ ସ୍ୱାଭାବିକ ସମ୍ବନ୍ଧ ରହିଅଛି, ଏଥିରେ ତହିଁରୁ ବେଶି ସାମାଜିକ ଭାବ ଲକ୍ଷିତ ହୁଏ ନାହିଁ । ଐତିହାସିକ ବୋଲି 'ଲଛମା'ର ପରିଚୟ । ଅଥଚ ଆମ୍ଭେମାନେ ଯେତେଦୂର କହିପାରୁ, ଏହା ବର୍ଣ୍ଣିତ ସମୟ ଦେଶର ଐତିହାସିକ ଅବସ୍ଥାକୁ ମାତ୍ର ଲକ୍ଷ୍ୟ କରି କଳ୍ପିତ ହୋଇଅଛି । ଭାସ୍କର ପଣ୍ଡିତ, ଆଲିବର୍ଦ୍ଦି ପ୍ରଭୃତି କୌଣସି କୌଣସି ଇତିହାସ-ପ୍ରସିଦ୍ଧ ବ୍ୟକ୍ତିଙ୍କର ଉଲ୍ଲେଖ ଏଥିରେ ଥିଲେ, ମଧ୍ୟ ସେମାନଙ୍କ ମଧ୍ୟରୁ କେହି ଏଥିରେ ଐତିହାସିକ ବ୍ୟକ୍ତି ନୁହନ୍ତି । ବର୍ଣ୍ଣିତ ବିଷୟର କୌଣସି ଘଟଣା ସଙ୍ଗେ ଐତିହାସିକ ଭାବରେ ଏମାନଙ୍କର ସମ୍ବନ୍ଧ ଥିବାର ଆମ୍ଭମାନଙ୍କୁ ଜଣାନାହିଁ । ତେଣୁ କାର୍ଯ୍ୟତଃ ଏହାର ସମାଲୋଚନା ବେଳେ ଐତିହାସିକ ବିଭାବ ପ୍ରତି ଉପେକ୍ଷା କରାଯାଇପାରେ । ପାରିବାରିକ ଜୀବନ ଓ ବ୍ୟକ୍ତି ବା ପରିବାରବିଶେଷର କୌଳିକ ପ୍ରଥା ବା ଧର୍ମ ଓ ସାମାଜିକ ଅଭ୍ୟାସ ବିଶଦ କରିବା, ଏହାର ବିଶିଷ୍ଟ ଉଦ୍ଦେଶ୍ୟ । ଭାସ୍କର ପଣ୍ଡିତଙ୍କର ମତର ଅପଗ୍ରହ, ମୁସଲମାନର କୁଟିଳ ଗୁରୁତ୍ୱ ଓ ରାଇବଣିଆ ଖଣ୍ଡାଏତ କୁଳର କୌଳୀନ୍ୟ, ଆତ୍ମମର୍ଯ୍ୟାଦା ପ୍ରଭୃତି ଏଥିରେ ଯେପରି ପରିସ୍ଫୁଟ, କୌଣସି ଐତିହାସିକ ଘଟଣା ବା ବ୍ୟକ୍ତିବିଶେଷର ଜୀବନକୁ ଜୀବନ୍ତ କରି ଦେଖାଇଦେବା ଏଥିରେ ସେତେ ବିଶଦ ନୁହେ ।

ଉପନ୍ୟାସଟିର ପୁସ୍ତକରେ ବିଷୟର ଘଟଣା ଜଟିଳ ନ ହେଲେହେଁ ସୁନ୍ଦର, ବିଶଦ ଓ ସୁରୁଚିସମ୍ପନ୍ନ । ଆଡ଼ମ୍ବର ନାହିଁ, ଆଡ଼ମ୍ବର ନାହିଁ, କ

Digitized by srujanika@gmail.com

ବିସ୍ମୟୋତ୍ପାଦନର ପ୍ରୟାସ ନାହିଁ । ସବୁଗୁଡ଼ିକ ଗୋଟିଏ ଗୋଟିଏ ଗଳ୍ପପରି ଆରଂଭ ହୋଇ ଶେଷ ହୋଇଅଛି । ସବୁ ଗୁଡ଼ିକରେ ଧାର୍ମିକ ମାନବ ଯେ ଫଳାଫଳ ଇଚ୍ଛା କରେ କବି ସ୍ଥଳରେ ତାହାହିଁ ଦେଖାଇଅଛଂତି । ମଂଗରାଜଂକ ଦୁର୍ଗତି, ମାମୁଂକ ପ୍ରାୟଶ୍ଚିତ୍ତ ଓ ଲଛମାର କାର୍ଯ୍ୟସିଦ୍ଧି, ଏପରିକି ଚଂପା ଓ ଚନ୍ଦ୍ରାର ପରିଣାମ, ଭାସ୍କର ପଣ୍ଡିତଂକ ହତ୍ୟା ପ୍ରଭୃତିରେ ମଧ୍ୟ ଫଳ ପାଠକର ରୁଚି ଓ ଆକାଂକ୍ଷାର ଅନୁକୂଳ ହୋଇଅଛି । ଭଗିଚଂଦ୍ର ଓ ସାରିଆଂକର ଦୁରବସ୍ଥା, ଦାଶରଥିଦାସଂକ ଗୃହିଣୀଂକର ପରିତାପ ଓ ରାଇବଣିଆଦୁର୍ଗ ସ୍ୱାମୀଂକର ପରିଣାମ ପ୍ରଭୃତିରେ ଘଟଣାମାନଂକର କୁଶଳ ସମାଧାନ ଯାହା ହୋଇଅଛି, କବି ବିଶ୍ୱସ୍ତ ଭାବରେ ତାହାହିଁ ଦେଖାଇଅଛଂତି । କାହିଁରେ କୃତ୍ରିମତା ଥିଲାପରି ହୁଏତ ଜଣାପଡ଼ୁନାହିଁ । ପରିଣାମଗୁଡ଼ିକ ଘଟଣାଚକ୍ରରେ ଯେପରିକି ନିଜେ ନିଜେ ଫଳୁଅଛି; ପୂର୍ବ ଘଟଣାମାନଂକର ସ୍ୱାଭାବିକ ପରିପାକରେ ଜନ୍ମିଅଛି; କୌଣସି ଫଳ ଦେଖାଇବା ପାଇଁ, କୌଣସି ପରିଣାମ ଆଡ଼କୁ ନେବାପାଇଁ କବିଂକର ସ୍ପଷ୍ଟ ଉଦ୍ୟମ ବା ବେଦନା ଜଣାପଡ଼ୁ ନାହିଁ; ସରଳ ପ୍ରାକୃତିକ କୌଣସି ଘଟଣା, କୌଣସି ବାସ୍ତବ ଘଟଣାର ବର୍ଣନା କଲାବେଳେ ଯେପରି ହେବାର କଥା, ସେହିପରି ବିଷୟ, ନିଜେ ନିଜେ ଯେପରିକି ଘଟଣାରୁ ଘଟଣାଂତରକୁ ଚାଲି ଯାଉଅଛି । ସେ ସବୁରେ କଳ୍ପନାର କୃତ୍ରିମତା ଲକ୍ଷ୍ୟ କରିବାକୁ ପାଠକର ଅବକାଶ ନାହିଁ ।

କଳ୍ପିତ ଘଟଣାବଳୀର ଆରଂଭ ବା ଅବତାରଣାରେ କୌଣସିଠାରେ ସାହସିକତା ଦେଖାଇବାକୁ କବି ପ୍ରୟାସ କରି ନାହାଂତି । ଚରିତ୍ରଗୁଡ଼ିକୁ ସବୁଠାରେ ବିଷୟର ମୂଳରୁ ଆରଂଭ କରି ଶେଷ କରିଅଛଂତି । ଘଟଣାକୁ ମଝିରୁ ଆକସ୍ମିକ ଭାବରେ ଆରଂଭ କରି ପାଠକକୁ ଅଦ୍ଭୁତ ବିସ୍ମୟରେ ଚରିତ୍ର ବିକାଶ ଦେଖିବାକୁ କବି ସୁବିଧା ଦେଇ ନାହାଂତି । ଏହି ସମ୍ପର୍କରେ କବିଂକର ଗୋଟିଏ ବିଶେଷତ୍ୱ ପ୍ରତି ଲକ୍ଷ୍ୟ କଲେ ଅସମୀଚୀନ ହେବ ନାହିଁ । ଚଂପାର ଚରିତ୍ର ଚିତ୍ରଣରେ 'ଖବରଦାର ଗୋବରା ଜେନା ଚୌକିଦାର'ରେ ରୁଚିର ଅନୁରୋଧରେ କବି ଘଟଣାର ବିଶେଷ ବ୍ୟାଖ୍ୟା ନକରି ଯେପରି କୌଶଳରେ ପାଠକର ଅନୁମାନ ଓ କଳ୍ପନା ଉପରେ ନିର୍ଭର କରିଅଛଂତି

Digitized by srujanika@gmail.com

ସେଥିରେ ପାଠକର କୌଣସି ଅଦ୍ଭୁତ ବିସ୍ମୟର ଉଦ୍ରେକ ନ ହେଲେହେଁ, ଏହିଭଳି ସୂଚନାମାନଙ୍କର ଚିତ୍ରଣର ଯେ ବିଶେଷତ୍ୱ ଅଛି ତାହା ପାଠକମାତ୍ରେ ଅନୁଭବ କରିବେ । ଏ ବିଶେଷତ୍ୱ ଆଂଶିକ ଭାବରେ କବିଙ୍କର ସମସ୍ତ ଲେଖାରେ ଦେଖାଯାଏ ।

ଘଟନା-ବିନ୍ୟାସରେ ଅଦ୍ଭୁତ ଓ ବିସ୍ମୟୋତ୍ପାଦକ ବିଚିତ୍ରତା ଥାଉ ବା ନ ଥାଉ, ଚରିତ୍ର ଚିତ୍ରଣରେ ଫକୀରମୋହନଙ୍କ ଲେଖନୀ ସୁନିପୁଣ । ଯେଉଁ ଚରିତ୍ରକୁ ସେ ଯାହା କରିବେ ବୋଲି ବିଚାର ଅଛନ୍ତି, ବିକାଶ ପ୍ରଣାଳୀର ଚାରୁ ବର୍ଣ୍ଣନାଚାତୁରୀରେ ସେଥିରେ ସେ ସର୍ବତ୍ର କୃତକାର୍ଯ୍ୟ ହୋଇଅଛନ୍ତି । ଘଟନାର ପରମ୍ପରା କେବେହେଁ ସ୍ୱାଭାବିକତା ଛାଡ଼ିନାହିଁ, କିମ୍ବା ଘଟନାମାନଙ୍କର ରୁଚିକର ଓ ସୁଚାରୁ ସମନ୍ୱୟରେ କବି ପ୍ରାୟ କୌଣସିଠାରେ ବିବ୍ରତ ହୋଇ ପଡ଼ିନାହାନ୍ତି । ପଙ୍କିଳ ଓ କଳୁଷପୂର୍ଣ୍ଣ ମଙ୍ଗରାଜଙ୍କ ସଂସାରରେ ଦେବଭାବମୟୀ ଗୃହଲକ୍ଷ୍ମୀ ସାଆନ୍ତାଣୀଙ୍କ ସୁଗୃହିଣୀ-ସୁଲଭ ପବିତ୍ର ଓ ଧର୍ମଭାବ, ନଟବରଙ୍କ ଉଚ୍ଛୃଙ୍ଖଳ ଅତ୍ୟାଚାରରେ ଚାନ୍ଦମଣିଙ୍କ ଧୀରତା ଓ ସହିଷ୍ଣୁତା, କପଟତାମୟ ପଠାଣ କର୍ମଚାରୀଙ୍କ ମଧ୍ୟରେ ଦୁର୍ବଳ ଆଲିବର୍ଦ୍ଦିଙ୍କ ସ୍ୱଭାବ-ସୁଲଭ ଧର୍ମଭୀରୁତା ପ୍ରଭୃତି କଠିନ ଚରିତ୍ର ମଧ୍ୟ କବି ଧୀର କୁଶଳ ଭାବରେ ସମାଧାନ କରିଅଛନ୍ତି । ବ୍ୟଗ୍ରତାର ଲେଶ ନାହିଁ, କୁତ୍ରାପି ଧୈର୍ଯ୍ୟର ଅଭାବ ଦେଖାଯାଇ ନାହିଁ । ମଙ୍ଗରାଜଙ୍କର ଚରିତ୍ରର କଦର୍ଯ୍ୟତା ପ୍ରତିପାଦନ କରିବା ପାଇଁ ଚମ୍ପାର ଚାତୁରୀରେ ବାଘସିଂହ ଘର ପୋଡ଼ାଇ ଦେବାଠାରୁ ଗୋବିନ୍ଦ ଜେନା ଓ ତାଙ୍କ ସାହଚର୍ଯ୍ୟରେ ଡକାୟତି ଓ ମୁସଲମାନ ଜମିଦାରର ଧ୍ୱଂସ ପର୍ଯ୍ୟନ୍ତ ସବୁ ଯେପରିକି ମଙ୍ଗରାଜ ଚରିତ୍ରର ସ୍ୱଭାବ-ବର୍ଦ୍ଧନ ପରି ଲେଖା ହୋଇଅଛି । କୌଣସିଠାରେ ମଙ୍ଗରାଜ ଚରିତ୍ରକୁ କଦର୍ଯ୍ୟ କରିଦେବାକୁ କବି ଇଚ୍ଛା କରିଅଛନ୍ତି, ଏପରି କିଛି ଜଣା ପଡ଼ୁନାହିଁ । ଅବଶ୍ୟ ପତ୍ନୀର ପ୍ରେରଣା ଓ ଈର୍ଷ୍ୟାଜାଲରେ ବିମୋହିତ ହୋଇ କୌଶଳୀ ନଟବର ନୁରୁ ବାବୁଙ୍କ ପ୍ରତି ଅନବଧାନତା ଦେଖାଇବାରେ ଚରିତ୍ର ଚିତ୍ରର ସ୍ୱାଭାବିକତା ଟିକିଏ ପ୍ରତିହତ ହୋଇଅଛି ବୋଲି କେହି କେହି ଅନୁମାନ କରିପାରନ୍ତି । ମାତ୍ର ଉତ୍ତରରେ କୁହାଯାଇପାରେ, ଯେତେ ବୁଦ୍ଧିମାନ୍, ଚତୁର ଓ କୌଶଳୀ ହେଲେହେଁ କିଂ ବୁଝନ୍ତି ନ ବୁଝନ୍ତି

Digitized by srujanika@gmail.com

କାମିନୀ-ବଶଗା ନରାଃ' । ବିଚକ୍ଷଣ ରାଷ୍ଟ୍ରପତି ବିଦ୍ୟାନୁରାଗୀ ପଣ୍ଡିତ ଭୋଜ-ରାଜାଂକ ସଂବଂଧରେ ବି କଥା ଅଛି, 'ଯତ୍ର କାମିନ୍ୟା ପ୍ରସାଦାସ୍ତୁ ନୃପତି-ର୍ଯୌଟକାସ୍ତୁତେ' । ହେଲେହେଁ ଚନ୍ଦ୍ରକଳାସକ୍ତ ନଷ୍ଟବିରଂକଠାରେ ବିଣାଖାଂକ ଏ ଆଧିପତ୍ୟ, ପାରମ୍ପର୍ଯ୍ୟରେ ଏତେ ପ୍ରୌଢତ୍ୱ, ସଂଭବ ଓ ସ୍ୱାଭାବିକ ତ ?

ଲଛମାର ଚରିତ୍ର ମଧ୍ୟ ଏହି ହିସାବରେ ଆଲୋଚନା କଲେ ଘଟନା ସାମଂଜସ୍ୟର କୌଶଳରେ କେତେ କେତେ ଆଶଂକା କରି ପାରଂତି । ପ୍ରଥମ କଥା କବିକଳ୍ପିତ ଘଟନାରେ ପାଠକଂକୁ ଲଛମାର ଭାଗ୍ୟ ଉପରେ ବହୁତ ନିର୍ଭର କରିବାକୁ ପଡ଼େ । ଗୋଟିଏ ଆକସ୍ମିକ ଦୁର୍ଘଟଣାରେ ସେ ପିତା-ମାତା ଓ ପତିଂକୁ ହରାଇଲେ । ପୁଣି ବାଇବଣିଆ ଦୁର୍ଗରେ ମଧ୍ୟ ସେହିପରି ଆଉ ଗୋଟିଏ ଆକସ୍ମିକ ଦୁର୍ଘଟଣା । ଦୁର୍ଘଟଣା ସାହାଯ୍ୟରେ ଘଟନାର ସମାଧାନ କବିଂକର କୌଶଳ ପକ୍ଷରେ ଟିକିଏ ବାଧାଜନକ ହୋଇପାରେ । କିଂତୁ କଥା ଅଛି, 'ଛିଦ୍ରେଷ୍ୱନର୍ଥା ବହୁଳୀଭବଂତି' । ଜଗତରେ ଜଣ ଜଣଂକ ଭାଗ୍ୟରେ ଭଗବାନ୍ ବାସ୍ତବିକ ଏପରି ଦୁର୍ଘଟନାବଳି ଯେ ଘଟାଇ ନ ଥାଂତି ତାହା ନୁହେ । ଘଟନାର ଏପରି ଆକସ୍ମିକତା ବେଳେ ବେଳେ ମାନବ ସଂସାରରେ ଅତ୍ୟଂତ ସ୍ୱାଭାବିକ ଓ ସମୀଚୀନ । କବି ଏପରି ଆକସ୍ମିକ ଘଟଣାମାନଂକ ଉପରେ ନିର୍ଭର କରିବା ଏକାବେଳେକେ ଅସଂଗତ ବୋଲି କୁହାଯାଇ ନ ପାରେ । ଅବଶ୍ୟ ଏଠାରେ କହି ରଖିବା ଉଚିତ, ଶେଷରେ ବାଦଲ୍ ସିଂହ ଓ ଲଛମାର ଅପୂର୍ବ ମିଳନ ଗୟାକ୍ଷେତ୍ରରେ ଏହିପରି ଗୋଟିଏ ଅଚିଂତିତପୂର୍ବ ଆକସ୍ମିକ ଘଟନାରେ ନ ହୋଇଥିଲେ ବିଷୟର ପ୍ରାକୃତିକ ବିକାଶରେ ସମାଲୋଚକର ଏତେ ସଂଦେହ ହୁଅଂତା ନାହିଁ । କବି ବୋଧହୁଏ ସେଥିପାଇଁ ଜାଣି ଏହି ପୁସ୍ତକର ନାମ 'ଅପୂର୍ବ ମିଳନ' ରଖିବେ ବୋଲି ପ୍ରଥମେ ଇଚ୍ଛା କରିଥିଲେ ।

ଆଉ ଗୋଟିଏ କଥା । ହିଂଦୁର କୁଳସ୍ତ୍ରୀ ଲଛମା ଘୋର ଜିଂଘାସା ବୃତ୍ତିର ବଶବର୍ତ୍ତୀ ହୋଇ ପୁରୁଷ ବେଶରେ ଭାସ୍କର ପଣ୍ଡିତଂକ ଶିବିର ସଙ୍ଗେ ସଙ୍ଗେ ପାନ ବିକି ବୁଲିବା କାହାରି କାହାରିକୁ ରୁଚିର ପ୍ରତିକୂଳ ବୋଧ ହୋଇପାରେ । ମାତ୍ର କବିଂକର ସମସ୍ତ ଉପନ୍ୟାସ ଏକତ୍ର ବିଚାର

Digitized by srujanika@gmail.com

କରି ବସିଲେ ଏପରି ସନ୍ଦେହର ସ୍ଥାନ ନାହିଁ । ସାଆଂତାଣୀ, ଚନ୍ଦ୍ରମଣି, ସରସ୍ୱତୀ, ସାରିଆ, ମଗୁଆ, ବିଶାଖା, ଚଂପା, ଚନ୍ଦ୍ରା ପ୍ରଭୃତିଙ୍କ ଚରିତ୍ର ପାଖେ ଲଛମାର ଚରିତ୍ର କିଛୁ ଅସଙ୍ଗତ ନୁହେ । ଲଛମାକୁ ଗୋଟିଏ ସ୍ୱତଂତ୍ର ଉପନ୍ୟାସର ନାୟିକା ବୋଲି ନ ଭାବି କବିଂକର ବିବିଧ ଜାତୀୟ ନାରୀଚରିତ୍ର ମଧ୍ୟରେ ଗୋଟିଏ ବୋଲି ଭାବିଲେ ସେହି ଲଛମା, ରୁଚିର ଅଭାବ ପରିବର୍ତ୍ତରେ କବିଂକର ବିବିଧ ଜାତୀୟ ନାରୀଚରିତ କଳ୍ପନାର ବୈଭବ ବଢ଼ାଇବ । ଲଛମା ପରି ପୁରୁଷପ୍ରକୃତି ନାରୀ ମାନବ ସଂସାରରେ କଦାପି ଅତିକଳ୍ପନା ନୁହେ । ତେବେ ରାଇବଣିଆ ଡ଼େରୁ ବାହାରିବା ପୂର୍ବରୁ ପାଠକ ଲଛମା ଚରିତ୍ରରେ ଏ ପୁରୁଷ ଭାବ ଲକ୍ଷ୍ୟ କରିବାକୁ ସମର୍ଥ ହେବା ଉଚିତ ।

ଏତିକି ମାତ୍ର କୁହାଯାଇପାରେ, ବର୍ତ୍ତମାନ ଉପନ୍ୟାସ ରାଜ୍ୟରେ ପୁସ୍ତକର ନାମକରଣରେ ଯେ ରୀତି ଦେଖାଯାଉଅଛି, ସେ ରୀତି-ନିକଟରେ ଦେଖିଲେ, 'ଲଛମା'ର ନାମକରଣରେ କେହି କେହି ଦୋଷ ଦେଖିପାରଂତି । ନାରୀଚରିତ୍ରରେ କଂଧାସାର ଘୋର ରୁକ୍ଷ ପୁରୁଷତା ଆରୋପ କରି, ସେହି ଚରିତ୍ରକୁ ଗ୍ରଂଥର ଶ୍ରେଷ୍ଠ ଚରିତ୍ର ବୋଲି ଜ୍ଞାପନ କରିବା କୌଣସି କୌଣସି ପାଠକଂକ ରୁଚିରେ ଟିକିଏ ଆଘାତ ଦେଇପାରେ । କିଂତୁ ଏହା ବୋଲି ମୋଟ ଉପରେ କବିଂକର ନାମକରଣ ପରିପାଟୀ ବିଗୃରକରି ଦେଖିଲେ ଦେଖାଯିବ, ସେ କୌଶଳରେ କବି ବାଳକ ନୁହଂତି । 'ମାମୁ'ର ନାମକରଣ ସୁନ୍ଦର ଓ ସମୀଚୀନ । 'ମାମୁ' କଥାଟିରେ ପାଠକ ଯାହା ବୁଝେ ପୁସ୍ତକର ନାମକରଣରେ ସେ ଅର୍ଥ ନାହିଁ । 'ମାମୁ' ଏଠାରେ 'କଂସମାମୁ' । 'ମାମୁ'ର ଏହି 'କଂସମାମୁତ୍ୱ' ବିକାଶରେ ଏ ପୁସ୍ତକ ନିୟୋଜିତ । 'ମାମୁ' ନ କହି ଏ ପୁସ୍ତକକୁ ନଟବର କହିଥିଲେ ହୁଅଂତା ନାହିଁ । 'କଂସମାମୁ' କହିଥିଲେ ଶିରୋନାମାରେହିଁ ରହସ୍ୟଭେଦ ହୋଇଯାଆଂତା । ସମସ୍ତ ଉପନ୍ୟାସଟି 'କଂସମାମୁ' ଶବ୍ଦର ଗୋଟିଏ ନୀରସ ବିଶଦବ୍ୟାଖ୍ୟା, ଟୀକା କିଂବା ଭାଷାରେ ପରିଣତ ହୁଅଂତା । ନାମକରଣ ପାଠକର ପୁସ୍ତକପାଠରେ ଉତ୍ତରୋତ୍ତର ଆଗ୍ରହ ବଢ଼ାଇବାରେ ତାଦୃଶ ସାହାଯ୍ୟ କରଂତା ନାହିଁ । ନାମକରଣର କୌଣସି ବିଚିତ୍ରତା ଦେଖାଯାଂତା ନାହିଁ । ନାମର ଶକ୍ତି ଓ ରହସ୍ୟରେ

Digitized by srujanika@gmail.com

ପୁସ୍ତକର ଘଟନାବଳି ସର୍ବତୋଭାବରେ ପ୍ରଭାବିତ ହେବାହିଁ ନାମକରଣର କୁଶଳତା । 'ମାମୁଁ'ରେ ପ୍ରଧାନ ଶକ୍ତିଶାଳୀ ଚରିତ୍ର ନଟବର ଦାସ । ତାଂକର କୂଟନୀତି, ତାଂକର କୁଟିଳ ଆତ୍ମମଂତ୍ରଣା, ତାଂକର ଲାଳସାର ଚରମାଂତ ଫଳବା ପାଇଁ, ତାଂକର ଚରିତ୍ରର ସ୍ୱାଭାବିକତା ପ୍ରତିପାଦନ କରିବାପାଇଁ, ତାଂକର ଅନୁତାପର ଉପଯୁକ୍ତ ହେତୁ ଯୋଗାଇବା ପାଇଁ, ତାଂକର ପାପର ପରିପାକ ଦେଖାଇବା ପାଇଁ, ଯେପରି କି ଉପନ୍ୟାସର ଘଟନା ପରଂପରା କଳ୍ପିତ ହୋଇଅଛି । କିଂତୁ ଉପନ୍ୟାସରେ ନଟବରଂକର ସେ ଚରିତ୍ର ଦାଶରଥି ଦାସଂକର ପୁଅ ବା ବିଶାଖାଂକର ସ୍ୱାମୀ ରୂପରେ ଦେଖାଇବା କବିଂକର ଉଦ୍ଦେଶ୍ୟ ନୁହେଁ । 'ମାମୁଁ' ରୂପରେ ତାହା ପ୍ରକଟିତ । ତେଣୁ 'ମାମୁଁ'ହିଁ ପୁସ୍ତକର ନାମ । ସେ 'କଂସମାମୁଁ' ହେବେ କି 'କୃଷ୍ଣମାମୁଁ' ହେବେ, ସେ ବିଚାର ପାଠକଂକର । କବି ତାହା ମୂଳରେ କହିବେ ନାହିଁ । ଘଟନାବଳୀର ନାଟକୀୟ ଶକ୍ତିବଳରେ ପାଠକଂକ ପ୍ରତି ଇଂଗିତ ମାତ୍ର କରିବେ । ପାଠକ ତାହା ଅନୁମାନ କରିବେ ।

ସବୁଠାରୁ ବିଚିତ୍ର କିଂତୁ 'ଛମାଣ ଆଠଗୁଂଠ'ର ନାମକରଣ । ଏଥିରେ ନାମରେ କୌଣସି ବ୍ୟକ୍ତିର ନାମ ନାହିଁ । ମଂଗରାଜ ଏହାର ଶ୍ରେଷ୍ଠ ନାୟକ ହେଲେହେଁ ପୁସ୍ତକର ନାମରେ ତାହାଂକର ନାମ ନାହିଁ । ଏହା ଗୋଟିଏ ବସ୍ତୁର ନାମରେ ନାମିତ । ତାହା ପୁଣି ଅତି ଅଦ୍ଭୁତ ଭାବରେ । ପାଠକ ଦେଖି ମୁଗ୍ଧ, ବିସ୍ମିତ ଓ ଚମତ୍କୃତ ହୁଅଂତି । ମଂଗରାଜଂକ କୁଟିଳ, ଅତିଲୋଭ ପରବଶ, ଚତୁରତାମୟ ଜୀବନର ବିକାଶ ଓ ଭାଗ୍ୟର ଅଚିଂତିତ-ପୂର୍ବ ପରିଣାମ, ସବୁ ଯେପରିକି 'ଛମାଣ ଆଠଗୁଂଠ'ରେ ଗୁଂଥା ହୋଇଅଛି । ପୁସ୍ତକ ବର୍ଣ୍ଣିତ ସମସ୍ତ ଘଟନା ମୁଖ୍ୟ ଓ ଗୌଣ ଭାବରେ ଯେପରିକି ମଂଗରାଜଂକର 'ଛମାଣ ଆଠଗୁଂଠ' ଜମି ଲୋଭରେ ପ୍ରଣୋଦିତ ଓ ପ୍ରଭାବିତ ରହିଅଛି । 'ଛମାଣ ଆଠଗୁଂଠ' ଜମି ବିଷୟ ଲେଖିବା ଆଗରୁ କବି ମଂଗରାଜ-ଚରିତ୍ର-ବିକାଶର ଯେ ପୂର୍ବରଂଗ ଦେଖାଇଅଛଂତି, ସେ ସବୁ 'ଛମାଣ ଆଠଗୁଂଠ'ର ଲୋଭ ଭଳି କୁତ୍ସିତ ସ୍ପୃହାପ୍ରବଣ ଲାଳସା ଯେ ମଂଗରାଜ ଚରିତ୍ରରେ ସମ୍ପୂର୍ଣ୍ଣ ସମ୍ଭବ, ଏହାହିଁ ପ୍ରତିପାଦିତ କରୁଅଛି । 'ଛମାଣ ଆଠଗୁଂଠ' ଶବ୍ଦରେ

Digitized by srujanika@gmail.com

ଘଟନାବଳି ପୂର୍ଣ୍ଣଭାବରେ ଜୀବଂତ ରହିଅଛି । ମଂଗରାଜେ ପୁସ୍ତକର ଶ୍ରେଷ୍ଠ ଚରିତ୍ର । ଉପଚରିତ୍ର ସବୁ ତାଂକର ଚରିତ୍ର ବିକାଶର ଅଂଗ । 'ଛମାଣ ଆଠଗୁଂଠ' ମଂଗରାଜଂକ ସମ୍ପଦର ସ୍ୱପ୍ନ, ଜୀବନର ସ୍ୱର୍ଗ ଓ ମରଣର ଶ୍ମଶାନ । ନାମଟିରେ କୌତୂହଳୋଦ୍ଦୀପକ ବିଚିତ୍ରତା ପୂର୍ଣ୍ଣମାତ୍ରାରେ ରହିଅଛି । ପୁସ୍ତକ ଆରଂଭରେ ନାମ ଦେଖି ପାଠକ ବିସ୍ମିତ । 'ଛମାଣ ଆଠଗୁଂଠ' କଳାମାଟି ଗାଁ ତଳିଆ ଜମିର ବର୍ଣ୍ଣନାରେ ବି ସେ ବିସ୍ମୟର ବିରୋଧ ନାହିଁ । ଚଂପାର ଚକ୍ରାଂତରେ ବିସ୍ମୟର ତୃପ୍ତି ନାହିଁ । ଭଗିଚଂଦ ଓ ସାରିଆର ଦୁର୍ଗତିରେ ମଧ୍ୟ ସେ ବିସ୍ମୟର ବିରାମ ନାହିଁ । ଶେଷ 'ଅ-ମା-ଆ-ଗୁଁ' ପର୍ଯ୍ୟଂତ ସେହି ବିସ୍ମୟ-କୌତୂହଳ ପାଠକକୁ ଯେପରିକି ଟାଣିନେଇ ଯାଉଅଛି । ନାମକରଣରେ ଏ କୌଶଳ, ନାମ ସଙ୍ଗେ ଗ୍ରଂଥ ଶରୀରର ଏ ବିଚିତ୍ର ସମ୍ବଂଧ, ଗ୍ରଂଥପାଠରେ ନାମର ଏ ମୋହନ ମରୀଚିକା, ସାହିତ୍ୟରାଜ୍ୟରେ କ୍ୱଚିତ୍ ଆଶା କରାଯାଏ । ଘଟନାରାଶିର ଅଂଗାଂଗୀ ଭାବରେ ସୁରୁ ସଂଶ୍ଳେଷଣ ଓ ସମାଧାନ ଘଟାଇବାରେ ଫକୀରମୋହନଂକ କଳ୍ପନା, ଏହି ଉପନ୍ୟାସର ନାମକରଣ ଓ ତଦନୁରୂପ ଘଟନା ଉଦ୍ଭାବନରେ ଯେ ଅଦ୍ଭୁତ ବିକାଶ ଲଭିଅଛି, ତାହା ସେହି ଶ୍ରେଣୀର ପ୍ରତିଭାର ଗୋଟିଏ ଅସାମାନ୍ୟ ଅଭିବ୍ୟକ୍ତି । ଏତିକିରେ ଫକୀରମୋହନଂକର ସଂଶ୍ଳେଷଣ ପାଟବର ଯେ ସ୍ପଷ୍ଟ ପରିଚୟ ମିଳେ, ସେଥିରେ ତାଂକ ଗଠନ-କୁଶଳ ପ୍ରତିଭାରେ ସଂଦେହ କରାଯାଇ ନ ପାରେ ।

ଘଟନାମାନଂକର ବିଶ୍ଳେଷଣ ଓ ବର୍ଣ୍ଣନା ଗୁରୁତ୍ୱରେ ଫକୀରମୋହନଂକ ପ୍ରତିଭା ଅତୀବ ରମଣୀୟ ଓ ସ୍ପଷ୍ଟ । ଯେଉଁ ଘଟଣା ସେ କଳ୍ପନା କରି ଅଛଂତି, ଯେଉଁ ବିଷୟ ସେ ହାତରେ ନେଇଅଛଂତି, ତାହାର ବିଶଦ ବିକାଶ ସମ୍ପାଦନ କରିବାରେ ସେ ସିଦ୍ଧହସ୍ତ । କଳ୍ପିତ ଘଟନାରେ ଅବଶ୍ୟ ଜଟିଳତାର ବୈଚିତ୍ର୍ୟ ନାହିଁ । ମନୁଷ୍ୟକୁ ନାନା ପ୍ରାକୃତିକ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଚିତ୍ରିତ କରିବାର ସୁଯୋଗ ସେ ଖୋଜି ନାହାଂତି । ତାଂକର ଘଟନାବଳି, ସରଳ ପାରିବାରିକ ଜୀବନରେ ପ୍ରାୟଶଃ ସୀମାବଦ୍ଧ । କିଂତୁ ସେଥିରେ ସେ ଯେ କେବଳ ଅସାମାନ୍ୟ ଭୂୟୋଦର୍ଶନ ଓ ସୂକ୍ଷ୍ମ ପରିଦର୍ଶନର ପରିଚୟ ଦେଇଅଛଂତି ତାହା ନୁହେ, ସେ କ୍ଷେତ୍ରରେ ସେ ମନୋବିଜ୍ଞାନର ଦୁରଧିଗମ୍ୟ

Digitized by srujanika@gmail.com

ବିକାଶ ବର୍ଣନ କରିବାରେ ଶକ୍ତିର ବିଚିତ୍ର ବୈଭବ ଦେଖାଇଅଛନ୍ତି । ସଦ-ବୃତ୍ତିର ସରଳ ବିକାଶ ତାଙ୍କ ଉପନ୍ୟାସରେ ତାଦୃଶ ସ୍ପଷ୍ଟ ନୁହେ । ତାହା ଦେଖାଇବାର ଅବସର ମଧ୍ୟ ସେସବୁ ଉପନ୍ୟାସରେ ସେତେ ନାହିଁ । ସାଆନ୍ତାଣୀ, ଗୋବିନ୍ଦମଣି, ସରସ୍ୱତୀ, ପେଷ୍କାର, ନୁରୁ ପ୍ରଭୃତିଙ୍କ ଚରିତ୍ରରେ କେତେକ ପରିମାଣରେ ଥିଲେ ମଧ୍ୟ ସେ ସବୁ ଗୌଣ; ମଙ୍ଗରାଜ ଓ ନଟବରଙ୍କ ଚରିତ୍ର ବୀଭତ୍ସତା ପ୍ରକଟ କରିବାର ଅପେକ୍ଷାରେହିଁ ଉଦ୍ଭାବିତ । ତଥାପି ସେସବୁର ଯଥୋଚିତ ବର୍ଣନାରେ କବି ଯେ ପଶ୍ଚାତ୍ପଦ ତାହା ଆମ୍ଭେମାନେ କହୁନାହୁଁ ! କିନ୍ତୁ ଲୋଭବଳରେ ଅସଦବୃତ୍ତି ଥରେ ହୃଦୟକୁ ଅଧିକାର କଲେ, ତାହା କିପରି ଅଲକ୍ଷିତ ଭାବରେ ଆତ୍ମାରେ ଧୀରେ ଧୀରେ ଆଧିପତ୍ୟ ସ୍ଥାପନ କରେ, ଉଦ୍ଦେଶ୍ୟର ଉପାୟ କିପରି ସୁଗମ ହୁଏ, ଆତ୍ମଯୁକ୍ତିଜାଲରେ ବୁଦ୍ଧି କିପରି ବିକୃତି ଲାଭ କରେ, କୁକ୍ରିୟାରୁ କୁକ୍ରିୟାନ୍ତରକୁ ଜ୍ଞାତ ଓ ଅଜ୍ଞାତ ଭାବରେ ଗତି କରି କ୍ରିୟାଜାଲରେ ଲୋକର କିପରି ସ୍ମୃତିଭ୍ରଂଶ ଓ ବୁଦ୍ଧିନାଶ ହୁଏ—ଏ ସବୁର ଚିତ୍ର ତାଙ୍କ ଉପନ୍ୟାସରେ ବିଚିତ୍ର ଓ କମନୀୟ ପରିପାଟୀରେ ଅଙ୍କିତ ହୋଇଅଛି । ଏହି କୁବୁଦ୍ଧିରେ ମଙ୍ଗରାଜ ଚମ୍ପାର ପଙ୍କିଳ କୁହୁକରେ ପଡ଼ି ଗୃହଲକ୍ଷ୍ମୀ ସାଆନ୍ତାଣୀଙ୍କୁ ଉପେକ୍ଷା କରିଅଛନ୍ତି, ଏବଂ ମାମୁ ମାତାର ଅବମାନନା କରିଅଛନ୍ତି, ବିଶାଖାର ମୋହଜାଲ ଏଡ଼ି ପାରିନାହାନ୍ତି । ପାପର କୁଚକ୍ରରେ ତୀକ୍ଷ୍ଣ ବୁଦ୍ଧିର ପ୍ରଚଣ୍ଡ କ୍ରିୟା ଦେଖାଯାଏ ସତ, କିନ୍ତୁ ସେହି ପାପବୁଦ୍ଧିରେହିଁ ଅଲକ୍ଷିତ ଭାବରେ ସେହି ମହା ବୁଦ୍ଧିମନ୍ତିମନ୍ୟ ପାପୀର ପତନ ହୁଏ । ଏହା ନିସର୍ଗରେ ବିଚିତ୍ର ଲୀଳା । "ନିଜ ଦୋଷେଣ କୁଧୀର୍ବିନଶ୍ୟତି" । ନାଶଆଡ଼କୁ ଗଲାବେଳେ ଅତିଲୋଭରେ ପାପର ଅଭ୍ୟାସ ଜନିତ ନିର୍ଭୀକତାରେ ଅଜ୍ଞାତ ଭାବରେ ପାପୀର ମତିମନ୍ତ୍ର ଲୋପହୁଏ । ଧୀଶକ୍ତିର ଭ୍ରଂଶ ହୁଏ । ସେହି ଆସୁରୀ ନିର୍ଭୀକତାରେ ମଙ୍ଗରାଜ ସାରିଆର ବଧ ପର୍ଯ୍ୟନ୍ତ ଭୂଆଇ ଶଙ୍କିତ ହୋଇ ନାହାନ୍ତି । ମାମୁ ମଧ୍ୟ ଭଉଣୀର ଅପମାନ ପରେ ବାଳକ ପରି ନିଜର ବୁଦ୍ଧିମତ୍ତାରେ ନିର୍ଭର କରି ବସିଅଛନ୍ତି, କୁପ୍ରବୃତ୍ତିର ପ୍ରଶ୍ରୟ ଦେବାରେ ସଙ୍କୁଚିତ ହୋଇ ନାହାନ୍ତି, ମୋହ-ଜାଲ-ମୟୀ ଚନ୍ଦ୍ରାକୁ ସନ୍ଦେହ କରି ନାହାନ୍ତି, ରାଘବର ମୂଢ଼ତ୍ୱ ଲକ୍ଷ୍ୟ କରିବାକୁ ଅବସର ପାଇ ନାହାନ୍ତି ।

Digitized by srujanika@gmail.com

ଉପଚରିତ୍ର ମଧ୍ୟରେ ଏ କଳା-କୁଶଳତାର ଅଭାବ ନାହିଁ । ଚତୁରି ଚଂପା ନାୟିକ ଭାବରେ ବାଟରେ ଜଗା ଭଂଡ଼ାରି ସଙ୍ଗେ କଳି କରିବା ପ୍ରଭୃତି ଏହାର ଦୃଷ୍ଟାଂତ ।

ବାସ୍ତବିକ ସଂସାରରେ ନିତି ଘଟୁଥିବା ବିଷୟ, ପରିବାର ଜୀବନର ଅନୁଭୂତି-ଆଳାପ-କଳହ, ପଲ୍ଲୀ ଲୋକଂକର ଆଚାର ବ୍ୟବହାର, ଗୃହ ଚଳଣ, ଗ୍ରାମ୍ୟଜୀବନର ନୀରକ୍ଷଂ ନୀଚତାଠାରୁ ସରଳ ସୌଖୀନତା ପର୍ଯ୍ୟଂତ ସବୁ ଚିତ୍ରଗୁଡ଼ିକ କବି ଅତି ବିଶ୍ୱସ୍ତ ବିଶଦ୍‌ଭାବରେ ଲେଖିଅଛଂତି । ଏସବୁ କ୍ଷେତ୍ରରେ ଆଚାରବ୍ୟବହାର ଓ କ୍ରିୟାକଳାପ ପ୍ରତି ଈଷତ୍ ଉପହାସବ୍ୟଂଜୀ ମଧୁର କୁଟିଳ କଟାକ୍ଷ କବିଂକର ଗୋଟିଏ ଅନନ୍ୟସାଧାରଣ ବିଶେଷତ୍ୱ । କବି କୌଣସିଠାରେ ପାରିବାରିକ ଜୀବନର ବାସ୍ତବ ରଂଗବ୍ୟଂଗ, ନାଟକରେ ଦେଖାଇଲା ପରି ଚିତ୍ରମୁଖରେ ଦେଖାଇ ନାହାଂତି । ନିଜେ ପ୍ରଚ୍ଛନ୍ନ ଅଂତରାଳରେ ରହି ରଂଗଭଂଗୀରେ ପାଠକକୁ ଖେଳାଇ ଖେଳାଇ କବି ଉପନ୍ୟାସ ପଢ଼ାଉ ଅଛଂତି । ପାରିବାରିକ ବିଧି, ବ୍ୟବହାର ଓ କ୍ରିୟା-ବିଶେଷ ଏବଂ ବ୍ୟକ୍ତିବିଶେଷର ପ୍ରକୃତି ଓ କାର୍ଯ୍ୟପ୍ରତି କବି ଯଥେଷ୍ଟ ବ୍ୟଂଗ ବିଦ୍ରୂପ କରିଅଛଂଥ । କିଂତୁ ପ୍ରାୟ ସବୁଠାରେ କବି ନିଜେ ପ୍ରଚ୍ଛନ୍ନ । ପାଠକର ମନକୁ ବ୍ୟଂଗରେ ବିଷୟରୁ ବିଷୟାଂତରକୁ ନେଇବାର ବିଚିତ୍ର କୌଶଳ ଫକୀରମୋହନଂକର ଫକୀରମୋହନତ୍ୱ କହିଲେ ଚଳେ । କବି ଏ କ୍ଷେତ୍ରରେ ଯେ ଶକ୍ତି ଦେଖାଇ ଅଛଂଥ, ତାହା କୌଣସି ଅଭ୍ୟସ୍ତ ଲେଖକଂକର ଲେଖାରୁ ଆଶା କରାଯାଇ ନ ପାରେ । ଏ ଗୋଟିଏ ପ୍ରତିଭାର ମୌଳିକତା । ତାଂକ ବର୍ଣ୍ଣନାର ବିଶଦ ବିଳକ୍ଷଣତାରେ ଏହି ମୌଳିକତା ଗୋଟିଏ ପ୍ରଧାନ ଉପାଦାନ । ଭଲ ବେଳେ ମଂଦ ବେଳେ ସରଳ ସାରିଆ ଓ ଭଗିଆଂଦଂକର ପାରିବାରିକ ପ୍ରେମ ଓ ଅଭିବାଦ ଏବଂ ମଂଗରାଜଂକର ଶେଷଜୀବନର ଚିତ୍ତାସ୍ତକ ଓ ହରିବୋଲ ବାରିକ ପ୍ରଭୃତିଂକର ଅଦ୍ଭୁତ ସ୍ୱାଭାବିକ ଚରିତ୍ରର ଅବତାରଣା ଠାରୁ ଚଂପା ସାରିଆର ମନ୍ତ୍ରଣା, ଗ୍ରାମବାସିନୀମାନଂକର ଛିଦ୍ରପ୍ରତି ଆକ୍ଷେପ ଓ ମାମୁଂକ ଜମିଦାରୀରେ ଗୁମାସ୍ତା ନିଯୋଗ ପ୍ରଭୃତି, ସବୁଠାରେ ପଦେ ପଦେ କବିଂକର ଏହି ବ୍ୟଂଗ ଇଂଗିତରେ ପାଠକର କଳ୍ପନା ଜୀବଂତ

Digitized by srujanika@gmail.com

ହୁଏ, ପ୍ରାଣର ସରସତା ଜାଗି ଉଠେ, ଆକାଙ୍କ୍ଷା ଅନୁମାନରେ ଆତ୍ମବିସ୍ମୃତ ନ ହୋଇ ଭାବର ରସୋପଲବ୍ଧିରେ ପରିତୃପ୍ତି ଲଭେ । କବି ସେପରିକି ନିର୍ଲିପ୍ତ; ମାତ୍ର ଅଂତରାଳରେ ରହି ସେ ଯେଉଁଆଡ଼େ ଅଲକ୍ଷିତ ଭାବରେ ଇଂଗିତ କରଂତି, ପାଠକର ଆକାଙ୍କ୍ଷା ବିସ୍ମୟ-ପୁଲକରେ ସେହିଆଡ଼େ ଧାବିତ ହୁଏ । କବି ସ୍ପଷ୍ଟ କିଛି କହି ନାହାଂତି । ଉପନ୍ୟାସ ମଧ୍ୟରେ ସେ ଆପଣାକୁ ବଡ଼ ବେଶି ଦେଖାଇ ନାହାଂତି । ଅଥଚ ତାଂକ ଇଂଗିତର ବ୍ୟଂଗ ଉପେକ୍ଷା କରିବା ପାଠକର ସାଧ୍ୟାତୀତ । ମଂଗରାଜଂକ ଏକାଦଶୀ ପାରଣା, ମଂଗରାଜଂକ ସଂଗେ ଶିବୁ ପଣ୍ଡିତଂକ ଦେଖା, ପାଣ୍ଡିଆର ଶୁଭକାମନା କରି ତାହା ବିଲରୁ ଉଲ ଉପାଡ଼ିନେବା, ଅସୁରଦିଘିରେ ମାଛ ଥିବାର ପ୍ରମାଣ, ସେଠାରେ ଗ୍ରାମ୍ୟସୀମଂତିନୀଂକ କଳହ, ସାରିଆ ଚଂପାର ଲୁସ ତଦାରଖ, ଗୋପୀ ସାହୁର ପୁଲିଶରେ ଜମାନବଂଦି, ଓକିଲ ରାମରାମଲାଲଂକ ବିଚକ୍ଷଣତା, ଉତ୍ତରବସ୍ତୁଂକ ମଲ୍ ପରେ ପଣ୍ଡିତ ସଭା, ଚନ୍ଦ୍ରକଳାର ନାକଫୋଡ଼ିଆ ମା ସଂଗେ ବିବାଦ, ପୂର୍ବକାଳ ଓ ବର୍ତ୍ତମାନ ପୁଲିଶ ରିପୋର୍ଟ, ଜଜଂକ ବିଗୃରରେ ଓକିଲଂକ ସ୍ଥାନ ପ୍ରଭୃତି ଏହି ବ୍ୟଂଗ ଇଂଗିତର ଦୃଷ୍ଟାଂତ ହେଲେହେଁ ଏତିକିରେ ସେ ଶକ୍ତି କିଛି ଶେଷ ନୁହେ । 'ମାମୁଁ' ବିଶେଷତଃ 'ଛମାଣ ଆଠଗୁଂଠ'ରେ ପାଠକ ପ୍ରତିପଦରେ ସଫଳ-ବ୍ୟଂଗର ଏହି ମଧୁମୋହନ ବିକାଶ ଦେଖିବେ । ଶବ୍ଦଯୋଜନା ଓ ବାକ୍ୟବିଶେଷମାନଂକର ବିନ୍ୟାସାଦିରେ ଏହାର ଦୃଷ୍ଟାଂତ ଦେଖାଇବା ଅନାବଶ୍ୟକ । ପାଠକ ଯେଉଁଠାରେ ଇଚ୍ଛା ସେଠାରେ ପୁସ୍ତକ ଫିଟାଇ ତାହା ଦେଖିପାରଂତି । ଯାହାଂକର ସକାଳ କୁଆମାନେ ଭିଡ଼ଗାଡ଼ିରେ ଥାର୍ଡ଼କ୍ଲାସ ଯାତ୍ରୀପରି, 'ହୁକେ ହୁକେ ହୋ'ରେ ଯାହାଂକର ସଂଧ୍ୟା ଆରଂଭ, 'କସ୍ତୂରୀ ତିଲକଂ ଲଲାଟ ପଟଳେ'ରେ ଯାହାଂକର ସନ୍ନିପାତ ଚିକିତ୍ସା, ଦଲଖିଆ ଘୋଡ଼ାରେ ଯାହାଂକର ପୂର୍ବକାଳ ଦାରୋଗାଂକ ଦିଗ୍‌ଭ୍ରମଣ ଓ ବାଘନଲ କଲମରେ ଲେଖା, ତାଂକର ବ୍ୟଂଗବୈଭବ ଓ ବର୍ଣ୍ଣନାର ବିଚିତ୍ର ସ୍ୱାଭାବିକ ଚିତ୍ରଣ ବାଛି ଦେଖାଇବାର ସ୍ଥାନ ବା ଅବସର କାହିଁ ? ମଂଗରାଜଂକ ବାହାର ଘରେ ରଇତଂକ ହୁପାସ, ହୁଂଗୁଡ଼ିନାଦ, ଶୋଇବା ଘରର ଅସରପା ଓ ଗୁଡ଼ରପୋକ, ବିଷ୍ଣିଂକର ରୂପ ବର୍ଣ୍ଣନା ଓ ରଂଗ ରହସ୍ୟ, ରାଘବର ତେଲ ଲଗାଇବା ପ୍ରଭୃତିରେ କବିଂକର

Digitized by srujanika@gmail.com

କୁଶଳ ଲେଖଣୀ ସ୍ପଷ୍ଟ । ଗୃହର ଚିତ୍ର, କୁଚକ୍ରର କଳ୍ପନା, ଗୃହିଣୀର ଚରିତ୍ର, ଗ୍ରାମ୍ୟଜୀବନର ବିଭିନ୍ନ ସନ୍ଦର୍ଭ ପ୍ରଭୃତିର ବର୍ଣ୍ଣନାରେ କବିଙ୍କ ଅନୁକରଣ କରିବା ଦୁରୂହ । ସେ ବର୍ଣ୍ଣନାରେ ସାହିତ୍ୟର ଛଟା ନାହିଁ, ଭାଷାର ଗରିମା ନାହିଁ । ଯାହା ଆମ୍ଭେମାନେ ନିତି ଦେଖୁଅଛୁଁ, କବି ସାଧାରଣ ଉତ୍କଳଭାଷୀଙ୍କ ଭାଷାରେ ତାହାହିଁ ଲେଖିଅଛନ୍ତି । ତାଙ୍କର ଏହି ଲେଖନ ବଳରେ କଳ୍ପନା ଜୀବନ୍ତ ପରି ଆଖି ଆଗରେ ନାଚେ; ଚରିତ୍ରଗୁଡ଼ିକ ଗୋଟିକପରେ ଗୋଟିଏ ଚିତ୍ରପଟରେ ଅଙ୍କା ହେଲପରି ଅନୁମାନ ଚକ୍ଷୁରେ ଦେଦୀପ୍ୟମାନ ହୁଏ ।

ଏହି ବର୍ଣ୍ଣନା ବଳିଷ୍ଠତାରେ ଭାଷାର ସ୍ୱାଭାବିକତା କବିଙ୍କର ଆଉ ଗୋଟିଏ ପ୍ରଧାନ ବିଶେଷତ୍ୱ । ମୋଟରେ ବ୍ୟଙ୍ଗର ମୋହନ ଇଙ୍ଗିତ ଓ ଭାଷାର ସ୍ୱାଭାବିକ ହୃଦୟଗ୍ରାହିତା ଫକୀରମୋହନଙ୍କୁ ଫକୀରମୋହନ କରିଅଛି । କବି କୌଣସିଠାରେ ଅଭ୍ୟସ୍ତ ଚିତ୍ରକର ଚିତ୍ରକରିବା ପରି ଚିତ୍ର କରିବାକୁ ରଙ୍ଗ ଲୋଡ଼ି ନାହାନ୍ତି । ପ୍ରକୃତିର ଛବିପରି ସ୍ୱାଭାବିକ ରଙ୍ଗରେ ବର୍ଣ୍ଣନାଗୁଡ଼ିକ ସ୍ୱତଃ ଉଦ୍ଭାସିତ ହୋଇ ଉଠିଅଛି । ଭାବରେ ଅନୁପ୍ରାଣିତ ଆସିଲେ ଯେପରି ଭାଷା ସ୍ୱତଃ ଉଦ୍‌ଗିରିତ ହୁଏ, ଫକୀରମୋହନଙ୍କର ସେହିପରି ଓଡ଼ିଆ ଜୀବନ ସଙ୍ଗେ ଘନିଷ୍ଠ ପରିଚୟ, ଅନୁଭବ ଓ ଅଭିନିବେଶ ଯେପରିକି ଭାଷାରେ ସ୍ୱତଃ ପ୍ରକାଶିତ ହୋଇ ପଡ଼ିଅଛି । ସ୍ୱାଭାବିକ ଭାଷାର ବ୍ୟବହାରରେ କବିଙ୍କର ଯେ ଦକ୍ଷତା ଦେଖାଯାଏ, ତାହା ଉତ୍କଳରେ ଆଉ କାହାରି ଦେଖାଯାଇନାହିଁ । ଲୋକସାଧାରଣଙ୍କ ଭାଷାରେ କବି ଉପନ୍ୟାସ ଲେଖିଅଛନ୍ତି, ଅଥଚ ରୁଚିର ଅଭାବ ନାହିଁ । ଗାରିମା ଅଛି, ଅଥଚ ଗ୍ରାମ୍ୟତା ନାହିଁ । ଏକ ଶ୍ରେଣୀର ଲେଖକ ଅଛନ୍ତି ଯେଉଁମାନଙ୍କର ଧାରଣା ଯେ ଲୋକସାଧାରଣଙ୍କ ଭାଷାରେ ଉଚ୍ଚ ସାହିତ୍ୟ ହୁଏ ନାହିଁ । ଫକୀରମୋହନଙ୍କ ଲେଖା ସେ ମତର କୃତି ପ୍ରତିବାଦରୂପେ ଚିରଦିନ ରହିପାରିବ । ତାଙ୍କ ଭାଷାର ଏହି ସ୍ୱାଭାବିକତା ଆମ୍ଭ ମାତୃଭାଷାର ଗୋଟିଏ ନବୀନ ଶକ୍ତି ଦେଖାଇଅଛି ଓ ସାହିତ୍ୟର ଗୋଟିଏ ନବଯୁଗ ସୃଷ୍ଟି କରାଇଅଛି ।

ଆମ୍ଭେମାନେ ଫକୀରମୋହନଙ୍କ ଓଡ଼ିଆ ଉପନ୍ୟାସ ସଙ୍ଗେ ସମ୍ବନ୍ଧ ଦେଖାଇବାର ପ୍ରୟାସ ମୋଟାମୋଟି ଯଥାଶକ୍ତି କାର୍ଯ୍ୟରେ ପରିଣତ କଲୁଁ ।

Digitized by srujanika@gmail.com

ଗ୍ରନ୍ଥମାନଙ୍କର ସୂକ୍ଷ୍ମ ସମାଲୋଚନାର ସ୍ଥାନ ଏ ନୁହେଁ । ଶେଷରେ ତେଣୁ ଏତିକି ମାତ୍ର କହିଲେ ଯଥେଷ୍ଟ ହେବ ଯେ, ଉପନ୍ୟାସ ସୂତ୍ରରେ କବି ଉତ୍କଳର ସାହିତ୍ୟିକମାନଙ୍କ ନିମନ୍ତେ ଗୋଟିଏ ନବ ଆକାଙ୍କ୍ଷାର ଦ୍ୱାର ଫିଟାଇ ଦେଇଅଛନ୍ତି, ସାହିତ୍ୟ-ରାଜ୍ୟରେ ଗୋଟିଏ ନୂତନ ଯୁଗ ସୃଷ୍ଟି କରିଅଛନ୍ତି; ନିଜର ଅସାଧାରଣ ଶକ୍ତି, ପ୍ରତିଭାବଳରେ ଦେଖାଇଅଛନ୍ତି । ସାହିତ୍ୟ ସଙ୍ଗେ ଜନସାଧାରଣଙ୍କର ନିତ୍ୟ ସମ୍ବନ୍ଧ । ଲୋକେ ଯାହା ଭୋଗୁଛନ୍ତି, ଯାହା କହୁଛନ୍ତି, ଯେପରି ରହୁଛନ୍ତି, ସେଥିରେହିଁ ତାଙ୍କୁ ସାହିତ୍ୟପ୍ରତି ଆକର୍ଷଣ କରିବା ସାହିତ୍ୟର ଉଦ୍ଦେଶ୍ୟ । ଏଥିରେହିଁ ସାହିତ୍ୟ ସଫଳ ହୁଏ । ଅନ୍ୟତ୍ର ପନ୍ଥା ସୁଗମ ନୁହେଁ । 'ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ' ।

---

## ଫକୀରମୋହନଙ୍କ ଆଦର୍ଶବାଦ *

ଶ୍ରୀମାନ୍ ସୁରେନ୍ଦ୍ର ମହାନ୍ତି, ଫକୀରମୋହନଙ୍କ ଲେଖାଗୁଡ଼ିକ ଖୁବ୍ ମନଦେଇ ପଢ଼ିଛନ୍ତି । ଖାଲି ଲେଖାଗୁଡ଼ିକ ନୁହେଁ, ଖୋଦ୍ ଫକୀରମୋହନଙ୍କୁ ମଧ୍ୟ ସେ ନିଖୁଣ ନିଖୁଣ ଦେଖିଛନ୍ତି ଓ ଦେଖାଇବାକୁ ଲୋଡ଼ିଛନ୍ତି । ତାଙ୍କୁ ଦେଖିବାକୁ ସେ ନାନା ପ୍ରତିଚକ୍ଷୁର ବ୍ୟବହାର କରିବାକୁ ମଧ୍ୟ ଛାଡ଼ିନାହାନ୍ତି । ଭିକ୍ଟୋରିଆ ଯୁଗର ଉପନ୍ୟାସ ପ୍ରଭାବ ବାଟେ ଫକୀରମୋହନଙ୍କୁ ଦେଖିବା, ସେଥିମଧ୍ୟରେ ପ୍ରଧାନ । ସେଥିରେ ସେ ଉପନ୍ୟାସ ବର୍ଣ୍ଣିତ ବ୍ୟକ୍ତିମାନଙ୍କର ନୀତିଜ୍ଞାନକୁ ବିଶେଷଭାବରେ ଲକ୍ଷ୍ୟ କରିଛନ୍ତି ଓ ସେହି ଲକ୍ଷ୍ୟରେ ପ୍ରଭାବିତ ପ୍ରଭାବକ ସମ୍ବନ୍ଧର ନିପୁଣ ବ୍ୟାଖ୍ୟା ଦେଇଛନ୍ତି ।

ଏ ସମ୍ବନ୍ଧରେ ଆଉ ଗୋଟିଏ କଥା ପ୍ରତି ପାଠକର ବିଶେଷ ଦୃଷ୍ଟି ଆକର୍ଷଣ କରିବା ଉଚିତ । ଇଂଲଣ୍ଡରେ ଭିକ୍ଟୋରିଆ-ଯୁଗର ଶରୀର ହେଉଚି, ବ୍ୟକ୍ତି ଚରିତ୍ରର ବର୍ଣ୍ଣନା, ସତ । କିନ୍ତୁ ପ୍ରାଣ ହେଉଚି, ବିଶୃଙ୍ଖଳ ଜଗତର ସ୍ୱାଭାବିକ ଗତିରେ ମାନବୀୟ ଆଦର୍ଶ ଓ ଆକାଂକ୍ଷାର ପ୍ରତିକୃତି ଫୁଟାଇବା ।

---

* ୧୯୫୦ ମସିହାରେ ପ୍ରକାଶିତ ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କ 'ଫକୀର-ମୋହନ' ପୁସ୍ତକର 'ଉପୋଦ୍‌ଘାତ' ରୂପେ ଲିଖିତ ।

Digitized by srujanika@gmail.com

ରାମଚନ୍ଦ୍ର ମଂଗରାଜେ ଜାଲ୍ କୁଆଚ୍ଚୋରି କରି, ପାଣଂକୁ ଜେଲ୍ ଦେଇଥିଲେ । ନିଜେ ସେହି ଜାଲ୍ କୁଆଚ୍ଚୋରି ଫଳରେ ଦଂଡ଼ିତ ହୋଇ, ଜେଲରେ ଯାଇ ସେଇ ପାଣଂକ ହାତରେ ମାଡ଼ ଖାଇ ମୁମୂର୍ଷୁ ହେବେ, ଯେଉଁ ଭଗିଆ ତାଂକରି ଅପକର୍ମରେ ବାଧ୍ୟ ହୋଇଯାଇଥିଲା, ସେଇ ତାଂକ ନାକୁଟା କାମୁଡ଼ି ନେବ, ପୁଣି ହୁଏତ ଏ ସବୁଥିରେ ମୁମୂର୍ଷୁ ମଂଗରାଜ ଘୋର ଅନୁତପ୍ତ ହୋଇ ମଲା ପୂର୍ବରୁ ବରାବର କହୁଥିବେ, 'ଥ-ମା-ଆ-ଗୁଁ' (ଛମାଣ ଆଠଗୁଂଠ)—ଏ ସବୁ ପ୍ରାକୃତିକ ଜଗତର ଗତିରେ ଠିକ ଠିକ ଘଟେ ନାହିଁ । ମନୁଷ୍ୟ ସାମାଜିକ ପାପପୁଣ୍ୟର ଆଦର୍ଶରେ ଯେଉଁ ସଂସାର ଗଢ଼ିଛି, ସେଇ-ଥିରେହିଁ ଏହି ସବୁ ନ୍ୟାଯ୍ୟାନ୍ୟାଯ୍ୟ ଓ ଫଳାଫଳର ପରିଣତି ସେ କାମନା ଓ ଅପେକ୍ଷା କରେ । ତେଣୁ ଏହି ଆଦର୍ଶ ଓ କାମନା-ଅପେକ୍ଷା-ସଂବଳିତ ଲେଖାସବୁ ମାନବର ଆଦର୍ଶବାଦଗ୍ରସ୍ତ (idealistic) । ଏହି ହିସାବରେ ଡିକେନ୍ସ ପ୍ରଭୃତିଂକ ସଂଗେ ତଥା ତାଂକ ଭାବ ପ୍ରଭାବିତ ବଂକିମାଦିଂକ ସଂଗେ ଫକୀରମୋହନ ଔପନ୍ୟାସିକ ଭାବରେ ଏକ । ଏଥିରେ ସାହିତ୍ୟର ଗଠନଶୀଳତା ଭିତରେ ଗୋଟିଏ ଗଭୀର ଉପଦେଶାତ୍ମକତା (Diadacticism) ଫୁଟେ । ଏବେ ତାହା ପୁରୁଣା ହୋଇ ଯାଇଅଛି । ସହସ୍ର ଜାଲ୍, କୁଆଚ୍ଚୋରି, ଅପକର୍ମ କରି ମଧ୍ୟ ସମାଜର ଅପେକ୍ଷିତ ଫଳ ମାନବ ପାଏନାହିଁ । ମନୁଷ୍ୟ ବଞ୍ଚିଥିଲା ପରି ପ୍ରକୃତିର ଗତି ଚଳୁନାହିଁ । ଏହା ସତ୍ୟ—ଏହାଇ ଚିରଂତନ ସତ୍ୟ । ସେଇଥିପାଇଁ—ଏଇ ନିଦାରୁଣ ସତ୍ୟର ସମାଧାନ ପାଇଁ ପୁନର୍ଜନ୍ମ, ସ୍ୱର୍ଗ, ନରକ ପ୍ରଭୃତିର ସୃଷ୍ଟି ଓ ବିଶ୍ୱସମ୍ରାଟ ଈଶ୍ୱରଂକର କଳ୍ପନା; ପୁଣି ତାଂକଠାରେ ମାନବର ନ୍ୟାଯ୍ୟଯୁକ୍ତି ଓ ମାନବର ଗଣିତଶାସ୍ତ୍ରର ଆରୋପ ।

୦

ଭିକ୍ଟୋରିଆଂକ ପର ଯୁଗରେ ଏ ସଂସ୍କାର ନିର୍ମୂଳ କରିବାର ଘୋର ଉଦ୍ୟମ ହୋଇଛି । ଏ ଉଦ୍ୟମ ସାକ୍ଷାତ ଭାବରେ ଆରଂଭ କରିଥିଲେ, ଖୁବ୍ ସମ୍ଭବ, ରୁଷିଆର ଟଲ୍‌ଷ୍ଟୟ । ତାଂକ 'ରିସରେକ୍‌ସନ୍'ରେ ଦେଖ, କୋଟିପତି ନିକଲ୍‌ଉଡ଼ଫଙ୍କର ଏତେ ଆତ୍ମଗ୍ଳାନି, ଅନୁତାପ ଓ ମାସ୍‌ଲୋଭାର ସମସ୍ତ ଦୁର୍ଗତିର ପ୍ରତିକାର କରିବାର ମହତ୍ତ୍ୱ, ମାସ୍‌ଲୋଭା ଶେଷକୁ ଗୋଡ଼ରେ ଯେପରି କି ଫିଙ୍ଗିଦେଲା । କିଂତୁ ସାମାଜିକ ମାନବର ଆଦର୍ଶଗର୍ଭିତ ଆଶା ସେଠି କଣ ?

Digitized by srujanika@gmail.com

ମାସ୍‌ଲେଖା, ନିକଲ୍‌ଡ଼ଫଙ୍କର ମିଳନ ଓ ବିବାହ; ତାହା ହେଲା ନାହିଁ । ଏହି ଆଦର୍ଶ ଧରି ଦେଖିଲେ ସେସବୁ ଉପନ୍ୟାସରେ ଦେଖାଯିବ, ଯାହାର ଯେଉଁଠାରେ ଦେଖା ହୋଇଯିବା ପାଠକ ଆଶା କରୁଛୁ, ତାହା ସେଠାରେ ହେଉନାହିଁ । ଆକାଙ୍‌କ୍ଷାରେ ନାୟକ ନାୟିକା ଦୁହେଁ ବ୍ୟାକୁଳ । ଦୁହେଁ ନିଜ ନିଜର ଘଟନାଚକ୍ରରେ ଏକା ସ୍ଥାନକୁ ଆସୁଛଂତି, ତାଂକ ନିଜ କର୍ମରେ ଗୁଳି ଯାଉଛଂତି । କାହାରି ସଂଗେ କାହାରି ଦେଖା ହେଉନାହିଁ । ଭିକ୍‌ଟୋରିଆ ଯୁଗର ଔପନ୍ୟାସିକମାନେ ଏପରି ସ୍ଥଳରେ ଦେଖା କରାଇ ଦିଅଂତେ । ଏହା ମାନବର କାମ୍ୟ, ମାତ୍ର ପ୍ରକୃତିର ଗତିରେ ଅଲଭ୍ୟ ବା ଦୁର୍ଲଭ । ଏହାହିଁ ଆଧୁନିକ ଗଠନସାହିତ୍ୟର ଉପଯୁକ୍ତ । ଏହାହିଁ ପ୍ରକୃତି ସଂଗେ ମାନବ-କଳ୍ପନା ଓ ମାନବ-କଳନାର ଗତି ।

ଫକୀରମୋହନଂକ ଭିତରେ ସେକାଳେ ମଧ୍ୟ ଏ ଭାବର ଉନ୍ମେଷ ଦେଖାଯାଏ । ସେ ହୁଏତ ବୁଝିଥିଲେ; କିଂତୁ ବିଦ୍ରୋହୀ ହେବାକୁ ଲୋଡ଼ି ନ ଥିଲେ । ଏହା ତାଂକ ଧର୍ମ-ଧାରଣାରେ ଦେଖା ଯାଇପାରେ; କିଂତୁ ଅଭ୍ୟାସରେ ବା ଦୈନଂଦିନ କ୍ରିୟା ଓ ବ୍ୟବହାରରେ ଦେଖାଯାଏ ନାହିଁ । ଆତ୍ମା ବା ଈଶ୍ୱର ଅଛଂତି କି ନାହାଂତି, ଏ ବିଷୟରେ ତର୍କ କରିବାଠାରୁ

"ମୃତ୍ତିକାଶ୍ଚ ଗଜାରୂଢ଼ା ବଂଧାସ୍ତାଃ ପୁତ୍ରଦାୟିନୀ
ବାର୍ତ୍ତୀ-ସଂହାରଣୀ ଦେବୀ, ନାରାୟଣି ନମୋସ୍ତୁତେ"

ପ୍ରଭୃତିରେ ଲୋକଧର୍ମକୁ ଅନ୍ଧ କରିବା ପର୍ଯ୍ୟଂତ ସର୍ବତ୍ର ଏହା ସ୍ପଷ୍ଟ । ତଥାପି ଜନଧାରଣା ଓ ପ୍ରତିଷ୍ଠିତ ପରଂପରାର ବିରୋଧରେ ଯାଉଛଂତି ବୋଲି ଜାଣିବାର ତାଂକ ଲେଖାରେ କିଛି ନାଇ । ଏ ବିଶେଷତ୍ୱ ଅଳ୍ପ ସାହିତ୍ୟିକ ଓ ଅଳ୍ପ ଲେଖକଂକର ଦେଖାଯାଏ ।

ସୁରେଂଦ୍ର ବାବୁ 'ପ୍ରାୟଶ୍ଚିତ୍ତ'ର ଜଗତ ପ୍ରତି ତଥା ସମାଜ ପ୍ରତି, ଫକୀରମୋହନଂକର ସଂଦେଶର ଆଭାସ ପାଇ, ତା ଦେଖାଇବାର ସୁଂଦର ଚେଷ୍ଟା କରିଛଂତି । କିଂତୁ ଏ ସଂଦେଶ ଖାଲି 'ପ୍ରାୟଶ୍ଚିତ୍ତ' ଉପନ୍ୟାସରେ କମଳଲୋଚନଂକ ବକ୍ତୃତା ବା ସେହି ବକ୍ତୃତାର ପ୍ରଭାବ ଫୁଟାଇବାରେ ନୁହେଁ,

Digitized by srujanika@gmail.com

ବ୍ୟାସକବିଙ୍କ ଲେଖାରେ ସର୍ବତ୍ର ଏହାର ସଙ୍କେତ ସ୍ପଷ୍ଟ । ଫକୀରମୋହନଙ୍କ ବିଶେଷତ୍ୱ, ଅନନ୍ୟସାଧାରଣ । ବିଶେଷତ୍ୱ ହେଉଛି, ଅଳ୍ପରେ କହିବା, ରସିକତାର ସଙ୍କେତରେ ବିଷୟର ବର୍ଣ୍ଣନା ବା ଆଲୋଚନା କରିବା । ମଙ୍ଗରାଜଙ୍କ ଏକାଦଶୀ କରିବା ଓ ପାଣ୍ଡିଆର ତଳ ଓପାଡ଼ିବାଠାରୁ, ନାକଫୋଡ଼ିଆ ମା'ର ବର୍ଣ୍ଣନା ପ୍ରଭୃତି ପର୍ଯ୍ୟନ୍ତ, କେଉଁଠାରେ ତାଙ୍କର ମାନବ ତଥା ସମାଜ ପ୍ରତି ମହା ସନ୍ଦେଶ ନାହିଁ ? ସମାଜରେ କେତେ ନାକଫୋଡ଼ିଆ ମା ନାହାନ୍ତି, କେତେ ବା ଭୂତ ସମାଲୋଚକ ଶିବୁ ପଣ୍ଡିତେ ନାହାନ୍ତି, କେତେ ମଙ୍ଗରାଜ ହଳିଆଙ୍କୁ ବେଳଗଡ଼ିଲି ବେଳକୁ ବିଲରୁ ଫେରିଲାବେଳେ ଆଦର କରି ଆଗ ମୁଂଦାଏ ତୋରାଣି ପିଆଇ, ତା ପରେ ଭାତ ଦେଉ ନାହାନ୍ତି ? ଫକୀରମୋହନ ଏ ସବୁର ସଂସ୍କାର ନିମନ୍ତେ ଯେଉଁ ସନ୍ଦେଶ ଦେଇଛନ୍ତି, ତାହା କି ମନୋହର, ସ୍ୱାଦ୍ୟ ପୁଣି କି ନିତ୍ୟ ! ଏଥିରେ ଶିବୁ ପଣ୍ଡିତଙ୍କଠାରୁ ନାକଫୋଡ଼ିଆ ମା, ମଙ୍ଗରାଜଙ୍କ ପର୍ଯ୍ୟନ୍ତ ସମସ୍ତେ ସବୁଠି ନିଜର ଅପକର୍ମରେ ସଙ୍କୁଚିତ ହେବେ ସନ୍ଦେହ ନାହିଁ । କିନ୍ତୁ ଫକୀରମୋହନ କାହାକୁ ଆଘାତ କରିନାହାନ୍ତି । କିମ୍ବା ଏ ସଂସ୍କାର ଦୃଷ୍ଟି ଫିଟାଇବାରେ ଲେଶ ମାତ୍ର ରୂଢ଼ତା ତାଙ୍କର ନାହିଁ । ସଂସ୍କାରକର ଏ ସ୍ୱାଦ୍ୟ ସଂଦେଶ, ଫକୀରମୋହନଙ୍କ ଛଡ଼ା ଅନ୍ୟତ୍ର କ୍ୱଚିତ୍ ଦେଖାଯାଏ । ଏଇ ଶ୍ରେଣୀର ଜଣେ ସାହିତ୍ୟରଥୀ ଇଂଲଣ୍ଡରେ ଥିଲେ ଆଡ଼ିସନ୍ । ସେ ସମାଜରେ ଘୋର ପରିବର୍ତ୍ତନ ଆଣିପାରିଥିଲେ । କିନ୍ତୁ ଓଡ଼ିଶାର ଦୁର୍ଦ୍ଦୈବ, ଫକୀରମୋହନଙ୍କୁ ସେପରି ଆଦର କରିବା ଦୂରେ ଥାଉ, ଓଡ଼ିଶାରେ କେହି ହୁଏତ ଚିହ୍ନି ପାରୁ ନଥିଲେ । ଓଡ଼ିଆ ସାହିତ୍ୟ, ଓଡ଼ିଆ ମନୀଷା ହିସାବରେ ମଧୁସୂଦନ, ରାଧାନାଥପ୍ରମୁଖ, ଫକୀରମୋହନଙ୍କ ସଙ୍ଗେ ତୁଳନୀୟ ନୁହନ୍ତି । କିନ୍ତୁ ସେ ଦୁହେଁ ସେ କାଳେ ଏଫ୍. ଏ. ପାଶ କରିଥିଲେ ଓ ଶିକ୍ଷାବିଭାଗରେ ବଡ଼ କର୍ମଚାରୀ ଥିଲେ । ଉଦାରପ୍ରାଣ ଫକୀରମୋହନ ଯେପରିକି ତାଙ୍କ ପଛେ ପଛେ ଗୋଡ଼ାଉଥିଲେ । ତଥାପି ଦିନେ ହେଲେ ସେ ନିଜ ବନ୍ଧୁ ବନ୍ଧି ହେଲି କି ନାହିଁ, ସେ କଥା ଭାବି ନାହାନ୍ତି । କିମ୍ବା ନିଜର କୌଣସି ପୁସ୍ତକକୁ, କ୍ଲାସ ବା କ୍ଲାସ ବାହାରେ ପାଠ୍ୟପୁସ୍ତକ କରାଇ ନେବାକୁ ଲୋଡ଼ି ନାହାନ୍ତି ।

Digitized by srujanika@gmail.com

ଫକୀରମୋହନଙ୍କ ଆଦ୍ୟମ କ୍ଷୁଦ୍ର କବିତାଗୁଡ଼ିକ ଏବେ ମିଳୁନାହିଁ । ପ୍ରାୟ ୫୦ ବର୍ଷ ତଳେ 'ପୁଷ୍ପମାଳା' ବୋଲି ଖଣ୍ଡିଏ ପୁସ୍ତକରେ ସେ ତାହା ସବୁ ଛପାଇଥିଲେ । ଏହା ପୂର୍ବରୁ ବାରିପଦାରୁ ପ୍ରକାଶିତ 'ଉତ୍କଳପ୍ରଭା' ନାମକ ମାସିକରେ ସେ ସବୁ ବାହାରିଥିଲା । ସେତେବେଳେ ଗଂଜାମରେ ଓଡ଼ିଆ ପଢ଼ାଇବାକୁ ପୁସ୍ତକ ଦରକାର ହେଉଥିବାରୁ, ଗଂଗାଭଟ୍ଟଲି ଗୁନେସ୍ବା ଶାସ୍ତ୍ରୀ ବୋଲି ଜଣେ ବେପାରୀ, ସାମାନ୍ୟ କେତେକ ଟଂକା ଦେଇ ବା ନ ଦେଇ ଫକୀରମୋହନଙ୍କଠାରୁ ତାହାର ସ୍ୱତ୍ୱ ଲେଖାଇ ନେଇଥିଲେ । ତାଂକ ମୃତ୍ୟୁର ଅଳ୍ପଦିନ ପୂର୍ବରୁ ମୁଁ ତାଂକୁ ପଚାରି ଏହା ଜାଣିଥିଲି । ଆଉ ଗୋଟିଏ କଥା ମଧ୍ୟ ଜାଣିଥିଲି, ସେ କାଳର ସାହିତ୍ୟିକ ଓ 'ଉତ୍କଳ ସାହିତ୍ୟ'ର ସଂପାଦକ ବିଶ୍ୱନାଥ କରେ ତାଂକୁ କୁହାଯୋଗ୍ଯ କରି, ତାଂକ ଉପନ୍ୟାସ-ଗୁଡ଼ିକର ପ୍ରକାଶକ ହୋଇଥିଲେ । କିଂତୁ ସେଥିରେ ବ୍ୟବସାୟ୍ୟ ହିସାବ ବା ଟଂକା ପଇସା କାରବାର, ସେପରି କିଛି ନ ଥିଲା । ଓଡ଼ିଶାରେ ପ୍ରକାଶକ-ମାନଂକର ଏହା ଏକ ପ୍ରକାର ପରଂପରା ପଡ଼ିଯାଇଅଛି । ସେ ବିଷୟରେ ବହୁତ କୁହାଯାଇପାରେ; କିଂତୁ ଏଠି ନୁହେ । ଫକୀରମୋହନ ସ୍ପଷ୍ଟତଃ ଇଂରେଜ ପ୍ରଭାବର ଫଳ । ଇଂରେଜ ପ୍ରଭାବର ଫଳ ସତ—କିଂତୁ ଆଜିକାଲି ବହୁ ଲେଖକଂକ ପରି କୌଣସି ସ୍ପଷ୍ଟ ଅନୁକରଣର ଫଳ ନୁହଂତି । ଫକୀରମୋହନ ଏଇ ଦେଶର, ଏଇ ସମାଜର, ଏଇ ଆଦର୍ଶର ଓ ଏଇ ଆକାଙ୍କ୍ଷାର ଅତି ଅଂତରଂଗ ପ୍ରତିରୂପ ।

ଏହା ସୁରେଂଦ୍ର ବାବୁ ଖୁବ୍ ଦେଖି ଦେଖାଇଛଂତି । ଯଥାର୍ଥରେ କୁହାଯାଇପାରେ, ଏବେ ବି ଓଡ଼ିଆ ଲେଖକଂକ ଭିତରେ ଫକୀରମୋହନଂକ ଉତ୍ତରାଧିକାରୀ ପ୍ରକାଶ ପାଇଛଂତି ବୋଲି ମନେ ହେଉ ନାହିଁ । × × ×

Digitized by srujanika@gmail.com

# ଫକୀରମୋହନ ଓ ଓଡ଼ିଆ ସାହିତ୍ୟ *

ପ୍ରଥମରୁ କହିରଖେ, ଏବେ ପୁସ୍ତକମାନଂକରେ ଛପା ଦୋଷ ତଥା ଜ୍ଞାନଦୋଷ ଜନିତ ଯେଉଁ ସବୁ ଭ୍ରାଂତି ରହୁଚି, ତାହା ଅକ୍ଷମଣୀୟ କହିଲେ ହୁଏ। ଏଥିରେ କିଏ କ'ଣ ବରୁରୁଚଂତି, ତା ସବୁ ଆଲୋଚନା କରିବା ଦରକାର ନାଇ। ଏହା ନିଶ୍ଚିତରେ ସାହିତ୍ୟର ଅଧଃପତନ ଓ ଅଧୋଗତିର ସ୍ପଷ୍ଟ ସଂକେତ। କଂଗ୍ର ଓଡ଼ିଆରେ କହିଲେ ବୁଝାଯିବ, ଆମ ଓଡ଼ିଆ ଭାଷା ଓ ସାହିତ୍ୟର ଆଜି ମା' ବାପ ନାଇ। ଅନ୍ୟ ଭାବରେ ମଧ ଏ କଥା ସତ୍ୟ। ମୋ ମନେ ଅଛି, ଶୁଣିଥିଲି, ସେ କାଳର ଶ୍ରୀମଂତ ସାହିତ୍ୟିକ ମୋର ବାଲ୍ୟଗୁରୁ ସ୍ୱର୍ଗତ ଚଂଦ୍ରମୋହନ ମହାରଣା ଟ୍ରେନିଂ ସ୍କୁଲ ଛାତ୍ରଂକୁ 'ମହାଯାତ୍ରା' ପଢ଼ାଇଲା ବେଳେ, 'ସାତକୋଶିଆ ଗଂଡ଼' ବର୍ଣ୍ଣନା ଭିତରେ ଯେତେବେଳେ ପଢ଼ିଲେ,

"କୁଟହୀଲୀରେ ନୀଳବର୍ଣ୍ଣ ଭୃଗୁମାନଗିର

*        *        *

ଶିଖାତୋଳି କଳଂତି କି ଗଗନର ସୀମା ?"

ହଠାତ୍ ବିସ୍ମିତ ହେଲାପରି ଟିକିଏ ରହିଗଲେ ଓ ଛାତ୍ରଂକୁ କହିଲେ, "ଓଡ଼ିଆରେ ହୁଏ, 'ମୁଂଡ଼ ଟେକି', 'ମୁଂଡ଼ ତୋଳି' ନୁହେ। ବଂଗଳାରେ ହୁଏ 'ମାଥା ତୁଲେ'। ଏଠାରେ ହୁଅଂତା 'ଶିଖା ଟେକି'।" ଏବେ ଆଜିକାର, ସେଠାକାର, ସଠିକ୍, ହୁବହୁ, ଗୁରଖାର, ନାଆଁ ଧୂଧୂ ଜଳୁଚି, ସେ ଦୁଃଖରେ ହାଯ୍ହାଯ୍ କଲା ପ୍ରଭୃତି ଓଡ଼ିଆରେ ଅପ୍ରାକୃତିକ ଓ ଅସଂଗତ ଆମଦାନି ବରାବର ଦେଖିବାକୁ ମିଳିବ। "ତା' ଭାଇ ମରିଯିବାରୁ, ତା'ଘରେ କାଂଦ ବୋବାଳି ପଡ଼ିଲା" ନ ଲେଖି ଆମ ଲେଖକମାନେ ମାର୍ଜିତ ଭାଷାରେ ଲେଖୁଚଂତି, 'ତା ଘରେ କଂଦାକଟା ଲଗିଲା।' ଏ ସବୁ ଲେଖି ବସିଲେ, ସରିବ ନାଇ। ଏପରି ପ୍ରକାଶଭଂଗୀ କେବଳ ସୂଚନା ମାତ୍ର। ଆମ ନାଟକ ଲେଖାରେ ଏ ବିଂଶ ଶତାବ୍ଦୀର ମଧ୍ୟଭାଗରେ ମଧ କେବଳ 'ଜନାଂତିକେ' ଓ 'ସ୍ୱଗତ' ନୁହେ, ଦେବଦେବୀଂକ ଆବିର୍ଭାବ ଓ କରଣୀଠାରୁ ଗୁଣୀ

---

* ଫକୀରମୋହନ ଗ୍ରଂଥାବଳୀର ଉପୋଦ୍ଘାତ—୧୦।୧୦।୫୬

Digitized by srujanika@gmail.com

ଗାରେଣ୍ଡର ବ୍ୟବହାର ପର୍ଯ୍ୟନ୍ତ ଲେଖକ ଓ ଦର୍ଶକଙ୍କ ପାଖରେ ଅନାଦୃତ ବା ହେୟ ହୋଇନାହିଁ । ତେଣୁ ବିଦ୍ୟାର ପ୍ରଗତି ସୂତ୍ରରେ ଭାଷା ଓ ସାହିତ୍ୟ ଉନ୍ନତି କରୁଛି ବୋଲି ମନେ ହେଉ ନାହିଁ ।

ବିଦ୍ୟାର ପରମ୍ପରା ମଧ୍ୟ ଏ ଦେଶରେ ଫିଟୁ ନାହିଁ । ଆଲୋଚନା ସୂତ୍ରରେ ପୂର୍ବର ଆଲୋଚ୍ୟ ଓ ସିଦ୍ଧାନ୍ତମାନଙ୍କ ଉପରେ ନୂତନର ପ୍ରତିଷ୍ଠା ହେବା ଉଚିତ । ମୁଁ ବରାବର କହେ, ପରମ୍ପରା, ପରିସ୍ଥିତି ଓ ପୁରୋଦୃଷ୍ଟି, ଏହି ତିନୋଟି ଉପାଦାନ ଅବିଚ୍ଛେଦ୍ୟ । ଏହିମାନଙ୍କର ଅଙ୍ଗାଙ୍ଗୀ ସମ୍ପର୍କରେ ବ୍ୟକ୍ତିତ୍ୱର ପ୍ରତିଷ୍ଠା । ପରିସ୍ଥିତିର ଆଲୋଚନା ଓ କଳନାରେ ଏହି ବ୍ୟକ୍ତିତ୍ୱ ହେଉଛି ପରମ ଅବଲମ୍ବନ । ପରମ୍ପରାର ପ୍ରଭାବ ନ ଥିଲେ ପରିସ୍ଥିତିର ନିର୍ମଳ ଅବବୋଧ ହୁଏ ନାହିଁ । ତା ନ ହେଲେ ପରିସ୍ଥିତିର କଳନା ବିନା ଭବିଷ୍ୟତର କଳନା ସୁଗମ ନୁହେଁ । ସେ ଦିନ ଜଣେ ଖ୍ୟାତନାମା, ପାଣିନି ବ୍ୟାକରଣରେ ସୁପଠିତ, ବୌଦ୍ଧର ପାଲି ଓ ଜୈନର ପ୍ରାକୃତ ସଙ୍ଗେ ସୁପରିଚିତ ପଣ୍ଡିତ ଆସି ମତେ କହିଲେ, "ମୁଁ ଏବେ ଗୋଟିଏ ପ୍ରବନ୍ଧ ଓଡ଼ିଆରେ ଲେଖି ପ୍ରମାଣ କରିଦେଇଛି, ବର୍ଗର ପଞ୍ଚମ ବର୍ଣ୍ଣ ପୂର୍ବରେ ଥାଇ ବର୍ଗ୍ୟବର୍ଣ୍ଣମାନଙ୍କ ଯୋଗରେ ଯେଉଁସବୁ ଯୁକ୍ତାକ୍ଷର ହୁଏ, ସେ ସବୁ 'ଅନୁସ୍ୱାର'ରେ ମଧ୍ୟ ବ୍ୟକ୍ତ କରାଯାଇ ପାରିବ । ଏହା ସଂସ୍କୃତ ବ୍ୟାକରଣସିଦ୍ଧ ।" ମୁଁ ବିସ୍ମିତ ହୋଇ ପଣ୍ଡିତ ମହାଶୟଙ୍କୁ ଟିକିଏ ରୁଢ଼ଭାବରେ କହି ପକାଇଲି, "ଏ ଦେଶରେ କ'ଣ ବିଦ୍ୟାର ପରମ୍ପରା ଫୁଟିବ ନାହିଁ ? ଆଜକୁ ୪୩ ବର୍ଷ ତଳେ ୧୯୧୩ ଖ୍ରୀଷ୍ଟାବ୍ଦରେ ସତ୍ୟବାଦୀ ସାହିତ୍ୟର ଆଦିମ ବିକାଶ ବେଳେ ଲିପିସଂସ୍କାର ଆନ୍ଦୋଳନର ଘୋର ବିବାଦ ମଧ୍ୟରେ ଏ କଥାଟିର ସିଦ୍ଧାନ୍ତ ହୋଇ ଯାଇଛି । ସେତେବେଳେ ସ୍ୱର୍ଗତ ଗୋପାଳଚନ୍ଦ୍ର ପ୍ରହରାଜ, ସ୍ୱର୍ଗତ ବିଶ୍ୱନାଥ କର, ସ୍ୱର୍ଗତ ମୃତ୍ୟୁଞ୍ଜୟ ରଥ ପ୍ରମୁଖ ସେ କାଳର ଲବ୍ଧପ୍ରତିଷ୍ଠ ନିଷ୍ଠାପର ସାହିତ୍ୟିକମାନେ ଏ ନୂତନତ୍ୱରେ ଯେପରିକି ବିସ୍ମିତ ହୋଇ ଘୋର ବିବାଦ ଆରମ୍ଭ କରି ଦେଇଥିଲେ । ମୁଁ ନିଜେ ସତ୍ୟବାଦୀରେ ଏହି ଲିପିସଂସ୍କାର କରିବାରେ ଅଗ୍ରଣୀ ଥିଲି ଓ ଦୃଢ଼ପ୍ରତିଜ୍ଞ ମଧ୍ୟ ଥିଲି । ଫଳରେ କେତେକ ବର୍ଷ ପରେ ବିହାର-ଓଡିଶା ପ୍ରଦେଶର (ଓଡ଼ିଶା, ବିହାର-ଓଡ଼ିଶାର ଅନ୍ତର୍ଗତ ଥିଲା) ଶିକ୍ଷାବିଭାଗ କର୍ତ୍ତୃପକ୍ଷମାନେ ଏହି ସିଦ୍ଧାନ୍ତ

Digitized by srujanika@gmail.com

(ଅର୍ଥାତ୍, ଏହି ପଞ୍ଚମ ବର୍ଣ୍ଣ ଅନୁସ୍ୱାରରେ ମଧ୍ୟ ଲିପିବଦ୍ଧ ହୋଇପାରେ) ଗ୍ରହଣ କରି ସେତେବେଳେ ବିଶ୍ୱବିଦ୍ୟାଳୟ ସ୍କୁଲ୍‌କଲେଜମାନଙ୍କୁ ନିର୍ଦ୍ଦେଶ ପତ୍ରରେ ଜଣାଇ ଦେଇଥିଲେ । ଆପଣ ଆଜି ଆଉ ଥରେ ଆଲୋଚନା କରି ପୂର୍ବ ଆଲୋଚନା ଓ ସିଦ୍ଧାନ୍ତକୁ ସ୍ମରଣ କରି ପୁରାତନର ପରିବର୍ତ୍ତନ ଓ ନୂତନର ଆହରଣରେ ପ୍ରଯତ୍ନ କରିଚନ୍ତି କି ?

"ଆଉ ଗୋଟିଏ କଥା । ରେଫ୍ ଯୋଗେ ବର୍ଣ୍ଣର ଦ୍ୱିତ୍ୱ ଉଚ୍ଚାରଣ । ଆମ୍ଭେମାନେ ବହୁକାଳରୁ ଲିପିରେ ଏହା ପରିତ୍ୟାଗ କରିଚୁ । କିନ୍ତୁ ପ୍ରାୟ ଛାପାଖାନାରେ ଏବେ ମଧ୍ୟ 'ଆର୍ଯ୍ୟ'ଠାରୁ 'କର୍ମ୍ମ' ପର୍ଯ୍ୟନ୍ତ 'ର୍ଯ୍ୟ', 'ର୍ମ୍ମ' ପ୍ରଭୃତି ଲିପି ବରାବର ବ୍ୟବହାର କରାଯାଉଛି । ଏ ଗତାନୁଗତିକତାର ପ୍ରତିକାର କ'ଣ ?"

ଏକଥା ଶୁଣି ପଣ୍ଡିତ ମହାଶୟ ଯେପରିକି ବିସ୍ମୟରେ କହି ଉଠିଲେ, "ତେବେ କ'ଣ 'କର୍ମ୍ମ' ଲେଖିବାରେ 'ମ'କୁ ଆପଣ ଗୋଟାଏ 'ମ' କରି ଲେଖିବେ ?" ମୁଁ ଏ ସମ୍ବନ୍ଧରେ ଥିବା ପାଣିନିଙ୍କର ସୂତ୍ରଟିକୁ ଧରି ବୁଝାଇ ବସିଲି । କିନ୍ତୁ ଦେଖିଲି, ପଣ୍ଡିତ ମହାଶୟ 'ବର୍ଣ୍ଣ ବିଚାର' ଓ 'ଲିପି ବିଚାର' ଭିତରେ ଭେଦ କରୁ ନାହାନ୍ତି । ପାଖରେ ଆଉ ଜଣେ ବସିଥିଲେ । ସେ ଜଣେ ଓଡ଼ିଆରେ ଅଧ୍ୟାପକ । ସେ ଆଉ ଜଣେ ପ୍ରସିଦ୍ଧ ଓ ପ୍ରତିଷ୍ଠିତ ଓଡ଼ିଆ ସାହିତ୍ୟିକଙ୍କ ନାମ କରି କହିଲେ, "ଅମୁକ ତ ଏପରି ରେଫ୍‌ଯୁକ୍ତ ଦ୍ୱିତ୍ୱହୀନ ଲେଖାକୁ ଅଶୁଦ୍ଧ ବୋଲି କହୁଚନ୍ତି ।" ମୁଁ ସେଠାରୁ ଆଉ କିଛି ଯୁକ୍ତି କରିବା ସଙ୍ଗତ ବୋଲି ନ ବିଚାରି ଖାଲି କହିଲି, "ବନାରସଠାରୁ ବୋମ୍ବେ ପର୍ଯ୍ୟନ୍ତ ହିନ୍ଦି ଲିପିରେ ଛପା ହୋଇଥିବା କାବ୍ୟ, ନାଟକ, ସ୍ମୃତି, ପୁରାଣ, ଏପରି କି ବେଦ ପର୍ଯ୍ୟନ୍ତ ଦେଖନ୍ତୁ । ସେଥିରେ ରେଫ୍‌ଯୁକ୍ତ ଲିପିରେ ଦ୍ୱିତ୍ୱ ନାହିଁ କିମ୍ବା ବର୍ଗ୍ୟବର୍ଣ୍ଣର ପୂର୍ବ ଅନୁସ୍ୱାରର ଯୁକ୍ତାକ୍ଷରରେ ପ୍ରକାଶ ନାହିଁ ।"

ଏ ପରିସ୍ଥିତିରେ ଆଜି ଫକୀରମୋହନଙ୍କ ସମ୍ପର୍କରେ କ'ଣ ଲେଖିବି ବୁଝିପାରୁ ନାହିଁ । ଫକୀରମୋହନଙ୍କ କାଳରେ ଫକୀରମୋହନ ଯେ ଯଥାର୍ଥ କବି ଓ ଲେଖକ ଥିଲେ, ଏହା ଖୁବ୍ ସମ୍ଭବ ସର୍ବବାଦୀସମ୍ମତ ।

Digitized by srujanika@gmail.com

ତତ୍କାଳୀନ ଅନ୍ୟ କୌଣସି ଓଡ଼ିଆ ଲେଖକ ତାଂକ ପରି ଓଡ଼ିଆ ଥିଲେ ବୋଲି ମୋର ମନେହୁଏ ନାଇ । କିଂତୁ ଗୋଟିଏ କଥା ମନେ ରଖିବାର ଅଛି, ଭାଷା ଓ ଲିପି ପ୍ରତି ଧ୍ୟାନ ଦେବା ସେତେବେଳ ସାହିତ୍ୟକଂକର କର୍ତ୍ତବ୍ୟନିଷ୍ଠାର ଅଂଗୀଭୂତ ଥିଲି । ବିଶ୍ୱନାଥ କରଂକ 'ଉତ୍କଳ ସାହିତ୍ୟ' ପୃଷ୍ଠା ଫିଟାଇ ଏବେ ମଧ୍ୟ ପଢ଼ଂତୁ । ସେଥିରେ ଅଜ୍ଞାତ ଭ୍ରାଂତି ଥାଇପାରେ; ତା ଖୁବ୍ ଥିଲି । ଉଦାହରଣ ସ୍ୱରୂପ, ଯେ 'କୁହାଯାଏ', 'କୁହାହେଲି' ଭଳି ଓଡ଼ିଆ ସଧିଶୁଦ୍ଧ ପ୍ରୟୋଗକୁ ବରାବର 'କହାଯାଏ', 'କହାହେଲି' ବୋଲି ଲେଖୁଥିଲେ ଓ ତାକୁଇ ଶୁଦ୍ଧ ବୋଲି ଭିପାରେ ପ୍ରଚାର କରୁଥିଲେ । କିଂତୁ ଅବହେଳାରେ ଯେଚ୍ଛା ସେ ପ୍ରୟୋଗକୁ ଓଡ଼ିଆ ବୋଲି ଚଳାଇଯିବା ତାଂକ ପକ୍ଷରେ ସଂଭବ ନ ଥିଲା ବୋଲି କହିଲେ ହୁଏ । ଏଥିରେ ତାଂକର କର୍ମନିଷ୍ଠା ଜାଣିବାକୁ ଗୋଟିଏ ଉଦାହରଣ ଦେଉଚ । ସ୍ୱର୍ଗତ ପଣ୍ଡିତ ଗୋପୀନାଥ ନଂଦଂକ 'ଭାରତ ଦର୍ପଣ' ଗ୍ରଂଥରେ ପ୍ରକାଶ ପାଇଥିବା ସବୁ ପ୍ରବଂଧ ବିଶ୍ୱନାଥ କର ନିଜେ ପଢ଼ି ବୁଝି ପ୍ରୁଫ୍ ସଂଶୋଧନ କରି ଛପାଇଚଂତି । ତାଂକରି ଦ୍ୱାରା ସେଇ ଉତ୍କଳ ସାହିତ୍ୟରୁ ପୁନର୍ମୁଦ୍ରିତ 'ଭାରତ ଦର୍ପଣ' ଗ୍ରଂଥଟି ଏବେ ମଧ୍ୟ ଅଛି । ସାହିତ୍ୟ ପତ୍ରର କୌଣସି ସଂପାଦକ ଆଜି ସେ ଭଳି ପ୍ରବଂଧମାନଂକ ସଂପାଦନାରେ ସମର୍ଥ ହେବେ ନାଇ । ଆଜି ବରଂ କୁହାଯାଇ ପାରେ, ଓଡ଼ିଶାରେ ସଂପାଦକମାନେ ସଂପାଦନା ନ କରି ସଂକଳନ ହିଁ କରନ୍ତି । ଓଡ଼ିଆ ଭାଷା ଓ ସାହିତ୍ୟଗତ ପ୍ରଗତିର ପରଂପରା ଯେ ନାଇ, ଏହା ତାହାର ସ୍ପଷ୍ଟ ପ୍ରମାଣ ।

ସ୍ୱର୍ଗତ ରାଧାନାଥ ରାୟ ଓ ସ୍ୱର୍ଗତ ମଧୁସୂଦନ ରାଓ ସେଇ କାଳର ଲୋକ । ସେମାନେ ସାହିତ୍ୟରେ ଯେ ଧାରା ଓ ଭାବ ପ୍ରକାଶରେ ଯେ ଶୈଳୀ ଦେଖାଇ ଦେଇ ଯାଇଚଂତି, ତାହା ଏବେ ବି ପ୍ରତିଷ୍ଠାର ଭଂଗିମା ଆଦୌ ହରାଇ ନାଇ । ଅନୁସଂଧାନ କଲେ ଦେଖାଯିବ, ତାଂକ ଭାଷା ଓ ସାହିତ୍ୟ ଯେ ଏହାର ଏକମାତ୍ର କାରଣ, ତାହା ନୁହେ । ଭାଷା ଓ ସାହିତ୍ୟ ହିସାବରେ ସେମାନେ ନିଃସ୍ୱ ବହୁ ଦିନରୁ ଅତୀତର ସାମଗ୍ରୀ ହୋଇଯାଇଥାଂତେ । 'ଛ ମାଣ ଆଠ ଗୁଂଠ'ର ଫକୀରମୋହନଂକ ପରି ସାହିତ୍ୟରେ ଜୀବନୀ ଶକ୍ତି ତାଂକର ନ ଥିଲା । କିଂତୁ ବିଶ୍ୱନାଥ କରଂକ ସଜେଡ଼ରେ ଯେଉଁ ନିଖାର

Digitized by srujanika@gmail.com

କଥା କୁହାଗଲେ, ତାହାରି ମଧ୍ୟ, ରାଧାନାଥଙ୍କୁ ବଞ୍ଚାଇ ରଖିବାର କେବଳ ଅନ୍ୟତମ ନୁହେ ବରଂ ଶ୍ରେଷ୍ଠତମ ହେତୁ । ଶୁଦ୍ଧଭାଷା ବା ସାଧୁଭାଷା ସମ୍ବନ୍ଧରେ ତାଙ୍କର ଧାରଣା ଓ ଆଦର୍ଶ ଯାହା ହେଉ, ସେ ନିଷ୍ଠାପର ଭାବରେ ତାହାର ପ୍ରକାଶ ଓ ପ୍ରଚାର ପାଇଁ ଚିରଜାଗ୍ରତ ଓ ଚିରକର୍ମଠ ଥିଲେ । ଗୋଟିଏ ସାମାନ୍ୟ ଉଦାହରଣ ଦେଖ । ତା ହେଉଛି, ପଦ୍ୟରେ ତାଙ୍କ ଉପଧା ମିଳନ । ସେ ଦିନ ଜଣେ ମଧ୍ୟ ରାଓଙ୍କ 'ବର୍ଣ୍ଣବୋଧ'ର ଆଲୋଚନା କରିବାକୁ ଯାଇ ଦେଖାଇଛନ୍ତି, ସେ କିପରି ପିଲାଙ୍କୁ ମଧ୍ୟ 'ବର୍ଣ୍ଣବୋଧ' ଶିଖାଇବାରେ ପଦ୍ୟରେ ଉପଧା ମିଳନ ପ୍ରତି ପୂର୍ଣ୍ଣ ଲକ୍ଷ୍ୟ ରଖି ପାଠର ଯୋଜନା କରିଥିଲେ । ଉପଧା ମିଳନଟି ସ୍ପଷ୍ଟ ଇଂରେଜୀ ତଥା ବଙ୍ଗଳାର ଅନୁକରଣ । ଅନାବଶ୍ୟକ ଶବ୍ଦ ସବଳିତ ଓଡ଼ିଆ ଭାଷା ପରି ଭାଷାରେ ତାହା ଗୋଟିଏ ଅଳଂକାର ହୋଇପାରେ; କିନ୍ତୁ ପଦ୍ୟର ଅବଚ୍ଛେଦ୍ୟ ଅଂଗ ନୁହେ । ତଥାପି ଫକୀର-ମୋହନଙ୍କଠାରୁ ଗୋପବନ୍ଧୁ, ଗୋଦାବରୀଶ, ଏପରି କି କାଳିନ୍ଦୀ, ମାନସିଂହଙ୍କ ପର୍ଯ୍ୟନ୍ତ କେହି ତାହା ଭୁଲି ପଦ୍ୟ ଲେଖିବାକୁ ଯାଇନାହାନ୍ତି । ଏପରି ଜିନିସମାନ ଓଡ଼ିଆ ଭାଷା ଓ ସାହିତ୍ୟରେ ପ୍ରଚାର କରି ପ୍ରତିଷ୍ଠା ଦେବା କମ୍ ନିଷ୍ଠାର ପରିଚୟ ଦେଉ ନାହିଁ । ଆଜି ସେ ନିଷ୍ଠା ନାହିଁ ।

ନିଷ୍ଠାରେ ଅନୁକରଣ କଲେ, ଭୁଲ ମଧ୍ୟ ଠିକ୍ ବୋଲି ପଶି ପ୍ରତିଷ୍ଠିତ ହୋଇଯାଏ । ଯେପରି କି ମଧ୍ୟ, ରାଧାନାଥଙ୍କ କାଳରେ 'ଏବଂ', 'ସୁତରାଂ' ପ୍ରଭୃତି ଶବ୍ଦମାନ ବୃଥାରେ ଓଡ଼ିଆରେ ପଶିଯାଇଛି । 'ସକ୍ଷମ' ପରି ଅନେକ ବ୍ୟାକରଣ-ବିରୁଦ୍ଧ ଶବ୍ଦ ମଧ୍ୟ ଏବେ ଯତ୍ର ତତ୍ର ଓଡ଼ିଆରେ ଦେଖିବାକୁ ମିଳୁଛି । ଅବଶ୍ୟ ଫକୀରମୋହନ ଏସବୁ କୌଣସି ଜ୍ଞାତ ଅଜ୍ଞାତ ଅନୁକରଣ ପାଇଁ ନିଜେ ବିଶେଷ ଦାୟୀ ନୁହନ୍ତି । ଫକୀରମୋହନ ଥିଲେ ଖାଣ୍ଟି ଓଡ଼ିଆ । ସରଳ ସ୍ୱାଭାବିକ କୌତୁକଠାରୁ ଭାଷା, ଭାବ ଓ ସମସ୍ତ ପ୍ରକାଶଭଂଗୀରେ ସେ ଓଡ଼ିଆ । ମଧ୍ୟ, ରାଧାନାଥ ପ୍ରଭୃତି ତା ନୁହନ୍ତି । ତଥାପି ମଧ୍ୟ, ରାଧାନାଥ, ବିଶ୍ୱନାଥ ପ୍ରଭୃତିଙ୍କୁ ସେ ଓଡ଼ିଆର ପ୍ରତିଷ୍ଠିତ ଲେଖକ ବୋଲି ବିଚାରୁଥିଲେ । ତାଙ୍କ ପାଖେ ନିଜର ଗୌଣତ୍ୱ ମନୋବୃତ୍ତି ଫକୀରମୋହନଙ୍କର ଖୁବ୍ ଥିଲା । ଏପରି କି ପଦ୍ୟରେ ଉପଧା ପର୍ଯ୍ୟନ୍ତ ଯଥାସାଧ୍ୟ ଅନୁକରଣ କରିବାରେ ଫକୀରମୋହନ ତ୍ରୁଟି କରିନାହାନ୍ତି ।

Digitized by srujanika@gmail.com

ଓଡ଼ିଆରେ ଗଦ୍ୟଧାରା ଧରି ରଖିଥିଲେ ମୁଖ୍ୟତଃ ମଧୁସୂଦନ । ତାଙ୍କର ପ୍ରକାଶଭଙ୍ଗୀରେ ବିଶ୍ୱନାଥ, ମୃତ୍ୟୁଂଜୟ ପ୍ରଭୃତି ପୂର୍ଣ ପ୍ରଭାବିତ ହୋଇଥିଲେ । ଅନେକେ ଜାଣିଂଛି ନାଇ, ଅତି ପରିଣତ ବୟସରେ ଫକୀରମୋହନଂକ ଥରୁଥିବା ହାତ ଯେତେବେଳେ ଭଲ କରି, ସ୍ପଷ୍ଟ କେହି କେହି କହନ୍ତି, ଶୁଦ୍ଧ କରି ଲେଖିବାର କ୍ଷମତା ହରାଇଥିଲା, ସେତେବେଳେ ବିଶ୍ୱନାଥ କର ଓ ତାଂକ ସମଧର୍ମୀ ସହଯୋଗୀମାନେ ବୃଦ୍ଧ କବିଂକ ଲେଖାକୁ ସଂଶୋଧନ କରି ପ୍ରକାଶ କରୁଥିଲେ । ଏଇ ସଂଶୋଧନର ପ୍ରକୃଷ୍ଟ ଦୃଷ୍ଟାଂତ ହେଉଚି, ଫକୀରମୋହନଂକ 'ପ୍ରାୟଶ୍ଚିତ୍ତ' । 'ପ୍ରାୟଶ୍ଚିତ୍ତ'ର ଭାଷା ଓ ପ୍ରକାଶଭଂଗୀ ଦେଖିଲେ ଏହା ସ୍ପଷ୍ଟ ଜଣାଯାଏ । ସେ ପ୍ରକାରରେ ବିଚାର କଲେ, 'ପ୍ରାୟଶ୍ଚିତ୍ତ' ଫକୀରମୋହନଂକ ଲେଖା ନୁହେ ବୋଲି କୁହାଯାଇପାରେ । ବଡ଼ ଆଶ୍ଚର୍ଯ୍ୟ ଲାଗେ, ଖାଲି ଭାଷାର ପ୍ରକାଶଭଂଗୀରେ ନୁହେଁ, ଭାବର ପ୍ରେରଣା ଓ ପ୍ରକାଶରେ ମଧ୍ୟ 'ପ୍ରାୟଶ୍ଚିତ୍ତ' ବିଲକୁଲ ଭିନ୍ନ ଧରଣର । 'ପ୍ରାୟଶ୍ଚିତ୍ତ'ରେ 'ରୋମିୟୁ ଜୁଲିଏଟ୍' ପ୍ରଭୃତି ପରି ଇୟୁରୋପୀୟ ବିୟୋଗାଂତ ନାଟକର ରୂପ ଓ ପ୍ରକାରର ପ୍ରଛନ୍ନ ଭାବରେ ଅନୁକରଣ ଥିଲା ପରି ଜଣାଯାଏ । ଏପରି କି ଗ୍ରଂଥ ମଧ୍ୟରେ ପ୍ରସଂଗକୁ ଟାଣି ଓଟାରି ଭିନ୍ନ ରୂପ ଦେବା ଉଦ୍ୟମ କରିଥିଲେ ବି ସଦାନଂଦ ସ୍ପଷ୍ଟ ରୋମିୟୁ ଜୁଲିଏଟ୍‌ର ନାମ ମଧ୍ୟ କହିଚଂଛି ।

'ଲଛମା' ବିୟୋଗାଂତ ନୁହେ । ଏହି 'ଲଛମା'ଟି ମଧ୍ୟ ଫକୀର-ମୋହନଂକ ଅତି ପ୍ରିୟ ଥିବା କଥା ମୁଁ ବ୍ୟକ୍ତିଗତ ଭାବେ ଜାଣେ । ଫକୀରମୋହନଂକଠୁ ଏହା ମୁଁ ଶୁଣିଚି । ମାତ୍ର ଯଥାର୍ଥରେ ଓଡ଼ିଆ ସାହିତ୍ୟରେ ଫକୀରମୋହନଂକ ବିଶେଷତ୍ୱ 'ଲଛମା'ରେ ତାଦୃଶ ନାଇ । ଆମ 'ସମାଜ'ର ଚିତ୍ର ସେଥିରେ ଅତ୍ୟଂତ ଗୌଣ । ବିଷୟାଂଶମାନଂକ ସଂଶ୍ଲେଷଣରେ 'ଲଛମା'ର କୃତ୍ରିମତା ଅତ୍ୟଂତ ସ୍ପଷ୍ଟ । ତେଣୁ ମୋ ବିଚାରରେ 'ଲଛମା'କୁ ଧରି ଫକୀରମୋହନଂକୁ ଚିହ୍ନିବାର ଉଦ୍ୟମ ହୁଏତ ସଫଳ ହେବ ନାଇ । 'ଲଛମା'ର ପୃଷ୍ଠପଟରେ ଯେଉଁ ଇତିହାସର ଧାରାଟି ରହିଚି, ତା ଠିକ୍ ଓଡ଼ିଆ କି ନୁହେ, ତା ବାରିବା ଦୁଷ୍କର । ଓଡ଼ିଶାରେ ମରହଟ୍ଟାଂକ ଯେଉଁ ରାଜତ୍ୱ ହେଲା, ସେଥିରେ ବର୍ଣନା କରିବାର ପ୍ରୟାସ କରାଯାଇଚି, ତା ମୋଗଲ

Digitized by srujanika@gmail.com

ରାଜତ୍ୱ କି ହିନ୍ଦୁ ରାଜତ୍ୱ କହିହେବ ନାହିଁ । ପରିସ୍ଥିତିର କଳନାରେ ଓଡ଼ିଆ ଅଂତରଂଗଭାବରେ ଅନୁପ୍ରାଣିତ ହେବା ଭଳି ସାମଗ୍ରୀ ସେଥିରେ ବିଶେଷ ଥିବା ପରି ଲାଗୁନାହିଁ । ଖାଲି ଅଦ୍ଭୁତ ଭାବରେ ବିଚ୍ଛେଦ ଓ ଆକାଂକ୍ଷିତ ମିଳନରେ ବିଷୟ ପରିସମାପ୍ତ ହେଲେ କେବଳ ନାଟକ ବା ଉପନ୍ୟାସ ପୂର୍ଣ୍ଣାଂଗ ହୁଏ ବୋଲି ବିଚାରିବା ଠିକ୍ ନୁହେଁ ।

ଉପନ୍ୟାସ ମଧ୍ୟରେ ପ୍ରଥମ ହେଉଚି 'ଛ ମାଣ ଆଠ ଗୁଂଠ', ଦ୍ୱିତୀୟଟି ହେଉଚି 'ମାମୁଁ' । ଏଇ ଦୁଇଟିର ବିଚାରରେ ଆମକୁ ଓଡ଼ିଆ ସମାଜର ସ୍ପଷ୍ଟ ଓ ଜୀବନ୍ତ ଚିତ୍ର ଦେଖିବାକୁ ମିଳେ । ସେଥିରେ ମଧ୍ୟ ଏହା 'ଛମାଣ ଆଠଗୁଂଠ'ରେ ଖୋଲକଲାରେ ଅଛି, 'ମାମୁଁ'ରେ ଟିକିଏ ଊଣା । 'ଛମାଣ ଆଠଗୁଂଠ'କୁ ଟାଣି କରି ଟିକିଏ ବାହାର କଲାପରି 'ମାମୁଁ'ଟିର ପ୍ରକାଶ ବୋଲି ମନେ କରିବାର କାରଣ ଅଛି । ପଲ୍ଲୀର ରାମଚଂଦ୍ର ମଂଗରାଜଂକୁ ସହରର ବେଷ୍ଟନୀ ଓ ମନୋବୃତ୍ତିରେ ଦେଖାଇବା ପାଇଁ ଯେପରି କି 'ମାମୁଁ'ର କଳ୍ପନା ହୋଇଥିଲା । 'ଛମାଣ ଆଠଗୁଂଠ' ହେଉଚି, ପଲ୍ଲୀପରଂପରାର ପ୍ରତୀକ । 'ମାମୁଁ' ଫକୀରମୋହନଂକ କାଳର ସହରୀ ପରିସ୍ଥିତିର ପ୍ରକାଶ । ମାନବଚରିତ୍ରର ମୌଳିକ ଦୃଷ୍ଟିଭଂଗୀ ପ୍ରକାଶ ପ୍ରକାର ଏ ଦୁଇଟିରେ ଜୀବନ୍ତ ।

ଏ ସବୁ ଉପନ୍ୟାସରେ ଫକୀରମୋହନ ଅନୁକରଣ କରିବା ଭଳି କୌଣସି ଆଧୁନିକ ଔପନ୍ୟାସିକଂକୁ ଯେ ଆଗରେ ରଖି ନ ଥିଲେ, ତା କୁହାଯାଇ ନ ପାରେ । ମୁଁ ନିଜେ ଫକୀରମୋହନଂକଠାରୁ ଶୁଣିଚି, ସେ କହୁଥିଲେ, "ଯେତେବେଳେ ବଂଗଳାରେ, ବିଶେଷରେ ବଂକିମଚଂଦ୍ରଂକ ଉପନ୍ୟାସ ସବୁ ବାହାରେ, ସେତେବେଳେ ସେଥିରୁ ଖଂଡିଏ ଦେଖିଲେ ମତେ ବଡ଼ ଅମୃଛେକ୍ ଲାଗେ—ମୁଁ ବିଚାରେ, ଆମ ଓଡ଼ିଆରେ ଏପରି ଖଂଡିଏ ଲେଖା ହୁଅଂତା କି ?" ଫକୀରମୋହନଂକ ଉପନ୍ୟାସର ପ୍ରେରଣା ଏଇଠାରେ । ବଂଗଳାର ସେକାଳର ଉପନ୍ୟାସମାନ ସବୁ ହେଉଚି, ମହାରାଣୀ ଭିକ୍ଟୋରିଆଂକ ସମୟରେ ଫିଟିଥିବା ଚିନ୍ତାଧାରାର ସମଧର୍ମୀ । କୁହାଯାଇପାରେ, ଡିକେନ୍ସ (Dickens) ପ୍ରଭୃତି ବଂକିମ ଆଦିଂକର

Digitized by srujanika@gmail.com

ଏ କ୍ଷେତ୍ରରେ ଗୁରୁ । ଉପରେ କୁହାଯାଇଥିବା ଫକୀରମୋହନଙ୍କ ଉକ୍ତିରୁ ଜଣାଯାଏ, ଫକୀରମୋହନଙ୍କ ପ୍ରେରଣା ଓ ପ୍ରଭାବର ମୂଳ ହେଉଛନ୍ତି, ବଙ୍କିମ । ତେଣୁ ଫକୀରମୋହନଙ୍କ ଉପନ୍ୟାସର ଘଟଣାବଳି କୌଣସି ଆଦର୍ଶ ଓ ଉଦ୍ଦେଶ୍ୟରେ ସଜଡ଼ା ହେଲା ଭଳି ଦେଖାଯାଏ । ଚମ୍ପା, ମଙ୍ଗରାଜଙ୍କଠାରୁ ନରୁ, ବଣାଖା, ନଟବର ଦାସ, ସମସ୍ତଙ୍କ ଚରିତ୍ରର ପରିଣତି ପାଠକର ଆକାଂକ୍ଷା ସଙ୍ଗେ ଗତି କରେ । ପାଠକ ଯାହା ଚାହୁଁଛି, ସେମାନଙ୍କର ସେଇ ପରିଣତି ହୋଇଛି । ମାନବ ପ୍ରକୃତିର ଏହା ପରମ କାମ୍ୟ । କର୍ମର ଏଇ ପରିଣତି ମାନବର ଅତି ବାଞ୍ଛିତ ହେଲେହେଁ, ପ୍ରକୃତିର ଶୃଙ୍ଖଳାରେ ଏହା କଦାଚିତ୍ ଘଟିଥାଏ । ଏହାକୁ ଉପନ୍ୟାସରେ ଆଦର୍ଶ ଭାବ । ଅର୍ଥାତ୍, ମନୁଷ୍ୟର ଯାହା ଆଦର୍ଶ, ସେଇ ଅନୁକ୍ରମେ ଉପନ୍ୟାସ କ୍ରିୟାଂଶମାନଙ୍କର ଶୃଙ୍ଖଳା-ଗଠନ ।

ଅବଶ୍ୟ ଏଠାରେ କହିବାର ଅଛି, ମାନବ କୃତିରେ ଏଥିରୁ ଅନ୍ୟଥା ହେବାର ପଥ ପରି ନାହିଁ । ଆମର ଯେତେ ପୁରାଣ ଓ ପରମ୍ପରା ମୁହଁରେ ଅଛି ବା ଲିପିବଦ୍ଧ ହୋଇଛି, ଏଇ ଅନୁକ୍ରମେ ତାହାର ଯୋଜନା ବରାବର ସଂଗଠିତ ହୁଏ । ସେ ସବୁ ଆଦର୍ଶ-ନିବଦ୍ଧ । ସେ ଆଦର୍ଶ ପୁଣି ମାନବର ଆଦର୍ଶ । କାଳେ କାଳେ ଏଇ ଆଦର୍ଶର ପରିବର୍ତ୍ତନ ଘଟେ । ସେଥିପାଇଁ ପୁରାଣ ପରମ୍ପରାର ଗଳ୍ପସବୁ ଭିନ୍ନ ଭିନ୍ନ ଭାବେ କଳ୍ପିତ ଓ ପ୍ରଚାରିତ ହୁଏ । କର୍ଣ୍ଣକୁ ଦାନୀ କରି ଦେଖାଇବାକୁ ହେବ । ସେଥିପାଇଁ କେଉଁଠାରେ ତାଙ୍କ ଅଚ୍ଛେଦ୍ୟ କବଚ ଓ ଅମୃତ କୁଣ୍ଡଳ ଲୋକେ ମାଗି ଆଣି କର୍ଣ୍ଣଙ୍କ ଉଦାରତା ପ୍ରତିପାଦନ କରନ୍ତି । ଅନ୍ୟତ୍ର ପୁଣି ସେ ପୁଅକୁ ହାତରେ ହାଣି ମାଇପ ହାତରେ ରନ୍ଧାଇ ଅତିଥିକୁ ଖାଇବାକୁ ଦିଅନ୍ତି । ଦୁଇଟିଯାକ ଏକା ଜିନିଷ ହେଲେ ମଧ୍ୟ ଭିନ୍ନ ରୂପରେ କଳ୍ପିତ ଓ ପ୍ରଚାରିତ ହୋଇଛି ।

ଏ ସବୁ ମାନବୀୟ ପରମ୍ପରା । ସମାଜରେ ଯାଗଯଜ୍ଞ ଓ ବ୍ରାହ୍ମଣଙ୍କୁ ଦାନ କରିବା ଅନୁଷ୍ଠାନସବୁ ତିଆରି କରି ବଢ଼ାଇବା ପାଇଁ ହୋଇଛି ଆମର ପୁରାଣାଦି । ତା ନ ହୋଇଥିଲେ ଆମ ସମାଜର କୌଣସି ଦୃଢ଼ ପୀଠ ବା ନୈତିକତାର ପରିସ୍ଥିତି ନ ଥାନ୍ତା । ଏ ସବୁ ବିଚାର କରି ଦେଖିଲେ

Digitized by srujanika@gmail.com

ଫକୀରମୋହନ ଅନୁକରଣ କରନ୍ତୁ ବା ଉଦ୍ଭାବନ କରନ୍ତୁ, ସେ ଦୃଷ୍ଟାନ୍ତମାନଙ୍କର ଯେ ଯୋଜନାମାନ ତିଆରି କରିଚନ୍ତି, ତା ଅତି ସଙ୍ଗତ, ସମୀଚୀନ ଓ ସୁନ୍ଦର । ସେଥିରେ ଯେଉଁ ଆଦର୍ଶବାଦ ଅଛି, ସମାଜରେ ତାହା ଲାଗି ହୋଇ ଆସିଚି ।

"ଅଧର୍ମ ବିତ୍ତ
ବଢ଼େ ବହୁତ
ଗଲାବେଳେ ଯାଏ ମୂଳ ସହିତ ।"

ଏ ଯେଉଁ ପ୍ରବଚନଟି ଅଛି, ତା ସମାଜର ଅନୁଭବରେ ସ୍ୱତଃସିଦ୍ଧ ନ ହେଲେ ମଧ୍ୟ ଅନୁମାନର କଳ୍ପନାରେ ଆଦର୍ଶମୂଳକ । ପୃଥିବୀର ଜନସମାଜ ବରାବର ଏହି ଆଦର୍ଶ ନେଇ ଚଳେ । ପ୍ରକୃତି ବେଳେ ବେଳେ ଏହାର ବିରୋଧ କରେ । ସେ ବିରୋଧ ମନୁଷ୍ୟକୁ ସ୍ୱାଭାବିକ ଲାଗେ ନାହିଁ । ତେଣୁ ତା ମାନବ ଆକାଙ୍କ୍ଷାର ବହୁଦୂରରେ । ଫକୀରମୋହନଙ୍କ ଆଦର୍ଶବାଦ ବୁଝିଲା ବେଳେ ଏହା ଖୁବ୍ ମନେ ରଖିବାର ଅଛି । ପ୍ରକୃତି ଆମ ଯୋଜନାର ବିରୋଧ କରେ—ଏହା ସତ୍ୟ । ମାତ୍ର ଏହା ସ୍ପୃହଣୀୟ ନୁହେ । ଆଜି ନୂତନ ଭାବ-ତନ୍ତ୍ରରେ କଳମ, ପ୍ରକୃତି ସଙ୍ଗେ ଗତି କରିବାର ବାହାନା କରିପାରେ । ବେଳେ ବେଳେ ସେ ବାହାନା ସତ୍ୟର ଅନୁରୂପ ହୋଇପାରେ । କିନ୍ତୁ ସମାଜର ଗଠନପ୍ପ ହାରେ ତାହାର ସ୍ଥାନ ନାହିଁ, ଏହା ମଧ୍ୟ ମନେ ରଖିବାର ଅଛି । ଫକୀରମୋହନ ଯେଉଁ ଆଦର୍ଶବାଦ ଅବଲମ୍ବନ କରିଥିଲେ, ତା ମାନବିକ ଆଦର୍ଶ ଓ ଚରିଗତ କର୍ମନିଷ୍ଠାର ପରମ୍ପରାରୁ ବାହାରିଥିଲା । ପୁଣି ଯେତେବେଳେ ଫକୀରମୋହନ ଏହା ଲେଖିଥିଲେ, ସେତେବେଳେ ଏ ସାମାଜିକ ଆଦର୍ଶବାଦ ଛାଡ଼ି ପୂର୍ଣ୍ଣ ପ୍ରକୃତିର ଆଦର୍ଶ ଧରି ଚାଲିଥିଲେ ଫଳ କ'ଣ ହୋଇଥାନ୍ତା, ସମାଜ ତା କିପରି ଗ୍ରହଣ କରିଥାନ୍ତା, ତା ମଧ୍ୟ ଏଠାରେ ଭାବିବାର ବସ୍ତୁ ।

କିନ୍ତୁ ଏକଥା ଏତିକିରେ ଥାଉ । ଏତିକି ମାତ୍ର ଗୁଡ଼ିଦେଲେ, ଅନ୍ୟତ୍ର, ବିଶେଷତଃ 'ଛମାଣ ଆଠଗୁଣ୍ଠ' ଓ 'ମାମୁ'ରେ ଫକୀରମୋହନ ପୂରାପୂରି ଓଡ଼ିଆ । 'ମାମୁ'ରେ ପରିସ୍ଥିତି ବର୍ଣ୍ଣନାରେ କଳ୍ପନାର ଟିକିଏ ଉଦ୍ଦାମତା

Digitized by srujanika@gmail.com

ହୁଏତ ଠାଏ ଠାଏ ଅଛି । କିନ୍ତୁ 'ଛମାଣ ଆଠଗୁଣ୍ଠ' ନିରୁତା ସ୍ୱାଭାବିକ ପରିସ୍ଥିତିର ଜୀବନ୍ତ ଚିତ୍ର । ଯେ ଯା ହେଉ, ଓଡ଼ିଶାର କୌଣସି ପଲ୍ଲୀରେ ରାମଚନ୍ଦ୍ର ମଙ୍ଗରାଜ ଓ କୌଣସି ସହରରେ 'ମାମୁଁ' ଯେ ଜୀବନ୍ତ ରୂପରେ ଥାଇ ପାରନ୍ତି ବା ରହି ପାରନ୍ତି, ଏହା ସମ୍ଭାବନାରୁ ଦୂରରେ ନୁହେଁ ।

ତା'ପରେ ଫକୀରମୋହନଙ୍କ ଭାଷା । ଏହା ସରସତାରେ ପୂର୍ଣ୍ଣ । ଏପରି ସରସ ଭାଷା ଓଡ଼ିଆରେ ଆଉ କେବେ କେହି ଲେଖିନାହିଁ । ଏଥିରେ ଯେଉଁ ରସିକତା ଅଛି, ଓଡ଼ିଆରେ ଅନ୍ୟତ୍ର କୁତ୍ରାପି ତା ଦେଖାଯାଏ ନାହିଁ । 'ଛ ମାଣ ଆଠଗୁଣ୍ଠ'ରେ ଛତ୍ରେ ଛତ୍ରେ ଏହା ପୂର୍ଣ୍ଣ । କ୍ଷୁଦ୍ର ବାକ୍ୟାଂଶଠାରୁ ପ୍ରବୃଦ୍ଧ ବିଷୟାଂଶ ପର୍ଯ୍ୟନ୍ତ ସର୍ବତ୍ର ଭାଷାର ଏହି ମୋହନ ସାବଲୀଳତା ପାଠକକୁ ମୁଗ୍ଧ କରେ । ହେଲେହେଁ ଏହାର ଉଦାହରଣ ପାଇଁ ଓଡ଼ିଆ ଲେଖାରେ ଅନ୍ୟତ୍ର ଖୋଜି ହେବ ନାହିଁ । ଫକୀରମୋହନଙ୍କର ଏ ବିଶେଷତ୍ୱ ଏକା ଫକୀରମୋହନଙ୍କ ବିଶେଷତ୍ୱ । ପୁଣି ଏଥିରେ ଗ୍ରାମ୍ୟତାର ଗନ୍ଧ ନାହିଁ । ଏ ରସିକତା ଅତି ବିଶୁଦ୍ଧ ଓ ଅତି ମନୋରମ । ଉଦାହରଣ ଦେବା ନିଷ୍ପ୍ରୟୋଜନ । ପାଠକମାନେ ଯତ୍ରତତ୍ର ଏହା ଦେଖି ପାରିବେ ।

ବିଶେଷରେ ଏଥିପାଇଁ ଫକୀରମୋହନଙ୍କ ଆତ୍ମଜୀବନୀ ଯେ କେହି ଦେଖି ପାରନ୍ତି । କି ସୁନ୍ଦର ସରସତାରେ ନିଜର ଦୈନ୍ୟ ଦୁର୍ବଳତା ପର୍ଯ୍ୟନ୍ତ ଫକୀରମୋହନ ଏଥିରେ ପ୍ରକାଶ କରି ବେଳେ ବେଳେ ଗଭୀର ଆତ୍ମଗ୍ଲାନିକୁ ଘୋର ଆତ୍ମଶ୍ଲାଘାରେ ପରିଣତ କରିଚନ୍ତି, ଅଥଚ ପ୍ରାଣର ଚଞ୍ଚଳତା ବା ନିଜକୁ ବଡ଼ମାନ ଦେବାର ଉଦ୍‌ବେଗ ନାହିଁ, ଏହା ଏକା ଦେଖିବାର ଜିନିଷ । ଏପରି ଆତ୍ମଜୀବନୀ ଆଉ ଜାଣିବାର ସାହିତ୍ୟରେ ଲେଖାଯାଇଚି ବୋଲି ମନେ ହୁଏ ନାହିଁ । ଅବଶ୍ୟ ଦୁଃଖର କଥା, ଏ ଘୋର ବିଚିତ୍ରତା, ରସିକତା ଓ ସରସତାର ଚିତ୍ର ବେଳେ ବେଳେ ଖଣ୍ଡିତ ହୋଇଚି—ତା ପୁଣି ହୋଇଚି, ତାଙ୍କ ପୁତ୍ର ସ୍ୱର୍ଗତ ମୋହିନୀମୋହନ ସେନାପତିଙ୍କ ପଟୁତାରେ । ସେଥିପାଇଁ 'ଉତ୍କଳ ସାହିତ୍ୟ'ର ମୌଳିକ ଲେଖାସବୁ ଅନୁଧ୍ୟାନଯୋଗ୍ୟ ।

Digitized by srujanika@gmail.com

ଅବଶ୍ୟ ଏଇ ଅତିରମଣୀୟ ଆତ୍ମଜୀବନୀରେ ସ୍ୱର୍ଗତ ମୋହନୀମୋହନଂକ କାଟଛାଂଟ ଖୁବ୍ କାମ କରିଚି । ବରଂ କୁହାଯାଇ ପାରେ, ଏ ସବୁ କାଟଛାଂଟରେ କବିଂକର ଭୁଂଗିମା ବା ଗୌରବ ବଢ଼ାଇବାର ଲେଶ ନାଇ । ଏହାର ଉଦ୍ଦେଶ୍ୟ ଭିନ୍ନ ଓ ଅପ୍ରଶଂସନୀୟ । ଏଇ ଦୃଷ୍ଟିରେ କବିଂକର ଆଦିମ କବିତାମାନଂକରେ ବିଶେଷତଃ ପତ୍ନୀବିୟୋଗରେ ଲିଖିତ 'ଉପହାର'ରେ ବହୁ ସ୍ଥାନରେ ସଂଶୋଧନର ଛାୟା ପଡ଼ିଚି । ସେଥିରେ ବିଷୟ ଖଂଡିତ ହୋଇଚି ମାତ୍ର; ସୌଂଦର୍ଯ୍ୟ ବୃଦ୍ଧି ପାଇ ନାଇ ।

ଗୋଟିଏ ଉଦାହରଣ ଦେଖ । ଫକୀରମୋହନ ନିଜ ଲିଖିତ ଗଳ୍ପଗୁଡ଼ିକ ଏକତ୍ର କରି ନାମ ଦେଇଥିଲେ, 'ଗଳ୍ପ ସ୍ୱଳ୍ପ' ଅର୍ଥାତ୍ ମୋହର ଯାହା କିଛି ଅଳ୍ପ ଗଳ୍ପ ଅଛୁ, ତାହାର ସମବାୟ । ଫକୀରମୋହନଂକ ପୁଣି ତାହାର ଦ୍ୱିତୀୟ ସଂସ୍କରଣ କଲାବେଳେ ବୋଧହୁଏ ବିନା ଉଦ୍ଦେଶ୍ୟରେ ସଂଶୋଧନ କରି ନାମ ଦେଲେ, 'ଗଳ୍ପ ସଳ୍ପ' । ସେ କହିଲେ 'ସ୍ୱଳ୍ପ' ଗୋଟାଏ କି କଥା ? ବରଂ ଓଡ଼ିଆରେ କହଂତି 'ଗପସପ' । ତେଣୁ ଏହାର ସଂସ୍କୃତୀକରଣ ହେବ 'ଗଳ୍ପ ସଳ୍ପ' । ନିରୁଦ୍ଦେଶ୍ୟ ସମାଲୋଚନାରେ ମଧ୍ୟ କି ସୁଂଦର ବିଚାର ! କିଂତୁ ଏପରି ଏକବାଗିଆ ବିଚାର ମୋହନୀମୋହନଂକ ପ୍ରକୃତିଗତ ଥିଲା ।

ସେ ଯାହା ହେଉ, ଫକୀରମୋହନଂକ ଗଳ୍ପ ଏବେ ମଧ୍ୟ ଓଡ଼ିଶାରେ ଅନନୁକୃତ ରହିଚି । ଓଡ଼ିଶାର ପରିସ୍ଥିତି ଭିତରେ ଇତିହାସ ସଂଗେ ସାମାଜିକତାକୁ ମିଶାଇ ଏପରି ଗଳ୍ପ କଳ୍ପନା କରିବା ଆମ ସାହିତ୍ୟରେ ଏବେ ବି ଅନନ୍ୟସାଧାରଣ ।

ଆଉ ଗୋଟିଏ କଥା ରହିଗଲା—ତାହା ହେଉଚି, ଫକୀରମୋହନଂକ ପଦ୍ୟ ଓ କବିତା । ତାଂକ ପଦ୍ୟରେ ଯଥାର୍ଥ କବିତା ଥିଲା, ତାଂକ ପିଲା ଦିନର କ୍ଷୁଦ୍ର କ୍ଷୁଦ୍ର କବିତାରେ । ସେ ସବୁ 'ପୁଷ୍ପମାଳା' ଆକାରରେ ଦକ୍ଷିଣରେ ପାଠ୍ୟପୁସ୍ତକ ହେବାପାଇଁ ସେ କାଳର ବିଂଗାଭକ୍ତ ଲୁନେସ୍ୟା ଶାସ୍ତ୍ରୀଂକୁ ବିକି ହୋଇ ଯାଇଥିଲା । କେତେ ମୂଲ୍ୟରେ, ମୂଲ୍ୟ ଥିଲା କି ନା, ଏସବୁ ବିଷୟରେ ଆମେ କିଛି ଜାଣୁ ନାଇ । ଏସବୁ ପରେ, ତାଂକର ଭାବଗର୍ଭିତ କାବ୍ୟ ହେଉଚି 'ଉପହାର' । ସେ ପୁସ୍ତକଟି, କୁହାଯାଇଚି, ଦ୍ୱିତୀୟ

Digitized by srujanika@gmail.com

ସଂସ୍କରଣରେ ମୋହିନୀମୋହନ ଦ୍ୱାରା 'ସାଧୁକୃତ' । ସେ ପୁସ୍ତକର ପ୍ରଥମ ସଂସ୍କରଣରେ ସ୍ଥଳେ ସ୍ଥଳେ ହୃଦୟଗ୍ରାହୀ କବିତା ଥିଲା । ତୁଳନା ପାଇଁ ପାଠକମାନେ ଖୋଜି ଦେଖି ପାରନ୍ତି । ତା'ଛଡ଼ା ଗୋଟିଏ କୌତୁକାବହ କାବ୍ୟ ହେଉଛି, 'ଉତ୍କଳଭ୍ରମଣ' । ପ୍ରଥମ ସଂସ୍କରଣରେ ଏହାର ଆୟତନ ଓ ପରିସର ଅଳ୍ପରେ ଥିଲେହେଁ ଏହା ବଡ଼ ହୃଦୟଗ୍ରାହୀ ସରସତାରେ ପୂର୍ଣ୍ଣ ଥିଲା । ଉଦାହରଣ ସ୍ୱରୂପ ଜଣେ ମଠମହନ୍ତଙ୍କୁ ନାମତଃ ଲକ୍ଷ୍ୟ କରି ଫକୀରମୋହନ ଲେଖିଥିଲେ—

"ତହିଁ ମଧ୍ୟେ ଥିଲେ ଜଣେ ହୟଗ୍ରୀବ ଦାସ,
ମହା ପାଜି ସୟତାନ ବଡ଼ ବଦମାସ ।"

ଝିଂଗାରପୁର ଜମିଦାରମାନଙ୍କୁ ଲକ୍ଷ୍ୟ କରି କବି ଲେଖିଥିଲେ—

"ଝିଂଗାରପୁରଏ ସୁଖେ ଥାଅ ଚିରଦିନ୍
କରୁଥାଅ ପ୍ରତିଦିନ ଡାକ ଧିନ୍ ଧିନ୍ ।"

ନୂଆ ବାବୁମାନଙ୍କୁ ଲକ୍ଷ୍ୟ କରି ଲେଖିଥିଲେ—

"ବାବୁମାନେ ହେଲେ ସବୁ ଇଂରେଜି ପଢ଼ୁଆ
ଓଡ଼ିଆ କହିଲେ ତାଙ୍କୁ ଲାଗିବ ଅଡୁଆ ।"

ଏସବୁ ଯେ ଦ୍ୱିତୀୟ ସଂସ୍କରଣରେ ନାହିଁ, ସେ କଥା ନୁହେଁ । କିନ୍ତୁ ଦ୍ୱିତୀୟ ସଂସ୍କରଣରେ କାବ୍ୟଟିର ଲୀଳାକୃତି ପରିସରରେ କେବଳ ବଢ଼ାଇ ଦିଆଯାଇଛି ନୁହେଁ, ଠିକ ସମାଲୋଚନାରେ, ଏପରି କି ଗାଳି ବର୍ଷଣରେ ପର୍ଯ୍ୟନ୍ତ ଯେଉଁ ପୂର୍ଣ୍ଣ ଗାଢ଼ ରସିକତା ଥିଲା, ତାହା ସବୁ ପାଣି ଫାଟି ଯାଇଛି କହିଲେ ହୁଏ । ଏ କାବ୍ୟଟିରେ 'ଯୌବନ ଉପରେ ବାର୍ଦ୍ଧକ୍ୟର ଭର, କୌତୁକ ଉପରେ ବିମୃଷ୍ୟକାରିତାର ଆଚ୍ଛାଦନ ପଡ଼ିଯାଇଛି ବୋଲି ବେଶ୍ ବୁଝାଯିବ ।

ତା ପରେ ତାଙ୍କର 'ବୌଦ୍ଧାବତାର କାବ୍ୟ' । ୧୯୦୭ ଖ୍ରୀଷ୍ଟାବ୍ଦ ବେଳକୁ ଏହାର ଶେଷ ଓ ପରିଶୁଦ୍ଧ ସଂସ୍କରଣ ପ୍ରକାଶ ହୋଇଥିଲା । ଫକୀରମୋହନ ନିଜେ ଏ କାବ୍ୟଟିକୁ ଲୋକରେ ଆଦୃତ କରିବାକୁ ଗୋଟିଏ ବହୁତ ମୁଖବନ୍ଧ ଲେଖି-

Digitized by srujanika@gmail.com

ଛନ୍ତି । ହେଲେହେଁ, ଏ ମୁଖବନ୍ଧଟିର ଭାଷାରେ 'ଛମାଣ ଆଠଗୁଣ୍ଠ' ବା 'ଗଳ୍ପ ସ୍ୱଳ୍ପ'ର ଫକୀରମୋହନ ନାହାନ୍ତି । ଏହା ବରଂ 'ପ୍ରାୟଶ୍ଚିତ୍ତ'ର ଭାଷା ବୋଲି କୁହାଯାଇପାରେ । ଏଥିରେ ମଧୁବାବୁଙ୍କ ପ୍ରକାଶଶୈଳୀ ଓ ଗୁଣ ସୁସ୍ପଷ୍ଟ ଦେଖାଯାଏ । ଏହା ଧର୍ମ ସମ୍ବନ୍ଧୀୟ ଲେଖା, ତେଣୁ ହୁଏତ ଧର୍ମ ଭାବରେ ପ୍ରଭାବିତ ପବିତ୍ର ଲେଖାର ଏହା ହୋଇଛି ଆଦର୍ଶ । ଏଥିରେ ପୁଣି ବିଷୟଟିର ଅବତାରଣା ଅତି ଦୀର୍ଘ, ପୁଣି ଜଟିଳତାରେ ହ୍ରସ୍ୱ ନୁହେ । 'ଆମକୁ କେହି ପଚ୍ଛରୁ ନାହାନ୍ତି', 'ଆମର ବହୁ ବିଭବ ଅଛି, କେହି ଜାଣୁ ନାହାନ୍ତି'— ଏ ଗୌଣତ୍ୱ ମନୋବୃତ୍ତିର ରୂପ ମଧ୍ୟ ଖୁବ୍ ଦେଖାଯାଏ । ସର୍ବୋପରି ଦେଖିବାର ଜିନିଷ ଏଥିରେ ହେଉଛି, ଖ୍ରୀଷ୍ଟିୟାନ୍ ଜଗତର ଗୋଟିଏ ଅପ୍ରାକୃତିକ ନିତ୍ୟ ପ୍ରଶ୍ନ । ତା ହେଉଛି, ଈଶ୍ୱର ଅଛନ୍ତି କି ନାହାନ୍ତି । ଖ୍ରୀଷ୍ଟାନମାନେ ବୁଦ୍ଧଦେବ ସମ୍ବନ୍ଧରେ ଏଇ ପ୍ରଶ୍ନଟି ବରାବର ପଚାରି ତାହାର ନାନାପ୍ରକାର ସମାଧାନ କରି ଆସି ଅଛନ୍ତି । କିନ୍ତୁ ଯଥାର୍ଥ ବୁଦ୍ଧଦେବଙ୍କ ସମ୍ବନ୍ଧରେ ଏ ପ୍ରଶ୍ନର ଅର୍ଥ କିଛି ନାଇ । ସାଧନା ବା ଶୀଳରେ ଆତ୍ମାକୁ ନିର୍ମଳ କରି ନିର୍ବାଣ ଲାଭ କରିବା ଯାହାଙ୍କର ଉଦ୍ଦେଶ୍ୟ, ତାଙ୍କ ସମ୍ବନ୍ଧରେ ଈଶ୍ୱର ଅଛନ୍ତି କି ନାହାନ୍ତି, ଏ କୃତ୍ରିମ ପ୍ରଶ୍ନ ଉଠି ନପାରେ । ପୁଣି ଖ୍ରୀଷ୍ଟାନ ପ୍ରଭୃତି ଆମ ବୈଷ୍ଣବଙ୍କ ପର୍ଯ୍ୟନ୍ତ ସମସ୍ତେ ଭକ୍ତିଧର୍ମୀ । ସେମାନେ ଗୋଟିଏ ଈଶ୍ୱର ତିଆରି କରି ସିଂହାସନରେ ନ ବସାଇଲେ ତାଙ୍କ ଆତ୍ମ-ନିବେଦନ ସାର୍ଥକ ହୁଏ ନାଇ । ସେମାନେ ଆଦର୍ଶ ଚାହାନ୍ତି ନାଇ, ଚାହାନ୍ତି ନିଦେଶକ । ସେଇ ନିଦେଶକ ହେଉଛନ୍ତି ଈଶ୍ୱର । ଅତଏବ ବୁଦ୍ଧଙ୍କ ସମ୍ବନ୍ଧରେ ଏ ପ୍ରଶ୍ନ ନିତାନ୍ତ ଅଯୌକ୍ତିକ ଓ ଅସମୀଚୀନ ।

ପୁଣି ବୁଦ୍ଧ ଯେ ଦୁଇଟି—ଏ କଥା ଫକୀରମୋହନଙ୍କ ପରି ଭକ୍ତଙ୍କ ସମ୍ପର୍କରେ ବୁଝିବା ଦୁଷ୍କର । ଫକୀରମୋହନ କହିଛନ୍ତି, ସିଂହଳର ବୌଦ୍ଧ ଧର୍ମରେ ଈଶ୍ୱରଅସ୍ତିତ୍ୱ ମାନନ୍ତି କି ନାଇ କହି ହେବ ନାଇ—କିନ୍ତୁ ନେପାଳ, ଚୀନ, ଭୁଟାନ, ଜାପାନ ପ୍ରଭୃତିର ବୌଦ୍ଧଧର୍ମ ଏଥିରୁ ଭିନ୍ନ । ଏଥିରେ ଈଶ୍ୱର ନାନା ପରିସ୍ଥିତିରେ ନାନା ଭାବରେ ଉପସ୍ଥିତ ଅଛନ୍ତି । ଏହା ଠିକ୍, ଏଥିରେ ଭ୍ରାନ୍ତି ନାଇ । ମୌଳିକ ବୌଦ୍ଧଧର୍ମକୁ ମହାଯାନୀମାନେ ହୀନଯାନ ବୋଲି କହିଲେ ମଧ୍ୟ ବୁଦ୍ଧରେ ଯଥାର୍ଥ ଜିଣିତ୍ୱ ଏଇଥିରେଇ

Digitized by srujanika@gmail.com

ପ୍ରତିଷ୍ଠିତ । ଏଥିରେ କର୍ମର ଫଳପାଇଁ ଏକମାତ୍ର ଆତ୍ମା ଦାୟୀ । କର୍ମରେ ଫଳକୁ ଲଗାଇବା ପାଇଁ ଈଶ୍ୱର ମଧ୍ୟ ଦରକାର ନାହାଁନ୍ତି । ଏହାହିଁ ମୌଳିକ ବୌଦ୍ଧଧର୍ମ ।

ଦ୍ୱିତୀୟଟି ହେଉଛି, ମହାଯାନର ବୌଦ୍ଧଧର୍ମ । ସେଥିରେ ଆଦର୍ଶ ପୁରୁଷର ମୈତ୍ରୀ ଗୁରୁ ବୁଦ୍ଧ, କରୁଣାମୟ ବୁଦ୍ଧରେ ପରିଣତ ହୋଇଛନ୍ତି । ଏହି କରୁଣାମୟ ବୁଦ୍ଧ ହେଉଛନ୍ତି, ପ୍ରାର୍ଥନାର ଈଶ୍ୱର । ଈଶ୍ୱର ଅଛନ୍ତି କି ନାହାଁନ୍ତି, ଏ ପ୍ରଶ୍ନର ସମ୍ଭାବନା ଏହି କରୁଣାମୟ ବୁଦ୍ଧରେ ଏକା ଦେଖାଯାଏ । କିନ୍ତୁ ବୌଦ୍ଧଧର୍ମର ଏହା ଏକ ଅର୍ବାଚୀନ ପନ୍ଥା । ମୌଳିକ ଶାକ୍ୟମୁନି ବୁଦ୍ଧ ଏଥିରେ ନାହାଁନ୍ତି । ଏ ହିସାବରେ ବୁଦ୍ଧଦେବ ଖ୍ରୀଷ୍ଟ ଓ ବାସୁଦେବଙ୍କ ସଙ୍ଗେ ସମାନ କହିଲେ ଅଯୁକ୍ତ ହେବ ନାହିଁ । ଏ ବୁଦ୍ଧ ହେଉଛନ୍ତି ଭକ୍ତର ଭଗବାନ, ଅପୂର୍ଣ୍ଣ ପାପୀର ଆଦର୍ଶ ନୁହନ୍ତି ।

ସେହି ଦୃଷ୍ଟିରେ ଫକୀରମୋହନ ଲେଖିଛନ୍ତି, 'ବୌଦ୍ଧାବତାର କାବ୍ୟ' । ସେ ସ୍ପଷ୍ଟ ଲେଖିଛନ୍ତି, ସେ କାଳ ଇଂରେଜୀ ବଙ୍ଗଳା ମାସିକ ପତ୍ରମାନଙ୍କ ଲେଖା ଓ କେତେକ ପୁସ୍ତକର ଅବଲମ୍ବନରେ ଏହି ଗ୍ରନ୍ଥଟି ତାଙ୍କର ଲେଖା ହୋଇଛି । ବିଲାତର ଇଂରେଜ Edwin Arnold (ଏଡ୍‌ୱିନ୍ ଆର୍ନଲ୍ଡ), Light of Asia (ଏସିଆର ଆଲୋକ) ବୋଲି ଗୋଟିଏ ବୁଦ୍ଧଜୀବନୀ କାବ୍ୟ ଲେଖିଥିଲେ । ବୋଲିବା ବାହୁଲ୍ୟ, ଏହା ଭଗବାନ ବୁଦ୍ଧଙ୍କ ଜୀବନୀ । ଏହା ବିଶେଷରେ ଅଶ୍ୱଘୋଷଙ୍କ 'ବୁଦ୍ଧ ଚରିତ'ରୁ ଗ୍ରହଣ କରାଯାଇଛି । ଏଥିରେ ବୁଦ୍ଧ ହେଉଛନ୍ତି ମହାଯାନୀ ବୁଦ୍ଧ—ହୀନଯାନୀ ନୁହନ୍ତି । ସେହି ଗ୍ରନ୍ଥକୁ ବଙ୍ଗକବି ନବୀନଚନ୍ଦ୍ର ସେନ 'ଅମିତାଭ' ବୋଲି ଏକ କାବ୍ୟରେ ମର୍ମାନୁବାଦ କରିଛନ୍ତି । ଫକୀର-ମୋହନଙ୍କ 'ବୌଦ୍ଧାବତାର କାବ୍ୟ' ଦେଖିଲେ ମନେ ହୁଏ, ଏହା ସେହି 'ଅମିତାଭ' କାବ୍ୟର ଗୋଟିଏ ବିସ୍ତୃତ ଅନୁବାଦ । ହୁଏତ ଅନ୍ୟ ଲେଖାରୁ ଫକୀରମୋହନ କଥଂଚିତ୍ ପ୍ରେରଣା ପାଇଥିବେ । ମାତ୍ର ମୁଖ୍ୟତଃ ଫକୀର-ମୋହନଙ୍କ ଲେଖାଟିକୁ 'ଅମିତାଭ' ଗ୍ରନ୍ଥର ବିସ୍ତାରିତ ଅନୁବାଦ ବୋଲି କହିଲେ ଅତିରଂଜିତ ହେବ ନାହିଁ । ଏହି ଦୃଷ୍ଟିରେ ଦେଖିଲେ, ଫକୀର-ମୋହନଙ୍କ ମୁଖବନ୍ଧଟି ସମୀଚୀନ ହୋଇଛି ।

Digitized by srujanika@gmail.com

ଏ ଗଳ୍ପ ମୋଟାମୋଟି ପ୍ରକାଶିତ ଫକୀରମୋହନଂକ ଗ୍ରଂଥାବଳୀ । ଏହାଛଡ଼ା ଫକୀରମୋହନଂକର ବହୁ ଲେଖା ରହିଯାଇଛି । ଓଡ଼ିଆ ସାହିତ୍ୟର ପ୍ରଗତିପାଇଁ ଫକୀରମୋହନଂକର ଯେ ବ୍ୟାକୁଳତା ଥିଲା, ଏ ସବୁ ହେଉଛି ବ୍ୟାକୁଳତାର ପ୍ରତୀକ । ସେ ପ୍ରଥମେ ରାମାୟଣ ଓ ମହାଭାରତ ଅନୁବାଦ କରିବା ଆରମ୍ଭ କରିଥିଲେ । ବ୍ୟାସଂକ ମହାଭାରତ ଓ ବାଲ୍ମୀକି ରାମାୟଣର ତଦ୍ରୂପ ଅନୁବାଦ ନ ଥିଲା । ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାରେ ତାଂକର ଏ ଆଦ୍ୟ ଉଦ୍ୟମ । ଏ ଅନୁବାଦରେ ସାରଳା ଓ କୃଷ୍ଣସିଂହଂକ ଉଚ୍ଛୃଂଖଳତା କିଂବା ବଳରାମ ଦାସଂକ ଗଭୀର ଭାବସଂମିଶ୍ରଣ ଓ ଅନୁବାଦର ଉଦାରତା ନ ଥିଲା । ଫକୀରମୋହନଂକ ସେ ମହାଭାରତ ବା ରାମାୟଣ ଏବେ ମିଳୁ ନାଇ । ତଥାପି କୁହାଯାଇ ପାରେ, ଓଡ଼ିଆ ସାହିତ୍ୟରେ ସେପରି ଆଉ କେହି କରିବାର ଉଦ୍ୟମ କରିନାହାଂତି ।

ଆଉ ଗୋଟିଏ ଜଣାଶୁଣା କଥା, ଫକୀରମୋହନଂକ ଲିଖିତ ଭାରତ-ବର୍ଷର ଇତିହାସ । ଏହା ଦୁଇଖଂଡରେ ପ୍ରକାଶିତ ହୋଇଥିଲା । ଅଳ୍ପ ସମୟ ପରେ ଓଡ଼ିଶାର ପାଠ୍ୟପୁସ୍ତକକୁ ଆଦର୍ଶ କରି ତାଳଚେର ରାଜାଂକ ନାମ ଦେଇ୍ ହେଉ ବା ଆଉ କାହାର ନାମ ଦେଇ ହେଉ, ଓଡ଼ିଆରେ ଯେଉଁ ଭାରତବର୍ଷର ଇତିହାସ ଲିଖିତ ହୋଇଥିଲା, ଏହା ସେ ଶ୍ରେଣୀର ନୁହେ । ଏଥିରେ ଛତ୍ରେ ଛତ୍ରେ ଫକୀରମୋହନ ସ୍ୱରୂପରେ ଉଦୟମାନ ଥିଲେ । ଏବେ ମଧ୍ୟ ମନେ ଅଛି, ସେଥିରେ ଲେଖାଥିଲା, ବାବରଂକ ମଦପିଆ ଗିନାରେ ପାରସିକ ଭାଷାରେ ଯାହା ଲେଖାଥିଲା, ତାହାର ଓଡ଼ିଆ ଅନୁବାଦ ହେଉଚି:—

"ପ୍ରାଚୀନ ସୁରା କଲ୍ପବୃକ୍ଷ
ଆବର ନବୀନା ଯୁବତୀ
ଜଗତେ ସୁଖ ଏ ଅଛି ବ
ବାବର ଏହା ନ ଭୁଲିବ ।"

ମାମୁଦଂକ ଚରିତ୍ର ଦେଖାଇବା ପାଇଁ ସେଥିରେ ଲେଖାଥିଲା, "ଦିନେ ଜଣେ ବୁଢ଼ୀ ବହୁଦୂରରୁ ଆସି ମାମୁଦଂକୁ କହିଲା, ଦସ୍ୟୁମାନେ ସେ ବୁଧବାର

Digitized by srujanika@gmail.com

ପୁଅକୁ ମାରଦେଇ ସବୁ ଧନରତ୍ନ ଲୁଟିକରି ନେଇଗଲେ । ମାମୁଦ ଅତି ଦୁଃଖିତ ହୋଇ ବୁଢ଼ୀ ସଂଗେ ସମବେଦନା ଜଣାଇ କହିଲେ, 'ମା, ଏତେ ଦୂରର କଥା, ମୁଁ କ'ଣ କରିବ ? ପାଖ ହୋଇଥିଲେ, ମୁଁ ଖୁବ୍ ସହଜରେ ଦସ୍ୟୁମାନଂକୁ ଦମନ କରି ପାରିଥାଂନ୍ତି ।' ବୁଢ଼ୀ ସଂଗେ ସଂଗେ ଉତ୍ତର ଦେଲା, 'ତେବେ ସୁଲତାନ ଯେତିକ ରାଜ୍ୟ ସମ୍ଭାଳି ପାରିବେ, ସେତିକ ରାଜ୍ୟ ରଖଂନ୍ତୁ । ଏତେ ଦୂର ଦୂରାନ୍ତରର ରାଜ୍ୟ ରଖି ଲାଭ କ'ଣ ?' ମାମୁଦ ବିସ୍ମିତ ହେଲାପରି ଦେଖାଗଲେ, ସଂଗେ ସଂଗେ ସେ ଦୂର ଦେଶରେ ଦସ୍ୟୁଦମନ ପାଇଁ ସୈନ୍ୟସାମଂନ୍ତ ପଠାଇଲେ ।"

ମାମୁଦ ଓ କବି ଫେରଦୁସି, ଦୁହିଂକ ସଂବଂଧରେ ଘଟିଥିବା ଆଉ ଗୋଟିଏ ଘଟଣା । ଫକୀରମୋହନଂକ ଇତିହାସରୁ ମନେ ହେଉଚି, ମାମୁଦ ଜବାବ କରିଥିଲେ, ଗୋଟିଏ ଶ୍ଳୋକ ପାଇଁ ଗୋଟିଏ ସ୍ୱର୍ଣ୍ଣମୁଦ୍ରା ଦେବେ । ଫେରଦୁସି 'ସାହାନାମା' ମହାକାବ୍ୟ ଲେଖି ମାମୁଦଂକ ପାଖକୁ ଆଣିଲେ । ସେଥିରେ ମନେହୁଏ ୧୦ ସହସ୍ରାଧିକ ଶ୍ଳୋକ ଥିଲା । ମାମୁଦ ଟିକିଏ ବିସ୍ମିତ ହୋଇ କହିଲେ, ସେ ଶ୍ଳୋକ ପ୍ରତି ଗୋଟିଏ ରୌପ୍ୟମୁଦ୍ରା ପୁରସ୍କାର ଦେବେ । ତାହା ଶୁଣି ଫେରଦୁସି ନିର୍ବାକ ହୋଇ ରାଜସଭା ତ୍ୟାଗ କରି ନିଜ ଘରକୁ ଚାଲିଗଲେ । ଗଲାବେଳେ ଯାହା ଲେଖିଗଲେ, ତାହାର ଓଡ଼ିଆରେ ଅନୁବାଦ ଫକୀରମୋହନ ଦେଇଥିଲେ—

"ହୋଇଥିଲେ ରାଜେ୍ୟଶ୍ୱର ନୃପଂକ କୁମର,
ମଣି ମୁକୁଟରେ ଶିର ଶୋହିଥାନ୍ତା ମୋର ।"

ଏ ଗୀତରେ ଗୋଟିଏ ଗୂଢ଼ ସଂକେତ ଥିଲା । ତାହା ହେଉଚି, ଏଇ ରାଜେ୍ୟଶ୍ୱର ମାମୁଦ ନୃପଂକକୁମର ଅର୍ଥାତ୍ ରଜାଂକ ପୁତ୍ର ନ ହୋଇ, ଥିଲେ ସାବକ୍ତଗୀନ ନାମକ ଆବିସିନିଆ ଉପକୂଳର ଜଣେ କ୍ରୀତଦାସଂକ କୁମର । ମାମୁଦ ଏଥିରେ ଅନୁତାପଦଗ୍ଧ ହୋଇ ନିଜ ଅଂଗୀକୃତ ଅର୍ଥଠାରୁ ଅଧିକ ଅର୍ଥ ପଠାଇ ଦେଇଥିଲେ । କିଂତୁ ଯେଉଁ ଓଟମାନେ ସେଇ ଅର୍ଥ ଘେନି ଯାଇଥିଲେ, ସେମାନେ ପହଂଚିଲା ବେଳକୁ ଫେରଦୁସିଂକ ଶବ କବରକୁ ଯିବାପାଇଁ ଘରୁ ବାହାରୁଥିଲା ।

Digitized by srujanika@gmail.com

ଏ ସବୁ ମନୋଗ୍ରାହି-ଗଳ୍ପ-ସଂବଳିତ ଇତିହାସ ସେତେବେଳେ କିଛିକାଳ ବାଧ୍ୟ ହେବାରୁ ପାଠ୍ୟପୁସ୍ତକ କରି ହୋଇଥିଲା । ତା ପରେ ପାଠ୍ୟପୁସ୍ତକର ଗତି ବଦଳିଗଲା । ଏପରି କି ଫକୀରମୋହନଙ୍କ ଇତିହାସ ପାଠ୍ୟପୁସ୍ତକ ହେବା ଦୂରେ ଥାଉ, ତାଙ୍କ 'ଛ'ମାଣ ଆଠଗୁଣ୍ଠ' ପର୍ଯ୍ୟନ୍ତ କୌଣସି ଗ୍ରନ୍ଥ ସ୍କୁଲରେ ପ୍ରାଇଜ ଲାଇବ୍ରେରୀ ପାଇଁ ମଧ୍ୟ ମନୋନୀତ ହୋଇ ନ ଥିଲା । ବୋଲିବା ବାହୁଲ୍ୟ, ସାହିତ୍ୟରେ ରୁଚି ଓ ପବିତ୍ରତା ନାମରେ ଏହି ସମୟଠାରୁ ଯେଉଁ କୃତ୍ରିମ ନୂତନ ଯୁଗ ଆରମ୍ଭ ହୋଇଥିଲା, ତାହାର ପ୍ରଧାନ ଅବଲମ୍ବନ ଥିଲେ, ଶିକ୍ଷାବିଭାଗ ଓ ଅଧସ୍ତନ ଶିକ୍ଷକମାନେ । ଫକୀରମୋହନଙ୍କ ଭଳି ମୌଳିକ-ପ୍ରତିଭା-ସଂପନ୍ନ ବ୍ୟକ୍ତିମାନେ ବାଧ୍ୟ ହୋଇ ସ୍ଥିତି ହରାଇଥିଲେ । ସେତିକି ନୁହେଁ, ବରଂ ଏମାନେ କ୍ରମେ ଆଗନ୍ତୁକ ନୂତନତାରେ ଅଜ୍ଞାତ ଭାବରେ ଆତ୍ମବଳି ଦେବାକୁ ବାଧ୍ୟ ହୋଇଥିଲେ ।

ଏକଥା ଉଦାହରଣ ସହ ବହୁତ ବୁଝାଇ କୁହାଯାଇଛି । ମୋଟାମୋଟି ଦେଖିଲେ, ଖ୍ରୀଷ୍ଟୀୟ ବିଂଶ ଶତାବ୍ଦୀର ପ୍ରାରମ୍ଭିକ ବର୍ଷମାନଙ୍କ ପୂର୍ବରୁ ଓ ପରେ ପ୍ରାୟଶଃ ଫକୀରମୋହନଙ୍କ ଲେଖନଶୈଳୀ ବେଶ ଅନୁଧାବନ କରିହୋଇପାରେ । 'ଛ ମାଣ ଆଠଗୁଣ୍ଠ' ବିଂଶ ଶତାବ୍ଦୀ ପରର ନୁହେଁ । ଏହା 'ଉତ୍କଳ ସାହିତ୍ୟ'ରେ ବାହାରି ଯାଇଥିଲା । ସେହିପରି ଅନ୍ୟାନ୍ୟ ବହୁ କାବ୍ୟ, ଗଳ୍ପ ଓ ଉପନ୍ୟାସ ସମ୍ବନ୍ଧରେ କୁହାଯାଇପାରେ । ପାଠକ-ମାନଙ୍କ ବିଶେଷ ଜାଣିବାପାଇଁ ୧୯୨୭ରେ ପ୍ରକାଶିତ ଫକୀରମୋହନ ସେନାପତିଙ୍କ 'ଆତ୍ମ ଜୀବନ ଚରିତ' ଗ୍ରନ୍ଥ ଶେଷରେ ତାଙ୍କ ପୁତ୍ର ମୋହିନୀମୋହନ ଯେଉଁ ତାଲିକାଟି ସଂଗ୍ରହ କରି ପ୍ରକାଶିତ କରିଛନ୍ତି, ତାହା ଉଦ୍ଧାର କରି ଦିଆଗଲା—

| ଗ୍ରନ୍ଥର ନାମ ଓ ପରିଚୟ | ସଂସ୍କରଣ | ଯେଉଁ ପ୍ରେସରେ ମୁଦ୍ରିତ | ଯେଉଁ ତାରିଖରେ ପ୍ରକାଶିତ |
|---|---|---|---|
| ୧—ଜୀବନ ଚରିତ (ଅନୁବାଦ) | ୧ମ | ବେପ୍‌ଟିଷ୍ଟ ମିସନ ପ୍ରେସ, କଲିକତା | ୧୮୭୬ |
| ୨—ଭାରତବର୍ଷର ଇତିହାସ ପ୍ରଥମ ଭାଗ | ୧ମ | ବାଲେଶ୍ୱର ଉତ୍କଳ ପ୍ରେସ | ୧୮୭୯ |

Digitized by srujanika@gmail.com

| ଗ୍ରଂଥର ନାମ ଓ ପରିଚୟ | ସଂସ୍କରଣ | ଯେଉଁ ପ୍ରେସରେ ମୁଦ୍ରିତ | ଯେଉଁ ତାରିଖରେ ପ୍ରକାଶିତ |
|---|---|---|---|
| ଭାରତବର୍ଷର ଇତିହାସ | | | |
| ଦ୍ୱିତୀୟ ଭାଗ | ୧ମ | ବାଲେଶ୍ୱର ଉତ୍କଳ ପ୍ରେସ | ୧୮୭୦ |
| ୩—ଅଂକମାଳା | ୨ୟ | ” | ୧୮୭୦ |
| ୪—ରାମାୟଣ (ପଦ୍ୟାନୁବାଦ) | | | |
| ବାଲକାଂଡ | ୨ୟ | ଦେଂକ ଉତ୍କଳ ପ୍ରେସ, ବାଲେଶ୍ୱର | ୧୮୮୪ |
| ଅଯୋଧ୍ୟା କାଂଡ଼ | ୨ୟ | ” | ୧୮୮୪ |
| ଆରଣ୍ୟକାଂଡ଼ | ୧ମ | ” | ୧୮୮୩ |
| କିଷ୍କିଂଧାକାଂଡ଼ | ୧ମ | ” | ୧୮୮୫ |
| ସୁଂଦରକାଂଡ଼ | ୧ମ | ” | ୧୮୮୭ |
| ଲଂକାକାଂଡ଼ | ୧ମ | ” | ୧୮୯୦ |
| ଉତ୍ତରକାଂଡ଼ | ୧ମ | ” | ୧୮୯୫ |
| ୫—ମହାଭାରତ (ପଦ୍ୟାନୁବାଦ) | | | |
| ଆଦିପର୍ବ | ୧ମ | ଉତ୍କଳ ପ୍ରିଣ୍ଟିଂକଂପାନୀଂକ ପ୍ରେସ, ବାଲେଶ୍ୱର | ୧୮୮୭ |
| ସଭାପର୍ବ | ୧ମ | ” | ୧୮୮୭ |
| ବନପର୍ବ | ୧ମ | ଅରୁଣୋଦୟ ପ୍ରେସ, କଟକ | ୧୯୦୪ |
| ବିରାଟପର୍ବ | ୧ମ | ମର୍ଦ୍ଦରାଜ ପ୍ରେସ, ରଂଭା | ୧୯୦୫ |
| ଅନ୍ୟାନ୍ୟ ପର୍ବ—ଅପ୍ରକାଶିତ | | | |
| ୬—ଶ୍ରୀମଦ୍‌ଭଗବଦ୍ ଗୀତା (ପଦ୍ୟାନୁବାଦ) | ୧ମ | ଉତ୍କଳ ପ୍ରିଣ୍ଟିଂକଂପାନୀଂକ ପ୍ରେସ, ବାଲେଶ୍ୱର | ୧୮୮୭ |
| ୭—ଉତ୍କଳଭ୍ରମଣ (କାବ୍ୟ) | ୧ମ | ଆନଂଦପୁର ପ୍ରେସ, କେଉଁଝର | ୧୮୯୨ |
| ୮—ପୁଷ୍ପମାଳା (କାବ୍ୟ) | ୧ମ | କଟକ ପ୍ରିଣ୍ଟିଂକଂପାନୀଂକ ପ୍ରେସ | ୧୮୯୪ |
| ୯—ଉପହାର (କାବ୍ୟ) | ୧ମ | ରାୟ ପ୍ରେସ, କଟକ | ୧୮୯୫ |
| ୧୦—ଛ'ମାଣ ଆଠଗୁଂଠ (ଉପନ୍ୟାସ) | ୧ମ | ଉତ୍କଳ ସାହିତ୍ୟ ପ୍ରେସ, କଟକ | ୧୯୦୨ |

Digitized by srujanika@gmail.com

| ଗ୍ରନ୍ଥର ନାମ ଓ ପରିଚୟ | ସଂସ୍କରଣ | ଯେଉଁ ପ୍ରେସରେ ମୁଦ୍ରିତ | ଯେଉଁ ତାରିଖରେ ପ୍ରକାଶିତ |
|---|---|---|---|
| ୧୧—ଖିଲ ହରିବଂଶ (ପଦ୍ୟାନୁବାଦ) | ୧ମ | ଉତ୍କଳସାହିତ୍ୟ ପ୍ରେସ, କଟକ | ୧୯୦୨ |
| ୧୨—ଉପନିଷଦ୍ ସଂଗ୍ରହ (ପଦ୍ୟାନୁବାଦ) | ୧ମ | „ | ୧୯୦୫ |
| ୧୩—ଅବସରବାସରେ (କାବ୍ୟ) | ୧ମ | କଟକ ପ୍ରିଣ୍ଟିଂକଂପାନୀଂକ ପ୍ରେସ | ୧୯୦୮ |
| ୧୪—ବୌଦ୍ଧାବତାର କାବ୍ୟ | ୧ମ | ଦେଂକ ଉତ୍କଳ ପ୍ରେସ, ବାଲେଶ୍ୱର | ୧୯୦୯ |
| ୧୫—ପୁନର୍ମୂଷିକୋଽଭବ (ଉପନ୍ୟାସ) | ୧ମ | ମୁକୁର ପ୍ରେସ, କଟକ | ୧୯୦୯ |
| ୧୬—ପୂଜାଫୁଲ (କାବ୍ୟ) | ୧ମ | କଲିକତା ଉତ୍କଳ ପ୍ରେସ | ୧୯୧୨ |
| ୧୭—ପ୍ରାର୍ଥନା (ସଙ୍ଗୀତ) | ୪ର୍ଥ | ସାମଂତ ପ୍ରେସ, ବାଲେଶ୍ୱର | ୧୯୧୨ |
| ୧୮—ଧୂଳି (କାବ୍ୟ) | ୧ମ | ମୁକୁର ପ୍ରେସ, କଟକ | ୧୯୧୨ ନଭେଂବର ୨୦ ତାରିଖ |
| ୧୯—ମାମୁ (ଉପନ୍ୟାସ) | ୧ମ | ଉତ୍କଳସାହିତ୍ୟ ପ୍ରେସ, କଟକ | ୧୯୧୩ ସେପ୍ଟେଂବର |
| ୨୦—ଗାଂଡ଼ିପୁଅ ଅନଂତା | ୧ମ | ମୁକୁର ପ୍ରେସ, କଟକ | ୧୯୧୩ |
| ୨୧—ଲଛମା (ଉପନ୍ୟାସ) | ୧ମ | „ | ୧୯୧୪ ଏପ୍ରିଲ୍ ୩୦ ତାରିଖ |
| ୨୨—ବ୍ରାହ୍ମଣାନାଂ ସନ୍ଧ୍ୟାପଦ୍ଧତି | ୧ମ | ଉତ୍କଳସାହିତ୍ୟ ପ୍ରେସ, କଟକ | ୧୯୧୪ |
| ୨୩—ପ୍ରାୟଶ୍ଚିତ୍ତ (ଉପନ୍ୟାସ) | ୧ମ | „ | ୧୯୧୫ ସେପ୍ଟେଂବର ୧୦ ତାରିଖ |
| ୨୪—ସମବାୟ ଋଣ ସମିତି ପ୍ରସଂଗ (ପଦ୍ୟାନୁବାଦ) | ୧ମ | „ | ୧୯୧୬ ମାର୍ଚ୍ଚ ୭ ତାରିଖ |

Digitized by srujanika@gmail.com

| ଗ୍ରନ୍ଥର ନାମ ଓ ପରିଚୟ | ସଂସ୍କରଣ | ଯେଉଁ ପ୍ରେସରେ ମୁଦ୍ରିତ | ଯେଉଁ ତାରିଖରେ ପ୍ରକାଶିତ |
|---|---|---|---|
| ୨୫—ଛାନ୍ଦୋଗ୍ୟ ଉପନିଷଦ (କାବ୍ୟ) | ୧ମ | ଉତ୍କଳସାହିତ୍ୟ ପ୍ରେସ, କଟକ | ୧୯୧୭ ଜୁନ୍ ୨୧ ତାରିଖ |
| ୨୬—ଗଳ୍ପ ସ୍ୱଳ୍ପ | ୧ମ | ” | ୧୯୧୭ ଅକ୍ଟୋବର ୧୮ ତାରିଖ |
| ୨୭—ଆତ୍ମ ଜୀବନ ଚରିତ | ୧ମ | ଶ୍ରୀ ରାଧାନାଥ କୋ-ଅପରେଟିଭ୍ ପ୍ରେସ, କଟକ | ୧୯୨୭ |

ତୁଳନା ପାଇଁ—ଫକୀରମୋହନଙ୍କ ଜନ୍ମ—ଜାନୁଆରି, ୧୮୪୩; ମୃତ୍ୟୁ—ଜୁନ୍, ୧୯୧୮ । ରାଧାନାଥଙ୍କ ଜନ୍ମ—ସେପ୍ଟେମ୍ବର, ୧୮୪୮; ମୃତ୍ୟୁ—ଏପ୍ରିଲ, ୧୯୦୮ । ମଧୁସୂଦନ ରାଓଙ୍କ ଜନ୍ମ—ଜାନୁଆରି, ୧୮୫୩; ମୃତ୍ୟୁ—ଡିସେମ୍ବର ୧୯୧୨ ।

‘ଅବସର ବାସରେ’ ହେଉଚି, ଫକୀରମୋହନଙ୍କ ଭିନ୍ନ ଭିନ୍ନ ସମୟରେ ଲିଖିତ କବିତାମାନଙ୍କର ସଂଗ୍ରହ । ଏଥିରେ ହୃଦୟସ୍ପର୍ଶୀ କବିତାର ସଂଖ୍ୟା ବଡ଼ ବେଶି ନୁହେଁ । ତଥାପି ‘ହାଟବାହୁଡ଼ା’ ବୋଲି ଯେଉଁ କବିତାଟି ଫକୀରମୋହନ ଲେଖିଚନ୍ତି, ସେଥିରେ ଗ୍ରାହକମାନଙ୍କ ପାଖେ ତଥା ପ୍ରକାଶକମାନଙ୍କ ପାଖେ ତାଙ୍କ ନିଜର ଓ ତାଙ୍କଭଳି ଲେଖକମାନଙ୍କର କି ଦୁର୍ଗତି, ତାହା ବେଶ୍ ବୁଝା ପଡ଼ୁଚି । ମୋଟ କଥା, ଓଡ଼ିଶାରେ ଏହି ସମୟରେ ମୌଳିକ ପ୍ରତିଭାର ଯେଉଁ ବିକାଶ କାଳଗତିରେ ସ୍ୱତଃସ୍ଫୂର୍ତ୍ତ ହୋଇ ଉଠୁଥିଲା, ତହିଁରେ ଘୋର ବାଧା ପଡ଼ୁଥିଲା ଓ ନାନା କାରଣରୁ ତାହାର ସ୍ରୋତ ଗୋଟିଏ କଳ୍ପିତ ଖାଲରେ ଗତି କରୁଥିଲା, ଏହା ବୁଝାଇ କହିବା ଦରକାର ନାଇ । ଅବଶ୍ୟ ଏହାର ଗୋଟିଏ କାରଣ ହୋଇପାରେ, “ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ” ବୋଲି କଲିକତାରୁ ବାହାରିଥିବା ମହା ଉଦ୍ୟମ । ସେଥିରେ ଫକୀରମୋହନ ନିଜେ କହିଚନ୍ତି, ସେ ମର୍ମାନ୍ତିକ ପୀଡ଼ା ଭୋଗ କରିଥିଲେ । କୌଣସିମତେ ନିଜ ଭାଷା ଓ ସାହିତ୍ୟକୁ ଅନ୍ୟ ଭାଷା ଓ

Digitized by srujanika@gmail.com

ସାହିତ୍ୟର ସମକକ୍ଷ କରି ଦେଖାଇବା ପାଇଁ ସେ ଆଂତରିକ ଉଦ୍ୟମରେ ପ୍ରବୃତ୍ତ ହୋଇଥିଲେ । ଅନ୍ୟମାନଂକର ଏ ଉଦ୍ୟମ ନଥିଲା, ଫଳରେ ଫକୀରମୋହନ ନିଜ ଭାଷା ଓ ସାହିତ୍ୟକୁ ଠେକ ଦେଖାଇବାର ଯେ କୌଣସି ଉଦ୍ୟମରେ ଆତ୍ମଦାନ କରିଥିଲେ ।

ଆଉ ଗୋଟିଏ ପ୍ରଧାନ କାରଣ, ପାରଂପରିକ । ଏହା ସୂଚନାରେ ଟିକିଏ ଦେଖାଇଦେବା ଉଚିତ । ଏ ଆଜିର କଥା ନୁହେ । ପୁରୁଷୋତ୍ତମ ପୁରୀ ବା ପୁରୀଧାମ ଯେଜ ଓଡ଼ିଶା । ଭାଷା ଯାହାହେଉ, ଏହାର ସାହିତ୍ୟ ବଡ଼ ବିସ୍ତୀର୍ଣ୍ଣ ଓ ବଡ଼ ସ୍ୱାଭାବିକ । ସ୍ୱୟଂ ଗୀତାକାର ଏଇ ପୁରୀଧାମର ପ୍ରସିଦ୍ଧି ଓ ଏଇ ସ୍ଥାନର ଜାତୀୟ ସାହିତ୍ୟ ଯାହା ଅନୁଭବ କରିଥିଲେ, ତାହା ଅନନ୍ୟସାଧାରଣ । ଆଉ କଥା ଛାଡ଼ିଦେଲେ ମଧ୍ୟ ସ୍ପଷ୍ଟ ଯେ କେହି ଦେଖି ପାରଂତି, ୧୫ଶ ଅଧ୍ୟାୟରେ ୧୮ଶ ଶ୍ଳୋକରେ ଭଗବାନ କହିଚଂତି—

"ଅତୋଽହଂ ଲୋକେ ବେଦେ ଚ
ପ୍ରଥିତଃ ପୁରୁଷୋତ୍ତମଃ"

ଅର୍ଥାତ୍, ଅତଏବ ମୁଁ ଲୋକରେ ଓ ବେଦରେ ପୁରୁଷୋତ୍ତମ ବୋଲି ବିଖ୍ୟାତ । ଲୋକରେ ଅର୍ଥ ଏଠାରେ ଜଗତରେ ଉପାସ୍ୟ ପୁରୁଷରୂପେ ପ୍ରତିଷ୍ଠିତ । ପୁରୁଷୋତ୍ତମ କ୍ଷେତ୍ର ବା ପୁରୁଷୋତ୍ତମ ପୁରୀ ଛଡ଼ା ଏଠାରେ ଅନ୍ୟ କୌଣସି ସ୍ଥାନକୁ ଲକ୍ଷ୍ୟ କରାଯାଇ ନାଇ । ଏ ସାହିତ୍ୟ କେତେ ପ୍ରାଚୀନ, ତାହା କେବଳ ଅନୁମାନ ଉପରେ ଛାଡ଼ି ଦିଆଗଲା । ଏଥିରେ ପୁଣି କି ପ୍ରାକୃତ କେତେ କାର୍ଯ୍ୟ କରୁଥିଲା, ତାହା କହିବାର ସାଧନ ନାଇ ସତ, କିଂତୁ ଲୋକରେ ପ୍ରାକୃତର ପ୍ରଭାବ ଯେନ ଏହାର ପ୍ରତିଷ୍ଠା ଯେ ଦୃଢ଼ ହୋଇଥିଲା, ଏହା କହିବାରେ ଅତିରଂଜନର କିଛି ନାଇ । ଏଇଠାରୁ ଦୁଇଟି ବିକାଶର ଧାରା ସ୍ପଷ୍ଟ ଦେଖିବାକୁ ମିଳେ । ଗୋଟିଏ ହେଉଚି ପୁରାଣର ଇଂଦ୍ରଦ୍ୟୁମ୍ନ । ଯେ ଆସି ଶବରର ବା ଉତ୍କଳର ସ୍ମାରକ ଦେବତା ନୀଳମାଧବଂକୁ ବୈଦିକ ବିଷ୍ଣୁରେ ପରିଣତ କଲେ । ଏ ବିଷ୍ଣୁ ସେତେବେଳେ ବୃଂଦାବନର କୃଷ୍ଣ ହେବା ଦୂରେ ଥାଉ, କୃଷ୍ଣ ବି ନୁହଂତି । ସେଇଠାରୁ ପ୍ରାକୃତରେ ବାରଂବାର ସଂସ୍କୃତର ସ୍ପଷ୍ଟ ଆଘାତ । ଭୌମମାନଂକର ଲେଖ ଓ ଗଂଗମାନଂକ ସଙ୍ଗୀତ

Digitized by srujanika@gmail.com

ଓ ଛାନ୍ଦଚର୍ଚ୍ଚା ଏଇଠାରେ ଉଲ୍ଲେଖଯୋଗ୍ୟ । ଏଇମାନଙ୍କ ପ୍ରଭାବରେ ଓଡ଼ିଶାର ପ୍ରାକୃତ ଦେବତା ଯେପରି ବୈଦିକ ଦେବତାରେ ପରିଣତ ହେଲେ, ସେଇପରି ଓଡ଼ିଆର ପରମ୍ପରା ସ୍ରୋତ କ୍ରମେ ବୈଦିକ ଓ ଭକ୍ତି ସ୍ରୋତରେ ପରିଣତ ହେଲା ।

ଅନ୍ୟ ଦିଗରେ ମହାଯାନର ଶୂନ୍ୟବାଦ । ଜଗନ୍ନାଥଙ୍କ ଉପରେ ଉଡ୍‌ଡୀୟାନ-ତନ୍ତ୍ର-ଧର୍ମର ଏ ଆକ୍ରମଣ ଖ୍ରୀଷ୍ଟ ଅଷ୍ଟମ ଶତାବ୍ଦୀର ଅଦ୍ୱୟବଜ୍ର ଓ ଇନ୍ଦ୍ରଭୂତିଙ୍କଠାରୁ ସ୍ପଷ୍ଟ । ଏଥିରେ ଗୋଟିଏ ସାହିତ୍ୟ ପ୍ରକାଶ ପାଇଛି । ତାହା ସ୍ୱର୍ଗୀୟ ହରପ୍ରସାଦ ଶାସ୍ତ୍ରୀଙ୍କ ପ୍ରକାଶିତ 'ନେପାଳର ବୌଦ୍ଧଗାନ ଓ ଦୋହାଁ' । ଏଠାରେ ପ୍ରାକୃତ ଉପରେ ସଂସ୍କୃତର ଆକ୍ରମଣ ଆହୁରି ସ୍ପଷ୍ଟ । ଏ ଗାନରୁ ଜଣାଯାଏ, ଏହା ଉଡ୍‌ଡୀୟାନ ଧର୍ମର ଧର୍ମଭାଷା ତଥା ପ୍ରାକୃତ ଭାଷା ହେଲେ ମଧ୍ୟ ଏଠାରେ ଯଥାର୍ଥ ପ୍ରାକୃତର ସତ୍ତା ନାଇ । ଅଧିକାଂଶ ସ୍ଥଳରେ ମୂଳ ସଂସ୍କୃତକୁ ପ୍ରାକୃତରେ ପରିଣତ କରି ଏ ଭାଷା ଲେଖା ହୋଇଛି ବୋଲି ମନେ ହୁଏ । ଏଇଥିରେ ପୁଣି ଆସିଲା, ଗୌଡ଼ୀୟ ବୈଷ୍ଣବ । ଏଥିରେ ଧର୍ମଭାଷା ଉଡ୍‌ଡୀୟାନ ପ୍ରାକୃତ ନ ହୋଇ ହେଲା ବଙ୍ଗଳାର ତାତ୍କାଳିକ ଭାଷା । ମୋଟାମୋଟି ଏହାକୁ ଚୈତନ୍ୟଙ୍କ ସମସାମୟିକ ଭାଷା ବୋଲି କହିଲେ ହୁଏ । ଓଡ଼ିଆର ଯଥାର୍ଥ ପ୍ରାକୃତ ଉପରେ ଏହା ଗୋଟିଏ ନୂତନ ଆକ୍ରମଣ । ସାରଳାଦାସଙ୍କ ବେଳେ ଓଡ଼ିଆର ଯେ ସ୍ୱତନ୍ତ୍ର ଭାଷା ଓ ପରମ୍ପରା ବାହାରିଥିଲା, ଚୈତନ୍ୟଙ୍କ କାଳଠାରୁ ମଧ୍ୟ, ରାଧାନାଥଙ୍କ କାଳ ପର୍ଯ୍ୟନ୍ତ ଯେଉଁ ଆକ୍ରମଣ ଆସିଲା, ସେଥିରେ ସେ ପରମ୍ପରା ଓ ସ୍ୱାତନ୍ତ୍ର୍ୟ ଲୁପ୍ତ ହେଲା ବୋଲି କହିଲେ ହୁଏ । ଏହାରି ମଧ୍ୟରେ ହେଉଛନ୍ତି, ଫକୀରମୋହନ । ଏକ ଦିଗରେ ଗଙ୍ଗମାନଙ୍କ ଦ୍ୱାରା ପ୍ରବର୍ତ୍ତିତ କର୍ଣ୍ଣାଟୀ ସଙ୍ଗୀତ ଉପରେ ପ୍ରତିଷ୍ଠିତ ଓଡ଼ିଆ ଛାନ୍ଦ ଓ ସେଇ ସୂତ୍ରରେ ଭଞ୍ଜୀୟ କାବ୍ୟକଳା । ଏହା ଯଥାର୍ଥରେ ଓଡ଼ିଆ ପ୍ରାକୃତ ନୁହେଁ, କି ଓଡ଼ିଶାର ଶୁଦ୍ଧ ପରମ୍ପରା ଏଥିରେ ନାହିଁ । ଅନ୍ୟ ଦିଗରେ ଉଡ୍‌ଡୀୟାନ ପରମ୍ପରା ଓ ଭାଷା ଉପରେ ଗୌଡ଼ୀୟ ଭାଷା ଓ ପରମ୍ପରାର ସ୍ତର । ଏ ଦୁହିଙ୍କ ଭିତରେ ଯଥାର୍ଥ ଓଡ଼ିଆ ଫକୀରମୋହନଙ୍କ ପ୍ରାଣପ୍ରତିଷ୍ଠା ହେଲେହେଁ, ଏ ପ୍ରାଣପ୍ରତିଷ୍ଠାରେ ତାଙ୍କର

Digitized by srujanika@gmail.com

ଯଥାର୍ଥ ଆତ୍ମପ୍ରତ୍ୟୟ ହଠାତ୍ କ୍ଷୁଣ୍ଣ ହେବାର ପରିସ୍ଥିତି ଜାତ ହୋଇଥିଲା। ଫକୀରମୋହନଙ୍କ ମୌଳିକ ପ୍ରତିଭା ଓ ତାହାର ସ୍ୱାଭାବିକ ପ୍ରଗତିରେ ଏହି ପରିସ୍ଥିତିର ପ୍ରକାଶ ସ୍ପଷ୍ଟ । ଏତିକିମାତ୍ର ସୂଚନାରେ ଦେଖାଇ ଦେବା ପାଇଁ ପ୍ରୟାସ କରି ଅନ୍ୟାନ୍ୟ ଅନେକ କଥା ସଙ୍ଗେ ମୋହନମୋହନଙ୍କ ସଙ୍କଳିତ ପୁସ୍ତକ ତାଲିକାଟି ପର୍ଯ୍ୟନ୍ତ ପ୍ରକାଶିତ କରିଦିଆଗଲା । ପାଠକମାନେ କ୍ଷମା କରିବେ ।

---

## ଓଡ଼ିଆ ସାହିତ୍ୟରେ ମଧୁସୂଦନ *

ଓଡ଼ିଆ ସାହିତ୍ୟରେ ମଧୁସୂଦନଙ୍କ ପ୍ରତିଷ୍ଠାର କଥା କହିବା ନିଷ୍ପ୍ରୟୋଜନ । ଆବାଲ୍ୟ ସଖା ଗୁରୁ-ଶିଷ୍ୟ ମଧୁ ରାଧାନାଥ ଉତ୍କଳରେ ନବୀନ ସାହିତ୍ୟର ପ୍ରତିଷ୍ଠାତା । ପ୍ରାୟ ଅର୍ଦ୍ଧ ଶତାବ୍ଦୀ ପୂର୍ବେ ସେମାନେ ଉତ୍କଳର ନବ ସାହିତ୍ୟ ଗଠନ ଉଦ୍ଦେଶ୍ୟରେ ଲେଖନୀ ଧରିଥିଲେ; ଜୀବନବ୍ୟାପୀ ପରିଶ୍ରମ କରି ସେ ସାହିତ୍ୟକୁ ଗୋଟିଏ ଆକାର ଦେଇଅଛନ୍ତି । ସେ ଯେଉଁ ରୁଚି, ଯେଉଁ ଆଦର୍ଶରେ ସାହିତ୍ୟ ଗଢ଼ିଅଛନ୍ତି, ତାହା ଏପର୍ଯ୍ୟନ୍ତ ପ୍ରାଚୀନ ହୋଇନାହିଁ; ପୁସ୍ତକର ସଂଖ୍ୟା ବଢ଼ିଅଛି । କିନ୍ତୁ ଲେଖନପ୍ରଣାଳୀରେ ବିଶେଷ ପରିବର୍ତ୍ତନ ଘଟିଅଛି ବୋଲି ମନେହୁଏ ନାହିଁ ।

ଓଡ଼ିଶାର ନବଯୁଗରେ ଉନ୍ନତିର ଗତି ସକଳ ବିଭାଗରେ ମନ୍ଥର ଓ ଧୀର । ପଚିଶ ବର୍ଷ ତଳେ ଜୀବନର ଯେଉଁ ଆଦର୍ଶ ଥିଲା, ଆଜି ତାହା ସେହିପରି । ଶିକ୍ଷିତ ଲୋକଙ୍କ ସଂଖ୍ୟା ବଢ଼ିଅଛି; କିନ୍ତୁ ଜୀବନର ଆଦର୍ଶରେ ତାଦୃଶ ପରିବର୍ତ୍ତନ ଦେଖାଯାଉନାହିଁ । ଆମ୍ଭମାନଙ୍କର ପ୍ରପିତାମହ

---

* 'ଉତ୍କଳସାହିତ୍ୟ'ର ୨୦ଶ ଭାଗ ପ୍ରଥମ ଓ ଦ୍ୱିତୀୟ ସଂଖ୍ୟା (୧୯୨୩ ବୈଶାଖ, ଜ୍ୟୈଷ୍ଠ)ରେ ଏହି ପ୍ରବନ୍ଧଟି ପ୍ରକାଶ ପାଇଥିଲା । ମୂଳତଃ ଏହି ପ୍ରବନ୍ଧଟି 'ଉତ୍କଳ ସାହିତ୍ୟ ସମାଜ'ରେ ମଧୁସୂଦନଙ୍କ ସେଇ ବର୍ଷର ଶ୍ରାଦ୍ଧ-ସଭାରେ ପଠିତ ହୋଇଥିଲା ।

Digitized by srujanika@gmail.com

ଯେତେବେଳେ ପ୍ରତୀଚ୍ୟ ରୀତିରେ ଶିକ୍ଷା ଆରଂଭ କରିଥିଲେ, ସେତେବେଳେ ବଡ଼ ଚାକିରି କରିବା ତାଂକର ଉଦ୍ଦେଶ୍ୟ ଥିଲା । ଆଜି ଶିକ୍ଷିତ ହୋଇ ଆଂଭେମାନେ ଡେପୁଟୀ, ପ୍ରଫେସର ପ୍ରଭୃତି ହୋଇଅଛୁ, ସତ; କିଂତୁ ସେମାନେ ଯେଉଁ ଉଦ୍ଦେଶ୍ୟରେ ବିଦ୍ୟାଭ୍ୟାସ କରୁଥିଲେ, ସେ ଉଦ୍ଦେଶ୍ୟ ଉପରେ ଆଜି ପର୍ଯ୍ୟଂତ ବିକାଶର ଅନ୍ୟ କୌଣସି ସ୍ତର ପଡ଼ି ନାହିଁ । ଶିକ୍ଷାର ସେହି ଉଦ୍ଦେଶ୍ୟ ଆଜି ମଧ୍ୟ ଅକ୍ଷୁଣ୍ଣ ରହିଅଛି । 'ଜାତୀୟ ସାହିତ୍ୟ' ପ୍ରବଂଧରେ ମଧୁସୂଦନ କହିଅଛଂତି, "କୌଣସି ଜାତିର ସାହିତ୍ୟରେ ସେହି ଜାତିର ଜୀବନ ପ୍ରତିଫଳିତ ହୁଏ ।" ଉନ୍ନତିର ଗତି ଲକ୍ଷ୍ୟ କଲେ ମଧୁସୂଦନଂକର ଏହି ଦ୍ରଷ୍ଟୃବାଣୀ ଆଂଭମାନଂକର ଜାତୀୟ ସାହିତ୍ୟରେ କାର୍ଯ୍ୟରେ ପରିଣତ ହୋଇଅଛି । ମଧୁସୂଦନ ନିଜେ ଆଜି ଅର୍ଦ୍ଧଶତାବ୍ଦୀ ପରେ ମଧ୍ୟ ଉତ୍କଳ ସାହିତ୍ୟସେବିମାନଂକୁ ଆଦର୍ଶ ଦେଖାଉଅଛଂତି । ଯେଉଁ ଆଦର୍ଶ ଆଗରେ ରଖି ସେ କାର୍ଯ୍ୟ ଆରଂଭ କରିଥିଲେ, ଅର୍ଦ୍ଧଶତାବ୍ଦୀର ବିକାଶ ମଧ୍ୟରେ ସେ ଆଦର୍ଶ ପଛକୁ ପଡ଼ିନାହିଁ । ସାହିତ୍ୟରେ ବହୁ ବ୍ୟକ୍ତି ସଂପର୍କ ଦେଖାଇଅଛଂତି; କିଂତୁ କାହାରି ବ୍ୟକ୍ତିତ୍ୱ ଏ ପର୍ଯ୍ୟଂତ ସାହିତ୍ୟକୁ ତାଦୃଶ ପ୍ରଭାବିତ କରିପାରି ନାହିଁ ।

ବର୍ତ୍ତମାନର ସମାଲୋଚକ ପକ୍ଷରେ ଏ ଗୋଟିଏ ସାମାନ୍ୟ ଅସୁବିଧା ନୁହେ । ଘରର ଗୋଟିଏ କୋଠରୀରେ ଥାଇ ଅନୁମାନରେ ଘରଟିର ସମୂହ ଗଠନରୀତିରୁ ଆଲୋଚନା କରିବା ସୁସାଧ୍ୟ ନୁହେ । ବଣରୁ ବାହାରି ଅଂତତଃ କିଛି ଦୂରକୁ ନ ଗଲେ କେହି ବନଭୂମିର ବିଚିତ୍ର ଶୋଭା ଉପଲବ୍ଧି କରିପାରିବେ ନାହିଁ । କୌଣସି ଦଳଗତ ବ୍ୟକ୍ତି ପକ୍ଷରେ ନିଜ ଦଳର ମତ ସମାଲୋଚନା କରିବା ସୁକଠିନ । ମଧୁସୂଦନଂକ ସମାଲୋଚନା ଆଂଭମାନଂକ ପକ୍ଷରେ ବହୁପରିମାଣରେ ସେହିପରି । ସାହିତ୍ୟ ହିସାବରେ ଆଂଭେମାନେ ଏକପ୍ରକାର ମଧୁସୂଦନଂକ ଆଦର୍ଶରେ ବଢ଼ୁଅଛୁଁ । ଏପରି ଅବସ୍ଥାରେ ତାଂକର ସମ୍ୟକ୍ ସମାଲୋଚନା ଆଂଭମାନଂକ ପକ୍ଷରେ ତାଦୃଶ ସଂଭବ ନ ହେବାର ଆଶଂକା ଅଛି । ଯେ ଯାହାର ଆଦର୍ଶ, ସେ ତାହାର ସମାଲୋଚ୍ୟ ହେବା ସହଜ ନୁହେ । ଯେ ଯହିଁରେ ଅନୁପ୍ରାଣିତ, ସେ ତାହାର ଦୋଷଗୁଣ ବାଛିବାରେ ସଂପୂର୍ଣ୍ଣ କୃତକାର୍ଯ୍ୟ ହେବା ଅସଂଭବ ।

Digitized by srujanika@gmail.com

ପୁଣି ମଧୁସୂଦନଙ୍କ ମୃତ୍ୟୁ ବହୁଦିନ ହୋଇନାହିଁ । ମଧୁସୂଦନଙ୍କ ବାସ୍ତବ୍ୟ ଓ ସାଂସାରିକ ବ୍ୟକ୍ତିତ୍ୱ, ତାଂକର ଅଶନ, ବସନ, ଭୂଷଣ, ବ୍ୟବହାର ପ୍ରଭୃତି ଆଂଭମାନଂକ ସ୍ମୃତିରେ ନୂତନ । ଏବେ ମଧ୍ଯ ସେ ବ୍ୟକ୍ତିତ୍ୱର ପ୍ରଭାବ ଆଂଭମାନଂକ ଉପରେ ଯଥେଷ୍ଟ ରହିଅଛି । ଆଂଭେମାନେ ସାହିତ୍ୟ କଥା ନ ଭାବି ମଧ୍ଯ ନାନା ଭାବରେ ନାନା ସଂପର୍କରେ ତାଂକ କଥା ଭାବୁଅଛୁ, ତାଂକ ସ୍ମୃତିର ଉଦ୍‌ବୋଧନ କରୁଅଛୁଁ । ତାଂକର ବାସ୍ତବ-ବ୍ୟକ୍ତିତ୍ୱ ଯେତେବେଳେ ଆଂଭମାନଂକ ଉପରେ ଏତେ ପ୍ରଭାବ ବିସ୍ତାର କରି ରହିଅଛି, ଯେତେବେଳ ପର୍ଯ୍ୟଂତ ଆଂଭେମାନେ ତାଂକର ସାଂସାରିକ ସାଧାରଣ ଜୀବନର ଉପାସ୍ଥ, ଆଦର୍ଶମାନ ଅନୁଧାବନ କରୁଅଛୁ, ସେତେବେଳ ଯାଏ ତାଂକର ବିମଳ ସାହିତ୍ୟଗତ ବ୍ୟକ୍ତିତ୍ୱ ସଂପୂର୍ଣ୍ଣରୂପେ ବୁଝିପାରିବୁ କି ନାହିଁ ସନ୍ଦେହ । ମନୁଷ୍ୟର ବାସ୍ତବ୍ୟ ବ୍ୟକ୍ତିତ୍ୱ ଓ ସାହିତ୍ୟଗତ ବ୍ୟକ୍ତିତ୍ୱ ଏକ ନୁହେ । ସାହିତ୍ୟ ଜୀବନର ଅନୁରୂପ ହେଲେ, ଭାଷା ସର୍ବଦା ଲେଖକର ଭାବ ଓ ଚିଂତାରାଶି ପ୍ରକାଶ କରିପାରିଲେ, ଲେଖକଂକର ବ୍ୟକ୍ତିତ୍ୱର ଆଦର୍ଶ ମାତ୍ର ପ୍ରକାଶିତ ହୁଏ । ବାସ୍ତବ୍ୟ ବ୍ୟକ୍ତିତ୍ୱ କିଂତୁ ସର୍ବଦା ଆଦର୍ଶ ବ୍ୟକ୍ତିତ୍ୱ ନୁହେ । ସଂସାରରେ ନାନା ସଂପର୍କରେ, ଜୀବନର ଅସଂଖ୍ୟ ପ୍ରବୃତ୍ତି ଓ କ୍ରିୟାକଳାପର ଅଶେଷ ଆବିଳତା ମଧ୍ୟରେ ଆଦର୍ଶ ବ୍ୟକ୍ତିତ୍ୱ ଲୋକଚକ୍ଷୁରେ ପରିସ୍ଫୁଟ ହୁଏନାହିଁ । ସେଥିପାଇଁ ସମସାମୟିକ ଲୋକମାନେ ମନୀଷା ଉତ୍ତମ-ରୂପେ ଚିହ୍ନି ପାରଂତି ନାହିଁ ଏବଂ ସେହି କାରଣରୁ ମଧ୍ଯ ମଧୁସୂଦନଂକର ନିର୍ମଳ ସାହିତ୍ୟ-ବ୍ୟକ୍ତିତ୍ୱ ଆଂଭମାନଂକ ପକ୍ଷରେ ଚିହ୍ନିବା ଦୁଃସାଧ୍ଯ ହୋଇ-ପାରେ । ମଧୁସୂଦନ ସ୍ୱଶରୀରରେ ଇହଜଗତରେ ନାହାଂନ୍ତି ସତ, କିଂତୁ ପ୍ରକୃତରେ ଏପର୍ଯ୍ୟଂତ ସେ ଇତିହାସର ରାଜ୍ୟ ଅଧିକାର କରିନାହାଂନ୍ତି । ତାଂକ ପ୍ରଣୀତ ଗ୍ରଂଥର ସମାଲୋଚନା ବେଳେ ମନେ ରଖିବାକୁ ହେବ, ଆଂଭେମାନେ ତାଂକର ସାଂସାରିକ ବାସ୍ତବ୍ୟ ବ୍ୟକ୍ତିତ୍ୱର ସଂପର୍କ ଓ ପ୍ରଭାବ ଭୁଲି ନାହୁଁ, ଅଲକ୍ଷିତ ଭାବରେ ତାହା ଆଂଭମାନଂକର ଆଲୋଚନାରେ ମିଶି ଯାଉଅଛି । ସାହିତ୍ୟରେ ଆଂଭେ ତାଂକୁ ଯେପରି ଦେଖୁଅଛୁଁ ବୋଲି ବିଗ୍ରହୁଅଛୁ, ପରବର୍ତ୍ତୀ ସମାଲୋଚକମାନେ ଠିକ୍ ସେହିପରି ଦେଖିବେ କି ନାହିଁ, ସେଥିରେ ସନ୍ଦେହ ଅଛି ।

Digitized by srujanika@gmail.com

ବର୍ତ୍ତମାନ ଉତ୍କଳ ସାହିତ୍ୟରେ ସମାଲୋଚକର ଆଉ ଗୋଟିଏ ସ୍ୱତନ୍ତ୍ର ଅସୁବିଧା ଅଛି । ସମୀଚୀନ ନହେଉ ପଛକେ, ଦେଶ କାଳ ପାତ୍ରାଦି ଦୃଷ୍ଟିରେ ଏହା ସତ୍ୟ । ପ୍ରତୀଚ୍ୟ ସମ୍ପର୍କରେ ଆମ୍ଭମାନଙ୍କର ଜାତୀୟ ଜୀବନ ତଥା ସାହିତ୍ୟ ଜଗତରେ ଗୋଟିଏ ନୂତନ ବିପ୍ଳବ ବିକାଶ ପାଇଅଛି । ଅର୍ଦ୍ଧ ଶତାବ୍ଦୀ ଧରି ବଢ଼ି ଆସୁଥିଲେହେଁ ଉତ୍କଳ ସାହିତ୍ୟରେ ସେ ବିପ୍ଳବ ଏବେ ମଧ୍ୟ ନୂତନ । ତାହାର ପ୍ରାଣ ଏବେ ମଧ୍ୟ କୋମଳ । ମାଳୀ ଯେତେବେଳେ ଗଛଟିଏ ତିଆରି କରେ ସେ ତାହାର ଯଥେଚ୍ଛା ବର୍ଦ୍ଧନ ଅବଶ୍ୟ ସୁଖପାଏ ନାହିଁ । ଗଛଟିକୁ ସୁନ୍ଦର ଓ ରୁଚିସମ୍ପନ୍ନ କରିବା ଲାଗି ସେ ତାହାର ଡାଳ କାଟି କାଟି ତାକୁ ଗୋଟିଏ ଆକାର ଦିଏ । କୌଣସି ଡାଳକୁ କାଟି ଦିଏ; କୌଣସି ଡାଳକୁ ବା ବିଶେଷଭାବରେ ବଢ଼ିବାକୁ ସୁବିଧା ଦିଏ । କିନ୍ତୁ ବୃକ୍ଷଟି ଯେତେବେଳେ କୋମଳ ଅଙ୍କୁର, ଯେତେବେଳେ ପାଞ୍ଚ ସାତୋଟି ମାତ୍ର ନୂଆପତ୍ର ଧରି ଗଛଟି ବାହାରୁଥାଏ, ସୁନ୍ଦର ହେଉ, କୁତ୍ସିତ ହେଉ, ସେତେବେଳେ ତାହାର ଡାଳପତ୍ର କାଟିବାକୁ କେହି ପରାମର୍ଶ ଦେବେ ନାହିଁ । କାଟିଲେ ବୃକ୍ଷଟି ସମୂଳେ ନଷ୍ଟ ହେବାର ସମ୍ଭାବନା ଅଛି । ସାହିତ୍ୟର ସମାଲୋଚନାରେ ମଧ୍ୟ ଆମ୍ଭମାନଙ୍କର ଏହି ଦୃଷ୍ଟାନ୍ତ ପ୍ରତି ଠିକଏ ଲକ୍ଷ୍ୟ ରଖିବାକୁ ହେବ । ସାହିତ୍ୟର ସମସ୍ତ ସମାଲୋଚନାରେ ସାହିତ୍ୟର ଅଭିବୃଦ୍ଧି ଆମ୍ଭମାନଙ୍କର କାମନା । ବ୍ୟବଚ୍ଛେଦର ତୀବ୍ରତାରେ ଯଦି କେବଳ ଚିତ୍ରବିକୃତ ଜନ୍ମିବାର ଆଶଙ୍କା ଥାଏ, ତେବେ ସେ ପ୍ରକାର ସମାଲୋଚନା ବେଳେ ଲେଖକର ଧୀରତା ଆଦୌ ପ୍ରୟୋଜନୀୟ । ସମାଲୋଚନାର ତୀବ୍ରତାରେ ପାଣ୍ଡିତ୍ୟ ଓ ବିଚକ୍ଷଣତା ଥାଇପାରେ; କିନ୍ତୁ ଉପଯୋଗିତାର ଅଭାବ ହେଲେ ତାହା ଗୋଟିଏ ବିଡ଼ମ୍ବନା ।

ପ୍ରତୀଚ୍ୟ ସମ୍ପର୍କରେ, ପାଶ୍ଚାତ୍ୟ ଭାବର ଘୋର ଆବେଶରେ ଯେତେବେଳେ ଦେଶରେ ସର୍ବତ୍ର ନବ ଭାବ ଜାଗି ଉଠିଲା, ସେତେବେଳେ ଓଡ଼ିଶାରେ ମଧୁ, ରାଧାନାଥ ଏକାବେଳକେ କଲମ ଧରିବାକୁ ଆରମ୍ଭ କଲେ । ଓଡ଼ିଶାର ପ୍ରାଚୀନ ସାହିତ୍ୟରେ ପଦ୍ୟ ଓ କବିତାର ଅଭାବ ନ ଥିଲେ ମଧ୍ୟ ରାଧାନାଥ ସେହି ବିଭାଗରେ ବିଶେଷ କୃତିତ୍ୱ ଅର୍ଜନ କରି

Digitized by srujanika@gmail.com

ଯାଇଅଛନ୍ତି । ଗଦ୍ୟ ସାହିତ୍ୟ ଏ ଦେଶରେ ପ୍ରାୟ ନ ଥିଲା କହିଲେ ଚଳେ, ରାଧାନାଥ ସେଥିରେ ମଧ୍ୟ ହାତ ବଳାଇଥିଲେ । ଭାବର ବିଶେଷତ୍ୱ ଓ ପ୍ରକାଶର ଶୃଂଖଳା ଦୃଷ୍ଟିରେ ତାଂକର ଗଦ୍ୟ ଯାହା ହେଉ, ଭାଷାର ବିଶୁଦ୍ଧତା ଓ ଲେଖନ ପଦ୍ଧତିର ବର୍ଣ୍ଣନୀୟକ୍ରମର ସଂଗତି ପ୍ରଭୃତିର ଉତ୍କର୍ଷରେ ମଧୁସୂଦନ ସେଥିରେ ବିଶେଷ ବିକାଶ ଦେଖାଇଲେ । ସେତେବେଳର ଅନ୍ୟାନ୍ୟ ଗଦ୍ୟ-ସାହିତ୍ୟ-ଲେଖକଂକର ଗଦ୍ୟ ପଢ଼ିଲେ ମଧ୍ୟ ମଧୁବାବୁଂକର ଏହି ବିଶେଷତ୍ୱ ସ୍ୱତଃ ଆଂଭମାନଂକ ଆଖିରେ ପଡ଼େ । ସାଥୀ ଲେଖକ ଲଳିତମୋହନ ଓ ପରବର୍ତ୍ତୀ ସୁପ୍ରସିଦ୍ଧ ସମାଲୋଚକ ରାମନାରାୟଣ ଏ କ୍ଷେତ୍ରରେ ମଧୁବାବୁଂକର ଅନୁକରଣ କରିଥିଲେ ମଧ୍ୟ ଲେଖନ-ପଦ୍ଧତିରେ ବିଶେଷ ଅଧିକ ବିକାଶ ଦେଖାଇଅଛନ୍ତି ବୋଲି ମନେ ହୁଏ ନାହିଁ ।

ମଧୁବାବୁଂକ ଭାଷାର ଗୋଟିଏ ବିଶେଷତ୍ୱ, ତାହା ସଂଗୀତମୟ । ଅନେକ ଆକ୍ଷେପ କରନ୍ତି, ତାଂକର ଭାଷା ସଂସ୍କୃତ ଗ୍ରଂଥରେ ଚଳା ଏବଂ ସେହି ହେତୁରୁ ସଂପୂର୍ଣ୍ଣ ସ୍ୱାଭାବିକ ନୁହେଁ । ବାସ୍ତବିକ ସମାସର ଗୁରୁତ୍ୱ, ଶବ୍ଦ ବିନ୍ୟାସର ଅସ୍ୱାଭାବିକତା, ବାକ୍ୟଗଠନରେ ପ୍ରାଚୀନ ପଦ୍ଧତି, ଓଡ଼ିଆ କ୍ରିୟାମାନଂକ ବହୁଳ ପ୍ରୟୋଗର ଅଭାବ, କୃଦଂତ ତଦ୍ଧିତାଦିର ବିଶେଷ ଆଶ୍ରୟ, ଭାବ ପ୍ରକାଶରେ ଶବ୍ଦର ବ୍ୟୟସଂକୋଚ ପ୍ରତି ଅନବଧାନତା, କେବଳ ସନ୍ଦର୍ଭ ସଂପାଦନ ନିମଂତେ ବିଶେଷଣାଦିରେ ପ୍ରୟୋଗ, ଲେଖନପ୍ରଣାଳୀରେ ଉଚ୍ଛୃଂଖଳ ସ୍ୱାଧୀନତାର ଅଭାବ, ବିନ୍ୟାସରେ ଅନୁପାତ ପ୍ରତି ବିଶେଷ ଦୃଷ୍ଟି ପ୍ରଭୃତି ଦେଖିଲେ ଏ ମଂତବ୍ୟ କେତେକ ପରିମାଣରେ ସତ୍ୟ ବୋଲି ବୋଧହୁଏ । "ଦେଖା ଯାଉଅଛି" ନ କହି ମଧୁସୂଦନ କହନ୍ତି, "ଦୃଷ୍ଟି-ଗୋଚର ହେଉଅଛି", "ଦେଖିଲେ" ନ କହି ସେ କହନ୍ତି, "ଅବଲୋକନ କଲେ" । ସେହିପରି ତାଙ୍କ ପ୍ରବଂଧମାନଂକରେ 'ଶ୍ୟାମଚ୍ଛବି-ଅନଂତ କାନନ-ଶ୍ରେଣୀ', 'ହିଂସାପ୍ରଣୋଦିତ ତରବାରି' ପ୍ରଭୃତି ସୁବୋଧ୍ୟ କରିବା ପାଇଁ ଭାଷାଂତର ଅବଲଂବନ କରାଯାଇ ପାରିଥାଂତା । 'ସୂର୍ଯ୍ୟ' ପ୍ରଭୃତି ପ୍ରବଂଧରେ ମୂଳରୁ ଉଦ୍ଧୃତଶବ୍ଦଯୁକ୍ତ ବାକ୍ୟାଂଶମାନଂକର ଏତେ ବହୁଳ ପ୍ରୟୋଗ ନ କରି ଅନ୍ୟପ୍ରକାର ଲେଖାଯାଇ ପାରିଥାଂତା । "ସେମାନଂକ ସାହିତ୍ୟକୋଷରେ

Digitized by srujanika@gmail.com

ଯେଉଁସବୁ ଅମୂଲ୍ୟ ରତ୍ନ ସଂଚିତ ଥିଲା, ତାହାର ସୁବିମଳ ଜ୍ୟୋତିଃ ଆଜି ଦୀନହୀନ ନୈରାଶ୍ୟ ଜର୍ଜ୍ଜରିତ ଭାରତୀୟମାନଂକ ହୃଦୟରେ ଆଶାର ପ୍ରଭାକୁ ଜାଗ୍ରତ ଏବଂ ସଦୀପ୍ତ କରୁଅଛି ।" "ଭାରତୀୟ ବୀରନାରୀ, ଆଜି ଏହି ପଦଗୁଡ଼ିକ ଆଂଭମାନଂକ ସମୀପରେ ଅସାର ପ୍ରଳାପ ତୁଲ୍ୟ ପ୍ରତୀୟମାନ ହେଉଅଛି" ପ୍ରଭୃତି ସୁବୋଧତର ଭାବରେ ପ୍ରକାଶ କରାଯାଇ ପାରିଥାଂତା ଏବଂ ଏ ସବୁରୁ ଅନେକ ଅଲଂକାର ସମନ୍ୱିତ ଶବ୍ଦବିନ୍ୟାସ ଓ ଉପସର୍ଗ ବିଶେଷଣାଦି ମଧ୍ୟ ପରିହାର କରାଯାଇ ପାରିଥାଂତା । କିଂତୁ ଏସବୁ କଥା ଯେନ ଲେଖନ-ପଦ୍ଧତିରେ ଦୋଷଦେବା ଠିକ୍ ନୁହେ । ସମୟର ବିକାଶରେ ଭବିଷ୍ୟତରେ ଭାଷା କି ଆକାର ନେବ, ସେ ସ୍ୱତନ୍ତ୍ର କଥା; ମାତ୍ର ମଧୁବାବୁ ପ୍ରଥମରୁ ଗଦ୍ୟଲେଖା ଆରଂଭ କରି ଭାଷାରେ ଯେ ରୁଚି, ସଂଗୀତ ଓ ପବିତ୍ରତା ଦେଖାଇଅଛଂତି, ତାହା ସେତେବେଳେ ଅନ୍ୟପ୍ରକାର ଲେଖିଥିଲେ ହୋଇଥାଂତା କି ନାହିଁ, ସନ୍ଦେହ । ସଂସ୍କୃତର ପଦ୍ଧତିରୁ ବରାବର ବିଚ୍ଛିନ୍ନ ହୋଇ ସ୍ୱାବଲଂବନ ଦେଖାଇଥିଲେ କଣ ହୋଇଥାଂତା, ସେ ବିଚାର ଏଠାରେ କରାଯାଉନାହିଁ; କିଂତୁ କେବଳ ତାଂକର ଲେଖା ନୁହେଁ, ତାଂକର ସମସ୍ତ ଜୀବନ ସଂସ୍କୃତ ଥିଲା । ସେ ଜୀବନକୁ ଗଢ଼ିବାପାଇଁ ଯେପରି ବ୍ୟାକୁଳ ଥିଲେ, ଭାଷା ବିନ୍ୟାସରେ ସେଥିରୁ ଅନ୍ୟଥା ଆଶାକରିବା ସ୍ୱାଭାବିକ ନୁହେ ।

ଚଳିତ ଭାଷାରେ ଶବ୍ଦର ଅପ୍ରଚୁରତା ମଧ୍ୟ ଏ କ୍ଷେତ୍ରରେ ଅନ୍ୟ କାରଣ । ସଂସ୍କୃତରେ ଶବ୍ଦକୋଷ ଓ ପ୍ରତ୍ୟୟ ସମାସାଦିର ବିଧାନ ଅନଂତ ଶବ୍ଦ-ସନ୍ଦର୍ଭ ସୃଜିପାରେ; କୌଣସି ନୂତନ ଭାବ ପ୍ରକାଶ କରିବାକୁ ଗଲେ ସଂସ୍କୃତର ଶବ୍ଦକୋଷହିଁ ବହୁପରିମାଣରେ ଆଂଭମାନଂକୁ ଅବଲଂବନ କରିବାକୁ ହୁଏ । ସଂସ୍କୃତ ଆଂଭମାନଂକର ସଂପଦ ଓ ସୌଭାଗ୍ୟ, ଉତ୍କଳଭାଷାର ମାତା ଓ ଭାରତୀୟ ଭାବର ନିଧାନ । କେବଳ ଚଳିତ ଭାଷା ଉପରେ ନିର୍ଭର କଲେ ଆଂଭମାନଂକୁ ଏ ସଂପଦ-ସୌଭାଗ୍ୟରୁ ବଂଚିତ ହେବାକୁ ହେବ ଏବଂ ଅନେକ ସ୍ଥଳରେ ଭାବପ୍ରକାଶ ଏକପ୍ରକାର ଅସଂଭବ ହୋଇପଡ଼ିବ । ନବଭାବର ବିକାଶବେଳେ, ପ୍ରାଚୀନ ସାହିତ୍ୟର ଆବିଳତା ମଧ୍ୟରେ, ପବିତ୍ର ମଧୁସୂଦନ-ସାହିତ୍ୟର ଜନ୍ମ । ସେତେବେଳେ ସଂସ୍କୃତ ପ୍ରତି ଦୃଷ୍ଟି ପଡ଼ିବାରେ ବିଚିତ୍ରତା

Digitized by srujanika@gmail.com

କିଛି ନାହିଁ ଏବଂ ତାଂକର ସାହିତ୍ୟରେ ଯାହା ଆଜି ଟିକିଏ ଅସ୍ୱାଭାବିକତା ବୋଲି ବିବେଚିତ ହେଉଅଛି, ଦେଶ କାଳ ପାତ୍ର ଦୃଷ୍ଟିରେ ତାହାହିଁ ସ୍ୱାଭାବିକ । ପରବର୍ତ୍ତୀ କାଳରେ ଭାଷାର ଅଧିକତର ପ୍ରାକୃତିକତା ଯେ ଦେଖାଯିବ, ସେକଥା କିଏ ନାହିଁ କରିପାରେ ? କିଂତୁ ସେ ସମସ୍ତ ବିକାଶର ପରମ୍ପରା ମଧୁସୂଦନ-ସାହିତ୍ୟ ବହୁଦିନଯାଏ ଭାଷାରେ ପବିତ୍ରତା ଓ ବିନ୍ୟାସରେ କୌଶଳ ସଂରକ୍ଷଣ କରିବ । ତାହା ନ ହେଲେ ବୁଝିବାକୁ ହେବ, ସାହିତ୍ୟ ରାଜ୍ୟରେ ମଧୁସୂଦନଂକର ଆବଶ୍ୟକତା ନ ଥିଲି ।

ମଧୁସୂଦନଂକର ଏ ଆବଶ୍ୟକତା ଅନ୍ୟଭାବରେ ଦେଖାଯାଇପାରେ । ଉତ୍କଳ ସାହିତ୍ୟରେ ପ୍ରତୀଚ୍ୟ ସଂସର୍ଗରେ ମଧୁସୂଦନକଳାର ବିକାଶ । ସାହିତ୍ୟରେ ଏ ଗୋଟିଏ ନୂତନ ଯୁଗ । ନୂତନ ସତ୍ୟ, କିଂତୁ ପରଂପରାରୁ ବିଚ୍ଛିନ୍ନ ନୁହେ । ଏ ସ୍ଥଳରେ, ବିଶେଷତଃ ମଧୁସୂଦନଂକର ଗଦ୍ୟ ସାହିତ୍ୟ ପ୍ରତି ଦୃଷ୍ଟି ଦେଲେ, ପରଂପରାର ସୂତ୍ର ପ୍ରାଚୀନ ଉତ୍କଳ ସାହିତ୍ୟରେ ମିଳିବ ନାହିଁ । ଉପେନ୍ଦ୍ରଭଂଜଙ୍କରୁ 'ପ୍ରବଂଧମାଳା'ର ବିକାଶ ନୁହେ । କିଂବା ପ୍ରାଚୀନ କଥା କାହାଣୀ ସଂଗେ ମଧୁସୂଦନ-ଗଦ୍ୟର ବିଶେଷ ସଂପର୍କ ନାହିଁ । ତେବେ ପରଂପରାର ସୂତ୍ର କେଉଁଠାରେ ? ସଂସ୍କୃତ ସାହିତ୍ୟ ମୁଖ୍ୟତଃ ଉତ୍କଳ ସାହିତ୍ୟ ନ ହେଲେ ମଧ୍ୟ ଆଂଭମାନଂକର ଜାତୀୟ ଜୀବନ ସଂସ୍କୃତ ସାହିତ୍ୟରୁ ଏବେ ମଧ୍ୟ ମୁଖ୍ୟ ଭାବରେ ଆଲୋଚିତ ହୋଇପାରେ । ମଧୁବାବୁ ନିଜେ କହିଅଛଂନ୍ତି, ସେହି "ସାହିତ୍ୟକୋଷରେ ଯେଉଁସବୁ ଅମୂଲ୍ୟ ରତ୍ନ ସଂଚିତ ଅଛି," ତାହାର ସୁବିମଳ ଜ୍ୟୋତି ଆଂଭମାନଂକ ନିରାଶ ପ୍ରାଣରେ ଆଶାର ସଂଚାର କରୁଅଛି ଏବଂ ବାସ୍ତବରେ ଦେଖିବାକୁ ଗଲେ ସେହି ପରଂପରାରେ ମଧୁସୂଦନଂକର ଗଦ୍ୟ ସାହିତ୍ୟ ସାକ୍ଷାତ୍ ଭାବରେ ଗୁଂଥା ହୋଇଅଛି ଏବଂ ସାହିତ୍ୟ ସଂଗେ ଜାତୀୟ ଜୀବନର ପନ୍ଥା ଫିଟାଇ ଦେଉଅଛି । ସଂସ୍କୃତ ସାହିତ୍ୟରେ ଯେଉଁ 'ମୃତସଂଜୀବନୀ ଆଶା'ର କଥା ସେ ଅବାନ୍ତର ଭାବରେ ଲେଖିଅଛଂତି, ତାହାହିଁ ସେ ଜୀବନରେ ଅନୁଭବ କରି ସାହିତ୍ୟ ରାଜ୍ୟରେ ନିଜର ଆବଶ୍ୟକତା ପୂର୍ଣ୍ଣ କରିଅଛଂତି ବୋଲିବାକୁ ହେବ । ଫଳତଃ ଗଦ୍ୟ ସାହିତ୍ୟରେ ତାଂକର ଗତି ପ୍ରାଚୀନ ଓଡ଼ିଆରୁ ନବୀନ ଓଡ଼ିଆକୁ ନୁହେ ।

Digitized by srujanika@gmail.com

ଏହା ଏକାବେଳକେ ସଂସ୍କୃତରୁ ଓଡ଼ିଆକୁ ଆସିଅଛି । ସେ ପଛରେ ଅନନ୍ତ ସଂସ୍କୃତ ସାହିତ୍ୟ ଦେଖି ଉତ୍କଳ ସାହିତ୍ୟ ସୃଷ୍ଟି କରିବାର ଆଶାରେ ଜୀବନ୍ତ ଥିଲେ ଏବଂ ସେହି ଆଶା ତାଙ୍କର ଗଦ୍ୟ-ସାହିତ୍ୟର ଲେଖନପଦ୍ଧତିରେ ସ୍ପଷ୍ଟ ହୋଇଅଛି ।

ଏଠାରେ ବରେଣ୍ୟ ବୃଦ୍ଧ କବି ଫକୀରମୋହନଙ୍କ କଥା କାହାର କାହାର ମନକୁ ଆସିପାରେ । ଆସିବାର କଥା । ତାଙ୍କର ଆଦର୍ଶ ଓ ଲେଖନ ପ୍ରଣାଳୀ ଅବଶ୍ୟ ସ୍ୱତନ୍ତ୍ର । କିନ୍ତୁ କାରଣ ଯାହାହେଉ ପଛକେ, ତାଙ୍କର ଲେଖନ ପଦ୍ଧତି ଓ ସାହିତ୍ୟିକ ଆଦର୍ଶ ଉତ୍କଳରେ ଏ ପର୍ଯ୍ୟନ୍ତ କେବଳ ଆଦର୍ଶ । ଲୋକେ ତାହା ଦେଖି ମୁଗ୍ଧ ହୁଅନ୍ତି; କିନ୍ତୁ ସାଧାରଣ ସାହିତ୍ୟିକମାନଙ୍କ ମଧ୍ୟରେ ଫକୀରମୋହନଙ୍କ ପ୍ରଭାବ ପ୍ରସ୍ଫୁରିତ ହୋଇନାହିଁ । ଲେଖକମାନେ ବଡ଼ କ୍ୱଚିତ୍ ତାଙ୍କ ପ୍ରଣାଳୀ ଓ ପଦ୍ଧତି ଅନୁସରଣ କରିଅଛନ୍ତି ।

ଏପର୍ଯ୍ୟନ୍ତ ମଧୁସୂଦନଙ୍କ ଗଦ୍ୟ ସମ୍ବନ୍ଧରେ କୁହା ହେଉଥିଲା । କିନ୍ତୁ ସେ ଓଡ଼ିଶାରେ ସର୍ବତ୍ର ଭକ୍ତକବି ବୋଲି ପରିଚିତ । ତାଙ୍କର ଗ୍ରନ୍ଥାବଳୀ ପ୍ରକାଶିତ ହୋଇଅଛି ଏବଂ ପ୍ରକାଶକ ବୋଧହୁଏ ତାଙ୍କ ଲେଖାରେ ଗଦ୍ୟ ଅପେକ୍ଷା କବିତାର ସ୍ଥାନ ମହାଉଚ୍ଚତର ବୋଲି ସ୍ଥିର କରିଅଛନ୍ତି । ଗ୍ରନ୍ଥାବଳୀରେ କବିତାର ପରିମାଣ ବେଶି । ଗୋଟିଏ ଅନୁବାଦ ଓ ଆଉ ଗୋଟିଏ ମୌଳିକ ଗଳ୍ପ ଛାଡ଼ିଦେଲେ ଗ୍ରନ୍ଥଟି କବିତାରେ ପୂର୍ଣ୍ଣ । ସେତିକି ନୁହେଁ । ଗଦ୍ୟ ଅପେକ୍ଷା କବିତାର ମହତ୍ତ୍ୱ ମଧ୍ୟ ଅଧିକ । ମଧୁସୂଦନଙ୍କ କବିତାରେ ଗୋଟିଏ ସ୍ୱାତନ୍ତ୍ର୍ୟ ଓ ବିଶେଷତ୍ୱ ଅଛି .ଏବଂ ଗ୍ରନ୍ଥାବଳୀ ଦେଖି ଆଲୋଚନା କରି ବସିଲେ ଏହି କବିତାର ଆଲୋଚନା ସର୍ବାଦୌ କରଣୀୟ ।

ଲେଖନପଦ୍ଧତି ବିଚାର କଲେ ମଧୁସୂଦନଙ୍କ ଗଦ୍ୟ ପଦ୍ୟରେ ବିଶେଷ ପ୍ରଭେଦ ନାହିଁ । "ତତ୍ସମ" ଶବ୍ଦର ପ୍ରାଚୁର୍ଯ୍ୟ, ସାଧାରଣ ପକ୍ଷରେ ଦୁର୍ବୋଧତା, ଶବ୍ଦ ବିନ୍ୟାସ ଓ ସ୍ୱର ସଙ୍ଗୀତ ବିକାଶରେ ଶ୍ରମପରତା, ଭାବ ଓ ଯଥ-ନିୟମାଦିର ପବିତ୍ରତା ପ୍ରଭୃତି ପଦ୍ୟରେ ସର୍ବତ୍ର ସ୍ପଷ୍ଟ । ଲେଖା ସର୍ବଦା ପ୍ରଣାଳୀବଦ୍ଧ ଓ ରୁଚିସମ୍ପନ୍ନ ।

Digitized by srujanika@gmail.com

କବିତା ଗୋଟିଏ କୋମଳ ଶିଳ୍ପକଳା । କବିର ପ୍ରାଣ ଏଥିରେ ବିଳାସ ଅନୁଭବ କରେ । ଅନୁଭୂତିରେ ପ୍ରାଣ ଭାସିଗଲେ, ରସୋପଲବ୍ଧିରେ ମାନବ ଆତ୍ମବିସ୍ମୃତ ହେଲେ, କବିତା ସ୍ୱତଃ ବିକଶିତ ହୁଏ । ଏଥିରେ ତରଂଗିତ ଚପଳତା, ଗୀତବଂଧ ବିରୁଦ୍ଧରେ ଉଚ୍ଛୃଂଖଳତା, ରସାଶ୍ରିତ ଭାଷାବିନ୍ୟାସରେ ଅନବଧାନତା ପ୍ରଭୃତିର ଆଶଂକା ଯଥେଷ୍ଟ ରହିଅଛି । କବିମାନେ ସମସ୍ତେ ପଦ୍ଧତିର ଅନୁସରଣ କରଂତି ସତ, କିଂତୁ ଭାବର ଉନ୍ମାଦ ବେଳେ ପଦ୍ଧତିର ବଂଧ ସମସ୍ତ ବିଶେଷରେ ଭାଂଗିଯାଏ । ଅଜ୍ଞାତ ଭାବରେ କବିମାନେ ଉଚ୍ଛୃଂଖଳତାର ଅଧୀନ ହୋଇ ପଡ଼ଂତି, ସଂଯମର ଅଂକୁଶ ଭୁଲିଯାଂତି । କିଂତୁ ମଧୁବାବୁଂକ କବିତାରେ ଏ ପ୍ରକାର ବ୍ୟତିକ୍ରମ କ୍ୱଚିତ୍ ଦେଖିବାକୁ ମିଳେ । ତାଂକର ଶବ୍ଦସବୁ ଯେପରି କ ସୂଚୀରେ ଶାଣିତ ଓ ଭାବର ଉପାଦାନରେ ଗଠିତ । ଭାବର ପବିତ୍ରତା ଯେପରି ମହତ୍, ଶିଳ୍ପର ପରିପାଟୀ ସେହିପରି ସୁରକ୍ଷିତ । ଉତ୍କଳର କବିମାନଂକ ମଧ୍ୟରେ କବିତାର ଗୀତି ଓ ଯତିନିୟମ ମଧୁସୂଦନଂକ ପଦ୍ୟରେ ଯେପରି ଦେଖିବାକୁ ମିଳେ, ଅନ୍ୟତ୍ର ସେପରି ନାହିଁ । ଶିଳ୍ପିବର ରାଧାନାଥ ମଧ୍ୟ ଲେଖିପାରଂତି—

"ଏକ ଶରେ ଭୀମର କାଟିଲା ଧନୁର୍ଗୁଣ ।"

ମହାଯାତ୍ରା ପରି ଗ୍ରଂଥରେ ମଧ୍ୟ

"ସୁଂଦର ପ୍ରଭାମଂଡ଼ଳ ବିଧୂଂକୁ ଯେସନ
ଦେଖି ଆସିଛୁ ସେ ଋକ୍ଷ ଅଦ୍ଭୁତ ମୂରତି ।"

ପ୍ରଭୃତି ଯତିଦୋଷ ଦେଖିବାକୁ ମିଳେ । କିଂତୁ ମଧୁବାବୁଂକର ଏ ଦୋଷ ପ୍ରାୟ ନାହିଁ । ଉପଧାମିଳନ ନାମକ ଗୋଟିଏ ଛଂଦନିୟମ ଓଡ଼ିଶାର ଆଧୁନିକ କବିମାନେ ଇଂରେଜୀ ଓ ବଂଗଳାରୁ ଅନୁକରଣ କରିଅଛଂତି । ସ୍ୱରାଂତ ଶବ୍ଦ-ସଂକୁଳ ଓଡ଼ିଆ ଭାଷାରେ ତାହାର ତାଦୃଶ ଆବଶ୍ୟକତା ନ ଥିଲେ ମଧ୍ୟ, ମଧୁସୂଦନଂକ କବିତାରେ ଉପଧାଭଂଗ କ୍ୱଚିତ୍ ଦେଖାଯାଏ । ତାଂକ ମିଲ୍ଟନର ଅନୁବାଦ 'ଅଯୋଧ୍ୟା ପ୍ରତ୍ୟାଗମନ'ରେ

"ଅଶ୍ୱ ଅର୍ଥେ ମହୀତଳେ ସଗରଂକ ପୁଏ
ବିଦାରିଲେ, ତେଣୁ ଏହା ସାଗର ବୋଲାଏ ।"

Digitized by srujanika@gmail.com

ଏହି ଉପଧା ଦୋଷକୁ ଲକ୍ଷ୍ୟ କରି କେହି କେହି ଆକ୍ଷେପ କରିବାର ଶୁଣାଯାଏ ଏବଂ

"ଏ ଛବି ଦେଖି ମନକୁ ଏମନ୍ତ ଆସୁଛି,
ସିନ୍ଧୁକୁ ମନ୍ଦରଗିରି କି ଅବା ମନ୍ଥୁଛି ।"

"ଗୃହୁଁ ଗୃହୁଁ ମୁହୂର୍ତ୍ତିକେ ବିମାନ ବେଗରେ
ପହଞ୍ଚିଲୁ ଦେଖ ଆସି ବେଳା ପ୍ରଦେଶରେ ।"

ପ୍ରଭୃତି ସ୍ଥଳବିଶେଷରେ କ୍ରିୟା ଓ କାରକ-ବିଭକ୍ତିରେ ଅନ୍ତ୍ୟମିଳନ ହୋଇଅଛି ବୋଲି କେହି କେହି କଟାକ୍ଷ କରିବାର ଦେଖାଯାଏ । କିନ୍ତୁ ଏପରି ଅକିଞ୍ଚିତ୍କର ଦୋଷ ମଧ୍ୟ ତାଙ୍କର ପ୍ରାଥମିକ ଲେଖାରେ ଅତି ଅଳ୍ପମାତ୍ର ଦେଖିବାକୁ ମିଳେ ।

ସ୍ଥୂଳରେ ଦେଖିବାକୁ ଗଲେ ଶବ୍ଦ-ବିନ୍ୟାସରେ ରୁଚି ଓ କଳାପାଟବ ମଧୁବାବୁଙ୍କ କବିତାରେ ଯାହା ଦେଖାଯାଏ, ତାହା ଏ ପର୍ଯ୍ୟନ୍ତ ଉତ୍କଳରେ ଅନନ୍ୟସାଧାରଣ ।

କବିତାର ଭାବ ସମାଲୋଚନା କରିବା ପୂର୍ବରୁ ଆଉ ଗୋଟିଏ କଥା ଏଠାରେ କହିବା ପ୍ରୟୋଜନ । ମଧୁବାବୁ ନବଯୁଗର କବି । ନବଭାବ ସଙ୍ଗେ ନବଛନ୍ଦର ଆମଦାନୀ ସେ କରିଅଛନ୍ତି । ଚତୁର୍ଦ୍ଦଶପଦୀ କବିତା, 'ଝଣୀଅଚିନ୍ତା' ଓ 'ଭାରତଭାବନା'ରେ ଇଉରୋପୀୟ **Spencerian stanza** ଭାଗର ଛନ୍ଦ, 'ଆକାଶ'ରେ ଏକାନ୍ତର ମିତ୍ରାକ୍ଷର ଏବଂ 'ଜୀବନଚିନ୍ତା'ରେ ଭାବର ଅନୁରୂପ କଳ୍ପିତ ଛନ୍ଦ ପ୍ରଭୃତି ସେ ପ୍ରଚୁର କରିଅଛନ୍ତି । କିନ୍ତୁ ଏ ସମସ୍ତ ମଧ୍ୟରେ ପ୍ରାଚୀନ ଉତ୍କଳ ସାହିତ୍ୟରି ଛନ୍ଦ ପ୍ରତି ତାଙ୍କର ପ୍ରାଣର ଆକର୍ଷଣ ଲୁଚି ଯାଇନାହିଁ । ପ୍ରାଚୀନ ଛନ୍ଦର ଯେ ମମତା ମଧୁସୂଦନ ଦେଖାଇଅଛନ୍ତି, ଉତ୍କଳର ଅନ୍ୟ କୌଣସି ପ୍ରଥିତନାମା ନବ କବିଙ୍କ ଲେଖାରେ ତାହା ସେତେ ସ୍ପଷ୍ଟ ନୁହେ । ମଧୁସୂଦନ ପବିତ୍ରତାର ସେବକ । ପ୍ରାଚୀନ ଉତ୍କଳ ସାହିତ୍ୟରେ ଆବିଳତା ଦେଖି ସେ ବ୍ୟଥିତ ହୋଇଥିବେ; କିନ୍ତୁ ଆଁଭମାନଙ୍କ ପରମ ପ୍ରେମିକ ଭକ୍ତକବି କଦାପି ତାହାକୁ ସମୂହଭାବରେ ଘୃଣା କରି ନାହାନ୍ତି । ସେଥିରେ ଯେତିକି ଘୃଣ୍ୟ, ସେତିକି ପରିତ୍ୟାଜ୍ୟ ।

Digitized by srujanika@gmail.com

ଏହା ସେ ବୁଝିଥିଲେ । ଛଂଦ ଉତ୍କଳ ସାହିତ୍ୟର ବିଶେଷତ୍ୱ । ଭାବର ଉନ୍ମୀଳନରେ କେବଳ ଛଂଦହିଁ ଆ'ଭମାନଂକ ପ୍ରାଚୀନ କବିମାନଂକର ଏକମାତ୍ର ସହାୟ; ଏକଥା ମଧୁସୂଦନ ଅନୁଭବ କରିଥିଲେ । ସେଥିପାଇଁ ସେ ନିଜେ ମଧ୍ୟ ପ୍ରାଚୀନ ସାହିତ୍ୟ ମଧ୍ୟରେ ନିଜ ଭାବର ଅନୁରୂପ ଛଂଦ ଖୋଜି-ଅଛଂତି । 'ନଦୀପ୍ରତି' କବିତାରେ କାମୋଦୀ, 'ଅଯୋଧ୍ୟା ପ୍ରତ୍ୟାଗମନ'ର ଶେଷ ଭାଗ ଓ 'ଭିକ୍ଟୋରିଆ' ପ୍ରଭୃତି କବିତାରେ ରସକୁଲ୍ୟା, 'ଜନ୍ମଭୂମି' କବିତାରେ ଚୈତିଗି, 'ଉତ୍କଳଗାଥା'ରେ ପଞ୍ଚମବରାଡ଼ୀ ଏବଂ 'ଛଂଦମାଳା' ପ୍ରଭୃତିରେ ସ୍ଥଳବିଶେଷରେ କଳହଂସକେଦାର ଓ ଚକ୍ରକେଳୀ ଆଦି ଛଂଦର ଆଶ୍ରୟ ଗ୍ରହଣ କରି ସେ କବିତାରେ ଜାତୀୟ ପରଂପରା ଦୃଢ଼ କରିଅଛଂତି । ସରଳ ଭକ୍ତିରସୋଦ୍ଦୀପକ ଭାବ ପ୍ରଚାରରେ ଭାଗବତର ଛଂଦମଧ୍ୟ ସେ ଉପେକ୍ଷା କରି ନାହାଂତି । ଯେଉଁ ଭାଗବତ ଏତେ କାଳ ଉତ୍କଳବାସୀଂକ ଭକ୍ତି ତାନ ଉଠାଇଅଛି, ସରଳ ଶିଶୁପ୍ରାଣରେ ଭକ୍ତି ଜଗାଇବା ପାଇଁ ସେହି ଭାଗବତର ବୃତ୍ତିହିଁ ମଧୁସୂଦନଂକ ଆଶ୍ରୟ । ଏ ସବୁରେ ପ୍ରାଚୀନ ସାହିତ୍ୟ ପ୍ରତି ଯେ ଯଥୋଚିତ ଆସ୍ଥା, ସ୍ନେହ ଓ ଭକ୍ତି ଦେଖା-ଯାଉଅଛି, ଏଥିରେ କାବ୍ୟ ସାହିତ୍ୟର ନିରବଚ୍ଛିନ୍ନ ପରଂପରାର ଯେ ସୁଂଦର ପ୍ରମାଣ ମିଳୁଅଛି, ତାହା ଆଜି କେତେଜଣ ଆଧୁନିକ କାବ୍ୟସାହିତ୍ୟସେବକଂକ ଲେଖାରେ ମିଳେ ?

ଏ ସବୁ ଯାହା କୁହାଗଲା, ସେଥିରେ ବିଶେଷ ଭାବରେ ମଧୁସୁଦନଂକର କାବ୍ୟକଳା ଓ ଲେଖନପାଟବର ଭୌତିକତା ପ୍ରତି ଲକ୍ଷ୍ୟ କରାଯାଇଅଛି । ପ୍ରୟୋଗର ଅନୁପାତ, ବିନ୍ୟାସର ପବିତ୍ରତା, ଗଠନର ରୁଚିସଂପନ୍ନତା, ସ୍ଥୂଳତଃ ମାର୍ଜିତ ଭାଷାର ବିଶୁଦ୍ଧ ଯନ୍ତ୍ରନିୟମ, ଶବ୍ଦବିନ୍ୟାସରେ ମହାସ୍ଥାନ ସଙ୍ଗୀତର ଦ୍ୟୋତନ ପ୍ରଭୃତି ମଧୁସୂଦନଂକର ଏହି ଭୌତିକ ବିଭବର ବିଶେଷତ୍ୱ । ଶୁଦ୍ଧ ବିଗ୍ରହରେ ବିମଳ ଆତ୍ମା ରହିବାର କଥା; ମଧୁସୂଦନଂକର ଏ ବିଶୁଦ୍ଧ ବିଗ୍ରହ ଭିତରେ ଅନୁରୂପ ଭାବ ଫୁଟିଅଛି । ଶବ୍ଦବିନ୍ୟାସର ଅନୁପାତରେ ଭାବର ସଂଯମ, ଗଠନର ଦୃଢ଼ତାରେ ଭାବର ସ୍ଥାୟିତ୍ୱ ଓ ମହାସ୍ଥାନ ସଙ୍ଗୀତ ମଧ୍ୟରେ ଭାବର ମହାସ୍ପୃହା ମଧୁସୂଦନଂକ ଲେଖାରେ ସର୍ବତ୍ର

Digitized by srujanika@gmail.com

ଦେଖିବାକୁ ମିଳେ । ମଧୁବାବୁଙ୍କ କବିତା ଥରେ ପଢ଼ିଲେ ଭାବର ସଙ୍ଗେ ସଙ୍ଗେ ପ୍ରାଣ ବେଳେ ବେଳେ ଅତୀନ୍ଦ୍ରିୟ ଦେଶକୁ ଚାଲିଯାଏ । ପାଠକ ଭାବର ଉଚ୍ଛୃଙ୍ଖଳ ବିଳାସରେ ଭାସି ନ ଯାଇ ନିୟମବଦ୍ଧ ଶାଣିତ ବର୍ଣ୍ଣଯୋଜନା ମଧ୍ୟରେ ସଯତ୍ନ ଭାବରାଶିର ଜମବାକାଶରେ ଆତ୍ମୋନ୍ନତି ଅନୁଭବ କରେ । ରୁଚିର ପବିତ୍ରତାରେ ପ୍ରାଣ ବିଶୁଦ୍ଧତର ହୁଏ । କବିତାର ଏ ସ୍ୱତନ୍ତ୍ର ବିଭବରେ ମଧୁସୂଦନ ବର୍ତ୍ତମାନ ମଧ୍ୟ ଉତ୍କଳରେ ଏକାଧିପତ୍ୟ କରୁଅଛନ୍ତି । ଏଥିରେ ତାଙ୍କର ଯଥେଷ୍ଟ ମୌଳିକତା ବିକଶି ଅଛି । ମଧୁସୂଦନ କାବ୍ୟକଳା ଚିତ୍ରରେ ଲେଖନୀ ଚଳାଇ ନ ଥିଲେ ଉତ୍କଳ ସାହିତ୍ୟରେ ଏ ବିଭବ ଆଜି ପର୍ଯ୍ୟନ୍ତ ଅପୂର୍ଣ୍ଣ ରହିଥାନ୍ତା ।

କବିମାନେ ଏକ ପ୍ରକାରରେ ଦେଖିଲେ ପ୍ରକୃତିର କ୍ରୀଡ଼ନକ । ପ୍ରକୃତିର ପ୍ରେରଣାରେ ବେଳେ ବେଳେ ସେମାନେ ଭାସିଯାନ୍ତି । ପ୍ରକୃତିର ଯଥାଯଥ ଚିତ୍ରଣର ଇଙ୍ଗିତ ଦେଇ ସେମାନେ ପ୍ରାଣରେ-ବିଳାସ-ଅନୁଭବ କରନ୍ତି । ଅଜ୍ଞାତଭାବରେ ପ୍ରତି ମୁହୂର୍ତ୍ତରେ ମାନବ ଯେଉଁ ଅନୁଭୂତିରାଶିର ଅଧୀନ ହେଉଅଛି, କବି ସେହି ଅନୁଭବ ଦେଖାଇଦେଇ କୃତୀ ହୁଅନ୍ତି । କିନ୍ତୁ ଏ କ୍ଷେତ୍ରରେ ମଧୁସୂଦନଙ୍କର ଗୋଟିଏ ନିତ୍ୟ ସ୍ୱାତନ୍ତ୍ର୍ୟ ଅଛି । ସେ ସହଜ ଅନୁଭୂତିର କ୍ରୀଡ଼ନକ ହୋଇ କବିତା ଲେଖି ନାହାନ୍ତି । ଜୀବନଯାକ ଯେଉଁ ଅନୁଭୂତିର ପ୍ରତୀକ୍ଷାରେ ତାଙ୍କର ପ୍ରାଣ ଚାହିଁ ବସିଥିଲା, ଯେଉଁ ଅନୁଭୂତି ନିମନ୍ତେ ସେ ବାସନା ଚିର ଜାଗ୍ରତ ରଖିଥିଲେ, ଯେଉଁ ଆବେଶ ପ୍ରାଣକୁ ଅଧିକାର କଲେ ସେ ଜୀବନରେ ପରମପଦ ଲଭ କରିବେ ବୋଲି ବିଚାରୁଥିଲେ, ଯେଉଁ ମହୀୟସୀ ଉପଲବ୍ଧିର ଆଦର୍ଶରେ ସେ ସଂସାର-ବାରିଧିରେ ଜୀବନ-ତରୀ ଭସାଇଥିଲେ, ସେଇ ଆଦର୍ଶ, ଅନୁଭୂତିର ଚିତ୍ରଣହିଁ ତାଙ୍କ କବିତାର ଜୀବନ ।

ନିର୍ମୁକ୍ତ, ନିର୍ବଚନରେ ଉପଦେଶ କବିଙ୍କଠାରୁ କେହି କେହି ଶୁଣିବାକୁ ନାରାଜ । କବିତା ମୁଖରେ ଉପଦେଶ କୌଣସି କୌଣସି ପାଠକଙ୍କୁ ଅସହ୍ୟ ହୁଏ । ପାଠକ ଯେତେବେଳେ କବିଙ୍କ ସଙ୍ଗେ ଭାବ ମିଶାଇ ଦେଇ କବିଙ୍କ ଇଙ୍ଗିତ ଘେନି ଅନୁଭୂତିର ଅନନ୍ତ ସମ୍ଭାବ୍ୟ-ରାଜ୍ୟକୁ ଭାସି ଯିବାକୁ

Digitized by srujanika@gmail.com

ରହିଛି, ସେତେବେଳେ ଉପଦେଶର ସଂଯମ ତାଂକ ପ୍ରାଣରେ ସହ୍ୟ ହୁଏ ନାଇ । କିଂତୁ କାବ୍ୟ ଭାବମୟ ହେଲେହେଁ, ଚିଂତା ତାର ବିଗ୍ରହ । ତାହାସ୍ତ ସାହିତ୍ୟ, ତାହାସ୍ତ ଚିଂତାର ବିକାଶ କରେ ଏବଂ ସଂଗେ ସଂଗେ ତାହାସ୍ତ ଶିକ୍ଷାର ପଥ ପ୍ରଶସ୍ତ କରେ । ଯେଉଁଠାରେ ଶିକ୍ଷା, ସେଠାରେ ଉପଦେଶ । କବିତାରେ ଉପଦେଶ ବା ନ ରହିବ କିପରି ? କବି, ଭାବ ଚିତ୍ର କରଂତି ସତ, କିଂତୁ ସବୁ ଭାବ ଚିତ୍ର କରଂତି ନାଇ; ପ୍ରାଣର ଉଚ୍ଛ୍ୱାସରେ ଉଚ୍ଛୃଂଖଳତା ଲୋଡ଼ଂଥି ସତ, କିଂତୁ କଳା-କୁଶଳତା ଓ ପଦ୍ଧତିର ନିୟମ ଏକାବେଳକେ ଏଡ଼ି ଦିଅଂତି ନାଇ । ଏଟେ ଗତିବିଂଧର ସଂଯମ କାହିଁକି ? ଭାବ ଚୟନରେ ରୁଚି, ଅରୁଚିର ପ୍ରଶ୍ନ ବା କି ନିମଂତେ ? ଏ ସବୁ ଦେଖାଉଅଛି, ପ୍ରତ୍ୟେକ କବିତାରେ ଆଦର୍ଶ ଅଛି । ପାଠକ ଅଲକ୍ଷିତ ଭାବରେ ସେଇ ଆଦର୍ଶରେ ଅନୁପ୍ରାଣିତ ହୁଏ; ସେଥିରୁ ଅବଶ୍ୟ କିଛି ଶିଖେ । ତେବେ ଉପଦେଶ କବିତାର ଗୋଟିଏ ଅଂଗ । ଏତିକି ମାତ୍ର ବିଶେଷତ୍ୱ ଥାଇପାରେ ଯେ, ସେ ଉପଦେଶ ନୀରସ ନୀତିଉପଦେଶପରି ଉନ୍ମୁକ୍ତ ଶିକ୍ଷଣୀୟତାର ଗ୍ରଥିତ ନୁହେ ନାଇ; ସାକ୍ଷାତ୍ ଭାବରେ ପାଠକକୁ କୌଣସି ନୀତିମଂତ୍ର ଶୁଣାଏ ନାଇ । ପାଠକ ଅନୁଭୂତିରେ ଆତ୍ମବିସ୍ମୃତ ହେଲାବେଳେ ପ୍ରାଣରେ ସେ ଉପଦେଶର ଆବେଶ ଅନୁଭବ କରେ ।

ମଧୁସୂଦନଂକ ଉପଦେଶ କିପରି ? ଅବଶ୍ୟ ବେଳେ ବେଳେ ଏହା କେବଳ ଉନ୍ମୁକ୍ତ ଉପଦେଶ ପରି ବୋଧହୁଏ । କିଂତୁ କବିତାର ପ୍ରକୃତ ପର୍ଯ୍ୟବେକ୍ଷଣ କଲେ, ସେଥିରେ ଉପଦେଶର ନୀରସତା ଦିଶେ ନାଇ । ଏ ସଂବଂଧରେ ସମାଲୋଚକର ବିଶେଷ କିଛି କହିବାର ଅଛି କି ନା, ସଂଦେହ । ପାଠକ ଏହାର ପ୍ରକୃତ ସାକ୍ଷୀ ।

"ବିଭୁପଦେ ପ୍ରାଣ ସମର୍ପି ନବ ଜୀବନ ଧର ।"
"କର ଏ ସଂବାଦ ଘୋଷଣା ସତ୍ୟ ଶିବ ସୁଂଦର ।"
"ପ୍ରବେଶ ସ୍ୱର୍ଗଧାମେ ଭୁଂଜ ରେ ସଂଚିତ ଅମୃତ ସଂପଦ ।"
"ତେବେ ରେ ଲଭିବୁ ଧର୍ମରସ ଆସ୍ୱାଦନ ।"
"ଜଗତର ହିତ ଅର୍ଥେ ଦିଅ ରେ ଜୀବନ ।"

Digitized by srujanika@gmail.com

ପ୍ରଭୃତି ପଂକ୍ତି କବିତାର ଉଚ୍ଛ୍ୱାସ ସଙ୍ଗେ ମିଶାଇ ଯେ ପଢ଼ି ଅଛନ୍ତି, ତାଂକର କାଳ୍ପନିକ ଅନୁଭୂତି ଏଥିରେ ବ୍ୟାହତ ହୋଇଅଛି କି ? ମଧୁସୂଦନ ଏଥିରେ ଉପଦେଶ ଦେଇନାହାଂନ୍ତି । ଏଥିରେ ତାଂକର ପ୍ରାଣର ଆବେଗ, ହୃଦୟର ବ୍ୟାକୁଳତା, ଆତ୍ମାର ଅନନ୍ତ ପ୍ରସାରରେ ପାଠକଙ୍କୁ ସେହି ଅନନ୍ତ ଚିନ୍ମୟଧାମ ଆଡ଼କୁ ଇଂଗିତ କରୁଅଛି ମାତ୍ର ।

( ୨ )

କୁହାଯାଇଅଛି, ଉପଯୋଗିତା ପ୍ରତି ସ୍ୱତଂତ୍ର ଦୃଷ୍ଟି ମଧୁସୂଦନ ସାହିତ୍ୟର ବିଶିଷ୍ଟ ଅଂଗ । ସର୍ବଦା ସେ କେବଳ କବିତାପାଇଁ କବିତା ଲେଖି ନାହାଂନ୍ତି । 'ଛନ୍ଦମାଳା'ରେ ବାଳକମାନଂକ ପ୍ରତି ଉପଦେଶ ଅଛି । 'ଜୀବନଚିଂତା'ରେ ସମସ୍ତ ମାନବ ମାତ୍ରର ଜୀବନରେ ନିଜ ଜୀବନ ପ୍ରତିଫଳିତ ଦେଖି ସେ କେତେଦୂର କି ବ୍ୟାକୁଳ ହୋଇଅଛଂନ୍ତି । ଆଦର୍ଶ, ଉଦ୍ଦେଶ୍ୟ ମଧ୍ୟରେ ଯେପରି କି ନାନା କ୍ଷେତ୍ରରେ ତାଂକ ଲେଖାରେ ସର୍ବତ୍ର ସମନ୍ୱୟ ଦେଖାଯାଏ ନାଇଁ । ସର୍ବଦା ସେ ଆଦର୍ଶରେ ଚାଳିତ ହୋଇ ନାହାଂନ୍ତି । ଉଦ୍ଦେଶ୍ୟରେ ବେଳେ-ବେଳେ ଆଦର୍ଶ ଶାସିତ ହୋଇଅଛି । ଉପେୟର କେବଳ ଇଂଗିତ ନ କରି ମଧୁସୂଦନ ବେଳେବେଳେ ବହୁତ ଉପାୟର ଅନ୍ୱେଷଣ କରିଅଛଂନ୍ତି । ସେଥିରେ ତାଂକର ଉପଦେଶବାଣୀ ବେଳେବେଳେ ଉନ୍ମୁକ୍ତ ଓ ସ୍ପଷ୍ଟ ହେଲେ ମଧ୍ୟ କବିତାର ସମୂହ ଆଲୋଚନାରେ ସେସବୁର ଅପକର୍ଷ ଦେଖାଯାଏ ନାଇଁ । କବିତାରେ ଏପରି ଉପେୟରେ ଉପାୟ ମିଶାଇବା ଉଦ୍ଦେଶ୍ୟରେ ଆଦର୍ଶ ଦେଖିବା ବଡ଼ ସୁଗମ ନୁହେ । ଏ ବଡ଼ କଠିନ ପନ୍ଥା । ଏ ପନ୍ଥାରେ କୃତିତ୍ୱ ଇତରସାଧାରଣ କବିଂକଠାରେ ଆଶାକରିବା ବିଡ଼ଂବନା । ମାତ୍ର ମଧୁସୂଦନ ନିଜର ଚିନ୍ମୟ ଭାବରାଶିର ଅମୃତ ନିଷ୍ୟଂଦରେ କବିତା ପ୍ଲାବିତ କରିଅଛଂନ୍ତି । ଏ ସମସ୍ତ ଆପାତ ଅପକର୍ଷ ସେଥିରେ ଏକାବେଳକେ ଭାସିଯାଇଛି; ନିଜର ସ୍ୱାଭାବିକ ସତ୍ତା ହରାଇ ସେଇ ଅମୃତ ନିସ୍ୟଂଦରେ ନବଜୀବନରେ ଉଦ୍ଭାସିତ ହୋଇଅଛି ।

ଭକ୍ତକବି ମଧୁସୂଦନ ବିଶ୍ୱପ୍ରାଣରେ ନିଜର କ୍ଷୁଦ୍ର ଜୀବନ ପ୍ରତିଫଳିତ ଦେଖୁଥିଲେ । ଅନଂତରେ ନିଜର ସାଂତ ଜୀବନ ଅନୁଭବ କରୁଥିଲେ । କ୍ଷିତି ପିଣ୍ଡରେ କ୍ଷୁଦ୍ର ବିନ୍ଦୁରେ ଆବଦ୍ଧ ରହି ମଧ୍ୟ ଭାବରାଜିରେ ଅନଂତ

Digitized by srujanika@gmail.com

ମଂଗଳାଳୟରେ ନିଜର ମହାପ୍ରସ୍ଥାନ ଅଧିଷ୍ଠାନ ଦେଖୁଥିଲେ । ତାଂକର ସମସ୍ତ କାବ୍ୟ ମଧ୍ୟରେ ଏଇ ଭାବଦୃଷ୍ଟି ଜୀବନର ଧାରା । 'ଋଷିପ୍ରାଣେ ଦେବାବତରଣ' ପ୍ରଭୃତିରେ ଏହା ବେଳେବେଳେ ପୂର୍ଣ୍ଣଗର୍ଭା ଭାଗୀରଥୀ ପରି ଉଚ୍ଛ୍ୱଳିତ; କେତେବେଳେ ବା 'ନଦୀପ୍ରତି', 'ଶୋକ ଶ୍ଳୋକ' ପ୍ରଭୃତି ଅତିସାଧାରଣ ଅବଲଂବନ ମଧ୍ୟରେ ଅଂତଃସଲିଳା ଫଲ୍‌ଗୁପରି ପ୍ରବାହିତ । ଏହିପରି ସାଧାରଣ ବିଷୟର ଅବଲଂବନରେ ସେ ଯେଉଁ କବିତାସବୁ ଲେଖିଥିଲେ, ସେଥିରେ ଭାଷାର ବିନ୍ୟାସରେ ବେଳେବେଳେ ଏହି ଭୂମାନଂଦର ସ୍ଥାୟୀଭାବ ସ୍ପଷ୍ଟ ହୋଇଥିଲେହେଁ ସେସବୁ କବିତାର ସମୂହ ଆଲୋଚନା ବେଳେ କବିଂକର ଏକ ଗୂଢ଼ ଭାବ ଲକ୍ଷ୍ୟ କରିବାରେ କାହାର କାହାର ଅସୁବିଧା ହୋଇପାରେ । କିଂତୁ ଆଶଂକାର କଥା କିଛି ନାହିଁ । ବିଭୁପ୍ରେମରେ ମଧୁସୂଦନଂକ ପ୍ରାଣ ସର୍ବଦା ପ୍ଲାବିତ ରହିଥିଲା । ଜୀବନର ଘୋର ବାଧାବିଘ୍ନ ମଧ୍ୟରେ ସଂସାରର ନାନା ଆବିଳତା ଅସୁବିଧା ମଧ୍ୟରେ ତାଂକର ଏହି ସ୍ଥାୟୀଭାବ ବିଲୁପ୍ତ ହୋଇ ନ ଥିଲା । ବନ୍ଧୁ ସଙ୍ଗେ ଆଳାପ କଲାବେଳେ, ପ୍ରେୟସୀର ପ୍ରଣୟରେ, ସନ୍ତାନର ବାତ୍ସଲ୍ୟରେ, ପିତାମାତାଂକ ଭକ୍ତିରେ, ଶତ୍ରୁର ଯାତନାରେ, ପ୍ରତିଦ୍ୱଂଦ୍ୱର ପ୍ରତି-ଯୋଗିତାରେ, ନିଂଦୁକର ବାତୁଳତାରେ, ସ୍ତାବକର ମଧୁର ବାଣୀରେ, ସର୍ବତ୍ର ସର୍ବଦା ସେ ସେହି ବିଭୁକୃପା ଦେଖୁଥିଲେ । ତାଂକର ପ୍ରାଣ ଅନଂତ ସହାନୁଭୂତିରେ ଭାସି ଯାଉଥିଲା । ନିଜର ମାତୃହୀନତାରେ ସେ ବ୍ୟାକୁଳ ହୋଇ ବିଶ୍ୱବିଧାତାଂକ ମଂଗଳମୟ ବାତ୍ସଲ୍ୟ ଅନୁଭବ କରିଅଛଂତି । ରାମଚଂଦ୍ର ଭଂଜଂକ ମୃତ୍ୟୁରେ ସେ କେଂଦ୍ରପ୍ରଦେଶର ଆହ୍ୱାନବାଣୀ ଶୁଣିଅଛଂତି । ସୁତଳଦେବଂକ ଶୋକରେ ସେ ମଧୁମୟ ସଂଗୀତ ମଂଦାକିନୀର ଧାରାରେ ଭାସି ଅଛଂତି । 'ନବଜାତ ଶିଶୁ'ରେ ନଂଦନର ପାରିଜାତ ଭୋଗି ଅଛଂତି । ଏପରିକି, ପତିତା ରମଣୀକୁ ମଧ୍ୟ ଘୃଣା ନ କରି ସମବେଦନାରେ ଜର୍ଜରିତ ହୋଇଅଛଂତି । ସେହି ସହାନୁଭୂତିରେ ସେ ଗୁଣର ଆଦର ନ କରି ରହିପାରି ନାହାଂତି । ଭବଭୂତି, କାଳିଦାସଂକଠାରୁ ଫକୀରମୋହନ, ଗୌରୀଶଂକର, ପ୍ୟାରୀମୋହନ, ରାଧାନାଥ, ମୟୂରଭଂଜ, ବାମଂଡ଼ା, ଏପରିକି ପ୍ରଜାପ୍ରାଣା ସାଧ୍ୱୀ ଭିକ୍‌ଟୋରିଆ ପର୍ଯ୍ୟଂତ ସମସ୍ତେ ତାଂକର ପ୍ରାଣ ଅଧିକାର କରିଅଛଂତି । 'ଭାରତଭାବନା'ରେ ଅତୀତ ସ୍ମୃତିଚିହ୍ନର ସେ ବିକ୍ଷୋଭିତ ।

Digitized by srujanika@gmail.com

'ଜନ୍ମଭୂମି' ଓ 'ଉତ୍କଳବନ୍ଦନା'ରେ ସେ ଦେଶର ମହିମାରେ ଆତ୍ମବିସ୍ମୃତ ଏବଂ ସମସ୍ତ 'ଉତ୍କଳଗାଥା'ରେ ନାନା କବିତାରେ ଉତ୍କଳବାସୀଙ୍କୁ ଉଦ୍‌ବୁଦ୍ଧ କରିବାକୁ ବ୍ୟାକୁଳ ହୋଇଅଛନ୍ତି । ସମସ୍ତ ମାନବପ୍ରାଣରେ ବ୍ୟାକୁଳତା ଦେଖି କ୍ଷୋଭିତ ହୋଇ ବେଳେବେଳେ ସେ ଆର୍ତ୍ତନାଦ କରିଅଛନ୍ତି । ତେଣୁ ତାଙ୍କପକ୍ଷରେ ମାନବର ଯେ କୌଣସି କ୍ଷୀଣ ଗୌରବ ଯେ ମହିମାସ୍ନ ହେବ ଏବଂ ଯେ କୌଣସି ଦିଗରେ ମାନବାତ୍ମାର ଜଡ଼ତା ଓ ଈଶ୍ୱରଦତ୍ତ ବୃତ୍ତିନିବହର ଅପଗତିର ଯେ ପ୍ରାଣର ଗଭୀର ଉଦାର ସହାନୁଭୂତି ପାଇବ, ସେଥିରେ ବିଚିତ୍ରତା କ'ଣ ଅଛି ? ତାଙ୍କ ଲେଖାର ଆଦର୍ଶ ଯାହାହେଉ, ଉଦେଶ୍ୟରେ ଏହି ସହାନୁଭୂତିର ବିକାଶ ସ୍ପଷ୍ଟ । ସେଥିପାଇଁ ସେ ଗୃହଶାଳୀରେ ଶିଶୁସଙ୍ଗେ ଗୀତ ଗାଇଅଛନ୍ତି, କାଉପର-କଳ୍ପିତ ନିର୍ବାସିତ ସଙ୍ଗେ ପ୍ରାଣ ମିଶାଇ କାନ୍ଦିଅଛନ୍ତି ଏବଂ ପ୍ରାଣର ସେହି ବୃତ୍ତିରେ ସେ ଜାତିର ଅଭାବପ୍ରତି ଲକ୍ଷ୍ୟ ରଖି ନାନା ଗ୍ରନ୍ଥରୁ ଅନୁବାଦ ଓ ସଂକଳନ କରିଅଛନ୍ତି । 'ଗ୍ଲୁଂଦମାଳା' ତାଙ୍କର ଗୋଟିଏ ଉତ୍କୃଷ୍ଟ ଗ୍ରନ୍ଥ । ଏଥିରେ ଋତୁ ବର୍ଣ୍ଣନାରେ ଦୀନକୃଷ୍ଣଙ୍କ ଛାୟା ପଡ଼ିଅଛି । 'ନଦୀପ୍ରତି'ରେ ଇଂରେଜ କବି ଟେନିସନଙ୍କ ପ୍ରଭାବ ଦେଖାଯାଏ । 'କବିତାବଳୀ'ର 'ଆକାଶ', 'ଜୀବନଚିନ୍ତା' ଓ 'ନିର୍ବାସିତର ବିଳାପ' ଇଂରେଜୀ କବିତାମାନଙ୍କ ଆଭାସରେ ଲିଖିତ । 'ଅଯୋଧ୍ୟା-ପ୍ରତ୍ୟାଗମନ' ଓ 'ଉତ୍ତରଚରିତ' ସଂସ୍କୃତରୁ ଅନୁବାଦ । 'ସୀତାବନବାସ'ରେ କାଳିଦାସ ସ୍ପଷ୍ଟ ଦିଶୁଅଛନ୍ତି । କିନ୍ତୁ ଏ ସମସ୍ତ ମଧ୍ୟରେ ମଧୁସୂଦନଙ୍କର ଅନନ୍ତ ସହାନୁଭୂତି ଓ ମଙ୍ଗଳମୟ ଉଦ୍ଦେଶ୍ୟହିଁ ଦେଖିବାକୁ ମିଳେ । ଯେଉଁଠାରେ ଯେଉଁ ଭାବ ତାଙ୍କ ଜୀବନ ସଙ୍ଗେ ମିଳିଅଛି, ଯେଉଁ ଭାବ ଦେଶବାସୀଙ୍କ ଆବଶ୍ୟକ ବୋଲି ବୁଝିଅଛନ୍ତି, ଯେଉଁ କବିତାର ଆଲୋଚନାରେ ସେ ଜାତିର ଉପକାର କଳ୍ପନା କରିଅଛନ୍ତି, ସେଥିରେ ତାଙ୍କର ଆତ୍ମପର ବିଚାର ନାହିଁ, ମୌଳିକ ଯୌଗିକ ଭେଦ ନାହିଁ । ସେ ସବୁ ଉଦ୍ଦେଶ୍ୟ ସାଧନ ଲକ୍ଷ୍ୟରେ ଜାତୀୟ ସାହିତ୍ୟର ଗଣ୍ଡି ମଧ୍ୟରେ ରଖିଦେଇଅଛନ୍ତି ।

ଏ କ୍ଷେତ୍ରରେ ବିଶେଷତ୍ୱ ଯେ ଏତିକି, ତାହା ନୁହେଁ । ଅନୁବାଦରେ ମଧୁସୂଦନଙ୍କ ହସ୍ତକୌଶଳ ସୁପ୍ରସିଦ୍ଧ । ଆଂଶିକ ଭାବରେ କବିତାର ପଂକ୍ତି

Digitized by srujanika@gmail.com

ଅନୁବାଦ କରି କବିକୃତି ଅଥବା ଆତ୍ମସାତ୍ କରିବା ତାଂକଠାରେ ଦେଖାଯାଏ ନାହିଁ । ଗଦ୍ୟରେ, ପଦ୍ୟରେ, ସର୍ବତ୍ର ତାଂକର ଅନୁବାଦ ଅଛି, ସଂକଳନ ଅଛି, କିଂତୁ ସେଥିରେ ସଂଗୋପନ ନାହିଁ । ଏପରି କି 'ପ୍ରବଂଧମାଳା'ର ପ୍ରତ୍ୟେକ ପ୍ରବଂଧରେ କାଳେ ଲୋକେ ଧରି ନ ପାରିବେ, ସେଥିପାଇଁ ସେ ସୁସ୍ପଷ୍ଟ ସ୍ୱୀକାର କରିଅଛଂତି । କିଂତୁ ଏସବୁ ଅଖଂଡ଼ ଅନୁବାଦ ସଂକଳନ ମଧ୍ୟରେ ମଧ୍ୟ ମଧୁବାବୁଂକ ନିଜ ଭାବ ବ୍ୟତୀତ ଅନ୍ୟ ଭାବ କେହି ଦେଖିବେ ନାହିଁ । ଭାଷାର କଥା କହିବା ନିଷ୍ପ୍ରୟୋଜନ । 'ନିର୍ବାସିତର ବିଳାପ' ପରି ଅନୁବାଦ ବା ସଂକଳନ କ୍ୱଚିତ୍ ଦେଖାଯାଏ । 'ଅଯୋଧ୍ୟା ପ୍ରତ୍ୟାଗମନ' ବାଲ୍ୟକାଳର ଲେଖା ହେଲେ ମଧ୍ୟ ସେଥିରେ ବାଳକର ହସ୍ତ ବିଶେଷ ଲକ୍ଷିତ ହୁଏ ନାହିଁ । 'ନଦୀପ୍ରତି', 'ଜୀବନଚିଂତା' ପ୍ରଭୃତିରେ ପାଠକ ଏକାବେଳକେ ମୂଳବସ୍ତୁ ହୃତ ହୁଅଂତି । 'ଉତ୍ତରଚରିତ'ର କଥା ଅବଶ୍ୟ ଟିକିଏ ସ୍ୱତଂତ୍ର । ମହାସ୍ୱସ୍ତାରେ, ପରଂପରା ହିସାବରେ ମଧୁସୂଦନ ଭବଭୂତିଂକ ଶିଷ୍ୟ । ପୁଣି ସଂସ୍କୃତ ସାହିତ୍ୟରେ ଶବ୍ଦସଂଦର୍ଭର ମୋହନ-ସଂଗୀତରେ ଭାବଗାଂଭୀର୍ଯ୍ୟ ଓ ଉନ୍ମାଦନ ମହାସ୍ୱସ୍ତା ଚିତ୍ର କରିବା ଯେପରି ସୁଗମ, ଉତ୍କଳ କବିଂକ ପକ୍ଷରେ ତାହା ସେପରି ନୁହେ । ବିଶେଷରେ ମଧୁସୂଦନ ନବଉତ୍କଳର ପ୍ରଥମଯୁଗର କବି । ଭବଭୂତିରେ ମୁଗ୍ଧ ହୋଇ ସେ ଅନୁବାଦ ଆରଂଭ କରିଅଛଂତି । ଅନୁବାଦ ଯେ ଶକ୍ତି ସୁଯୋଗର ଅନୁରୂପ ହୋଇନାହିଁ, ତାହା ଆଂଭେମାନେ କହୁନାହୁଁ । ଏହା 'ଅଯୋଧ୍ୟା ପ୍ରତ୍ୟାଗମନ'ଠାରୁ ଉତ୍କୃଷ୍ଟ ହୋଇପାରେ । କିଂତୁ ମହାସଂପଦମୟ ସଂସ୍କୃତ ଉପାଦାନ ବଳରେ ଶିଳ୍ପି-ପ୍ରବର ଭବଭୂତି ଯେଉଁ କୃତିତ୍ୱ ଦେଖାଇଅଛଂତି, ତାହା ନିକଟରେ ମଧୁସୂଦନଂକ ଅନୁବାଦ ତୁଳନାରେ ପଛକୁ ପଡ଼ିଯିବା ଅସଂଗତ ବା ଅସ୍ୱାଭାବିକ ନୁହେ ।

କୂଜତ୍ କୁଂଜକୁଟୀର କୌଶିକଘଟା-
ଘୁତ୍କାରବତ୍ କୀଚକ-
ସ୍ତଂବାଡ଼ଂବରମୂକମୌକୁଲିକୁଲଃ
କ୍ରୌଂଚବତୋଽୟଂ ଗିରିଃ ।

Digitized by srujanika@gmail.com

ଏତସ୍ମିନ୍ ପ୍ରଚଳାକନାଂ ପ୍ରଚଳତା
ମୁଦ୍‌ବେଜିତାଃ କୂଜିତୈ-
ରୁଦ୍‌ବେଲ୍ଲଂତି ପୁରାଣରୋହଣତରୁ-
ସ୍କଂଧେଷୁ କୁଂଭୀନସାଃ ।

ଏହି ଶ୍ଳୋକ ସଙ୍ଗେ:—

ପେଚକର ହୂଙ୍କାର ଶବ୍ଦ ଶୁଣି ବାୟସକୁଳ
ବଂଶବନେ ଲୁଚିଅଛନ୍ତି ଭୟେ ମୂଢ଼ ଆକୁଳ ।
ମୟୂରର ଘୋର ଶବଦେ ଭୀତ ସର୍ପ ସକଳେ
ପୁରାତନ ବଟ କୋଟରେ ଲୁଚୁଛଂତି ବିକଳେ ।

ଏ ଅନୁବାଦ ତୁଳନା କଲେ ପାଠକମାନେ ବୁଝିପାରିବେ ।

'ଉତ୍ତରଚରିତ'ର ଅନୁବାଦରେ ସର୍ବତ୍ର ମଧୁସୂଦନଙ୍କର ଏ ଦଶା ଘଟିବା ସ୍ୱାଭାବିକ । ସ୍ଥଳବିଶେଷରେ ଅନୁବାଦ, ତୁଳନାରେ ଏକାବେଳକେ ହାସ୍ୟାସ୍ପଦ । ଉଦାହରଣ ସ୍ୱରୂପ—

ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀଃ ସମାଃ ।
ଯଦ୍ କ୍ରୌଂଚ ମିଥୁନାଦେକମବଧୀଃ କାମମୋହିତଂ ।

ଶ୍ଳୋକର ଅନୁବାଦ ହୋଇଅଛି:—

ନ ପାଇବୁ ପ୍ରତିଷ୍ଠା ତୁ ରେ ବ୍ୟାଧ କାଳ ଶାଶ୍ୱତ ।
ବଧିଲୁ କ୍ରୌଂଚ ଯୁଗ୍ମୁ ହା ! ଗୋଟିଏ କାମମୋହିତ ।

କିଂତୁ ଅନୁବାଦ ଯାହାହେଉ, ଉଦ୍ଦେଶ୍ୟରେ ଏଥିରେ ଅପଲାପ ନାହିଁ । ମଧୁସୂଦନ ଭବଭୂତିଙ୍କ ମହାସ୍ତ୍ର ଲେଖନରେ ମୁଗ୍‌ଧ ହୋଇଥିଲେ । ତାଂକର ପ୍ରାଣ ବିଶ୍ୱବାସୀ ପାଇଁ ଉନ୍ମୁକ୍ତ ଥିଲି । ନିଜେ ଯେ ସୁଖଟିକ ପାଇଲେ, ଦେଶବାସିଂକ ସଙ୍ଗେ ଭାଗ କରି ଭୋଗ କରିବାକୁ ସେ ବ୍ୟାକୁଳ ହୋଇ ଉଠିଲେ । 'ଉତ୍ତରଚରିତ'ର ଅନୁବାଦ ଏହି ବ୍ୟାକୁଳତାରୁ ବାହାରିଅଛି ।

Digitized by srujanika@gmail.com

ଏ ଦୃଷ୍ଟିରେ ଦେଖିଲେ ଏଠାରେ ଅନୁବାଦର ଉତ୍କର୍ଷ ଅପକର୍ଷ ବିଚାର କରିବାର ଅବକାଶ ଅଛି କି ?

ପଦ୍ମରେ କଂଟକ ଅଛି । ଚଂଦ୍ରରେ କଳଂକ ଅଛି । ସାଧନାରେ ଶ୍ରମ ଅଛି । ସୁଖସ୍ପୃହାରେ ବ୍ୟସନ ଅଛି । କାଳିଦାସ ସେଥିପାଇଁ କହିଅଛଂତି—

ପ୍ରାୟେଣ ସାମଗ୍ର୍ୟବିଧୌ ଗୁଣାନାଂ
ପରାଙ୍ମୁଖୀ ବିଶ୍ୱସୃଜଃ ପ୍ରବୃତ୍ତିଃ ।

ମଧୁସୂଦନଂକ ପ୍ରାଣ ଅନଂତ ଭୂମାନଂଦ ଲୋଡ଼ୁଥିଲା, ବିଶ୍ୱବିଧାତାଂକର ଚିନ୍ମୟ ରାଜ୍ୟରେ ଆନଂଦ ଲଭୁଥିଲା, ସେ ଆନଂଦ ଭୋଗ କରିବା ନିମଂତେ ମାନବମାତ୍ରକୁ ନିମଂତ୍ରଣ କରୁଥିଲା, ଦେଶବାସୀ ତଥା ମାନବଜାତିର ଅଭାବ ଅସୁବିଧା ଦେଖି ବ୍ୟାକୁଳ ହେଉଥିଲା, ସେହି ବ୍ୟାକୁଳତାରେ ପବିତ୍ର ସହାନୁଭୂତି ଦେଖାଉଥିଲା । କିଂତୁ ଏ ସବୁ ମଧ୍ୟରେ, ପ୍ରାଣର ଏ ସମସ୍ତ ପ୍ରଗଲ୍‌ଭ ସରସତା ଭିତରେ ପରିତାପର କ୍ଲେଶ, ଇହସଂସାରରେ ବିସ୍ପୃହା, ସଂସାରର ଆବିଳତାରେ ସଂକୋଚ, ସଂସାରର ସାରବତ୍ତାରେ ପ୍ରତ୍ୟୟହୀନତା ପ୍ରଭୃତି ଭାବସବୁ କେବଳ ସଂଭବ ନୁହେଁ, ବରଂ ସ୍ୱାଭାବିକ । ଏ ସଂସାର କିଛି ନୁହେଁ, ଏଠାରେ ରହିବାକୁ ସୁଖ ଲାଗୁନାହିଁ । ଏସବୁ ଭାବ ମଧୁସୂଦନଂକ ପ୍ରାଣରେ ବେଳେ ବେଳେ ଧକ୍‌କା ଦେବାରେ ବିଚିତ୍ରତା କିଛି ନାହିଁ । 'ଜୀବନଚିଂତା'ର ଆତ୍ମଉପଦେଶ ଏହି ଭାବରେ ପୂର୍ଣ୍ଣ । ଏହା 'ମୋହମୁଦ୍‌ଗର' ହୋଇପାରେ, କିଂତୁ ଅନେକଂକର ଆଶଂକା, ଏଥିରେ ଜୀବନର ସାରସତ୍ତା ଫୁଟିବ ନାହିଁ । କେବଳ ଭଗବତ ଆଶ୍ରୟ ନେଲେ ଏ ସଂସାରର ମାୟା ମୋହ ପ୍ରଭୃତି ଅରୁଚିକର ଆବିଳତାରୁ ପ୍ରାଣୀ ରକ୍ଷା ପାଇପାରେ । ଦ୍ୱୈତ-ବାଦୀ ବ୍ରାହ୍ମ ମଧୁସୂଦନ 'ଜୀବନଚିଂତା'ରେ ଏହି ପବିସଂଭାବ ପ୍ରଚାର କରିବାକୁ ପ୍ରୟାସ କରିଅଛଂତି; କିଂତୁ ସେତିକିରେ ଜୀବନର ସରସତାର ସମାଧାନ ହେଲନାହିଁ । 'ନବବସଂତ ଭାବନା'ରେ ଏ ଭାବ ପୁଣି ସ୍ପଷ୍ଟ ଦେଖା ଦେଇଅଛି । ଏ କବିଂକର ପ୍ରାଣର ଭାବ । ଲେଖାରେ ଏ ଭାବର ଅପଳାପ ହୋଇ ନ ପାରେ । କିଂତୁ ମଧୁସୂଦନ ଏ ନିତ୍ୟ ବୈରାଗ୍ୟରେ ଜୀବନ ଧରି ମଧ୍ୟ, ବୋଧହୁଏ ବୁଝିଥିଲେ, ଜୀବନର ସରସତା ପ୍ରତି ଦୃଷ୍ଟି ନ ଦେଲେ

Digitized by srujanika@gmail.com

ବୈରାଗ୍ୟର ସାଧନା ନିଷ୍ଫଳ । ବ୍ୟକ୍ତିବିଶେଷ ପକ୍ଷରେ ଯାହାହେଉ, ଏ ନୈରାଶ୍ୟ ଭାବର ପ୍ରଭାବରେ ଲୋକସାଧାରଣର ଜୀବନ ଶୁଷ୍କ ଓ ମ୍ରିୟମାଣ ହେବ । ଆତ୍ମଶକ୍ତିରେ ପ୍ରତ୍ୟୟ ଆସିବ ନାହିଁ, ପ୍ରାଣର ସାଧୁ ବିଶ୍ୱାସ ବିକାଶ ପାଇବ ନାହିଁ ।

ସେଥିପାଇଁ ସେ ନିଜର ଏହି ବୈରାଗ୍ୟର ଭାବକୁ ସବୁବେଳେ ସରସ କରିବାକୁ ଉଦ୍ୟମ କରୁଥିଲେ । 'ନବ ବସନ୍ତ ଭାବନା' ପ୍ରଭୃତି କେତେକ କବିତାରେ ଶେଷ ପଂକ୍ତିମାନଂକରେ ଏ ଉଦ୍ୟମର ବିଶେଷ ପରିଚୟ ମିଳେ । ବସନ୍ତରେ ବିଶ୍ୱପ୍ରକୃତି ଜୀବନ୍ତ ଓ ମଧୁର । ସମସ୍ତେ ଉତ୍ସବରେ ଉନ୍ମତ୍ତ, କିଂତୁ ସେତେବେଳେ ମଧୁସୂଦନଂକ ସାଧକ ପ୍ରାଣ ଆତ୍ମସଂକୋଚରେ ବ୍ୟାକୁଳ । ମାତ୍ର ସେ ବ୍ୟାକୁଳତାରେ ସେ ସତୁଷ୍ଟ ନୁହଂତି । ସେଥିପାଇଁ ଚତୁର୍ଥ ପଦ୍ୟରେ ଆତ୍ମାକୁ ନାନା ଉପଦେଶ ଦେଇସାରି ଶେଷରେ କହିଅଛଂତି—

ସ୍ୱରଗର ଶିଖୀ ସଂପଦେ ହେବୁ ତୁହି ସୁଂଦର,
ଅମୃତ ସଂଗୀତ ଝଂକାରେ ପୂରିଯିବ ଅଂତର ।

ଏଠାରେ ମଧ୍ୟ ଭବିଷ୍ୟତ୍ କାଳର ଚିନ୍ତା ସାଧକର ବ୍ୟାକୁଳତା ସ୍ପଷ୍ଟ କରୁଅଛି ।

'ଆଶା' କବିତାର ଲୁପ୍ତୋପମାରେ ଏ ଭାବ ସ୍ପଷ୍ଟତର ଏବଂ କବିଂକର ଉଦ୍‌ବୋଧନର ଉଦ୍ୟମ ଏକାବେଳକେ ପରିସ୍ଫୁଟ । କବି ସେଠାରେ ନିଜେ ନିଜ ଭିତରେ ସାଂତ୍ୱନା ଦେବାପାଇଁ ଦୈବଶକ୍ତିର ଆଶ୍ରୟ ନେଇଅଛଂତି । ବହୁ ପରିଶ୍ରମ କରି ଯେପରି ସେ ଉଦ୍‌ବୋଧନ ପଂକ୍ତିମାନଂକରେ ଆଶାଦେବୀଂକ ଆଶ୍ରୟରେ ବର୍ତ୍ତମାନରେ ପୁଣ୍ୟଭୂମି ଦେଖୁଅଛଂତି । ତଥାପି ଉପମାଟି ଫିଟାଇ ଦେଲେ 'ଆଶା' ଆଶା । ସମସ୍ତ ଭବିଷ୍ୟତହିଁ ତାହାର ବର୍ତ୍ତମାନ । ଏଥିରେ ମଧୁସୂଦନ ଦିବ୍ୟ ସଂପଦ ଆଶା କରଂତି; କିଂତୁ ସେ ଦିବ୍ୟ ସଂପଦ ଦେଖି ନାହାଂତି ।

କେତେକ ପଦ୍ୟରେ ଏ ଭାବ ସ୍ପଷ୍ଟ ହେଲେହେଁ, ଏହା ତାଂକ ପ୍ରାଣର ସ୍ଥିର ଭାବ ହୋଇଥିଲେ ମଧ୍ୟ, ଏହି ଭାବର ପ୍ରଭାବରେ ଲୋକସାଧାରଣଂକୁ

Digitized by srujanika@gmail.com

ଆତ୍ମଗ୍ଲାନରେ ଜର୍ଜରିତ କରିବା ତାଂକର ଇଚ୍ଛା ନୁହେ । ସେଥିପାଇଁ ସେ ନାନାଭାବରେ ଏହି ମାନବଜୀବନରେ, ଏହି ବାସ୍ତବ ଜଗତରେ, ସରସତା ବାରଂବାର ଖୋଜିଅଛଂତି, ସଂସାରକୁ ପରମ ମଂଗଳମୟ ଦେଖିବେ ବୋଲି ପ୍ରୟାସ କରିଅଛଂତି, ସାଧକର ଏହି ସଂସାରରେ ସିଦ୍ଧି ଲୋଡ଼ିଅଛଂତି, 'ଋଷିପ୍ରାଣେ ଦେବାବତରଣ' କଳ୍ପନା କରିଅଛଂତି । ସେଠାରେ ଆଉ ସଂସାରର ଆବିଳତା ନାହିଁ । ସବୁ ପ୍ରଶାଂତ, ସବୁ ଉଦାର, ସବୁ ମହୀୟାନ୍ । ଋଷିଂକର ଚତୁଃପାର୍ଶ୍ୱରେ ଶୋଭାରାଶି ଦେଦୀପ୍ୟମାନ । ପବିତ୍ର ଶୋଭାସଂପଦର ଆସ୍ତରଣରେ ଋଷିଂକର ଉଦାର ବପୁ ଦଂଡ଼ାୟମାନ ଏବଂ ପବିତ୍ର ନିସର୍ଗ ଶୋଭା ମଧ୍ୟରେ ମହା ପବିତ୍ରତାମୟୀ କଳନାଦିନୀ ସରସ୍ୱତୀ ଘରି ଋଷିଂକର ଉଦାର ମହୀୟାନ୍ ବିଗ୍ରହ ଭିତରେ ଜୀବଂତ ବିଶ୍ୱଭାବର ମହାଜାଗରଣ ।

ଏଠାରେ ଜୀବନର ସରସତା ଅଛି, ଇହ ସଂସାରରେ ମହୀୟସ୍ତା ଭକ୍ତକବିଂକର ପ୍ରାଣ ଅଧିକାର କରିଅଛି, ମାନବପ୍ରାଣର ବାସ୍ତବ୍ୟ ଉଦାରତାରେ କବି ମୁଗ୍ଧ ହୋଇଅଛଂତି । କିଂତୁ ଏ ମହୀୟସ୍ତା, ଏ ଉଦାରତା, ସେ କେଉଁଠାରେ ଦେଖିଲେ ? ବୈଦିକ ଯୁଗର ଋଷିଂକଠାରେ । 'ଆଶା'ରେ କବି ଯେପରି ଆଗକୁ ଚାହିଁଅଛଂତି, 'ଋଷିପ୍ରାଣେ ଦେବାବତରଣ'ରେ ଦୃଷ୍ଟି ସେହିପରି ପଛକୁ । ଭବିଷ୍ୟତ୍ ନିମଂତେ ପ୍ରାଣୀ ବଂଚିଅଛି ଓ ଅତୀତର ସ୍ମୃତିରେ ମହତ୍ତ୍ୱ ଦେଖିବା ମାନବର ସ୍ୱଭାବ । ଏଠାରେ ମଧ୍ୟ ବୈରାଗ୍ୟର ସମାଧାନ ହୋଇନାହିଁ ।

'ବସଂତଗାଥା'ର ଅଧିକାଂଶ କବିତାରେ ଏହି ଭାବ । 'ସତ୍ୟ', 'ପାପିର ଶ୍ୱାସ', 'କ୍ଷମାସାଗର', 'ହୃଦୟସଂଗୀତ'—ସବୁ ଏହି ଆତ୍ମଗ୍ଲାନି ଓ ଆତ୍ମ-ବିଷାଦର ଛାୟାରେ ଅଂକିତ । 'ନବଜାତଶିଶୁ ଦର୍ଶନ'ରେ କବିତାଟି ମଧ୍ୟ ଏ ଭାବରୁ ବିଭାବର ନିଷ୍କୃତି ଲଭିନାହିଁ । 'ନୁହଇ କି ଦେବଭୂମି ?' ଏ ପ୍ରଶ୍ନ ପଚ୍ଛୁ ପଚ୍ଛୁ ପ୍ରାଣ, ଏହାର କି ସମାଧାନ ଲୋଡ଼େ ? 'ଆତ୍ମସମର୍ପଣ' କବିତାରେ ସରସତା ଜାଗ୍ରତ ହୋଇଅଛି । କିଂତୁ ସେ ତ ଆତ୍ମାର ସମର୍ପଣ । ଯେଉଁ ଆତ୍ମା ସମର୍ପିତ ହେଲା, ତାହା ସଂବଂଧରେ କଣ ଭାବିବାକୁ ହେବ ?

Digitized by srujanika@gmail.com

କିଂତୁ ଏସବୁ ଆତ୍ମଗ୍ଲାନି ମଧ୍ୟରେ ସରସ ଭାବର ଉଦ୍‌ବୋଧନ ନିମଂତେ ମଧୁସୂଦନ ବରାବର ଉଦ୍ୟମ କରିଅଛଂନ୍ତି । ବୋଧହୁଏ ଯେପରି କି ବିଷାଦ ତାଂକର ପ୍ରକୃତି; କିଂତୁ ଉଦ୍ଦେଶ୍ୟ ବା ଅଭିଳାଷ ନୁହେଁ । ମାତ୍ର ଗୋଟିଏ କଥା ମନେ ରଖିବାକୁ ହେବ । ମଧୁସୂଦନଂକର ଏ ସମସ୍ତ ବିଷାଦ, ଆତ୍ମାରେ । ଅଂତର୍ଦୃଷ୍ଟିବେଳେ ତାଂକର ଗ୍ଲାନି ଓ ବର୍ତ୍ତମାନରେ ଅସଂତୋଷ । ମାତ୍ର ବିଶ୍ୱସଂସାର, ଚିତ୍ର ପ୍ରକୃତି, ତାଂକ ନିକଟରେ ଅମୃତ ସଂପଦର ଆଧାର, ଅକ୍ଷୟ ସୌଭାଗ୍ୟର ଭଂଡ଼ାର । 'ଛଂଦମାଳା'ର 'ଧ୍ୱନି' ଓ 'ଶୋଭା' ଦୁଇଗୋଟି ରମଣୀୟ କବିତା । ଅବଶ୍ୟ ଧ୍ୱନିରେ ଧ୍ୱନିସଂକୁଳ ବିଶ୍ୱର ସରସତା ।

"ବିଶ୍ୱ ଭୁବନର ସୃଷ୍ଟି ସ୍ଥିତି ଲୟେଁ
ନିତ୍ୟ ଉଚ୍ଚାରନ୍ତି ବାଣୀ"

ସଂଗେ ତୁଳନାରେ କବି ଦେଖୁଅଛଂନ୍ତି । ମାତ୍ର 'ଶୋଭା' କବିତାର ସଂପଦ ଅନିର୍ବଚନୀୟ । ସେଥିରେ ସମସ୍ତ ବିଶ୍ୱ ଭୁବନ ସରସ, ସୁଂଦର, ପବିତ୍ର ଓ ମହିମାନ୍ୱିତ ।

ମାତ୍ର କବି ମଧୁସୂଦନ ସୃଷ୍ଟି ସଂପଦର ପ୍ରତ୍ୟେକ ଅଣୁ ପରମାଣୁରେ ଯେପରି ଅପାର ବିଭୂତି ଓ ସ୍ୱର୍ଗୀୟ ସଂପଦ ଦେଖୁଥିଲେ, ବାସ୍ତବ ବିଶ୍ୱର ଅଂଶବିଶେଷ ଓ ଘଟନାବଳୀ ବର୍ଣ୍ଣନା କରି ଦେଖାଇବାରେ ତାହାଂକର ସେହି ଶକ୍ତି ବିକାଶ ପାଇଅଛି କି ନା, ଏ ପ୍ରଶ୍ନ ଏଠାରେ କାହାରି କାହାରି ମନରେ ହୋଇପାରେ । ସ୍ଥୂଳତଃ କବିତାର ବର୍ଣ୍ଣନାତ୍ମକ ବିଭବରେ ମଧୁସୂଦନ କି ଦକ୍ଷତା ଦେଖାଇଅଛଂନ୍ତି ?

•

କେବଳ ବର୍ଣ୍ଣନା କବିମାନେ ପ୍ରାୟ କରନ୍ତିନାହିଁ । ବିଭିନ୍ନ ଭାବର ବିକାଶ ନିମଂତେ ବିଭିନ୍ନ ଘଟନାର ଚିତ୍ର କରିବାକୁ ଯାଇ କବି ଯେତେବେଳେ ଅନୁମାନର ଗଠନରେ କ୍ରୀଡ଼ା କରଂନ୍ତି, ଯେତେବେଳେ କୌଣସି ଗୋଟିଏ କାଳ୍ପନିକ ଗଳ୍ପରେ ବିଭିନ୍ନ ବ୍ୟକ୍ତିର ଚରିତ୍ର ବିକାଶ କରିବାକୁ ଯାଇ ସେହି ବ୍ୟକ୍ତିମାନଂକୁ ନାନା ଘଟନା ମଧ୍ୟରେ ରଖି ବର୍ଣ୍ଣନା କରଂନ୍ତି, ସେତେବେଳେ ସମସ୍ତ ସମୟରେ ବର୍ଣ୍ଣନାତ୍ମକତା କାବ୍ୟରେ ଅନିବାର୍ଯ୍ୟ ହୋଇପଡ଼େ ।

Digitized by srujanika@gmail.com

ରାଧାନାଥଙ୍କ 'ଚିଲିକା' ପରି କବିମାନେ ସବୁବେଳେ ବର୍ଣ୍ଣନା ପାଇଁ କବିତା ଲେଖନ୍ତି ନାହିଁ । ମଧୁସୂଦନ ବଡ଼ କାବ୍ୟ ଲେଖିନାହାନ୍ତି । 'ରାମବନବାସ', 'କର୍ଣ୍ଣବଧ', 'ହିମାଚଳରେ ଉଦୟ ଉତ୍ସବ' ପରି ସରଳ ଘଟନାର ବର୍ଣ୍ଣନା ଛାଡ଼ିଦେଲେ ତାଙ୍କ କବିତାରେ, ଗଠନ କୌଶଳରେ ଅନୁମାନର କ୍ରୀଡ଼ା ତାଦୃଶ ଦେଖାଯାଏ ନାହିଁ । 'ଛାନ୍ଦମାଳା'ର ଋତୁବର୍ଣ୍ଣନାରେ ବର୍ଣ୍ଣନାର ଅବକାଶ ଅଛି । ଏଠାରେ ତାହାର ସମାଲୋଚନା ନିଷ୍ପ୍ରୟୋଜନ । ଅଳ୍ପ ଦିନ ତଳେ ନନ୍ଦକିଶୋର ବାବୁ ତାହାର ଯଥେଷ୍ଟ ସମାଲୋଚନା କରିଅଛନ୍ତି । ତେବେ ଅନ୍ୟାନ୍ୟ କବିତା ମଧ୍ୟରେ

ସରଳା କୁମାରୀଚୟ ତୋଳି ନୀଳ କୁବଳୟ
ପୂଜନ୍ତି ଦେବ ଶଙ୍କରେ ବାଲୁକା ମନ୍ଦିରେ,
ଜଳାର୍ଦ୍ର କୁନ୍ତଳ ଧୀରେ କମ୍ପଇ ସମୀରେ ।

ପ୍ରକୃତିପରି ସରଳ, ସୁନ୍ଦର, ସ୍ୱାଭାବିକ, ପବିତ୍ର ଚିତ୍ରର ଆଲେଖ୍ୟ ବେଳେ ବେଳେ ମଧୁସୂଦନଙ୍କ ଲେଖାରେ ପଢ଼ି ଆନନ୍ଦ ହୁଏ । କିନ୍ତୁ ସେପରି ଲେଖାର ଅବକାଶ ବା କେତେ ? ନିରବଚ୍ଛିନ୍ନ ବିଶ୍ୱମହତ୍ତ୍ୱର ଦ୍ୟୋତନ ମଧ୍ୟରେ ସାଧାରଣ ପାଠକକୁ ଏପରି ସ୍ଥାନେ ସ୍ଥାନେ ନିଶ୍ୱାସ ମାରିବାକୁ ମଧୁବାବୁ ବେଶି ସୁବିଧା ଦେଇ ନାହାନ୍ତି । ବ୍ରହ୍ମମିଳନ ସୁଖରେ ନିରନ୍ତର ଜାଗ୍ରତ ରହି ସେ ବେଳେ ବେଳେ କେବଳ ବିଶ୍ୱ ସଂସାରକୁ ଶୂନ୍ୟଗାମୀ ବିହଙ୍ଗମ ପରି ଟିକିଏ ଆଖି ପକାଇ ଦେଇ ଗୃହଁ ଗୃହଁ ଅତୀନ୍ଦ୍ରିୟ ଦେଶକୁ ଉଠିଯାଇ ଅଛନ୍ତି । ପୁଣି ବାହ୍ୟପ୍ରକୃତିର ଯେ ସନ୍ଦର୍ଭ ତାଙ୍କ ଲେଖନୀରୁ ବେଳେ ବେଳେ ବାହାରିଅଛି, ତାହା ଅଧିକାଂଶ ସ୍ଥଳରେ ପାଠକକୁ ସେହି ଅତୀନ୍ଦ୍ରିୟ ଦେଶକୁ ନିମନ୍ତ୍ରଣ କରିବାର ଆହ୍ୱାନବାଣୀ ମାତ୍ର । ସେ ସର୍ବଦା ଯେଉଁ ଅତୀନ୍ଦ୍ରିୟ ଦେଶକୁ ଉଠିଯାଉ ଅଛନ୍ତି, ସେଇ ପୁଣ୍ୟଧାମକୁ ବେଳେ ବେଳେ ଏହି ପୃଥିବୀର ସରସ, ମଙ୍ଗଳମୟ, ଉପାଦେୟ ବସ୍ତୁର ତୁଳନାରେ ଚିତ୍ର କରିବାକୁ ପ୍ରୟାସ କରିଅଛନ୍ତି । ସେଥିରେ କିନ୍ତୁ ବର୍ଣ୍ଣନାର କୌଶଳ ଅପେକ୍ଷା ଆଦର୍ଶ ଓ ଉଦ୍ଦେଶ୍ୟର ଚିତ୍ରଣପାଟବର

Digitized by srujanika@gmail.com

ପାଠକ-କଳ୍ପନା ଉପରେ ଅଧିକତର ଦାବି । ପାଠକ ଥରେ ସେ ଚିତ୍ରକୁ ଦେଲେ ଉପମାର ମୋହନ ଇଂଗିତ ଦେଖ ଆଉ ଏ ଚିତ୍ରକୁ ଫେରଂତି ନାହିଁ ।

'ଋଷିପ୍ରାଣେ ଦେବାବତରଣ' କବିତାରେ ଉଷା, ସରସ୍ୱତୀ, ଉତ୍କଳ ପ୍ରଭୃତିର ସୁଂଦର ବର୍ଣ୍ଣନା ଦେଖାଯାଏ । କିଂତୁ ସେ ସବୁ କେବଳ ପାଠକର ପଞ୍ଚଭାବ ଜାଗରଣରେ ସଙ୍କେତ ମାତ୍ର । ପାଠକ ସେ ସବୁର ବର୍ଣ୍ଣନାରେ ମୋହିତ ନ ହୋଇ ଅଲକ୍ଷିତଭାବରେ କବିପ୍ରାଣର ଗୁପ୍ତ ପ୍ରେରଣା ଅନୁଭବ କରି ଧୀରେ ଧୀରେ କବିଂକର ସେହି 'ଦେବାବତରଣ' ଅନୁଭବ କରିବାକୁ ଆକୃଷ୍ଟ ହୁଅଂତି । ଏଥିରେ ବିଷୟାଂଶ ସଶ୍ଳେଷଣର ଗରିମା ଦେଖାଯାଏ । ବର୍ଣ୍ଣନାର ଉଦ୍ଦେଶ୍ୟ ସୁସ୍ପଷ୍ଟ ଚହ୍ନାଯାଏ । କିଂତୁ ବହିଃପ୍ରକୃତି ବର୍ଣ୍ଣନାର ପରିପାଟୀରେ ଭୁଲି ପାଠକକୁ ଆଉ ଆଗି ବୁଲିଇ ଗୃହିବାକୁ ଅବକାଶ ମିଳେନାହିଁ । ଏଥିରେ ବର୍ଣ୍ଣନାର ଗରିମା ହ୍ରସ୍ୱ ହୋଇନାହିଁ । କିଂତୁ ବର୍ଣ୍ଣନା କହିଲେ ସାଧାରଣ ଯାହା ବୁଝାଯାଏ, ସେ ବର୍ଣ୍ଣନାରେ ପାଠକର ଚିଂତା ଓ ଭାବରାଶିକୁ ଆବଦ୍ଧ କରିବା ନିମଂତେ ମଧୁସୂଦନ ଯେପରି କି ପରାଙ୍ମୁଖ ।

ସାଧାରଣ କବିତାରେ ଆଉ ଗୋଟିଏ ବିଶିଷ୍ଟ ଅଂଗ 'ପ୍ରଣୟ' ବା 'ଦାଂପତ୍ୟପ୍ରେମ' । ଭକ୍ତକବି ମଧୁସୂଦନ, ପ୍ରେମିକ । ବିଶ୍ୱପରିବାର ସଙ୍ଗେ ତାଂକର ଅନଂତ ପ୍ରଣୟ । ବିଶ୍ୱବିଧାତାଂକର ପ୍ରେମ, ତାଂକ ଭକ୍ତିର ଜୀବନ । ଏଥିରେ ଦାଂପତ୍ୟପ୍ରଣୟର ଅବକାଶ କାହିଁ ? କିଂତୁ 'ପ୍ରଣୟର ପରିଣାମ' ବୋଲି ସେ ଗଳ୍ପ ଲେଖିଅଛଂତି । ଅବଶ୍ୟ ତାହା ଅନୁବାଦ । ଅଥଚ ଅନୁବାଦରେ ମନୋନୀତ କରିବାରଂ ଭାର, ଅର୍ଥାତ୍, ପୃଥିବୀର ଗଳ୍ପରାଶି-ମଧ୍ୟରୁ ଅନୁବାଦ ନିମଂତେ ଏହି ଗଳ୍ପଟି ବାଛିବାର ଭାର ଓ ଦାୟିତ୍ୱ, କବିକଂର ନିଜର । ହେନେରି, ମାଟିଲ୍ଡାଂକ ପ୍ରଣୟରେ "ନିରାଶ ହୋଇ ଯାବଜ୍ଜୀବନ ଅବିବାହିତ ରହିଲେ । ନିତ୍ୟ ନିଜ ହୃଦୟପ୍ରଣୟିନୀକୁ ସ୍ମରଣ କରି ଶୋକରେ ଜୀବନ ଅତିବାହିତ କଲେ ।" ଏହି ପରିଣାମ ଦେଖାଇବା ଭଳି ଗଳ୍ପ ଅନୁବାଦ କରିବା ନିମଂତେ ମନୋନୀତ କରିବାରେ ଅଧିକ କିଛି ଅନୁମାନ କରିବାର ଥାଇପାରେ । ତଦ୍ଭିନ୍ନେ ଆଉ ଗୋଟିଏ ଗଳ୍ପ

Digitized by srujanika@gmail.com

'ହେମମାଳା' । "ହେମମାଳା ବିଜମଙ୍କ ପ୍ରଣୟିନୀ ହେବେ ବୋଲି ସ୍ଥିର ହୋଇଥିଲା । ବିବାହ ପୂର୍ବରୁ ସେ ଇହଧାମରୁ ଅନ୍ତରିତ ହେଲେ ଏବଂ ପ୍ରଣୟୀ ବିଜମ ସନ୍ନ୍ୟାସୀଙ୍କ ସଙ୍ଗରେ ଉଦାସ ହୃଦୟରେ ହେମମାଳାର ସ୍ମୃତିକୁ ସଂଚାଳି କରି ବୁଲୁଅଛି ।" ଏ ସ୍ୱକଳ୍ପିତ ଗଳ୍ପରେ ମଧ୍ୟ ପୁଣି ସେହି କଥାର ଅବତାରଣା । ସାଧକ ମଧୁସୂଦନ, ଆଦର୍ଶର ପ୍ରଚ୍ଛନ୍ନ ପ୍ରେରଣାରେ ସମସ୍ତ ଜୀବନ ତପଶ୍ଚରଣ କରି ଯାଇଅଛନ୍ତି ସତ; କିନ୍ତୁ, ସେ ମନୁଷ୍ୟ; ପିତା, ପୁତ୍ର, ପରିବାର ଚେନ ସଂସାରର କର୍ତ୍ତବ୍ୟ ମଧ୍ୟରେ ତପସ୍ୟାର କ୍ଷେତ୍ର ସ୍ଥିର କରିଥିଲେ । ତାଙ୍କ ପ୍ରାଣରେ ଏପରି କୌଣସି ପ୍ରଣୟର ସ୍ଥାୟୀଭାବ ଥିବା ବିଚିତ୍ର ନୁହେଁ । 'ଯୌବନସ୍ୱପ୍ନ'ରେ ଏହି ପ୍ରଣୟଭାବର ଇଙ୍ଗିତ ଦେଖିବାକୁ ମିଳେ । ପୁଣି 'କୌଣସି ପରଲୋକବାସିନୀଙ୍କ ପ୍ରତି' ଯେଉଁ ତିନୋଟି ଚତୁର୍ଦ୍ଦଶପଦୀ କବିତା ଲେଖା ହୋଇଅଛି, ସେଥିରେ ପ୍ରଣୟର ପରିଣାମ ଓ ହେମମାଳାର ସାରସତ୍ୟ ଯେପରି କି ପ୍ରମାଣିତ ସେହିପରି ବୋଧ ହେଉଅଛି । ବୋଧହୁଏ, ଋଷି ମଧୁସୂଦନ, ପ୍ରାଣର କୌଣସି ଅଭିପ୍ରେତ ପ୍ରଣୟିନୀଙ୍କୁ ହରାଇ ଚିରଦିନ ସେହି ଶୋକରେ ଅଭିଭୂତ ରହିଅଛନ୍ତି । ପରେ ବିବାହ ବନ୍ଧନରେ ବାନ୍ଧି ହୋଇ ମଧ୍ୟ ସେହି ସ୍ମୃତିକୁ ଜୀବନରେ ସଂଚାଳି କରିଅଛନ୍ତି ।

ମାତ୍ର ବିଶ୍ୱପ୍ରେମମୟ ମଧୁସୂଦନଙ୍କ ପ୍ରାଣରେ ଏପରି ପ୍ରଣୟର ଅବକାଶ ଲୋଡ଼ିବାର ଆବଶ୍ୟକତା ନାହିଁ; ସେ ହୃଦୟରେ ଚିରନ୍ତନ ପ୍ରେମର ସ୍ରୋତ ବହୁଥିଲା । ଜଗତର ପ୍ରତ୍ୟେକ ଅଣୁ ପରମାଣୁରେ ସେ ବିଧାତାଙ୍କର ହସ୍ତ ଦେଖୁଥିଲେ । ଭକ୍ତି ଓ କୃତଜ୍ଞତାରେ ମୋହିତ ହୋଇ ସେ ବିଭୁପଦରେ ଆତ୍ମସମର୍ପଣ କରିଥିଲେ । ବର୍ଣ୍ଣନାରେ ତାଙ୍କର ତାଦୃଶ ସ୍ପୃହା ନ ଥିଲା । ସମସ୍ତ ପୃଥିବୀ ତାଙ୍କ ଦୃଷ୍ଟିରେ କ୍ଷୁଦ୍ର ବସ୍ତୁ । ସେଥିରେ ଯାହା ମହତ୍, ତହିଁରେ ସେ ବିଶ୍ୱପତିର ସ୍ଫୁରଣ ମାତ୍ର ଦେଖୁଥିଲେ । ସେ ହିମାଚଳର ଶୋଭା ଦେଖିଅଛନ୍ତି । ତାହା କେବଳ ହିମାଚଳର ମହିମା ଲାଗି । ସେ ବର୍ଣ୍ଣନାରେ ରନ୍ଧ୍ରେ ରନ୍ଧ୍ରେ ସେହି ମହାମହିମାର ଲୀଳା ।

ସ୍ଥୂଳରେ କହିବାକୁ ଗଲେ ସେ ଯେପରି କି ବିଚାରୁଥିଲେ, ତାଙ୍କ କବିତାରେ ତାଙ୍କ ନିଜର କିଛି ନାହିଁ । ଚିତ୍ର ବିଶ୍ୱରେ ବିଶ୍ୱଶିଳ୍ପୀଙ୍କ ଅନନ୍ତ

Digitized by srujanika@gmail.com

କାବ୍ୟ ଫିଟିଅଛୁ । ଅଶେଷ ଲୀଳା, ଅନନ୍ତ ତାଣ୍ଡବ ବିଶ୍ୱର ପ୍ରତି ରନ୍ଧ୍ରରେ ପ୍ରତି ମୁହୂର୍ତ୍ତରେ ଦେଖା ଦେଉଅଛୁ । ସାଧାରଣ ଲୋକେ ତାହା ଦେଖି ଦେଖୁନାହାନ୍ତି । ମଧୁସୂଦନ ତାହା ଦେଖୁଥିଲେ ଏବଂ ତାହାହିଁ ଲେଖୁଥିଲେ । ତାଙ୍କର କବିତା ଯେପରି କି ବିଶ୍ୱଶିଳ୍ପିଙ୍କ କାବ୍ୟକଳାର ଛାଞ୍ଚରେ ଗଢ଼ା । ସେ ନିଜେ କଳ୍ପନା କରି ତାହା ଦେଖି ଲେଖି ନାହାନ୍ତି । ବିଶ୍ୱମହିମାର ଶୋଭାସମ୍ପଦରେ ସେ କ୍ଷଣେ କ୍ଷଣେ ଆତ୍ମବିସ୍ମୃତ ହୋଇଅଛନ୍ତି । ବିଶ୍ୱଶିଳ୍ପିଙ୍କ ମୋହନ କବିତାରେ ସେ ଜୀବନ ଭସାଇ ଦେଇଅଛନ୍ତି । ପରମାତ୍ମପଦରେ ଆତ୍ମସମର୍ପଣ କରି ସେ ବିଶ୍ୱତନ୍ତ୍ର ମହିମାରେ ପ୍ରାଣ ବିକିଅଛନ୍ତି । ତାଙ୍କ ପ୍ରାଣରେ ବିଶ୍ୱକବିତା ବିଶ୍ୱସଙ୍ଗୀତର ମୋହନ ତାନରେ ବାଜି ଉଠିଅଛୁ, କେବଳ ନିମିତ୍ତ ହୋଇ ସେ ତାହା ପ୍ରକାଶ କରି ଅଛନ୍ତି ।

---

## ରାଧାନାଥ ଓ ଉତ୍କଳ ସାହିତ୍ୟ ⁕

ଏହି ନାମଟି ମାତ୍ର ଗୋଟିଏ ବିଶାଳ ପ୍ରବନ୍ଧର ଉପକ୍ରମଣିକା । ଏକ ଦିଗରେ କବି ରାଧାନାଥ, ଅନ୍ୟ ଦିଗରେ ଉତ୍କଳ ସାହିତ୍ୟ । ଏକ ଦିଗରେ ରାଧାନାଥଙ୍କ ଅଗାଧ ପାଣ୍ଡିତ୍ୟ ଓ ଅସାଧାରଣ ବିଚକ୍ଷଣତା, ଅନ୍ୟ ଦିଗରେ ଭାରତର ଅନ୍ୟତମ ପ୍ରାଚୀନ ସାହିତ୍ୟ—ଉତ୍କଳ-ସାହିତ୍ୟ । ଏକ ଦିଗରେ ଅଦ୍ଭୁତ ନବୀନ ରୁଚିର ବିକାଶ ଓ ଅନ୍ୟ ଦିଗରେ ପୁରାତନ ରକ୍ଷଣଶୀଳତାର ପରାକାଷ୍ଠା । ଏପରି ବିପରୀତ ଭାବାପନ୍ନ ଉପାଦାନର ସମବାୟ ବିଧାନ ଅତି ଗୁରୁତର କାର୍ଯ୍ୟ ଏବଂ ସାଧାରଣ ଲୋକର ଏଥିରେ ହସ୍ତକ୍ଷେପ କରିବା କୁତ୍ସିତ ବିଡ଼ମ୍ବନା ମାତ୍ର । ବିଷୟର ଗବେଷଣା ଓ ସାର ସଂଗ୍ରହ ନିମନ୍ତେ

---

⁕ 'ସେଣ୍ଟ୍ରାଲ ୟୁଙ୍ଗ ଉତ୍କଳ ଆସୋସିଏସନ୍'ର ଦ୍ୱାଦଶ ଅଧିବେଶନରେ ରାଧାନାଥ ରାୟଙ୍କ ମୃତ୍ୟୁ-ଶ୍ରାଦ୍ଧରେ (୧୯୦୮) ଏହି ପ୍ରବନ୍ଧଟି ପଠିତ ହୋଇଥିଲା । ପରେ କିଛିଏ ପରିବର୍ଦ୍ଧିତ ହୋଇ 'ମୁକୁର' ମାସିକର ଦ୍ୱିତୀୟ ବର୍ଷରେ (୧୯୦୮-୦୯) ପ୍ରକାଶିତ ହୋଇଥିଲା । 'ରାଧାନାଥ ଜୀବନୀ' ୮୬୦ ପୃଷ୍ଠା ଠାରୁ ବି ଦେଖ ।

Digitized by srujanika@gmail.com

ଉତ୍କଳ ଭାଷାର ଜନ୍ମ ଓ ଇତିହାସ, ଅର୍ଥାତ୍, ଜଗନ୍ନାଥ ଦାସଙ୍କଠାରୁ ଆରଂଭ କରି ଆଧୁନିକଯୁଗ ପର୍ଯ୍ୟନ୍ତ, ସମସ୍ତ ଚିନ୍ତା ଚିନ୍ତା କରି ଅଧ୍ୟୟନ କରିବା ଉଚିତ । କେବଳ ରାଧାନାଥଂକ ନିମଂତେ ଇଂରାଜି, ବଂଗଳା, ସଂସ୍କୃତ, ହିନ୍ଦି ପ୍ରଭୃତି ଅନ୍ୟାନ୍ୟ ଭାଷାର ମଧ୍ୟ ଥରେ ଦ୍ୱାରଉଦ୍‌ଘାଟନ କରିବାକୁ ହେବ । କେବଳ ସେତିକି ନୁହେଁ । "କବିତାରସମାଧୁର୍ଯ୍ୟଂ କବିର୍ବେତ୍ତି ।" କବିଂକ ମନର ଭାବ ଓ ଭାଷାର ପ୍ରଭାବ ସୁବୋଧ କରି ଦେଖାଇଦେବା ଯେ କୌଣସି ବ୍ୟକ୍ତିର କର୍ମ ନୁହେଁ । ପାଣ୍ଡିତ୍ୟର ବିଚକ୍ଷଣତା ଓ ବିଜ୍ଞାନର ଗବେଷଣା ନଥିଲେ ରାଧାନାଥଂକ କୃତିତ୍ୱ ଉପଲବ୍ଧି କରିବା ସଂଭବପର ନୁହେଁ ଏବଂ ସେଥି ନିମଂତେ କବି ଲୋଡ଼ା । ବିଦ୍ୟାଭ୍ୟାସରେ କବିତା ଆସେ ନାଇ, ପାଣ୍ଡିତ୍ୟରୁ ତାହାର ଉତ୍ପତ୍ତି ନୁହେ । ତାହା ହୃଦୟର ଏକ ସ୍ୱତଂତ୍ର ବୃତ୍ତି । ତେବେ ସେ ସବୁ ସତ୍ତ୍ୱେ ଆଜି ରାଧାନାଥଂକ ସଂବଧରେ କିଛି କହିବାକୁ ହେବ ।

ରାଧାନାଥ କି ମହାଶକ୍ତି ବଳରେ ଉତ୍କଳଭାଷାକୁ ତଥା ଉତ୍କଳ-ସାହିତ୍ୟକୁ କିପରି ପ୍ରଭାବିତ କରିଅଛଂତି, ତାହା କିଂଚତ୍ ପର୍ଯ୍ୟାଲୋଚନା କରିବାକୁ ହେବ । ରାଧାନାଥ କି ନୂତନ ରୁଚିର ଆମଦାନି କରି ଓଡ଼ିଆ ସାହିତ୍ୟକୁ ମାର୍ଜିତ କରିଅଛଂତି, ତାହା ସ୍ଥିର କରିବା ନିମଂତେ ଚେଷ୍ଟା କରିବାକୁ ହେବ ।

ଅବଶ୍ୟ ଓଡ଼ିଆ ସାହିତ୍ୟ ଗୋଟିଏ ପ୍ରାଚୀନ ସାହିତ୍ୟ ଏବଂ ରାଧାନାଥଂକ ପୂର୍ବରୁ ଏଥିରେ ଅନୁବାଦ ଓ ମୌଳିକ ଗ୍ରଂଥ ବହୁତ ବିଦ୍ୟମାନ ଥିଲି ଏବଂ ନାନାବିଧ ଭକ୍ତିଗ୍ରଂଥ, କାବ୍ୟ ଓ ପୁରାଣଦ୍ୱାରା ଭାଷାର ଗୋଟିଏ ପନ୍ଥା ନିର୍ଦ୍ଦିଷ୍ଟ ହୋଇଥିଲି । ଲେଖକମାନେ ନ୍ୟୂନାଧିକ ପରିମାଣରେ ପ୍ରାଚୀନ ପନ୍ଥାର ଅନୁସରଣ କରି ଆସୁଥିଲେ । କିଂତୁ ରାଧାନାଥ କିପରି ନୂତନ ପନ୍ଥାର ପ୍ରବର୍ତ୍ତନ କଲେ, କି କି ନୂତନ ଉପାଦାନ ଦ୍ୱାରା ସାହିତ୍ୟର କିପରି ସୌଷ୍ଠବ ସଂପାଦନ କଲେ, ତାହାହିଁ ଆଂଭେମାନେ ଯଥାସାଧ୍ୟ ଆଲୋଚନା କରିବୁଁ ।

## ନୂତନ ରୁଚି ଓ ସ୍ୱାଧୀନତା

ଅତି ପ୍ରାଚୀନ କାଳରେ ଭକ୍ତକବିମାନେ ଭକ୍ତିଗ୍ରଂଥ, ଧର୍ମଗ୍ରଂଥ, ପୁରାଣ ପ୍ରଭୃତି ଲେଖିଥିଲେ । କେତେକ ପ୍ରାକୃତ କବି ସରଳ, ସୁବୋଧ ଭାଷାରେ

Digitized by srujanika@gmail.com

କୋଇଲି ପ୍ରଭୃତି ପ୍ରଣୟନ କରିଥିଲେ । ତତ୍ପରେ ଉପେନ୍ଦ୍ରଭଂଜ ପ୍ରମୁଖ ମନୀଷୀମାନେ ସରଳ କାବ୍ୟ ଦ୍ୱାରା ଭାଷାର ଓ ସାହିତ୍ୟର ବହୁ ଉନ୍ନତି ସମ୍ପାଦନରେ ବ୍ରତୀ ହୋଇଥିଲେ । ସର୍ବଶେଷରେ ସାମଂତସିଂହାର ପ୍ରଭୃତି ଉଭୟବିଧ ପନ୍ଥାର ସମନ୍ୱୟ ବିଧାନ କରିବାକୁ ପ୍ରୟାସ କରିଥିଲେ, ସତ; କିଂତୁ ସେ ସବୁଥିରେ ପ୍ରାଚୀନ ସଂସ୍କୃତ, ପୁରାଣ ପ୍ରଭୃତିର ରୀତି ଓ ଆଲଂକାରିକ ନିୟମାଦି ପଦେ ପଦେ ଅନୁସୃତ ହୋଇଅଛି । ଭାଷାର ଶକ୍ତି, ସରଳତା ଓ ମୌଳିକତା ସତ୍ତ୍ୱେ ଜଗନ୍ନାଥ ଦାସଂକ ଭାଗବତ, ସଂସ୍କୃତ ଭାଗବତର ଅନୁବାଦ ଓ ସ୍ଥଳବିଶେଷରେ ବ୍ୟାଖ୍ୟା ମାତ୍ର । ସାରଳା ଦାସ ପ୍ରଭୃତି ମହାଭାରତ, ରାମାୟଣ ଅନୁବାଦ କରିବାକୁ ଯାଇ ପୌରାଣିକ ଅନୁବାଦ ପ୍ରକ୍ରିୟାର ସୀମା ପର୍ଯ୍ୟଂତ ଲଂଘନ କରିଅଛଂତି । ତତ୍ପରେ ଭଂଜ-ଯୁଗରେ କେବଳ ଯେ ଯତି, ଅନୁପ୍ରାସ ଓ ନାନାବିଧ ଅକ୍ଷର ଓ ଛଂଦ-ରୀତିର ପ୍ରଭାବରେ ଭାଷାର ମୌଳିକ ଶକ୍ତି ଲୁପ୍ତପ୍ରାୟ ହେଲା, ତାହା ନୁହେଁ; ସଂସ୍କୃତର ଅଲଂକାର ଅନୁକରଣ କରୁ କରୁ ସେମାନଂକର ସମସ୍ତ କାବ୍ୟ କେବଳ ନାୟକ ନାୟିକାଂକ ନାମ ଭେଦ ବ୍ୟତୀତ ଏକ ଗ୍ରାଂଚରେ ଢଳାହେଲା ପରି ବୋଧହୁଏ । ସେହି ନାୟକ ନାୟିକାଂକ ଗୁପ୍ତପ୍ରେମ, ତତ୍ପରେ ସେହି ବିରହ ଏବଂ ପରିଶେଷରେ ସେହି ମିଳନ ସମସ୍ତ କାବ୍ୟରେ ବିବୃତ ହୋଇଅଛି । ଏହା ଅବଶ୍ୟ ନୂତନ ନୁହେଁ । ସଂସ୍କୃତ କାବ୍ୟ ନାଟକରେ ଏହି ବା ଏହିଭଳି ଅଲଂକାର ନିବଦ୍ଧ ରୀତି ବହୁଦିନରୁ ଚଳି ଆସୁଥିଲା । ଶକୁଂତଳାର ଉପୋଦ୍‌ଘାତରେ ଇଂଲଂଡ଼ର ସଂସ୍କୃତ ପଣ୍ଡିତ ମନିୟର୍ ଉଇଲିୟମସ୍ ଏ ବିଷୟ ସ୍ପଷ୍ଟ କରି ବୁଝାଇ ଦେଇଅଛଂତି । ସେ କହଂତି, ଏହି କାରଣରୁ ଅନେକ କବି ଓ ନାଟକ ଲେଖକଂକର ମୌଳିକତା ଓ ମନୀଷା ହ୍ରାସ ହୋଇଥିଲା । କାଳିଦାସଂକୁ ମଧ୍ୟ ସେ ଏଥିରୁ ସଂପୂର୍ଣ୍ଣ ବାଦ ଦେଇ ନାହାଂତି । ତେବେ ଏଠାରେ କହିବାର କଥା, କବିମାନେ କୌଣସି ନୂତନ ପଦ୍ଧତିର ପ୍ରଚାରଦ୍ୱାରା ସମୟର ପରିବର୍ତ୍ତନ ଘଟାଇ ନାହାଂତି । ବରଂ କେବଳ ରୀତିର ଦାସ ହୋଇ କାର୍ଯ୍ୟ କରିବାରୁ ଅନେକ ସ୍ଥଳରେ କାବ୍ୟର ମହତ୍ତ୍ୱର ଉଦ୍ଦେଶ୍ୟ, ଅର୍ଥାତ୍, ଲଳନାମୁଖରେ ଜନଶିକ୍ଷା ବିସ୍ମୃତ ହୋଇ ଅଛଂତି । ଅନେକ ସ୍ଥଳରେ ବର୍ଣ୍ଣନାରୀତିର ପ୍ରଭାବରେ ଭାଷାର ଶ୍ରୀବୃଦ୍ଧି

Digitized by srujanika@gmail.com

ସମ୍ପାଦିତ ହୋଇଅଛି । କିନ୍ତୁ କାବ୍ୟାଦିର ବିଷୟଗତ ଚିତ୍ର (Plot) ରେ କୌଣସି ଉଚ୍ଚ ଆଦର୍ଶର ବା ଉନ୍ନତ ଅଭିରୁଚିର ପରିଚୟ ମିଳେ ନାହିଁ । ମନୁଷ୍ୟର କୋମଳ ପ୍ରକୃତି ସ୍ଥଳବିଶେଷରେ ସୁନ୍ଦର ସୁଲଳିତ ଭାବରେ ଚିତ୍ରିତ ହୋଇଅଛି । କିନ୍ତୁ ଉନ୍ନତ ପ୍ରକୃତି ଆଡ଼କୁ ବିଶେଷ ଦୃଷ୍ଟି ପଡ଼ିନାହିଁ । ଏହିପରି ଅଭିମନ୍ୟୁ ପ୍ରଭୃତିଙ୍କ ଭକ୍ତିଗ୍ରନ୍ଥ ମଧ୍ୟ ସେହି ଭାବର ଆଭାସରେ ରଞ୍ଜିତ ରହିଅଛି । ନୂତନତ୍ୱ ମଧ୍ୟରେ କେବଳ ଯମକ, ଅନୁପ୍ରାସ ପ୍ରଭୃତି ଭଞ୍ଜୀୟଯୁଗର ଆମଦାନୀ ବୋଲିଯାଇପାରେ । କିନ୍ତୁ ତାହା ନୂତନତ୍ୱ ମାତ୍ର; ସେଥିରେ ଅଭିଧାନ ଓ ବ୍ୟାକରଣ ଜ୍ଞାନ ବଢ଼ିପାରେ । କିନ୍ତୁ ଭାଷାର ମୌଳିକ ଶକ୍ତିର ବିକାଶ, ତଥା ସାହିତ୍ୟର ଜୀବନୀଶକ୍ତି ସେହି କାଳର ଗ୍ରନ୍ଥମାନଙ୍କରେ ପ୍ରତିହତ ହୋଇଅଛି । ପ୍ରାଚୀନ ଉତ୍କଳସାହିତ୍ୟରେ ଯେଉଁ ସରଳ ମୌଳିକତା ଥିଲା, ତାହା ମଧ୍ୟଯୁଗରେ ପ୍ରାୟ ବିଲୁପ୍ତ ହୋଇଅଛି । ଯଦ୍ୟପି ଶେଷ ଅଭିମନ୍ୟୁ ଯୁଗରେ ତାହାର ପୁନରୁଦ୍ଧାରର ଚେଷ୍ଟା ହୋଇଥିଲା, ତାହା ସମ୍ପୂର୍ଣ୍ଣ ସଫଳ ହୋଇନାହିଁ; ସମୟାନୁମୋଦିତ ପ୍ରାଚୀନ ପଦ୍ଧତି ପରିତ୍ୟାଗ କରିବାକୁ ଲେଖକମାନେ ସମ୍ପୂର୍ଣ୍ଣ ସାହସ କରିନାହାନ୍ତି; କରିବା ମଧ୍ୟ ସ୍ୱାଭାବିକ ନୁହେ । ସେତେବେଳେ ପ୍ରଚଳିତ ପଦ୍ଧତିରୁ ହଠାତ୍ ବିଚ୍ଛିନ୍ନ ହୋଇଥିଲେ ପାଠକମାନଙ୍କର ଅଭିରୁଚି ଆକର୍ଷଣ କରିବା ସମ୍ଭବତଃ ସୁସାଧ୍ୟ ହୋଇ ନଥାନ୍ତା । ଲୋକଙ୍କ ରୁଚି ଓ ଆଦର୍ଶ ଯେଉଁ ଦିଗରେ ଗଢ଼ି କରି ଆସୁଥିଲା, ତାହାର ପରିବର୍ତ୍ତନ ପ୍ରଥମେ ବାଞ୍ଛନୀୟ । କିନ୍ତୁ ଲେଖକଙ୍କର ଅସାଧାରଣ ଶକ୍ତି ସେପରି ପରିବର୍ତ୍ତନ ପାଇଁ ଉପଯୁକ୍ତ ନ ହେଲେ ପ୍ରାଚୀନ ପଦ୍ଧତି ପରିହାର କରିବାର ଉପାୟ ନାହିଁ ।

କିନ୍ତୁ ରାଧାନାଥଙ୍କ କର୍ମକ୍ଷେତ୍ର ସମ୍ପୂର୍ଣ୍ଣ ଭିନ୍ନ ଥିଲା । ରାଧାନାଥଙ୍କ କବିତା ଯେତେବେଳେ ବିକାଶ ପାଇଲା, ସେତେବେଳେ କେବଳ ସାହିତ୍ୟ-କ୍ଷେତ୍ର ନୁହେଁ, ସାମାଜିକ ରୀତି ନୀତି ମଧ୍ୟ ତାହାର ଅନୁକୂଳ ଥିଲା । ସେ ଉତ୍କଳର ପ୍ରାଚୀନ ସାହିତ୍ୟ, ବିଶେଷତଃ ଭଞ୍ଜୀୟ ସାହିତ୍ୟ ସଙ୍ଗେ ପରିଚିତ ଥିଲେ ଏବଂ ପାଶ୍ଚାତ୍ୟ ଓ ବଙ୍ଗଦେଶର ସାହିତ୍ୟ ଦେଖି ତାଙ୍କ ରୁଚିର ପରିବର୍ତ୍ତନ ଘଟିଲା । ସେ ପ୍ରାଚୀନ ଅଭିସାରର ଜଟିଳ ଯମକଯୁକ୍ତ ବର୍ଣ୍ଣନା

Digitized by srujanika@gmail.com

ପରିତ୍ୟାଗ କରି ଉନ୍ନତତର ଆଦର୍ଶ ଅବଲମ୍ବନରେ ଉନ୍ନତତର ଭାବ ଓ ମାର୍ଜିତତର ଭାଷାର ପ୍ରଚାରାର୍ଥ କୃତସଂକଳ୍ପ ହେଲେ । ଏଣେ ଇଂରେଜ ରାଜତ୍ୱ ଓ ସଭ୍ୟତା ଏବଂ ଇଂରାଜୀ ଶିକ୍ଷା ପ୍ରଚାରରେ ସମାଜର ଉଚ୍ଚସ୍ଥାନର ଲୋକେ ତାଂକର ନୂତନତ୍ୱକୁ ଆଦର କରିବା ନିମଂତେ ପ୍ରସ୍ତୁତ ହୋଇଥିଲେ । ଫଳତଃ ରାଧାନାଥ ନିଜ ଜୀବନରେ ଅଭୂତପୂର୍ବ ଭାବରେ କୃତକାର୍ଯ୍ୟ ହେଲେ ।

ସମସ୍ତ ପ୍ରାଚୀନପନ୍ଥା ଓ ଅଳଂକାର ନିୟମ ପରିତ୍ୟାଗ କରି ରାଧାନାଥ ସ୍ୱାଧୀନ ଭାବରେ ସାହିତ୍ୟସ୍ରୋତ ନିମଂତେ ନବୀନମାର୍ଗ ନିର୍ଦ୍ଦେଶ କରିଦେଲେ । ସେ ପ୍ରାଚ୍ୟ ପାଶ୍ଚାତ୍ୟର ସାହିତ୍ୟ ଅନୁଧ୍ୟାନ କରି ଓ ସାହିତ୍ୟ ବିଶେଷର କ୍ରମୋନ୍ନତି ଓ ସମାଜରେ ନବଭାବ ବିକାଶପ୍ରତି ଲକ୍ଷ୍ୟରଖି ବିଭିନ୍ନ ସାହିତ୍ୟରୁ ସାରସଂଗ୍ରହ ପୂର୍ବକ ନିଜର ରୁଚି ଓ ଆଦର୍ଶ ପ୍ରବୃତ୍ତି ସ୍ଥିର କରିଥିଲେ ବୋଲି ସ୍ୱୀକାର କରିବାକୁ ହେବ; କିଂତୁ ଅସାର ସଂଗ୍ରହ କରି ନୀଚ ଆଦର୍ଶରେ ଅନୁସାର ବର୍ଣ୍ଣନା କରିବା ତାଂକ ହାତରେ ଥିଲା; ସେ ତାହା କରି ନାହାଂନ୍ତି ଏବଂ କୌଣସିଠାରେ ସଂଗ୍ରହ ବା ଅନୁକୃତି ରାଧାନାଥୀ ସ୍ୱାତଂତ୍ର୍ୟରୁ ବିଚ୍ଛିନ୍ନ ନୁହେଁ; ଏହାହିଁ ରାଧାନାଥଂକ ବିଶେଷତ୍ୱ । ତାଂକ ଗ୍ରଂଥ-ସବୁରେ ବଂଗ ସାହିତ୍ୟ ପର୍ଯ୍ୟଂତ ଅନୁକୃତ ହୋଇଥିବା ବିଲକ୍ଷଣ ଲକ୍ଷିତ ହୁଏ; ବର୍ଣ୍ଣନାରେ ଭିନ୍ନ ଭିନ୍ନ ସାହିତ୍ୟରୁ ସଂଗୃହୀତ ଭାବର ଆକ୍ଷରିକ ଅନୁବାଦ ପର୍ଯ୍ୟଂତ ଦେଖାଯାଏ । ଉଦାହରଣ ସ୍ୱରୂପ 'ମହାଯାତ୍ରା'ର ଲେଖା-ପଦ୍ଧତିରେ ଏବଂ ଛଂଦରେ 'ମେଘନାଦବଧ'ର, ପୁଣି 'ଯଯାତିକେଶରୀ'ରେ ବଂଗଳାର ପ୍ରାଚୀନ କବି ଭାରତଚଂଦ୍ରଂକ 'ବିଦ୍ୟାସୁଂଦର' ପାଲର ଛାୟା ପଡ଼ିଅଛି । 'କେଦାରଗୌରୀ' ଓ 'ଉଷା' ଗ୍ରୀକ୍ ପୁରାଣ-କଥା ଓଭିଡ଼୍‌ଂକ କାବ୍ୟରୁ ଗୃହୀତ, 'ତୁଳସୀସ୍ତବକଂ' ତୁଳସୀଦାସଂକ ରାମଚରିତମାନସରୁ ପ୍ରାପ୍ତ ଅବିକଳ ଅନୁବାଦିତ ହୋଇଅଛି ଏବଂ ଗ୍ରଂଥମାନଂକ ମଧ୍ୟରେ ସ୍ଥାନେ ସ୍ଥାନେ ଅନୁବାଦର ସଂଖ୍ୟା ନାହିଁ । ଯଥା:—

"ଦୃଷ୍ଟପୂର୍ବ ହୋଇ ଅପୂର୍ବ ପ୍ରତୀତି
ସୁଂଦରପଣର ଚରିଂତନ ରୀତି
ସୁଂଦରେ ତୃପ୍ତିର ଅବସାଦ ନାହିଁ
ଯେତେ ଦେଖିଲେହେଁ ନୂଆ ଦିଶୁଥାଇ ।" (ଚିଲିକା)

Digitized by srujanika@gmail.com

ଏହି ପଦ୍ୟଟି ଭବଭୂତିଙ୍କର

"କ୍ଷଣେ କ୍ଷଣେ ଯନ୍ନବତାମୁପୈତି
ତଦେବ ରୂପଂ ରମଣୀୟତାୟାଃ"

ର ଅନୁବାଦ । ଇଂରାଜୀରେ ମଧ୍ୟ କବି କିଟ୍ସ ଲେଖିଅଛନ୍ତି "A thing of beauty is a joy for ever" । ପୁଣି

"ଏ ବାଳାକୁ ବନବାସ ସହାଇଲେ
ବିଧି ଆହା କି ବିଗୁରେ ।
ଶମୀ ଛେଦିବାକୁ ଲୋଡ଼ିଲେ ସିନା ସେ
ନୀଳୋତ୍ପଳ ଦଳ ଧାରେ ।"

ରାଧାନାଥଙ୍କର ଏହି ପଦଟି ନିମ୍ନଲିଖିତ ଶ୍ଳୋକର ଅନୁବାଦ ମାତ୍ର:—

"ଇଦଂ କିଲାବ୍ୟାଜମନୋହରଂ ବପୁ-
ସ୍ତପକ୍ଷମଂ ସାଧୟିତୁଂ ଯ ଇଚ୍ଛତି ।
ନୂନଂ ସ ନୀଳୋତ୍ପଳପତ୍ର ଧାରୟା
ଶମୀଲତାଂ ଛେତ୍ତୁମୃଷିର୍ବ୍ୟବସ୍ୟତି"—(ଶକୁନ୍ତଳା)

ଏହିପରି ବହୁ ଉଦାହରଣ ଉଦ୍ଧାର କରାଯାଇପାରେ । କିନ୍ତୁ ଏ ସବୁ ଅନୁବାଦ ଓ ଅନୁକୃତି ହେଲେହେଁ ସର୍ବଦା ରାଧାନାଥୀ ମନୀଷାରେ ରଞ୍ଜିତ ରହିଅଛି ଏବଂ ସମସ୍ତଙ୍କ ମଧ୍ୟରେ ଗୋଟିଏ ରାଧାନାଥୀ ସ୍ୱାତନ୍ତ୍ର୍ୟ ସୁସ୍ପଷ୍ଟ ପରିଲକ୍ଷିତ ହେଉଅଛି । 'ତୁଳସୀସ୍ତବକ'ରେ ଆମ୍ଭେମାନେ ତୁଳସୀଦାସଙ୍କୁ ନ ଦେଖି ପରିସ୍ଫୁଟଭାବରେ ରାଧାନାଥଙ୍କୁ ଦେଖୁଁ । ଉଲ୍ଲିଖିତ ଅନୁବାଦ ଦୁଇଟିରେ ଭବଭୂତି ଓ କାଳିଦାସ ଆଉ ନାହାନ୍ତି । ପଦ୍ୟାଂଶ ଦୁଇଟି ରାଧାନାଥଙ୍କ ଗର୍ଭରୁ ପୁନର୍ଜନ୍ମ ଲାଭ କରିଅଛି । 'କେଦାରଗୌରୀ' ଓଭିଡ଼୍‌ରୁ ଗୃହୀତ ସତ୍ୟ; କିନ୍ତୁ ତାହା କବିଲେଖନୀ ପ୍ରଭାବରେ ଭାରତର ତଥା କେବଳ ଉତ୍କଳର ଜଳବାୟୁରେ ଜାତ ଓ ବର୍ଦ୍ଧିତ ହେଲାପରି ବୋଧହୁଏ ।

Digitized by srujanika@gmail.com

ଏଠାରେ ଏତିକି ବିବେଚନା କରିବା ଉଚିତ ଯେ, କେତେଗୁଡ଼ିଏ ମୃତଜୀବଂକ କଂକାଳର ଅସ୍ଥି ସଂଗ୍ରହ କରି ଗୋଟିଏ ଅଭିନବ ଜୀବ ସୃଷ୍ଟି କରିବା ଯେରୂପ କଠିନ, ଅନ୍ୟାନ୍ୟ କାବ୍ୟରୁ ଭାବ ସଂଗ୍ରହ କରି ଗୋଟିଏ ନବୀନ କାବ୍ୟ ପ୍ରଣୟନ କରିବା ମଧ୍ୟ ତଦ୍ରୂପ ଅତ୍ୟଂତ ଦୁରୂହ । ଏପରି ଅନୁକରଣରେ ଗୌଣତ୍ୱ ବିଗ୍ୱର କରିବସିଲେ ପୃଥିବୀବିଖ୍ୟାତ ମିଲ୍‌ଟନ୍‌ କିଂବା ସେକ୍‌ସ୍‌ପିଅର୍‌ ମଧ୍ୟ ଗୌରବଚ୍ୟୁତ ହେବେ ।

କିଂତୁ ଏସବୁ କିଛି ଆବଶ୍ୟକ ନାହିଁ । ସମସ୍ତ ଗୃହୀତ ବସ୍ତୁ ସ୍ୱତଂତ୍ର ଓ ବିଚିତ୍ର ରାଧାନାଥୀ ମନୀଷାରେ ରଂଜିତ ନ ହୋଇ ଯଦି କେବଳ ସଂଗୃହୀତ ହୋଇଥାଂତା, ତେବେ ମଧ୍ୟ ଆଂଭେମାନେ ଉତ୍କଳ-ସାହିତ୍ୟ-ସଂସାରରେ ରୁଚିର ଯୁଗାଂତର ଓ ସ୍ୱାଧୀନତାର ଉନ୍ମେଷ ଦେଖଂତୁ । ସେ ଯେ ଉନ୍ନତ ସାହିତ୍ୟିକ ଆଦର୍ଶଦ୍ୱାରା ପରିଗ୍ୱଳିତ ଏବଂ ପ୍ରାଚୀନ ନିୟମବଦ୍ଧ ପଦ୍ଧତିରୁ ବିଚ୍ଛିନ୍ନ, ସେଥିରେ ହୁଏତ ସଂଦେହ ରହିଂତା ନାହିଁ । ତାହାଂକର ବିୟୋଗାଂତ କାବ୍ୟ ଓ ଅମିତ୍ରାକ୍ଷର ଛଂଦ ପ୍ରାଚୀନପନ୍ଥୀମାନଂକ ଦ୍ୱାରା ଏପର୍ଯ୍ୟଂତ ଗୃହୀତ ଓ ଆଦୃତ ହୋଇନାହିଁ । ଏହା ଦେଖିଲେ ତାଂକ ପ୍ରତିଭା କିପରି ସ୍ୱାଧୀନ ଓ ସ୍ୱତଂତ୍ର ଥିଲା, ତାହା ବୁଝାଯାଏ । ରୁଚିର ନୂତନତ୍ୱ ସଂବଂଧରେ ବର୍ଣ୍ଣନାର ଆଡ଼ଂବରହୀନତା ଓ କାବ୍ୟର ଆଦର୍ଶ ଯଥେଷ୍ଟ ପ୍ରମାଣ ।

## ନବଭାବ

ରୁଚିର ପରିବର୍ତ୍ତନ ଆଂଭେମାନେ କିଂଚିତ୍‌ ଅନୁଧାବନ କରିଅଛୁଁ । କିଂତୁ ସେ ରୁଚି କେବଳ ଗ୍ରଂଥର ବିଷୟଗତ ଚିତ୍ର (Plot) ଓ ଆଦର୍ଶରେ ପରିସମାପ୍ତ ନୁହେ । ଭାବବର୍ଣ୍ଣନା ଓ ଲେଖନ ପଦ୍ଧତି (Style and diction), ସବଂତ୍ର ତାହାର ସତ୍ତା ପ୍ରତିଭାତ ହୁଏ । ରୁଚି ଗୋଟିଏ ମାନସିକ ବୃତ୍ତି । ପ୍ରଥମେ ସେହି ମନୋବୃତ୍ତିର ପରିବର୍ତ୍ତନ ହେଲେ ସମସ୍ତ ଲେଖା ସେହି ଭାବରେ ପରିପ୍ଲୁତ ହୁଏ । ଆଂଭେମାନେ ରାଧାନାଥଂକ ଲେଖାରେ ତାହାହିଁ ଅନୁଭବ କରୁଁ ।

Digitized by srujanika@gmail.com

ପ୍ରଥମେ ବିଷୟଗତ ଚିତ୍ର ଓ ଆଦର୍ଶ । ଏ ସବୁରେ ମୌଳିକ ପ୍ରାଚୀନ ଯୁଗ କବିତାର ବିଶେଷ ଦାବି ନାହିଁ । ମଧ୍ୟଯୁଗର କବିତା, ଯଥା— ପ୍ରେମସୁଧାନିଧି ଓ ଲାବଣ୍ୟବତୀ ପ୍ରଭୃତିରେ ବିଷୟଚିତ୍ର ସର୍ବତ୍ର ପ୍ରାୟ ଏକ। ସେଥିରେ ନାୟକ ନାୟିକା ଓ ଆନୁଷଂଗିକ ଅନ୍ୟାନ୍ୟ ସମସ୍ତ ଚରିତ୍ର କେବଳ ଗୋଟିଏ ଉଚ୍ଚକୁଳ ବିଳାସୀ ଦଂପତିର ବିବାହ ମିଳନ, ବିଚ୍ଛେଦ ଓ ପୁନର୍ମିଳନରେ ପୂର୍ଣ୍ଣ । ସମସ୍ତେ ଇତର ବିଶେଷ ପରିମାଣରେ ସେହି ବିଳାସୀ ଦଂପତିର ଆଧିଭୌତିକ ସମ୍ଭୋଗ ପ୍ରକ୍ରିୟାରେ ବ୍ୟସ୍ତ । ସେହି ବିଷୟରେ ପତ୍ର ଲେଖନ, ସେହି ବିଷୟ ଧ୍ୟାନ, ସେହି ବିଷୟରେ ଦାନ ଓ ବ୍ରାହ୍ମଣ ଭୋଜନ; ଆଉ କିଛି ନାହିଁ, କେବଳ ସେହି ସମ୍ଭୋଗ ପ୍ରକ୍ରିୟାହିଁ କାବ୍ୟର ଉଦ୍ଦେଶ୍ୟ । କୌଣସି ମହତ୍ତ୍ୱବାନ୍‌ର ଚରିତର ଚିତ୍ର ବଡ଼ବେଶି ଦେଖାଯାଏ ନାହିଁ । କିଂତୁ କେଦାରଗୌରୀ, ଉଷା, ନଂଦକେଶ୍ୱରୀ ପ୍ରଭୃତିରେ ସେ ଚିତ୍ର ଭିନ୍ନ ରୂପ ଧାରଣ କରିଅଛି । ସମ୍ଭୋଗ ପରିବର୍ତ୍ତରେ ସେ ସବୁର ବିୟୋଗରେ ଶେଷ । ମିଳନ ଓ ଦଂପତିର ସହବାସ, କାବ୍ୟର ଉଦ୍ଦେଶ୍ୟ ନୁହେ । ପ୍ରେମର ଦୃଢ଼ତା ଏବଂ ବୀରଚରିତ୍ରର ଚିତ୍ର, ସେ ସବୁର ପରମ ଲକ୍ଷ୍ୟ । ଉଦାହରଣ ସ୍ୱରୂପ—ଯେତେବେଳେ ନବଯୌବନା, ଖେଲାଖଂଜରୀଟଦୃଶା, ଚଂପକବର୍ଣ୍ଣା, ଲାବଣ୍ୟମୟୀ, ବୀର୍ଯାନୁରାଗିଣୀ, ରାଜବାଳା, ନଂଦକେଶ୍ୱରୀ ଗର୍ଭିର ନିଶୀଥରେ ଅବିବାହିତ, ନବଯୁବା, ବୀର, ଉନ୍ନତ, ରାଜପୁତ୍ର ଭୈରଗଂଗଂକ ପାଖରେ ପ୍ରେମଭିଖାରିଣୀ ହେଲି, ସେତେବେଳେ ଭୈରଗଂଗଂକ ବ୍ୟବହାର କପରି ବୀରୋଚିତ ଓ ପରେ ନଂଦକେଶ୍ୱରୀର ପତ୍ର କି ସ୍ୱର୍ଗୀୟ ପ୍ରେମର ଆଲେଖ୍ୟ ପ୍ରଦାନ କରୁଅଛି, ତାହା ଉତ୍କଳ ସାହିତ୍ୟର ପାଠକମାତ୍ରେ ଅବଗତ ନୁହଂତି । ଏ ବୀରତ୍ୱର ଚିତ୍ର ଉତ୍କଳ ସାହିତ୍ୟରେ ନୂତନ ନୁହେ କି ? ଏ କେବଳ ସାହିତ୍ୟଶ୍ରୀ ସମ୍ପାଦନ କରି କ୍ଷାଂତ ନୁହେ । ଏହା ଲୋକ ଚରିତ୍ରର, ଆଦର୍ଶର ଓ ପାଠକଂକ ରୁଚିର ବିପ୍ଲବ ସମ୍ପାଦନ କରିଅଛି । ନବୀନ ଲେଖକମଂଡ଼ଳୀ ଉତ୍କଳ ସାହିତ୍ୟର ଏକ ମହତ୍ତର ଆଭାସ ପାଇ ପୁଲକିତ ହେଉଅଛଂତି । ଏତିକରେ ସମୁଦାୟ ଉତ୍କଳ ସାହିତ୍ୟର ଗତି ଭିନ୍ନଆଡ଼େ ନିର୍ଦ୍ଦିଷ୍ଟ ହୋଇଅଛି । ଲୋକେ ଲେଖାର ବିଷୟଗତ ଚିତ୍ରରେ ଆଦର୍ଶ ଓ ବୀରତ୍ୱ ଥିବା ଅବଗତ ହୋଇ ନିଜନିଜର କାବ୍ୟପାଠର ରୀତି ପରିବର୍ତ୍ତନ କରିଅଛଂତି । ଅବଶ୍ୟ

Digitized by srujanika@gmail.com

ଆଦରସ କୋଷ ଯଥାର୍ଥ, ଅସଂପୂର୍ଣ୍ଣ ପାର୍ବତୀ ଓ ଅବିକଶିତ କୁନ୍ତଳା ଉର୍ବଶୀର ବିଷୟଗତ ଚିତ୍ର ସଂବଧରେ ଆଂଭେମାନେ ବର୍ତ୍ତମାନ ବିଶେଷ କିଛି ମତ ଦେଇନାହିଁ । ବୋଧହୁଏ, ସେହିଠାରେ ପ୍ରାଚୀନତା ରାଧାନାଥଂକୁ ଛୁଇଁବାର ଉପକ୍ରମ କରିଥିଲି । ମାତ୍ର ଏହା ବୋଲିବା ଠିକ୍ ନୁହେ । ପ୍ରସଂଗତଃ ବୋଲି-ଯାଇପାରେ, ଶ୍ରୀଯୁକ୍ତ ଚଂଦ୍ରମୋହନ ମହାରଣା 'ପାର୍ବତୀ'ର ସମାଲୋଚନାରେ ଗ୍ରଂଥର ଦୁଇ ତୃତୀୟାଂଶ ବାକି ଥିବା ଲେଖିଥିଲେ । ଏବଂ ଶୁଣାଯାଏ, କବି ତାହା ଦେଖି ବିସ୍ମିତ ହୋଇଥିଲେ । ଚଂଦ୍ରମୋହନ କହିଥିଲେ, ରାଣୀ ରାଜାକୁ ହତ୍ୟା କରି ଶେଷରେ ଆତ୍ମହତ୍ୟା କରିବା ଦ୍ୱାରା କାବ୍ୟ ଶେଷ ହୋଇ-ଥାଆଂତା । ଅବଶ୍ୟ ତାହାହେଲେ ହୁଏତ ବଡ଼ ସୁଂଦର ହୋଇଥାଆଂତା । କିଂତୁ ଦୈବବଳହିଁ ବଳ । ହତଭାଗ୍ୟ ଉତ୍କଳ ସେ ଚିତ୍ର ଦେଖିଲି ନାହିଁ । ସେ ଯାହାହେଉ, ଏସବୁ ଅନୁମାନ ସତ୍ତ୍ୱେ ସମୟ ସେ ସବୁର ପ୍ରକୃତ ଉତ୍ତର ଦେବ ବୋଲି ପ୍ରତୀକ୍ଷା କରିବା ଉଚିତ । ତେବେ ଯଥାର୍ଥ ସଂପୂର୍ଣ୍ଣ ଓ ଗୋଟିଏ ଉତ୍କୃଷ୍ଟ କାବ୍ୟ ହେଲେହେଁ ନାୟକ ନାୟିକାର ମିଳନ ବ୍ୟାପାର ବର୍ଣ୍ଣନା ଅସଂଗତ ହୋଇଅଛି ବୋଲିବାକୁ ହେବ ।

ପ୍ରାକୃତିକତା ଭାଷାକୁ ପ୍ରକୃତ ଶକ୍ତି ପ୍ରଦାନ କରିଥାଏ । ଏହା ପ୍ରାଚୀନ ସାହିତ୍ୟରେ ଋତୁ ଓ ବେଶ ପ୍ରଭୃତିର ବର୍ଣ୍ଣନାରେ କିଂଚିତ୍ ଦେଖାଗଲେହେଁ ମଧ୍ୟଯୁଗରେ ଲୁପ୍ତପ୍ରାୟ ହୋଇଥିଲି । ମଧ୍ୟଯୁଗର କବିମାନେ କାଳିଦାସଙ୍କ 'ଋତୁସଂହାର'କୁ ଆଦର୍ଶ କରି ଅନୁକରଣ କରୁ କରୁ 'ହନୁକରଣ' କରିବାରେ ଲଗିଲେ । ପରେ ସାମଂତସିଂହାର କିଂଚିତ୍ ପ୍ରାକୃତ ପନ୍ଥା ଅବଲଂବନ କରି-ବାକୁ ଯତ୍ନ କରିଥିଲେ, କିଂତୁ ଉପମାକ୍ଲିଷ୍ଟତାରେ ତାହାର ସ୍ୱାଭାବିକତା ବହୁତ ବିକୃତ ହୋଇଅଛି । ଉଦାହରଣ ସ୍ୱରୂପ ବିଦଗ୍ଧ ଚିଂତାମଣି—

"ବିଗ୍ରହ କି ପଦ୍ମଯୋନି ସୁଧା ଅନୁରାଗ ଦେଇ
ବର୍ଣ୍ଣି ତୁଳନାରେ ତୁଳି କଳନା କରେ ।
ଉଶ୍ୱାସ ଭାଗ ଉଠିଲି ଗରୁଆ ତଳକୁ ଗଲି
ଉଚ୍ଚ ନୀଚ, ନୀଚ ଉଚ୍ଚ ଜଣା ବିଧିରେ ।
ସୁଧା ଅନୁରାଗ ସଙ୍ଗତେ
ସରି କରି ପାରିବ ବୋଲି କେ କେମଂତେ ।" ଇତ୍ୟାଦି
ଓାଂଶ ଛାଂଦ

Digitized by srujanika@gmail.com

ପଦ୍ୟରେ ସଂଧ୍ୟା ବର୍ଣ୍ଣନା ପ୍ରଦର୍ଶିତ ହୋଇପାରେ । ଅବଶ୍ୟ ମଧ୍ୟଯୁଗରେ ଏପରି ପ୍ରାକୃତ ବର୍ଣ୍ଣନା ନିତାଂତ ନ ଥିଲା ବୋଲି ଆଂଭେମାନେ କହୁନାହୁଁ । ଲାବଣ୍ୟବତୀର ମାଳିନୀବେଶ ପରି ସ୍ୱାଭାବିକ ବର୍ଣ୍ଣନା ଆଧୁନିକ ସାହିତ୍ୟରେ ବିରଳ । କିଂତୁ ସେ ସବୁ ମଧ୍ୟେ ମଧ୍ୟେ କୁରୁଚିବ୍ୟଂଜକ କୃତ୍ରିମତା (artificiality)ରେ ମିଶ୍ରିତ ରହିଅଛି । ଉପେନ୍ଦ୍ରଭଂଜଂକର ମନୋରମ କୃତ୍ରିମ ବେଶରଚନାଜ୍ଞାପକ-"ଖୋସିଅଛି ଗୋଟି ଚଂପା, ଧଇର୍ଯ୍ୟ କଂପା ଯେ" ସଙ୍ଗେ ରାଧାନାଥଂକର କୃତ୍ରିମ ବେଶରଚନା—

"ଭ୍ରୂମଧ୍ୟେ କୁଂକୁମ ବିଂଦୁ ସୁମଧୁର<br>
ବେନି କର୍ଣ୍ଣେ ଶୋହେ ବେନି କର୍ଣ୍ଣପୂର,<br>
କାମିନୀ ଚିକୁରେ କୁସୁମ ମୁକୁଟେ<br>
କୋମଳ ପାଖୁଡ଼ା ବାତେ ପଡ଼େ ଉଠେ ।"

ତୁଳନା କଲେ ସତ୍ୟ ସହଜରେ ପ୍ରତିପନ୍ନ ହେବ । ଏ ସବୁ ଗ୍ରୁଟି ପବିତ୍ର ସ୍ୱାଭାବିକ ବର୍ଣ୍ଣନାର ପ୍ରବର୍ତ୍ତକ ରାଧାନାଥଂକ ଚିତ୍ର ଆହୁରି ରମଣୀୟ । ରାଧାନାଥଂକ ବର୍ଣ୍ଣନା ସର୍ବଦା ପ୍ରକୃତିସୁଲଭ କମନୀୟତାର ଭାଷାଗତ ବିକାଶ ମାତ୍ର । ଚିଲିକାରେ ପଦ୍ମାବତୀଂକ ରୂପ, ଚିଲିକାର ତୋଫାନ, ନଂଦିକେଶ୍ୱରୀରେ ସଂଧ୍ୟା ଓ ନଂଦିକେଶ୍ୱରୀର ରୂପ ପ୍ରଭୃତି ଅସଂଖ୍ୟ ସ୍ଥଳରେ ରାଧାନାଥ ବର୍ଣ୍ଣନାରେ ଯେ କୃତିତ୍ୱ ପ୍ରକାଶ କରିଅଛଂତି, ତାହା ଉତ୍କଳ ଭାଷାର ଗୋଟିଏ ସାରତମ ଉପାଦାନ । ସେ ଉତ୍କଳରେ ବର୍ଣ୍ଣନାତ୍ମକ କାବ୍ୟର ସ୍ରଷ୍ଟା । ଚିଲିକା ପରି ବିଶୁଦ୍ଧ କାବ୍ୟ ଯେ କୌଣସି ଦେଶର ସାହିତ୍ୟ ପକ୍ଷରେ ଉପାଦେୟ । କେବଳ ଚିଲିକାରେ ରାଧାନାଥଂକ ବର୍ଣ୍ଣନା ସୀମାବଦ୍ଧ ନୁହେ । ସୁବିଧା ପାଇଥିଲେ ମହେଂଦ୍ର ପର୍ବତ ମଧ୍ୟ ଆଉ ଗୋଟିଏ 'ଚିଲିକା' ହୋଇ ଥାଆଂତା ଏବଂ ତାହା ବ୍ୟତୀତ ସର୍ବତ୍ର—ପ୍ରତ୍ୟେକ ଗ୍ରଂଥରେ ତାହାଂକ ଲେଖନୀ ଅମୃତ ବର୍ଷଣ କରିଅଛି । ବେଣୀସଂହାର ତାଂକର ଗୋଟିଏ ବିଷୟ ବର୍ଣ୍ଣନାତ୍ମକ କବିତା (Narrative Poem), କିଂତୁ ତାକୁ ପ୍ରକୃତି

Digitized by srujanika@gmail.com

ବର୍ଣ୍ଣନାତ୍ମକ (Descriptive) ଆଖ୍ୟାରେ ଅଭିହିତ କରିବା ବିଧେୟ । * ସେଥିରେ ବିଷୟବର୍ଣ୍ଣନାର ସ୍ଥାନ ଆଦୌ ପ୍ରଧାନ ନୁହେ । କେବଳ ଯୁଦ୍ଧସଜ୍ଜା, ଯୁଦ୍ଧ ବର୍ଣ୍ଣନା ପ୍ରଭୃତି ବେଣୀସଂହାରର ବୈଚିତ୍ର୍ୟ । ଏମଂତ କି, ଉପମା ପର୍ଯ୍ୟଂତ ମଧ୍ୟ ବର୍ଣ୍ଣନାରେ ରସାଣିତ ରହିଅଛି । ଦୃଷ୍ଟାଂତ ସ୍ୱରୂପ, ଭୀମ ଦୁଃଶାସନର ପଶ୍ଚାଦ୍ଧାବନ କଲାବେଳେ ଯେଉଁ କପୋତ ସଗୃଣର ଉପମା ଦିଆଯାଇଅଛି, ତାହା ଅଦ୍ଭୁତ ଓ ଅତୁଳନୀୟ । ଭାରତର ପ୍ରାଚୀନ ସାହିତ୍ୟରେ ସୁଦ୍ଧା ଏପରି ଉପମା ଦେଖାଯାଏ ନାହିଁ । ସେହିପରି ଭୀମର ଧୂମକେତୁପରି ଗଦା-ତାଡ଼ନା, ସିଂହପରି ରକ୍ତପାନ ପ୍ରଭୃତି ବହୁତ ଦୃଷ୍ଟାଂତ ଦିଆଯାଇପାରେ । ସେ ସବୁ ଚିତ୍ରରେ କେବଳ ପ୍ରକୃତି ବର୍ଣ୍ଣନାହିଁ ବିଶେଷତ୍ୱ । କେବଳ ଏତିକି ନୁହେ, ତାଂକର ଅନ୍ୟାନ୍ୟ ବିଷୟ ବର୍ଣ୍ଣନାତ୍ମକ କବିତା ମଧ୍ୟ ଏହି ପ୍ରକୃତି ଚିତ୍ରରେ ଅଳଂକୃତ ରହି ଦେଦୀପ୍ୟମାନ ହେଉଅଛି । ଉଦାହରଣ ସ୍ୱରୂପ, 'ପାର୍ବତୀ'ର ପ୍ରାରଂଭରେ ଥିବା ପର୍ବତ ଓ 'ଉଷା'ରେ ଉଷାର ମୃଗୟା ବର୍ଣ୍ଣନା କିପରି ପବିତ୍ର ଓ ଶିଳ୍ପପୂର୍ଣ୍ଣ ତାହା ପାଠକମାତ୍ରେ ଜାଣଂତି । ତାଂକ ଲେଖାରେ ସର୍ବତ୍ର ଏହିପରି ଦୃଷ୍ଟାଂତ ବିଦ୍ୟମାନ । ବିଷୟ ବର୍ଣ୍ଣନା ବା ମନୋବିଜ୍ଞାନ ଚିତ୍ରରେ ତାଂକର ବିଶେଷତ୍ୱ ଆବଦ୍ଧ ନୁହେ । ଆଂଭେମାନେ ଯାହା ନିତି ଦେଖୁଅଛୁଁ, ନିତି ଶୁଣୁଅଛୁଁ, ତାହାକୁ ଅମର ଛଟାରେ ରଂଜିତ କରିବାହିଁ ତାଂକର ପ୍ରତିଭାର ଅଭିବ୍ୟକ୍ତି । ଅବଶ୍ୟ ସେ କେବେ ନିଜର ପାଣ୍ଡିତ୍ୟ ଦେଖାଇବା ପାଇଁ ବର୍ଣ୍ଣନାର ଅତିରଂଜନରେ ବ୍ୟାପୃତ ହୋଇଅଛଂତି, ଏପରି ବୁଝିବା ଅନୁଚିତ । ଅତ୍ୟୁକ୍ତି ବା ଅତିରଂଜନ ତାଂକ କବିତାରେ ଆଦୌ ନାହିଁ ।

---

* ତାଂକର ସମସ୍ତ ବିଷୟୀଚିତ୍ର ମଧ୍ୟରେ ମଧ୍ୟ ବର୍ଣ୍ଣନାତ୍ମକତାର ନିର୍ଯାସ ବିଦ୍ୟମାନ । ତାଂକର ବିଷୟଚିତ୍ର ଗୋଟିଏ ଗଳ୍ପର ଐତିହାସିକ କ୍ରମବିକାଶ । ଅବଶ୍ୟ ଭାରତୀୟ କାବ୍ୟ ଶ୍ରେଣୀର ସେ ଗୋଟିଏ ସାଧାରଣ ପ୍ରକୃତି । କିଂତୁ ରାଧାନାଥ ପାଶ୍ଚାତ୍ୟ ସାହିତ୍ୟ ସଂଗେ ସୁପରିଚିତ ହୋଇ ଗଳ୍ପ ମଧ୍ୟରୁ ବିଚିତ୍ର ଭାବରେ କାବ୍ୟାରଂଭବିଧି କିଂବା ଅଦ୍ଭୁତ ଉପକ୍ରମଣିକା ପ୍ରଭୃତିର ଆମଦାନୀ କରିପାରି ନାହାଂତି । ତାହାର କାରଣ, ସେ କେବଳ ବର୍ଣ୍ଣନାତ୍ମକ ଥିଲେ ।

Digitized by srujanika@gmail.com

ପ୍ରକୃତିର ଯାହା ସେ ସ୍ୱଚକ୍ଷୁରେ ଦେଖିଅଛନ୍ତି ଏବଂ ମନୁଷ୍ୟ ଯାହା ନିତି ଦେଖି ଦେଖି ଅଭ୍ୟସ୍ତ ହୋଇଅଛି, ତାକୁ ସେ ସଜୀବ ନୂତନତା ଓ ଆହ୍ଲାଦନୀ ହୃଦୟଗ୍ରାହୀ ପବିତ୍ରତାରେ ଉଜ୍ଜୀବିତ ରଖି ବର୍ଣ୍ଣନାତ୍ମକ କବିତାରେ ପରମ କୃତିତ୍ୱ ପ୍ରଦର୍ଶନ କରିଅଛନ୍ତି । ଚିଲିକା, ଅତୁଳ୍ୟ ପାଇଁ ବିଚିତ୍ର ନୁହେଁ । ନନ୍ଦିକେଶ୍ୱରୀରେ ଦୁର୍ଗ, ନଦୀ, ବଂଧ, ସହକାର, ଚନ୍ଦ୍ରୋଦୟ, ରଜନୀ, ଦୀପଶିଖା ପ୍ରଭୃତିରେ କିଛି ଅତିରଂଜନ ନାହିଁ; ଏମନ୍ତ କି, ଚନ୍ଦ୍ରଭାଗାର "କଇଁଆଶିଳତାଶ୍ୟାମଳ ବାଲିସ୍ତୂପ"ରେ ମଧ୍ୟ ପ୍ରକୃତିଦେବୀ ନିରଳଙ୍କାର ଭାବରେ ବିରାଜିତା । କିନ୍ତୁ କି ଅଦ୍ଭୁତ ! ଜାଦୁକରର ଯଷ୍ଟିପରି ରାଧାନାଥଙ୍କର ସ୍ପର୍ଶମାତ୍ର ଏ ସମସ୍ତଙ୍କୁ ନବଜୀବନ ପ୍ରଦାନ କରି କିପରି ବିଚିତ୍ର ଓ ଉଦାର କରିଅଛି । ଉଷାର ମୃଗୟୂବେଶ, ପାବଂତୀରେ ସୈନ୍ୟମାନଙ୍କ ଅଗ୍ନିଯୋଗରେ ସମ୍ବାଦ ପ୍ରେରଣ ପ୍ରଭୃତି ଆନୁମାନିକ ବର୍ଣ୍ଣନା ହେଲେହେଁ ସେଥିରେ ଅତିରଂଜନ ନାହିଁ । ତାହାର ବିଷୟ-କଳ୍ପନା ଆନୁମାନିକ ହୋଇପାରେ; କିନ୍ତୁ ବର୍ଣ୍ଣନା ସମ୍ପୂର୍ଣ୍ଣ ନୈସର୍ଗିକ ଓ ନିରବଦ୍ୟ ।

ପ୍ରାଚୀନ କବିମାନେ ନାମ, ଧାମ ଓ ଜନ୍ମ ଲେଖି ଆତ୍ମପରିଚୟ ଦେଇଥାନ୍ତି; କିନ୍ତୁ ଚିଲିକାରେ କବି ଯେଉଁ ପବିତ୍ର, ମହତ୍ ଓ ଶିକ୍ଷଣୀୟ ଆତ୍ମପରିଚୟ ପ୍ରଦାନ କରିଅଛନ୍ତି, ତାହା ଯେ କୌଣସି ଭାଷାର ଅନୁକରଣୀୟ । ରାଧାନାଥଙ୍କ ଲେଖାରେ ଏହିଠାରେ ଲିରିକ୍ (lyric) ଉପାଦାନ ସ୍ପଷ୍ଟ ଦେଖାଯାଏ । ଏଠାରେ—

"ଗୁରୁ ଭାଗ୍ୟ ମୋର ପିହିତ ପାଷାଣେ
ମୋ ଜୀବନ ଗଢ଼ା ଆନ ଉପାଦାନେ ।"

ପ୍ରଭୃତି ପଙ୍‌କ୍ତିକୁ ଲକ୍ଷ୍ୟ କରିହୋଇଅଛି । ଲିରିକ୍ ପ୍ରାଚୀନ ସାହିତ୍ୟରେ ସ୍ଥାନେ ସ୍ଥାନେ ସୁସ୍ପଷ୍ଟ ପରିଲକ୍ଷିତ ହେଲେହେଁ ମଧ୍ୟଯୁଗରେ ବଡ଼ ହୀନତାପ୍ରାପ୍ତ ହୋଇଥିଲା । କବିସୂର୍ଯ୍ୟ ପ୍ରଭୃତିଙ୍କ ସଙ୍ଗୀତ, ଚଉପଦୀ ପ୍ରଭୃତିରେ ଏହା ସମସ୍ତ ବିଶେଷରେ ଦେଖାଯାଏ ସତ୍ୟ, କିନ୍ତୁ ଲିରିକ୍ ଭାବ, ଭାଷା ଓ ଭଂଗୀରେ ବିକୃତ ଓ ଦୁରବସ୍ଥ । ରାଧାନାଥ ପ୍ରଧାନତଃ ବର୍ଣ୍ଣନାତ୍ମକ (Descriptive) କବି । ଲିରିକ୍ ତାଙ୍କର ନ ଥିବା ସ୍ୱାଭାବିକ; ତଥାପି

Digitized by srujanika@gmail.com

ଏହିପରି ସ୍ଥଳବିଶେଷରେ ବର୍ଣ୍ଣନାଶ୍ରୟରେ ତାହା ଯେପରି କୃତକାର୍ଯ୍ୟତା ସହିତ ବିକାଶ ପାଇଅଛି, ତାହା ତାଂକପରି 'ପ୍ରକୃତିପୁରୋଧା'ଙ୍କ ପକ୍ଷରେ ଅତୀବ ଗୌରବାବହ ।

ଏ ସବୁ ତ ଗଲା ପ୍ରକୃତିବର୍ଣ୍ଣନା ଓ ଆତ୍ମବିବୃତି; କିଂତୁ ପୂର୍ବେ ଲକ୍ଷ୍ୟ କରାଯାଇଅଛି ଯେ, ବିଷୟଗତ ଚିତ୍ର ଓ ତାହାର ବର୍ଣ୍ଣନା (Narration)ର ପ୍ରାକୃତିକତା ବିଷୟରେ ରାଧାନାଥ ଟିକିଏ ପଶ୍ଚାତ୍ପଦ । ଭଂଜ ଓ ଅଭିମନ୍ୟୁ-ଯୁଗର ବିଷୟଗତ ଚିତ୍ର ପ୍ରାୟଶଃ ସ୍ୱାଭାବିକ ଥିଲା; କିଂତୁ ରାଧାନାଥ ଉଚ୍ଚ ଆଦର୍ଶର ଚିତ୍ର ଦେବାକୁ ଯାଇ ସ୍ଥାନେ ସ୍ଥାନେ ଇହଜଗତ ପରିତ୍ୟାଗ କରି ଦେବଦେବୀଙ୍କ ସାହାଯ୍ୟ ଗ୍ରହଣ କରିଅଛଂତି । ନଂଦିକେଶ୍ୱରୀରେ ଗଂଗା ତର୍ପଣ, ଉଷାରେ ନୁରୁପତ୍ନୀଂକ ସ୍ୱପ୍ନ ଓ କାର୍ତ୍ତିକେୟ, ପାର୍ବତୀରେ କୌଶଲ୍ୟାର ପ୍ରେତ, ମହାଯାତ୍ରାରେ ଅଗ୍ନି ପ୍ରଭୃତି ପାଠକଂକୁ ଆଉ ଇହ-ଜଗତରେ ଚିତ୍ରରେ ମୋହିତ କଲପରି ବୋଧହୁଏ ନାହିଁ । ସେତେ-ବେଳେ ପାଠକ ଇହଜଗତ୍ ପରିତ୍ୟାଗ ପୂର୍ବକ କି ଏକ ଅଦ୍ଭୁତ ପୌରାଣିକତା ଅନୁଭବ କରି କାବ୍ୟର ପ୍ରାକୃତିକତା (Realism) ବିସ୍ମୃତି ହୁଅଂତି । ଏଠାରେ କେବଳ ଆଦର୍ଶର ପ୍ରାକୃତିକତା ନଷ୍ଟ ହୁଏ ନାହିଁ, ସଙ୍ଗେ ସଙ୍ଗେ ବର୍ଣ୍ଣନା ମଧ୍ୟ ଅସ୍ୱାଭାବିକ ହୋଇପଡ଼େ । କିଂତୁ ପ୍ରାକୃତିକତା ବା ମାନବୀୟତା କାବ୍ୟର ପ୍ରଧାନ ଲକ୍ଷଣ । ଦେବତା, ମନୁଷ୍ୟ ତୁଳନାରେ ଉଚ୍ଚ; ରାକ୍ଷସ, ଜଘନ୍ୟ । ମନୁଷ୍ୟତା ବା ମାନବୀୟତା ଏ ଦୁଇଟିରୁ ଭିନ୍ନ । ଦେବତ୍ୱ ଓ ରାକ୍ଷସତ୍ୱର ଚିତ୍ର ମନୁଷ୍ୟକୁ ବିସ୍ମିତ ଓ ସ୍ତଂଭିତ କରିପାରେ; କିଂତୁ ମାନବ ହୃଦୟର କୋମଳ ବୃତ୍ତିରେ ତାର ଅଂଶ ନାହିଁ । ମନୁଷ୍ୟର କୋମଳ ବୃତ୍ତି ମନୁଷ୍ୟପ୍ରତି ସ୍ୱତଃ ଧାବିତ ହୁଏ । ମନୁଷ୍ୟ ପ୍ରକୃତ ମାନବ-ମାନବୀ ଓ ସଂସାରସ୍ଥ କିଂତୁ ଓ ଦୈନଂଦିନ ବିଷୟବିଶେଷମାନଂକର ସ୍ୱଭାବମୂଳକ ବର୍ଣ୍ଣନାରେ ଯେପରି ଜଡ଼ିତ, ପୁଲକିତ, ଅନୁକଂପିତ ଓ ଅନୁପ୍ରାଣିତ ହୁଏ, କୌଣସି ମନୁଷ୍ୟର ଅଲଭ୍ୟ ସ୍ୱର୍ଗୀୟ ଆଦର୍ଶ ବା ଅମାନୁଷ ଚରିତ୍ର ଚିତ୍ରଣରେ ସେପରି ହୁଏନାହିଁ । କାବ୍ୟ, ନାଟକ ଓ ଉପନ୍ୟାସର ବିଷୟବର୍ଣ୍ଣନା ମନୁଷ୍ୟ ଚରିତ୍ରରେ ସବଳିତ ହେବା ଉଚିତ । ତାହା ନ ହେଲେ ସେ ସବୁ ମୁହୂର୍ତ୍ତକ ନିମଂତେ ପାଠକଂକୁ ଉତ୍ତେଜିତ, ଭ୍ରାଂତ,

Digitized by srujanika@gmail.com

ଚକିତ ଓ ଆତ୍ମବିସ୍ମୃତ ପର୍ଯ୍ୟନ୍ତ କରିପାରନ୍ତି; କିନ୍ତୁ କୌଣସି ସ୍ଥାୟୀଭାବ ବା ଆଦର୍ଶ ବିଶେଷରେ ପ୍ରଣୋଦିତ କରିପାରନ୍ତି ନାହିଁ; ଅର୍ଥାତ୍, ମନୁଷ୍ୟ ନିଜ ମଧ୍ୟରେ ତାର (ସେହି ଆଦର୍ଶର ବା ବର୍ଣ୍ଣନାର) ସତ୍ତାର ପ୍ରତିକୃତି ନ ଦେଖି ବାଜିକରର ଦୃଷ୍ଟି-ବିଭ୍ରମ ଦେଖି ମୋହିତ ହେଲପରି କ୍ଷଣକପାଇଁ ଚକିତ ହେବ ଓ କ୍ଷଣକ ପାଇଁ କୌଣସି ବହିର୍ଜଗତରେ ଭ୍ରମଣକରି ପୁନରପି ନିଜମଧ୍ୟକୁ ଫେରି ନିଶ୍ଚିନ୍ତ ହେବ ଏବଂ ସ୍ଥାୟୀ ଭାବରେ ତାର କୌଣସି ଫଳ ହେବନାହିଁ; ତେଣୁ ଯାହା ଇତିହାସସାରସ୍ଥ ଘଟନାଚୟର ଓ ମନୁଷ୍ୟର ପ୍ରାକୃତିକ ଘଟନାବଳୀର ଆଭାସ ଦିଏ, ତାହାହିଁ ବିଶିଷ୍ଟ ଭାବରେ ମନୁଷ୍ୟର ସହାନୁଭୂତି ଆକର୍ଷଣ କରେ । ମନୁଷ୍ୟ ଯଦି କୌଣସି କାରଣରୁ ଜାଣେ ଯେ, ସେ ଯାହା ଦେଖୁଅଛି ତାହା ପୃଥିବୀର ନୁହେ, ତେବେ ସେ ଅନୁକମ୍ପାରେ ନିର୍ଜ୍ଜରିତ ହେବ ନାହିଁ । ତେଣୁ ଯେ କାବ୍ୟ ଯେଉଁ ପରିମାଣରେ ସଂସାରସ୍ଥ ଲୋକଚରିତ୍ରରେ ପରିବଦ୍ଧ, ସେ କାବ୍ୟ ସେହି ପରିମାଣରେ ମନୁଷ୍ୟର ମନକୁ ହରଣ କରେ । ଅତଏବ ରାଧାନାଥଙ୍କ କାବ୍ୟର ଏହି ପୌରାଣିକ ଉପାଦାନ-ସବୁ ଲୋକ ଚରିତ୍ରସଂଗତ ହୋଇଥିଲେ ଅଧିକତର ହୃଦୟଗ୍ରାହୀ ହୋଇ-ଥାଆନ୍ତା । କିନ୍ତୁ ବୋଧହୁଏ, ହଠାତ୍ ସେ ତାହା ପାରି ନାହାନ୍ତି । ଆଦର୍ଶର ପବିତ୍ରତା, ଧର୍ମର ଓ ଈଶ୍ୱରର ଜୟ ପ୍ରଭୃତି ପ୍ରତିପାଦନ କରିବାକୁ ଯାଇ ସେ ସ୍ଥାନେ ସ୍ଥାନେ ବିଚଳିତ ହୋଇ ଅଲୌକିକତାର ଆଶ୍ରୟ ଗ୍ରହଣ କରିଅଛନ୍ତି । କିନ୍ତୁ ପୌରାଣିକତାର ଆଶ୍ରୟ ସ୍ଥାନେ ସ୍ଥାନେ ଗ୍ରହଣ କଲେହେଁ ସେ ସ୍ୱାଧୀନତାର ଯେ ପରିଚୟ ପ୍ରଦାନ କରିଅଛନ୍ତି, ତାହାହିଁ ଯଥେଷ୍ଟ । ସେ ବାଧ୍ୟହୋଇ ପୌରାଣିକତା ଆଶ୍ରୟ କଲେହେଁ ପ୍ରାକୃତିକତାଆଡ଼କୁ ତାଙ୍କର ଗୋଟିଏ ମମତା କେବଳ ବର୍ଣ୍ଣନାରେ ନୁହେ, ସେହି ଚରିତ୍ର-ଚିତ୍ରଣରେ ମଧ୍ୟ ସୁସ୍ପଷ୍ଟ ଦେଖାଯାଉଅଛି । ରାଜାଙ୍କର ସ୍ୱପ୍ନଦର୍ଶନ ସତ୍ତ୍ୱେ, କେଦାରଗୌରୀରେ ନାୟକ ନାୟିକା ଓ ତାଙ୍କର କ୍ରିୟାକଳାପ ସମ୍ପୂର୍ଣ୍ଣ ସ୍ୱାଭାବିକ ଏବଂ 'ପାର୍ବତୀ' ପ୍ରଭୃତିରେ ପୌରାଣିକତା, ନୈସର୍ଗିକତାରେ ଲୁକ୍କାୟିତପ୍ରାୟ । ବିଷୟ ସବୁ ଏକ ଇତିହାସ ସମ୍ବନ୍ଧ ଏବଂ ପ୍ରାକୃତ ବର୍ଣ୍ଣନାରେ ପରିପ୍ଳୁତ ଥିବାରୁ ନିତାନ୍ତ ସମାଲୋଚକ ଦୃଷ୍ଟିରେ ନ ପଢ଼ିଲେ ପାଠକ ଅନେକ ସମୟରେ ପୌରାଣିକତା ଏକାବେଳକେ ବିସ୍ମୃତ ହୁଅନ୍ତି ।

Digitized by srujanika@gmail.com

ତେବେ ଭଂଜଯୁଗରେ ଏ ସବୁ ନ ଥିଲା, ଏପରି ନୁହେଁ; ଅନ୍ୟାନ୍ୟ ସ୍ଥଳ ଛାଡ଼ି କେବଳ କାବ୍ୟର ନାୟକନାୟିକାଂକ ପୂର୍ବଜନ୍ମବୃତ୍ତାଂତରେ ତାହାର ପ୍ରାଂଜଳ ଆଭାସ ମିଳୁଅଛି । କିଂତୁ ସେ ଅଂଶ କାବ୍ୟରୁ ବିଚ୍ଛିନ୍ନ ଏବଂ ସ୍ୱତଂତ୍ର । ରାଧାନାଥଂକ ଉଷା ଓ ଜୟଂତର ଜନ୍ମବୃତ୍ତାଂତ ଠିକ୍ ସେହି ରୀତ୍ୟାରେ ଶବଳିତ ସତ୍ୟ; କିଂତୁ ବିଶିଷ୍ଟ କଥା ଏହି ଯେ, ରାଧାନାଥଂକ ସ୍ୱପ୍ନବୃତ୍ତାଂତ କାବ୍ୟ ସଙ୍ଗେ ସଂଶ୍ଳିଷ୍ଟ ରହି ବିଷୟଚିତ୍ରକୁ ପୌରାଣିକତାରେ ଜଡ଼ିତ ରଖିଅଛି ।

ସାଟାୟାର୍ ବା ଲୋକଚରିତ୍ର ବିଦ୍ରୂପକାରୀ ଲେଖା ପଶ୍ଚିମ ଦେଶରୁ ଗୋଟିଏ ଆମଦାନି । କାଳିଦାସଂକ କୁମାରସଂଭବ ତୃତୀୟ ସର୍ଗରେ ଇଂଦ୍ରଂକ ବର୍ଣ୍ଣନାକୁ କୌଣସି କୌଣସି ସମାଲୋଚକ ଦେଶୀୟ ବିଳାସୀ ରାଜାଂକ ବିଷୟରେ ବିଦ୍ରୂପୋକ୍ତି ବୋଲି ନିର୍ଦ୍ଦେଶ କରଂତି ସତ୍ୟ; କିଂତୁ ତାହା ରକ୍ଷଣଶୀଳତାର ପରାକାଷ୍ଠାରୁ ସଂଭୂତ । ଇଉରୋପୀୟ ସାହିତ୍ୟର ସମସ୍ତ ବସ୍ତୁ ଆମର ଥିଲା; ଏହା ଦେଖାଇବାକୁ ହେବ । କିଂତୁ ସାଟାୟାର ନ ଥିଲା; ପ୍ରକୃତରେ କୁମାରସଂଭବରେ ଇଂଦ୍ର ବର୍ଣ୍ଣନା ପୌରାଣିକମାନଂକର ସ୍ୱର୍ଗଚିତ୍ର ସମୁତ୍ପନ୍ନ ଏବଂ ସାଟାୟାର ସଂପୂର୍ଣ୍ଣରୂପେ ଇଉରୋପରୁ ଆମଦାନି । ରାଧାନାଥଂକ ଦରବାର ଓଡ଼ିଶାରେ ସାଟାୟାରର ଏକପ୍ରକାର ସୂଚନା କରିଅଛି । ଦରବାରକୁ ସଂପୂର୍ଣ୍ଣରୂପେ ସାଟାୟାର୍ ବୋଲାଯିବ ନାହିଁ । ଏହା ଗୋଟିଏ ଉନ୍ମୁକ୍ତ ଗାଳି-ବର୍ଷଣ । ଏଥିପୂର୍ବେ 'ଉତ୍କଳଭ୍ରମଣ'ରେ ମଧ୍ୟ ସେହି ପନ୍ଥା ଅନୁସୃତ ହୋଇଥିଲା । କିଂତୁ ପ୍ରହରାଜ 'ଭାଗବତଟୁଂଗୀ'ରେ ପ୍ରକୃତ ସାଟାୟାରର ଆଦର୍ଶ ଦେଲେ । ତଥାପି ଦରବାର ଏକ ବିଚିତ୍ର ଓ ନୂତନ ବସ୍ତୁ । ଏହା 'ଉତ୍କଳଭ୍ରମଣ' ପରି ବ୍ୟକ୍ତିଗତ ବା 'ଭାଗବତଟୁଂଗୀ' ପରି ସମାଜର ବିଦ୍ରୂପ ନୁହେ । ଦୁହିଂକ ମଧ୍ୟରେ ଏହାର ସ୍ଥାନ; ଏବଂ ବେଳେବେଳେ ସମାଜ (ଜନସଂଘ) ପ୍ରତି ସ୍ଥଳବିଶେଷରେ ଲୋକବିଶେଷଂକ ପ୍ରତି ବିଦ୍ରୂପ, 'ଦରବାର'ର ଉଦ୍ଦେଶ୍ୟ ହେଲେହେଁ ଏହା ସ୍ଥାନେ ସ୍ଥାନେ ସମସ୍ତ ମରଜଗତର ନଶ୍ୱରତାକୁ ଲକ୍ଷ୍ୟ କରିଅଛି । ଏହା ବର୍ଣ୍ଣନାଗୁରୁତ୍ୱରେ ଅତ୍ୟଂତ ସ୍ୱାଭାବିକ, ଜନସାଧାରଣର ସୁବୋଧ ଏବଂ ଅତୀବ ବ୍ୟବହାରୋପଯୋଗୀ ଉପଦେଶ ବା ଉପଦେଶବ୍ୟଂଜକ ବିଦ୍ରୂପରେ ଅଳଂକୃତ ରହିଅଛି । ଏଥିରେ ତାଂକର

Digitized by srujanika@gmail.com

ସ୍ୱାଧୀନତା ମଧ୍ୟ ପ୍ରତିଭାତ । ପୂର୍ବେ ରଜା ମହାରାଜା ପ୍ରଭୃତିଙ୍କର ତୋଷାମଦ ନିମନ୍ତେ କବିଙ୍କର ଓ ପଣ୍ଡିତମାନଙ୍କର ଜୀବନସର୍ବସ୍ୱ ବ୍ୟୟିତ ହେଉଥିଲା ଏବଂ ରାଧାନାଥ ପ୍ରଥମରେ ସେ ପନ୍ଥାରୁ ବହିର୍ଗତ ହୋଇ ଅପ୍ରିୟ ସତ୍ୟ ଜଗତ ସମକ୍ଷରେ ପ୍ରକାଶ କଲେ ।

ଅବଶ୍ୟ ଅନ୍ୟ ଦିଗରେ ପ୍ରାଚୀନ ପଣ୍ଡିତଙ୍କ ନଗ୍ନ ତୋଷାମଦ ପର ନ ହେଲେ ମଧ୍ୟ ରାଧାନାଥ ସାହିତ୍ୟକୁ ଯେପରି ଗୋଟିଏ ହୀନ ତୋଷାମୋଦାତ୍ମକ ଉପାଦାନ ପ୍ରଦାନ କରିଅଛନ୍ତି, ତାହା ଦେଖିଲେ ବିସ୍ମିତ ହେବାକୁ ହୁଏ । ତାହାଙ୍କ ଅନୁକରଣରେ ଉତ୍କଳର ଆଧୁନିକ ଲେଖକ-ମାନେ କଳୁଷିତ ହେବାକୁ ଆରମ୍ଭ କରିଅଛନ୍ତି । ଏହା ବିଚିତ୍ର ନୁହେ । ରାଧାନାଥ ନିଜେ ଏ ବିଷୟରେ ଇଂରେଜ କବିଚୂଡ଼ାମଣି ସେକ୍‌ସ୍‌ପିଅର, ଡ୍ରାଇଡ଼େନ୍ ପ୍ରଭୃତିଙ୍କ ଶିଷ୍ୟ; କିନ୍ତୁ ସେମାନଙ୍କର ଖୋସାମଦ ଏଡ଼େ ପରିଷ୍କୃତ ଓ ବିଦ୍ରୂପବ୍ୟଞ୍ଜକ ନୁହେଁ । ପାଠକମାନେ 'ମହାଯାତ୍ରା'ରେ 'ଆଶାପ୍ରୀ ଉତ୍କଳ ଆଶା' ଇତ୍ୟାଦି ସଙ୍ଗେ '**Mid-Summer Night's Dream**'ରେ **Dian** ଫୁଲ ରକ୍ତିମ ହେବା ସମ୍ବନ୍ଧରେ ପକ୍ (**Puck**)ଙ୍କ ପ୍ରତି ଓବେରନ୍‌ଙ୍କ (**Oberon's**) ଉପଦେଶ କିମ୍ବା ଉତ୍ପ୍ରେକ୍ଷାଗର୍ଭିକ ନାରୀବ୍ରହ୍ମଚର୍ଯ୍ୟର ପ୍ରଶଂସା(୧) ତୁଳନା କରି ଦେଖି ପାରନ୍ତି । ଏ ସବୁଥିରେ ପ୍ରକାରାନ୍ତରେ ରାଣୀ ଏଲିଜାବେଥଙ୍କ ସ୍ତୁତିଗାନ ମାତ୍ର ହୋଇଅଛି । କିନ୍ତୁ ସେକ୍‌ସ୍‌ପିଅର କୌଶଳକ୍ରମେ ତାହାର ଏପରି ବ୍ୟବହାର କରିଅଛନ୍ତି ଯେ, ତାହା ସମ୍ପୂର୍ଣ୍ଣରୂପେ ନାଟକର ଅଙ୍ଗୀଭୂତ ରହିଅଛି । କିନ୍ତୁ ରାଧାନାଥ ତାହା କରିନାହାନ୍ତି । ପାଠକେ ଦେଖିବେ, ସେ ସବୁ ଭାବ ବିଲାତରୁ ଆସି ଉତ୍କଳ ଜଳବାୟୁରେ ପୁନର୍ଜନ୍ମ ଲାଭ କରିଅଛି ଏବଂ ଏହାହିଁ ରାଧାନାଥଙ୍କ ବିଶେଷତ୍ୱ । ସେକ୍‌ସପିଅରଙ୍କ ଗ୍ରନ୍ଥରେ ବିଲାତର ରାଣୀ ଉତ୍ପ୍ରେକ୍ଷା ମାତ୍ର । କିନ୍ତୁ ଓଡ଼ିଶାରେ ସ୍ପଷ୍ଟ ଭାଷାରେ କହିବୁଲିବା ଆବଶ୍ୟକ, କାରଣ, "ଦେଖି ଶିଖେ ଓଡ଼ିଶା" ।

---

(୧) **Mid-Summer Night's Dream, Act. I, Sc. I, ll. 74-75.**

Digitized by srujanika@gmail.com

ଏଠାରେ ପ୍ରସଙ୍ଗକ୍ରମେ ସେହି କ୍ଷୁଦ୍ର, ସୁଖଶ୍ରାବ୍ୟ ରାଜଭକ୍ତିସୂଚକ 'ଭିକ୍ଟୋରିଆ' କବିତାଟିର କଥା ମନରେ ସ୍ୱତଃ ଉଦିତ ହୁଏ । କିନ୍ତୁ ସେଥିରେ ଦୂଷଣୀୟତାର ମାତ୍ରା ନାହିଁ । ରାଧାନାଥ ଚିର ରାଜଭକ୍ତ ଭାରତ-ବାସୀଙ୍କ ଅନ୍ୟତମ ଥିଲେ ଏବଂ ସେହି ଭାବ 'ଭିକ୍ଟୋରିଆ'ର ପ୍ରଧାନ ଉପାଦାନ । ଦେଶ କାଳ ପାତ୍ର ବିବେଚନାରେ ଏହି ସୁଲଳିତ ପଦ୍ୟଟିରେ ଭକ୍ତି ଓ ଖୋସାମଦର ମଧ୍ୟସ୍ଥିତ କ୍ଷୀଣ ସୀମା [Thin line of demarcation] ସୁସ୍ପଷ୍ଟ ଦେଖାଯାଉଅଛି ।

ଜାତୀୟ ସାହିତ୍ୟରେ ସ୍ୱଦେଶ ପ୍ରେମ ପଶ୍ଚିମରୁ ଆଉ ଗୋଟିଏ ଆମଦାନୀ ଏବଂ ଉତ୍କଳ ସାହିତ୍ୟରେ ଏହା ନୂତନ କଥା । ପୂର୍ବେ ଯେ ସ୍ୱଦେଶପ୍ରେମ ଏକାବେଳକେ ନଥିଲା, ତାହା ନୁହେଁ । ଯେତେ ଦିନରୁ ମନୁଷ୍ୟ ରାଜନୀତି ଓ ସମାଜନୀତିର ଅଧୀନ ହୋଇ ବାସ କରୁଅଛି, ତେତେ ଦିନରୁ ସ୍ୱଦେଶ ସଙ୍ଗେ ଘନିଷ୍ଠଭାବରେ ସଶ୍ଳିଷ୍ଟ ରହିଅଛି ଏବଂ ତାକୁ ଆଦର କରି ଆସୁଅଛି । ସ୍ନେହ ବିନା ସହିତ ସଂଭବ ନୁହେଁ; ଏଣୁ ଦେଶବାସୀଙ୍କ ସ୍ୱଦେଶ-ବତ୍ସଳତା ବ୍ୟତିରେକେ ରାଜନୀତିର ଅଧୀନ ହେବା ଅସମ୍ଭବ ଓ ସମାଜର ସ୍ଥାୟିତ୍ୱ ଅସ୍ୱାଭାବିକ ହେବ । ତେବେ ଅବଶ୍ୟ ପ୍ରାଚୀନ ଭାରତବାସୀ ଦେଶ ଓ ରାଜାଙ୍କ ସଙ୍ଗେ ଘନିଷ୍ଠଭାବରେ ସମ୍ବଦ୍ଧ ଥିଲେ ଏବଂ ସ୍ଥାନେ ସ୍ଥାନେ ତାହା ଲିପିବଦ୍ଧ କରୁଥିଲେ; କିନ୍ତୁ ବର୍ତ୍ତମାନ ପରି ସ୍ୱଦେଶପ୍ରେମର ଦୀକ୍ଷା ତାଙ୍କର ନ ଥିଲା । କିନ୍ତୁ ସ୍ୱୀକାର କରିବାକୁ ହେବ (ରାଜସ୍ଥାନ ପ୍ରଭୃତିର ଜାତୀୟ ସାହିତ୍ୟ ଆମ୍ଭେମାନେ ଦେଖିନାହୁଁ), ଉତ୍କଳରେ ସ୍ୱଦେଶବାତ୍ସଲ୍ୟୋଦ୍ଦୀପକ କବିତା ଆଦୌ ନ ଥିଲା । ବର୍ତ୍ତମାନ ପରି ସ୍ୱଦେଶକୁ ଚହ୍ନିବାର ସୁଯୋଗ ନ ଥିଲା, ଏହା ଗୋଟିଏ କାରଣ ହୋଇପାରେ । କିନ୍ତୁ ସ୍ୱଦେଶ ସର୍ବଦା ସ୍ୱଦେଶ । ବିଳିତ ନିକଟଭୂତରେ କେବେ ପରାଧୀନ ନ ଥିଲେହେଁ ସେ ଦେଶର ସାହିତ୍ୟ କାହିଁକି ସ୍ୱଦେଶପ୍ରେମରେ ଏତେ ବ୍ୟଗ୍ରଭାବରେ ଉଚ୍ଛ୍ୱସିତ ? ସେ ଯାହାହେଉ, ରାଧାନାଥଙ୍କ କବିତାରେ ସ୍ୱଦେଶପ୍ରେମ ପରିସ୍ଫୁଟ ଓ ପ୍ରାଞ୍ଜଳ । ତାଙ୍କର ସମସ୍ତ କବିତା ଅନୁଧାବନ କଲେ ସ୍ୱଦେଶବତ୍ସଳତା ସମସ୍ତ ବିଷୟର ଓ ବର୍ଣ୍ଣନାର ପରମପୀଠ (Sub-stratum) ରୂପେ ପ୍ରତିଭାତ ହେବ । ତାଙ୍କର ସମସ୍ତ କାବ୍ୟ ଓ କବିତା ମଧ୍ୟରେ

Digitized by srujanika@gmail.com

ସ୍ୱଦେଶବତ୍ସଳତା ବର୍ଣ୍ଣନାର ଅଂତରାଳରେ ଲେଖାକୁ ଗୋଟିଏ ଶକ୍ତି ଓ ଆକାର ପ୍ରଦାନ କରିଅଛି । ସ୍ୱଦେଶବତ୍ସଳତା ସୂତ୍ରରେ ଯେପରି କି ତାଂକର ସମସ୍ତ କବିତା ଗ୍ରଥିତ ହୋଇଅଛି । କବିତାମାନଂକର ବିଭିନ୍ନତା ମଧ୍ୟରେ ସ୍ୱଦେଶ-ବତ୍ସଳତା ଏକତ୍ୱ ନୀତି ( Unifying Principle ) ସଂରକ୍ଷଣ କରିଅଛି । ସମସ୍ତ ବିଭିନ୍ନ କବିତା ମଧ୍ୟରେ ଯେପରି, ସ୍ୱୟଂ କବି ରାଧାନାଥ, ସେହିପରି ସ୍ୱଦେଶବତ୍ସଳତା ମଧ୍ୟ ବିଦ୍ୟମାନ ରହିଅଛି । ରାଧାନାଥଂକ ଲେଖନୀବଳରେ ଉତ୍କଳର ପ୍ରତ୍ୟେକ ନଦ, ନଦୀ, ହ୍ରଦ, ନିର୍ଝର, ଟଂକ, ପର୍ବତ, ଉପତ୍ୟକା, ଦହ, ପାଟ ପ୍ରଭୃତି କି ଏକ ଅଦ୍ଭୁତ ଜୀବନୀଶକ୍ତିରେ ପ୍ରତ୍ୟେକ ଉତ୍କଳୀୟଂକ ହୃଦୟ ସ୍ପର୍ଶ କରୁଅଛି ! ଚଂଦ୍ରଭାଗାର ବାଲୁକାମୟ ଉପକୂଳଠାରୁ କେଦାରଗୌରୀର କମନୀୟ ନିର୍ଝର ପର୍ଯ୍ୟଂତ, ମହାନଦୀର ପଟା ଓ "ବୀରଭଦ୍ର ପିଣ୍ଡେ ଗଡ଼ା" ବାରବାଟୀଠାରୁ "ଉତ୍କଳ-କମଳା-ବିଳାସ-ଦୀର୍ଘିକା" ଚିଲିକା ପର୍ଯ୍ୟଂତ, କ୍ଷୁଦ୍ର ରତ୍ନାକରଠାରୁ ସମୁନ୍ନତ ମେଘାସନ ପର୍ଯ୍ୟଂତ, ସମସ୍ତ ଯେପରି କି ରାଧାନାଥ ପ୍ରତିଭାରେ ସଦ୍ୟସ୍ନାତ ହୋଇ କି ଏକ ନବୀନ ଶକ୍ତିମୟ ଜୀବଂତ ଆଭାରେ ବିଭୂଷିତ ରହିଅଛଂତି ! ଦେଶର ପ୍ରାଚୀନତା, ଗୌରବ ଓ ବୀରତ୍ୱ ଆଦି ଭବିଷ୍ୟତର ଦ୍ୱାର ଉଦ୍‌ଘାଟନ କରୁଅଛି । କେବଳ ଯେ ବିଷୟଚିତ୍ର ଓ ବର୍ଣ୍ଣନାରେ ଦେଶପ୍ରେମର ଭାବ ପ୍ରଚ୍ଛନ୍ନ, ତାହା ନୁହେଁ ।

"ଦେବୀ ବୀଣାପାଣି, କେଉଁ ପାପଫଳେ
କରୁଣା ତୋହର ଊଣା ଏ ଉତ୍କଳେ ?
ସ୍ୱଭାବେ ଉତ୍କଳ ଶୋଭାର ନିଧାନ
ମାତ୍ର ଏ ଶୋଭାରେ ତୋର ଅଧିଷ୍ଠାନ
ବିନୁ, ସିନା ମାତଃ, ହୋଇଛି ବିବଶା,
ଭଜିଛି ଅରଣ୍ୟ-ପ୍ରସୂନର ଦଶା ।
କ୍ଷୁଦ୍ର-ସିପ୍ରା-ସ୍ରୋତ ବିଖ୍ୟାତ ଜଗତେ
ମହାନଦୀ ନାମ ରହିଲି ଗୁପତେ ।"

ପ୍ରକୃତିରେ ସେହି ଭାବ ଅତି ଉଦ୍ଦୀପକ ଓ ମର୍ମସ୍ପର୍ଶୀ ଭାବରେ ଉଦ୍ଭିନ୍ନ ଓ ଉଦ୍ଭାସିତ ହୋଇଅଛି । ଯଦିଓ ଯୌବନସୁଲଭ ଉଚ୍ଛୃଂଖଳ ଦେଶବତ୍ସଳତା

Digitized by srujanika@gmail.com

ଶିବାଜୀଂକ ଉତ୍ସାହ ବାକ୍ୟରେ ଅତିଶୟ ଓଜସ୍ୱିତା ସହିତ ବିକାଶିତ ହୋଇଥିଲା । କିଂତୁ ବୋଧହୁଏ, ବୟୋବୃଦ୍ଧି ସଙ୍ଗେ ସଙ୍ଗେ ତାହା ଉଦ୍ଦାମ ବେଗର ମନୋଚ୍ଛ୍ୱାସ ପରିତ୍ୟାଗ କରି ଭାବଗାଂଭୀର୍ଯ୍ୟର ପବିତ୍ରତାରେ ଅଳଂକୃତ ହେଲା । ବସ୍ତୁତଃ ମହାଯାତ୍ରାରେ ପରିସ୍ଫୁଟରୂପେ ତାହାହିଁ ଦେଖାଯାଏ । ପୃଥ୍ୱୀରାଜଂକର ଉତ୍ସାହବାକ୍ୟ ଶିବାଜୀଂକର ଉତ୍ସାହବାକ୍ୟଠାରୁ ପୃଥକ୍ ନୁହେ ସତ୍ୟ; କିଂତୁ ପ୍ରଥମଟି ଯୌବନର ଚପଳ ତେଜସ୍ୱିତା ପରିତ୍ୟାଗକରି ଧୀର-ଗଂଭୀର ଓ ମହତ୍ତ୍ୱରଭାବରେ ପାଠକଂକୁ ଅନୁପ୍ରାଣିତ କରୁଅଛି । ଶିବାଜୀରେ କବି ସ୍ୱଦେଶପ୍ରେମରେ ମୁଗ୍ଧ ହୋଇ ଆତ୍ମପରିଚୟ ଦେଇଅଛଂତି ବୋଲି ବୋଧହୁଏ; କିଂତୁ ମହାଯାତ୍ରାରେ ପୃଥ୍ୱୀରାଜ ଟିକିଏ ବିଶିଷ୍ଟ ଭାବରେ ନାଟକୀୟ ଗୁରୁତ୍ୱରେ ପରିବୃତ୍ତ ରହିଅଛଂତି—ଏହାହିଁ ବୋଲିବାର ତାତ୍ପର୍ଯ୍ୟ ।

ନାଟକୀୟ ଛଟାରେ ପରିବୃତ୍ତ ହେଉ ବା ଉନ୍ମୁକ୍ତ ଯୌବନସୁଲଭ ଓଜସ୍ୱିତାରେ ବିଭୂଷିତ ହେଉ, ଏ ଭାବରେ ସ୍ୱଦେଶପ୍ରେମର ଅଭିବ୍ୟକ୍ତି ଉତ୍କଳ ସାହିତ୍ୟରେ ଏକ ଅଭିନବ ଓ ଉପାଦେୟ ବସ୍ତୁ । ଏହା ସାହିତ୍ୟରେ ତଥା ଜାତୀୟ ଚରିତ୍ରରେ ଏକ ନୂତନ ଶକ୍ତି । ରାଧାନାଥ ଦେଶର ପ୍ରତ୍ୟେକ ଟଂକ, ଉପତ୍ୟକା, ଉଷର, ପ୍ରାଂତର ଓ ଧୂଳିକଣା ପର୍ଯ୍ୟଂତ ଯେ ପବିତ୍ର ମଣୁଥିଲେ ଏବଂ ନିଜକୁ ସେଥିରେ ପ୍ରତିବିଂବିତ ଦେଖି କୃତାର୍ଥ ହେଉଥିଲେ, ସେତିକ ନୁହେ; ସେହି ସେହି ଉଷର, ପ୍ରାଂତର ଓ ଧୂଳିକଣାସବୁକୁ ନିଜର ଶକ୍ତିମାନ୍ ପ୍ରଭାବରେ ସନ୍ଦୀପିତ ଓ ଜୀବିତ କରି କାଳେକାଳେ ଦେଶବାସିଂକୁ ଉତ୍ସାହିତ ଓ ଅନୁପ୍ରାଣିତ କରିବା ନିମଂତେ ବରଣ କରି ଯାଇଅଛଂତି । ଉତ୍କଳର ସ୍ୱଦେଶପ୍ରେମ କାଳେକାଳେ ସେହି ଉଷର ପ୍ରାଂତରରୁ ଶକ୍ତି ସଂଚୟ କରୁଥିବ; ଉତ୍କଳ ଯୁଗେଯୁଗେ ସେହି ଆଦିଶକ୍ତିରେ ଅନୁପ୍ରାଣିତ ହେଉଥିବ । ଆଶାନ୍ୱିତ ଉଦ୍‌ବିଗ୍ନ ଭାରତବାସୀ ଆଜି ଉତ୍କଳକୁ ଅଂଧତମସାବୃତ ଦେଖୁଅଛଂତି ସତ୍ୟ; କିଂତୁ ଯେତେବେଳେ ରାଧାନାଥ ଚର୍ଚ୍ଚିତ ଉଷର ପ୍ରାଂତର ପ୍ରଭୃତି କ୍ଷୀଣ ଇତିହାସ ରାଜ୍ୟରୁ ପବିତ୍ର ଗଂଭୀର ସ୍ୱଦେଶପ୍ରେମର ଆହ୍ୱାନବାଣୀ ପ୍ରେରଣ କରିବ, ସେତେବେଳେ ମୁହୂର୍ତ୍ତ ମଧ୍ୟରେ ସୂଚିଭେଦ୍ୟତମ ଛିନ୍ନଭିନ୍ନ ହେବ; ଉତ୍କଳରେ ଜାତୀୟଶକ୍ତି ଦେଦୀପ୍ୟମାନ ହେବ; ଏ ଜାତିର ସଂଶୟ

Digitized by srujanika@gmail.com

ଛିନ୍ନ ହେବ; ପାପ କ୍ଷୟ ହେବ । ହେ ଉତ୍କଳବାସିଗଣ, ଆଜି ରାଧାନାଥ ଧନ ଜାଣି ଇତିହାସ ରାଜ୍ୟ ଅଧିକାର କରିଅଛନ୍ତି, ଜନସଂସର୍ଗ ପରିତ୍ୟାଗ କରି ଦେବଧାମରେ ମହତ୍ତର ହୋଇଅଛନ୍ତି । ଏଣୁ ଦେଖ, ତୁମର ଭାଷାରେ କିପରି ତାଂକର ଚିତ୍ର ଦିନକୁଦିନ ଉଜ୍ଜ୍ୱଳତର ହେଉଅଛି; ତାଂକର ସ୍ୱଦେଶପ୍ରେମ କିପରି ଅବତାର ଗ୍ରହଣ କରି ତୁଂଭର ଅଂତଃସ୍ଥଳକୁ ଆଂଦୋଳିତ କରୁଅଛି । କାଳ ତୁଂଭଂକୁ ଖୋଜିବା ପୂର୍ବରୁ ବେଳ ଜାଣି ସାବଧାନ ହୁଅ । ପ୍ରଭାତ ହୋଇଅଛି, ସମସ୍ତ ଭାରତ ଚେଇଁ ଉଠିଅଛି; ତୁଂଭଂକୁ ଇତିହାସ ରାଜ୍ୟରୁ ରାଧାନାଥ ଡାକୁଅଛଂତି; ନିଦ୍ରା ପରିହାର କର; ନିଜର ଅବସ୍ଥା ହୃଦୟଂଗମ କରି କର୍ମଭୂମିରେ ସତ୍ୱର ପଦାର୍ପଣ କର; ପଶୁତ୍ୱ ଓ ଶୂଦ୍ର-ବୃତ୍ତି ପରିହାର କରି ଜଗତରେ ମନୁଷ୍ୟ ହୁଅ; କର୍ମଭୂମିରେ ବୀରତ୍ୱର ପରିଚୟ ପ୍ରଦାନ କର—ଦୈବାଦେଶରେ ଯେମଂତ କି ରାଧାନାଥ ଏହି ମହାଦୀକ୍ଷା ଦେବା ନିମଂତେ ଏ ଭୂମିରେ ଅବତୀର୍ଣ୍ଣ ହୋଇଥିଲେ, ଏହା ଜାଣି ଜନ୍ମଭୂମିର ସେହି ଉଷର ପ୍ରାଂତରରେ ପବିତ୍ର ଭାବରେ ନିହିତ ଥିବା ସେହି ମହାଶକ୍ତି ପ୍ରାଣରେ ଅନୁଭବ କର; ସେହି ଦୈବାଦେଶ ଗ୍ରହଣ କର; ଯଦି ଜୀବନ-ସଂଗ୍ରାମରେ ତିଷ୍ଠିବାର ବାସନା ଥାଏ, ତେବେ ଭାରତର ଜାତୀୟ କର୍ମକ୍ଷେତ୍ରରେ ଶୀଘ୍ର ନିଜର ସ୍ଥାନ ନିର୍ଦ୍ଦେଶ କର ।

## ଭାଷା ଓ ସାଧାରଣ ଲେଖା-ପଦ୍ଧତି

ଭାଷାର ସାଧାରଣ ଲେଖନ ପଦ୍ଧତିରେ ମଧ୍ୟ ସ୍ଥଳବିଶେଷରେ ବଂଗଳାର ଅନୁକରଣ ଲକ୍ଷିତ ହୁଏ । ତାହା ବ୍ୟତୀତ 'ହାସ୍ୟ', 'ହେର' ପ୍ରଭୃତି ଶବ୍ଦ ବଂଗଳାରୁ ସ୍ପଷ୍ଟତଃ ଗୃହୀତ ହୋଇଅଛି । ※

※ 'ହେର' ଶବ୍ଦ ବଂଗଭାଷାରୁ ଗୃହୀତ ବୋଲି ଚଂଦ୍ରମୋହନ ବାବୁ 'ପାର୍ବତୀ'ର ସମାଲୋଚନାରେ ଲେଖିବା ପରେ ରାଧାନାଥ, ସାମଂତସିଂହାରଂକ ଲେଖାରେ ତାହାର ପ୍ରୟୋଗ ବାହାର କରି ଦେଖାଇଥିଲେ । କିଂତୁ ଚଂଦ୍ରମୋହନ ବାବୁ ଅନ୍ୟାନ୍ୟ ଶବ୍ଦ ପ୍ରଭୃତି ଦେଖାଇ ସାମଂତସିଂହାରଂକ ଭାଷା ବଂଗଭାଷାରେ ପ୍ରଭାବିତ ହୋଇଥିବାର ପ୍ରମାଣ କରିଅଛଂତି । ସାମଂତ-ସିଂହାର ଗୌଡ଼ୀୟ ବୈଷ୍ଣବ; ରାଧାନାଥ ତା ନୁହଂତି ।

Digitized by srujanika@gmail.com

ଅବଶ୍ୟ ମଧ୍ୟଯୁଗର କବିଙ୍କ ଭାଷା ଆମ୍ଭେମାନେ ଆଦର୍ଶ ବୋଲି ଧରି ନାହୁଁ; କିନ୍ତୁ ପ୍ରାଚୀନ ଯୁଗର ଭାଗବତରେ, କାହ୍ନିକ, କ୍ଷୁଦ୍ର ଲିରିକ୍ (Lyric) କୋଇଲିରେ ମଧ୍ୟ ଭାଷାର ଯେ ମର୍ମସ୍ପର୍ଶୀ ଶକ୍ତି ନିହିତ ଅଛି, ତାହା ରାଧାନାଥଙ୍କ ଲେଖାରେ ପ୍ରାୟ ଦେଖାଯାଏ ନାହିଁ । ନନ୍ଦିକେଶ୍ୱରୀରେ—

"ପ୍ରେମେ ଶ୍ରୀପଦ୍ମରେ ହେଲି ମୁହିଁ ବିକା,
ନନ୍ଦିକା ଉତ୍କଳ-ନରେନ୍ଦ୍ରନନ୍ଦିନୀ
ତୁମ୍ଭ ପଦେ ଆଜ ପ୍ରେମଭିଖାରିଣୀ ।
ବୀରପକ୍ଷପାତୀ ସଦା ନାରୀକୁଳ,
ନାରୀପ୍ରେମ ସଦା ବୀରେ ଅନୁକୂଳ ।
ଏହି ଜୈତ୍ରମଣି ଅର୍ପୁଛି ଶ୍ରୀକରେ,
ବିରାଜୁଥିଲି ଯା ରାଜମସ୍ତକରେ ।
ମଣି ନୁହଇ ଏ ପିତାଙ୍କ ଜୀବନ
ତୁମ୍ଭେ ଯେଣୁ ବିଶ୍ୱ-ବିଶ୍ୱାସଭାଜନ ।"

ପ୍ରଭୃତି ଉକ୍ତି ଯେପରି ହୃଦୟସ୍ପର୍ଶୀ ହେବା ଉଚିତ, ତାହା ହୋଇନାହିଁ । ସାମାନ୍ୟ "କଳା କଳେବର କହ୍ନାଇ" ଶୁଣିଲେ ମନ ଆପ୍ୟାୟିତ ଓ ଆପ୍ଲୁତ ହୁଏ । ରାଧାନାଥଙ୍କର "ଦେବୀ ବୀଣାପାଣି" ପ୍ରଭୃତି ପଢ଼ିଲେ ସେପରି ହୁଏ କି ନା, ସନ୍ଦେହ । ତେବେ ଏହା ଯେ କେବଳ ବଙ୍ଗଳାର ଲେଖାପଦ୍ଧତି ଅନୁକରଣ କରିବାରୁ ହୋଇଅଛି, ତାହା ନୁହେ । କିମ୍ବା ରାଧାନାଥ ନୈୟାୟିକ ପରି ଯୁକ୍ତି କରି ପ୍ରେମଭିକ୍ଷାର ପ୍ରାକୃତିକତାରୁ ବିଚ୍ଛିନ୍ନ ହୋଇଥିବା ଏବଂ "ବିରାଜୁଥିଲି ଯା ରାଜମସ୍ତକରେ" ପ୍ରଭୃତି ବିଶେଷଣବୋଧକ ବାକ୍ୟାଂଶ (Adjectival clause) ଇଂରାଜୀରୁ ଆମଦାନୀ କରିଥିବା କେବଳ ତାହାର କାରଣ ନୁହେ । ପରନ୍ତୁ ପ୍ରାଚୀନ ସାହିତ୍ୟରେ ମଧ୍ୟେ ମଧ୍ୟେ ଯେ ଏପରି ଦେଖା ନ ଯାଏ, ତାହା ନୁହେ । ଆଉ ଗୋଟିଏ ବିଶିଷ୍ଟ ନୂତନ ଉପାଦାନ ରାଧାନାଥଙ୍କ ଭାଷାକୁ କ୍ଷତିଗ୍ରସ୍ତ କରିଅଛି । ଓଡ଼ିଶାର ଭାଷା, କି ହେତୁରୁ ସମ୍ପୂର୍ଣ୍ଣ ବୋଲିଯାଇ ନ ପାରେ, ବର୍ତ୍ତମାନ ସରଳ ସ୍ୱଭାବସୁନ୍ଦର ପ୍ରାକୃତିକତା ଛାଡ଼ି ମାର୍ଜିତ ସଂସ୍କୃତ ହେବାକୁ ବସିଅଛି । ପଦ୍ୟ ଗଦ୍ୟ ସମସ୍ତ ବିଶୁଦ୍ଧ ସଂସ୍କୃତର ଅନୁକରଣରେ ନୂଆ ଗଢ଼ା ହେଲାପରି ବୋଧ ହେଉଅଛି ।

Digitized by srujanika@gmail.com

ଅନେକ ସ୍ଥଳରେ ସଂସ୍କୃତରେ ଓଡ଼ିଆ ବିଭକ୍ତି ଓ କୃ ବା ଭୂ ଧାତୁର କ୍ରିୟା ପ୍ରୟୋଗ କରି ଓଡ଼ିଆ ପ୍ରସ୍ତୁତ କରାହେଉଅଛି । ସମ୍ଭବତଃ ଭାଷାର ମୌଳିକ ଶବ୍ଦର ହ୍ରାସ ବା ହ୍ରସ୍ୱତା ଏହାର କାରଣ । ନିଜର ଶବ୍ଦ ନ ଥିଲେ, ବଡ଼ ଲୋକଙ୍କର ଆଶ୍ରୟ ନେଲାପରି ଓଡ଼ିଆ ଲେଖକମାନେ ମାର୍ଜିତ ସଂସ୍କୃତର ଶବ୍ଦରେ ଭାଷାକୁ ଶବ୍ଦମଣ୍ଡିତ କରିବାକୁ ପ୍ରୟାସ କରୁଅଛନ୍ତି । ପ୍ରାଚୀନ ସାହିତ୍ୟ ଦେଖାଉଅଛି, ଆମ ଭାଷାରେ ମୌଳିକ ଶବ୍ଦର ଅଭାବ ନାହିଁ । ତେବେ ଆଜିକାଲି ଆମର ସେ ଦିଗରେ ଗବେଷଣା ନ ଥିବାରୁ ତାହାର ହ୍ରାସ ହେଉଅଛି; ଏହା କେହି ଜ୍ଞାତସାରରେ କରୁନାହିଁ । ଲୋକେ ଅଜ୍ଞାତ ଭାବରେ ଅନ୍ୟ ଭାଷା ଅନୁକରଣ କରୁଅଛନ୍ତି । ରାଧାନାଥ ବଙ୍ଗ ଭାଷାରେ ପଣ୍ଡିତ ଥିଲେ ଓ ପ୍ରଥମେ ବଙ୍ଗଳାରେ ଲେଖିବାର ଆରମ୍ଭ କରି ପରେ ଓଡ଼ିଆ ଲେଖିବାର ମନସ୍ଥ କଲେ; ଓଡ଼ିଆ ଭାଷାର ମୌଳିକ ଶବ୍ଦ ଅନୁସନ୍ଧାନ କରି ଦେଖିବାର ସୁବିଧା ସେ ପାଇ ନ ଥିଲେ । ତଥାପି ଶିଳ୍ପୀଙ୍କ ମେଧା ଭିନ୍ନ ପ୍ରକାର; ଏତେ ଅସୁବିଧା ସତ୍ତ୍ୱେ ରାଧାନାଥ ସ୍ୱୀୟ ପ୍ରତିଭା ବଳରେ ସ୍ଥାନେ ସ୍ଥାନେ ଯେଉଁ କୃତିତ୍ୱ ଦେଖାଇଅଛନ୍ତି, ତାହା ଅନିର୍ବଚନୀୟ । ସ୍ଥାନେ ସ୍ଥାନେ ଭାଷାରେ ମୌଳିକ ଶବ୍ଦ ଭାବ ବଳରେ ସ୍ୱତଃ ବିକଶିତ ହୋଇଅଛି । ଉଦାହରଣ ସ୍ୱରୂପ—

"କୋମଳ କାମିନୀ କୁନ୍ତଳ କରଷି
ନିଜ ଅନ୍ତଃପୁରେ ନେବ ଯବନ,
ଏ ଘୋର ଲାଞ୍ଛନା ଦେଖିବ କି ବସି
ସମ ଅଶ୍ରୁସିକ୍ତ କରି ନୟନ ?"

* * *

"ତାତ, ଜୀବଲୀଳା ସରୁଛି ମୋହର
ଅନ୍ତିମେ ବନ୍ଦିଲି ତୁମ ଶ୍ରୀପୟର ।
ଶିରେ ଘେନି ଯାଉଅଛି ପାପଭାର,
ତହିଁ, ଯହିଁ ଚିରମୁକ୍ତ କୃପାଦ୍ୱାର,
କୁଳପାଂଶୁଳାକୁ ବନ୍ଧୁବଦନ ବନ୍ଧ
ପାପଭାରୁଁ ଏବେ ମୁକ୍ତ ହେବ ମନ୍ଧ ।"

Digitized by srujanika@gmail.com

"ସତେ ଜୀବଣ୍ଟିଳା ସରିଛୁ ଭୋର ମା ?" ପ୍ରଭୃତି କୌଶଲ୍ୟାର ଦୁଃଖ କାହାଣୀ ଓ ପ୍ରାୟ ସମସ୍ତ ଚିଲିକା ସମସ୍ତ ସମୟରେ ବ୍ୟାକରଣ-ନିବଦ୍ଧ ବା ଅନପଭ୍ରଷ୍ଟ ଶବ୍ଦବାହୁଲ୍ୟରେ ଦୂଷିତ ହେଲେହେଁ ସଂପୂର୍ଣ୍ଣ ସ୍ୱାଭାବିକ ଓ ପ୍ରାଣସ୍ପର୍ଶୀ ।

ଅନପଭ୍ରଷ୍ଟ ଶବ୍ଦବାହୁଲ୍ୟରେ ସ୍ଥାନେ ସ୍ଥାନେ ଅଯଥା ଭାରାକ୍ରାନ୍ତ ହେଲେହେଁ ରାଧାନାଥଂକ ଲେଖାପଦ୍ଧତିରେ ଗୋଟିଏ ବଡ଼ ଉଚ୍ଚ ଆଦର୍ଶ ସର୍ବଦା ପରିଲକ୍ଷିତ ହୁଏ । ତାହା ତାଂକ ଲେଖାରେ କ୍ରମଶଃ ବିକାଶ ପାଇ ଦରବାରରେ ପରିସ୍ଫୁଟ ହୋଇଅଛି । ଓଡ଼ିଆ ସାଧାରଣଂକ ଭାଷାକୁ ନିଜର ସଂସ୍କୃତମୂଳକ ଭାଷାରେ ଅଂଗାଂଗୀ ଭାବରେ ସିନ୍ନିହିତ ରଖିବା ଏହି ଆଦର୍ଶର ପ୍ରଧାନ ଉପକରଣ । ଅର୍ଥାତ୍, ସାହିତ୍ୟିକ ସଂସ୍କୃତ ପଦ, ଜନସାଧାରଣଂକ କଥାରୁ ସଂଗୃହୀତ ଶବ୍ଦ ଓ ତାହାର ବିନ୍ୟାସ, ଏକାଧାରରେ ସମାବିଷ୍ଟ ରଖି ଭାଷାର ଶକ୍ତି ଓ ସ୍ୱାଭାବିକତା ମାର୍ଜିତ ଭାବରେ ପରିପୁଷ୍ଟ କରିବା ଏହି ଆଦର୍ଶର ଉଦ୍ଦେଶ୍ୟ । ତାଂକ ଲେଖାରେ ତାହା ଏପରି କୌଶଳ ସହିତ ସମ୍ପାଦିତ ହୋଇଅଛି ଯେ, ପାଠକ ପ୍ରାୟଶଃ ତାହାର ସୌଂଦର୍ଯ୍ୟରେ ଏକାବେଳକେ ମୋହିତ ହୁଅଂତି ଏବଂ ସମାଲୋଚକ ଦୃଷ୍ଟି ବ୍ୟତିରେକେ ଆଉ କାହାର ପକ୍ଷରେ ତାହା ଜାଣିବା ସହଜ ନୁହେ । ବଂଗଳା ଏହି ପନ୍ଥାର ଅନୁକରଣରେ ମାଇକେଲ୍, ବିଦ୍ୟାସାଗର ପ୍ରଭୃତିଂକଠାରୁ ବିଚ୍ଛିନ୍ନ ହୋଇ ଆଜି ଜୀବିତ ହୋଇଅଛି, ଏବଂ ଉତ୍କଳରେ ରାଧାନାଥ କିପ୍ରକୃତ ପରିମାଣରେ ନିଜେ ମାଇକେଲ୍ ଓ ହେମଚଂଦ୍ରଂକର ଏକାଧାର ସ୍ୱରୂପ ହୋଇ ଯାଇଅଛଂତି । ତଳଲିଖିତ କେତେକ ପଙ୍କ୍ତି ଦେଖିଲେ କଥାଟି ଭଲ ବୁଝାଯିବ ।

"କୁହକେ ଉପାଡ଼ଂତି ବାଲୁଂଗା କ୍ଷେତ୍ରୁଁ
ସାଧୁ ଯେସନ ଆତ୍ମବିକ୍ରମା ଚେତୁ"—(ତୁଳସୀସ୍ତବକ)
"ତଟବନେ ଯାର ରାଜେ ଅଂଧାରୁଆ
ଜଳଦେବୀଂକର କେଳିଯୋଗ୍ୟ ଗୁହା"—(ଚିଲିକା)
"ମର୍ତ୍ତ୍ୟେ କି ସମ୍ଭବେ କେବେ ସେ ଅଦ୍ଭୁତ ଲାବଣ୍ୟ ଠାଣି"—(ଉଷା)
"ତହୁଁ ବଳି ଇଂଦୁ ସଙ୍ଗେ ସୁଂଦରୀର ତୁଳା ଅଳ୍ପ"—(ଉଷା)

Digitized by srujanika@gmail.com

ପ୍ରଭୃତି । ଏସବୁ ଗଳ୍ପ, ଭିନ୍ନ ଭିନ୍ନ ଗ୍ରଂଥରୁ ବିଭିନ୍ନ ସ୍ଥାନରୁ; କିଂତୁ ଦରବାର ଆମୂଳଚୂଳ ଏହି ଛନ୍ଦରେ ରଚିତ । ଯଥା—

"ଭଲ ସୁନା ବୋଲି ଭବେ ଯା ବଳଯେ
ଭେଲି ସିନା ଚିତ୍ରଗୁପ୍ତର ନିକଟେ"
"ଭିଂଡ଼ିବାର ତାକୁ ନୁହଇ ସହଜ
ନିଖାର ନିଖାର ଦେଖେ ସେ କାଗଜ"—ଇତ୍ୟାଦି ।

ପାଠକମାନେ ଦେଖିବେ, ଏଠାରେ ଶବ୍ଦଯୋଜନା କି ବୈଚିତ୍ର୍ୟମୟ, ଶ୍ରୁତିପ୍ରିୟ ଓ ମନୋରମ ହୋଇଅଛି । "କିଂବାଲଳିପ୍ତ ଚୋଡ଼" କିଂବା "ଶବପୋଡ଼ା" ପରି ଏହା ଶ୍ରୁତିର ଅସହ୍ୟ ହେବା ପରିବର୍ତ୍ତରେ ସୁରମ୍ୟ ଓ ସୁବିବେଚିତ ଶବ୍ଦରାଜିରେ ନିବଦ୍ଧ ରହିଅଛି ।

ମହାଯାତ୍ରା ଅସମ୍ପୂର୍ଣ୍ଣ ହେଲେହେଁ କବିଂକର ସର୍ବୋତ୍କୃଷ୍ଟ ଗ୍ରଂଥ । ତାହାର ଆଦର୍ଶ, ନୀତିଦୀକ୍ଷା ଓ କବିତାଗୁରୁତ୍ୱ ଅଭିନବମୟ; ଲେଖନପଦ୍ଧତି ମହତ୍ ଓ ଉନ୍ନତ; କିଂତୁ ଅଳ୍ପ କଥାରେ କହିବାକୁ ଗଲେ, ସରଳ ଓ ମର୍ମସ୍ପର୍ଶୀ ନୁହେ । ଅବଶ୍ୟ ତାହା ଜନସାଧାରଣଂକ ପାଇଁ ଲିଖିତ ହୋଇନାହିଁ ଏବଂ ସେ ରୀତିର କାବ୍ୟମାନଂକରେ ସେହି ପଦ୍ଧତି ପ୍ରାୟଶଃ ଅନୁସୃତ ହୋଇଥାଏ । ତେବେ ବୋଲିଯାଇପାରେ ହେମଚଂଦ୍ରଂକର କାହିଁକି, ମାଇକେଲଂକ ଅମିତ୍ରାକ୍ଷର ଲେଖା ବିଭକ୍ତି ବଦଳାଇ ଓଡ଼ିଆରେ ଯେତେ କଷ୍ଟରେ ଅନୂଦିତ ହେବ, ମହାଯାତ୍ରା ତାହାଠାରୁ ଅଳ୍ପାୟାସରେ ବଂଗ-ଭାଷାରେ ପରିଣତ ହେବ । ରାଧାନାଥ ଆଧୁନିକ ଉତ୍କଳର ପ୍ରଥମ କାବ୍ୟ ଲେଖକ; ଏଣୁ ଏସବୁ କ୍ଷୁଦ୍ର ଓ ସାମାନ୍ୟ ଦୋଷ ଧର୍ତ୍ତବ୍ୟ ନୁହେ । ମହାଯାତ୍ରାରେ ଉଦାରତା ଓ ଚିତ୍ତଶାଳିତା ଚିତ୍ର, ଭାଷାର ଲାଳିତ୍ୟ ଓ ବହୁବିଧ ଗଠନପ୍ରବଣତା (Flexibility), ଭାବର ମହତ୍ତ୍ୱ ଓ ନୀତିର ଉଚ୍ଚତା, ନାଟକୀୟ ଛଟାର ବିକାଶ ଓ ସାମାଜିକ ଚିତ୍ର-ବିଶେଷମାନଂକର ଅନୁକୃତି-କୌତୁକ, କଳ୍ପନାର ବିସ୍ତାର ଓ ବର୍ଣ୍ଣନାର ବିଚିତ୍ରତା, ଉପଲବ୍ଧିର ଗରିମା ଓ ଲୋକଚରିତ୍ରର ଗବେଷଣା ପ୍ରଭୃତି ସମକ୍ଷରେ ଏସବୁ ଅକିଂଚିତ୍କର ବୋଧହୁଏ । ଏ ସ୍ଥଳରେ ସେ ଲେଖା-

Digitized by srujanika@gmail.com

ପଦ୍ଧତିର ଯେଉଁ ଆଦର୍ଶ ଦେଖାଇଦେଇ ଯାଇଅଛନ୍ତି, ତାହାହିଁ ଆମ୍ଭମାନଙ୍କ ପକ୍ଷରେ ଯଥେଷ୍ଟ । ଏକ ପୁରୁଷରେ ସାହିତ୍ୟ ସମ୍ପୂର୍ଣ୍ଣ ମାର୍ଜିତ ହୋଇ ନ ପାରେ । ସାହିତ୍ୟଜଗତର ଇତିହାସ ଏହା ସ୍ପଷ୍ଟ କହୁଅଛୁ । ତେବେ ଅନ୍ୟାନ୍ୟ ସାହିତ୍ୟର ଆଦର୍ଶ ଦେଖି ଉତ୍କଳ ସାହିତ୍ୟ ଯେ ଉନ୍ନତ ପଥରେ ଶୀଘ୍ରତର ଗତି କରୁଅଛୁ, ଏହାହିଁ ଭାଗ୍ୟର ବିଷୟ ।

ଅମିତ୍ରାକ୍ଷର ଛନ୍ଦ ତାଙ୍କ ଲେଖନ-ପ୍ରକ୍ରିୟାର ଅନ୍ୟ ଗୋଟିଏ ଉପାଦାନ । ଏହା 'ଚିଲିକା'ରେ ଅଂଶତଃ ଏବଂ 'ମହାଯାତ୍ରା', 'ଦଶରଥ-ବିୟୋଗ' ଓ 'ସାବିତ୍ରୀ'ରେ ପୂର୍ଣ୍ଣଭାବରେ ଦେଖାଯାଏ । ବୋଧହୁଏ, ଶେଷକାଳକୁ ସେ ଏହାପ୍ରତି ବିଶେଷଭାବରେ ଆକୃଷ୍ଟ ହୋଇଥିଲେ । ତାଙ୍କର ମୃତ୍ୟୁପରେ ପ୍ରକାଶିତ 'ସତୀଦ୍ରୋହୀର ଉକ୍ତି'ରୁ ଏହା ସ୍ପଷ୍ଟ ବୁଝାଯାଏ । ଏହିଠାରେ ତାଙ୍କର ଛନ୍ଦୋବନ୍ଧାଦି ଖିଡ଼ରୁ ସ୍ୱାଧୀନତା ଅଭିବ୍ୟକ୍ତ ହୋଇଅଛୁ । ଏହା ଉତ୍କଳ କବିତାରେ ଏକ ଯୁଗପରିବର୍ତ୍ତନ । ବସ୍ତୁତଃ ଉନ୍ନତ ସାହିତ୍ୟିକ ଦୃଷ୍ଟିରେ ଏହା ମିତ୍ରାକ୍ଷରଠାରୁ ମହତ୍ତର ଓ ଅଧିକ ସୁଶ୍ରାବ୍ୟ । ସଙ୍ଗୀତ ଓ ଅକ୍ଷରସାମ୍ୟ କବିତାଠାରୁ ଭିନ୍ନ । ଯୁଗର ଉନ୍ନତି ଓ ସଭ୍ୟତାର ପ୍ରଚାର ସଙ୍ଗେ କବିତା ଛନ୍ଦୋବନ୍ଧରୁ ବିଚ୍ଛିନ୍ନ ହୋଇ ଭାବରେ ପର୍ଯ୍ୟବସିତ ହେଉଅଛୁ । ଯେତେବେଳେ ଭାବର ବିକାଶ ଅଳ୍ପ ଥିଲା, ସେତେବେଳେ ମନୁଷ୍ୟ ଛନ୍ଦୋନିୟମର ଲାଳିତ୍ୟରେ ମୁଗ୍ଧ ହେଉଥିଲା; କିନ୍ତୁ କାଳକ୍ରମେ ଉପନ୍ୟାସ କବିତା ନାମରେ ଆଖ୍ୟାତ ହେଉଅଛୁ । ମନୋଭାବର ସୂକ୍ଷ୍ମ ଅଂଶକଳା ବ୍ୟକ୍ତ କରିବାରେ ଯେଉଁ ଭାଷା ଉତ୍ତମ ଉପଯୋଗୀ, ତାହାହିଁ ଆଜି କବିତାର ଭାଷା ହେଉଅଛୁ । ପୁଣି କବିତାର ଛନ୍ଦୋନିୟମରୁ ସମ୍ପୂର୍ଣ୍ଣରୂପେ ବିଚ୍ଛିନ୍ନ ହେବା ଉଚିତ ନୁହେ । ଅନ୍ତତଃ ବର୍ତ୍ତମାନଯାଏ ତାହା ମାନବର ସାଙ୍ଗୀତିକ ମନୋବୃତ୍ତି ସଙ୍ଗେ ସାମାନ୍ୟତଃ ହେଲେହେଁ ସମ୍ବନ୍ଧ ରହିଅଛୁ; ତେଣୁ ଅମିତ୍ରାକ୍ଷର ଛନ୍ଦର ଏତେ ପ୍ରତିପତ୍ତି । ଏଥିରେ କବିଙ୍କ ପ୍ରତିଭା ଗୋଟିଏ କୃତ୍ରିମ ବନ୍ଧନ ପରିତ୍ୟାଗ କରି, ଆଉ ଗୋଟିଏ ପ୍ରାକୃତିକ ବନ୍ଧନ ଯୋଗେ ମହତ୍ତର ହୁଏ । ଗଦ୍ୟକୁ ଅକ୍ଷର ଗଣି ନିୟମରେ ଭାଙ୍ଗି ବସାଇବାକୁ ଅମିତ୍ରାକ୍ଷର ପଦ୍ୟ କହନ୍ତି ନାହିଁ । ମାନବର ସାଙ୍ଗୀତିକ ଚିତ୍ତବୃତ୍ତି ପଦ୍ୟର ଗୋଟିଏ ବିଶିଷ୍ଟ ଉପକରଣ ହୋଇଅଛୁ । ତାହା ଦିନେ ଅକ୍ଷରସାମ୍ୟରେ

Digitized by srujanika@gmail.com

ପରିବଦ୍ଧ ଥିଲା; ନବଯୁଗରେ ଆଜି ଶବ୍ଦଯୋଜନାର ଶିଳ୍ପଚାତୁରୀରେ ପର୍ଯ୍ୟବସିତ। ସେହିଠାରେହିଁ ଅମିତ୍ରାକ୍ଷର କବିଙ୍କ ସ୍ୱାଧୀନ ପ୍ରତିଭାକୁ ବିକାଶ ପାଇବାର ବିଶିଷ୍ଟ ଅବସର ମିଳେ। ରାଧାନାଥ ଏ କ୍ଷେତ୍ରରେ ଉତ୍କଳରେ ନୂତନ ହେଲେହେଁ ଅଦ୍ଭୁତ ଓ ଅନନୁକରଣୀୟ କୃତିତ୍ୱ ଦେଖାଇଅଛନ୍ତି। କେବଳ ଭାବବିକାଶର ବୈଚିତ୍ର୍ୟରେ ନୁହେଁ, ଲାଳିତ୍ୟ ଓ ଶ୍ରବଣ-ମନୋହାରିତାରେ ମଧ୍ୟ ରାଧାନାଥଙ୍କ ଭାଷା-ବିନ୍ୟାସ ଉତ୍କଳ ସାହିତ୍ୟକ୍ଷେତ୍ରରେ ଦୁରାରୋହ ଗିରିପରି ପ୍ରତିଷ୍ଠିତ ରହିଅଛି।

ଆମ୍ଭେମାନେ ପ୍ରବନ୍ଧକୁ ଆଉ ଅଯଥା ଦୀର୍ଘ କରିବୁ ନାହିଁ। ସାଧାରଣ ଭାବରେ ରାଧାନାଥଙ୍କ ସମାଲୋଚନା ଓ ଉତ୍କଳ ସାହିତ୍ୟ ସଙ୍ଗେ ତାଙ୍କ ସମ୍ବନ୍ଧ କଥଞ୍ଚିତ୍ ଆଲୋଚନା କରିଅଛୁଁ। ବର୍ତ୍ତମାନ ତାଙ୍କର କେତୋଟି ବିଶିଷ୍ଟ ବିଷୟ (Distinctive features) ପ୍ରତି ଲକ୍ଷ୍ୟ କରି ନିବୃତ୍ତ ହେବୁ।

ପ୍ରଥମତଃ ବୋଲାଯାଇଅଛି, ରାଧାନାଥ ଉତ୍କଳସାହିତ୍ୟରେ ନବରୁଚିର ଓ ନବ ସ୍ୱାଧୀନତାର ପ୍ରବର୍ତ୍ତକ; ପୁଣି ଭାଷାକୁ ନୂତନ ଶକ୍ତିରେ ଶକ୍ତିମାନ କରିଅଛନ୍ତି। କିନ୍ତୁ କବିତା କେବଳ ଏହିପରି ବସ୍ତୁରେ ପରିସମାପ୍ତ ନୁହେଁ। ମନୀଷିମାନେ କବିଙ୍କୁ ଭବିଷ୍ୟଦ୍‌ବକ୍ତା ବୋଲି ନିର୍ଦ୍ଦେଶ କରନ୍ତି ଏବଂ ସେହି ଅଭାବନୀୟ ପୂର୍ବଦୃଷ୍ଟିରେ କବିଙ୍କର ଯୁଗପରିବର୍ତ୍ତିନୀ କ୍ଷମତା ବିଶିଷ୍ଟଭାବରେ ନିହିତ ଅଛି। ବର୍ତ୍ତମାନ ଯୁଗରେ ଆଉ କବି କି ଏକ ଐଶୀ ପ୍ରେରଣାରେ ଭବିଷ୍ୟତର ଚିତ୍ର ଅନୁଭବ କରନ୍ତି ଏବଂ ତୂଳିବିଶେଷରେ ନିଜର ପ୍ରତିଭା-ବଳରେ ଭବିଷ୍ୟତ୍ ପ୍ରସ୍ତୁତ କରିଯାଆନ୍ତି। କିନ୍ତୁ ରାଧାନାଥଙ୍କ କାବ୍ୟରେ ଏପରି ଭବିଷ୍ୟତ୍ ଦୃଷ୍ଟି (Prophetic vision)ର ସୁସ୍ପଷ୍ଟ ଆଭାସ ମିଳେ ନାହିଁ। କାଳକ୍ରମେ ତାଙ୍କ ମହତ୍ତ୍ୱ ପ୍ରତିଭାରେ ପ୍ରଭାବିତ ହୋଇ କି ଭବିଷ୍ୟତ୍ ନିର୍ମିତ ହେବ, ତାହା ଆମ୍ଭେମାନେ କହିବାକୁ ଅବସର ପାଉ ନାହୁଁ। "ପାହିଲାଣି ଏବେ ତାମସୀ ରଜନୀ" ପ୍ରଭୃତି ପଙ୍କ୍ତିରେ ଗୋଟିଏ ପୂର୍ବଦୃଷ୍ଟିର ଛାୟା ପଡ଼ିଅଛି। ମାତ୍ର ଦେଶ କାଳ ବିବେଚନାରେ ସେ ସବୁ ପଙ୍କ୍ତିରେ ଥିବା ଭବିଷ୍ୟତ୍ ଚିତ୍ର ସାଧାରଣ ଚିନ୍ତାରାଜ୍ୟର ବହିର୍ଭୂତ ନୁହେଁ। ଆଜି ଯେ କୌଣସି ଲୋକ କଥା ପ୍ରସଙ୍ଗରେ ମଧ୍ୟ ତାହା ଅତର୍କିତଭାବରେ

Digitized by srujanika@gmail.com

ବ୍ୟକ୍ତ କରୁଅଛି । ବିଶେଷତଃ ଏହା ଯେଉଁପରି ସମ୍ପର୍କରେ ଲିଖିତ, ସେଥିରେ କବିଙ୍କର ଉଦ୍ଦେଶ୍ୟ ଭିନ୍ନ ପ୍ରକାର ଥିବାରୁ ପୂର୍ବୋଦର୍ଶନ ପ୍ରତିପାଦନ ବହୁଶଃ ପ୍ରତିବଦ୍ଧ ହୋଇଅଛି । କିନ୍ତୁ ଏ ସବୁ ସତ୍ତ୍ୱେ ଏଠାରେ 'ମହାଯାତ୍ରା'ରେ ଯେ ପୂର୍ବୋଦର୍ଶନର ଆଭାସ ମିଳି ଆସୁଥିଲି, ତାହା ଉଲ୍ଲେଖଯୋଗ୍ୟ । ଅବଶ୍ୟ ରାଧାନାଥଙ୍କର ତଥା ଉତ୍କଳର ଦୁରଦୃଷ୍ଟ ବଶତଃ 'ମହାଯାତ୍ରା' ପୂର୍ଣ୍ଣତା ପାଇଲି ନାହିଁ । କିନ୍ତୁ ପ୍ରଥମରୁ ବିଷୟ ବର୍ଣ୍ଣନାରେ ଅତୀତ ରାଜ୍ୟକୁ କବି ଯେ ମହାସ୍ଥାନ୍ ଭବିଷ୍ୟତ୍ ଛାଞ୍ଚରେ ଢାଳି ଅଛନ୍ତି, ଯେ କୌଶଳରେ ପାଠକଙ୍କୁ ଅଲକ୍ଷିତ ଭାବରେ ଅତୀତ ରାଜ୍ୟକୁ ଦେଖାଇ ସେହି ଅତୀତର ଚିତ୍ରସବୁକୁ ଭବିଷ୍ୟତର ଆଶାସିକ୍ତ ମଧୁରିମାରେ ବିଚିତ୍ର କରି ଦେଖାଇଅଛନ୍ତି, ଭାରତ ଭୂମିରେ ସମସ୍ତ ପରିବର୍ତ୍ତିତ ଭାଗ୍ୟଚକ୍ର କି ବିସ୍ମୟକର ପ୍ରଣାଳୀରେ ଭବିଷ୍ୟତର ପଟରେ ଅଙ୍କିତ କରିଅଛନ୍ତି, ତାହା ଟିକିଏ ଧ୍ୟାନ କଲେ କବିଙ୍କର କୌଣସି ଅଦ୍ଭୁତ ପୂର୍ବୋଦୃଷ୍ଟି ଥିବାର ଧାରଣା-ଭାବାବେଶ ପ୍ରାଣରେ ସ୍ୱତଃ ଜାଗ୍ରତ ହୁଏ । କବି ପ୍ରାଗୈତିହାସିକ ଯୁଧିଷ୍ଠିରଙ୍କୁ ପରବର୍ତ୍ତିକାଳରେ ଭାରତ-ବାସୀଙ୍କ ନୈତିକ ଅବନତି ଓ ଦ୍ୱାଦଶ ଶତାବ୍ଦୀର ଭାରତର ଗୃହବିବାଦ ପର୍ଯ୍ୟନ୍ତ ଦୈବଶକ୍ତିବଳରେ ସମ୍ପୂର୍ଣ୍ଣରୂପେ ଭବିଷ୍ୟତ୍‌ପରି ଦେଖାଇ ଅଛନ୍ତି । କିଏ କହିପାରେ, ସେ ସ୍ୱୟଂ ପୂର୍ବୋଦର୍ଶନ ବଳରେ କି ମହତ୍ ଆଦର୍ଶ ଆଡ଼କୁ ଆକୃଷ୍ଟ ହେଉଥିଲେ ? ତେବେ ଏ ସବୁ ଅନୁମାନ । ଦୈବଦୁର୍ବିପାକରୁ ଏ ବିଷୟରେ ଆମର ଜ୍ଞାନରାଜ୍ୟ ସୀମାବଦ୍ଧ ।

ଦ୍ୱିତୀୟତଃ ରାଧାନାଥଙ୍କ ସମାଜ ଚିତ୍ର ବିଶେଷ ଉନ୍ନତ ଓ ଆଦର୍ଶ ସ୍ଥାନୀୟ ନୁହେ । ବିଷୟ ନିର୍ବିଶେଷରେ ସର୍ବତ୍ର ଯେ ତାହା ବାଞ୍ଛନୀୟ, ଏହା ଆମ୍ଭେମାନେ କହୁନାହୁଁ; କିନ୍ତୁ ସ୍ଥଳବିଶେଷରେ ବାସ୍ତବ ରାଜ୍ୟ ପରିତ୍ୟାଗ କରି କ୍ଷଣକପାଇଁ ହେଲେ ଆଦର୍ଶ ରାଜ୍ୟରେ ବିଚରଣ କରିବା କବିଙ୍କ ପକ୍ଷରେ ସଙ୍ଗତ ଓ ସ୍ୱାଭାବିକ । ପୁଣି ବିଶେଷ କଥା, ରାଧାନାଥଙ୍କ ସମୟରେ ସମାଜ ଅଲକ୍ଷିତଭାବରେ ଗୋଟିଏ ଆଦର୍ଶ ଆଡ଼କୁ ଆକୃଷ୍ଟ ହେଉଥିଲା, ଏହା ସମାଜର ଶିକ୍ଷିତ ଲୋକମାତ୍ରେ ସ୍ୱୀକାର କରିବେ । କିନ୍ତୁ ରାଧାନାଥଙ୍କଠାରେ ଏହା ଯେ କେବଳ ଆଦର୍ଶବଳରେ ଲୋକଚରିତ୍ର ପ୍ରଭାବିତ କରିବା ନିମନ୍ତେ କଳ୍ପିତ ହୋଇଅଛି, ତାହା ନୁହେ । ଏଥିରେ ମଧ୍ୟ କାବ୍ୟର ମହତ୍ତ୍ୱ ଓ

Digitized by srujanika@gmail.com

ବୈଚିତ୍ର୍ୟ ପରିପୁଷ୍ଟ ହୁଏ । ପାଠକମାନେ ଦେଖିଥିବେ, ରାଧାନାଥ ସେହି କୁସଂସ୍କାରଜଡ଼ିତ ସମାଜକୁ ଆଗରେ ରଖି, ସେହି ଝଙ୍କାର, ସେହି ମାଜଣା, ସେହି ଦେବାର୍ଚ୍ଚନର ଚିତ୍ର ବାରଂବାର ଆଗତ କରିବାରୁ କାବ୍ୟସବୁ ଟିକିଏ ଭାରାକ୍ରାଂତ ହେଲା ପରି ବୋଧ ହେଉଅଛି । ତେବେ କବି ଯେ କେବେ ସମାଜକୁ ଅଯଥା ହୀନ ଚିତ୍ରରେ କଳଂକିତ କରିଅଛଂତି, ତାହା କହିବା ମୋର ଉଦ୍ଦେଶ୍ୟ ନୁହେ । ମାତ୍ର ଏ କ୍ଷେତ୍ରରେ କୌଣସି ଆଦର୍ଶ ଦ୍ୱାରା ଚିତ୍ରକୁ ଟିକିଏ ବୈଚିତ୍ର୍ୟମୟ କରିଥିଲେ ଅଧିକତର ସୁଫଳ ଫଳି ଥାଆଂତା, ଏଥିରେ ସଂଦେହ ନାହିଁ । ଅବଶ୍ୟ ଅନବାପ୍ତପ୍ରୌଢ଼ି 'ପାର୍ବତୀ' କାବ୍ୟ ସଂବଂଧରେ ଆଂଭେମାନେ ଏଠାରେ କୌଣସି ମତ ଦେବୁ ନାହିଁ ।

ତୃତୀୟତଃ ନୀତିଶିକ୍ଷା ଓ ଅର୍ଥାଂତର ନ୍ୟାସ । ଭାଷାଂତରରେ ଏହାକୁ କବିତାର ନିର୍ଯାସ ବୋଲି ନିର୍ଦ୍ଦେଶ କରାଯାଇପାରେ । କି ଇଉରୋପ, କି ପ୍ରାଚୀନ ଭାରତ, ସମସ୍ତ ଦେଶର ସାହିତ୍ୟ, ଏହିସବୁ କବିତା ନିର୍ଯାସରେ ପରିପୂର୍ଣ୍ଣ । ଏସବୁ ମାନବର ଭୂୟୋଦର୍ଶନ ଓ ପ୍ରକୃତିପରୀକ୍ଷାର ଅବତାର ସ୍ୱରୂପ । ବହୁଦିନର ପରିଦର୍ଶନ ପରେ କବି ଯେଉଁ ଜ୍ଞାନଲାଭ କରଂତି, ତାହା କବିତାର ଅର୍ଥାଂତରନ୍ୟାସରେ ଦେହଧାରଣ କରି ସାହିତ୍ୟକୋଷରେ ସୁରକ୍ଷିତ ହୁଏ । ଏଥିରେ କଳ୍ପନା-ବିଳାସ ତାଦୃଶ ନ ଥିଲେହେଁ ଏହା କବିତାର ଗୋଟିଏ ମୌଳିକ ଶକ୍ତି । ରାଧାନାଥଂକ କବିତାରେ ସ୍ଥଳବିଶେଷରେ ଏହାର ମୌଳିକତା ନ ଥିଲେ ମଧ୍ୟ ସମଗ୍ର ପୃଥିବୀର ସାହିତ୍ୟାଗାର ତାଂକ ସମୁଖରେ ଉନ୍ମୁକ୍ତ ଥିବାରୁ ସ୍ଥାନେ ସ୍ଥାନେ ତାଂକର ସୂକ୍ତିସବୁ ପବିତ୍ର ପ୍ରକୃତି ପରିଦର୍ଶନରୁ ନ ହୋଇ ସଂଗୃହୀତ ହୋଇଥିଲେ ମଧ୍ୟ, ସେ ଏ କ୍ଷେତ୍ରରେ ମଧ୍ୟଯୁଗର ନିରବଲଂବ ଅକ୍ଷର ବା ଅଭିଧାନ ପରିଚର୍ଯାରୁ ସାହିତ୍ୟର ପୁନରୁଦ୍ଧାର ସାଧନ କରିଅଛଂତି । 'ଚିନ୍ତାକନ୍ଥ'ରେ ନୀତିଶିକ୍ଷା, 'ତୁଳସୀ-ସ୍ତବକ'ରେ ଅର୍ଥାଂତରନ୍ୟାସ ଚରମ ସୀମାରେ ଉପସ୍ଥିତ ହୋଇଅଛି ଏବଂ ପବିତ୍ର କ୍ଷୁଦ୍ର କ୍ଷୁଦ୍ର ନୀତିଗର୍ଭକ ବା ଅନ୍ୟାନ୍ୟ ଅର୍ଥାଂତରନ୍ୟାସ ବା ସୂକ୍ତି ସଂବଂଧରେ ତାଂକର ସମସ୍ତ ଲେଖା ସାକ୍ଷ୍ୟ ପ୍ରଦାନ କରୁଅଛି । ଏଣେ "କାଳିଦାସ ସୂକ୍ତ୍ୟଂ"ରେ ସୂକ୍ତିପ୍ରତି ରାଧାନାଥଂକ ଆକର୍ଷଣ, ପାଠକମାନେ

Digitized by srujanika@gmail.com

ଉତ୍ତମରୂପେ ଅନୁଭବ କରିପାରିବେ । ଉଦାହରଣ ସ୍ୱରୂପ ତାଂକ ଗ୍ରଂଥ ସବୁରେ ଇତସ୍ତତଃ ବିକ୍ଷିପ୍ତ ଥିବା ସୂକ୍ତିରୁ ଦୁଇ ଚାରୋଟି ଉଦ୍ଧାର କରାଗଲା । ଯଥା—

"ସୁରୂପ ଯୌବନ ପ୍ରେମ—ଏ ତିନହେଁ
ବିବେକବୈରୀ ସର୍ବଥା
ତିନହେଁ ମିଳିଲେ ବିବେକର ବେକ
ମୋଡ଼ିଦେବା କିବା କଥା !"—(ଯଯାତି)
"ଅନୁମାନ ପରି- ଭବମାନେ ଏଥି
ଅନୁଭବହିଁ ଭାଜନ"—(କେଦାରଗୌରୀ)
"ରସିକ ଯେ ତାକୁ ଜଣା ସିନା ପ୍ରେମ
ସୁଖ ସେ ଛଣା ପୀୟୂଷ"
"ମଧୁର ଯେମଂତ ସେହିପରି ଗୁପ୍ତ
ପ୍ରୀତିଟି ବଡ଼ ପ୍ରମାଦ"
"ଚତୁର ଶ୍ରବଣେ ମୌନ ଠାବେ ଠାବେ
ହୁଏ ବଡ଼ ବାବଦୁକ"
"ଏ ବିରହ ତୋର ମିଳନର ସ୍ୱାଦ
ବଢ଼ାଇବା ଲାଗି ସିନା"
"ନ ବିକାଏ ଦେହ ସଂସାରେ ବିକାଏ
ଅବସ୍ଥା ସିନା କେବଳ"
"କିଏ ନ ଜାଣଇ ସୁଖଠାରୁ ସୁଖ-
ଆଶାରେ ସୁଖ ଅଧିକ"—(ଯଯାତି)

"ସୁଂଦରେ ତୃପ୍ତିର ଅବସାଦ ନାହିଁ" ପ୍ରଭୃତି—(ଚିଲିକା)—ଇତ୍ୟାଦି ବହୁତ ଉଦ୍ଧାର କରାଯାଇପାରେ ।

ଚତୁର୍ଥତଃ ନାଟକୀୟ ଛଟା—ବୋଲାଯାଇଅଛି, ରାଧାନାଥ ବର୍ଣ୍ଣନାତ୍ମକ କବି; ବହିର୍ଜଗତର ଚିତ୍ରବିଦ୍ୟାରେ ସୁନିପୁଣ । ପରିଦୃଶ୍ୟମାନ ପ୍ରକୃତିଛବି ପ୍ରତି ତାଂକର ଅତ୍ୟଂତ ଅନୁରକ୍ତି ଥିଲା; ସେହି ହେତୁରୁ ହେଉ ବା

Digitized by srujanika@gmail.com

ଶକ୍ତିବିଶେଷରେ ଅଭାବରୁ ହେଉ, ତାହାଂକର ବିଷୟବସ୍ତୁରେ ନାଟକୀୟ ବୈଚିତ୍ର୍ୟ ବା ବର୍ଣ୍ଣନାରେ ଅଂତର୍ଜଗତର କ୍ରିୟାକଳାପର ଅଭିବ୍ୟକ୍ତି ଅଦ୍ଭୁତ ନୁହେ । କବି ନିଜେ ନାୟକ ନାୟିକାଂକ ସ୍ଥାନରେ ନିଜକୁ ରଖି ସେମାନଂକର ମନୋଭାବ ବ୍ୟକ୍ତ କରି ନାହାଂତି । ନାୟକ ନାୟିକାଂକ କଥାସବୁ ସମ୍ପୂର୍ଣ୍ଣ ଅନୁମାନ ପ୍ରସୂତ । ବିଶିଷ୍ଟ ମାନସିକ ବୃତ୍ତି ପ୍ରଭାବରେ ଅନୁଭବ କରି କବି ସେସବୁ ଲେଖିନାହାଂତି । ଏହି ଅଭାବବୋଧରେ ସମ୍ଭବତଃ ସେ କାବ୍ୟରେ ଚରିତ୍ରବୈଚିତ୍ର୍ୟ ବା ପ୍ରଗାଢ଼ ଭାବାବେଶର ବିଶେଷ ଅବତାରଣା କରିନାହାଂତି କିଂବା ବିଷୟବର୍ଣ୍ଣନାରେ ଭୂରି ଭୂରି ଅବସ୍ଥା ପରିବର୍ତ୍ତନର ଆଲେଖ୍ୟ ଦେବାକୁ ଯତ୍ନଶୀଳ ହୋଇନାହାଂତି । କେବଳ ଦୁଇ ତିନି ଗୋଟି ଚରିତ୍ରର ସରଳ ଚିତ୍ରରେ ତାଂକର କାବ୍ୟସବୁ ଶେଷ ହୋଇଅଛି ଏବଂ ସକଳ ଚିତ୍ରରେ କାବ୍ୟର ଉଦ୍ଦେଶ୍ୟ ସାଧନ କରିବାକୁ ସରଳ ଅନୁମାନ ପ୍ରୟୋଗ କରି ରାଧାନାଥ ପ୍ରାୟ ସର୍ବତ୍ର ସେ କ୍ଷେତ୍ରରେ ଉଚ୍ଚ ଅଭିଳାଷରୁ ନିବୃତ୍ତ ହୋଇଅଛଂତି । ଉଦାହରଣସ୍ୱରୂପ, 'ନଂଦିକେଶ୍ୱରୀ'ରେ କବି ତିନି ସ୍ଥାନରେ ନାଟକୀୟତାର ଆଭାସ ଦେଇଅଛଂତି । ତନ୍ମଧ୍ୟରୁ ପ୍ରଥମଟି ନଂଦିକାର ପ୍ରେମଭିକ୍ଷା । ସେଥିରେ କେବଳ ନୈସର୍ଗିକ ପ୍ରକୃତିର ପ୍ରାଧାନ୍ୟ ଏବଂ ପ୍ରେମାକାଂକ୍ଷିଣୀର କାମିନୀସୁଲଭ ଲାବଣ୍ୟ ଓ ସାରଲ୍ୟସ୍ନିଗ୍ଧ ଉଦ୍‌ବେଗ ପ୍ରାୟ ଦେଖାଯାଏ ନାହିଁ । ଅବଶ୍ୟ ବର୍ଣ୍ଣନାତ୍ମକ କବି ରାଧାନାଥଂକଠାରୁ ଆଂଭେମାନେ କାବ୍ୟଚରିତ୍ର ସଂଗେ ତନ୍ମୟତା ଆଶା କରି ନପାରୁଁ । କିଂତୁ ଏ ସ୍ଥଳରେ ସାମାନ୍ୟ ଅନୁମାନରେ ମଧ୍ୟ ବିଶେଷତ୍ୱ ନାହିଁ । ଏତେ ଯୁକ୍ତି ସତ୍ତ୍ୱେ ଏହା ନାଟକସୁଲଭ ହୃଦୟଗ୍ରାହିତାରେ ରଂଜିତ ନୁହେ । ତତ୍ପରେ ଶେରଗଂଗଂକର ଉତ୍ତରକୁ କାବ୍ୟ ଆଦର୍ଶର ଭୌତିକ ବିକାଶ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଦର୍ଶର ଉଚ୍ଚତା ଛାଡ଼ିଦେଲେ ସେଥିରେ ଅଧିକ କିଛି ଥିଲାପରି ବୋଧହୁଏ ନାହିଁ । ଶେଷତଃ ନଂଦିକାର ପତ୍ରରେ ମଧ୍ୟ ଠିକ୍ ସେହି କଥା । ପରଂତୁ ଏହିଠାରେ ଟିକିଏ ଭାବାବେଗ ପ୍ରକାଶିତ ହୋଇଅଛି । ସେ ପତ୍ରଟି ପଢ଼ି ଆଂଭେମାନେ ଶେରଗଂଗଂକ ଉତ୍ତର ଶୁଣି ବିସ୍ମିତ ଓ ସ୍ତଂଭିତ ହେଲାପରି କେବଳ ମହାନ୍ ଆଦର୍ଶର ତାଡ଼ନାରେ ବିସ୍ମିତ ଓ ସ୍ତଂଭିତ ହେଉ ନାହିଁ । ମନରେ

Digitized by srujanika@gmail.com

ଯେ କରୁଣଭାବର ଉଦୟ ହୁଏ, ଅବଶ୍ୟ ତାହା ଏଠାରେ କଥିତ ପରିମାଣରେ କବିଙ୍କର ଶକ୍ତି ସପକ୍ଷରେ କହୁଅଛୁ । ଏହି ସ୍ଥାନର ଭାବାବେଗ, ବିଷୟ ଚିତ୍ରର ଗୁରୁତ୍ୱ ଏବଂ ଉପସ୍ଥିତ ବିଷୟରେ ନାଟକୀୟ ଛଟା, ଏ ଦୁଇଟି ଭିତରେ ବିଭକ୍ତ ରହିଅଛୁ । କିନ୍ତୁ ଏହା ଆକସ୍ମିକପରି ବୋଧହୁଏ । ପୁଣି କୌଶଲ୍ୟାର ଆତ୍ମକାହାଣୀ ଦେଖାଯାଉ । ସେଠାରେ କବି ନାଟକୀୟତା ପ୍ରତିଷ୍ଠିତ କରିବାକୁ ଯାଇ ଅତର୍କିତ ଭାବରେ ଆଦର୍ଶରେ ଜଳାଂଜଳି ଦେଇଅଛନ୍ତି । ତେଣୁ ସେଠାରେ କୌଶଲ୍ୟା ପ୍ରତି ସହାନୁଭୂତି ଅପେକ୍ଷା ରାଜାଙ୍କ ପ୍ରତି ଜୁଗୁପ୍ସା ଓ ବିଦ୍ୱେଷ ପାଠକ ମନରେ ପ୍ରବଳତର ହୁଏ । କୌଶଲ୍ୟାର ମନୋଭାବ ବର୍ଣ୍ଣନା ସ୍ଥଳବିଶେଷରେ ଶୋକାବହ ଓ ହୃଦୟସ୍ପର୍ଶୀ ହେଲେହେଁ ଅନେକ ସମୟରେ ମାନଙ୍କ ମନୋବୃତ୍ତି କବିଙ୍କର ମନୋଗତ କୌଣସି ଗୂଢ଼ ଉଦ୍ଦେଶ୍ୟ ବା ଆଦର୍ଶଆଡ଼କୁ ଅଯଥା ଟଣା ହେଲପରି ବୋଧହୁଏ । ଅମାନୁଷୀ ପ୍ରତିହିଂସାର ଚିତ୍ରଦ୍ୱାରା କବି ପାଠକଙ୍କ ମନରେ ସ୍ୱୀୟ ନାଟକୀୟତା ବଳରେ ଭାବାବେଗ ଉଦ୍ରେକ କରାଇବାର ଉଦ୍ୟୋଗ କଲପରି ଜଣାଯାଏ । ସେପରି ଭାବାବେଗ ହୁଏ ସତ୍ୟ; କିନ୍ତୁ ତାହା ଗୋଟିଏ ମୋହ ଏବଂ ତାହା ସରଳ ଓ ପବିତ୍ର ନୁହେ । ଉଦାହରଣ ସ୍ୱରୂପ—ଯେପରି ବୋଲାଯାଇଅଛୁ, ସେହି କଥା ଭାଷାନ୍ତରରେ କହିଲେ—କୌଶଲ୍ୟା ପ୍ରତି ସହାନୁଭୂତି ଓ ଦୟା, ଅମାନୁଷୀ ମୃତଶିଶୁ ଭକ୍ଷଣଜନିତ ଘୃଣା ଓ ରାଜାଙ୍କର ପାଶବ ଅତ୍ୟାଚାର ଓ ଅପବ୍ୟବହାରଜନିତ ବିଦ୍ୱେଷର ଭାବାନ୍ତର ମାତ୍ର ନୁହେ କି ?

ପଞ୍ଚମତଃ ଅନୁବାଦ କୌଶଳ । ଆମ୍ଭେମାନେ ନ୍ୟୂନାଧିକ ପରିମାଣରେ ରାଧାନାଥଙ୍କର ପ୍ରାପ୍ୟ ସମସ୍ତ ଗ୍ରନ୍ଥ ଦେଖିଅଛୁ । କିନ୍ତୁ ମେଘଦୂତ, ଦଶରଥ-ବିୟୋଗ ଓ ସାବିତ୍ରୀପୁରାଣ—ଏହି ତିନୋଟି ଅନୁବାଦ ସମ୍ବନ୍ଧରେ କିଛି କୁହାଯାଇ ନାହିଁ । ଯେଉଁ ଦେଶରେ ଜଗନ୍ନାଥଦାସଙ୍କ ଭାଗବତର ଅନୁବାଦ ଆଦର୍ଶ ସ୍ୱରୂପ, ସେ ଦେଶରେ ସାହିତ୍ୟର ଅଧୁନାତନ ଅନୁବାଦରେ ବୈଚିତ୍ର୍ୟ ନ ରହିବା ସ୍ୱାଭାବିକ; ତଥାପି ମେଘଦୂତରେ ସେ ଯେଉଁ ପ୍ରତିଭା ଦେଖାଇଅଛନ୍ତି, ତାହା ଅସାଧାରଣ । ବଙ୍ଗୀୟ ପଣ୍ଡିତ ଅଖିଳଚନ୍ଦ୍ର ପାଲିତ ସେଦିନ କହିଅଛନ୍ତି, "ମୁଁ ରାଧାନାଥଙ୍କର ଏହି ଅନୁବାଦ ପଢ଼ି କି ପରିମାଣରେ

Digitized by srujanika@gmail.com

ମୁଗ୍ଧ ହୋଇଥିଲି, ତାହା ପ୍ରକାଶ କରି କହିବା ଅସାଧ୍ୟ ।" ସେ ଏହା ତରୁଣ ବୟସରେ କରିଥିଲେ ସତ୍ୟ; ମାତ୍ର ଏଥିରେ ସର୍ବତ୍ର ପ୍ରୌଢ଼ହସ୍ତର କୁଶଳତା ଲକ୍ଷିତ ହୁଏ । ସେ ସ୍ଥାନେ ସ୍ଥାନେ ସଂସ୍କୃତର ପଦସଙ୍କୋଚ ପରିହାର କରି ଭାବର ଅନୁବାଦରେ ଅତି ବିଚିତ୍ର ଓ କମନୀୟ ଭାବରେ କୃତକାର୍ଯ୍ୟ ହୋଇଅଛନ୍ତି । ସଂସ୍କୃତ ମେଘଦୂତ ଅଳ୍ପାକ୍ଷରରେ ଅଧିକ ଭାବ ପ୍ରକାଶ କରିବାରୁ ମହତ୍ତ୍ୱ ଓ ଶିଳ୍ପପୂର୍ଣ୍ଣ; କିନ୍ତୁ ସରଳ ନୁହେ । ମାତ୍ର ତାହାର ଓଡ଼ିଆ ଅନୁବାଦରେ କବି ତାକୁ ଅଦ୍ଭୁତ ବିଚିତ୍ର ଓ ସରଳତାରେ ଆପ୍ଲୁତ ରଖିଅଛନ୍ତି । ଉଦାହରଣ ଅନାବଶ୍ୟକ । ତାଙ୍କର ଅନୁବାଦରେ—ବିଶେଷତଃ ମେଘଦୂତରେ ସର୍ବତ୍ରହିଁ ଏହି ଚିତ୍ର; ଯଥା—ପୂର୍ବମେଘରେ ୩୭ଶ ଶ୍ଳୋକର ଅନୁବାଦ (୩୧୪ ଧାଡ଼ି)ରେ "ଲକେ" ପଦର ଅଧିକ ପ୍ରୟୋଗ କିପରି କାବ୍ୟଶିଳ୍ପକୁଶଳତା ପ୍ରଦର୍ଶନ କରୁଅଛି, ତାହା ପାଠକ ମାତ୍ରେ ଜାଣନ୍ତି ଏବଂ ପ୍ରତ୍ୟେକ ଶ୍ଳୋକର ଅନୁବାଦ ଏହିପରି ଶିଳ୍ପଚାତୁରୀରେ ପୂର୍ଣ୍ଣ ।

ସାବିତ୍ରୀ ଓ ଦଶରଥବିୟୋଗ ସମ୍ବନ୍ଧରେ ବିଶେଷ କିଛି କହିବାର ନାହିଁ । ମହାଭାରତ ଓ ରାମାୟଣର ଭାଷା ଅତି ସରଳ ଓ ପବିତ୍ର ଏବଂ ଲେଖନ-ପଦ୍ଧତି ଅତୁଳନୀୟ । ପୁଣି ରାଧାନାଥ ଅମିତ୍ରାକ୍ଷରରେ ତାହାର ଅନୁବାଦ କରିଅଛନ୍ତି । ଅମିତ୍ରାକ୍ଷର କବିଙ୍କ ମୌଳିକଶକ୍ତି ବିକାଶରେ ଯେପରି କୃତୀ, ଅନୁବାଦରେ ସେପରି ହେବାର ନୁହେ । ଏପରି ସ୍ଥଳରେ ସେଥିରେ ସୌନ୍ଦର୍ଯ୍ୟ ପିପାସା ମେଣ୍ଟିବାର ଆଶା ବୃଥା । କେବଳ ଦଶରଥ-ବିୟୋଗରେ କବି ବରାବର ଅନୁବାଦ ନକରି ଟିକିଏ ସ୍ୱାଧୀନତା ଅବଲମ୍ବନ କରିଥିବାରୁ ତାହାର କିଛି ସ୍ୱାତନ୍ତ୍ର୍ୟ ଓ ବିଶେଷତ୍ୱ ଅଛି, ଏତିକି ମାତ୍ର ବୋଲିଯାଇପାରେ । ତୁଳସୀସ୍ତବକ ତାଙ୍କର ଅନ୍ୟତମ ଅନୁବାଦ । ଏହା ତୁଳସୀଦାସ ରାମାୟଣର ଭାଷାନ୍ତର ପରି । 'ଦୁଜେ' ପର୍ଯ୍ୟନ୍ତ ଶବ୍ଦ କବି ସେଥିରେ ଅବିକୃତ ରଖିଅଛନ୍ତି । ସେ ସମ୍ବନ୍ଧରେ ପୂର୍ବେ ପ୍ରସଙ୍ଗତଃ କିଛି କୁହାଯାଇଅଛି, ଏଣୁ ଏଠାରେ ଆଉ କହିବା ଆବଶ୍ୟକ ନାହିଁ ।

ଆମ୍ଭେମାନେ ଏ ପ୍ରବନ୍ଧରେ କେବଳ ସାଧାରଣଭାବରେ ରାଧାନାଥୀ ଶକ୍ତି ଓ କବି-ଚାତୁରୀର ଉତ୍କଳଭାଷା ଉପରେ ପ୍ରଭାବ ମାତ୍ର ଟିକିଏ ଦେଖିଲୁଁ । ଏହା ବ୍ୟତୀତ ଭାଷାନ୍ତରରୁ ଓ ଗ୍ରନ୍ଥାନ୍ତରରୁ ଆନୀତ ବିଭିନ୍ନ ଭାବର, ଭାଷାର

Digitized by srujanika@gmail.com

ଓ ଶବ୍ଦର ସମାଲୋଚନା, ବ୍ୟାକରଣର ଓ ଅଳଂକାରର ସମାଲୋଚନା, ଇତିହାସ ଓ ଭୂଗୋଳର ସମାଲୋଚନା ପ୍ରଭୃତି ପାଠକ ସାଧାରଣଂକ ସମକ୍ଷରେ ନାନାବିଧ ଭାବରେ ବାରଂବାର ରାଧାନାଥଂକୁ ଉତ୍କଳ ସାହିତ୍ୟ-କ୍ଷେତ୍ରରେ ଅବତୀର୍ଣ୍ଣ କରାଇବ, ସନ୍ଦେହ ନାହିଁ । ମାତ୍ର ଏ ପ୍ରବଂଧରେ ସେ ସମସ୍ତ ନିମଂତେ ସ୍ଥାନାଭାବ ଏବଂ ସେ ସବୁ ପାଇଁ ମଧ୍ଯ ସାଧାରଣ ଶୁଷ୍କବିସ୍ତାର ଶ୍ରାଦ୍ଧସଭା ହୁଏତ କ୍ଷେତ୍ର ନୁହେ ।

ତେଣୁ ବର୍ତ୍ତମାନ ଉପସଂହାର ସ୍ଥଳରେ ରାଧାନାଥ-ଜନିତ ଉତ୍କଳ ସାହିତ୍ୟର ଅବସ୍ଥା ପ୍ରତି ଟିକିଏ ସାଧାରଣ ଭାବରେ ଦୃଷ୍ଟିପାତ କରି ଅଂଭେମାନେ ବିଦାୟ ଗ୍ରହଣ କରିବୁଁ । ରାଧାନାଥ, ମନୀଷାର ସ୍ୱାଧୀନ ବଳରେ ପ୍ରାଚୀନ ପନ୍ଥା ପରିତ୍ୟାଗ କରିଅଛଂତି । ସମୟ ଆସିବ, ଯେଉଁ ଦିନ ରାଧାନାଥଂକ ପନ୍ଥା ମଧ୍ଯ ପ୍ରାଚୀନ ବୋଲି ଗୃହୀତ ହେବ । କିଂତୁ ବର୍ତ୍ତମାନ ରାଧାନାଥ ଉତ୍କଳ ସାହିତ୍ୟରେ ସର୍ବେସର୍ବା ଓ ଏକାଂଗଚକ୍ରବର୍ତ୍ତୀ । ଆଜି ଯେ ଯାହା ଲେଖୁଅଛଂତି, ସେଥିରେ ଆମେ ରାଧାନାଥଂକୁ ଦେଖିପାରୁଅଛୁଁ । ପ୍ରତିଭାବଳରେ ହେଉ ବା ଭିନ୍ନ ଭିନ୍ନ ସାହିତ୍ୟର ଅସାଧାରଣ ଗବେଷଣାଜନିତ ହେଉ, ରାଧାନାଥ, ସାହିତ୍ୟର ଯେଉଁ ପନ୍ଥା ନିର୍ଦ୍ଦେଶ କରିଅଛଂତି, ତାହା ଉତ୍କଳରେ ଏକାବେଳକେ ଯୁଗୋଚିତ ହୋଇଅଛି । ବିଦ୍ୟାସାଗର, ମାଇକେଲ ପ୍ରଭୃତି ଯେତେ ଶୀଘ୍ର ବଂଗ ସାହିତ୍ୟରୁ ବିଦାୟ ଗ୍ରହଣ କରିଥିଲେ, ବୋଧହୁଏ ରାଧାନାଥ ସେତେ ଶୀଘ୍ର ଉତ୍କଳସାହିତ୍ୟରୁ ଆଧିପତ୍ୟ ହରାଉନାହାଂତି । ରାଧାନାଥ ଉତ୍କଳସାହିତ୍ୟକୁ ଯେଉଁ ନିରୁପମ ଜୀବନୀଶକ୍ତି ଦେଇଅଛଂତି, ତାହା ଅତି ଅଳ୍ପ କବି ଓ ମନୀଷୀ ସାହିତ୍ୟବିଶେଷକୁ ଏକାବେଳକେ ପ୍ରଦାନ କରିଂତି । ଅବଶ୍ୟ ଏହି ଆଶାର ଯୁଗରେ ସାହିତ୍ୟିକ କ୍ରମୋନ୍ନତି ଦ୍ରୁତ-ଗତିରେ ଅଗ୍ରସର ହେବ ଏବଂ ଅଚିରେ ସାହିତ୍ୟମୁକୁରରେ ଭିନ୍ନ ଭିନ୍ନ ପ୍ରତିଭାର ବ୍ୟକ୍ତିତ୍ୱ ଓ ଆଦର୍ଶ ଇତରବିଶେଷ ପରିମାଣରେ ପ୍ରତିବିଂବିତ ହେବ; କିଂତୁ ରାଧାନାଥଂକ ଶକ୍ତି ଯେ କେବଳ ବହୁକାଳ ପର୍ଯ୍ୟଂତ ସେହି ସେହି ପ୍ରତିଭାର ସେହି ସେହି ବ୍ୟକ୍ତିତ୍ୱକୁ ଅନୁପ୍ରାଣିତ କରିବ, ସେତିକି ନୁହେଁ—ରାଧାନାଥ ଯୁଗପ୍ରବର୍ତ୍ତକ ରୂପେ ଉତ୍କଳସାହିତ୍ୟରେ ଅମରତ୍ୱ ଲାଭ କରିବେ ।

Digitized by srujanika@gmail.com

# ନଂଦକିଶୋରଂକ ମୌଳିକତା *

ଓଡ଼ିଆ ସାହିତ୍ୟରେ ବହୁ କାଳରୁ ଯଥାର୍ଥ ଓଡ଼ିଆ ପ୍ରାୟଶଃ ଦେଖା ଦେଇ ନାହାଂତି । ଏ କଥା ବିଶେଷତଃ ସର୍ଜନ ସାହିତ୍ୟରେ ସତ୍ୟ । ମୁଁ ପ୍ରସଂଗାଂତରରେ କହିଥି,ଲଗୌଡ଼ୀୟ ବୈଷ୍ଣବମାନେ ସ୍ପଷ୍ଟତଃ ପରାଧୀନ ଓଡ଼ିଶାରେ ଯେପରି ବଂଗଳାର ଧର୍ମଭାବ ସଂଗେ ବଂଗଳାର ଭାଷା, ଶୈଳୀ ଓ ବିନ୍ୟାସ-ଶୃଂଖଳା ଜାଣି ନଜାଣି ଭର୍ତ୍ତି କରୁଥିଲେ, ରାଧାନାଥ ସେହିପରି ବଂଗଳା ବାଟେ ରୋମାନ କବି ଓଭିଡ଼ଂକର କାମ-କାହାଣୀସବୁ ଓଡ଼ିଶାର ଜାତୀୟ ସାହିତ୍ୟ ବୋଲି ଓଡ଼ିଆରେ ଭର୍ତ୍ତି କରୁଥିଲେ । ଅନ୍ୟତଃ ମଧୁସୂଦନ ମଧ୍ୟ ବଂଗଳାରୁ ବ୍ରାହ୍ମଧର୍ମର ତଥାକଥିତ ପବିତ୍ର ଭାଷା ଓ ଭାବ ଆମଦାନୀ କରିବାରେ ଲାଗିଥିଲେ । ଏ କଥା ଅନେକେ ବୁଝୁଂତି ନାଇ, ବୁଝିଲେ ବି ଚିଂତାକରି ପ୍ରକାଶ କରିବାରେ ହୁଏତ ସାହସ କରଂତି ନାଇ । ଏହି ପରିସ୍ଥିତିରେ କବି ନଂଦକିଶୋର ଛଟପଟ ହୋଇ ଓଡ଼ିଆର ପ୍ରାଣ ପ୍ରକାଶ କରିବାରେ ଲାଗିପଡ଼ିଥିବାର ସ୍ପଷ୍ଟ ସୂଚନା ତାଂକ ଟିପାଖାତା (Diary) ରେ ଅଛି—

"ମୋର ବ୍ରାହ୍ମଧର୍ମ ପ୍ରତି ଆବାଲ୍ୟ ଆସ୍ଥା ଓ ସହାନୁଭୂତି ଥିଲେହେଁ କେତେଗୁଡ଼ିଏ ବିଷୟରେ ମୋର ସଂଦେହ ଚିରଦିନ ରହିଅଛି । ସେ କଥା ଶୁଣି ଅନେକ ବ୍ରାହ୍ମବଂଧୁ ସୁଂଦର ଯୁକ୍ତି ପ୍ରଦର୍ଶନ କରଂତ, କେହି କେହି ବିଦ୍ରୂପ କରଂତି, କିଂତୁ ରାଓ ସର୍ବଦା ସେ ବିଷୟରେ ମୋ ସହିତ ସହାନୁଭୂତି ପ୍ରଦର୍ଶନ କରୁଥିଲେ । ସେହି ସଂଦେହ ମଧ୍ୟରୁ ଗୋଟିଏ ହେଉଛି ଭାଷା । ବ୍ରାହ୍ମସମାଜ ଓଡ଼ିଶାରେ ସ୍ଥାୟୀ ଓ ବିସ୍ତୃତ ହେଲେ ଓଡ଼ିଆ ଭାଷାର କି ଦଶା ହେବ ? ରାଧାନାଥ, ମଧୁସୂଦନ, ଫକୀରମୋହନ, ବିଶ୍ୱନାଥ ସମସ୍ତେ ବ୍ରାହ୍ମଭାବାନୁପ୍ରାଣିତ ହୋଇ ସାହିତ୍ୟ ସୃଷ୍ଟି କରିଅଛଂତି ସତ୍ୟ, କିଂତୁ ସେମାନଂକ ବାଲ୍ୟଜୀବନ ଓଡ଼ିଆ ଭାଷାନୁକୂଳ ବ୍ରାହ୍ମସମାଜର ବଂଗଳା-ଉପାସନା, ବଂଗଳା ପୁସ୍ତକ ପଠନ, ବଂଗାଳୀମାନଂକ ସହିତ ବୈବାହିକ ମିଳନ, ସର୍ବଦା ବଂଗଳାରେ ଆଳାପ, ପତ୍ରାଦି ଲିଖନ, ପରିବାରରେ ଭାଇ,

---

* ନଂଦକିଶୋର-ଗ୍ରଂଥାବଳୀର ମୁଖବଂଧ—ଭୁବନେଶ୍ୱର, ୧୬-୪-୧୯୫୫ ।

Digitized by srujanika@gmail.com

ଦେଇ ବା ଅପା, ନନା, ନାନୀ ପରିବର୍ତ୍ତେ ଦାଦା, ଦିଦି ସଂବୋଧନ ବଂଗଳା ପ୍ରଭାବ, ଏ ସବୁର ପରିଣାମ ଫଳ କି ଓଡ଼ିଆ ଭାଷାର ଅନୁକୂଳ ?” (ଭାଓଂକ ସ୍ମୃତି—ନଂଦକିଶୋର ଗ୍ରଂଥାବଳୀ, ପୃଷ୍ଠା ୧୧୧୮-୧୯)

ଅନ୍ୟ ପ୍ରକାରରେ ଏଇ ଚିଂତା ଓ ଭାବର ସ୍ୱତଃପ୍ରକାଶ କରି ନଂଦକିଶୋରଂକ ଠାରୁ ବାହାରିଥିଲି, ବିଶୁଦ୍ଧ ପଲ୍ଲୀ-ପ୍ରାଣତା । ରାଧାନାଥଂକ 'ଚିଲିକା' ପରି ସାଧୁ ବର୍ଣ୍ଣନାତ୍ମକ କାବ୍ୟରେ ମଧ୍ୟ ଓଡ଼ିଶାର ପଲ୍ଲୀ, ପ୍ରାନ୍ତର, ହ୍ରଦ, ପର୍ବତ, ଉପତ୍ୟକା, ଅଧିତ୍ୟକା ଆଦିର ସୁଂଦର ଚିତ୍ର ଦେଇଛଂତି । ଏଇପରି ବର୍ଣ୍ଣନାର ବୈଶିଷ୍ଟ୍ୟ ରାଧାନାଥଂକ ଲେଖାରେ ଅନ୍ୟତ୍ର ଅତି ରମଣୀୟ ଆତ୍ମପ୍ରକାଶ କରିଥିବାର ଦେଖାଯାଏ । ମାତ୍ର ଯଥାର୍ଥ ପଲ୍ଲୀଚିତ୍ର ସେ ସବୁରେ ନାଇ । ମଧୁବାବୁ ତ ପୁରପଲ୍ଲୀରୁ ବାହାରେ । ତାଂକ କଥା ଛାଡ଼ । ପଲ୍ଲୀଚିତ୍ର କଳ୍ପନା କରି ଯୌବନରେ ଥରେ ହୁଏତ ସେ କହିଥିଲେ—

“ଗ୍ରାଉଁ ବଂଧୁ ନଗର ଚହଲ,
ଯିବା ଗ୍ରାମ ଯେଉଁ ସ୍ଥାନେ ଗୋପାଳ କୃଷକମାନେ
ଆନଂଦେ କାଟଂତି ଦିନ, ସୁଖେଂଦୁ ବିମଳ
ଯାହାଂକର ଚିତ୍ତାକାଶେ ସର୍ବଦା ଉଜ୍ଜ୍ୱଳ ।”

ପୁଣି—

“ନଦୀକୂଳେ ସରୋବର ତୀରେ
ସରଳା କୁମାରୀଚୟ ତୋଳି ନୀଳ କୁବଳୟ
ପୂଜଂତି ଦେବ ଶଂକରେ ବାଲୁକା ମଂଦିରେ
ଜଳାର୍ଦ୍ର କୁଂତଳ ଧୀରେ କଂପଇ ସମୀରେ ।”

ଏସବୁ ସଂଗେ ନଂଦକିଶୋରଂକର ଅନ୍ୟାନ୍ୟ କାବ୍ୟ ମଧ୍ୟରେ ପଲ୍ଲୀଚିତ୍ରର ଯେ କୌଣସି ସ୍ଥାନରୁ ତୁଳନା ପାଇଁ ଉଦ୍ଧାର କରାଯାଇପାରେ ।

ନଂଦକିଶୋରଂକ 'ନିର୍ଝରିଣୀ'—ବିଶେଷରେ ତାହାର 'କାକବାରତା' କବିତାଟି ଓଡ଼ିଶାରେ କାବ୍ୟକଳାର ଗୋଟିଏ ଅଦ୍ଭୁତ ସୃଷ୍ଟି । ଏହା ସବୁଠି ଥିଲା ଅଥଚ କାହିଁ ନଥିଲା । ଆଜିକାଲି ଏହାର ଅନୁକୃତି—କୌତୁକପରି

Digitized by srujanika@gmail.com

ଲେଖାମାନ ଶ୍ରଦ୍ଧେୟ ଗୋଦାବରୀଶ ମହାପାତ୍ର ଯେପରି କୂଟ-ସଙ୍କେତରେ ସମାଜ ସମାଲୋଚନାରେ ବ୍ୟବହାର କରଂଛି, ତାହା ଦେଖିଲେ 'ନିର୍ଝରିଣୀ' କବିଂକ କାବ୍ୟକଳାର ଦିବ୍ୟଦୃଷ୍ଟି ପ୍ରାଣରେ ଉଲ୍ଲାସ ଆଣେ । ଏହି ଦିବ୍ୟ-ଦୃଷ୍ଟି (vision) ଦେଖି କବିଂକ ଯଥାର୍ଥ ଲୋକପ୍ରାଣତା କଳନା କରାଯାଏ । ଏ କ୍ଷେତ୍ରରେ ନଂଦକିଶୋର ଓଡ଼ିଶାରେ ଏକାବେଳକେ ନମସ୍ୟ । ତାଂକ 'ଗ୍ରାମ୍ୟଚିତ୍ର' ଅମରକୀର୍ତ୍ତି ଅର୍ଜନ କରି ବସିଚି । ଏ କୀର୍ତ୍ତି ନିକଟରେ ଅତିକ୍ରାଂତ ହେବାର ନୁହେଁ । ଏହା ସାଂଗକୁ ନଂଦକିଶୋରଂକ ପ୍ରାଣର ଆଉ ଗୋଟିଏ ନୂତନ ସ୍ଫୂର୍ତ୍ତି ହେଉଚି ତାଂକର 'ନାନାବାୟା ଗୀତ' । ମା କୋଳରେ ପିଲାକୁ ଶୁଆଇବାର ଓ ଶାଂତ କରିବାର ଗୀତ ପୃଥିବୀରେ ସର୍ବତ୍ର ଅଛି । ପ୍ରଜନନରେ ସଂଗୀତର ପ୍ରଥମ ପ୍ରତିଷ୍ଠା । ଅତି ଗଦ୍ୟମୟ ଦୈନିକ ଜୀବନର ପ୍ରାରଂଭ ମଧ୍ୟ ସଂଗୀତରେ ଗଢ଼ାହୁଏ । ଇଂରାଜିରେ ତାକୁ କହଂତି, 'Nursery Songs'—ଓଡ଼ିଶାରେ ତାହାର ଗୋଟିଏ ସେପରି ପ୍ରତିଷ୍ଠିତ ନାମ କିଛି ଥିବାର ମନେ ହେଉନାହିଁ । ନଂଦକିଶୋର ତା ନାମ ଦେଇଚଂତି 'ନାନାବାୟା ଗୀତ' । ଖାଲି ପୁରପଲ୍ଲୀ କାହିଁକି ଓଡ଼ିଶାର ବନ ପ୍ରାନ୍ତର ମଧ୍ୟ ଏହି ଗୀତରେ ପୂର୍ଣ୍ଣ । ଏ ସଂଗୀତ ମାନବ ପ୍ରାଣ ଗଠନର ଆଦି ଉପାଦାନ । ଏହା ସର୍ବତ୍ର ଅଛି । କିଂତୁ ଖୋଜିଲେ ସହଜରେ ମିଳେ ନାହିଁ । ଏହା ଅତି ପୁରାଣ ପରଂପରାରେ ପ୍ରତିଷ୍ଠିତ ହେଲେ ମଧ୍ୟ ପଦ ପଦାର୍ଥ ଯୋଜନାରେ ଏହାର ତାଦୃଶ ସଂଗତି ନାହିଁ । ଏହା ସ୍ୱଭାବସୁଂଦର । ଇଂଦ୍ରଧନୁର ବର୍ଣ୍ଣ-ବିଭବ ତଥା ଦୂର ବନାଂତରର ଅନାଶକ୍ତ ଧୂମ୍ର ନୀଳିମା ପ୍ରଭୃତି ପରି କାବ୍ୟକଳାର ସ୍ୱାଭାବିକ ଉପାଦାନ ସଂଗେ ଏହାର କଥଂଚିତ୍ ତୁଳନା କରାଯାଇପାରେ । ପଲ୍ଲୀପ୍ରାଣରୁ ଏହାକୁ ଗ୍ରୁଂଥି ବାହାର କରି ଫିଟାଇ ଦେଖାଇଦେଲେ—ନଂଦକିଶୋର । ଦେଖ 'କାକବାରତା'ରେ—

"ଉଂଚ ପରବତ ଘୁଂଚୁଂଚୁକା
ତହିଁରେ ବସିଛି ଠିକି ମଂଜିକା ।
ଠିକି ଠିକି ପଣ ଅଠର ପଣ
ଭାଇଂକ ଡକାଇ କଉଡ଼ି ଗଣ ।

Digitized by srujanika@gmail.com

କହୁଡ଼ି ଗଣାରେ ପାହୁଲା ସ୍ୱାଦ,
ଗ୍ୱେର ନେଇଗଲା କଜଳପାଠ ।
ଷାଠିଏ ଟଂକାର ବଳଦ ମଲା
ଏକା କାଳୀଗାଈ ମଥାନ କଲା ।”

ସେହିପରି ‘ନାନାବାୟା ଗୀତ’ରୁ ‘ଚୂଟିଆମୂଷା’—

“ଚୂଟିଆ ମୂଷାରେ ଚୂଟେଇ ମୂଷି
ଧାନ ଅମାରକ ଖାଉଥା ବସି ।
କରୁଥା ଯାହା ତୋ ମନର ଖୁସି
ଦରଗୁଣ୍ଡ଼ି ମୁହିଁ ଯାଉଛୁ ରୁଷି ।
ଟିକି ଟିକି ଧାନ ଶଏ ଭରଣ,
ହାତଟା ଅମାର କଲୁଣି ଶୂନ୍ୟ ।
ଗଣେଶ ବାହନ ଅଟୁରେ ମୂଷା,
ତୋତେ ମାରିବାକୁ ନାହିଁ ଭରସା ।
ପାଠ ନ ଆସିବ ମାରିଲେ ତୋତେ
ଅବଧାନ ବେତ ମାରିବେ ମୋତେ ।
ଟୂକୁ ମୂଷାରେ ଟୁକେଇ ମୂଷି
ଖାଇବୁ ଯେତେକ ଖାରେ ଖୁସି ।”

ଏହିପରି ଗୀତମାନ ଉଦାହରଣ ଦେଇ ଦେଖେଇଦେବା ଯେପରି ସହଜ, ଭାଷାରେ ଉଦ୍‌ଘାଟନ କରି ଏହାର ପ୍ରାଣ ପ୍ରକାଶ କରିବା ସେପରି ସହଜ ନୁହେ । ଶୁଣିଲେ ଲୋକେ ମନେ କରିବେ, ଏ ତ ଥିଲା, ଏଥିରେ ଅଧିକା କ'ଣ ଅଛୁ ? ଏହିପରି ନଡ଼-ଥିଲା ଜନସରେ ଯାହା ଅଧିକ ଥାଏ, ତାହାଇ ହେଉଚ ସେ ଜନସର ପ୍ରାଣ । ଜୀବନ୍ତ ବସ୍ତୁରେ ପ୍ରାଣ ଥାଏ, କିଂତୁ ଦିଶୁ ନଥାଏ । ବସ୍ତୁରେ ସେଇ ଟିକିଜ ଅଧିକା । ଏ କବିତା ସବୁରେ ସେହି ଅଧିକା ଜନଷଟି ଅଧିଗମ୍ୟ, ହୁଏତ ସ୍ପଷ୍ଟ ବର୍ଣ୍ଣନୀୟ ନୁହେ ।

ଆଉ ଗୋଟିଏ ନୂଆ କଥା କହି ଏ ଲେଖାଟି ସାରିଦିଏ । ନଂଦକିଶୋର ଯେତେବେଳେ ସର୍‌କାରୀ ଚାକିରି ପାଇଥିଲେ, ସେତେବେଳେ ଖାଂଟି

Digitized by srujanika@gmail.com

ଓଡ଼ିଆ-ଭାବ-ଭାବିତ ସରକାରୀ ଚାକିରିଆ ବି ବେଶି ନଥିଲେ । ସରକାରୀ ଚାକିରି ପାଇବା ଗୋଟିଏ ଗୌରବାବହ ବିଷୟ ଥିଲା । ପୁଣି ଓଡ଼ିଆଏ ଚାକିରି ପାଇଲେ କି ନାହିଁ, ତାହା ଦେଖିବା ପାଇଁ ଆମ ଶିଷ୍ଟ, ବିଶିଷ୍ଟ ଲୋକେ ଚାହିଁ ବସିଥିଲେ । ଏସବୁ ଭିତରେ ପୂର୍ବୋଦ୍ଦିଷ୍ଟ ସମନ୍ୱିତ ଯଥାର୍ଥ ମହାଭାରତୀୟ ଭାବ ପ୍ରକାଶ ପାଇବା ଏକପ୍ରକାର ଅସମ୍ଭବ ଥିଲା । ସେତେବେଳେ ମଧ୍ୟ ନନ୍ଦକିଶୋର 'ହିନ୍ଦୀ' ଯେ ଦିନେ ମହାଭାରତୀୟ ଜାତୀୟ ଭାଷା ହେବ, ଏହା କଳ୍ପନା କରିଥିଲେ ଓ ସେହି ଦିଗରେ କାର୍ଯ୍ୟ କରିବାହେତୁ ବୋଲି ବିଚକ୍ଷଣ ବଙ୍ଗାଳୀମାନଙ୍କୁ ମଧ୍ୟ ଆହ୍ୱାନ କରିଥିବାର ପ୍ରମାଣ ମିଳେ । ନିମ୍ନରେ ତାଙ୍କର ସେହି ବିଷୟକ ଲେଖାଟିଏ ଉଦ୍ଧାର କରାଗଲା:—

"ବଙ୍ଗଭାଷୀ କହନ୍ତି କି ସେମାନେ ନିଜ ସାହିତ୍ୟକୁ ଅତି ଉନ୍ନତ କରିଅଛନ୍ତି । କିନ୍ତୁ ବାସ୍ତବିକ ଇଉରୋପୀୟ ଓ ସଂସ୍କୃତ ସାହିତ୍ୟର ତୁଳନାରେ ଏପରି କି ଉନ୍ନତି ହୋଇଅଛି ଯେ ତାହାର ଖାତିରରେ ମାତୃଭୂମିର ଏକତ୍ୱସାଧନ ଓ ଦୁଃଖମୋଚନ ରୂପ ମହତ୍ କାର୍ଯ୍ୟରେ ବଙ୍ଗବାସୀ ସଦୃଶ ସ୍ୱଦେଶଭକ୍ତଙ୍କୁ ବାଧାଦେବ ? ଅପରନ୍ତୁ ବଙ୍ଗବାସୀ ଅତି ବିଚକ୍ଷଣ ଓ ବୁଦ୍ଧିମାନ୍ । ଅଳ୍ପ ଦିନ ମଧ୍ୟରେ ସେ ହିନ୍ଦୀ ପରି ଗୋଟିଏ ଉନ୍ନତ ଭାଷାକୁ ଆହୁରି ଉନ୍ନତତର କରିପାରିବେ ଓ ତାହା ସେ ସହଜରେ କରିପାରନ୍ତି । 'ମୁକୁଳ' ନାମକ ମାସିକ ପତ୍ରିକାର ୩ୟ ଭାଗ, ୧ମ ସଂଖ୍ୟାରେ ଆମ୍ଭେମାନେ ପଢ଼ିଥିଲୁ ଯେ, ସ୍ୱନାମଧନ୍ୟ ସ୍ୱର୍ଗୀୟ ନବୀନଚନ୍ଦ୍ର ରାୟ ହିନ୍ଦୀ ଭାଷାରେ ବ୍ୟାକରଣାଦି ନାନା ପୁସ୍ତକ ରଚନା କରି ଉତ୍ତର-ପଶ୍ଚିମାଞ୍ଚଳର ମହତ୍ ଉପକାର କରିଯାଇଛନ୍ତି । ଆମ୍ଭେମାନେ ଆଶା କରୁଁ, ସକଳ ପ୍ରତିଭାବାନ୍ ବଙ୍ଗବାସୀ ସେହିପରି ସ୍ୱୀୟ ନାମ ଧନ୍ୟ କରି କ୍ଷୁଦ୍ର ବଙ୍ଗ ପରିବର୍ତ୍ତେ ବିଶାଳ ଭାରତକୁ ଉନ୍ନତ କରିପାରିବେ ଏବଂ ପ୍ରତିଭାବାନ୍ ମହାରାଷ୍ଟ୍ରୀବୃନ୍ଦ ଓ ଭାରତର ପ୍ରତ୍ୟେକ ପ୍ରଦେଶର ଅଧିବାସୀବୃନ୍ଦ ସ୍ୱଦେଶର କଲ୍ୟାଣ ପାଇଁ ସେମାନଙ୍କ ସହାୟ ହେବେ ଏବଂ ଆର୍ଯ୍ୟାବର୍ତ୍ତର ଲଳିତ ଓ ଓଜସ୍ୱିନୀ ଭାଷା 'ହିନ୍ଦୀ', ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ଦେଶନିବାସୀ ପ୍ରତ୍ୟେକ ହୃଦୟକୁ ସଂଯୋଗ କରିବ" । (ଭାରତର ଭବିଷ୍ୟତ୍ ଭାଷା— ନନ୍ଦକିଶୋର ଗ୍ରନ୍ଥାବଳୀ, ପୃ ୧୦୩୭-୩୮) ।

Digitized by srujanika@gmail.com

ବ୍ୟକ୍ତିଗତ କଥା କହିବା ହୁଏତ ଠିକ୍ ନ ହୋଇପାରେ । କିଂତୁ ଏଠି ପଦେଅଧେ କହିଦେବାକୁ ମନ ହେଉଚି, କାହିଁକି ନା, ନଂଦକିଶୋର ମୋ ପକ୍ଷରେ ଏ ପର୍ଯ୍ୟଂତ ପୂରାପୂରି ଇତିହାସର ବସ୍ତୁ ହୋଇନାହାଂତି । ତାଂକ କବିତ୍ୱ ସଗେ ବ୍ୟକ୍ତିତ୍ୱ ମୋ ସ୍ମୃତିରେ ମିଶିକରି ଅଛି । ତେଣୁ ତାଂକୁ ଦେଖିବାରେ ମୋ ଦୃଷ୍ଟିଭଂଗିରେ ପୂରାପୂରି ନିର୍ବ୍ୟପେକ୍ଷତା ଫୁଟି ନାଇ ବୋଲି କେହି ହୁଏତ ମନେ କରିପାରଂତି । ସେଥିପାଇଁ ମୋ ନିଜ ଅନୁଭୂତି କଥା ଟିକିଏ କହିଦେବା ମଂଦ ହେବନାଇ ।

ମୁଁ ଯେତେବେଳେ କଲିକତାରେ ଏମ୍. ଏ. ଓ ବି. ଏଲ୍. ପରୀକ୍ଷା ଦେବାପାଇଁ ପଢୁଥିଲି, ସେତେବେଳେ ଓଡ଼ିଶା ଶିକ୍ଷାବିଭାଗର ଆଉ ଦୁଇ ତିନି ଜଣଂକ ସହିତ ଭଲ ଶିକ୍ଷକ ହୋଇପାରିବାର ଯୋଗ୍ୟତା ଅର୍ଜନ କରିପାରିବା ଲାଗି ସେ କଲିକତାକୁ ପ୍ରେରିତ ହୋଇଥିଲେ । ମୋର ତାଂକ ସହିତ ଖୁବ୍ ଭାବଆଳାପ ଥିଲା—ମଝେ ମଝେ ମୁଁ ବରାବର ତାଂକ ବସାକୁ ଆସୁଥିଲି । ମୋର ଏମ୍. ଏ. ପରୀକ୍ଷା ପାଇଁ ମନୋବିଜ୍ଞାନରେ ଯେଉଁ ସବୁ ପୁସ୍ତକ ପାଠ୍ୟ ଥିଲା, ସେହି ପୁସ୍ତକରୁ ଖଂଡ଼େ ଅଧେ ମଧ ତାଂକର ପାଠ୍ୟ ଥିଲା । ଦୁହେଁ ବେଳେ ବେଳେ ସେହି ବିଦ୍ୟାର ମଧ ଆଲୋଚନା କରୁଥିଲୁ । ସେତେବେଳେ ସେ ଅନେକ ଥର ମତେ ଦେଖାଇଛଂଧି ତାଂକର ଲେଖା ସବୁ, ଯାହାକି ଅତି ସୁଂଦର ଓ ସରଳ ଇଂରେଜି ବୋଲି ତାଂକ ଶିକ୍ଷକ ଭାରି ବହୁମାନ କରୁଥିଲେ । ସେକାଳେ ଭଲ ଇଂରେଜି ଲେଖିବାର ମମତା ଅନେକଂକର ଥିଲା । ନଂଦକିଶୋର ସେଥିରୁ ଜଣେ । ସେଇ ସମ୍ପର୍କରେ ଓଡ଼ିଆ କବିତା ପ୍ରସଂଗରେ ଇଂରେଜି କାବ୍ୟ କବିତା କଥା ଆମ ଦୁହିଂକ ଭିତରେ ପଡୁଥିଲା । ସେଥିରେ ଓ୍ୱାର୍ଡ଼ସଓ୍ୱାର୍ଥ ପ୍ରଭୃତି ହ୍ରଦତୀରନିବାସୀ (Lake Districts) ଇଂରେଜି କବିମାନଂକ ପ୍ରତି ତାଂକ ପ୍ରାଣରେ ଗାଢ଼ ଆଦର ଥିବାର ମୁଁ ଜାଣେ । ଥରେ କଥା ପଡ଼ିଥିଲା ପୋପ, ଡ୍ରାଇଡ଼େନ୍‌ଂକ ଭଳି ବଡ଼ ବଡ଼ କାବ୍ୟ ଲେଖିବା କବିଂକ ପରେ ଓ୍ୱାର୍ଡ଼ସଓ୍ୱାର୍ଥ ପ୍ରଭୃତି ହ୍ରଦତୀରବର୍ତ୍ତୀ କବିମାନଂକ ଗୋଟିକିଆ କବିତା ଲେଖା ଯେପରି ଇଂରେଜି ସାହିତ୍ୟକୁ ନିଃଶ୍ୱାସ ମାରିବାକୁ ଅବକାଶ ଦେଇଥିଲା, ଆଜି ଓଡ଼ିଶାରେ ମଧ୍ୟଯୁଗର କାବ୍ୟକଳାପରେ ସେହିପରି କବିତା ଲେଖା

Digitized by srujanika@gmail.com

ହେବା ଦରକାର । ନନ୍ଦକିଶୋରଙ୍କ 'ବସନ୍ତକୋକିଳ' ଭଳି କବିତା ବହୁପରିମାଣରେ ଏହି ଭାବରେ ପ୍ରଭାବିତ ପ୍ରାଣରୁ ବାହାରିଥିବା ନିତାନ୍ତ ଅସଂଗତ ବା ଅସମ୍ଭବ ନୁହେ । ସୂକ୍ଷ୍ମ ଭାବରେ କଳନା କରିବସିଲେ, ସେଥିରେ ପ୍ରକୃତ ଓ ପ୍ରକାରର ସାମଞ୍ଜସ୍ୟ ହୁଏତ ଖୁବ୍ ଦେଖାଯିବ । ସ୍ଥଳବିଶେଷରେ ଇଂରେଜୀ ଭାବକୁ ଶିରୋଭୂଷଣ କରି ନିଜେ ନନ୍ଦକିଶୋର କବିତା ଲେଖିଥିବାର ମଧ୍ୟ ଦେଖାଯାଏ ।

ଗୁଣଗ୍ରାହିତା ମଧ୍ୟ ତାଙ୍କର କିପରି ଥିଲା ମୁଁ ନିଜ ଅନୁଭବରୁ ଜାଣେ । ପୁରୀ ଜିଲ୍ଲାରେ ଡେପୁଟି ଇନ୍‌ସ୍‌ପେକ୍‌ଟର ଥିଲାବେଳେ ମୁଁ ମୋ ନିଜରଚିତ 'ପ୍ରଣୟିନୀ' ଓ 'କୋଣାର୍କେ' ଦୁଇଖଣ୍ଡି କାବ୍ୟ ତାଙ୍କୁ ଦେଇଥିଲି । ସେ ତାକୁ ପଢ଼ିସାରି ଆସି ମୋତେ କୁଣ୍ଢାଇ ପକାଇ ଯାହା କହିଥିଲେ ସେଥିରୁ କିୟଦଂଶ ହେଉଛି, "ନୀଳକଣ୍ଠ, କି ଅମୃତ ନିସ୍ୟନ୍ଦରେ ଭାବଧାରା ସହିତ ଶବ୍ଦ ଗଳିପଡ଼ୁଛି ? ପଢ଼ିଲେ ତୃପ୍ତି ହେଉନାହିଁ ।"

ମୋପରି ବ୍ୟକ୍ତିଗତ ଭାବରେ ତଥା ସାହିତ୍ୟିକ ଭାବରେ ଜାଣିଥିବା ଅନେକ ଲୋକ ଏବେ ବି ଜୀବିତ ଅଛନ୍ତି । ତେଣୁ ତାଙ୍କ କାବ୍ୟ ଓ ସାହିତ୍ୟର ଯଥାର୍ଥ ଆଲୋଚନା ପାଇଁ ପ୍ରାଣବନ୍ତ ଯୁବକ ହୁଏତ ଦରକାର । ସେ ନିଜ କାବ୍ୟ-ସାହିତ୍ୟ କଳନାରେ ଯେଉଁ ପୂର୍ବୋଦ୍ଦିଷ୍ଟିରେ ଆତ୍ମଦାନ କରିଥିଲେ, ଆଜି ପ୍ରବର୍ଦ୍ଧମାନ ଓଡ଼ିଆ ସାହିତ୍ୟରେ ତାହାର ପ୍ରଭାବ ଓ ପ୍ରେରଣା ସେହି ପ୍ରାଣବନ୍ତ ଯୁବକମାନେ କଳନା କରି ଦେଖନ୍ତୁ । ଶରୀର ସମ୍ବନ୍ଧରୁ ଅତୀତ ହେଲେ ବ୍ୟକ୍ତିର ନିର୍ମଳ ପ୍ରତିଭା ଓ ଆତ୍ମାର ଅନାବିଳ ପ୍ରକାଶ ଦେଖାପଡ଼େ । ସେହି ଭାବରେ ମୁଁ କହୁଛି, କବି ନନ୍ଦକିଶୋରଙ୍କ ପ୍ରଭାବ ଆଜି ସର୍ଜନ ସାହିତ୍ୟର ପୃଷ୍ଠପଟରୂପେ ଖୁବ୍ ଉପାଦାନ ଯୋଗାଉଛି । ତାହା ମୁଁ ଆଉ ବିଶେଷ କହି ବୁଝାଇବି ନାହିଁ । ଯୁବକମାନେ ଏଥିରେ ଯେପରି ଅଙ୍କିତ ଭାବରେ ଉଦ୍‌ବୁଦ୍ଧ ହେଉଛନ୍ତି, ତାହା ସେମାନେ ବିଚାର ଦୃଷ୍ଟିରେ ଦେଖିଲେ ବୁଝିପାରିବେ ଓ ବାଟ ଦେଖାଇବାକୁ ସମର୍ଥ ହେବେ ।

ବ୍ରହ୍ମପୁର ଓଡ଼ିଶା ପ୍ରିଣ୍ଟିଙ୍ଗ୍ ୱାର୍କ୍‌ସ୍‌ରେ ଶ୍ରୀ ହାଡ଼ୁ ରଘୁଗୁରୁଙ୍କ ଦ୍ୱାରା ମୁଦ୍ରିତ । ୧୯୫୬

Digitized by srujanika@gmail.com